

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-182 ◆SUNDAY ◆28 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮୨ ◆ରବିବାର ◆୨୮ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଚୀନ୍‌ରେ ବିଶ୍ୱର ସବୁଠାରୁ ଦୀର୍ଘ ଏକ୍ସପ୍ରେସ୍‌ୱେ ସୁଡ଼ଙ୍ଗ ଲୋକାର୍ପିତ

■ ବେଜିଂ, ୨୭ ।୧୨(ଏଜେନ୍ସି): ଚୀନ ବିଶ୍ୱର ସବୁଠାରୁ ଦୀର୍ଘ ଏକ୍ସପ୍ରେସୱେ ସୁଡଙ୍ଗ ଉଦଘାଟନ କରିଛି । ଜିନଜିଆଙ୍ଗର ଉଇଗୁର ସ୍ୱୟଂଶାସିତ ଅଞ୍ଚଳରେ ୨୨.୧୩ କିଲୋମିଟର ଦୀର୍ଘ ଏକ୍ସପ୍ରେସୱେ ସୁଡଙ୍ଗ ଖୋଲିଛି । ଏହାକୁ ବିଶ୍ୱର ସବୁଠାରୁ ଦୀର୍ଘ ସୁଡଙ୍ଗ ବୋଲି କୁହାଯାଇଛି । ଏହାଦ୍ୱାରା ଦୁର୍ଗମ ତିଆନଶାହା ପର୍ବତମାଳାରେ ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିଛି । ଏହି ସୁଡଙ୍ଗ ନର୍ମାଣରେ ବିଶ୍ୱସ୍ତରୀୟ ମାନଦଣ୍ଡକୁ ଅନୁସରଣ କରାଯାଇଛି ବୋଲି ଚୀନର ଯୋଗାଯୋଗ ନିର୍ମାଣ କମ୍ପାନୀର ଅଧ୍ୟକ୍ଷ ସୋଙ୍ଗ ହାଇଲିଆଙ୍ଗ କହିଛନ୍ତି । ଏହା ଶୁକ୍ରବାର ଦିନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି । ଉତ୍ତର ଓ ଦକ୍ଷିଣ ଜିନ୍‌ଜିଆଙ୍ଗ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ ଏହି ସୁଡଙ୍ଗ ଯୋଗ କରୁଛି । ଏହା ଏକ ପ୍ରମୁଖ ଧମନୀ ଭାବେ କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି । ତିଆନଶାନ ପର୍ବତମାଳ



କେନ୍ଦ୍ରୀୟ ଜିନଜିଆଙ୍ଗରେ ପ୍ରାୟ ୨,୫୦୦ କିମି ପର୍ଯ୍ୟନ୍ତ ବ୍ୟାପିଛି । ଏହି ନୂଆ ଏକ୍ସପ୍ରେସୱେ ସୁଡଙ୍ଗ ଖୋଲିବା ସହ ଉରୁମକି ଓ କୋରଲା ମଧ୍ୟରେ ଯାତ୍ରା ପ୍ରାୟ ୭ ଘଣ୍ଟାରୁ ୩ ଘଣ୍ଟାକୁ ହ୍ରାସ ପାଇବ ବୋଲି କୁହାଯାଉଛି ।

## ବିଶ୍ୱର ସବୁଠାରୁ ଧନୀ ଭାରତୀୟ ବଂଶୋଦ୍ଭବ ସିଇଓ ଜୟଶ୍ରୀ ଉଲ୍ଲାଲ୍

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଦିନକୁ ଦିନ ବିଦେଶରେ ଭାରତୀୟ ବଂଶୋଦ୍ଭବଙ୍କ ଦବଦବା ବଢ଼ିବାରେ ଲାଗିଛି । ଭାରତୀୟ ବଂଶୋଦ୍ଭବ ସିଇଓଙ୍କ ମଧ୍ୟରେ ସର୍ବପ୍ରଥମେ ମନକୁ ଆସେ ଆଲ୍‌ଫାବେଟ୍ ଇଙ୍କ୍‌ର ସୁନ୍ଦର ପିଚାଇ ଏବଂ ମାଇକ୍ରୋସଫ୍ଟର ସତ୍ୟ ନାଡେଲାଙ୍କ ନାମ । ଏକଥା ସତ ଯେ, ଏହି ଦୁଇ ବ୍ୟକ୍ତି ଦୁନିଆର ଦୁଇଟି ଶକ୍ତିଶାଳୀ କମ୍ପାନିକୁ ଚଳାଉଛନ୍ତି । କିନ୍ତୁ ଏହି ତାଲିକାରେ ସୁନ୍ଦର ପିଚାଇ ଏବଂ ସତ୍ୟ ନାଡେଲାଙ୍କୁ ଟପିଯାଇଛନ୍ତି ଆଉ ଜଣେ ଭାରତୀୟ ବଂଶୋଦ୍ଭବ ସିଇଓ ଜୟଶ୍ରୀ ଉଲ୍ଲାଲ୍ ।

### ପଛରେ ରହିଗଲେ ସତ୍ୟ ନାଡେଲା, ସୁନ୍ଦର ପିଚାଇ

### ସମ୍ପତ୍ତି ୫୦,୧୭୦ କୋଟି ଟଙ୍କା

ଶ୍ରୀମତୀ ଉଲ୍ଲାଲ୍ ହେଉଛନ୍ତି ଆରିଷ୍ଟା ନେଟୱାର୍କସର ସଭାପତି ଏବଂ ସିଇଓ । ହୁରୁନ୍ ରିପୋର୍ଟ ଅନୁଯାୟୀ, ଜୟଶ୍ରୀ ଉଲ୍ଲାଲଙ୍କ ମୋଟ ସମ୍ପତ୍ତି ୫୦,୧୭୦ କୋଟି ଟଙ୍କାରେ ପହଞ୍ଚିଛି । ସତ୍ୟ ନାଡେଲା ▶ପୃଷ୍ଠା-୭



### 'ଫ୍ଲୋ-ମିଟର' ବିନା ଜଳ ଶୋଷୁଛନ୍ତି ଶିଳ୍ପ ସଂସ୍ଥା

# ୭ ନଦୀରୁ ମନଇଚ୍ଛା ପାଣିଚୋରି

■ ଭୁବନେଶ୍ୱର, ୨୭।୧୨ (ସମିସ): ରାଜ୍ୟ ସରକାର ଶିଳ୍ପ ସଂସ୍ଥାମାନଙ୍କୁ ସେମାନଙ୍କ ଚାହିଦା ମୁତାବକ ଜଳ ନେବାକୁ ଅନୁମତି ଦେଇଥାନ୍ତି । ଏହା ମଧ୍ୟ ଜଳସମ୍ପଦ ବିଭାଗର ଧାର୍ଯ୍ୟ ନିୟମ ଅନୁଯାୟୀ, ଚୁକ୍ତିନାମା ଦ୍ୱାରା ଅନୁମୋଦିତ ହୋଇଥାଏ । କିନ୍ତୁ ରାଜ୍ୟରେ ଶିଳ୍ପ ସଂସ୍ଥାମାନେ ଜଳକର ପୈଠ କରୁ ନ ଥିବା ବେଳେ ଚୁକ୍ତିନାମାଠାରୁ ବହୁମାତ୍ରାରେ ମନଇଚ୍ଛା ନଦୀ ଅବବାହିକାରୁ ଜଳ ଉଠାଉଛନ୍ତି । ଜଳ ଉଠାଣର ହିସାବ ପାଇଁ ଶିଳ୍ପ ସଂସ୍ଥାମାନଙ୍କ ପାଇଁ ଚୁକ୍ତିନାମା ଅନୁଯାୟୀ 'ଫ୍ଲୋ ମିଟର୍' ବାଧ୍ୟତାମୂଳକ ଥିବା ବେଳେ ଏହି ନିୟମକୁ ମଧ୍ୟ ସଂସ୍ଥାମାନେ ମାନୁନାହାନ୍ତି ।

ବ୍ରାହ୍ମଣୀ ଓ ମହାନଦୀ ମୁଖ୍ୟତଃ ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳଗୁଡ଼ିକୁ ଜଳ ଯୋଗାଣରେ ପ୍ରମୁଖ ଭୂମିକା ରଖୁଥିବା ବେଳେ ଏବେ ଏହି ଦୁଇ ନଦୀ ସମେତ ରାଜ୍ୟର ୭ ନଦୀ ଜଳଚୋରିର ସର୍ବାଧିକ ଶିକାର ହୋଇଛନ୍ତି । ଜଳବାୟୁ ପରିବର୍ତ୍ତନ ଓ ନିଅଣ୍ଟିଆ ବର୍ଷା ଯୋଗୁଁ ଏହି ନଦୀଗୁଡ଼ିକରେ ଜଳ ପ୍ରବାହ କମୁଛି । ଏପରିସ୍ଥଳେ ବିନା 'ଫ୍ଲୋ ମିଟର୍'ରେ ମାତ୍ରାଧିକ ଜଳ ଉତ୍ତୋଳନ ଆଗାମୀ ଦିନରେ ଜଳକଷ୍ଟ ସହ ପରିବେଶୀୟ ସଙ୍କଟ ଆଶଙ୍କା ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।

ମାତ୍ରାଧିକ ଜଳ ଉତ୍ତୋଳନ ଓ ପାଣିଚୋରିକୁ ନେଇ ବିଭିନ୍ନ ମହଲରେ ଏକାଧିକବାର ଅଭିଯୋଗ, ଉଦବେଗ ପ୍ରକାଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି । ରାଜ୍ୟବ୍ୟାପୀ ଏହି ସାଂଘାତିକ ଜଳଚୋରି ସମ୍ପର୍କରେ ଅବଗତ ହେବା ପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ୩୧ଟି ଜଳସମ୍ପଦ ଡିଭିଜନକୁ ଚିଠି ଲେଖିଛନ୍ତି । ଯେଉଁମାନେ ଏପରି ପାଣିଚୋରି କାର୍ଯ୍ୟରେ ଲିପ୍ତ ଅଛନ୍ତି ଏବଂ ଚୁକ୍ତିନାମାର ଅନୁପାଳନ କରୁନାହାନ୍ତି ଅର୍ଥାତ୍ 'ଫ୍ଲୋ ମିଟର' ଲଗାଉନାହାନ୍ତି, ସେମାନଙ୍କଠାରୁ ୬ ଗୁଣ ଜରିମାନା ଆଦାୟ କରାଯିବ ବୋଲି ଚରମବାଣୀ ଶୁଣାଇଛନ୍ତି ।



### ୩୧ ଡିଭିଜନକୁ ଚିଠି ଲେଖିଲା ଜଳସମ୍ପଦ ବିଭାଗ

### ୩ ମାସରେ ଫ୍ଲୋ-ମିଟର ନ ଲଗାଇଲେ ୬ ଗୁଣ ଜରିମାନା

### ୫୮୯୦ କୋଟିର ଜଳକର ବକେୟା ଆଦାୟ କେବେ

ଗୋଟିଏ ପଟେ ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ରାଜ୍ୟ ସରକରଙ୍କର ପ୍ରାୟ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଛି । ଯାହାକୁ ସରକାର ଆଦାୟ କରିବାରେ ବିଫଳ ହୋଇଛନ୍ତି । ସମାନ ସମୟରେ ନଦୀ ଅବବାହିକା ଗୁଡ଼ିକରୁ ଏପରି ମନଇଚ୍ଛା ଜଳ ଉଠାଣ ଭବିଷ୍ୟତରେ ପରିବେଶ ଉପରେ ବିରାଟ କୁପ୍ରଭାବ ସୃଷ୍ଟି କରିବ ବୋଲି ପରିବେଶବିତ୍ ମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ଓଡ଼ିଶା ଜଳସେଚନ ଆଇନ ଏବଂ ନିୟମ, ୧୯୫୯ ଏବଂ ଓଡ଼ିଶା ଜଳସମ୍ପଦ ନିୟମ, ୧୯୬୧ ଅନୁଯାୟୀ ଶିଳ୍ପ ସଂସ୍ଥାମାନଙ୍କୁ ଚୁକ୍ତି (ଆବଣ୍ଟନ) ଅନୁଯାୟୀ ଜଳ ନେବାକୁ ଅନୁମତି ଦିଆଯାଏ । ଚୁକ୍ତି ଅନୁଯାୟୀ ଶିଳ୍ପ ସଂସ୍ଥାମାନେ ଜଳଉଠାଣ ପୂର୍ବରୁ ଉଠାଣ ସ୍ଥାନରେ 'ଫ୍ଲୋ ମିଟର' ଲଗାଇବାକୁ ବାଧ୍ୟ ଅଟନ୍ତି । ଏହି 'ଫ୍ଲୋ ମିଟର' ଲାଗିବା ଦ୍ୱାରା ଉକ୍ତ ସଂସ୍ଥା ଚୁକ୍ତି ମାତ୍ରା ଅନୁଯାୟୀ ଜଳ ଉଠାଉଛନ୍ତି କି ନାହିଁ, ତାହା ଜଣାପଡ଼ିଥାଏ । ଯଦି ଚୁକ୍ତିଠାରୁ ଅଧିକ ଜଳ ନିଆଯାଏ, ▶ପୃଷ୍ଠା-୭

### ଜିଡିପି ଅଭିବୃଦ୍ଧି ୭ରୁ ୪%କୁ ହ୍ରାସ ପାଇଲା

## ଆର୍ଥିକ ସଙ୍କଟରେ ବାଂଲାଦେଶ

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି):ବାଂଲାଦେଶ ବର୍ତ୍ତମାନ ସବୁଠାରୁ କଷ୍ଟକର ଆର୍ଥିକ ସମୟ ଦେଇ ଗତି କରୁଛି । କିଛି ଦିନ ପୂର୍ବରୁ ଏସିଆର ଉଦୀୟମାନ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ଏହି ଦେଶ ଏବେ ଗମ୍ଭୀର ଅନିଶ୍ଚିତତା ଏବଂ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛି । ରାଜନୈତିକ ଅସ୍ଥିରତା, ବର୍ଦ୍ଧିତ ବେକାରି ଏବଂ ଦୁର୍ବଳ ହେଉଥିବା ଅର୍ଥନୀତି ସେଠାରେ ସାଧାରଣ ଲୋକଙ୍କ ଜୀବନ କଷ୍ଟକର କରିଦେଇଛି । ରାଜନୈତିକ ପରିବର୍ତ୍ତନ ପରେ ଅନ୍ତରୀଣ ସରକାର ସ୍ଥିରତା ଏବଂ ସଂସ୍କାର ଆଣିବା ଆଶା କରାଯାଉଥିଲା । ହେଲେ ବର୍ତ୍ତମାନ ପରିସ୍ଥିତି ଭିନ୍ନ । ନିରନ୍ତର ପ୍ରତିବାଦ, ହିଂସା ଏବଂ ଅନିଶ୍ଚିତ ନିଷ୍ପତ୍ତି ବାଂଲାଦେଶର ଅର୍ଥନୀତିକୁ ପଙ୍ଗୁ କରିଦେଇଛି । ନିବେଶକଙ୍କ ବିଶ୍ୱାସ ଦୁର୍ବଳ ହୋଇଛି ଏବଂ ଅନେକ କମ୍ପାନୀ ଦେଶ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି ।

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଅନୁଯାୟୀ, ବାଂଲାଦେଶର ଆର୍ଥିକ ଅଭିବୃଦ୍ଧି ହାର ଦ୍ରୁତ ହ୍ରାସ ପାଉଛି । ପୂର୍ବରୁ ୭ ପ୍ରତିଶତ ପାଖାପାଖି ରହୁଥିବା ଦେଶର ଜିଡିପି ଅଭିବୃଦ୍ଧି ଏବେ ୪ ପ୍ରତିଶତ ତଳକୁ ଖସିଆସିଛି । ଉତ୍ପାଦନରେ ବିଳମ୍ବ, କଠୋର ନୀତି ଏବଂ ରାଜନୈତିକ ଅନିଶ୍ଚିତତା ଏହାର ମୁଖ୍ୟ କାରଣ ବୋଲି ବିବେଚନା କରାଯାଉଛି । ଯଦିଓ ବର୍ତ୍ତମାନ ପୂର୍ବ ସମୟ ତୁଳନାରେ ମୁଦ୍ରାସ୍ଫୀତି କିଛି ମାତ୍ରାରେ ହ୍ରାସ ପାଇଛି, ତଥାପି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ମହଙ୍ଗା ରହିଛି । ଏହା ସିଧାସଳଖ ସାଧାରଣ ପରିବାରଗୁଡିକର କ୍ରୟ ଶକ୍ତିକୁ ପ୍ରଭାବିତ କରୁଛି । ଯେତେବେଳେ ଖର୍ଚ୍ଚ ବୃଦ୍ଧି ପାଏ ଏବଂ ଆୟ ହ୍ରାସ ପାଏ, ଘରୋଇ ଚାହିଦା ଦୁର୍ବଳ ହେବା ନିଶ୍ଚିତ । ସରକାରୀ ତଥ୍ୟ ଅନୁଯାୟୀ, ଦେଶରେ ବେକାରି ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି । ନିଯୁକ୍ତି ହ୍ରାସ ପାଉଛି, ଯାହା ବିଶେଷକରି ଯୁବପିଢ଼ି ଏବଂ ଶ୍ରମିକ ବର୍ଗଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଛି । ▶ପୃଷ୍ଠା-୭



### ଦେଶ ଛାଡିବେ ଅନେକ କମ୍ପାନୀ

## ଦୋକାନ ସହ ଦୋକାନୀଙ୍କୁ ଜାଳିଦେଲେ



ବାରେଣୀ ବଜାରରେ ଉତ୍ତେଜନା

■ କେନ୍ଦ୍ରାପଡ଼ା, ୨୭ ।୧୨ (ସମିସ): ଦୋକାନ ସହ ଦୋକାନୀଙ୍କୁ ଜାଳିଦେଲେ । କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ବାରେଣୀ ବଜାରରେ ଏପରି ଏକ ଜଘନ୍ୟ ଘଟଣା ଘଟିଛି । ମୃତ ବ୍ୟବସାୟୀ ଜଣଙ୍କ ହେଲେ, ଗରଦପୁର ବ୍ଲକ୍ କଳାବୁଦା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସୁବାସ ମଳିକ (୪୬) । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏନେଇ ସୁବାସଙ୍କ ପୁଅ ଓମ୍ ଥାନାରେ ଏତଲା ଦେଇଛନ୍ତି । ବାହାରପଟୁ କବାଟ ବନ୍ଦ କରି ଦୁର୍ବୃତ୍ତମାନେ ଦୋକାନରେ ନିଆଁ ଲଗାଇ ବାପାଙ୍କୁ ହତ୍ୟା କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି କୁଦାନଗରୀ ଥାନାଧିକାରୀ ଅରବିନ୍ଦ ଶରଣ ମହାନ୍ତି କହିଛନ୍ତି ।

ସୂଚନାନୁଯାୟୀ, ସୁବାସଙ୍କର ବାରେଣୀ ବଜାରରେ ଏକ ଭେରାଇଟି ଷ୍ଟୋର୍ ଅଛି । ଏକ ଆଜବେଷ୍ଟସ ଘରେ ସେ ବିଭିନ୍ନ ପ୍ରକାରର ଡ୍ରେସ୍ ସାଙ୍ଗକୁ ପରିବା ଓ ତେଜରାତି ବ୍ୟବସାୟ ମଧ୍ୟ କରୁଥିଲେ । ଶୁକ୍ରବାର ରାତିରେ ସେ କଳାବୁଦା ନିକଟ ଏକ ମଣ୍ଡପରେ ଭୋଜି ଖାଇ ରାତି ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରିଥିଲେ । ଘରେ କିଛି ଖାଦ୍ୟ ଦେବା ପରେ ଦୋକାନକୁ ଶୋଇବାକୁ ଯାଇଥିଲେ । କିନ୍ତୁ ଭୋର୍ ପ୍ରାୟ ୪ଟାରେ ମନ୍ଦିର ପୂଜକ ନଳିନୀକାନ୍ତ ପଣ୍ଡା ଦୋକାନରୁ ନିଆଁ ଓ ଧୂଆଁ ଉଠୁଥିବା ଦେଖି ସୁବାସଙ୍କ ବାପା ଅରକ୍ଷିତ ମଲ୍ଲିକଙ୍କୁ ଖବର ଦେଇଥିଲେ । ଲୁହା ଗ୍ରୀଲ୍ ଭାଙ୍ଗି ପରିବାର ଲୋକ ଭିତରକୁ ପଶିଥିଲେ । କିନ୍ତୁ ସେତେବେଳକୁ ସୁବାସ ନିଆଁରେ ସମ୍ପୂର୍ଣ୍ଣ ଜଳିଯାଇଥିବା ଦେଖିବାକୁ ପାଇଥିଲେ । ଦୋକାନର କବାଟ ବାହାରପଟୁ ବନ୍ଦ ଥିବାରୁ ଏହା କୌଣସି ଦୁର୍ଘଟଣା ନୁହେଁ, ▶ପୃଷ୍ଠା-୭

## ନିତିନ ନବୀନ ହେବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ

■ ନୂଆଦିଲ୍ଲୀ, ୨୭ ।୧୨ (ଏଜେନ୍ସି): ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିତିନ ନବୀନ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ସମ୍ଭାବନା ରହିଛି । ମିଳିଥିବା ସୂଚନା ଅନୁଯାୟୀ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଜାନୁଆରୀ ୧୮ରୁ ଆରମ୍ଭ ହୋଇ ୨୦ ସୁଦ୍ଧା ସଂପନ୍ନ ହେବ । ନିର୍ବାଚନରେ ନିତିନ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବାର ସମ୍ଭାବନା ରହିଛି । ଏହାହେଲେ ନବୀନ ବିଜେପିର ସବୁଠାରୁ କନିଷ୍ଠ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବେ । ୨୦୨୯ ପର୍ଯ୍ୟନ୍ତ ସେ ଏହି ଗୁରୁଦାୟିତ୍ୱ ବହନ କରିବେ । ୨୦୨୯ରେ ଲୋକସଭା ନିର୍ବାଚନ ହେବା ପର୍ଯ୍ୟନ୍ତ ସେ ଅଧ୍ୟକ୍ଷ ପଦରେ ରହିବେ । ଜାନୁଆରୀ ୧୫ ପରେ ପାର୍ଟିର ସବୁ ରାଜ୍ୟ ସଭାପତିଙ୍କୁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଡକାଇବ । ଦେଶର ଅର୍ଦ୍ଧାଧିକ ରାଜ୍ୟରେ ରାଜ୍ୟ ସଭାପତିଙ୍କୁ ନିର୍ବାଚିତ କରାଯାଇଛି । ୩୭ଟି ରାଜ୍ୟ ୟୁନିଟରୁ ୨୯ଟିରେ ଅନ୍ତରୀଣ ନିର୍ବାଚନ ଶେଷ ହୋଇସାରିଛି । ନିତିନ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବେ । ଫଳରେ ବିଜେପିର ▶ପୃଷ୍ଠା-୭

### ୧୮ରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ, ୨୦ରେ ଘୋଷଣା

## କଂଗ୍ରେସର ଅଡୁଆ ବଢ଼ାଇଲେ ଦିଗ୍‌ବିଜୟ

■ ନୂଆଦିଲ୍ଲୀ, ୨୭।୧୨ (ଏଜେନ୍ସି): ଆଜି ଏଠାରେ କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ସିଡବ୍ଲ୍ୟୁସିର ବୈଠକ ଚାଲିଥିବା ବେଳେ ଦଳର ବରିଷ୍ଠ ନେତା ଦିଗବିଜୟ ସିଂହ ବିଜେପି ଏବଂ ଆରଏସଏସକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫଟୋ ପୋଷ୍ଟ କରିଛନ୍ତି । ଏହାକୁ ନେଇ କଂଗ୍ରେସ ଆଜି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛି । କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ମଧ୍ୟ ଦିଗବିଜୟ ଆଜି ଏହି ପ୍ରସଙ୍ଗ ଉଠାଇବାକୁ ଉଦ୍ୟମ କରିଥିଲେ । କିନ୍ତୁ ଦଳୀୟ ସଭାପତି ଖଡ଼ଗେ ଏବଂ ଅନ୍ୟ ନେତାମାନେ ତାଙ୍କୁ ଅଟକାଇଥିଲେ । ପୂର୍ବରୁ ମୋଦୀଙ୍କୁ ପ୍ରଶଂସା କରି କଂଗ୍ରେସ ସାଂସଦ ଶଶୀ ଥରୁର ତାଙ୍କ ଦଳକୁ ଅଡୁଆରେ ପକାଇଥିବା ବେଳେ ସାମାଜିକ ଗଣମାଧ୍ୟମରେ ଦିଗବିଜୟଙ୍କ ଏଭଳି ପୋଷ୍ଟିଂ କଂଗ୍ରେସ ଭିତରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇଦେଇଛି ।



### ବିଜେପି-ଆର୍‌ଏସ୍‌ଏସ୍‌କୁ ପ୍ରଶଂସା କରି ସିଡବ୍ଲ୍ୟୁସି ବୈଠକରେ ଅପଦସ୍ଥ

କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଦିଗବିଜୟ ସିଂହ ଆଜି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୋଦୀଙ୍କ ଏକ ଫଟୋ ପୋଷ୍ଟ କରିବା ସହିତ ବିଜେପି ଏବଂ ଆର୍‌ଏସ୍‌ଏସ୍‌ର ସାଂଗଠନିକ ଦକ୍ଷତାର ପ୍ରଶଂସା କରିଥିଲେ । ୧୯୯୬ରେ ନିଆଯାଇଥିବା ଏହି ଫଟୋରେ ବିଜେପି ନେତା ଆଡ଼ଭାନୀ ଚୌକିରେ ବସିଥିବା ବେଳେ ତାଙ୍କ ସାମନାରେ ତଳେ ବସିଛନ୍ତି ମୋଦୀ । ଶଙ୍କର ସିଂହ ବାଘେଲା ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଉତ୍ସବର ଥିଲା ଏହି ଫେଟୋ । ଏହି ଫଟୋକୁ ଚମତ୍କାର ଦର୍ଶାଇ ଦିଗବିଜୟ ଲେଖିଛନ୍ତି ଯେ ବିଜେପି ଓ ସଂଘର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଯିଏକି ଆଡ଼ଭାନୀଙ୍କ ପାଦ ପାଖରେ ବସିଥିଲେ, ଆଜି ସେ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି । ଏହା ହେଉଛି ସଂଗଠନର ଶକ୍ତି । ଏହାକୁ ପୋଷ୍ଟ କରିବା ସହିତ ଏଥିରେ କଂଗ୍ରେସ ସଭାପତି ଖଡ଼ଗେ, ସୋନିଆ ଏବଂ ରାହୁଲ ଗାନ୍ଧୀଙ୍କୁ ଟାଗ୍ କରିଛନ୍ତି ଦିଗବିଜୟ । ତାଙ୍କର ଏହି ପୋଷ୍ଟ କଂଗ୍ରେସ ରାଜନୀତିରେ କଂପନ ସୃଷ୍ଟି କରିଛି । ଏହାକୁ ନେଇ କଂଗ୍ରେସ ନେତାମାନେ ନିରବ ରହିଥିବା ବେଳେ ବିଜେପି କଂଗ୍ରେସ ନେତା ▶ପୃଷ୍ଠା-୭

### ବ୍ରହ୍ମଗିରିରେ ପୁଣି ଲଜ୍ଜା

## ଘରେ ପଶି ଦିବ୍ୟାଙ୍ଗ ମହିଳାଙ୍କୁ ଦୁଷ୍କର୍ମ

■ ବ୍ରହ୍ମଗିରି, ୨୭।୧୨ (ସମିସ): ବ୍ରହ୍ମଗିରିରେ ପୁଣି ଲଜ୍ଜା । ଗତ ସେପ୍ଟେମ୍ବର ମାସରେ ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ହୋଇଥିଲା । ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ହଟଚମଟ ହୋଇଥିବା ବେଳେ ପୁଣି ବ୍ରହ୍ମଗିରିରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି । ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ଦୁଷ୍କର୍ମ କରାଯାଇଛି । ବ୍ରହ୍ମଗିରି ଥାନା ଅଞ୍ଚଳର ସମ୍ପୃକ୍ତ ଦିବ୍ୟାଙ୍ଗ ମହିଳା ଘରେ ଏକାକୀ ଥିଲେ । ଏହାର ସୁଯୋଗ ଦେଇ ଜଣେ ଯୁବକ ଘରେ ପଶି ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଛି । ପୁଲିସ ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରଉଚରା କରୁଛି ।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ମହିଳାଜଣଙ୍କ ଘରେ ଏକୁଟିଆ ଥିଲେ । ଏହି ସମୟରେ ଅଭିଯୁକ୍ତଜଣଙ୍କ ତାଙ୍କ ଘର ଭିତରେ ପଶି ଜୋର୍ ଜବରଦସ୍ତ ଦୁଷ୍କର୍ମ କରିଥିଲେ । ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା (ନଂ.୫୨୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୀଡ଼ିତାଙ୍କର ଡାକ୍ତରୀ ମାଇନା ପରେ ୧୮୩ ବିଏନ୍‌ଏସ୍‌ରେ ବୟାନ ରେକର୍ଡ କରାଯାଇଛି । ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ଅଧିକ ତଦନ୍ତ ଚାଲିଛି ବୋଲି ବ୍ରହ୍ମଗିରି ଥାନାଧିକାରୀ ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି ।



### ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି ପୁଲିସ

## ସଶକ୍ତ ସଂଗଠନ ପାଇଁ ନବୀନ ଆଙ୍କିଲେ ରୋଡ୍‌ମ୍ୟାପ୍

### ପ୍ରଥମ ପର୍ଯ୍ୟାୟରେ ବିଜେଡିର ୧୧ ଜିଲ୍ଲା କମିଟି ପୁନର୍ଗଠିତ

■ ଭୁବନେଶ୍ୱର, ୨୭।୧୨ (ସମିସ): ଦଳର ପ୍ରତିଷ୍ଠା ଦିବସ ଉଦ୍‌ବୋଧନରେ ସଂଗଠନକୁ ନେଇ ବଡ଼ ସଙ୍କେତ ଦେଇଥିଲେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଆଜି କିମ୍ବା କାଲି ନୁହେଁ; ଆସନ୍ତା ୧୦୦ ବର୍ଷ ଯାଏଁ ବିଜେଡିର ପ୍ରତିଟି କାର୍ଯ୍ୟକର୍ତ୍ତା ଓଡ଼ିଶାବାସୀଙ୍କ ସ୍ୱର ହୋଇ ରାଜ୍ୟର ସ୍ୱାର୍ଥ ପାଇଁ କାମ କରିବେ ବୋଲି ନବୀନ ଦମ୍ଭୋକ୍ତି ପ୍ରକାଶ କରିଥିଲେ । ନବୀନଙ୍କ ଗତକାଲିର ଭାଷଣରୁ ଦଳର ସାଂଗଠନିକ ବିନ୍ୟାସ ତଥା ସଂସ୍କାରକୁ ନେଇ ସ୍ପଷ୍ଟ ସୂଚନା ମିଳିଥିବା ବେଳେ ମାତ୍ର ଗୋଟିଏ ଦିନ ମଧ୍ୟରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି । ତୃଣମୂଳ ସ୍ତରରେ ସଂଗଠନକୁ ମଜଭୁତ କରି ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଦଳକୁ ପୁଣିଥରେ ଏକ ନମ୍ବର କରିବା ପାଇଁ ନବୀନ ନିଜେ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି ।

ଶନିବାର ନବୀନ ପ୍ରାଥମିକ ପର୍ଯ୍ୟାୟରେ ୧୧ଟି ଜିଲ୍ଲାରେ ନୂଆ ଜିଲ୍ଲା କମିଟି ଗଠନ କରିଛନ୍ତି । ଏହି ନୂଆ କମିଟିର ସଦସ୍ୟମାନେ ଦଳର କାର୍ଯ୍ୟକ୍ରମ, ସରକାରଙ୍କ ବିଫଳତାକୁ ତୃଣମୂଳ ସ୍ତରରେ ପ୍ରତିଟି ଲୋକଙ୍କ ପାଖରେ ପହଞ୍ଚାଇବେ ବୋଲି ଦଳ ପକ୍ଷରୁ କୁହାଯାଇଛି । ତୃଣମୂଳସ୍ତରରେ ସାଂଗଠନିକ ପୁନର୍ବିନ୍ୟାସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପଞ୍ଚାୟତରୁ ଶଙ୍ଖ ଭବନ ଯାଏଁ ଏକାଧିକ ନୂଆ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଦଳର ବରିଷ୍ଠ ନେତାଙ୍କ ପକ୍ଷରୁ ସୂଚନା ମିଳିଛି ।

ଶନିବାର ଯେଉଁ ୧୧ଟି ଜିଲ୍ଲାରେ ଜିଲ୍ଲା କମିଟିଗୁଡ଼ିକର ପୁନର୍ଗଠନ କରାଯାଇଛି, ସେଗୁଡ଼ିକ ମଧ୍ୟରେ ବୌଦ୍ଧ, କନ୍ଧମାଳ, ଦେବଗଡ, ଗଜପତି, କେନ୍ଦୁଝର, ଅନୁଗୋଳ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି ଓ ସୋନପୁର ଅନ୍ୟତମ । ଏହି ଜିଲ୍ଲା କମିଟିଗୁଡ଼ିକରେ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ନବୀନ ନୂଆକରି ନିଯୁକ୍ତି ପ୍ରଦାନ କରିଛନ୍ତି । ଖୁବ୍‌ଶୀଘ୍ର ଅବଶିଷ୍ଟ ଜିଲ୍ଲାରେ କମିଟିର ପୁନର୍ଗଠନ କରାଯିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

### ଆଗକୁ ବ୍ଲକ ଓ ପଞ୍ଚାୟତ ସଂଗଠନର ପାଳି

### ନଜରରେ ରହିବ ପୌର ଓ ପଞ୍ଚାୟତ ନିର୍ବାଚନ



ପ୍ରତିଷ୍ଠା ଦିବସ ଅଭିଭାଷଣରେ ନବୀନ ମୁଖ୍ୟତଃ ୩ଟି ଦିଗକୁ ଇଙ୍ଗିତ କରିଥିଲେ । ଦୃଢ଼ ସଂଗଠନ ମାଧ୍ୟମରେ ବିରୋଧୀଙ୍କ ପ୍ରତିଟି 'ନେରେଟିଭ୍'ର ଉପଯୁକ୍ତ ମୁକାବିଲା ଏବଂ ରାଜ୍ୟ ସରାକାରଙ୍କ ବିଫଳତାକୁ ଲୋକଲୋଚନକୁ ▶ପୃଷ୍ଠା-୭

ସକାଳ
THE SAKALA



ସର୍ବଭାରତୀୟ ମଠଖାଇ ମହୋତ୍ସବ ତୃତୀୟ ସନ୍ଧ୍ୟା

# ବିନା କୌଣସି ପାଠ୍ୟକ୍ରମରେ ମଧ୍ୟ ନାଟକ ମଣିଷକୁ ଛୁଇଁପାରେ

**ବଲାଙ୍ଗିର, ୨୭ ।୧୨(ସମିସ)**

ସ୍ଥାନୀୟ କୋସଲ କଳାମଣ୍ଡଳ ପଡ଼ିଆରେ ବଲାଙ୍ଗିରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭୂମିକା ଓ ମଠଖାଇ ମହୋତ୍ସବ ପାଳନ କମିଟି ପକ୍ଷରୁ ୧୭ତମ ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ଚାଲିଛି। କୃଷ୍ଣଚନ୍ଦ୍ର ମହାପାତ୍ର(କେସି)ଙ୍କ ସ୍ମୃତିରେ ଏହା ଆୟୋଜିତ ହୋଇଛି। ତୃତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟ ପ୍ରକାଶ ନାୟକ ଯୋଗଦେଇ କହିଥିଲେ ଯେ ବିନା କୌଣସି ପାଠ୍ୟକ୍ରମ ମାଧ୍ୟମରେ ନାଟକ ମଣିଷକୁ ଛୁଇଁ ପାରେ। ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ପୃଷ୍ଠ ପୋଷକତାରେ ୧୭ତମ ମଠ ଖାଇ ମହୋତ୍ସବ ପ୍ରଶଂଶନୀୟ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଏନଏସଡିଆନ ବିଶ୍ୱଜିତ ବିଶ୍ୱାସ ଯୋଗଦେି କହିଥିଲେ ଯେ ଆଜି ଏଆଇ ଓ ରିଲସର ଯୁଗରେ ମଠଖାଇ ମହୋତ୍ସବ ମାଧ୍ୟମରେ ନାଟକକୁ ବଞ୍ଚାଇ ରଖିବା ଏକ ବଡ଼ ପ୍ରୟାସ। ମହୋତ୍ସବ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର କହିଥିଲେ ଯେ ନୂଆ କଳାକାର ସୃଷ୍ଟି କରିବା ଓ ନାଟକ ମାଧ୍ୟମରେ ଅଞ୍ଚଳର ସମସ୍ୟାକୁ ଲୋକଲୋଚନକୁ ଆଣିଲେ ଅଞ୍ଚଳର ବିକାଶରେ ସହାୟକ ହେବ। ସଭାପତି ରାଜୀବ ଲୋଚନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବୁର୍ଲା ବଡ଼ ଡାକ୍ତରଖାନାର ବରିଷ୍ଠ ମେଡିସିନ ବିଶେଷଜ୍ଞ ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ମଠଖାଇ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଭୂମିକା ସମ୍ପାଦକ ସଞ୍ଜୀବ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଢୋଲ ମୁହୁରି କଳା ପରିଷଦ କର୍ମକର୍ତ୍ତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଖଡ଼ିଆଲ ସାଂସ୍କୃତିକ ଅନୁଷ୍ଠାନର କୋଶଲି ନାଟକ 'ଦାମୁର' ମଞ୍ଚସ୍ଥ ହୋଇଥିଲା। ଜିତେନ୍ଦ୍ର ପଟ୍ଟନାୟକ ଏହାର ଲେଖକ ଓ ନିର୍ଦ୍ଦେଶକ ଥିଲେ।



**ଏଆଇ ଓ ରିଲ୍ସର ଯୁଗରେ ମଠଖାଇ ମହୋତ୍ସବ ମାଧ୍ୟମରେ ନାଟକକୁ ବଞ୍ଚାଇ ରଖିବାକୁ ପ୍ରୟାସ**

**ଖଡ଼ିଆଲ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା କୋଶଳୀ ନାଟକ 'ଦାମୁର' ମଞ୍ଚସ୍ଥ**

**ମଠଖାଇ ସମ୍ମାନରେ ସମ୍ମାନିତ ହେଲେ ଡାକ୍ତର ଶଙ୍କର ରାମଚନ୍ଦାନୀ**

## ଡିଆରଏମ୍‌ଙ୍କୁ ଭେଟିଲା ରେଳ ଉପଭୋକ୍ତା ସଂଘ

**ବଲାଙ୍ଗିର, ୨୭ ।୧୨ (ସମିସ):** ସମ୍ବଲପୁର ରେଳ ମଣ୍ଡଳର ଡିଆରଏମ୍‌ଙ୍କୁ କ୍ଷେତରାଜପୁରସ୍ଥିତ କାର୍ଯ୍ୟାଳୟରେ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ଭେଟିଛନ୍ତି। ସଭାପତି ପ୍ରଫେସର ତରୁଣ ମିଶ୍ରଙ୍କ ନେତୃତ୍ୱରେ ବିଭିନ୍ନ ସମସ୍ୟା ନେଇ ଉପସ୍ଥାପନ କରାଯାଇଥିଲା। ଏହାସହ ଏକ ଦାବିପତ୍ର ଦିଆଯାଇଛି। ବଲାଙ୍ଗିରରେ ଶୀଘ୍ର ପିଆଇଟି ଲାଇନ କରିବା, ଭୁବନେଶ୍ୱରକୁ ଯିବା ଆସିବା କଲା ପରି ଏକ ସକାଳୁଆ ଟ୍ରେନ୍ ଚଳାଚଳ କରିବା, ଦିଲ୍ଲୀ ବା ପ୍ରୟାଗରାଜକୁ ଏକ ସିଧାସଳଖ ଟ୍ରେନ୍ ଚଳାଇବା, ଇସ୍ପାତ ଟ୍ରେନର ବିଳମ୍ବ ନ କରିବା, ଟିଟିଲାଗଡ଼ରୁ ସମ୍ବଲପୁର ପର୍ଯ୍ୟନ୍ତ ତୃତୀୟ ଲାଇନ କରିବା, ବଲାଙ୍ଗିରରେ ୪ ଏବଂ ୫ ନମ୍ବର ପ୍ଲାଟଫର୍ମ କରିବା, ଲିଫ୍ଟ କାମକୁ ତ୍ୱରାନ୍ୱିତ କରିବା, ଏଡିଆରଏମ୍ ଅଫିସ ପ୍ରତିଷ୍ଠା କରିବା, ବଲାଙ୍ଗିରରୁ ପୁନାକୁ ଏକ ସିଧାସଳଖ ଟ୍ରେନ ବ୍ୟବସ୍ଥା, ପୁରୀକୁ ଏକ ଫାଷ୍ଟ ପେସେଞ୍ଜର ବ୍ୟବସ୍ଥା କରିବା ଇତ୍ୟାଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ସମ୍ପାଦକ ବିମଳ ଚକ୍ରବର୍ତ୍ତି, ବରିଷ୍ଠ ସଭ୍ୟ ଗୋପବନ୍ଧୁ ପୁରୋହିତ, ଅଧିବକ୍ତା ରତୁରାଜ ସିଂହ ପ୍ରମୁଖ ଆଲୋଚନାରେ ଭାଗ ନେଇ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ତ କଥା ଶୁଣି ଡିଆରଏମ୍ ଏଫ୍ଓଭି କାମ ସରିଲା ପରେ ଲିଫ୍ଟର କାମ ୨୬ ମାର୍ଚ୍ଚ ସୁଦ୍ଧା ସରିବ ବୋଲି କହିଥିଲେ। ପିଆଇଟି ଲାଇନ ପାଇଁ ପାଣିର ଅଭାବ ଏବଂ ନୂତନ ଟ୍ରେନ ପାଇଁ ବୋର୍ଡରୁ ଉଦ୍‌ମୋଦନ ଦରକାର ବୋଲି ଦର୍ଶାଇଥିଲେ। ମାତ୍ର ସଭ୍ୟମାନେ ଡିପ୍ ବୋରୱେଲ କରି ପିଏଚ୍‌ଡି ପାଣିର ସପ୍ଲାଏ ଓ ଓଭରହେଡ୍ ଟ୍ୟାଙ୍କ ଥିବାରୁ ପାଣିର ସମସ୍ୟା ହେବ ନାହିଁ ବୋଲି ଦର୍ଶାଇଥିଲେ। ସର୍ଭେ କାମ ସରିଲେ ରିପୋର୍ଟ ପଠାଇବେ ବୋଲି ଡିଆରଏମ୍ କହିଥିଲେ। ତେବେ ପାଣି ସମସ୍ୟା ଦେଖାଇ ବଲାଙ୍ଗିରରେ ପିଆଇଟି ଲାଇନ ହେବ ନାହିଁ ବୋଲି ସଭ୍ୟମାନେ ଆଶଙ୍କା ପ୍ରକାଶ କରିଛନ୍ତି।



## ନବୀନ ପସାୟତ ବାରିକ ସମାଜ ଜିଲ୍ଲା ସଭାପତି



**ବଲାଙ୍ଗିର, ୨୭ ।୧୨(ସମିସ):** ବଲାଙ୍ଗିର ଯାଦବ ଭବନରେ ଜିଲ୍ଲା ବାରିକ ସମାଜର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଶଙ୍କର ବାରିକ ସଭାପତିତ୍ୱ କରିଥିଲେ। ନବୀନ ପସାୟତଙ୍କୁ ଜିଲ୍ଲା ସଭାପତି ଭାବରେ ଦାୟିତ୍ୱ ଦିଆଯାଇଛି। ଏହି ଚୟନ ପ୍ରକ୍ରିୟାରେ ପର୍ଯ୍ୟବେକ୍ଷକ ଭାବେ ପଶ୍ଚିମ ଓଡ଼ିଶା ବାରିକ ମହାସଂଘର ସାଧାରଣ ସମ୍ପାଦକ ବୃନ୍ଦାବନ ବାରିକ ଯୋଗ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଦଶରଥ ପସାୟତ ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଉପ ସଭାପତି ଅଧ୍ୟାପକ ଦିଲ୍ଲୀପ ପସାୟତ ପରିଚାଳନା କରିଥିଲେ। ଜିଲ୍ଲା କୋଷାଧ୍ୟକ୍ଷ ନନ୍ଦ ବାରିକ, ସେଲୁନ ସଂଘ ସଭାପତି ଶିଶିର ବେହେରା, ଆଇନ ପରାମର୍ଶଦାତା ଓକିଲ ଗୋବିନ୍ଦ ଚନ୍ଦ୍ର ବେହେରା, ସତ୍ୟବ୍ରତ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। କିରନ ବାରିକ, ଅଭେଲ ବାରିକ, ଦେବଦତ୍ତ ବେହେରା, ଗଣ ବାରିକ, ମନୋଜ ବାରିକ, କାହ୍ନା ବାରିକ, ଦୀନବନ୍ଧୁ ବାରିକ, ସରୋଜ ବାରିକ, ରଞ୍ଜନ ବାରିକ, ସନ୍ତୋଷ ବାରିକ ପ୍ରମୁଖ ସହଯୋଗ କରିଥିଲେ।

ଗନ୍ଧମାର୍ଦ୍ଧନ ସୁରକ୍ଷା ଆହ୍ୱାନ କମିଟିର ଯୁବ କର୍ମଶାଳା

## ଗନ୍ଧମାର୍ଦ୍ଧନ ପାହାଡ଼ ଉପରେ ବିଭିନ୍ନ କମ୍ପାନୀର ଲୋଲୁପ ଦୃଷ୍ଟି

**ଖପ୍ରାଖୋଲ, ୨୭ ।୧୨ (ସମିସ):** ଖପ୍ରାଖୋଲସ୍ଥିତ ହରିଶଙ୍କର ଜଙ୍ଗଲ ବିଭାଗର ବୈଠକ ଗୃହରେ ଗନ୍ଧମାର୍ଦ୍ଧନ ସୁରକ୍ଷା ଆହ୍ୱାନ କମିଟିର ଦୁଇ ଦିନିଆ ଯୁବ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ବିଶିଷ୍ଟ ପରିବେଶବିତ୍ ଓ ଆନ୍ଦୋଳନକାରୀ ଆସି ସ୍ଥାନୀୟ ଯୁବକମାନଙ୍କୁ ନିଜର ଅନୁଭୂତି କହିଥିଲେ। କିପରି ପରିବେଶ, ଜଳ, ଜଙ୍ଗଲ, ଜମି, ପବନ, ଜୀବିକାକୁ ସୁରକ୍ଷିତ ରଖି ହେବ ସେ ବିଷୟରେ ବୁଝାଇଥିଲେ। ଆନ୍ଦୋଳନକାରୀଙ୍କ ମତରେ ପ୍ରସିଦ୍ଧ ଗନ୍ଧମାର୍ଦ୍ଧନ ପାହାଡ଼ ଉପରେ ବିଭିନ୍ନ କମ୍ପାନୀର ଲୋଲୁପ ଦୃଷ୍ଟି ରହିଛି। ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକଳାପରେ ସନ୍ଦେହ ରହୁଛି। ହରିଶଙ୍କର ତଥା ଗନ୍ଧମାର୍ଦ୍ଧନ ପାହାଡକୁ ସୁରକ୍ଷା ଦେବା ପାଇଁ ସରକାର ବିରୋଧରେ ପୁଣି ଏକ ଆନ୍ଦୋଳନ ଜାରି କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହା ସହିତ ଗନ୍ଧମାର୍ଦ୍ଧନ ପର୍ବତର ସ୍ଥାୟୀ ସୁରକ୍ଷାକୁ ନେଇ ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଅତିଥିମାନେ ଦାବି କରିଛନ୍ତି। ନଚେତ୍ ଭୟଙ୍କର ଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆଫଲାତୁନ, ଲିଙ୍ଗରାଜ କିସାନ, ଲିଙ୍ଗରାଜ ଆଜାଦ, ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ବିଶିଷ୍ଟ ପରିବେଶବିତ୍ ତଥା ଆନ୍ଦୋଳନକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଗନ୍ଧମାର୍ଦ୍ଧନ ସୁରକ୍ଷା ଆହ୍ୱାନ କମିଟିର ଟେକେନ୍ଦ୍ର ଜାଳ, ସୁଶୀଲ ନାୟକ, ପଞ୍ଚମ ପ୍ରଧାନ, ରାଜକୁମାର ସେଠ, ରଘୁ ବୀର ସିଂ ବରିହା, କ୍ଷମା ଭୋଇ, ବିପ୍ର ବିଶି, ଜଳ ତାଣ୍ଡି, ଥବୀର ମେହେର, ଟିକେଶ୍ୱର ଧରୁଆ, ଶଶି କାନ୍ତ ଧରୁଆ, ପ୍ରମୁଖ ଉପସ୍ଥିତ ଥିଲେ।




**ସନ୍ଦେହରେ ସରକାରଙ୍କ କାର୍ଯ୍ୟକଳାପ**

## ରୋତ କଲେଜରେ ଆଲୋଚନାଚକ୍ର



**ବଲାଙ୍ଗିର, ୨୭ ।୧୨(ସମିସ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ (ବାଣୀନିକେତନ, ରୋତ)ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ 'ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟିକ ଆଦର୍ଶ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗ ମୁଖ୍ୟ ପ୍ରମୋଦ ଦାଶ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡକ୍ଟର ବବ୍ରୁବାହନ ମହାପାତ୍ର ଓ ଯୁବୋଦୟ ମହାବିଦ୍ୟାଳୟର ଅଧ୍ୟାପ ସନ୍ଦୀପ କୁଅଁର ଯୋଗ ଦେଇଥିଲେ। ଡକ୍ଟର ସୋମନାଥ ପଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ଛାତ୍ରୀ ମଞ୍ଜରୀ ପୁଟେଲ, ଆଶା ଦୋରା, ଜୟଶ୍ରୀ ପଧାନ, ଗୋଲାପୀ ମୁଣ୍ଡା, ସୁଦେଷ୍ଣା ବରିହା, ଜ୍ୟୋତ୍ସ୍ନା ସାହୁ ପମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ତୃତୀୟ ବର୍ଷର ଛାତ୍ରୀ ଜୋସ୍ନା ସାହୁ ଓ ଝୁମି ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଛାତ୍ରୀ ସୁଦେଷ୍ଣା ବରିହା, ଜୟଶ୍ରୀ ପଧାନ ଓ ପୁରାତନ ଛାତ୍ର ନିରଜ ମେହେର ପମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡକ୍ଟର ଲିଙ୍ଗରାଜ ମେହେର ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ




**ବଲାଙ୍ଗିର, ୨୭ ।୧୨(ସିମସ):** ସ୍ଥାନୀୟ ସରକାରୀ ଟାଉନ ବାଳିକ ଉଚ୍ଚ ବିଦ୍ୟାଳୟରେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ-ସଭାପତି ହରେକୃଷ୍ଣ ମେହେର ସଭାପତିତ୍ୱ କରିଥିଲେ। ବୈଠକରେ ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢ଼ୀ, ଉପ-ସଭାପତି ଅଶୋକ ଚାନ୍ଦ, ସମ୍ପାଦକ କପିଳେଶ୍ୱର ଖମାରୀ ଏବଂ କୋଷାଧ୍ୟକ୍ଷ ତୁଡେନ୍ଦ୍ର ବେହେର ମଞ୍ଚାସୀନ ଥିଲେ। ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢ଼ୀ ସମସ୍ତଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ସମ୍ପାଦକ କପିଳେଶ୍ୱର ଖମାରୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ତୁଡେନ୍ଦ୍ର ବେହେରା ଆୟବ୍ୟୟ ବିବରଣୀ ଉପସ୍ଥାପନା କରିଥିଲେ। ଅଶୋକ ମିଶ୍ର, ଦୁର୍ଗା ପ୍ରସାଦ ହୋତା, ପ୍ରମୋଦ ଗୁରୁ, ଚିତ୍ତରଞ୍ଜନ ପଟେଲ, ନିମାଇଁ ଚରଣ ମେହେର, ଆର୍ତ୍ତତ୍ରାଣ ମିଶ୍ର, ହରେକୃଷ୍ଣ ପଟେଲ, ଶିବ ଶଙ୍କର ଖୁଆସ, କୃଷ୍ଣଚନ୍ଦ୍ର ନାଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗଣେଶଚନ୍ଦ୍ର ପାଢ଼ୀଙ୍କୁ କାର୍ଯ୍ୟାଳୟ ସମ୍ପାଦକ ଭାବରେ ସର୍ବସମ୍ମତିକ୍ରମେ ମନୋନୟନ କରାଯାଇଥିଲା। ବିନୟ ମିଶ୍ର, ସିନୁସୁନ୍ଦର ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। ନୂତନ ସଭ୍ୟ ଭାବେ ରାମଲାଲ ସାହୁଙ୍କୁ ଗ୍ରହଣ କରାଯାଇଥିଲା। ସହ-ସମ୍ପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

୪୩ତମ ମାଁ ପାଟଖଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## କ୍ୱାର୍ଟରଫାଇନାଲରେ ରୁଗୁଡିପାଲି ବିଜୟୀ



**ଦେଓଗାଁ, ୨୭।୧୨ (ସମିସ):** ଉପରଝରେ ପଞ୍ଚାୟତ ଉପରଝରେ ମିନିଷ୍ଟାଡିୟରେ ଆଜାଦ ହିନ୍ଦ୍ କ୍ଲବ ଆୟୋଜନରେ ଶନିବାର ୪୩ତମ ମାଁ ପାଟଖଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ନୂଆଁପାଲି ଓ ରୁଗୁଡିପାଲି ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦ୍ୱିତିୟ ମ୍ୟାଚ ପାଣ୍ଡେଲ ଓ ଶିରାବାହାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ମ୍ୟାଚ ବିଜେତା ରୁଗୁଡିପାଲି ଓ ଶିରାବାହାଲ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରୁଗୁଡିପାଲି ଦଳ ବିଜୟଲାଭ କରି ପ୍ରଥମ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି। ଖେଳକୁ ମିଳନ ପଧାନ, ଦେବାଶିଷ ପଧାନ ପରିଚାଳନା କରିଥିବା ବେଳେ ରଞ୍ଜନ ପଧାନ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୁବନେତା ବିଶ୍ୱଜିତ ପାତ୍ର ଓ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ପେକ୍ସ ସମ୍ପାଦକ କାମାକ୍ଷା ପ୍ରସାଦ ସାହୁ ଯୋଗ ଦେଇଥିଲେ। ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ରାଜା ପଧାନ, ଦେବରାଜ ସାହୁ, ଜଗ ମାଝୀ, ରଞ୍ଜିତ ମଲ୍ଲିକ, ରଞ୍ଜନ ପଧାନ, ଦିଲୀପ ବିଶ୍ୱାଳ, ରଞ୍ଜିତ ବିଶ୍ୱାଳ, କାହ୍ନା ପଧାନ, ସାହିଲ ସାହୁ, ଶକ୍ତି ବିଶ୍ୱାଳ, ଅଭିଶେଷ ବାଗ ଓ ଅନୀଳ ବିଶ୍ୱାଳ ପ୍ରମୁଖ ସହଯୋଗ କରୁଛନ୍ତି।

## ବାର୍ଦ୍ଧକ୍ୟ ଭତ୍ତାରେ ବିଳମ୍ବ ନେଇ ଅସନ୍ତୋଷ




**କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୨୭ ।୧୨(ସମିସ):** ବଲାଙ୍ଗୀର ଜିଲ୍ଲାର ବଙ୍ଗୋମୁଣ୍ଡା ବ୍ଲକରେ ବୃଦ୍ଧବୃଦ୍ଧା ହିତାଧିକାରୀମାନେ ଗତ ୨ ମାସ ଧରି ସେମାନଙ୍କ ଭତ୍ତା ନ ପାଇବାରୁ କଷ୍ଟର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତରୁ ସିଧାସଳଖ ଭତ୍ତା ସଂଗ୍ରହ କରୁଥିବା ବ୍ୟକ୍ତି ହଇରାଣ ହେଉ ନାହାନ୍ତି; ଯେଉଁମାନଙ୍କ ଭତ୍ତା ବ୍ୟାଙ୍କ ମାଧ୍ୟମରେ ପ୍ରକ୍ରିୟାକରଣ କରାଯାଏ ସେମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏହା ଫଳରେ ଦୈନନ୍ଦିନ ଆବଶ୍ୟକତା ପାଇଁ ଏହି ରାଶି ଉପରେ ନିର୍ଭର କରୁଥିବା ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ପ୍ରଶାସନ ସମ୍ମୁଖରେ ଏହି ମାମଲା ଉଠାଇ ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରି କହିଛନ୍ତି। ସମୟସୀମାରେ ପେନସନ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ଦାବି କରିଛନ୍ତି। ସେ କହିଛନ୍ତି ଯେ ବିଳମ୍ବ ଅନେକ ହିତାଧିକାରୀଙ୍କୁ ପ୍ରଭାବିତ କରିଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଖରେ ଆୟର କୌଣସି ବିକଳ୍ପ ଉତ୍ସ ନାହିଁ। ଅନେକ ବୃଦ୍ଧ ମହିଳା ନିଜର ହତାଶା ପ୍ରକାଶ କରି ଦାବି କରିଛନ୍ତି ଯେ ପୂର୍ବ ସରକାରଙ୍କ ଅଧୀନରେ ସମୟସୀମାରେ ପେନସନ ପ୍ରଦାନ କରାଯାଇଥିଲା; କିନ୍ତୁ ସରକାର ପରିବର୍ତ୍ତନ ପରେ ବାରମ୍ବାର ବିଳମ୍ବ ହେଉଛି। ପୂର୍ବରୁ ସେମାନେ ବିନା ବାଧାରେ ପେନସନ ପାଉଥିଲେ। ଏବେ ମାସ ମାସ ବିତିଯାଉଛି।

**ଏକାଦଶାହ ଉପଲକ୍ଷେ**



**୰ସନ୍ତୋଷ କୁମାର ମହାନ୍ତି**
୧୦୮/ଏ, ଲୋଟସ୍ ହାଉସ୍, ଷ୍ଟେସନ ସ୍କୋୟାର, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର

ଆବିର୍ଭାବ - ୨୬.୦୬.୧୯୫୫
ତିରୋଧାନ - ୧୮.୧୨.୨୦୨୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ନିବେଦନ କରୁଅଛୁ ।

-: ଶୋକାସନ୍ତପ୍ତ :-
ଝିଅ-ଜ୍ୱାଇଁ : ପ୍ରଜ୍ଞାସ୍ମିତା-ଡା. ଦିପ୍ତିକାନ୍ତ, ଶୁଚିସ୍ମିତା-ଜ୍ୟୋତି ରଞ୍ଜନ
ନାତି ଓ ନାତୁଣୀ- ଲକ୍ଷଜିତ୍, ଜାନ୍ହବି, ଲଳିତେଶ
ଏବଂ ବନ୍ଧୁ ଓ ପରିବାର ବର୍ଗ

ବନଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ମାଗୁରବେଡ଼ାକୁ ହରାଇ ଅମାମୁଣ୍ଡା ଚାମ୍ପିଅନ

**ବଲାଙ୍ଗିର, ୨୭ ।୧୨(ସମିସ)**

ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତ ନିକଟ ଲୋୟର ସୁକତେଲ ଡ୍ୟାମ୍ ଖେଳ ପଡ଼ିଆରେ ବନଦୁର୍ଗା ଫୁଟବଲ ଟୁର୍ଣ୍ଣମେଣ୍ଟ ୫ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ଦିବସରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ ଏବଂ ଅଧ୍ୟାପକ ଡ. ସୁରେଶ ଚନ୍ଦ୍ର ଷଡଙ୍ଗୀ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସ ଫାଇନାଲ ମ୍ୟାଚରେ ମାଗୁରବେଡାକୁ ହରାଇ ଅମାମୁଣ୍ଡା ଚାମ୍ପିଅନ ହୋଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଇଂ ସୁରେନ୍ଦ୍ର ଭୋଇ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଫୁଟବଲ ଖେଳାଳି ଲୋକନାଥ କୁମୁରା, ପ୍ରଭୁଦତ୍ତ ପ୍ରଧାନ, ପ୍ରକାଶ ବରାଇ, ବିଶ୍ୱଜିତ ନାଥ, ଓକିଲ ରଞ୍ଜନ ଭୋଇ, ସରପଞ୍ଚ ସଦାଶିବ କନ୍ଧେର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବନଦୁର୍ଗା ମହୋତ୍ସବ କମିଟିର ସଭାପତି ସଞ୍ଜୟ ଗଡ଼ତ୍ୟା ଓ ଉପ-ସଭାପତି କୈଳାସ ଚନ୍ଦ୍ର ସିଂଦେଓ, ସମ୍ପାଦକ ଜୟକୃଷ୍ଣ ମିଶ୍ର, ସହ-ସମ୍ପାଦକ ବିକାଶ ରଞ୍ଜନ ରଥ, କୋଷାଧ୍ୟକ୍ଷ ନରେନ୍ଦ୍ର ବିଶି, ରାମ କିଶୋର ଅଦାବରିଆ, ପ୍ରମୋଦ ପଟେଲ, ଭରତ ସାହୁ, ପିଙ୍କୁ ଭୋଇ, ବ୍ୟାସଦେବ ବନଛୋର, ଅଜୟ ଗଡ଼ତ୍ୟା ଓ ରେଫରି ଉମେଶ ଭୋଇ, ଜଳନ୍ଧର ସାହୁ, ସଞ୍ଜିବ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।





■ ଅବସରପ୍ରାପ୍ତ ଏଲ୍‌ଏଚ୍‌ଭିଙ୍କୁ ହତ୍ୟା ଘଟଣା

# ନାବାଳକ ସହ ୨ କୋର୍ଟ ଚାଲାଣ

**ଧର୍ମଗଡ଼, ୨୭ ।୧୨(ସମିସ):** ଗତ ୨୨ତାରିଖ ଦିନ ଧର୍ମଗଡ଼ ଥାନା ଗଡ଼ିଆଜୋର ଗାଁରେ ଅବସରପ୍ରାପ୍ତ ଏଲଏଚ୍‌ଭିଙ୍କୁ ହତ୍ୟା ହୋଇଥିଲା ।ଘଟଣାକୁ ଧର୍ମଗଡ଼ ପୁଲିସ ଗୁରୁତ୍ୱ ଦେଇ ତଦନ୍ତ ଜାରି ରଖିଥିଲା । ଘଟଣାସ୍ଥଳରେ ସାଇଣ୍ଟିଫିକ



ଟିମ୍ ସହ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତକୁ ତୀବ୍ର କରିଥିଲେ ।ଏପରିକି କଳାହାଣ୍ଡି ଏସ୍‌ପି ଘଟଣାସ୍ଥଳ କୁ ଆସି ଛାନଭିନ କରିଥିଲେ ।ଶେଷରେ ପୁଲିସ ହତ୍ୟାକାରୀଙ୍କୁ ଠାବ କରିବାରେ ସକ୍ଷମ ହୋଇପାରିଛି ।ଏହି ଘଟଣାରେ ଜଣେ ନାବାଳକ ସମେତ ଅନ୍ୟ ଦୁଇ ଅଭିଯୁକ୍ତ ମହେନ୍ଦ୍ର ମେହେର ଓ କାହ୍ନୁ ଚରଣ କରକୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସୂଚନାମତେ ଏଲଏଚ୍‌ଭି ସୁଚିତ୍ରା ଖୁଣ୍ଟିଆ ଗଡ଼ିଆଜୋରର ଏକ ନିଛାଟିଆସ୍ଥାନରେ ଘର ନିର୍ମାଣ କରି ରହି ଆସୁଥିଲେ । ଗତ ୨୨ତାରିଖ ବିଳମ୍ବିତ ରାତିରେ ଏହାର ସୁଯୋଗ ନେଇ ଅଭିଯୁକ୍ତ ମାନେ ଘର ଭିତରେ ପଶି ସୁନା ଅଳଙ୍କାର ଲୁଟ କରି ତାଙ୍କୁ ହତ୍ୟା କରି ଫେରାର ମାରିଥିଲେ। ଏନେଇ ଧର୍ମଗଡ଼ ଥାନାରେ କେଶ ନଂ ୩୮୭/୨୦୨୫ରେ ମାମଲା ରୁଜୁ ହୋଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ହତ୍ୟା ଓ ସୁନା ଅଳଙ୍କାର ଲୁଟ ଏବଂ ବାଇକ୍ ଚୋରି କରିଥିବା ଅଭିଯୋଗରେ ଜଣେ ନାବାଳକକୁ ଗିରଫ କରାଯାଇଛି ଏବଂ ସୁନା ଅଳଙ୍କାର ନଷ୍ଟ କରିବାରେ ସହାୟତା କରିଥିବା ଏବଂ ଏଥିରେ ସୁନା ଅଳଙ୍କାର ପାଇଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଧର୍ମଗଡ଼ ଥାନାଧିକାରୀ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି ।

# ଟୋକି ପର୍ବ ପାଇଁ କଲମପୁର ଅଞ୍ଚଳ ଉତ୍ସବମୁଖର

**କଲମପୁର, ୨୭ ।୧୨ (ସମିସ):** ଆଦିବାସୀଙ୍କ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଟୋକି ପର୍ବ ଅନ୍ୟତମ । ଧରଣୀପେନୁ ବା ମାଟି ଦେବତାକୁ ସନ୍ତୁଷ୍ଟ କରିବା ଲାଗି ପର୍ବ ପାଳନ କରାଯାଇଥାଏ ।ପୂର୍ବରୁ ଏହି ଦିନ ଟୋକି ବା କୁଆଁରି ଝିଅକୁ ବଳି ଦେଉଥିବାରୁ ଏହାକୁ ଟୋକି ପର୍ବ ବୋଲି କୁହାଯାଇ ଥାଏ। ଏବେ କିନ୍ତୁ ସେ ପରମ୍ପରା ଉଚ୍ଛେଦ କରାଯାଇ ଟୋକି ବା କୁଆଁରି ଝିଅର ପ୍ରତିକ ଭାବେ ଗଡ଼ରା ବା ମେଣ୍ଢା ବଳି ଦିଆଯାଇ ଆସୁଛି । ଏଣୁ ଏହାକୁ ଗଡ଼ରା ମରା ପର୍ବ ବୋଲି ମଧ୍ୟ କୁହାଯାଏ। ଯେଉଁ ଗ୍ରାମମାନଙ୍କରେ ଟୋକି ପର୍ବ ପାଇଁ ସ୍ଥିର କରାଯାଇ ଥାଏ ସେହି ଗ୍ରାମରେ ମାସେ ବ୍ୟାପି ପୂଜାପାଠ କରାଯାଇ ଥାଏ। ଧାର୍ଯ୍ୟ ଦିବସର ଶେଷ ସପ୍ତାହରେ ଆଦିବାସୀଙ୍କ ପ୍ରତି ଘରେ ଘରେ ଓ ପ୍ରତି ଗ୍ରାମମାନଙ୍କରେ ପୂଜାର୍ଚ୍ଚନା କରାଯାଇଥାଏ, ଶେଷ ସପ୍ତାହର ଗୁରୁବାର ଦିନ ଗୁରୁ ପୂଜା, ଶୁକ୍ରବାର ଦିନ ସୁଖେ ଖାଇବା, ଶନିବାର ଦିନ ଧାଇଁବା ଓ ରବିବାର ଦିନ ମାରିବା ଏହି ହିସାବରେ ସେମାନେ ଏହି ପର୍ବ ପାଳନ କରି ଆସୁଛନ୍ତି, କଲମପୁର ଅଞ୍ଚଳର ଆଦିବାସୀଙ୍କ ପୁରପଲ୍ଲୀରେ ଆଜି ଉତ୍ସବ ମହା ଧୁମଧାମରେ ପାଳନ ହୋଇଛି । କଲମପୁର ଅଞ୍ଚଳର ରବିବାର ଦିନ ମଣ୍ଡଳ ଓ ପାଜେନ ଗ୍ରାମରେ ଟୋକି ପର୍ବ ପାଳନ ହେଉଛି । ତେନ୍ତୁଳିଖୁଣ୍ଟି ଓ ଟେମରା ଗ୍ରାମରେ ପରବର୍ତ୍ତୀ ସମୟରେ ପୋଢ ବଳି ପୂଜା ହେବ ବୋଲି ଜଣାପଡ଼ିଛି । ଟୋକି ପର୍ବର ପରଦିନ ଅର୍ଥାତ ସୋମବାର ଦିନ ଧାଙ୍ଗରି ଦୋଳା ଉତ୍ସବ ଅନୁଷ୍ଠିତ ହେବ । ଏହାକୁ ମହା ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି ଅଞ୍ଚଳବାସୀ ।

ଡାକ୍ତରଙ୍କ ଘଣ୍ଟିକିଆ କାମ ବନ୍ଦ ଆନ୍ଦୋଳନ

# ସ୍ୱାସ୍ଥ୍ୟ ସେବା ବ୍ୟାହତ

**କେସିଙ୍ଗା, ୨୭ ।୧୨(ସମିସ)**

ବିଭିନ୍ନ ଦାବି ନେଇ ଗତ ୨୫ ତାରିଖରୁ ଆରମ୍ଭ ସମଗ୍ର ଓଡ଼ିଶାରେ ଡାକ୍ତରମାନଙ୍କର ଏକଘଣ୍ଟା କାମବନ୍ଦ ଧାରଣା ଯୋଗୁଁ ସ୍ୱାସ୍ଥ୍ୟ ସେବା ଭୁଶୁଡ଼ି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।କାରଣ ବର୍ତ୍ତମାନ ଶୀତ ଦିନ ଚାଲୁଥିବାରୁ ସକାଳ ୧୦ରୁ ୧୧ ଡାକ୍ତରଙ୍କ ଧାରଣାମାନେ ଦିନର ଗୋଟିଏ ପ୍ରହରମାନେ ଅଧା ଦିନ ବାରବାଦ । ଆଖ ପାଖ ଗାଆଁ ଗହଳିରୁ ଶୀତ ଦିନ ପାଇଁ ସକାଳ ୧୦ ଟାରେ ଘରୁ ବାହାରି ମେଡିକାଲ ଆସି ଓପିଡି ବନ୍ଦ ଥିବାର ଦେଖି ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଡାକ୍ତର ମାନେ ଏକ ଘଣ୍ଟା ଧାରଣାରେ ବସିବାର କାରଣ ଡାକ୍ତରମାନଙ୍କ ବିଭିନ୍ନ ଦାବି ଯଥା ସମୟରେ ପଦୋନ୍ନତି, କେ ବିକେ ଜିଲ୍ଲାରେ ନିଯୁକ୍ତି ଦେଉଥିବା ଡାକ୍ତରଙ୍କ ପାଇଁ ବିଶେଷ ନୀତି, ବଦଳି ପ୍ରକ୍ରିୟାରେ ପାରଦର୍ଶିତା, ଡାକ୍ତର ମାନଙ୍କ କ୍ୟାଡ଼ରର ପୁନର୍ଗଠନ, ଡିପାଟମେଣ୍ଟାଲ ପ୍ରମୋସନ କମିଟିର ନିୟମିତ ବୈଠକ, ଡାକ୍ତରଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା, ଆନୁସାଙ୍ଗିକ ବ୍ୟବସ୍ଥା ଯଥା ରହିବା ପାଇଁ ଘର ଓ ଗାଡ଼ିର ସୁବ୍ୟବସ୍ଥା ଆଦି ଦାବି ନେଇ ଡାକ୍ତରମାନେ ପ୍ରତିଦିନ ସକାଳ ୧୦ରୁ ୧୧ କେବଳ ଜରୁରୀକାଳିନ ସେବା ବ୍ୟତୀତ ଓପିଡି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଡାକ୍ତର ସଂଗଠନ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ୍ (ଓମଶା) ପକ୍ଷରୁ ନିଷ୍ପତି ନିଆଯାଇଛି ଓ ଦାବି ପୂରଣ ନ ହେଲେ ଆଗକୁ ନୂଆବର୍ଷ ପରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବେ ବୋଲି ଶୁଣିବାକୁ ମିଳୁଛି । ଆଗକୁ କଣ ହେବ ତାହା ତ ପରେ ଦେଖାଯିବ ବର୍ତ୍ତମାନ ଏକ ଘଣ୍ଟା ଓପିଡି ବନ୍ଦ ପାଇଁ ନାହିନଥିବା ଅସୁବିଧା ଉପୁଜିଛି। ସେମିତି କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଥିବା ସରକାରୀ ମେଡିକାଲରେ କାର୍ଯ୍ୟରତ ଥିବା ବିଶେଷଜ୍ଞ ଓ ଏମବିବି ଏସ ଡାକ୍ତର ମିଶି ୭ ଜଣ ଡାକ୍ତର ଆନ୍ଦୋଳନକୁ ସମର୍ଥନ କରି ଦୁଇଦିନ ହେଲାଣି ଏକଘଣ୍ଟା କାମବନ୍ଦ କରୁଛନ୍ତି କେସିଙ୍ଗା ଆଖ ପାଖ ଅଞ୍ଚଳରୁ ଆସୁଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳୁଛି । ସରକାର ଯଥା ଶୀଘ୍ର ଡାକ୍ତରମାନଙ୍କ ସଂଘ ସହିତ ଆଲୋଚନା କରି ଆନ୍ଦୋଳନକୁ ବନ୍ଦ ନ କଲେ ଆଗକୁ ସ୍ୱାସ୍ଥ୍ୟ ସେବାକ୍ଷେତ୍ର ରେ ନାହିଁ ନ ଥିବା ସମସ୍ୟା ଉପୁଜିବାର ଆଶଙ୍କା ରହିଛି । ସରକାର ଯଥା ଶୀଘ୍ର ଯଥାର୍ଥ ଦାବି ପୂରଣ କରିବା ପାଇଁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

# ମନରେଗା କାମ ଦେଖିଲେ ଜିଲ୍ଲାପାଳ

**ନୂଆପଡ଼ା, ୨୭ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ରଜାମୁଣ୍ଡା ପୋଖରୀରେ ମନରେଗା ଯୋଜନାରେ ଚାଲିଥିବା ପୋଖରୀ ଖନନ କାମ ବୁଲି ଦେଖିଛନ୍ତି ଜିଲ୍ଲାପାଳ ମଧୁସୂଦନ ଦାଶ। ଜିଲ୍ଲାପାଳ କାର୍ଯ୍ୟସ୍ଥଳୀକୁ ପରିଦର୍ଶନ କରି ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ତାଦରଖ କରିଥିବା ବେଳେ ଶ୍ରମିକଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା



କରିଥିଲେ। ନିଜ ଗ୍ରାମ ନିଜ ଅଞ୍ଚଳରେ କାମ କରିବାର ଭିନ୍ନ ସ୍ୱାଦ ରହିଥିବା ବେଳେ ପ୍ରବାସୀ ଭାବରେ ନ ଯିବାକୁ ଆହ୍ୱାନ କରିଥିଲେ। ତାଙ୍କ ସହ ବୋଡ଼େନ ବିଡ଼ିଓ ସୁଶାନ୍ତ କୁମାର ରଣା ଏବଂ ବ୍ଲକ ସ୍ତରୀୟ କର୍ମଚାରୀମାନେ ଯୋଗ ଦେଇଥିଲେ। ଶ୍ରମିକଙ୍କୁ ତାଙ୍କ ଚାହିଦା ମୁତାବକ ଦ୍ୱାର ମୁହଁରେ ପ୍ରଶାସନ କାମ ଯୋଗାଇଦେବବୋଲି ଜିଲ୍ଲାପାଳ କହିଥିଲେ।


## ତେଲେଙ୍ଗାନାରେ ଓଡ଼ିଆ ଯୁବତୀଙ୍କୁ ହତ୍ୟା ଘଟଣା

# ଏନଏଚ୍‌ଆର୍‌ସିରେ ଅଭିଯୋଗ

**ଭବାନୀପାଟଣା, ୨୭ ।୧୨(ସମିସ):** ପେଟ ପାଇଁ ଦାଦନ ଖଟିବାକୁ ତେଲେଙ୍ଗାନା ଯାଇଥିବା ଧର୍ମଗଡ଼ ଉପଖଣ୍ଡ ଜୟନ୍ତପୁର ପଞ୍ଚାୟତ କାଣ୍ଡପଡ଼ା ଗ୍ରାମର ୧୯ ବାର୍ଷିୟ ଜେମାମଣୀ କାଣ୍ଡଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଆଜି ‘ସକାଳ’ରେ ପ୍ରକାଶିତ ଖବରକୁ ନେଇ ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନ ନିକଟରେ ଅଭିଯୋଗ କରିଛନ୍ତି । ଜେମାମଣୀଙ୍କୁ ତୁରନ୍ତ ନ୍ୟାୟ, ଦୁଷ୍କର୍ମ ଓ ହତ୍ୟା କରିଥିବା ଅଭିଯୁକ୍ତ ଙ୍କୁ କଠୋର ଦଣ୍ଡ ସହ ଜେମାମଣୀଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଶ୍ରୀ ଦାସ ଏନଏଚ୍‌ଆରସି ଙ୍କୁ ନିବେଦନ କରିଛନ୍ତି । ଜେମାମଣୀ ତେଲେଙ୍ଗାନା ଖମନ ପ୍ରକାଶ ନଗର ଅଞ୍ଚଳରେ ଜଣେ ଭାଟି ଠିକାଦାର ନିକଟରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ।ଗତ ୨୫ତାରିଖ ଦିନ ଏକ ବ୍ରିଜ ନିକଟରୁ ତେଲେଙ୍ଗାନା ପୁଲିସ ତାଙ୍କ ମୃତଦେହ ଜବତ କରିଥିଲା ।

# ଡାକ୍ତର ଇନାୟତ ଅଲ୍ଲୀ ଖାନଙ୍କ ପରଲୋକ

**ଭବାନୀପାଟଣା, ୨୭ ।୧୨(ସମିସ):** କଳାହାଣ୍ଡି ଏକ୍ସ-ରେର ମାଲିକ, ବାଦଲି ଗାଁର ଗୌନ୍ତିଆ, ଡାକ୍ତର ଇନାୟତ ଅଲ୍ଲୀ ଖାନଙ୍କ ଶନିବାର ସକାଳେ ୮୯ ବର୍ଷ ବୟସରେ ଦେହାନ୍ତ



ହୋଇଯାଇଛି । ସରକାରୀ ଚାକିରି ନ କରି ଲେପ୍ରା ଇଣ୍ଡିଆ ତରଫରୁ କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳର ବଞ୍ଚିତ ବର୍ଗଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ସହ କଳାହାଣ୍ଡି ଜିଲ୍ଲାରେ ପ୍ରଥମ ବେସରକାରୀ ଏକ୍ସରେ ମେସିନ, ପେଥୋଲୋଜି ସ୍ଥାପନ କରିଥିଲେ । ଛାତ୍ର ଜୀବନରେ ବ୍ରହ୍ମପୁର ମେଡିକାଲ କଲେଜରେ ଲୋକପ୍ରିୟ ଫୁଟବଲ ଖେଳାଳି ଭାବରେ ପରିଚିତ ଥିଲେ । ତାଙ୍କ ସାନ ପୁଅ ବକ୍ତିଆର ଅଲ୍ଲୀ ଖାଁ ଜଣେ ବରିଷ୍ଠ ଆଇନଜୀବୀ ଓ କଂଗ୍ରେସ ସଂଖ୍ୟା ଲଘୁ ସେଲର ଜିଲ୍ଲା ସଭାପତି ଥିବା ବେଳେ ଝିଅ ସମ୍ବଲପୁରର ବରିଷ୍ଠ ବରିଷ୍ଠ ଆଇନଜୀବୀ ଭାବରେ କାର୍ଯର୍‌ୟରତ । ।ନିବାର ସନ୍ଧ୍ୟାରେ ସ୍ଥାନୀୟ କବରସ୍ଥାନରେ ପରମ୍ପରା ରୀତିରେ କବର ଦିଆଯାଇଛି ।

# ଟ୍ରକ୍ ଧକ୍କାରେ ଯୁବକ ମୃତ

**କୋକସରା, ୨୭ ।୧୨(ସମିସ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା ଥାନା କୁସୁମଖୁଣ୍ଟି ନିକଟରେ ଶନିବାର ଟ୍ରକ୍ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ କୁସୁମଖୁଣ୍ଟି ଗ୍ରାମର ନବ ଭୋଇ (୩୫) ବୋଲି ଜଣାପଡ଼ିଛି । ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଘଟଣାସ୍ଥଳରୁ ଫେରାର ମାରିଛି ।ସୂଚନା ଅନୁସାରେ, ଭବାନୀପାଟଣା-ନବରଙ୍ଗପୁର ରାସ୍ତାର କୁସୁମଖୁଣ୍ଟି ନିକଟରେ ଯୁବକ ନବ ଭୋଇଙ୍କୁ ଟ୍ରକ୍ ଧକ୍କା ମାରି ଫେରାର ହୋଇଥିଲା । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ନବକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ତେବେ ସେଠାରେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି । ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ସହ ମେଡିକାଲରେ ପହଞ୍ଚି ଶବ ଜବତ କରିଥିବା ଜଣାପଡ଼ିଛି ।

# ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ପ୍ରଚାର ରଥର ଶୁଭାରମ୍ଭ


**ଧର୍ମଗଡ଼, ୨୭ ।୧୨(ସମିସ):** କଳାହାଣ୍ଡି ଜିଲାର ଗର୍ବ ଓ ଗୌରବ, କଳା ସଂସ୍କୃତି, ଐତିହ ଓ ବିକାଶ ଧାରାର ବାର୍ତ୍ତାବହ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୬। ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ତରଫରୁ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ-୨୬ ନିମନ୍ତେ ଆଜି ପ୍ରଚାର ପ୍ରସାର ରଥର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତଥା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବର ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆସନ୍ତା ଜାନୁଆରୀ ୯, ୧୦, ୧୧ରିଖ ତିନି ଧରି ମହା ଆଡମ୍ବରରେ ଗୋଲାମୁଣ୍ଡାସ୍ଥିତ ଶିବାଜୀ ଷ୍ଟାଡିୟମ ଠାରେ ମାଁ ମାଣିକେଶ୍ୱରୀଙ୍କ ମନ୍ଦିର ସ୍ୱରୂପ ମଞ୍ଚରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳିତ ବର୍ଷ ଜିଲ୍ଲାର ବିଭିନ୍ନ ନୃତ୍ୟ, ଗୀତ ଓ ରାଜ୍ୟ ତଥା ରାଜ୍ୟ ବାହାରର କଳାକାର ସାଙ୍ଗକୁ ଷ୍ଟାର ନାଇଟ ପ୍ରୋଗ୍ରାମର ବ୍ୟବସ୍ଥା କରାଯାଇଛି ।ଉତ୍ସବର ଜୋରସୋର ପ୍ରଚାର ପ୍ରସାର ନିମନ୍ତେ ଆଜି ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି। ସୂଚନାମତେ ପ୍ରଚାର ରଥ ବ୍ଲକର ୨୮ ଟି ଗ୍ରା.ପ ଯାଇ ପ୍ରଚାର ପ୍ରସାର କରିବା ଲକ୍ଷ ରଖାଯାଇଛି । ପ୍ରଚାର ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ଖଳିଆପାଲି ସରପଞ୍ଚ ଜିମୁତ ବାହାନ ହରପାଳ, ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ସୁଧୀର ପ୍ରସାଦ ସାହୁ, ଆଶୁତୋଷ ରାଉତ, ସୋମ୍ୟରଞ୍ଜନ ଅଗସ୍ତି, ସୁଶାନ୍ତ ଦଳେଇ, ଗଙ୍ଗାବିଷ୍ଣୁ ମୁଣ୍ଡ, ଗଙ୍ଗା ରାଉତ, ଦିନେଶ ପାନକା, ଦୀପ୍ତିବନ୍ତ ରାଉତ, ଶ୍ୟାମସୁନ୍ଦର ଅଗ୍ରୱାଲ, ସମୀର ସାହୁ, ଲବଜି ପଟେଲ, ପୂର୍ଣ୍ଣଚନ୍ଦ୍ର ପୁଝାରି ପ୍ରମୁଖ ଉପସ୍ଥିତ ଥିଲେ।




# ପଞ୍ଜୀକରଣ କେନ୍ଦ୍ରରେ ପିଇବା ପାଣି ମିଳୁନି



**ଭବାନୀପାଟଣା, ୨୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ଓ ଜିଲ୍ଲା ହସ୍ପିଟାଲକୁ ଦୈନିକ ଶହ ଶହ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଆସୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଭାବେ ପଞ୍ଜୀକରଣ କେନ୍ଦ୍ର, ହେଲ୍ପଡେସ୍କ ଓ ଔଷଧ ବିତରଣ କେନ୍ଦ୍ର ଗୋଟିଏ ସ୍ଥାନରେ କରାଯାଇଛି । ଏଥିସହ ମହିଳା ଓ ବରିଷ୍ଠ ନାଗରିକଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । କିନ୍ତୁ ଏହି ସ୍ଥାନରେ ପିଇବା ପାଣି ବ୍ୟବସ୍ଥା ନଥିବା ଯୋଗୁଁ ଅନେକ ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ବରିଷ୍ଠ ନାଗରିକମାନେ ଅସୁବିଧାର ଶିକାର ହେଉଛନ୍ତି । ପିଇବା ପାଣି ପାଇଁ ଏକ ଅକ୍ୟୁଆଗାର୍ଡ ଲଗାଯାଇଥିଲେ ସୁଦ୍ଧା ତାହା ଅକାମି ହୋଇପଡ଼ିଛି । ମରାମତି କରାଯାଉନଥିବାରୁ ଦୂର ଦୁରାନ୍ତରୁ ଆସୁଥିବା ରୋଗୀ ପାଣି ପାଇଁ ହଇରାଣ ହେଉଛନ୍ତି ।ତୁରନ୍ତ ପିଇବା ପାଣି ବ୍ୟବସ୍ଥା କରିବାକୁ ସାଧାରଣ ରେ ଦାବି ହୋଇଛି ।




ସୀମାନ୍ତରେ ସଂହତି ଓ ସମ୍ପର୍କର ସେତୁ ବୁଢ଼ାରଜା କ୍ରିକେଟ କପ୍

# କ୍ରୀଡ଼ାପ୍ରେମୀ ଓ କ୍ରୀଡ଼ାବିତ୍‌ଙ୍କ ମହାମିଳନ



**ସିନାପାଲି, ୨୭ ।୧୨(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସୀମାନ୍ତ ସିଙ୍ଗଝରସ୍ଥିତ ବୁଢ଼ାରଜା ମିନି ଷ୍ଟାଡିୟମରେ ଚାଲିଥିବା ବୁଢ଼ାରଜା କ୍ରିକେଟ କପ ସିଜନ-୭ ସଂହତି ଓ ସମ୍ପର୍କର ସେତୁ ସାଜିଥିବା ବେଳେ କ୍ରୀଡ଼ା ପ୍ରେମୀ, କ୍ରୀଡ଼ାବିତ, ଖେଳାଳି ତଥା ଦର୍ଶକମାନଙ୍କ ମଧ୍ୟରେ ମହା ମିଳନ ଘଟି ଭାବର ଆଦାନ ପ୍ରଦାନ ସାଙ୍ଗକୁ ଭାତୃଭାବ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଚଳିତ ବର୍ଷ ସିଜନ-୭ ରେ ପଦାର୍ପଣ କରିଥିବା ବେଳେ ଖେଳ ଦେଖିବା ପାଇଁ ପ୍ରବଳ ଜନସମାଗମ ହେଉଛି । କ୍ରୀଡାର ବିକାଶ ସାଙ୍ଗକୁ ନିମନ୍ତ୍ରିତ ରାଜନେତା, ପ୍ରଶାସନ ଅଧିକାରୀ, ସମାଜ ସେବୀ, ସାମ୍ବାଦିକ, ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଡାକି ଅଞ୍ଚଳର ସମସ୍ୟାର ସମାଧାନ ଓ କ୍ରୀଡ଼ା ଭିତ୍ତିଭୂମି ର ବିକାଶ ଦିଗରେ ସୁଚାଇବା ମଧ୍ୟ ପ୍ରମୁଖ ଲକ୍ଷ୍ୟ ବୋଲି ଆୟୋଜକ କମିଟିର ସଭାପତି ପ୍ରେମ ଚାନ୍ଦ ବୈଠାରୁ ପ୍ରକାଶ କରିଛନ୍ତି । ଏହି ଟୁର୍ଣାମେଣ୍ଟ ସିଙ୍ଗଝର ଅଞ୍ଚଳରେ ଏକ ଲୋକମହୋତ୍ସବ ଭାବରେ ପରିଗଣିତ ହୋଇଥିବା ବେଳେ ଅଞ୍ଚଳରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି । ଟୁର୍ଣାମେଣ୍ଟକୁ ଶୃଙ୍ଖଳିତ ଓ ଆକର୍ଷଣୀୟ ସାଙ୍ଗକୁ ସୁଦୂର ପ୍ରସାରି କରିବା ପାଇଁ କମିଟିର ସଦସ୍ୟମାନେ ଦିନରାତି ପରିଶ୍ରମ କରି ପିଚ୍ ନିର୍ମାଣ, ଦର୍ଶକ ଗ୍ୟାଲେରୀ, କଣ୍ଟ୍ରୋଲ ରୁମ, ପ୍ୟାଭିଲିୟନ, କମନଟ୍ରି ବକ୍ସ ସମେତ ବିଭିନ୍ନ ଷ୍ଟଲ ନିର୍ମାଣ କରି ସଫଳ ଟୁର୍ଣାମେଣ୍ଟରେ ସୁନାମ ଆଣିବା ପାଇଁ ଅହରହ ଉଦ୍ୟମ ଚଳାଇଛନ୍ତି ।ନୂଆପଡ଼ା ଜିଲ୍ଲାରେ ଏକ ପ୍ରମୁଖ ଟୁର୍ଣାମେଣ୍ଟ ଭାବରେ ପ୍ରତିଯୋଗିତା ଉଭା ହୋଇ ଥିବା ବେଳେ ଚଳିତ ବର୍ଷ ମଧ୍ୟ ଓଡ଼ିଶା ସମେତ ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ର ପ୍ରମୁଖ ଦଳ ଯୋଗଦାନ କରିଛନ୍ତି ।ମୋଟ ୧୬ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ବିଜେତା ଦଳକୁ ଟ୍ରଫି ସହ ୧ ଲକ୍ଷ ଓ ଉପବିଜେତା ଦଳକୁ ଟ୍ରଫି ସହ ୭୦ ହଜାର, ସିରିଜ ପାଇଁ ଟ୍ରଫି ସହ ୭ ହଜାର ୭୭୭ଟଙ୍କା ପୁରସ୍କାର ରାଶି ରଖାଯାଇଛି । ସେହିପରି ବେଷ୍ଟ ବୋଲର, କିପର, ଫିଲ୍ଡର, ଶୃଙ୍ଖଳିତ ଦଳ ପାଇଁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୨୮ ତାରିଖ ରବିବାର ଦିନ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।ଏଥିରେ ବହୁ ନେତା, ରାଜନେତା, ପ୍ରାସାସନିକ ଅଧିକାରୀ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଓଡ଼ିଶାର ସୁନାମଧନ୍ୟ କଳାକାର ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି ।

# ଆନ୍ତର୍ଜାତିକ ତାଏକ୍ୱୋଣ୍ଡୋରେ ଢେଙ୍କାନାଳକୁ ରୌପ୍ୟ ପଦକ



ଢେଙ୍କାନାଳ,୨୭ ।୧୨(ସମିସ)

ଢେଙ୍କାନାଳ ଗୁରୁଦେବଜୀ ଗୁରୁକୁଳର ବିଶ୍ୱଜିତ ମହାପାତ୍ର ଆନ୍ତର୍ଜାତିକ ତାଏକ୍ୱୋଣ୍ଡୋରେ ଢେଙ୍କାନାଳ ପାଇଁ ରୌପ୍ୟ ପଦକ ହାସଲ କରିଥିବାର ଜଣାପଡିଛି। ସ୍ପୋର୍ଟ କମ୍ପ୍ଲେକ୍ସ ଗୁରୁ ଦେବଜୀ ଗୁରୁକୁଳ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ର ବିଶ୍ୱଜିତ ମହାପାତ୍ର କୋଲକାତାର ବିଶ୍ୱ ବଙ୍ଗଳା କନଭେନସନ ସେଣ୍ଟରରେ ୯ମ ଓପନ ଅନ୍ତର୍ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭ ବର୍ଷ କମ ବିଭାଗରେ ବିଶ୍ୱଜିତ ମହାପାତ୍ର ଭାଗ ନେଇ ସଫଳତାର ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଆଜି ସେ ଢେଙ୍କାନାଳରେ ପହଞ୍ଚିଲା ପରେ ଗୁରୁକୁଳର ମୂଖ୍ୟ କୋଚ୍ ତଥା ଜାତୀୟ ସ୍ତରର କୋଚ୍ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ବିଶ୍ୱଜିତଙ୍କୁ ଢେଙ୍କାନାଳ ମଗଜି ମିଠା ଖୁଆଇ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା କରିଥିଲେ। ଏହି ପ୍ରତିଯୋଗିତା ଚଳିତ ମାସ ୨୧ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଏଥିରେ ୭ଟି ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ। ସେଥି ମଧ୍ୟରୁ ଢେଙ୍କାନାଳର ବିଶ୍ୱଜିତ ଫୁମସେ ଖେଳରେ ଦ୍ୱିତୀୟ ସ୍ଥାନ ହାସଲ କରି ଦେଶ, ରାଜ୍ୟ, ଜିଲ୍ଲା, ବିଦ୍ୟାଳୟ ଓ ଗୁରୁକୁଳ ପାଇଁ ଗର୍ବ ଗୌରବ ଆଣିପାରିଛନ୍ତି। ଏହି ସଫଳତା ପାଇଁ ଗୁରୁଦେବଜୀ ଗୁରକୁଳର ଅଧ୍ୟକ୍ଷ, ପ୍ରଶିକ୍ଷକଙ୍କ ସମେତ ଉଭୟ ସ୍କୁଲର ମ୍ୟାନେଜିଙ୍ଗ କମିଟି, ଅଧ୍ୟକ୍ଷ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡ଼ାବିତ, କ୍ରୀଡ଼ାପ୍ରେମୀ ଓ ବୁଦ୍ଧିଜୀବୀ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ● ପୁଲିକୁ ଆକ୍ରମଣ ମାମଲା

## ମାନବାଧିକାର କର୍ମୀ ନିର୍ଦ୍ଦୋଷରେ ଖଲାସ

କାମାକ୍ଷାନଗର,୨୭ ।୧୨(ସମିସ): ପୁଲିସକୁ ଆକ୍ରମଣ ଓ ପୁଲିସ କାମରେ ଅନଧିକାର ହସ୍ତକ୍ଷେପ ମାମଲାର ବିଚାର କରି କାମାକ୍ଷାନଗର ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଲୋଫର ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଭଜମନ ପୁଲିସକୁ ଆକ୍ରମଣ ତଥା ପୁଲିସ କାମରେ ଅନଧିକାର ହସ୍ତକ୍ଷେପ କରିଥିବା ତତ୍କାଳୀନ ଢେଙ୍କାନାଳ ଏସ୍‌ପି (ବର୍ତ୍ତମାନର ପୁଲିସ ଆଇଜି, ସ୍ପେଶିଆଲ ଆର୍ମଡ ଫୋର୍ସ) ସତୀଶ ଗଜଭିଏ କାମାକ୍ଷାନଗର ଥାନାରେ ୨୦୦୯ରେ ମାର୍ଚ୍ଚ ୩୦ରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ପରେ ପୁଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଭଜମନ ଓଡ଼ିଶା ଉଚ୍ଚ ନ୍ୟାୟାଳୟରୁ ଜାମିନ ପାଇଥିଲେ। ଏହି ମାମଲା କାମାକ୍ଷାନଗର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ବିଚାରାଧୀନ ଥିଲା। ଏହି ମାମଲାରେ ବହୁ ଉଚ୍ଚପଦସ୍ଥ ପୁଲିସ ଅଧିକାରୀ ସାକ୍ଷ୍ୟ ପ୍ରଦାନ ମଧ୍ୟ କରିଥିଲେ। ସେମାନଙ୍କ ମଧ୍ୟରେ ତତ୍କାଳୀନ ଏସ୍‌ପି ସତୀଶ ଗଜଭିଏ ଓ ଏଆଇଜି ବିମଳେନ୍ଦୁ ଶତପଥୀ ମଧ୍ୟ ଥିଲେ। ତେବେ ଏହି ମାମଲାର ବିଚାର କରି ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଲୋଫର ଭଜମନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଭଜମନଙ୍କ ପକ୍ଷରୁ ଆଇନଜୀବୀ ସର୍ବଜିତ ଜୀ ମାମଲା ପରିଚାଳନା କରୁଥିଲେ। ଆଇନଜୀବୀ ଆଶୁତୋଷ ସାହୁ, ଶର୍ମିଷ୍ଠା ପ୍ରିୟଦର୍ଶିନୀ ଓ ସୁବ୍ରତ ନାୟକ ସହାୟତା କରିଥିଲେ।

## ବହିର୍ବିଭାଗ ସେବା ଘଣ୍ଟାଏ ବନ୍ଦ

ଢେଙ୍କାନାଳ,୨୭ ।୧୨(ସମିସ): ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓଏମ୍‌ଏସ୍‌ଏ)ର ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ସମସ୍ତ ବହିର୍ବିଭାଗ ବନ୍ଦ ରହିଥିଲା। ମାତ୍ର



ଜରୁରୀ କାଳୀନ ସେବା ଯୋଗାଇ ଦିଆଯାଇଥିଲା। ଯେ ପର୍ଯ୍ୟନ୍ତ ସରକାର ଡାକ୍ତରମାନଙ୍କ ୧୩ଦଫା ଦାବି ପୂରଣ ନ କରିଛନ୍ତି ସେ ପର୍ଯ୍ୟନ୍ତ ଏହି ବନ୍ଦ ପାଳନ ଚାଲୁ ରହିବ ବୋଲି ଡା. ନୀଳମଣି ଦିଲୀପ ଚାନ୍ଦ ବେହେରା, ଡା. ରଞ୍ଜନ କୁମାର ସାମଲ, ଡା. ସତ୍ୟନାରାୟଣ ମହାପାତ୍ର, ଡା. ପ୍ରଦୋତ ବେହେରା, ଡା. ଅଭିମନ୍ୟୁ ଆଚାର୍ଯ୍ୟ, ଡା. ନମିତା ପଟ୍ଟନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ଏଥିରେ ଢେଙ୍କାନାଳ ଜିଲ୍ଲାର ସମସ୍ତ ଡାକ୍ତର ଅଂଶଗ୍ରହଣ କରିଥିଲେ।

## ● ୧୫ ବର୍ଷ ହେଲା ନିର୍ମାଣ ଚାଲିଛି କ୍ୱାର୍ଟର୍ସ

## ୧୫ ଦିନରେ ସାରିବାକୁ ବିଧାୟକଙ୍କ ନିର୍ଦ୍ଦେଶ



ଭୁବନ,୨୭ ।୧୨(ସମିସ): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିମନ୍ତେ ୨୦୧୦ରୁ ଆରମ୍ଭ ହୋଇଥିବା ୮ଟି କ୍ୱାର୍ଟର୍ସ କାମ ଶେଷ ହେବାର ନାଁଗନ୍ଧ ଧରୁନି। ଦୀର୍ଘ ୧୫ ବର୍ଷ ହେଲା ଚାଲିଛି ନିର୍ମାଣ। ଫଳରେ ଡାକ୍ତରଙ୍କ ନିମନ୍ତେ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ଅନ୍ୟ କର୍ମଚାରୀ ରହୁଛନ୍ତି। ଗତ ୧୫ ଦିନ ପୂର୍ବେ ୩ ଜଣ ଡାକ୍ତର କାର୍ଯ୍ୟରେ ଯୋଗଦେଇଛନ୍ତି। ରହିବା ପାଇଁ କ୍ୱାର୍ଟର୍ସ ଅଭାବ ଦେଖାଦେଇଛି। ଖବର ପାଇ ବିଧାୟକ ଶତ୍ରୁଘ୍ନ ଜେନା ଡାକ୍ତରଖାନାରେ ପହଞ୍ଚି ରୋଗୀ କଲ୍ୟାଣ ସମିତି ସହ ଆଲୋଚନା କରି ୧୫ ଦିନ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଗଁଦିଆରେ ଉପ କୋଷାଗାର ଖୋଲିବାକୁ ଦାବି

ଗଁଦିଆ,୨୭ ।୧୨(ସମିସ): ଗଁଦିଆ ପଞ୍ଚାୟତ ସମିତି ବୈଠକକୁ ଯୋଗଦାନ କରିବା ପାଇଁ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗସ୍ତ ସମୟରେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ସାକ୍ଷାତ କରି ଗଁଦିଆ ବ୍ଲକ ସଦର ମହକୁମାରେ ଉପ କୋଷାଗାର ଖୋଲିବା ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିଜୟ କୁମାର ସାମନ୍ତ, କାର୍ଯ୍ୟକାରୀ ସଭାପତି ହରିହର ସାହୁ, ଉପଦେଷ୍ଟା ଦଣ୍ଡଧର ସାହୁ, ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ସହ ସମ୍ପାଦକ ଅନନ୍ତ ନାରାୟଣ ଶତପଥୀ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀଙ୍କ ଗଁଦିଆ ବ୍ଲକ ପ୍ରତିନିଧି ତଥା ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ ମଧ୍ୟ ମନ୍ତ୍ରୀଙ୍କୁ ଏହି ବିଷୟରେ ଅବଗତ କରାଇଥିଲେ। ଗଁଦିଆ ବ୍ଲକରେ ଉପ କୋଷାଗାର ଖୋଲାଗଲେ ବରିଷ୍ଠ ନାଗରିକଙ୍କ ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପକୃତ ହେବେ ବୋଲି ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ସାହୁ କହିଛନ୍ତି।

## ଯୋରନ୍ଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ଯୋରନ୍ଦା,୨୭ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷଡ଼ବିଂଶ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ରୂପେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ଚରିତ୍ର ଗଠନକୁ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମଧ୍ୟ ସମ୍ବାଗ ସମ୍ପାଦକ ସନ୍ତୋଷ



କୁମାର ପୃଷ୍ଟି ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ହୋତା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଉପେନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ପାତ୍ର ବିଦ୍ୟାଳୟର ଉନ୍ନତୀକରଣ ପାଇଁ ସହାୟତା ଘୋଷଣା କରିଥିଲେ। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ। ସଭାପତି ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଦିଗମ୍ବର ସାହୁ, କୋଷାଧ୍ୟକ୍ଷ ଅମ୍ବୁଜ ବଲ୍ଲଭ ସାହୁ, ସଭ୍ୟ ସମରେନ୍ଦ୍ର ମହାନ୍ତି, ସଭ୍ୟା ନୟନୀ ବେହେରା, ନର୍ମଦା ବିଶ୍ୱାଳ, ପୁରାତନ କମିଟି ସଭ୍ୟ ଅମ୍ବିକା ପ୍ରସାଦ ମିଶ୍ର, ଧର୍ମାନନ୍ଦ ରାଉତ, ପ୍ରସନ୍ନ କୁମାର ରାଉତ, ଶରତ କୁମାର ପ୍ରଧାନ, ଯଦୁନନ୍ଦନ ଦାସ, ପ୍ରତ୍ୟୁଷହରି ପ୍ରଧାନ, ମହାଦୀପ ଯଶୋବନ୍ତ ମହିମା ପ୍ରମୁଖ ଉପସ୍ଥିତ ଥିଲେ। ନୃତ୍ୟଗୁରୁ ଦେବଯାନୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପୂର୍ବ ଆଚାର୍ଯ୍ୟ ଆଚାର୍ଯ୍ୟା ଏକତ୍ରୀକରଣ

ଢେଙ୍କାନାଳ,୨୭ ।୧୨(ସମିସ): ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପରିସରରେ ବିଦ୍ୟାଳୟର ପୂର୍ବ



ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ନେଇଏକ ପୂର୍ବ ଆଚାର୍ଯ୍ୟ ଆଚାର୍ଯ୍ୟା ଏକତ୍ରୀ କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ମଧ୍ୟ ସମ୍ବାଗର ସଂଭାଗ ସଂପାଦକ ସନ୍ତୋଷ ପୃଷ୍ଟି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବରେ ଓଡ଼ାପଡ଼ା ସଙ୍କୁଳର ସଙ୍କୁଳ ପ୍ରମୁଖ ଅଶୋକ ମହାରଣା ଏବଂ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶେଷଦେବ ସାହୁ,ସମ୍ପାଦକ ମହେଶ୍ୱର ନାୟକ,ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ପୃଷ୍ଟି ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସମାଜ ଜାଗରଣରେ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ଭୂମିକା ପ୍ରସଙ୍ଗରେ ବକ୍ତବ୍ୟ.ପ୍ରଦାନ କରିଥିଲେ। ପୂର୍ବ ଆଚାର୍ଯ୍ୟ ଏବଂ ଆଚାର୍ଯ୍ୟା ନିଜ ନିଜର ବର୍ତ୍ତମାନର ସ୍ଥିତି ଏବଂ ବିଦ୍ୟାଳୟର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କିରଥିଲେ।

## ଅଧ୍ୟାପକଙ୍କୁ ବେଷ୍ଟ ଏଡିଟର ସମ୍ମାନ

ଖଜୁରିଆକଟା,୨୭ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଡକ୍ଟର ମହେନ୍ଦ୍ର କୁମାର ସ୍ୱାଇଁଙ୍କୁ ଆଇଏସ୍‌ଡିଆର୍ ପକ୍ଷରୁ ୨୦୨୫ ମସିହା ପାଇଁ "ବେଷ୍ଟ ଏଡିଟର୍ ଆୱାର୍ଡ଼' ପ୍ରଦାନ କରାଯାଇଛି। ଜାତୀୟସ୍ତରୀୟ ଜର୍ଣ୍ଣାଲ "ଜର୍ଣ୍ଣାଲ ଫର ସୋସିଆଲ ରିଅଲିଟି'ରେ ଉଚ୍ଚକୋଟୀର ସମ୍ପାଦନା ନିମିତ୍ତ



ତାଙ୍କୁ ସମ୍ମାନିତ କରାଯାଇଛି। ଡକ୍ଟର ସ୍ୱାଇଁ କ୍ରମାଗତ ଭାବେ ୨୦୨୩ ମସିହା ଠାରୁ ୩ ବର୍ଷ ଧରି ଏହି ବିରଳ କୃତିତ୍ୱ ହାସଲ କରିବାରେ ସଫଳ ହୋଇଛନ୍ତି। ପ୍ରଚଣ୍ଡ ଧିଶକ୍ତି, ଅଦମ୍ୟ କର୍ତ୍ତବ୍ୟ ନିଷ୍ଠା ଓ ପ୍ରତିକୂଳ ସମୟ ମଧ୍ୟରେ ଡକ୍ଟର ସ୍ୱାଇଁ ଏକ ଦଶନ୍ଧିରୁ ଉର୍ଦ୍ଧ ସମୟ ଧରି ଜଣେ ସଫଳ ଗବେଷକ, ଯୁବ ଐତିହାସିକ ସହ ଜଣେ କର୍ତ୍ତବ୍ୟନିଷ୍ଠ ଅଧ୍ୟାପକ ଭାବେ ପାରଦର୍ଶିତା ଲାଭ କରିଛନ୍ତି। ନିଜ କର୍ମମୟ ଜୀବନ ମଧ୍ୟରେ ସେ ୨୦ରୁ ଉର୍ଦ୍ଧ ପୁସ୍ତକ ରଚନା ଓ ସମ୍ପାଦନା କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେନିଜକୁ ପ୍ରତିପାଦନ କରିଛନ୍ତି। "ଜାତୀୟ ଶିକ୍ଷାନୀତି ୨୦୨୦" ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନା ହେଉ କିମ୍ବା ଭାରତର ବିଭିନ୍ନ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଗୁରୁ ଦକ୍ଷତା କାର୍ଯକ୍ରମ ହେଉ, ସବୁଥିରେ ନିଜର ପାରଦର୍ଶିତା ଲାଭ କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ସେ ହିନ୍ଦୋଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ଧଳ, ସମସ୍ତ ଅଧ୍ୟାପକ ମଣ୍ଡଳୀ ସମେତ ସମସ୍ତ କର୍ମଚାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସ୍ଥାନୀୟ ଓକେସିଏଲ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ଶାଖା ପରିଚାଳକ ପ୍ରଶାନ୍ତ କୁମାର ଜେନାମଣି ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କହିଛନ୍ତି।

## ମହାବିଦ୍ୟାଳୟ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ




ଭୁବନ,୨୭ ।୧୨(ସମିସ): ସ୍ଥାନୀୟ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ. ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଯାତ୍ରା ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଇତିହାସ ବଭାଗ ମୁଖ୍ୟ ପ୍ରଫୁଲ୍ଲ କୁମାର ଭୂୟାଁ, ଅଧ୍ୟାପକ ପ୍ରଭାତ କୁମାର ଜେନା ଓ ମୁଖ୍ୟ କିରାଣି କୈଳାସ ଚନ୍ଦ୍ର ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ନାଟ୍ୟସଂସଦ ଉପସଭାପତି ଅଧ୍ୟାପକ ପାର୍ଥ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଆଲୋକ ରଞ୍ଜନ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟ୍ୟସଂସଦ ସଦସ୍ୟ ନନ୍ଦକିଶୋର ଧୀର ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତତିନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ ଓ ହାସ୍ୟାଭିନୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ଶୋକ

ଢେଙ୍କାନାଳ,୨୭ ।୧୨(ସମିସ): ଓଡ଼ିଶା ବିଜେପିର ବରିଷ୍ଠ ନେତ୍ରୀ ତଥା କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ଢେଙ୍କାନାଳ ବିଜେପି ଗଭୀର ଶୋକ ପ୍ରକାଶ କରିଛି।



ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ଜିଲ୍ଲା ମିଡିଆ ସେଲ୍ ପ୍ରଭାରୀ ନବ କିଶୋର ଗୁରୁ ପ୍ରମୁଖ ଗଭୀର ଶୋକ ପ୍ରକଟ କରିବା ସହ ଶ୍ରୀମତୀ ମହାନ୍ତିଙ୍କ ବିୟୋଗ ଓଡ଼ିଶା ବିଜେପି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବ୍ୟକ୍ତ କରିଛନ୍ତି। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ତୁଳସୀ ପୂଜନ ଦିବସ ପାଳିତ

ଢେଙ୍କାନାଳ,୨୭ ।୧୨(ସମିସ): ଢେଙ୍କାନାଳ ଶ୍ରୀଜଗନ୍ନାଥ ସେବା ସମିତି ଓ ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ତରଫରୁ ତୂଳସୀପୂଜନ ଦିବସ ଦଧିବାମନ ଜୀୟୁ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତିରେ ତୁଳସୀଙ୍କ ମହାତ୍ମ୍ୟ ଅତୂଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଆର୍ଯ୍ୟରତ୍ନ ଚକ୍ରଧରଙ୍କ ସଭାପତିତ୍ୱରେ ସମସ୍ତ ସଦସ୍ୟ ଶ୍ରୀ ଜଗନ୍ନାଥ ସଂସ୍କୃତିରେ ତୂଳସୀଙ୍କ ମହାତ୍ମ୍ୟ କିପରି ରହିଛି ତାହା ଆଲୋଚନାକରିଥିଲେ। ଶ୍ରୀ ଜଗନ୍ନାଥଙ୍କ ପ୍ରାଣ ବଲ୍ଲଭୀ ଭାବେ ତୂଳସୀ ସର୍ବଦା ବନ୍ଦନୀୟ। ଘରେ ଘରେ ତୂଳସୀ ବୃନ୍ଦାବତୀଭାବରେ ପୂଜା ପାଉଛନ୍ତି। ପ୍ରାରମ୍ଭରେ କବି ନର୍ମଳା ମହାପାତ୍ରଙ୍କ ରଚିତ ତୂଳସୀପାଠ କରିଥିଲେ। ପରେ କଣ୍ଠଶିଳ୍ପୀ ଅକ୍ଷୟ ନାୟକ, ସୌଦାମିନୀ ସାହୁ, ଅଞ୍ଜଳି ଶତପଥୀ, ନର୍ମଳା ସାହୁ, ଅବନୀ ମିଶ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଭାବଗ୍ରାହୀ ପଣ୍ଡା, ମନୋରମା ସିଂହ, ନିର୍ମଳ ସାହୁ, କିଶୋରଚନ୍ଦ୍ର ମିଶ୍ର, ସଞ୍ଜିତ ସାହୁ, ରାଜକିଶୋର ବେହେରା, ପୁରୁଷୋତ୍ତମ ନନ୍ଦ, ପ୍ରେମାନନ୍ଦ ଶତପଥୀ, ଅଥୟ ସାହୁ, ଅଶ୍ୱିନୀ ସାହୁ, ରୂପଶ୍ରୀ ମିଶ୍ର, ସଙ୍ଗୀତା ହୋତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।






### ତୃତୀୟ ଅଲ୍ ଇଣ୍ଡିଆ ବିରାଶାଳ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ବିଡ଼ାନାସୀକୁ ହରାଇ ଫାଇନାଲରେ କେନ୍ଦୁଝର

କାମାକ୍ଷାନଗର,୨୭ ।୧୨(ସମିସ): ବିରାଶାଳ କଳିଙ୍ଗ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ତୃତୀୟ ଅଲ ଇଣ୍ଡିଆ ବିରାଶାଳ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ବିରାଶାଳ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏଥିରେ କଟକ ବିଡ଼ାନାସୀ କ୍ଲବକୁ ୬୩ ରନରେ ହରାଇ କେନ୍ଦୁଝର ଫେମସ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଫେମସ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୨୧୧ ସଂଗ୍ରହ କରିଥିଲା। ଦଳ ତରଫରୁ ସୋମ୍ୟାଂଶୁ




ପଟ୍ଟନାୟକ ୪୫ ରନ ସଂଗ୍ରହ କରିଥିଲେ। ଜବାବରେ ବିଡ଼ାନାସୀ ଦଳ ୧୮.୧ ଓଭରରେ ୧୪୮ ରନ କରି ଅଲଆଉଟ ହୋଇଯାଇଥିଲା। ବିଡ଼ାନାସୀ ଦଳ ତରଫରୁ ଜୀବନଜ୍ୟୋତି ଜେନା ୭୪ ରନର ଦର୍ଶନୀୟ ଇନିଂସ ଖେଳିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଫେମସ କ୍ଲବର ମୋହିତ ମହାନ୍ତଙ୍କୁ ବିରାଶାଳ ଏୟାରଷ୍ଟ୍ରିପର ପାଇଲଟ ସନତ କୁମାର ଡିଗା ଓ ବିଜେପି ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ମିଶ୍ର ପୁରସ୍କୃତ କରିଥିଲେ। ଅମ୍ପାୟର ସୁରେନ୍ଦ୍ର ସାହୁ, ଦିବ୍ୟଜ୍ୟୋତି ସାହୁ, ସ୍କୋରର ଭାବେ ସନ୍ତୋଷ ବାରିକ, କାହ୍ନୁ ଦାସ, ଆଶୁତୋଷ ବେହେରା ଖେଳ ପରିଚାଳନା କରିଥିଲେ। ବିପିନ ବିହାରୀ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

# ବାଲେଶ୍ୱର ପବନରେ ବିଷ ପୁରାଉଛି କିଏ ?

ବାଲେଶ୍ୱର,୨୭।୧୨(ସମିସ)





କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)ର ରିପୋର୍ଟ ଅନୁସାରେ ବାଲେଶ୍ୱରକୁ ଦେଶର ସବୁଠୁ ଅତ୍ୟନ୍ତ ପ୍ରଦୂଷିତ ସହର ଭାବେ ଘୋଷଣା କରାଯାଇଛି। ଏମିତିକି ଏୟାର କ୍ୱାଲିଟି ଇଣ୍ଡେକ୍ସ ବା ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ)ରେ ସହରର ଦିଲ୍ଲୀକୁ ପଛରେ ପକାଇ ଦେଇଛି। ଜିଲ୍ଲାରେ ସଡକ ଜନିତ ଧୂଳି, କଳକାରଖାନା, ବେଆଇନ ଇଟାଭାଟି ଚାଲିବା, କ୍ଷେତରେ ନଡ଼ା ଜାଳିବା ଏହାର ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦୂଷଣ ରୋକାଯାଇପାରିବ ବୋଲି ସଚେତନ ନାଗରିକ ମତପ୍ରକାଶ କରିଛନ୍ତି। ଦିଲ୍ଲୀ ସମେତ ଦେଶର ବଡ଼ ବଡ଼ ସହରଠାରୁ ଓଡ଼ିଶାର ବାୟୁମଣ୍ଡଳ ଅଧିକ ପ୍ରଦୂଷିତ ହୋଇଯାଇଛି। ଆଜିର ଦିନରେ ବାଲେଶ୍ୱର ଭାରତର ସବୁଠାରୁ ପ୍ରଦୂଷିତ ସହର। ବାଲେଶ୍ୱରର ବାୟୁର ମାନ (ଏକ୍ୟୁ ଆଇ) ୩୩୮ ଛୁଇଁଛି, ଯାହାକି ଅତି ନିମ୍ନମାନର। ଏଭଳି ପ୍ରଦୂଷିତ ପବନ ସ୍ଥାନୀୟ ଅଞ୍ଚଳରେ ଜନଜୀବନକୁ ପ୍ରଭାବିତ କରୁଛି। ଏହା ସହ ବିଶେଷ ଭାବରେ ଶ୍ୱାସରୋଗୀଙ୍କ ସ୍ଥିତି ବିଗାଡ଼ିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। ଭାରତର ୧୦ଟି ସର୍ବାଧିକ ବାୟୁ ପ୍ରଦୂଷିତ ସହର ତାଲିକାରେ ଓଡ଼ିଶାର ୭ଟି ସହର ସ୍ଥାନ ପାଇଛି। ବାୟୁ ପ୍ରଦୂଷଣରେ ବାଲେଶ୍ୱର ଦେଶର ପ୍ରଥମ ସ୍ଥାନରେ ଥିବାବେଳେ ତାଳଚେର ଦ୍ୱିତୀୟ ଓ ବାରିପଦା ୬ ନମ୍ବରରେ ରହିଛି।

ଗତ ୨୪ ଘଣ୍ଟାର ବାୟୁ ପ୍ରଦୂଷଣ ସ୍ତରକୁ ଅନୁଧ୍ୟାନ କରି ଗୁରୁବାର ଅପରାହ୍ନ ୪ ଘଟିକାରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଜାରି କରିଥିବା ହାରାହାରି ଏକ୍ୟୁଆଇ ରିପୋର୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ଦେଶର ୭ଟି ସହରରେ ବାୟୁର ମାନ ଅତି ନିମ୍ନସ୍ତରୀୟ ଭାବେ ଲାଲ୍ ରଙ୍ଗରେ ଚିହ୍ନଟ କରାଯାଇଥିବାବେଳେ ଏଥିରେ ଓଡ଼ିଶାର ୩ଟି ସହର ରହିଛି। ଏକ୍ୟୁଆଇ ୩ ଶହରୁ ୪ ଶହ ଭିତରେ ରହିଲେ ଏହାକୁ ଅତି ନିମ୍ନମାନର କୁହାଯାଇଥାଏ। ବର୍ଷର ଶୀତ ଦିନ ସମୟରେ ସାଧାରଣତଃ ବାୟୁ ପ୍ରଦୂଷଣ ବଢ଼ିଥାଏ। କୁହୁଡ଼ି ଓ ଆଦ୍ରତା ଘନତ୍ୱ ଆଉ ଏକ କାରଣ। ବିଭିନ୍ନ ସ୍ଥାନରେ ରାସ୍ତା ମରାମତି, ଖୋଳାତଡ଼ା ଚାଲିଥିବା ସମୟରେ ଅତ୍ୟଧିକ ଯାନବାହନ ଚଳାଚଳ ଯୋଗୁଁ ମଧ୍ୟ ବାୟୁର ମାନ ବିଶେଷ ଭାବରେ ପ୍ରଦୂଷିତ ହୋଇଥାଏ। ତେବେ ବାଲେଶ୍ୱର ଜିଲ୍ଲାର ସ୍ଥିତି ମଧ୍ୟ ସମାନ। ବାଲେଶ୍ୱରକୁ ଲାଗି ରହିଥିବା ବିସ୍ତୀର୍ଣ୍ଣ ସମୁଦ୍ର ବେଳାଭୂମିରେ ସମୁଦ୍ର ଲବଣରୁ ମଏଶ୍ଚର ଫର୍ମେସନ୍ ବି ଅନ୍ୟ ଏକ କାରଣ ଅଟେ। ୨୦୨୧ର ରିପୋର୍ଟ ଅନୁସାରେ ବାଲେଶ୍ୱର ଜିଲ୍ଲାର ବାୟୁରେ ଧୂଳିକଣାର ମାତ୍ରା ବର୍ଷକୁ ୩.୫୯ ମେଟ୍ରିକ୍ ଟନ୍ ରୋଡ ଡଷ୍ଟରୁ ନିର୍ଗତ ହୋଇଥାଏ। ଏହା ପଛକୁ ଘରୋଇ ନିର୍ମାଣ ପ୍ରଦୂଷଣ ରହିଛି। ଗତ କିଛି ଦିନ ଅନ୍ତରରେ ବିଭିନ୍ନ ସ୍ଥାନରେ ଉଚ୍ଛେଦ ସହ କଳକାରଖାନା, ଯାନବାହାନ ଓ ନିର୍ମାଣ ପାଇଁ ମଧ୍ୟ ଏହା ଦାୟୀ। ପ୍ରଦୂଷଣକୁ ନେଇ ଜିଲ୍ଲାପ୍ରଶାସନ ସହ ସମସ୍ତେ ନାଗରିକ ସଚେତନ ହେବା ଆବଶ୍ୟକତା ରହିଛି। ଆମେ ୨୦୨୨ରେ ଏକ ଷ୍ଟଡି କରିଥିଲୁ। ତାହାର ରିପୋର୍ଟ ଅନୁସାରେ ଆମେ ଜାଣିବାକୁ ପାଇଥିଲୁ ଯେ ରୋଡ୍ ଡଷ୍ଟର ପ୍ରଭାବ ଅଧିକ ରହୁଛି। ଯାହାଫଳରେ ପ୍ରଦୂଷଣ ମାତ୍ରା ବଢୁଛି। ଏହାବ୍ୟତୀତ କଳକାରଖାନାର ଧୂଆଁ, ଯାନବାହାନ, ୱେଷ୍ଟ ବର୍ଣ୍ଣିଂ, ନିର୍ମାଣ ଚାଲିଥିବା ରାସ୍ତାର ଧୂଳିର ବି ଅଧିକ ପ୍ରଭାବ ରହୁଛି ବୋଲି ଆଞ୍ଚଳିକ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଲେଶ୍ୱର ଆଞ୍ଚଳିକ ଅଧିକାରୀ ମନମୋହନ ମୁର୍ମୁ କହିଛନ୍ତି। ବାୟୁ ପ୍ରଦୂଷଣ ରୋକିବା ଦିଗରେ ସମସ୍ତେ ସଚେତନ ନହେଲେ ଆଗାମୀ ଦିନରେ ବାଲେଶ୍ୱରବାସୀଙ୍କ ସ୍ଥିତି ଉଦ୍‌ବେଗଜନକ ହେବ ବୋଲି ଅନୁମାନ କରାଯାଇଛି।

**• ନିର୍ମାଣ ଚାଲିଥିବା ରାସ୍ତା ଧୂଳିର ଅଧିକ ପ୍ରଭାବ ରହୁଛି**
**ଦ୍ୱିତୀୟରେ ତାଳଚେର ଓ ଷଷ୍ଠରେ ବାରିପଦା**

## • ନାବାଳିକା ଅସଦାଚରଣ ମାମଲା
# ଜ୍ୟୋତିଷଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର,୨୭।୧୨(ସମିସ): ଚଳିତ ବର୍ଷ ଏପ୍ରିଲ ମାସରେ ରେମୁଣା ଥାନା ଅର୍ନ୍ତଗତ ଦୁର୍ଗାଦେବୀ ଅଂଚଳର ଜଣେ ଜ୍ୟୋତିଷ ଏକ ନାବାଳିକାଙ୍କୁ ଅସଦାଚରଣ କରିଥିବା ମାମଲାକୁ ଆଜି ସ୍ୱତନ୍ତ୍ର ପକ୍ସୋ କୋର୍ଟ ଜଜ ଇନ୍ଦିରା ପ୍ରିୟଦର୍ଶିନୀ ୯ ଜଣ ସାକ୍ଷୀ ଏବଂ ୯ଟି ଦସ୍ତାବିଜ ଓ ଦଲିଲକୁ ଆଧାର କରି ଜ୍ୟୋତିଷ ସରୋଜ ନାରାୟଣ ତ୍ରିପାଠୀଙ୍କୁ ୫ ବର୍ଷ ସଶ୍ରମ କରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜୋରିମାନା ଟଙ୍କା ଅନାଦେୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଗତ ଏପ୍ରିଲ ୨୪ରେ ଜ୍ୟୋତିଷ ସରୋଜ ନାରାୟଣ ତ୍ରିପାଠୀ ପୀଡ଼ିତାଙ୍କ ଘରକୁ ଆସିଥିଲେ। ପୀଡ଼ିତାଙ୍କ କିଛି ସମସ୍ୟା ଥିବା ବାହାନା ଦେଖାଇ ତାଙ୍କୁ ଜ୍ୟୋତିଷ ଜଣକ ଏକୁଟିଆ ଏକ ରୁମ୍‌କୁ ନେଇ ଅସଦାଚରଣ କରିଥିଲେ। ଏହି ଘଟଣାରେ ପୀଡ଼ିତା ଜଣକ ତାଙ୍କ ସମ୍ପର୍କୀୟ ଭଉଣୀକୁ କହିଥିଲେ। ପରେ ପରିବାର ଲୋକେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ୧୦୧/୨୫ ନମ୍ବରରେ ଏକ ମାମଲା ରୁଜୁ କରି ଜ୍ୟୋତିଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ନେଇ ଆଜି ଜଜ ଉପରୋକ୍ତ ରାୟ ଶୁଣାଇବା ସହ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ଏକଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ଡେପୁଟି ଡାଇରେକ୍ଟର (ପ୍ରସିକ୍ୟୁସନ) ଦୀପ୍ତି ରଞ୍ଜନ ସେଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରୀ ଓକିଲ ପ୍ରଣବ ପଣ୍ଡା ମାମଲାକୁ ପରିଚାଳନା କରୁଥିଲେ।

# ବାଲେଶ୍ୱର ଶାଖା ରେଲୱେ ମେନ୍ସ ୟୁନିଅନ୍ ଅଫିସରେ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର,୨୭।୧୨(ସମିସ): ଦକ୍ଷିଣ ପୂର୍ବ ରେଳପଥ ମେନ୍ସ ୟୁନିଅନ ଓ ରେଳବାଇ ପେନସନରସ୍ ଗ୍ରୁପ, ବାଲେଶ୍ୱର ସହାୟତାରେ ବାଲେଶ୍ୱର ଷ୍ଟେସନ୍ ଛକରେ ଥିବା ହରିହର ମେଡିକାଲ ଷ୍ଟୋର ଓ ପାଥୋଲୋଜି ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଲୱେ ମେନ୍ସ ୟୁନିଅନ ଅଫିସ୍ ବାଲେଶ୍ୱର ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ଡ. ସୂର୍ଯ୍ୟ ପ୍ରକାଶ ରାଉତରାୟ, ଡାଇବେଟଲୋଜିଷ୍ଟ ଓ ଫିଜିଓଥୋରାପିଷ୍ଟ ଡ. ହରେକୃଷ୍ଣ ଜେନା ରେଳବାଇ କର୍ମଚାରୀ, ସେମାନଙ୍କର ପରିବାର ଓ ସର୍ବସାଧାରଣ ରୋଗୀଙ୍କର ଚିକିତ୍ସା କରିଥିଲେ। ଏଥିରେ ଆୟୋଜକ ହରିହର ପଲ୍ଲୀକ୍ଲିନିକ୍ ତରଫରୁ ରଜନୀକାନ୍ତ ମହାପାତ୍ର ଏବଂ ରେଲୱେ ମେନ୍ସ ୟୁନିଅନ୍ ଓ ପେନସନରସ୍ ଗ୍ରୁପ ତରଫରୁ ଉମେଶ ଚନ୍ଦ୍ର ଅଗସ୍ତି, ଅରୁଣ ପଲେଇ, ଅଭିମନ୍ୟୁ ବେହେରା, ହରିଶ୍ ଚନ୍ଦ୍ର ମହାନ୍ତି, ସୁନିଲ ଦାସ, କୃଷ୍ଣଚନ୍ଦ୍ର ଦାସ, କାନନ ବିହାରୀ ଦାଶ, ଶରତ ଚନ୍ଦ୍ର ଦାସ, ଦିବାକର ରାଉତ ପ୍ରମୁଖ ସହାୟତା ଯୋଗାଇ କରିଥିଲେ। ମୁଖ୍ୟ ଉପଦେଷ୍ଟା ଡ. ଗୌର ସାଧନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାକୃତିକ ଚିକିତ୍ସା ଶିବିର

ବାଲେଶ୍ୱର,୨୭।୧୨(ସମିସ): ଲାୟନ୍ସ କ୍ଲବ ସ୍ୟାଣ୍ଡ ସିଟି ଓ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଛି ନିଃଶୁଳ୍କ ପ୍ରାକୃତିକ ଚିକିତ୍ସା ଶିବିର। ବାଲେଶ୍ୱର ସହର ଉପକଣ୍ଠ କୁରୁଡାର ତାମୁଳିଆ ବ୍ରିଜ ନିକଟସ୍ଥ ଅପନା ଘର ଠାରେ ଆରମ୍ଭ ହୋଇଥିବା ଶିବିରରେ ପ୍ରାକୃତିକ ଉପାୟରେ ଆଣ୍ଠୁ ଗଣ୍ଠି ଓ ଅଂଟା ଓ ପିଠି ବ୍ୟଥା ଜନିତ ସମସ୍ୟାର ଚିକିତ୍ସା କରାଯାଉଛି। ମାରୱାଡି ସମ୍ମେଳନର ଧର୍ମେନ୍ଦ୍ର ପ୍ରସାଦ ମୋରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶବିରରେ ଲାୟନ୍ସ କ୍ଲବର ସଭାପତି ଶିବୁ ପୋଦାର, ସମ୍ପାଦକ ବିଷ୍ଣୁପ୍ରସାଦ ମାରୁ ଓ ପୂର୍ବତନ ସଭାପତି ସଞ୍ଜୟ ଦାସ ପ୍ରମୁଖ ଯୋଗଦେଇ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ। ଗୌରବ ରାଠୀ, ପ୍ରକାଶ ପୋଦାର, ଦୀପକ ଖଣ୍ଡେଲୱାଲ, ନୱଲ ଅଗ୍ରୱାଲ ପ୍ରମୁଖଙ୍କ ସହ ଲାୟନ୍ସ କ୍ଲବ ସ୍ୟାଣ୍ଡ ସିଟି ଓ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନର ସଦସ୍ୟମାନେ ଏହି ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି।



# ନୟନା କୁମାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୭।୧୨(ସମିସ): ସ୍ଥାନୀୟ ମଠସାହିସ୍ଥିତ ନୟନା କୁମାରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ଉପସ୍ଥିତ ରହି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ, ପୌରାଧକ୍ଷା ସବିତା ସାହୁ, ଡ. ରମାକାନ୍ତ ନାୟକ, କାଉନସିଲର ପ୍ରୀତିଲତା ସେଠୀ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଅଶୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ସୁଦର୍ଶନ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ଶିକ୍ଷକ ଅଶୋକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶୃଙ୍ଖଳିତ ଛାତ୍ରୀ ଭାବେ ଦଶମ ଶ୍ରେଣୀର ବିଷ୍ଣୁପ୍ରିୟା ପରିଡା, ନବମ ଶ୍ରେଣୀର ସ୍ୱର୍ଣ୍ଣ ପ୍ରଭା ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୨୦୨୫-୨୬ ବର୍ଷ ପାଇଁ ଦଶମ ଶ୍ରେଣୀ ଛାତ୍ର ହିମାଂଶୁ ଦାସଙ୍କୁ 'ନୟନାଶ୍ରୀ' ପ୍ରଦାନ କରାଯାଇଥିଲା। ଶିକ୍ଷକ କମଳ ଲୋଚନ ପଣ୍ଡା, ଡଲି ବେହେରା, ଜ୍ୟୋତିପ୍ରଭା ପାଣିଗ୍ରାହୀ, ଗୀତାରାଣୀ ରାଉଳ, ରଞ୍ଜନା ରାଉତ, କର୍ମଚାରୀ ଧର୍ମେଶ କୁମାର ଶତପଥୀ, ମଣିଭଦ୍ର ରାଉତ, ସଂଯୁକ୍ତା ତ୍ରିପାଠୀ, ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଏସ୍ ଏମ୍ ଡିସି ଓ ପୁରାତନ ଛାତ୍ର ସଂସଦର ସଦସ୍ୟ ଓ ସଦସ୍ୟମାନେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ଶୀତଲ ସୌମ୍ୟା ଜେନା ଓ ଜୟସ୍ମିତା ଲେଙ୍କା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

# ଆତ୍ମନିର୍ଭର ଭାରତ-ସ୍ୱଦେଶୀ ଅଭିଯାନ ଓ ଭାରତୀୟ ଜ୍ଞାନ ପ୍ରଣାଳୀ କର୍ମଶାଳା




ବାଲେଶ୍ୱର,୨୭।୧୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ମହାବିଦ୍ୟାଳୟ ଉନ୍ନୟନ ପରିଷଦ ପକ୍ଷରୁ ଦୁଇଦିନିଆ ଆତ୍ମନିର୍ଭର ଭାରତ-ସ୍ୱଦେଶୀ ଅଭିଯାନ ଓ ମେଳା ସହ ଭାରତୀୟ ଜ୍ଞାନ ପ୍ରଣାଳୀର କର୍ମଶାଳା ସମ୍ପନ୍ନ ହୋଇଯାଇଛି। ପ୍ରଥମ ଦିନର କାର୍ଯ୍ୟକ୍ରମ ଅନ୍ତର୍ଗତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଏକ ଫଟୋଚିତ୍ର ପ୍ରଦର୍ଶନୀର ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ପ୍ରଫେସର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଭାଷଣରେ ଆଧୁନିକ ଶିକ୍ଷାରେ ଭାରତୀୟ ଜ୍ଞାନ ପ୍ରଣାଳୀର ପ୍ରାସଙ୍ଗିକତାକୁ ଉଲ୍ଲେଖ କରିଥିଲେ। ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟ ଉନ୍ନୟନ ପରିଷଦ ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ ଅଗ୍ରୱାଲା କର୍ମଶାଳା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ, (ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର)ଙ୍କ ଦ୍ୱାରା ଓଡ଼ିଶାର ଆଞ୍ଚଳିକ ଜ୍ଞାନ ପ୍ରଣାଳୀ ଓ ଜଗନ୍ନାଥ ସଂସ୍କୃତି ଏବଂ ସମ୍ମାନିତ ଅତିଥି ଭାବେ ଗଜେନ୍ଦ୍ର ପ୍ରସାଦ ସାହୁ,(ଖ୍ୟାତନାମା ଚିତ୍ରକର ଓ କଳାକାର, ଭୁବନେଶ୍ୱର)ଙ୍କ ଦ୍ୱାରା ଓଡ଼ିଶାର ଲୋକକଳା ଓ ଲୋକଜୀବନୀ ବିଷୟରେ ଆଲୋଚନା କରାଯାଇଥିଲା। ଅପରାହ୍ନ ଅଧିବେଶନରେ ପ୍ରଦର୍ଶନୀ ସହିତ ବକ୍ତୃତା ପ୍ରତିଯୋଗିତା, ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ଓ ଫଟୋଗ୍ରାଫି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଯାହା ସହକାରୀ ଅଧ୍ୟାପିକା ଜୀନାପ୍ରିୟଙ୍କା ଜେଠୀ, ରଶ୍ମିରେଖା ରାଉତ ଓ ଶିଖାଶ୍ରୀ ରାୟ ସମନ୍ୱୟ କରିଥିଲେ। ଏଥିସହ ଦ୍ୱିତୀୟ ଦିନର ଆୟୋଜିତ କାର୍ଯ୍ୟକ୍ରମ ଅନ୍ତର୍ଗତ, ବିଶ୍ୱବିଦ୍ୟାଳୟ ପରିସରରେ ପ୍ରାତଃକାଳୀନ ବ୍ୟବହାରିକ ଯୋଗାଭ୍ୟାସ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭାରତୀୟ ଜ୍ଞାନ ପ୍ରଣାଳୀ ସମ୍ପର୍କିତ ପ୍ରାଯୁକ୍ତିକ ଅଧିବେଶନ କୁଳପତିଙ୍କ ଅଧ୍ୟକ୍ଷତାରେ ତଥା ପ୍ରଫେସର ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟଙ୍କ ପ୍ରାରମ୍ଭିକ ଉଦବୋଧନ ଦ୍ୱାରା ଆରମ୍ଭ ହୋଇଥିଲା। ଏଥିସହ ଉଦ୍ରକ ସ୍ୱୟଂଶାସିତ କଲେଜର ଭୌତିକବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଡ଼କ୍ଟର ରଜତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ବୈଜ୍ଞାନିକ ଡ଼କ୍ଟର ଶ୍ୟାମସୁନ୍ଦର ରାଠୀ ଓ ଫାଇଭ୍-ଜି ଫାର୍ମର ବରିଷ୍ଠ କନସଲଟାଣ୍ଟ ଡ. ଶୁଭାଶିଷ ବଳ କୃଷି କ୍ଷେତ୍ରରେ ଦେଶୀୟ ପ୍ରଯୁକ୍ତି ଉପରେ ବିଶେଷ ଆଲୋକପାତ କରିଥିଲେ। ଅଧ୍ୟାପିକା ଜୀନା ପ୍ରିୟଙ୍କା ଜେଠୀ ଓ ରଶ୍ମିରେଖା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଶମ୍ବ ମେଳାରୁ ଏକ୍ସପାଏରି ଆଇସକ୍ରିମ୍ ଜବତ

ବାଲେଶ୍ୱର,୨୭।୧୨(ସମିସ)


ସହରର ରିଜର୍ଭ ପୁଲିସ ପଡ଼ିଆରେ ଚାଲିଛି କୋଶମ୍ବ ମେଳା। ଜମୁଛି ଲୋକଙ୍କ ଭିଡ଼ ଏବଂ ଲାଗିଛି କିଣା ବିକାର ଗହଳି। ଏହାରି ଭିତରେ






ମେଳାରେ ଯେମିତି ବାସି କିମ୍ବା ଅପମିଶ୍ରିତ ଖାଦ୍ୟ ଲୋକଙ୍କୁ ବିକ୍ରି କରା ନ ଯାଏ ସେଥିପ୍ରତି ଦୃଷ୍ଟି ରଖିଛି ଜିଲ୍ଲା ଖାଦ୍ୟ ସୁରକ୍ଷା ଟିମ୍। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗର ଏକ ଟିମ୍ ପଡ଼ିଆରେ ଖୋଲିଥିବା ବିଭିନ୍ନ ଖାଦ୍ୟ ଷ୍ଟଲରେ ନିୟମିତ ଚଢ଼ଉ କରି ଖାଦ୍ୟ ଯାଞ୍ଚ କରୁଥିବା ଦେଖିବାକୁ ମିଳୁଛି। ଦୋକାନୀମାନେ ଲୋକଙ୍କୁ ଠିକ୍ ମାନର ଖାଦ୍ୟ ବିକ୍ରି କରୁଛନ୍ତି ଏବଂ ବାସି ଓ ଅପମିଶ୍ରିତ ଖାଦ୍ୟ ଦେଉଛନ୍ତି ତାହାର ଯାଞ୍ଚ କରୁଛି ଟିମ୍। ଯାଞ୍ଚ ସମୟରେ ମେଳାରୁ ଏକ୍ସପାଏରି ଆଇସକ୍ରିମ ଏବଂ ନିଷିଦ୍ଧ ଖାଦ୍ୟ ରଙ୍ଗ ବ୍ୟବହାର ହେଉଥିବା ମିଳିଛି। ଏହାକୁ ଟିମ୍ ପକ୍ଷରୁ ନଷ୍ଟ କରାଯାଇଛି ବୋଲି ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅନୁଶ୍ରୀ ଖଟୁଆ ସୂଚନା ଦେଇଛନ୍ତି। ଏହାସହ ମେଳାରେ ବାସି ଖାଦ୍ୟ ବିକ୍ରି ନକରିବାକୁ ବ୍ୟବସାୟୀଙ୍କୁ ସଚେତନ କରୁଛି। ସୂଚନାଯୋଗ୍ୟ, କୋଶମ୍ବ ମେଳାରେ ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ୍ ଖୋଲିଛି। ଜଳଖିଆ ଦୋକାନ, ଫାଷ୍ଟ ଫୁଡ୍ ଷ୍ଟଲ୍, ଲସି ସରବତ, ପିଠାପଣା, ଛେଡାପୋଡ ଆଦି ଷ୍ଟଲ ରହିଛି। ସାଧାରଣତଃ ଛୋଟ ଛୋଟ ପିଲା, ମହିଳା, ଯୁବତୀ, ଯୁବକମାନଙ୍କ ଫାଷ୍ଟ ଫୁଡ୍ ଷ୍ଟଲ୍‌ରେ ଭିଡ଼ ପରିଲକ୍ଷିତ ହେଉଛି। ତେବେ ମେଳାରେ ଫାଷ୍ଟ ଫୁଡ୍ ହେଉ କି ହୋଟେଲ ଖାଦ୍ୟର ମାନ ନେଇ ପ୍ରଶ୍ନ ଉଠେ। କାରଣ ମେଳା ଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତିରେ ରାସାୟନିକ ରଙ୍ଗ, ଅପମିଶ୍ରିତ ପାଣି, ଦିନ ସାରା ପବନରେ ଧୂଳି ଉଡି ଖାଦ୍ୟରେ ପଡୁଥିବା ପୂର୍ବରୁ ଅଭିଯୋଗ ହୋଇଛି। ଖାଦ୍ୟରେ ରାସାୟନିକ ରଙ୍ଗ ବ୍ୟବହାର କରି ବାସିଖାଦ୍ୟକୁ ଗରମ କରି ଗ୍ରାହକମାନଙ୍କୁ ବିକ୍ରି କରୁଥିବା ଘଟଣା ବି ଘଟୁଛି। ତେବେ ବର୍ଷରେ ଥରେ ମେଳା ଅନୁଷ୍ଠିତ ହୋଇଥାଏ। ଏହି ମେଳାରୁ ବିଭିନ୍ନ ଖାଦ୍ୟର ମଜା ଉଠାଇବା ପାଇଁ ଲୋକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ତେବେ ଲୋକମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଏହି ମେଳାରେ ପସରା ମେଲାଇଥିବା ଦୋକାନ ଗୁଡ଼ିକରେ ନିୟମିତ ଯାଞ୍ଚ କରୁଛନ୍ତି। ଯେଉଁଥିରେ କିଛି ଏକ୍ସପାରି ଆଇସକ୍ରିମ ବିକ୍ରି ହେଉଥିବା ଜଣାପଡ଼ିଛି। ଏଥିସହ ଖାଦ୍ୟରେ ନିଷିଦ୍ଧ ଖାଦ୍ୟ ରଙ୍ଗ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଯାହାକୁ ଟିମ୍ ପକ୍ଷରୁ ଜବତ କରାଯାଇ ନଷ୍ଟ କରାଯାଇଛି। ଟିମ୍ ପକ୍ଷରୁ ପ୍ରତିଦିନ ମେଳିରେ ଯାଞ୍ଚ କରାଯାଉଛି। ଏହି ଟିମ୍‌ରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀଙ୍କ ସହିତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

**• ଖାଦ୍ୟ ସୁରକ୍ଷା ଟିମ୍‌ର ଯାଞ୍ଚ**
**• ଏକ୍ସପାଏରି ଆଇସକ୍ରିମ ଓ ନିଷିଦ୍ଧ ଖାଦ୍ୟ ରଙ୍ଗ ନଷ୍ଟ କରାଗଲା**



## ଅନ୍ତର୍ଯ୍ୟାମୀ ବେହେରାଙ୍କ ଜୟନ୍ତୀ ପାଳିତ




ବ୍ରହ୍ମପୁର,୨୭।୧୨(ସମିସ): ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମହାନ ସମାଜ ସଂସ୍କାରକ ଅନ୍ତର୍ଯ୍ୟାମୀ ବେହେରାଙ୍କ ୧୦୭ତମ ଜୟନ୍ତୀ ଶିକ୍ଷାବିତ୍ ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୁଷ୍ପ ମାଲ୍ୟାର୍ପଣ ଓ ସହ ଫଟୋଚିତ୍ର ସମ୍ମୁଖରେ ଦୀପ ଦାନ କରାଯାଇଛି। ସ୍ୱର୍ଗତ ବେହେରାଙ୍କ ସଂକ୍ଷିପ୍ତ ଜୀବନୀ ଶ୍ରୀ ମହାରଣାଙ୍କ ଦ୍ୱାରା ଲିଖିତ କ୍ଷୁଦ୍ର ପୁସ୍ତିକା ଅଥିତି ମାନେ ଉନ୍ମୋଚନ କରିଥିଲେ। ଉପସଭାପତି ପ୍ରମୋଦ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରଭାତ କୁମାର ମିଶ୍ର ଯୋଗ ଦେଇଥିଲେ।

## ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ ନବ ନିଯୁକ୍ତ ସରକାରୀ ଆଇନଜୀବୀ



ବ୍ରହ୍ମପୁର,୨୭।୧୨(ସମିସ): ନବନିଯୁକ୍ତ ସରକାରୀ ଆଇନଜୀବୀମାନେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଏବଂ ଜିଲ୍ଲା ସଭାପତି ସରୋଜ ସାବତଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନର ହେଉଥିବା ଆଇନ୍ ସମ୍ପର୍କିତ କାର୍ଯ୍ୟ ଧାରା ଗୁଡ଼ିକ ସରକାରୀ ନିୟମ ଅନୁସାରେ ପାଳନ କରିବେ ବୋଲି ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ (ପିପି) ଅଶୋକ ଶୁକ୍ଳ, ଆଇନଜୀବୀ ସଞ୍ଜୟ ଜେନା, ପତିତ ଗନ୍ତାୟତ, ସୁନୀଲ ପଣ୍ଡା, ମଣ୍ଡଳ ସଭାପତି ଜଗନ୍ନାଥ ଜେନା, ବରିଷ୍ଠ ବିଜେପି ସଦସ୍ୟ ଅକ୍ଷୟ କୁମାର ପାଢ଼ୀ ଯୁବ ନେତା କେ ସାଇ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଦକ୍ଷିଣ ଓଡ଼ିଶା ଶୁଣ୍ଢି ସମାଜର ବାର୍ଷିକ ସମ୍ମିଳନୀ




ବ୍ରହ୍ମପୁର,୨୭।୧୨(ସମିସ): ଦକ୍ଷିଣ ଓଡ଼ିଶା ଶୁଣ୍ଢି ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ବିକ୍ରମ କିଶୋର ସାହୁ, ଛତିଶଗଡ ସଭାପତି ଶିବ ପ୍ରସାଦ ଗୁପ୍ତା, ଉପଦେଷ୍ଟା କୋଦଣ୍ଡ ଚୌଧୁରୀ, ପ୍ରତାପ ଚନ୍ଦ୍ର ବେହେରା, ସୁଜିତ କୁମାର ସାହା, ନେପାଳ ସଭାପତି ରାମଧାର ମହାସାତ, ଗଞ୍ଜାମ ଜିଲ୍ଲା ସଭାପତି ନିରଞ୍ଜନ ସାହୁ, ମହେନ୍ଦ୍ର ନାଥ ସାହୁ, ଦକ୍ଷିଣାଞ୍ଚଳ ସଭାପତି ନିର୍ମଳ କୁମାର ସାହୁ, କାମେଶ୍ୱର ବିଷୋଇ, ରାଜ୍ୟ ସାଧାରଣ ସଂପାଦକ ଉଦୟନାଥ ସାହୁ, ମହିଳା ସଭାନେତ୍ରୀ ସୁନନ୍ଦା ଚୌଧୁରୀ, ଯୁବ ସଭାପତି ନଂଗରାଜ ସାହୁ, କୋଷଧ୍ୟକ୍ଷ ସରତ କୁମାର ସାହୁ, ନଗର ସଭାପତି କୁନା ସାହୁ, ପଦ୍ମ ଚୌଧୁରୀ, ବାଙ୍କ ବିଷୟୀ, ଶୌମୀକ ସାହୁ, ବିଜୟ କୁମାର ସାହୁ, ଜତିନ୍ଦ୍ରନାଥ ସାହୁ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯାଇଥିଲା।

### ଗ୍ରେଟର୍ ବ୍ରହ୍ମପୁର ପ୍ରତିଷ୍ଠା ପାଇଁ ବିଇଏମ୍‌ସିର ସ୍ୱତନ୍ତ୍ର କର୍ପୋରେସନ ବୈଠକ

# ସମ୍ପୂର୍ଣ୍ଣ ବଡ଼କୁଶସ୍ଥଳୀ ପଞ୍ଚାୟତ ସମ୍ମିଶ୍ରଣ ନେଇ ସହମତି

ବ୍ରହ୍ମପୁର,୨୭।୧୨(ସମିସ)

ଗ୍ରେଟର୍ ବ୍ରହ୍ମପୁର ପ୍ରତିଷ୍ଠା ପାଇଁ ବାଟ ଫିଟିଲା। ଦୂର ହେଲା ଦ୍ୱନ୍ଦ୍ୱ। ବ୍ରହ୍ମପୁର ସହର ଉପକଣ୍ଠ ବଡକୁଶସ୍ଥଳୀ ପଞ୍ଚାୟତର ୧୩ଟି ୱାର୍ଡ ମଧ୍ୟରୁ ୬ଟି ୱାର୍ଡ ମିଶ୍ରଣ ନେଇ ପୂର୍ବରୁ ସହମତି ପ୍ରକାଶ କରିଥିବା ବେଳେ ଦ୍ୱନ୍ଦ୍ୱରେ ଥିଲେ ଅବଶିଷ୍ଟ ୭ଟି ୱାର୍ଡ। ନିୟମ ପ୍ରକାରେ ୧୧ଟି ୱାର୍ଡ ନଥିଲେ ପଞ୍ଚାୟତ ତିଷ୍ଠି ରହିବା ଅସମ୍ଭବ। ଏଣୁ ୭ଟି ୱାର୍ଡକୁ ନେଇ କ'ଣ କରାଯିବ ତାକୁ ନେଇ ଉଠିଥିଲା ପ୍ରଶ୍ନ। ଉଭୟ କୁକୁଡାଖଣ୍ଡି ଓ ରଙ୍ଗେଇଲୁଣ୍ଡା ବ୍ଲକରେ ବିଭିନ୍ନ ପଞ୍ଚାୟତରେ ଏଭଳି ସମସ୍ୟା ଦେଖାଦେଇଥିବା ବେଳେ କ'ଣ କରାଯିବ ତାକୁ ନେଇ ସୃଷ୍ଟି ହୋଇଥିଲା ଦ୍ୱନ୍ଦ୍ୱ। ଏଥିପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମଧ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କରାଯାଇଥିଲା। ଏଭଳି ପରିସ୍ଥିତିରେ ବଡ଼କୁଶସ୍ଥଳୀ ପଞ୍ଚାୟତର ଅବଶିଷ୍ଟ ୭ ୱାର୍ଡ ମଧ୍ୟ ଗ୍ରେଟର ବ୍ରହ୍ମପୁରରେ ସମ୍ମିଶ୍ରଣ ନେଇ ନିଜର ସହମତି ପ୍ରକାଶ କରିଛନ୍ତି। ଯଦ୍ୱାରା ପୂର୍ବରୁ ଦେଖାଦେଇଥିବା ଦ୍ୱନ୍ଦ୍ୱ ଦୂର ହୋଇଛି ଏବଂ ଗ୍ରେଟର୍ ବ୍ରହ୍ମପୁର ପାଇଁ ଆବଶ୍ୟକ ସବୁ ବାଟ ଫିଟିଛି।



ଆସନ୍ତା ଜାନୁଆରୀ ପହିଲା1ରୁ ଜନଗଣନା କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ଏହାପୂର୍ବରୁ ଅର୍ଥାତ୍ ଡିସେମ୍ବର ୩୧ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ହେବ। ହାତରେ ସମୟ କମ୍ ଥିବାରୁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ବିଇଏମ୍‌ସିର ଜରୁରୀ ତଥା ସ୍ୱତନ୍ତ୍ର କର୍ପୋରେସନ ବୈଠକ ଡକାଯାଇ ସମ୍ପୂର୍ଣ୍ଣ ବଡ଼କୁଶସ୍ଥଳୀ ପଞ୍ଚାୟତର ବିଇଏମ୍‌ସି ସହିତ ସମ୍ମିଶ୍ରଣ ସମ୍ପର୍କିତ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଓ କମିସନର ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଦଳମତ ନିର୍ବିଶେଷରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ବୈଠକରେ ଉପକଣ୍ଠର ପଞ୍ଚାୟତ ଗୁଡିକର ସମ୍ମିଶ୍ରଣକୁ ସମସ୍ତ ସଦସ୍ୟ ସ୍ୱାଗତ କରିଥିଲେ ହେଁ ବିଇଏମ୍‌ସିକୁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଓ ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ମେୟରଙ୍କ ସମେତ ବହୁ ସଦସ୍ୟ ଗୁରୁତ୍ୱାରୋପ କରିଥିଲେ। ଗ୍ରେଟର ବ୍ରହ୍ମପୁର ପାଇଁ ଡିପିଆର ପ୍ରସ୍ତୁତ ହୋଇସାରିଥିବା ବେଳେ ଖୁବ୍‌ଶୀଘ୍ର ନିଗମର ସୀମା ନିର୍ଦ୍ଧାରଣ କରି ପରିବର୍ଦ୍ଧିତ ତଥା ନୂତନ ମ୍ୟାପ କରାଯାଇ ଗଞ୍ଜାମ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି କମିସନର। ଜନଗଣନା ପୂର୍ବରୁ ଏହି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନହେଲେ ସମସ୍ୟା ସୃଷ୍ଟି ହେବା ସହିତ ଗ୍ରେଟର ବ୍ରହ୍ମପୁର ସ୍ୱପ୍ନ ଅଧୁରା ରହିଯିବ ବୋଲି ଜଣାପଡିଛି। ସେପଟେ ବ୍ରହ୍ମପୁର ମହାନଗର ନିଗମରେ ସହର ତଳି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟି ଦାବି କରିଆସୁଥିବା ବେଳେ ବିଳମ୍ବରେ ହେଲେ ମଧ ଏହି ଦାବି ପୂରଣ ହେବାକୁ ଯାଉଥିବାରୁ କମିଟି ସଦସ୍ୟ ଓ କର୍ମକର୍ତ୍ତା ଖୁସି ବ୍ୟକ୍ତ କରିଛନ୍ତି।

- ଜନଗଣନା ପୂର୍ବରୁ ନିଗମର ସୀମା ନିର୍ଦ୍ଧାରଣ ସହ ପ୍ରସ୍ତୁତ ହେବ ମ୍ୟାପ
- ଜିଲ୍ଲାପାଳ ଓ ପଞ୍ଚାୟତିରାଜ ବିଭାଗକୁ ଡିପିଆର ପ୍ରଦାନ କରାଯାଇଛି: କମିସନର

## ବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ; ହତ୍ୟା ଅଭିଯୋଗ

ବ୍ରହ୍ମପୁର,୨୭ ।୧୨(ସମିସ): ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଚାଞ୍ଚଡ଼ା ପଡ଼ିଆ ସାହିରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି। ସେ ହେଲେ ସାହିର ମିଟୁ ପୃଷ୍ଟିଙ୍କ ପତ୍ନୀ ସୁଚିତ୍ରା ପୃଷ୍ଟି(୨୮)। ତେବେ ଅଧିକ ଯୌତୁକ ଦାବିରେ ସୁଚିତ୍ରାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପଘର ଲୋକେ ଅଭିଯୋଗ ଆଣିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାପ୍ରକାରେ, ହିଞ୍ଜିଳିକାଟୁର ଜୟା ଦଳେଇଙ୍କ ଝିଅ ସୁଚିତ୍ରା ୮ ବର୍ଷ ତଳେ ବ୍ରହ୍ମପୁର ଚାଞ୍ଚଡାପଡ଼ିଆ ସାହିର ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିବା ମିଟୁଙ୍କୁ ବିବାହ କରିଥିଲେ। ମିଟୁ ଓ ସୁଚିତ୍ରାଙ୍କ ଏକ ପୁତ୍ର ସନ୍ତାନ ରହିଛି। ବିବାହର କିଛି ବର୍ଷ ପରେ ମିଟୁଙ୍କ ପରିବାର ପକ୍ଷରୁ ଅଧିକ ଯୌତୁକ ଦାବି କରାଯାଉଥିଲା। ଆଜି ଭୋରରୁ ସୁଚିତ୍ରା ଆତ୍ମହତ୍ୟା କରିଥିବା ନେଇ ମିଟୁ ଫୋନ ଯୋଗେ ତାଙ୍କ ବାପଘର ଲୋକଙ୍କୁ ଜଣାଇଥିଲେ। ସୁଚିତ୍ରାଙ୍କ ମା' ଜୟା ଅନ୍ୟ ପରିବାର ସଦସ୍ୟଙ୍କ ସହ ବ୍ରହ୍ମପୁରରେ ପହଞ୍ଚି ଝିଅର ମୃତଦେହ ଶାଶୁଘର ଚଟାଣରେ ପଡ଼ିଥିବା ଦେଖିଥିଲେ। ଖବରପାଇ ପୁଲିସ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ପଞ୍ଚନାମା କରାଇବା ସହ ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲକୁ ପଠାଇଥିଲା। ତେବେ ଅଧିକ ଯୌତୁକ ଦାବିରେ ସୁଚିତ୍ରାଙ୍କୁ ହତ୍ୟା କରାଯାଇଛି ବୋଲି ଜୟା ଅଭିଯୋଗ କରିବା ପରେ ପୁଲିସ ଏକ ମମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ କହିଛି।

## ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ପାଠଚକ୍ର

ବ୍ରହ୍ମପୁର,୨୭।୧୨(ସମିସ): ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ପକ୍ଷରୁ ବିଭାଗୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ଉଦଘାଟିକା ଭାବେ ଯୋଗଦେଇ ପାଠଚକ୍ରର ଶୁଭାରମ୍ଭ କରିଥିଲେ। ବିଭାଗ ମୁଖ୍ୟ ଡକ୍ଟର୍ କୁଳମଣି ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପାଠଚକ୍ରର ମୁଖ୍ୟଅତିଥି ଭାବେ ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ଇଂରାଜୀ ବିଭାଗ ମୁଖ୍ୟ ଡ. ଆନନ୍ଦ ସେଠୀ ଯୋଗଦେଇ ପାଠଚକ୍ର ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶରେ ଉପଯୋଗୀ ହୋଇପାରିବ ବୋଲି କହିଥିଲେ। ଅଧ୍ୟାପକ ଡ. ଶାରଦା ପ୍ରସାଦ ଦାସ ଓ ଅତିଥି ଅଧ୍ୟାପକ ଟି. ସୀମାଞ୍ଚଳ ପାତ୍ର ମଞ୍ଚାସୀନ ଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଡ. ରବୀନ୍ଦ୍ର କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅନ୍ୟତମ ସହକାରୀ ପ୍ରଫେସର ଡ. ସୁଶାନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ତଥା ପ୍ରଶ୍ନୋତ୍ତର ପର୍ଯ୍ୟାୟରେ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।



### ■ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅନୁଦାନ ଆବଣ୍ଟନରେ ପାତରଅନ୍ତର ଅଭିଯୋଗ

## ମେୟର, ଡେପୁଟି ମେୟରଙ୍କ ସହିତ ସ୍ୱର ମିଳାଇଲେ ଅଧିକାଂଶ କର୍ପୋରେଟର

ବ୍ରହ୍ମପୁର,୨୭।୧୨(ସମିସ): ମୁଖ୍ୟମନ୍ତ୍ରୀ ସହରି ବିକାଶ ଯୋଜନା (ଏମଏସବିୱାଇ)ରେ ବ୍ରହ୍ମପୁର ମହାନଗର ନିଗମକୁ ଆସିଥିବା ଅର୍ଥର ଆବଣ୍ଟନକୁ ନେଇ ନିର୍ବାଚିତ ଜନ ପ୍ରତିନିଧିଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ସରକାରୀ ଅର୍ଥର ଆବଣ୍ଟନରେ କୌଣସି ନିତିନିୟମ ପାଳନ କରାନଯାଇ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଶନିବାର ବିଇଏମସିର ସ୍ୱତନ୍ତ୍ର ବୈଠକରେ ଅଧିକାଂଶ କର୍ପୋରେଟର ପ୍ରଶ୍ନ ଉଠାଇଥିବା ବେଳେ ଏହାକୁ ସମର୍ଥନ କରିଥିଲେ ଖୋଦ୍ ମେୟର ଓ ଡେପୁଟି ମେୟର। ଫଳରେ ଏହି ସମସ୍ୟାର ସମାଧାନ ପାଇଁ ଆସନ୍ତା ସୋମବାର ବିଇଏମ୍‌ସିର ସ୍ୱତନ୍ତ୍ର ବୈଠକ ଡକାଯାଇ ବିସ୍ତୃତ ଆଲୋଚନା କରାଯିବ ବୋଲି କହିଛନ୍ତି ମେୟର ସଂଘମିତ୍ରା ଦଳେଇ

ରାଜ୍ୟର ସମସ୍ତ ସହରାଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ଆକ୍ସନ ପ୍ଲାନରେ ସମସ୍ତ ସହରକୁ ସରକାରୀ ଅନୁଦାନ ପ୍ରଦାନ କରାଯାଇଛି। ଏହି କ୍ରମରେ ବ୍ରହ୍ମପୁର ମହାନଗର ନିଗମକୁ ମୋଟ ୧୧୫ଟି ପ୍ରକଳ୍ପ ପାଇଁ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମୋଟ ୨୯କୋଟି ୮୧ଲକ୍ଷ ଟଙ୍କାର ଅନୁଦାନ ଅନୁମୋଦନ କରାଯାଇଥିବା ଜଣାପଡିଛି। ଯୋଜନାରେ ପ୍ରଦତ୍ତ ପାଣ୍ଠିର ଶତକଡା ୩୦ପ୍ରତିଶତ ଅର୍ଥ ରାସ୍ତା ଓ ନାଳ ନିର୍ମାଣରେ ବିନିଯୋଗ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। ତେବେ ୨୦୨୫-୨୬ ଆର୍ଥିକ ବର୍ଷର ଆକ୍ସନ ପ୍ଲାନରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର ବିନିଯୋଗ ହେବାକୁ ଥିବା ପ୍ରାୟ ୩୦କୋଟି ଟଙ୍କାକୁ ନିଗମର ସମସ୍ତ ୪୨ଟି ୱାର୍ଡରେ ସମ ପରିମାଣରେ ଆବଣ୍ଟନ କରାଯିବା କଥା। ତେବେ ଏଥିରେ ବ୍ୟତିକ୍ରମ କରି ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୭, ୩୮, ୩୯ ଓ ୪୦ନମ୍ବର ଭଳି କିଛି ହାତଗଣତି ୱାର୍ଡକୁ ୫କୋଟି ଟଙ୍କାର ପ୍ରକଳ୍ପ ଦିଆଯାଇଥିବା ବେଳେ କେତେକ ୱାର୍ଡକୁ ମାତ୍ର ୫ଲକ୍ଷ ଟଙ୍କାର ପ୍ରକଳ୍ପ ଦିଆଯାଇଛି। ସେହିଭଳି କେତେକ ୱାର୍ଡକୁ ଆଦୌ ଆର୍ଥିକ ଅନୁଦାନ ଦିଆଯାଇନଥିବା ମଧ ଅଭିଯୋଗ ହୋଇଛି। ଯାହାକୁ ନେଇ କର୍ପୋରେଟରମାନଙ୍କ ମଧ୍ୟରେ ଅସନ୍ତୋଷ ପରିଲକ୍ଷିତ ହୋଇଛି। ଖାସ୍ କରି ତାଲିକାରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ରୁ ୪ଟି ୱାର୍ଡକୁ ଅଧିକ ପରିମାଣର ପ୍ରକଳ୍ପ ପ୍ରଦାନ କରାଯାଇଛି। ଯାହାକୁ ଖୁଲମଖୁଲ୍ଲା ବିରୋଧ କରିଛନ୍ତି ଅନ୍ୟ ୱାର୍ଡର କର୍ପୋରେଟର। ଆବଣ୍ଟିତ ତାଲିକାର ସଂଶୋଧନ କରି ପୁନଃ ଅନୁଦାନ ଆବଣ୍ଟନ କରିବାକୁ ଦାବି ହୋଇଛି।

## ଏମ୍‌କେସିଜିରେ ଖୋଲିବ ଆଉ ୨ ନିରାମୟ କେନ୍ଦ୍ର

ବ୍ରହ୍ମପୁର,୨୭।୧୨(ସମିସ): ଏମକେସିଜି ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କ ସୁବିଧା ଲାଗି ସମ୍ପ୍ରତି ଆଉ ଦୁଇଟି ନିରାମୟ ଔଷଧ ବିତରଣ କେନ୍ଦ୍ର ଖୋଲିବାକୁ ଯାଉଛି।

ଏନେଇ କର୍ତ୍ତୃପକ୍ଷ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଠାକୁ ଆସୁଥିବା ରୋଗଙ୍କ ଚିକିତ୍ସା ପରେ ଔଷଧ ନିମନ୍ତେ ବିତରଣ କେନ୍ଦ୍ରରେ ଘଣ୍ଟା ଘଣ୍ଟା ଠିଆ ହେବାକୁ ପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ଏମ୍‌କେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ନୂଆ ଦୁଇଟି ଔଷଧ ବିତରଣ କେନ୍ଦ୍ର ଖୋଲିବାକୁ ନିଷ୍ପତି ନେଇଛନ୍ତି। ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗ ଓ ନିରାମୟ କେନ୍ଦ୍ର ନିକଟରେ ଏହି କାଉଣ୍ଟର ଦୁଇଟି ଖୋଲିବ। ଆଶୁ ଚିକିତ୍ସା ବିଭାଗରେ ଖୋଲିବାକୁ ଥିବା ଔଷଧ ବିତରଣ କେନ୍ଦ୍ର ଦିବାରାତ୍ର ଖୋଲିବ। ପୂର୍ବରୁ ଏମକେସିଜି ମେଡ଼ିକାଲରେ ୬ଟି ଔଷଧ ବିତରଣ କେନ୍ଦ୍ର ରହିଥିବା ବେଳେ ବର୍ତ୍ତମାନ ଆଉ ଦୁଇଟି କେନ୍ଦ୍ର ଖୋଲିବା ପରେ ଔଷଧ ବିତରଣ କେନ୍ଦ୍ର ସଂଖ୍ୟା ୮ରେ ପହଞ୍ଚିବ।

# କ୍ଷତିଭରଣା କରି ନ ପାରି ହାତ ଟେକିଦେଲା 'ବିଇଡିଏ'

ବ୍ରହ୍ମପୁର,୨୭।୧୨(ସମିସ): ଦେବାଳିଆ ସ୍ଥିତିରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ବା ବିଇଡିଏ ଭଳି ସରକାରୀ ସଂସ୍ଥା। ନିଜସ୍ୱ ଜମି କିମ୍ବା ପ୍ରକଳ୍ପ ନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କର୍ମଚାରୀଙ୍କୁ ଦରମା ଦେବା କଷ୍ଟକର ହୋଇପଡ଼ିଥିବା ବେଳେ ସଂସ୍ଥାର ପ୍ରମୁଖ ରାଜସ୍ୱ ଉତ୍ସ ଥିବା ସହରାଞ୍ଚଳର ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ କ୍ଷମତା ବ୍ରହ୍ମପୁର ମହାନଗର ନିଗମ ହାତକୁ ଚାଲିଯାଇଛି। ଏଭଳି ପରିସ୍ଥିତିରେ 'ବିଜୁ ପଟ୍ଟନାୟକ ପାର୍କ' ଓ 'ରକ୍ ଗାର୍ଡେନ' ଭଳି ବିଡ଼ିଏର ଦୁଇଟି ବଡ ତଥା ନିଜସ୍ୱ ପ୍ରକଳ୍ପ ପରିଚାଳନା କରିବା ସମ୍ଭବପର ହେଉନାହିଁ। ନିୟମିତ କ୍ଷତି ସହିବାକୁ ପଡୁଥିବା ବେଳେ ସଂସ୍ଥା ଉପରେ ଆର୍ଥିକ ବୋଝ ମଧ ବଢିବାରେ ଲାଗିଛି। ଯାହା କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ସମସ୍ୟାରୁ ବାହାରିବାକୁ ବର୍ତ୍ତମାନ ଉଭୟ ପ୍ରକଳ୍ପର ପରିଚାଳନା ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକିଦେବାକୁ ନିଷ୍ପତ୍ତି ନେଇଛନ୍ତି ବିଇଡିଏ କର୍ତ୍ତୃପକ୍ଷ।

୨୦୦୩-୦୪ମସିହାରେ କର୍ପୋରେସନ ରୋଡ୍‌ରେ ପ୍ରାୟ ୭ଏକର ବିଶିଷ୍ଟ ଜମିକୁ ସୌନ୍ଦର୍ଯ୍ୟକରଣ କରାଯାଇ ତାହାକୁ ବିଜୁ ପଟ୍ଟନାୟକ ପାର୍କ ଭାବେ ନାମିତ କରାଯାଇଥିଲା। ଅଢ଼େଇ ଏକର ପରିମିତ ପୋଖରୀ ଓ ଅବଶିଷ୍ଟ ସାଢେ ୪ ଏକର ଜମିରେ ପାର୍କ, ବୋଟିଂର ବ୍ୟବସ୍ଥା ସହିତ ପିଲାଙ୍କ ଖେଳଣା ସାମଗ୍ରୀ ଲଗାଯାଇ ପ୍ରାୟ ୨ କୋଟି ଟଙ୍କା ବିନିଯୋଗ ହୋଇଥିଲା। ସହର ମଧ୍ୟରେ ଏଭଳି ଏକ ପାର୍କରେ ସମୟ ବିତାଇବା ପାଇଁ ସହରବାସୀ ଓ ପର୍ଯ୍ୟଟକଙ୍କ ଭିଡ ଲାଗୁଥିଲା। ପର୍ଯ୍ୟଟକଙ୍କ ପାଇଁ ଟିକେଟର ବ୍ୟବସ୍ଥା କରାଯାଇ ସେଥିରୁ ଆଦୟ ଅର୍ଥରେ ପାର୍କର ପରିଚାଳନା ଖର୍ଚ୍ଚ ଭରଣା ହେଉଥିଲା। କିନ୍ତୁ କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ଓ ଦୟନୀୟ ସ୍ଥିତିରେ ପହଞ୍ଚିଛି ବିଜୁ ପଟ୍ଟନାୟକ ପାର୍କ। ପର୍ଯ୍ୟଟକଙ୍କ ସଂଖ୍ୟା କମିବା ଯୋଗୁ ରାଜସ୍ୱ ଆଦାୟ ମଧ ଯଥେଷ୍ଟ ହ୍ରାସ ପାଇଛି। ଫଳରେ ପାର୍କରେ ନିୟୋଜିତ ୧୫ରୁ ଉଦ୍ଧ୍ୱର୍ କର୍ମଚାରୀଙ୍କୁ ନିୟମିତ ଦରମା ଦେବା ଓ ରକ୍ଷଣାବେକ୍ଷଣ କରିବା କଷ୍ଟକର ହୋଇପଡିଛି।



ଯଦ୍ୱାରା ପାର୍କର ଅବସ୍ଥା ଶୋଚନୀୟ ହୋଇପଡିଛି। ବୋଟିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ଚାରିଆଡ଼େ କୁଢ଼ କୁଢ଼ ଅବର୍ଜନା ପଡ଼ିରହିଛି। ସୌନ୍ଦର୍ଯ୍ୟକରଣ ପାଇଁ ଥିବା ଫାଉଣ୍ଟେନ ଓ ଅନ୍ୟ ଆଲୋକସଜ୍ଜା ସାମଗ୍ରୀ ଭାଙ୍ଗିରୁଜି ଯାଇଛି। ଗତ ୬ମାସ ଭିତରେ ବିଇଡିଏକୁ ଏଥିପାଇଁ ପ୍ରାୟ ୧୦ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡିଥିବା ଜଣାପଡିଛି।

ସେହିଭଳି ଗତ ୨୦୨୨-୨୩ମସିହାରେ ଆମ୍ବପୁଆ ଠାରେ ୧୦ଏକର ଜମିରେ ପ୍ରାୟ ୧୨ରୁ୧୩ କୋଟି ଟଙ୍କା ବିନିଯୋଗ କରି 'ରକ୍ ଗାର୍ଡେନ' ପ୍ରତିଷ୍ଠା କରାଯାଇଥିଲା। ଦର୍ଶକଙ୍କ ଠାରୁ ପ୍ରବେଶ ଫି ସହିତ ଅନ୍ୟାନ୍ୟ ଉପକରଣ ଓ ଖେଳ ପାଇଁ ଟିକେଟର ବ୍ୟବସ୍ଥା ରହିଥିଲା। ଦର୍ଶକଙ୍କ ଭିଡ ସହିତ ରାଜସ୍ୱ ଆଦାୟ ମଧ ବେଶ୍ ଭଲ ହେଉଥିଲା। ତେବେ କାଳକ୍ରମେ ଅର୍ଥର ଅଭାବ କାରଣରୁ ଏଠାରେ ମଧ ସମଦଶା ଦେଖିବାକୁ ପଡିଛି ବିଇଡିଏ କର୍ତ୍ତୃପକ୍ଷଙ୍କୁ। ୨୫ଜଣ କର୍ମଚାରୀ, ବିଦ୍ୟୁତ୍ ବିଲ, ନିୟମିତ ରକ୍ଷଣାବେକ୍ଷଣ ପାଇଁ ଶ୍ରମିକଙ୍କ ମଜୁରୀ ସମେତ ଅନ୍ୟାନ୍ୟ ଖର୍ଚ୍ଚ ବିଇଡିଏର ଆର୍ଥିକ ଦୁଃସ୍ଥିତିରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇପଡିଲା। ଫଳରେ ବିଇଡିଏ କର୍ତ୍ତୃପକ୍ଷ ବାଧ ହୋଇ ନିଜର ଉଭୟ ମେଗା ପ୍ରକଳ୍ପର ପରିଚାଳନା ଦାୟିତ୍ୱ ବର୍ତ୍ତମାନ ଅନ୍ୟ ଉପାୟ ନପାଇ ଘରୋଇ ସଂସ୍ଥାକୁ ଦେବାକୁ ସ୍ଥିର କରିଛନ୍ତି। ଏଥିପାଇଁ ନିକଟରେ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ କାର୍ଯ୍ୟାଦେଶ ମଧ ଦିଆଯାଇଛି। ବିଜୁ ପଟ୍ଟନାୟକ ପାର୍କର ପରିଚାଳନା ଦାୟିତ୍ୱ ମାସିକ ୮୦ହଜାର ଟଙ୍କାରେ ଭୁବନେଶ୍ୱରର ଆର.ଆର. ଏଣ୍ଟରପ୍ରାଇଜର୍ସ ନେବାକୁ ଥିବା ବେଳେ ମାସିକ ୧ ଲକ୍ଷ ଟଙ୍କାରେ ଭୁବନେଶ୍ୱରର ଉର୍ବ କନସଲଟାନ୍ସି ପ୍ରାଇଭେଟ ଲିମିଟେଡ 'ରକ୍ ଗାର୍ଡେନ'ର ପରିଚାଳନା ଦାୟିତ୍ୱ ନେବ ବୋଲି ବିଇଡିଏ ସୂତ୍ରରୁ ଜଣାପଡିଛି। ଉଭୟ ଘରୋଇ ଏଜେନ୍ସି ନୂତନ ବର୍ଷରୁ କାର୍ଯ୍ୟ ଆରମ୍ଭ କରିବା ସହିତ ପରିଚାଳନା ଦାୟିତ୍ୱ ତୁଲାଇବେ ବୋଲି ସୂଚନା ଦେଇଛନ୍ତି ବିଇଡିଏ ଉପାଧ୍ୟକ୍ଷ ପ୍ରଥମେଷ ଅରବିନ୍ଦ ରାଜସିର୍କେ।

- କୋଟି କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ସହରର ଦୁଇଟି ମେଗା ପ୍ରୋଜେକ୍ଟ ଅବହେଳିତ
- ଭୁବନେଶ୍ୱରର ଦୁଇ ଘରୋଇ ସଂସ୍ଥାକୁ 'ବିଜୁ ପଟ୍ଟନାୟକ ପାର୍କ' ଓ 'ରକ୍ ଗାର୍ଡେନ'ର ପରିଚାଳନା ଦାୟିତ୍ୱ
- ନୂଆବର୍ଷରୁ ଦାୟିତ୍ୱ ନେବେ ଆର୍‌ଆର୍ ଏଣ୍ଟରପ୍ରାଇଜର୍ସ ଓ ଉର୍ବ କନ୍‌ସଲଟାନ୍ସି




# ଚନ୍ଦନେଶ୍ୱର ବଜାରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଚନ୍ଦନେଶ୍ୱର, ୨୭।୧୨(ସମିସ)

ଦିନକୁ ଦିନ ବେଫିକର ହେଉଛି ଭୋଗରାଇ ବ୍ଲକର ଜନଗହଳି ପୂର୍ଣ୍ଣ ଚନ୍ଦନେଶ୍ୱର ମାର୍କେଟର ଟ୍ରାଫିକ ବ୍ୟବସ୍ଥା। ଉଠା ଦୋକାନୀଙ୍କ କବ୍ଜାରେ ୫୭ ନମ୍ବର ରାଜ୍ୟ ରାଜପଥ। ବାରମ୍ବାର ଦୁର୍ଘଟଣା ପରେ ମଧ୍ୟ ଉଭୟ ପୁଲିସ ଓ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଜଣେ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରି ବିଭାଗ ଚୁପଚାପ ବସିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ବଜାର ହେଉଛି ଏକ ଜନଗହଳି ପୂର୍ଣ୍ଣ ବଜାର। ବିଶ୍ୱ ପ୍ରସିଦ୍ଧ ଚନ୍ଦନେଶ୍ୱର ମନ୍ଦିର, ମନୋରମ ବେଳାଭୂମି ତାଳସାରୀ, ଉଦୟପୁର,



ବିଚିତ୍ରପୁର ଇକୋ-ଟୁରିଜିମ ସହିତ ପ୍ରକୃତି ନିବାସ ଓ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱରଙ୍କ ମନ୍ଦିର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ରହିଛି। ଏଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ବିଶେଷକରି ପଡୋଶୀ ପଶ୍ଚିମ ବଙ୍ଗର ଅଧିକ ପର୍ଯ୍ୟଟକ ଆସିଥାନ୍ତି। ହେଲେ ପ୍ରଶାସନ ପକ୍ଷରୁ ଏହା ପ୍ରତି କୌଣସି ସୁବ୍ୟବସ୍ଥା ନାହିଁ। ରାସ୍ତା କଡରେ ବେଆଇନ ଭାବେ ଉଠା ଦୋକାନୀ ବସିବା ଯୋଗୁ ଯାନ ବାହାନ ଚଳାଚଳ ବାଧାପ୍ରାପ୍ତ ହେଉଛି। ହେଲେ ଏଥିପାଇଁ ନା ପ୍ରଶାସନ ନା ପୁଲିସ ବିଭାଗର କୌଣସି ପଦକ୍ଷେପ ରହିଛି। ଯେଉଁଥିପାଇଁ ସକାଳ ଠାରୁ ରାତି ଯାଏ ବିଜୁ ପଟ୍ଟନାୟକ ଗୋଲେଇ ଠାରେ ପ୍ରବଳ ଟ୍ରାଫିକ ଜାମ ଦେଖିବା ପାଇଁ ମିଳୁଛି। ଏ ନେଇ ସ୍ଥାନୀୟବାସୀ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ପଦକ୍ଷେପ ଶୂନ। ତେଣୁ ଉଭୟ ପୁଲିସ ଓ ପ୍ରଶାସନକୁ ଉଚିତ ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି।

# ଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ରାଜଘାଟ, ୨୭।୧୨ (ସମିସ): ସିଂଲା ଥାନା ଅନ୍ତର୍ଗତ ଗିଲାଯୋଡ଼ି ଗ୍ରାମର ଏକ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଜୈନିକା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର କିଛି ଯୁବକ ମହିଳା ଜଣକୁ ମାରିଦେଇ ଆମ୍ ହତ୍ୟାର ରୂପ ଦେବା ପାଇଁ ସୁପରିକଳ୍ପିତ ଯୋଜନା କରିଥିବା ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଲକ୍ଷ୍ମୀମଣି ଜେନା(୭୩)। ଅଭିଯୋଗ ଅନୁଯାୟୀ ଗତ ନଭେମ୍ବର ୨୮ ତାରିଖ ଦିନ ଗିଲାଯୋଡ଼ି ଗ୍ରାମରାସ୍ତା ଦେଇ ବାଲି ପରିବହନ ବିରୋଧ କରିବାରୁ ପ୍ରତିପକ୍ଷ ଗୋଷ୍ଠୀ ଲୋକଙ୍କ ଆକ୍ରମଣରେ ତାପସ ଜେନା(୨୮) ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ବେଳେ ୪ ଜଣ ଆହତ ହୋଇଥିଲେ। ଏହି ଆକ୍ରମଣରେ ମୁଖ୍ୟ ଅଭିଯୁକ୍ତ ପ୍ରଦୀପ ଜେନା, ଜୀବନକୃଷ୍ଣ ଜେନା ରହିଥିବା ବେଳେ ଅନ୍ୟ କିଛି ଅସାମାଜିକ ଯୁବକ ମଧ୍ୟ ସାମିଲ ଥିଲେ। ପୁଲିସ ଏହି ଘଟଣାରେ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏହି ଆକ୍ରମଣରେ ସଂପୃକ୍ତି ଥିବା ଲକ୍ଷ୍ମୀମଣିଙ୍କ ବଡ଼ପୁଅ ପ୍ରତାପ ସେହିଦିନ ଠାରୁ ଗାଁ ଛାଡ଼ି ଫେରାର୍ ମାରିଥିଲା। ଲକ୍ଷ୍ମୀମଣିଙ୍କ ସାନପୁଅ ବାହାରେ ରହି କମ୍ପାନୀରେ ଚାକିରି କରୁଥିବା ଯୋଗୁ ଦୁଇ ବୋହୂ ଭୟରେ ଗାଁ ଛାଡ଼ି ବାପ ଘରେ ରହି ଆସୁଥିଲେ। ଫଳରେ ଲକ୍ଷ୍ମୀମଣି ଘରେ ଏକୁଟିଆ ରହି ଆସୁଥିଲା। ଏହି ଘଟଣାରେ ପୂର୍ବ ରାଗ ରଖି ଗ୍ରାମର ପ୍ରାୟ ୨୬ଜଣ ଯୁବକ ଗତକାଲି ବିଳମ୍ବିତ ରାତିରେ ଲକ୍ଷ୍ମୀମଣିଙ୍କୁ ହତ୍ୟା କରି ଘର ଭିତରେ ଫାଶୀ ଦେଇଥିବା ଅଭିଯୋଗ ହୋଇଛି। ପଡ଼ୋଶୀ ମାଉସୀ ସମ୍ପର୍କୀୟା ସରସ୍ୱତୀ ଜେନା ଘଟଣା ସମ୍ପର୍କରେ ସାନପୁଅ ପଦ୍ମଲୋଚନଙ୍କୁ ଜଣାଇବା ପରେ ବୋହୂ ସସ୍ମିତା ସେଠାରେ ପହଞ୍ଚିଥିଲେ। ପୂର୍ବ ଆକ୍ରୋଶକୁ ରଖି ଶାଶୁଙ୍କୁ ହତ୍ୟା କରି ଫାଶୀ ଦେଇଦିଆଯାଇଥିବା ସସ୍ମିତା ନିଜ ଏତଲାରେ ଦର୍ଶାଇଥିଲେ। ସିଂଲା ପୁଲିସ ପହଞ୍ଚି ଘଟଣାର ଛାନଭିନ ଚଳାଇଥିବା ବେଳେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି।

## ● ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍ ସ୍ପଟ୍ ଚ୍ୟାଲେଞ୍ଜ ଅଭିଯାନ

# ମୟୂରଭଞ୍ଜର ୧୮ ଟି ପିକ୍‌ନିକ୍ ସ୍ପଟ୍ ସାମିଲ

ବାରିପଦା, ୨୭।୧୨(ସମିସ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହଯୋଗରେ 'ପ୍ଲାଷ୍ଟିକ ମୁକ୍ତ ପିକନିକ ସ୍ପଟ୍ ଚ୍ୟାଲେଞ୍ଜ-୨୦୨୫' ଅଭିଯାନରେ ମୟୂରଭଞ୍ଜ ଜିଲ୍ଲାର ୧୮ଟି ପିକନିକ୍ ସ୍ପଟ ସାମିଲ ହୋଇଛି। ପ୍ରାକୃତିକ




ପରିବେଶକୁ ସୌନ୍ଦର୍ଯ୍ୟ ଓ ସ୍ୱଚ୍ଛ ଭାବେ ସଂରକ୍ଷଣ କରି ଆଗାମୀ ପିଢି ପାଇଁ ଏକ ସୁସ୍ଥ ପରିବେଶ ନିର୍ମାଣ କରିବାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଥିବାବେଳେ ରାଜ୍ୟର ପ୍ରସିଦ୍ଧ ପିକନିକ ସ୍ଥଳୀରେ ଏକକ ପ୍ଲାଷ୍ଟିକ ବ୍ୟବହାର ଓ ଅଳିଆ ଆବର୍ଜନା ସାମଗ୍ରୀ ମୁକ୍ତ କରାଯିବ। ରାଜ୍ୟର ୫ଶହ ପିକନିକ ସ୍ପଟ ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀରେ ଏହାକୁ କାର୍ଯ୍ୟକାରୀ କରି ପରିବେଶକୁ ସୁରକ୍ଷା ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଭିଯାନ ଜନସଚେତନତା ସୃଷ୍ଟି ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକଳାପ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ବୋଲି ଉଲ୍ଲେଖ ରହିଛି।

ମୟୂରଭଞ୍ଜର ସାମିଲ ୧୮ଟି ପ୍ରସିଦ୍ଧ ସ୍ଥାନ ମଧ୍ୟରେ ସୁଲେଇପାଟର ଖଡ଼ଖାଇ ଡ୍ୟାମ, ନେସା ଡ୍ୟାମ, ବାଙ୍କବଳ ଡ୍ୟାମ, ବିଞ୍ଝାରଣା ଜଳପ୍ରପାତ, ଅସୁରଘାଟୀ ଜଳପ୍ରପାତ, କାଣ୍ଡିଆ ଜଳପ୍ରପାତ, ଭୀମକୁଣ୍ଡ ଇକୋ ଟୁରିଜିମ, ଭୈରବକୁଣ୍ଡ ଇକୋ ଟୁରିଜିମ, ଭୈରବକୁଣ୍ଡ, ବରେହିପାଣି ଜଳପ୍ରପାତ, ସୀତାକୁଣ୍ଡ, ଯୋରନ୍ଦା ଜଳପ୍ରପାତ, ଲୁଲୁଙ୍ଗ ପିକନିକ୍ ସ୍ପଟ, ଦେବକୁଣ୍ଡ ଜଳପ୍ରପାତ, ରାମତୀର୍ଥ ପାର୍କ, ଖୁଟିଂ ହିଲ୍, କାଳ ଡ୍ୟାମ, ହରିପୁରଗଡ଼ ଓ କରଞ୍ଜିଆର ନଦୀ ପାର୍ଶ୍ୱ ରହିଛି। ଏହି ସ୍ଥାନରେ ଏକକ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଡ଼ା ନିଷେଧାଦେଶ ଲାଗୁ ହେବ ଓ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଜନସାଧାରଣଙ୍କୁ ଆଖପାଖ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଓ ଆନନ୍ଦଦାୟକ ପରିବେଶ ବଜାୟ ରଖିବା ପାଇଁ କଟକଣା, ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ସହଯୋଗ ଏହି ଅଭିଯାନର ଉଦ୍ଦେଶ୍ୟ ହାସଲ କରିବାରେ ସାହାଯ୍ୟ କରିବ। ଆନନ୍ଦ ବଣ୍ଟନ୍ତୁ, ଅଳିଆ ଆବର୍ଜନା କରନ୍ତୁ ନାହିଁ, ପ୍ରକୃତିପ୍ରେମୀ ହୁଅନ୍ତୁ ବୋଲି ବାର୍ତ୍ତା ଦିଆଯାଇଛି।

**ପ୍ଲାଷ୍ଟିକ୍ ଅଳିଆ ମୁକ୍ତ ପାଇଁ ଯୋଜନା**

## ହାଟରୁ ବାଇକ୍ ଚୋରି

କୁଆଁମରା, ୨୭ ।୧୨(ସମିସ): ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ସାପ୍ତାହିକ ହାଟରୁ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଉଦଳା ଥାନା ଅନ୍ତର୍ଗତ ସିମିଳାବନ୍ଧ ଗ୍ରାମର ଗଜେନ୍ଦ୍ର ବାରିକ ଶୁକ୍ରବାର ଅପରାହ୍ନରେ ତାଙ୍କ ବାଇକ୍‌କୁ ହାଟ ସମ୍ମୁଖରେ ରଖି ସଉଦା ଆଣିବାକୁ ଯାଇଥିଲେ। କିଛି ସମୟ ପରେ ଫେରିବା ବେଳକୁ ସେଠାରେ ବାଇକ୍ ନଥିବା ଦେଖି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମଦ ଜବତ, ୨ ଗିରଫ

କୁଆଁମରା ୨୭ ।୧୨(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଆଜି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ପୃଥକ ମାମଲା ରୁଜୁ କରିଛି। ଏଥିସହ ଅଭିଯୁକ୍ତଙ୍କଠାରୁ ୩୨ ଲିଟର ଦେଶୀମଦ ଜବତ ହୋଇଛି। ଏହି ଥାନା ଅନ୍ତର୍ଗତ ଜଡ଼ାବଣୀ ଗ୍ରାମର ଦଶରଥ ବାସ୍କେ (୪୦)ଙ୍କଠାରୁ ୧୫ ଲିଟର ଓ ଡବକ ଗ୍ରାମର ବୈଦ୍ୟନାଥ ହାଁସଦା (୨୩)ଙ୍କଠାରୁ ୧୭ ଲିଟର ଜବତ ହୋଇଛି। ଏହି ଚଢ଼଼ଉରେ କୃଷ୍ଣଚନ୍ଦ୍ର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ୍ ପ୍ରମୁଖ ସାମିଲ ଥିଲେ।

# ଭୂଷଣ୍ଡେଶ୍ୱରଙ୍କ ମନ୍ଦିର ନିର୍ମାଣ ଲାଗି ସର୍ବଦଳୀୟ ବୈଠକ



ଭୋଗରାଇ, ୨୭।୧୨(ସମିସ) : ଏସିଆର ସର୍ବବୃହତ ତଥା ଆଦ୍ୟ ଶିବଲିଙ୍ଗ ଭାବେ ଖ୍ୟାତ ଭୋଗରାଇର ବାବା ଭୂଷଣ୍ଡେଶ୍ୱରଙ୍କ ଭବ୍ୟ ମନ୍ଦିର ନିର୍ମାଣ ନେଇ ଶନିବାର ବ୍ଲକ୍ ସମ୍ମିଳନୀ କକ୍ଷରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଅଧ୍ୟକ୍ଷତା କରିଥିଲେ। ଏଥିରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ମନ୍ଦିର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଅନେକ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିପାଇଁ ୪ଭାଗରୁ ଏକଭାଗ ସହାୟତା ମିଳିଛି। ସ୍ଥାନୀୟ ଅଧିବାସୀ ଓ ସରକାରଙ୍କ ସହାୟତା ମିଶିଲେ ପୂର୍ଣ୍ଣାଙ୍ଗ ହେବା ସମ୍ଭବ ହେବ। ଏଥିସହିତ ଆସନ୍ତା ମହାଶିବରାତ୍ରିକୁ ମହାସମାରୋହରେ ପାଳନ ଲାଗି ଆଲୋଚନା ହୋଇଥିଲା। ପୂର୍ବତନ ବିଧାୟକ ସ୍ୱର୍ଗତ ଅନନ୍ତ ଦାସଙ୍କ ପୁତ୍ର ଇଂ ଅଭିଜିତ ଦାସ ଯୋଗଦେଇ ମନ୍ଦିର ପାରିପାଶ୍ୱିକ ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ, ବିଜେପି ନେତା ଆଶିଷ ପାତ୍ର, ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡା, ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗଦେଇ ସେମାନଙ୍କ ମତ ରଖିଥିଲେ। ଏଥିରେ ବିଭିନ୍ନ ଦଳର ନେତୃବୃନ୍ଦ ମଧ୍ୟରେ ଦମୟନ୍ତୀ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ବେହେରା, ହେମନ୍ତ ବେହେରା, ପୂର୍ବତନ ଉପାଧ୍ୟକ୍ଷା ମୀନାରାଣୀ ସୁର, ଭବେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମତାମତ ରଖିଥିଲେ। ସମସ୍ତ ଆଲୋଚନା ଅସମ୍ପୂର୍ଣ୍ଣ ରହିବାରୁ ପୁଣି ଥରେ ବୈଠକ ହେବା ପାଇଁ ସିଦ୍ଧାନ୍ତ ନିଆଯାଇଛି। ସୂଚନା ଥାଉ କି, ଖଣ୍ଡେଲାଇଟ ପଥରରେ ମହାଦେବଙ୍କ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଧାରଣା



ବାଲେଶ୍ୱର, ୨୭ ।୧୨(ସମିସ): ଡାକ୍ତରମାନେ ୧୦ ଦଫା ଦାବି ନେଇ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଘଣ୍ଟିକିଆ ପ୍ରତୀକ ଧାରଣା ଦେଇଛନ୍ତି। ଓମସାର ରାଜ୍ୟ ସମ୍ପାଦକ ଡ. ସଞ୍ଜୀବ ପ୍ରଧାନଙ୍କ କହିବା ଅନୁସାରେ, ଡାକ୍ତରମାନଙ୍କ ୧୦ ଦଫା ଦାବି ନେଇ ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରାଯାଇଛି। ହେଲେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସ୍ୱାସ୍ଥ୍ୟ ବିଭାଗ କେବଳ ତାରିଖ ଗଡେଇ ଚାଲିଛନ୍ତି। ଏଣୁ ବାଧ୍ୟ ହୋଇ ଓମସାର ନିର୍ଦ୍ଦେଶ ଅନୁସାରେ ୨୬ତାରିଖ ଠାରୁ ଆସନ୍ତା ଜାନୁଆରୀ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ଡାକ୍ତରମାନେ ଏକ ଘଂଟିଆ ପ୍ରତୀକ ଧାରଣା ଦେଇଛନ୍ତି। କେନ୍ଦ୍ରୀୟ ହାରରେ ଡିଏସପି ବିନା ସର୍ତ୍ତାବଳୀରେ ପେ ଷ୍ଟ୍ରକଚରରେ ଲେବୁଲ୧୫ ଏବଲ୍ୟୁସନ, କ୍ୟାଡର ପୁନର୍ଗଠନ, ଦନ୍ତ ଡାକ୍ତରଙ୍କୁ ସମାନ କାମକୁ ସମାନ ସୁବିଧା ପ୍ରଦାନ କରିବା, ୧୦ବର୍ଷ ଧରି ବୃଦ୍ଧି ହୋଇନଥିବା ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ପ୍ରମୋସନ କମିଟି ଗଠନ କରି ନିୟମିତ ଭାବରେ ଡାକ୍ତରଙ୍କୁ ପ୍ରମୋସନ ଦେବା, ୬ହଜାର ସଂଖ୍ୟାରେ ଡାକ୍ତର ପଦବୀ ଖାଲି ରହିଛି ତାକୁ ଅଗ୍ରାଧିକାର ମଧ୍ୟରେ ପୂରଣ କରିବା, ସବୁ ଡାକ୍ତରଙ୍କୁ କ୍ୱାର୍ଟର ପ୍ରଦାନ କରିବା ଆଦି ୧୦ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ସରକାର ଅଗ୍ରାଧିକାର ମଧ୍ୟରେ ଏହାକୁ ପୂରଣ କରିବାକୁ ଦାବି କରାଯାଇଛି। ସରକାର ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଆନ୍ଦୋଳନ ତୀବ୍ରତର ହେବା ସହ ଓମସାର ନିର୍ଦ୍ଦେଶ କ୍ରମ ଅନ୍ୟ ପନ୍ଥା ଅବଲମ୍ବନ କରାଯିବ। ତେବେ ଏହି ଘଂଟିକିଆ ପ୍ରତୀପ ଧାରଣା ମଧ୍ୟରେ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ବନ୍ଦ ରହିବା ସହ ଏନଏଚଏମର ଯେ କୌଣସି କାର୍ଯ୍ୟକ୍ରମରେ ଅସହଯୋଗ କରାଯିବ ବୋଲି କୁହାଯାଇଛି। ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ବ୍ରାଞ୍ଚ ସଭାପତି ଡା. ସରୋଜ ରାଜ, ସ୍ତ୍ରୀ ପ୍ରସୂତି ବିଭାଗ ଡା. ଗିରିଜା ଶଙ୍କର ଦାସ, ଡା. ଅମୂଲ୍ୟ ଦାସ, ରାଜ୍ୟ କୋଷାଧ୍ୟକ୍ଷ ଡା. କ୍ଷୀରୋଦଚନ୍ଦ୍ର ପାଲଙ୍କ ସମେତ ୩୦ରୁ ଅଧିକ ଡାକ୍ତରମାନେ ଉପସ୍ଥିତ ଥିଲେ।

# ଢାବାରୁ ମଦ ଜବତ, ଦୁଇ ଗିରଫ

ସୋର, ୨୭।୧୨(ସମିସ): ସୋର ଥାନା ବେଲଦା ଛକ ନିକଟରେ ଥିବା ବଙ୍କବୁଦ୍ଧି ଢାବାରେ ସୋର ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଏହି ଢାବାରେ ବେଆଇନ ଭାବେ ମଦ ବିକ୍ରି ହେଉଥିବାର ଖବର ପାଇ ସୋର ପୁଲିସ ଗତକାଲି ରାତିରେ ଚଢ଼ାଉ କରିଥିଲା। ଫଳରେ ପୁଲିସ ଢାବାରେ କାର୍ଯ୍ୟରତ ଘସିପୁରା ଥାନା କୁଡିମାଟି ଗ୍ରାମର ରାଜୁ ନାୟକ (୨୮) ଏବଂ କେଉଁଝରର ପଟଣା ଥାନା ଡୁମୁରିଆ ଗ୍ରାମର ସୁଦର୍ଶନ ଦାସ ମଦ ବିକ୍ରି କରୁଥିବା ବେଳେ ଉଭୟଙ୍କୁ ମଦ ସହ ପୁଲିସ ଥାନାକୁ ଉଠାଇ ଆଣିଥିଲା। ଏ ବାବଦରେ ପୁଲିସ ୧୧୦୧/୨୫ ନମ୍ବରରେ ଏକ ମାମଲା ରୁଜୁ କରି ସେମାନଙ୍କ ନିକଟରୁ ୩୬. ୫ ଲିଟର ବିଦେଶୀ ମଦ ଜବତ କରି ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନେପାଳରେ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା, ଅତାଉଲ୍ଲାଙ୍କ ସଫଳତା



ସୋର, ୨୭।୧୨(ସମିସ): ଚଳିତ ମାସ ନେପାଳରେ ଅନୁଷ୍ଠିତ ଓପନ ଫ୍ରେଣ୍ଡସିପ ଇଣ୍ଟରନେସନାଲ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ବାଲେଶ୍ୱର ତାଏକ୍ୱୋଣ୍ଡୋ କୋଚ ତଥା ସୋର ତାଏକ୍ୱୋଣ୍ଡୋ ଏକାଡେମୀ କୋଚ ଅତାଉଲ୍ଲା ଖାନ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ, ଜିଲ୍ଲା ତଥା ସୋର ପାଇଁ ଗୌରବ ଆଣିଛନ୍ତି। ଶ୍ରୀ ଖାନ ନେପାଳ କାଠମାଣ୍ଡୁ ସହରରେ ଥିବା ରଙ୍ଗଶାଳା ଇଣ୍ଡୋର ଷ୍ଟାଡିୟମରେ ଅଣ୍ଡର ୪୦ ବର୍ଷ ବର୍ଗ ରେକଗନାଇଜଡ଼ ଇଣ୍ଡିଭିଜୁଆଲ ପୋମସେରେ ଭାଗ ନେଇ ଏହି ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ନେପାଳ, ଭାରତ, ସାଉଥ କୋରିଆ, ଆମେରିକା, ମାଲଡିବସ, ବାଂଲାଦେଶ, ଅଷ୍ଟ୍ରେଲିଆ, ମାଲେସିଆ, ୟୁଏସଏ, ସିଙ୍ଗାପୁର ଆଦି ୧୦ଟି ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ସମସ୍ତଙ୍କୁ ପଛରେ ପକାଇ ଅତାଉଲ୍ଲା ସ୍ୱର୍ଣ୍ଣ ପଦକ ଜିତି ଭାରତ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡିଶା ରାଜ୍ୟ ତାଏକ୍ୱୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ସୋର ବିଧାୟକ ମାଧବ ଧଡ଼ା ଏବଂ ବାଲେଶ୍ୱର ଜିଲ୍ଲା ସଭାପତି ଅବଦୁଲ ଉଦୁତ ଖାନ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ବଢୁଛି ଶୀତ, ଜମୁଛି ଶୀତବସ୍ତ୍ରର ଆସର**

# ହାଡ଼ଭଙ୍ଗା ଶୀତ ପାଇଁ ଶୀତବସ୍ତ୍ର ବଜାରରେ ଗ୍ରାହକଙ୍କ ଭିଡ଼

ବାରିପଦା, ୨୭ ।୧୨(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଥିବାବେଳେ କୋଣ ଅନୁକୋଣରେ ଜନସାଧାରଣଙ୍କୁ ଆନମନା କରିଛି। ଅସହ୍ୟ ଶୀତ ସହିତ ସବୁଠି କୁହୁଡ଼ି ଓ କାକରର ଜଳବିନ୍ଦୁ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ଏହି ହାଡ଼ଭଙ୍ଗା ଶୀତ ଯେମିତି ବଢୁଛି, ଶୀତକୁ ପ୍ରତିହତ କରିବା ପାଇଁ ଶୀତବସ୍ତ୍ରର ଚାହିଦା ମଧ୍ୟ ସେହିପରି ବଢ଼ିବାରେ ଲାଗିଛି। ଗତ କିଛିଦିନ ହେବ ବାରିପଦା ସହରରେ ପ୍ରବଳ ଶୀତ ଅନୁଭୂତ ହେଲାଣି। ଆଉ ଖୋଜା ପଡ଼ିଲାଣି ଗରମ ପୋଷାକ। ଏହି ଅସହ୍ୟ ଶୀତରେ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଶୀତବସ୍ତ୍ରର ଆସର ବାରିପଦା ସହରରେ ଜମିଛି।

ବାରିପଦାର ତିବ୍ବତ ବଜାର (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟ)ରେ ଅସ୍ଥାୟୀ ଶୀତବସ୍ତ୍ରର ମେଳା ପଡ଼ିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉକ୍ତ ସ୍ଥାନରେ ତିବ୍ବତ ଶୀତବସ୍ତ୍ର ବଜାର ପଡ଼ିଛି। ଭଳିକି



ଭଳି ଶୀତବସ୍ତ୍ରର ପସରା ମେଲି ଗ୍ରାହକଙ୍କୁ ଅପେକ୍ଷା କରିରହିଛନ୍ତି। ଶୀତବସ୍ତ୍ର ବଜାରରେ ଲୋକଙ୍କ ଦିନକୁ ଦିନ ଭିଡ଼ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ତିବ୍ବତ ଅଞ୍ଚଳର ଲୋକେ ଓଡ଼ିଶାର ଗଜପତି, କଳାହାଣ୍ଡି, କୋରାପୁଟ ଅଞ୍ଚଳରେ ବସବାସ କରୁଥିବାବେଳେ ନିଜ ହାତ ତିଆରି ଶୀତବସ୍ତ୍ରକୁ ଆଣି ବର୍ଷକୁ ଥରେ ଶୀତବସ୍ତ୍ର ବଜାର ଖୋଲିଥା'ନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିକ୍ରି ହେଉଛି ଅନେକ ରଙ୍ଗବେରଙ୍ଗ ଶୀତବସ୍ତ୍ର। ଦରଦାମ ମଧ୍ୟ ଠିକଠାକ୍ ଥିବାରୁ ବାରିପଦା ସହରର ଏହି ଶୀତବସ୍ତ୍ର ବଜାର ଚଳଚଞ୍ଚଳ ରହିଛି। ଶୀତରୁ ବଞ୍ଚିବା ସହ ଏକ ଷ୍ଟାଇଲିଷ୍ଟ ଲୁକ ପାଇଁ ପୁରୁଷ ହୁଅନ୍ତୁ କି ମହିଳା ସମସ୍ତଙ୍କ ମଧ୍ୟରେ ଉତ୍ସାହ ରହିଥାଏ। ଯାହାକୁ ନେଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ଶୀତବସ୍ତ୍ର ବଜାରରେ ଅନେକ ଭିଡ଼ ଜମୁଛି। ଶାଲ, ସ୍ୱେଟର, ଜ୍ୟାକେଟ, କମ୍ବଳ, ଶୀତ ଟୋପି ଓ ଅନ୍ୟାନ୍ୟ ଶୀତବସ୍ତ୍ର ବିକ୍ରି ହେଉଛି।

ଶୀତ ବଢ଼ିବା ସହିତ ତାଳ ଦେଇ ବାରିପଦା ସହରରେ ଶୀତବସ୍ତ୍ରର ଆସର ବଢୁଛି। ଭଳିକି ଭଳି ଶୀତବସ୍ତ୍ର ସହିତ ଗ୍ରାହକଙ୍କ ଅପେକ୍ଷାରେ ଦୋକାନୀ ରହିଛନ୍ତି। ଗ୍ରାହକଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳୁଥିବାବେଳେ ଦୋକାନୀଙ୍କ ରୋଜଗାର ମଧ୍ୟ ବୃଦ୍ଧି ହେଉଛି। ତିବ୍ବତ ଶୀତବସ୍ତ୍ର ବଜାର ବହୁ ପୂର୍ବରୁ ଆରମ୍ଭ ହୋଇଥିବାବେଳେ କିଛିଦିନ ହେବ ଥଣ୍ଡା ବଢୁଥିବାରୁ ହାତ ବାନ୍ଧି ବସିଥିବା ଶୀତବସ୍ତ୍ର ବେପାରୀଙ୍କ ବେପାର ବଢ଼ିଛି। ଲୋକଙ୍କ ପସନ୍ଦକୁ ଦେଖି ବଜାରକୁ ଅନେକ ଶୀତବସ୍ତ୍ରର ସମ୍ଭାର ରହିଛି। ଦିନତମାମ ଦୋକାନ ଖୋଲି ବସି ରହିଥିବାବେଳେ ସନ୍ଧ୍ୟା ହେଲେ ଅଧିକ ଭିଡ଼ ହେଉଛି। ତାପମାତ୍ରା ହ୍ରାସ ପାଉଥିବାରୁ ଶୀତର ପ୍ରକୋପ ବାରିପଦା ସମେତ ଜିଲ୍ଲା ବ୍ୟାପି ବୃଦ୍ଧି ପାଇବାରେ ଲାଗିଛି। ଶୀତ ଆସିଲେ ଶୀତଦିନିଆ ବସ୍ତ୍ର କିଣିବା ପାଇଁ ବାରିପଦାବାସୀ ଅପେକ୍ଷା କରି ରହିଥା'ନ୍ତି। ଯାହାକୁ ନେଇ ଗ୍ରାହକ ନିଜ ପରିବାର ନିମନ୍ତେ ଶୀତବସ୍ତ୍ର ତିବ୍ବତ ବଜାରରୁ କିଣୁଥିବା ଦେଖିବାକୁ ମିଳୁଛି। ଚଳିତଥର ଝିଅଙ୍କର ଠେକୁଆ ମାଫଲର ବା ଟୋପି ବିଶେଷ ଆକର୍ଷଣ ସାଜିଛି। ବଜାରକୁ ଆସିଥିବା ଶୁଳିଆପଦା ଅଞ୍ଚଳର ମହିଳା ଗୀତାଞ୍ଜଳି ପୁହାଣ କହନ୍ତି, ଏଥର ବିଳମ୍ବିତ ଶୀତ ସେମାନଙ୍କ ପାଇଁ ସୁଯୋଗ ଆଣିଛି। ଖରିଫ ଧାନ ଫସଲ ଅମଳ ପରେ ସେ ଆସିଥିଲେ କିଣିବା ପାଇଁ। ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ସେ ଉଚିତ ମୂଲ୍ୟରେ ଶୀତବସ୍ତ୍ର ଓ ୨ଟି କମ୍ବଳ କିଣିଛନ୍ତି। ସେହିପରି ତିବ୍ବତ ବ୍ୟବସାୟୀ ରାମ ବାହାଦୂରଙ୍କ କହିବାନୁସାରେ ବାରିପଦାର ଗ୍ରାହକ ବହୁତ ଭଲ। କରୋନା ସମୟକୁ ବାଦ ଦେଲେ ୧୪ ବର୍ଷ ଧରି ସେ ଓ ତାଙ୍କ ସାଥୀ ପରିବାର ସହିତ ବାରିପଦାକୁ ବ୍ୟବସାୟ ପାଇଁ ଆସୁଛନ୍ତି।

# ଗଜପତିରେ ରୋହିଙ୍ଗ୍ୟା ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ପାରଳାଖେମୁଣ୍ଡି,୨୭ ।୧୨(ସମିସ)

ଡେରିରେ ହେଉ ପଛେ ଗଜପତିରେ ରୋହିଙ୍ଗ୍ୟା ବାଂଲାଦେଶୀଙ୍କୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ସକାଳୁ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ଜିଲ୍ଲାରେ ଅପରିଚିତ ନୂଆମୁହଁ ହୋଇଥିବା କିଛି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ଦେଖିବା ପରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏହି ସୂଚନା ପାଇବା କ୍ଷଣି ପୁଲିସ ପାରଳାଖେମୁଣ୍ଡି ସହରର ୨, ୨, ୫, ୧୪ ଏବଂ ୧୬ ନମ୍ବର ୱାର୍ଡରେ କିଛି ଅଜଣା ଲୋକଙ୍କୁ ଚିହ୍ନଟ କରି ଥାନାକୁ ଆଣି ଯାଞ୍ଚ ପ୍ରକ୍ରିୟା ଜାରି ରଖିଛି। ତେବେ ସମସ୍ତଙ୍କ ପାଖରେ ଆଧାର କାର୍ଡ ଏବଂ ଭୋଟର କାର୍ଡ ମଧ୍ୟ ରହିଛି। ଏହି ପ୍ରକ୍ରିୟା ଯାଞ୍ଚ ବେଳେ ଯାହା ଜଣାପଡିଛି ଅଧିକାଂଶ ଲୋକ ପଶ୍ଚିମବଙ୍ଗର ମୁର୍ସିଦାବାଦ, ମେଦିନିପୁରୁ, ପୂର୍ବ ବର୍ଦ୍ଧମାନ ଜିଲ୍ଲାର ଅଧିବାସୀ। ଯାଞ୍ଚ ପାଇଁ ଆସିଥିବା ସମସ୍ତେ ପାରଳାଖେମୁଣ୍ଡି ସମେତ ଜିଲ୍ଲାର



ପ୍ରାଥମିକ ପର୍ଯ୍ୟାୟରେ ୫୦ ସନ୍ଦିଗ୍ଧଙ୍କ ପରିଚୟ ଯାଞ୍ଚ

ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳରେ ଫେରିବାଲା, କବାଡ଼ିଆ, ଏଓରୋଲ୍ ଭଳି ବିଭିନ୍ନ ଜିନିଷ ଗ୍ରାମଗ୍ରାମ ବୁଲି ବ୍ୟବସାୟ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ବର୍ତ୍ତମାନ ସହରର ବିଭିନ୍ନ ସ୍ଥାନରୁ ଡକାଯାଇଥିବା ଅଜଣା ବ୍ୟକ୍ତିଙ୍କୁ ଯାଞ୍ଚ ପାରଳାଖେମୁଣ୍ଡି ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। କାରଣ ସେମାନଙ୍କ ପାଖରୁ ମିଳିଥିବା ଆଧାର କାର୍ଡ, ଭୋଟରକାର୍ଡ ବାସ୍ତବରେ ଅସଲି କି ନକଲି, ଏନେଇ ଜାଣିବାକୁ ଜିଲ୍ଲା ପ୍ରଶାସନ ଆଉକୁ କ'ଣ ପଦକ୍ଷେପ ନେଉଛି, ବାସ୍ତବରେ ସେମାନେ ବାଂଲାଦେଶୀ କି ନୁହେଁ ସେମାନେ ମୂଳ ଭାରତୀୟ କି ନାଁ ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କୁ ସେଠାକାର ସରକାର ସମସ୍ତ ସରକାରୀ ଦସ୍ତାବିଜ କରାଇବା ସହ ସେମାନଙ୍କୁ ଆଶ୍ରୟ ଦେଉଥିବା ବାଂଲାଦେଶୀ ଶରଣାର୍ଥୀ କି? କେଉଁ ଉଦ୍ଦେଶ୍ୟରେ ଗଜପତି ଭଳି ଗୋଟିଏ ଆଭ୍ୟନ୍ତରୀଣ ଜିଲ୍ଲାରେ ଏହି ଭଳି ଲୋକଙ୍କ କାୟା ବିସ୍ତାର ହେଉଛି ଏହି ସମସ୍ତ ଜିନିଷ ଯାଞ୍ଚ କରି ବାହାର କରିବା ପୁଲିସ ପାଇଁ ଏବେ ବଡ଼ ଚ୍ୟାଲେଞ୍ଜ। ତେବେ ଓଡ଼ିଶାରେ ୩୦ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବାଂଲାଦେଶୀଙ୍କୁ ଚିହ୍ନଟ କରି ସେମାନଙ୍କୁ ବାଂଲାଦେଶ ସୀମାରେ ନେଇ ଛାଡିବା ଭଳି ଅନେକ ନଜିର ଗତ ୬ମାସ ଭିତରେ ଦେଖିବାକୁ ମିଳିଛି। ହେଲେ ବର୍ତ୍ତମାନ ଗଜପତି ଜିଲ୍ଲାର ସ୍ଥିତି ଅନୁଧାନ କଲେ ଜିଲ୍ଲା ପୋଲିସ ସମ୍ପୂର୍ଣ୍ଣ ନିର୍ଭର କରୁଛି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଉପରେ। ବାଲେଶ୍ୱର ଅଞ୍ଚଳରେ ଯେଉଁଭଳି ଗୋଷ୍ଠୀଙ୍କ ମାନଙ୍କ ଛତ୍ରଛାୟା ତଳେ ଅନୁପ୍ରବେଶ ବାଂଲାଦେଶୀମାନେ ରହି ଅନେକ ଅପରାଧ ମାମଲା ଭିଆଉଥିଲେ ସେହିଭଳି ଗଜପତି ଜିଲ୍ଲାରେ ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି କିଛି ରାଜନୈତିକ ବ୍ୟକ୍ତିବିଶେଷଙ୍କ ଛତ୍ରଛାୟାରେ ରହି ପାରଳାଖେମୁଣ୍ଡି ଏବଂ ଆଖପାଖ ଅଞ୍ଚଳର ମଠ ମନ୍ଦିର, ସରକାରୀ ଜମି, ବନବିଭାଗ ବନାଞ୍ଚଳରେ ଜବରଦଖଲ କରି ସହରର ବିଭିନ୍ନ ସ୍ଥାନରେ ନିଜ ନିଜ ବସ୍ତି ଗଢି ଗତ କିଛିଦିନ ହେଲା ରହି ଆସୁଛନ୍ତି। ମୁଖ୍ୟତଃ ସହରବାସୀ ଏବେ ଆତଙ୍କରେ। କାରଣ ଗତ ତିନିମାସ ମଧ୍ୟରେ ସହରର ବିଭିନ୍ନ ସ୍ଥାନରୁ ୩୦ରୁ ଅଧିକ ଚୋରି ଓ ଡକାୟତି ହେଲାଣି। ଏହାସହ ବିଭିନ୍ନ ସମୟରେ ଅନେକ ଅପରାଧ ଘଟଣା ମଧ୍ୟ ସାମ୍ନାକୁ ଆସିଲାଣି। ଦିନଥିଲା ଶାନ୍ତିର ସହର ଭାବେ ପରିଚିତ ଥିବା ପାରଳାଖେମୁଣ୍ଡି ସହର ଏବେ ଅଶାନ୍ତ। ଚୋରି, ରାହାଜାନୀ ଭଳି ଘଟଣା ସହରବାସୀଙ୍କ ନିତିଦିନିଆ ଘଟଣା ହୋଇଗଲାଣି। ବର୍ତ୍ତମାନ ପାରଳାଖେମୁଣ୍ଡି ପୁଲିସ ପ୍ରାଥମିକ ସ୍ତରରେ ୫୦ ଜଣଙ୍କୁ ଚିହ୍ନଟ କରି ସେମାନଙ୍କ ନିକଟରୁ ଭୋଟର କାର୍ଡ ଓ ଆଧାର କାର୍ଡ ନେଇ ଏକ ତାଲିକା ପ୍ରସ୍ତୁତ କରି ଯାଞ୍ଚ ଆରମ୍ଭ କରିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ଓମ୍‌ସା ଫୁଲବାଣୀ ଶାଖାର ପ୍ରତିବାଦ



ବାଲିଗୁଡା,୨୭।୧୨(ସମିସ): ୧୮ ଦଫା ଦାବି ନେଇ ଓମସା ଫୁଲବାଣୀ ପକ୍ଷରୁ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧ ଘଣ୍ଟା ରୋଗୀ ସେବା ବନ୍ଦ କରାଯାଇଥିଲା। ଓମ୍‌ସା ପକ୍ଷରୁ ମୋହନ ମାଝି ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ଦେଇଥିବା ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ତେଣୁ ବାଧ୍ୟ ହୋଇ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାମୁହିକ ଭାବେ ଡାକ୍ତରମାନେ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ରୋଗୀ ସେବା ବନ୍ଦ କରି ଶାନ୍ତିଶୃଙ୍ଖଳାର ସହ ପ୍ରତିବାଦ କରିଥିଲେ। ଜରୁରୀକାଳୀନ ସେବା ଚାଲିଥିବା ବେଳେ ଓପିଡି ସେବା ସମ୍ପୁର୍ଣ୍ଣ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଯଦି ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପୁରଣ ନ କରନ୍ତି ତେବେ ଆଗାମୀ ଦିନରେ ଓମସା ସଂଘ ଯାହା ନିଷ୍ପତ୍ତି ନେବ ସେ ଅନୁସାରେ ସମସ୍ତ ସଂଘ ମଧ୍ୟରେ ଥିବା ଡ଼ାକ୍ତର ପାଳନ କରାଯିବ ବୋଲି ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ସୁଶାନ୍ତ ମଣ୍ଡଳ କହିଛନ୍ତି।

## ଗଜପତି ବିଜେଡିର ନୂତନ ସାଂଗଠନିକ ତାଲିକା ପ୍ରକାଶ

ପାରଳାଖେମୁଣ୍ଡି,୨୭ ।୧୨(ସମିସ): ଗଜପତି ଜିଲ୍ଲାରେ ବିଜେଡିକୁ ଅଧିକ ମଜୁତ କରିବା ଲକ୍ଷ୍ୟରେ ନୂତନ ସାଂଗଠନିକ ତାଲିକା ପ୍ରକାଶ ପାଇଛି। ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ତାଲିକାରେ ମୁଖ୍ୟ କରି ଜିଲ୍ଲାର ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ନାମ ଘୋଷଣା ହୋଇଛି। ଜିଲ୍ଲାରେ ନୂତନ ଉପସଭାପତି ଭାବେ ୧୩ ଜଣଙ୍କ ନାମ ପ୍ରକାଶ କରାଯାଇଥିବା ବେଳେ ୧୨ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୧୪ ଜଣ ସମ୍ପାଦକଙ୍କୁ ଚୟନ କରାଯାଇଛି। ଏପରି ଭାବେ ମୋଟ ୪୦ ଜଣଙ୍କ ନାମ ଘୋଷଣା କରାଯାଇଛି।

ଦଳର ଉପସଭାପତି ଭାବେ ଲକ୍ଷ୍ମୀକାନ୍ତ ପରିଚ୍ଛା, ଲାଜାର ମାଝୀ, ରାମ ଦଳବେହେରା, କେ.ଆପାରାଓ (ମଧୁ), ଚନ୍ଦ୍ର ସାହୁକାର, ଭୀମ ପାଇକ, ବି. ଲକ୍ଷ୍ମୀନାରାୟଣା, ନୀର ଭୂୟାଁ, ୱାଇ.ରାମଚନ୍ଦ୍ର ରାଓ, ଏସ୍.ଗଜପତି ରାଓ, ପ୍ରକାଶ ନାୟକ, ଜେମ୍ସ ରାଇକା, ଭାସ୍କର ସାହୁ। ସେହିପରି ସାଧାରଣ ସମ୍ପାଦକ ଭାବେ ରୋକମ ଚଲପତି, ବୁଲୁ ରଇତ, ପ୍ରଶାନ୍ତ ପାତ୍ର, ଯୁଧିଷ୍ଠିର ବଡ଼ମୁଣ୍ଡି, ସୁଦାମ ରଇତ, ପ୍ରଫୁଲ ମହାନ୍ତି, ଏସ୍.ଭାସ୍କର ରାଓ, ସୋମନାଥ ବଳିଆରସିଂ, ରାମ ମାଝୀ, ହାଡ଼ିଆ କନ୍ଧ, ଏନି ଗୋପାଳ ରାଓ (ଗୋପୀ) ଏବଂ ରାଜୀବ ମଲ୍ଲିକଙ୍କ ନାମ ରହିଛି। କୋଷାଧ୍ୟକ୍ଷ ଭାବେ ଗୋପବନ୍ଧୁ ପଟ୍ଟନାୟକଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦକ ଭାବେ ଶିଶିର ପ୍ରଧାନ, କେ. ଜୀବରତ୍ନମ, ଶିବରାମ ସାହୁ, ଏଡେଙ୍ଗା ଶବର, ବିରଞ୍ଚି ନାରାୟଣ ଦେବ, ଲକ୍ଷ୍ମଣ ଶବର, ପ୍ରଫୁଲ ଲିମା, ବିକାଶ ନାୟକ, ଦୀପକ ପାଣି, ଭି. ଭେଙ୍କଟଗିରି, ଦେବାନନ୍ଦ ନାୟକ, ରମେଶ ଅଧିକାରୀ, ପ୍ରେମା ମାଝୀ ଏବଂ ମୋଶା ମାଝୀଙ୍କ ନାମ ରହିଛି।

ତେବେ ଆସନ୍ତା ପଞ୍ଚାୟତ ଓ ପୌରାଞ୍ଚଳ ନିର୍ବାଚନରେ ଦଳର ଶତ ପ୍ରତିଶତ ସଫଳତା ପାଇଁ ଦଳୀୟ ସୁପ୍ରିମୋ ଏହି ପଦକ୍ଷେପ ଗ୍ରହଣ କରିଥିବାର ଆଲୋଚନା ହେଉଛି। ଦଳୀୟ ସୁପ୍ରିମୋଙ୍କ ଏପରି ଘୋଷଣା ପରେ ବିଜେଡି ଶିବିରରେ ଆନନ୍ଦର ଲହରୀ ଖେଳିଯାଇଛି। ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସହ ସମସ୍ତ ନେତା ଓ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ ଦଳୀୟ ସୁପ୍ରିମୋଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ହିଲ୍‌ଟପ୍ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ପାଠଚକ୍ର




ମୋହନା,୨୭।୧୨(ସମିସ): ମୋହନା ସ୍ଥିତ ହିଲଟପ ସ୍ନାତକ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଇଂରାଜୀ ବିଭାଗ ପକ୍ଷରୁ କୃତ୍ରିମ ବୁଦ୍ଧିମତା ଉପରେ ଏକ ଜାତୀୟ ପାଠଚକ୍ର ଓ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଗାଲାଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଇଂରାଜ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼. ନିଗମାନନ୍ଦ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ପାଠଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗୀୟ ମୁଖ୍ୟ ଅସୀମ ରଞ୍ଜନ ପାଢ଼ୀ ସମ୍ମାନିତ ଅତିଥି ଓ ଜିଆଇଟି ଗୁଣୁପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗୀୟ ମୁଖ୍ୟ ଡ଼. ରଞ୍ଜିତ କୁମାର ପତି ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ହିଲ୍‌ଟପ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଏସ୍. ରମେଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ଥାନୀୟ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଡ଼. ପ୍ରଣାବାନନ୍ଦ ପାଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। ମଧ୍ୟାହ୍ନରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ୨୩ଜଣ ଗବେଷକ ଅଧ୍ୟାପକ ଛାତ୍ରଛାତ୍ରୀଙ୍କୁ ସଂକଳ୍ପ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ, ଗଜପତି, ରାୟଗଡା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରଛାତ୍ରୀଙ୍କ ସମେତ ହିଲଟପ୍ ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପରିଚାଳନା କରିଥିଲେ।

● ଜିଲ୍ଲା ସଦରମହକୁମାରେ ମାତିଛନ୍ତି ଲୁଟେରା

## ଘରେ ପଶି ଦେଢ଼ କେଜି ରୁପା ସହ ୫୦ ହଜାର ଟଙ୍କା ଲୁଟ୍

ପାରଳାଖେମୁଣ୍ଡି,୨୭ ।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଚୋରି ସଂଖ୍ୟା ଥମିବାର ନା ନେଉନାହିଁ। କିଛି ଦିନର ବ୍ୟବଧାନ ପରେ ଚୋରି ଘଟଣା ଜାରି ରହିଛି। ବିଶେଷ କରି ତାଲା ବନ୍ଦ ଘରକୁ ଟାର୍ଗେଟ୍ କରି ଦୁର୍ବୃତ୍ତ କଳାକନା ବୁଲାଉଛନ୍ତି। ସହରର କୁମୁଟି ସାହିର କେ. ନାରାୟଣାଙ୍କ ଘରେ ଦୁର୍ବୃତ୍ତ ପଶି ଦେଢ କେଜି ରୁପା ଅଳଙ୍କାର ସମେତ ନଗଦ ୫୦ ହଜାର ଟଙ୍କା ଚୋରି କରିନେଇଥିବାର ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପ୍ରକାରେ କେ.ନାରାୟଣ ଏବଂ ତାଙ୍କ ପରିବାର ଲୋକେ ସୋମବାର ଆନ୍ଧ୍ରର ବୋବିଲି ଗ୍ରାମକୁ ଯାଇ ପାଞ୍ଚ ଦିନ ପରେ ନିଜ ଘରକୁ ଫେରିଥିଲେ। ଘରେ ପଶି ଦେଖିବା ବେଳକୁ ଦୁର୍ବୃତ୍ତ ଆଲମିରାରେ ଥିବା ନଗଦ ୫୦ ହଜାର ଟଙ୍କା ସମେତ ରୁପା ଅଳଙ୍କାର ନେଇଯାଇଛନ୍ତି। ତେବେ ଘରର କୌଣସି ତାଲା ଭଙ୍ଗା ଯାଇନଥିବା ବେଳେ ଛାତ ଉପର ଦେଇ ଦୁର୍ବୃତ୍ତ ପଶିଥିବାର ଅନୁମାନ କରାଯାଉଛି। ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ଆଦର୍ଶଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ଏକ ମାମଲା ରୁଜୁ କରାଯାଇଥିବାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ଦେଇଛନ୍ତି।

## ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ହତ୍ୟା ପ୍ରତିବାଦରେ ବିକ୍ଷୋଭ

ଜି.ଉଦୟଗିରି,୨୭।୧୨(ସମିସ): ବାଂଲାଦେଶରେ ଜଣେ ହିନ୍ଦୁ ଯୁବକଙ୍କୁ ଜୀବନ୍ତ ପୋଡ଼ି ହତ୍ୟା ଘଟଣା ସହ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ନେଇ ଜି.ଉଦୟଗିରିରେ ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କନ୍ଧମାଳ ଜିଲ୍ଲା ବଜରଙ୍ଗ ଦଳ ଜିଲ୍ଲା ସଭାପତି ପ୍ରମୋଦ ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ଥାନୀୟ ବଜରଙ୍ଗ ଦଳ ସଂଯୋଜକ ଆଶିଷ କାଣ୍ଡି, ସହ ସଂଯୋଜକ ଜିତେନ୍ଦ୍ର ନାୟକ, ସାପ୍ତାହିକ ମିଳନ ପ୍ରମୁଖ ରବୀନ୍ଦ୍ର ଦାସଙ୍କ ସମେତ ଦଳର କର୍ମକର୍ତ୍ତା ବାଂଲାଦେଶରୁ ବେଆଇନ ଭାବେ ଆସିଥିବା ରୋହିଙ୍ଗିଆଙ୍କୁ ଦେଶରୁ ବାହାରି ଯିବାକୁ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଶେଷରେ ସ୍ଥାନୀୟ ଗାନ୍ଧୀ ଛକରେ ଜିଲ୍ଲା ସଭାପତି ମୃତ ହିନ୍ଦୁ ଯୁବକ ଦୀପୁ ଦାସଙ୍କ ପ୍ରତି ହୋଇଥିବା ଅମାନୁଷିକ ହତ୍ୟା ବିଷୟରେ କହିବା ସହ ମହମ୍ମଦ ୟୁନୁସଙ୍କ କୁଶପୁତ୍ତଳିକା ଦାହ କରିଥିଲେ ଦଳର କର୍ମକର୍ତ୍ତା।




## ବିଜେପିର ଦାରିଙ୍ଗବାଡ଼ି ମଣ୍ଡଳର ନୂଆ କର୍ମକର୍ତ୍ତା

ଦାରିଙ୍ଗବାଡ଼ି,୨୭।୧୨(ସମିସ): ଦାରିଙ୍ଗବାଡ଼ିରେ ବିଜେପି ପକ୍ଷରୁ ମଣ୍ଡଳ ସଭାପତି ଭାବେ ମିଟୁ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛି ଦଳ। ଦଳରେ ସାଧାରଣ ସମ୍ପାଦକ ଭାବେ ରୁଦ୍ର ମାଧବ ସାହୁଙ୍କୁ ଦାୟିତ୍ୱ ମିଳିଛି। ରୁଦ୍ର ମାଧବ ଛାତ୍ର ଜୀବନରୁ ଆର୍‌ଏସ୍‌ଏସ୍ ସହ କାର୍ଯ୍ୟରତ ଥିଲେ। ରୁଦ୍ରମାଧବଙ୍କ ସମେତ ଏହି ଦାୟିତ୍ୱ ରଞ୍ଜନ କୁମାର ସାହୁଙ୍କୁ ମଧ୍ୟ ଜିଲ୍ଲା ସଭାପତି ଓ ମଣ୍ଡଳ ସଭାପତିଙ୍କ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ସେହିପରି ମଣ୍ଡଳ ଉପସଭାପତି ଭାବେ ୬ ଜଣଙ୍କୁ ଓ ସମ୍ପାଦକ ୬ ଜଣ, କୋଷାଧ୍ୟକ୍ଷ ଭାବେ ଜଣଙ୍କୁ ଚୟନ କରାଯାଇଛି। ସେହିପରି ବିଜେପି ଯୁବମୋର୍ଚ୍ଚା ସଭାପତି ଭାବେ ରୁଦ୍ର ନାରାୟଣ ବେହେରାଙ୍କୁ ଚୟନ କରାଯାଇଥିବା ବେଳେ ମହିଳା ମୋର୍ଚ୍ଚାର ସଭାନେତ୍ରୀ ଟୁନି ମୁଖୀ, କିଷାନ ମୋର୍ଚ୍ଚାର ସୁବଳ ନାୟକ, ଅନୁସୂଚିତ ଜାତି ମୋର୍ଚ୍ଚାର ଲେଙ୍କା ନାୟକ, ଜନଜାତି ମୋର୍ଚ୍ଚାର ଶାନ୍ତନୁ ପ୍ରଧାନ, ଓବିସି ମୋର୍ଚ୍ଚା ର ସୋଭାଗ୍ୟ ସୁବୁଦ୍ଧି, ସଂଖ୍ୟାଲଘୁ ମୋର୍ଚ୍ଚାର ଜିତେନ୍ଦ୍ର ପ୍ରଧାନଙ୍କୁ ମଣ୍ଡଳ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ କରାଯାଇଛି।

## ବାୟୁ ପ୍ରଦୂଷଣ ରୋକିବାକୁ ସାଇକଲ ଯାତ୍ରା

ଜି.ଉଦୟଗିରି,୨୭।୧୨(ସମିସ)



ଦିନକୁ ଦିନ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଗାଡି ମୋଟର ସଂଖ୍ୟା ବଢୁଥିବା ବେଳେ, ନିର୍ମାଣ କାର୍ଯ୍ୟ ବଢ଼ିବାରେ ଲାଗିଛି। ଫଳରେ ମଣିଷ ଅଣନିଶ୍ୱାସୀ ହୋଇପଡୁଛି। ଦିଲ୍ଲୀ ଭଳି ଓଡ଼ିଶା ବାୟୁ ମଧ୍ୟ ବିଷାକ୍ତ ହେଲାଣି। ଯାହା ନେଇ ଚିନ୍ତା ବଢିଥିବା ବେଳେ ସଚେତନ କରିବାକୁ ଅଭିନବ ପ୍ରୟାସ କରିଛନ୍ତି ଦୁଇ ଯୁବକ। ଭୁବନେଶ୍ୱରରୁ ବିଶେଶ୍ୱର ପାତ୍ର ଏବଂ ବିଶ୍ୱନାଥ ତରାଇ ସାଇକଲରେ ବାହାରି ଆଜି ଜି.ଉଦୟଗିରିରେ ପହଞ୍ଚିଛନ୍ତି। ପରିବେଶକୁ ସ୍ୱଚ୍ଛ ରଖିବା ସହିତ ଯେତେଦୂର ସମ୍ଭବ ସାଇକଲରେ ଯାତ୍ରା କରିବାକୁ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ଶରୀର ସୁସ୍ଥ ରହିବ ଓ ବାୟୁ ପ୍ରଦୂଷଣ କମିବ ବୋଲି କହିଥିଲେ। ନ ହେଲେ ଆମ ରାଜ୍ୟ ବାୟୁ ଆଉ କିଛିଦିନ ମଧ୍ୟରେ ଦିଲ୍ଲୀ ଭଳି ପ୍ରଦୂଷିତ ହୋଇଯିବ ବୋଲି କହିଥିଲେ। ଦୁଇ ଯୁବକ ସାଇକଲରେ ଭୁବନେଶ୍ୱରରୁ ବାହାରି ନୟାଗଡ଼, ଭଞ୍ଜନଗର, ପରେ ଆଜି ଜି.ଉଦୟଗିରିରେ ପହଞ୍ଚି ଥିଲେ। ଜି.ଉଦୟଗିରିରୁ ବାଲୁଗୁଡା ଏବଂ ଦାରିଙ୍ଗବାଡି ଅଭିମୁଖେ ଯାତ୍ରା କରିଛନ୍ତି। ଏହି ସଚେତନ କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ସଂଜୀବ କୁମାର ପାତ୍ର ଯୋଗ ଦେଇ ଉତ୍ସାହିତ କରିଥିଲେ।

● ଜି.ଉଦୟଗିରିରେ ଶୀତ ମହୋତ୍ସବ

## ଦୁଇ ମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲା ଶୀତ କମିଟି



ଜି.ଉଦୟଗିରି,୨୭।୧୨(ସମିସ): ଜାନୁଆରୀ ୧୯ରୁ ୨୩ ୫ଦିନ ଧରି ଜି.ଉଦୟଗିରି ଶୀତ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ କମିଟି କର୍ମକର୍ତ୍ତା ବୁର୍ଲାରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକଙ୍କୁ ଶୀତ ମହୋତ୍ସବରେ ଅତିଥି ଭାବେ ଯୋଗ ଦେବାକୁ ଅନୁରୋଧ କରିଛନ୍ତି। ଉଭୟ ମନ୍ତ୍ରୀ ମହୋତ୍ସବରେ ଯୋଗ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଏହାସହିତ କମିଟି ତରଫରୁ ସ୍ଥାନୀୟ ବିଧାୟକ ପ୍ରଫୁଲ ପ୍ରଧାନଙ୍କୁ ନିମନ୍ତ୍ରଣ କରାଯାଇଛି। କମିଟି ସଭାପତି ଜ୍ଞାନ ଚନ୍ଦ୍ର ପ୍ରଧାନ, ସମ୍ପାଦକ ମହମ୍ମଦ ଜିଆଉଦ୍ଦିନ, ସହ ସମ୍ପାଦକ ଆଶୁତୋଷ ସାହୁ ଓ ମଧୁଲିନା ଦିଗାଳ ସାମିଲ ଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ଦାରିଙ୍ଗବାଡ଼ି,୨୭।୧୨(ସମିସ): ଦାରିଙ୍ଗବାଡ଼ି ଥାନା ଡବେରୀ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣା ଘଟି ୨ ଯୁବକ ଗୁରୁତର ହୋଇଥିବା ବେଳେ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ୨ ଜଣ ହେଲେ ଉକ୍ତ ଥାନା ଅଞ୍ଚଳର ଏନ୍‌ସ ପ୍ରଧାନ ଏବଂ ନରେନ୍ଦ୍ର ଦିଗାଲ। ସେମାନଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଏମ୍ସ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ୩ ଜଣ ପଞ୍ଚୁପଲି ଅଞ୍ଚଳରୁ କୌଣସି କାର୍ଯ୍ୟ ସାରି ରାତିରେ ଗୋଟିଏ ବାଇକ୍‌ରେ ଦାରିଙ୍ଗବାଡ଼ିକୁ ଫେରୁଥିବା ବେଳେ ଡବେରୀ ସେବାଶ୍ରମ ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଗଜପତି କଳାକାରଙ୍କ ସଫଳତାକୁ ନେଇ ପ୍ରଶଂସା




ପାରଳାଖେମୁଣ୍ଡି,୨୭ ।୧୨(ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ସମାବେଶରେ ଲୋକ ସଙ୍ଗୀତ ବିଭାଗରେ ଗଜପତି ଜିଲ୍ଲା ପୁରସ୍କୃତ ହୋଇଛି। ପାରଳାଖେମୁଣ୍ଡିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କ୍ରିଏଟିଭ୍ ଆର୍ଟସ୍ କଳାକାର ତୃତୀୟ ପୁରସ୍କାର ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏନେଇ ସେମାନଙ୍କୁ ବିଭିନ୍ନ ମହଲରରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହନାଗା, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝି, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ସଙ୍ଗୀତ ନାଟକ ଏକାଡେ଼ମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର, କ୍ରିଏଟିଭ ଆର୍ଟସ୍‌ର ନୃସିଂହ ଚରଣ ପଟ୍ଟନାୟକ, ମନୋଜ କୁମାର ପାଢୀ, ଆଦର୍ଶ ଦାଶ ଓ ଏମ୍.ପୃଥିବୀରାଜ କଳାକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ଶିବିର




କାଶୀନଗର,୨୭।୧୨(ସମିସ): କାଶୀନଗର ଷ୍ଟେଟ୍ ଶ୍ରୀରାମ ଡିଗ୍ରୀ କଲେଜରେ ତିନିଦିନି ଧରି ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ଶିବିର ଚାଲିଥିବା ବେଳେ ଉଦଯାପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରଳା ଯୁବ ବିଧାୟକ ରୂପେଶ୍ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ଉପାନ୍ତ ପ୍ରହରୀର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ବନପାଲି ଓ ଏନ୍‌ଏସଏସ ପରିଚାଳିକା ଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଉପସ୍ଥିତ ଅତିଥି କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ରଘୁନାଥ ସାହୁଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଅର୍ପଣ କରିଥିଲେ। ପରେ ଏନସିସି କ୍ୟାଡରଙ୍କ ଦ୍ୱାରା ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମ ଏନଏସଏସ ପରିଚାଳିକ କାର୍ଯ୍ୟସୂଚୀ ପଠନ କରିଥିଲେ। ତିନିଦିନିଆ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା, ଯୋଗ, ଫାୟାର ସେଫ୍ଟି, ଚାରାରୋପଣ, ସ୍ୱଚ୍ଛଭାରତ, ଯୁବ ନେତୃତ୍ୱ ପରି ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇଥିଲା। କଲେଜ ସମସ୍ୟା ନେଇ ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷାଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ କିପରି କଲେଜ ସମସ୍ୟା ସମାଧାନ କରାଯିବ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ବିଧାୟକ କହିଥିଲେ। ଏହି ଶିବିରରେ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କଲେଜ କର୍ମଚାରୀ ଉପସ୍ଥିତ ଥିଲେ।

## ପାରଳାଖେମୁଣ୍ଡିରେ ଘନ କୁହୁଡ଼ି



ପାରଳାଖେମୁଣ୍ଡି,୨୭ ।୧୨(ସମିସ): ଗଜପତି ଜିଲ୍ଲାରେ ଗତ କିଛିଦିନ ହେଲା ଘନ କୁହୁଡି ଯୋଗୁ ଭୋର ଓ ସକାଳେ ସାଧାରଣ ଜୀବନ ଯାତ୍ରା ଠପ୍ ହୋଇଯାଉଛି। ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରଠାରୁ ଆରମ୍ଭ କରି କାଶୀନଗର ଏନ୍‌ଏସି, ମୋହନା, ଆର୍.ଉଦୟଗିରି, ନୂଆଗଡ, ରାୟଗଡ, ଗୋଷାଣି, କାଶୀନଗର, ଗୁମ୍ମା ଆଦି ବ୍ଲକ ଅଞ୍ଚଳରେ ଘନ କୁହୁଡି ଦେଖିବାକୁ ମିଳୁଛି। ସକାଳ ୯ଟା ପର୍ଯ୍ୟନ୍ତ ରାସ୍ତାଘାଟ ଠାରୁ ଆରମ୍ଭ କରି କିଛି ଦୃଶ୍ୟମାନ ହେଉନାହିଁ। ଏଥିଯୋଗୁ ସାଧାରଣ ଜୀବନଯାତ୍ରା ଏବଂ ବିଭିନ୍ନ ଯାନବହାନ ଚଳାଚଳରେ ବହୁ ଅସୁବିଧା ହେଉଛି। ଲୋକେ ଦିନରେ ବି ଯାନବାହାନର ଲାଇଟ୍ ଲଗାଇ ଯିବାକୁ ପଡୁଛି। ଆଜି ସକାଳ ୧୦ଟା ପର୍ଯ୍ୟନ୍ତ ପାରଳାଖେମୁଣ୍ଡି ସହରାଞ୍ଚଳରେ ଘନ କୁହୁଡିର ପ୍ରଭାବ ଦେଖିବାକୁ ମିଳିଥିଲା।

## ଜି.ଉଦୟଗିରିରେ ପୁଣି ଥରେ ୫ ଡିଗ୍ରୀ ତଳେ ତାପମାତ୍ରା

ଜି.ଉଦୟଗିରି,୨୭।୧୨(ସମିସ): ନୂଆ ବର୍ଷ ପର୍ଯ୍ୟନ୍ତ ଶୀତରୁ ନିସ୍ତାର ନାହିଁ। ରାତି ତାପମାତ୍ରା ୨ରୁ ତିନି ପର୍ଯ୍ୟନ୍ତ କମିବା ନେଇ ପାଣିପାଗ କରିଥିବା ଅନୁମାନ ସତ ହୋଇଛି। କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଆଜି ସର୍ବନିମ୍ନ ତାପମାତ୍ରା ୪. ୪ ଡିଗ୍ରୀ ରହିଥିବା ରେକର୍ଡ ହୋଇଛି। ସପ୍ତାହେ ହେଲା ୧୦ ଡିଗ୍ରୀ ତଳେ ତାପମାତ୍ରା ରହୁଥିବା ବେଳେ ଆଜି ୫ ଡିଗ୍ରୀ ତଳେ ରହିଛି।

## ଜିଲ୍ଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ନୟାଗଡ଼ର ଇତିହାସ ଆମକୁ ଗର୍ବିତ କରେ: ରମେଶ




ନୟାଗଡ଼,୨୭।୧୨(ସମିସ)

ଶନିବାର ନୟାଗଡ଼ ଜିଲ୍ଲା ମହୋତ୍ସବ ଚତୁର୍ଥ ସନ୍ଧ୍ୟା ବେଶ୍ ଚିତ୍ତାକର୍ଷକ ହୋଇଛି। ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଦଶପଲ୍ଲା ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ସାହୁ, ନୂଆଗାଁ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଦଶପଲ୍ଲା ବ୍ଲକ୍ ଉପାଧ୍ୟକ୍ଷା ଅନୁପମା ବେହେରା ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ନୟାଗଡ଼ କଳା, ସାହିତ୍ୟ ଓ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ନୟାଗଡ଼ ମହୋତ୍ସବ ପାଳନବେଳେ ପ୍ରଥମେ ଆମେ ନୟଗଡ଼ିଆ ବୋଲି ଗର୍ବ କରୁଛେ ବୋଲି କହିଥିଲେ। ନୟାଗଡ଼ ମାଟିର କଥା, ନୟାଗଡ଼ ଇତିହାସ କଥା ଆଲୋଚନା ବେଳେ ଆମକୁ ଗର୍ବ ଲାଗେ। ଚାରି ଗୋଟି ଗଡ଼କୁ ନେଇ ନୟାଗଡ଼ ଗଠିତ ହୋଇଛି। ଚାରି ଗଡ଼ରେ ଅନେକ ସାମଞ୍ଜସ୍ୟ ରହିଛି। ରଣପୁର ମାଟିର ଠେଙ୍ଗା କଥା ମନକୁ ଆସିଲେ ରଘୁ-ଦିବାକରଙ୍କ ପାଇଁ ଆମେ ଗର୍ବ କରୁ।

ଏ ମାଟି ସାମନ୍ତ ଚନ୍ଦ୍ରଶେଖର ତଥା ପଠାଣି ସାମନ୍ତ, କବି ଉପେନ୍ଦ୍ର ଭଞ୍ଜ, ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ପାଇଁ ଗର୍ବିତ। ନୟାଗଡ଼ ଜିଲ୍ଲାରେ ଦ୍ୱିତୀୟ ବୈଷ୍ଣବ ଦେବୀ ମନ୍ଦିର, ଫତେଗଡ଼ ଦ୍ୱିତୀୟ ଅଯୋଧ୍ୟା ପାଇଁ ଆମେ ପର୍ଯ୍ୟଟନ ପାଇଁ ଗର୍ବ କରୁ। ବଡ଼ରାଉଳଙ୍କ ପୀଠରେ ରଥକାଠ ଅନୁକୂଳ ଜଗନ୍ନାଥ ପରମ୍ପରା ସହ ଆମକୁ ଜଡ଼ିତ କରିଛି। ବଲାଙ୍ଗୀ ପାର୍କ, କୋଟଗଡ଼ ପାର୍କ, ବରକନ୍ୟା, ରତ୍ନଗଣ୍ଡ, ସାତକୋଶିଆ ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ନୟାଗଡ଼ ଅଭିବୃଦ୍ଧି ଘଟିଛି। ବିଗତ ଦିନରେ ଅନେକ ଐତିହାସିକ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ ହୋଇଛି। ଆଗାମୀ ମହୋତ୍ସବରେ ବେଷ୍ଟ ଅଫ୍ ନୟାଗଡ଼ ଷ୍ଟଲ୍ କରି ଇକିରି ମୁଗ, ସାକେରି ଚାଉଳ, ଛେନାପୋଡ଼ ଭଳି ଅନେକ ଦ୍ରବ୍ୟ ବିକ୍ରି ଯୋଗ୍ୟ କରାଯାଇ ପାରିବ ବୋଲି ମୁଖ୍ୟ ଅତିଥି କହିଥିଲେ। ନୟାଗଡ଼ ମାଟି କଳା ସଂସ୍କୃତିର ମାଟି ବୋଲି କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଧର୍ମେନ୍ଦ୍ର ଧଳ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ନିର୍ମାଣ କରିବାକୁ ଦାବି କରିଥିଲେ। ନୟାଗଡ଼ କଳା, ସାହିତ୍ୟ ଓ ସଂସ୍କୃତି ଉପରେ ଅନ୍ୟ ଅତିଥିମାନେ ବକ୍ତବ୍ୟ ରଖିବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ପାଇଁ ଏହା ଭଲ ସୁଯୋଗ ଆଣି ଦେଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂହ, ଧର୍ମେନ୍ଦ୍ର ଧଳ, ସୁଶାନ୍ତ କୁମାର ସାହୁ, ପ୍ରତିମା ଦଳବେହେରା, କେନ୍ଦ୍ର ସମବାୟ ବ୍ୟାଙ୍କ ଉପସଭାପତି ମୌସୁମୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଓ ଗ୍ରୁପ୍ ଦ୍ୱାରା ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଭୁବନେଶ୍ୱର ନଟରାଜ ଗ୍ରୁପ୍ ଦ୍ୱାରା ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା।

**ଦୀପ୍ତିରେଖାଙ୍କ ଗୀତରେ ଝୁମିଲେ ଦର୍ଶକ**

● ପ୍ରଶାସନିକ ଅଧିକାରୀଙ୍କ ବେପରୁଆ ନୀତି

## ଆନ୍ତରିକତା ହୀନ ଜିଲ୍ଲା ମହୋତ୍ସବ

ନୟାଗଡ଼ ଜିଲ୍ଲା ମହୋତ୍ସବ ୨୪ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ୨୮ ତାରିଖରେ ଶେଷ ହେବ। ଜିଲ୍ଲା ମହୋତ୍ସବ ପାଇଁ ୭୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ୨୯୦ ଷ୍ଟଲ୍ ନିର୍ମାଣ ହୋଇଛି। ଚଳିତ ବର୍ଷ ଜିଲ୍ଲା ମହୋତ୍ସବ ସହ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା ଓ ପୁସ୍ତକ ମେଳା ହେଉଛି। ମହୋତ୍ସବରେ ବେଶ୍ ଗହଳି ମଧ୍ୟ ହେଉଛି, ବିକ୍ରିବଟା ଭଲ ହେଉଛି। କିନ୍ତୁ ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଆଦୌ ଆନ୍ତରିକତା ନ ଥିବା ଭଳି ମନେ ହେଉଛି। ଜିଲ୍ଲା ମହୋତ୍ସବ ଉଦ୍‌ଘାଟନଠାରୁ ଆଜି ମଧ୍ୟରେ କେବଳ କୃଷି, ସୂଚନା ଓ ଲୋକ ସମ୍ପର୍କ ଓ ସଂସ୍କୃତି ଅଧିକାରୀଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବିଭାଗୀୟ ଅଧିକାରୀଙ୍କୁ ପଡ଼ିଆରେ ଦେଖିବାକୁ ମିଳୁନାହିଁ। ଏପରିକି ପ୍ରଥମ ଦିନ ନୟାଗଡ଼ ପୌରନିର୍ବାହୀ ଅଧିକାରୀ ଓ ନୟାଗଡ଼ ବିଡିଓଙ୍କ ଉପସ୍ଥିତି ରହିଥିବାବେଳେ ଅନ୍ୟ ଦିନଗୁଡ଼ିକରେ ନାହିଁ। ଜିଲ୍ଲାରେ ୮ଟି ବ୍ଲକ୍ ଓ ୮ଟି ତହସିଲ୍ ରହିଥିଲେ ମଧ୍ୟ କୌଣସି ବିଡିଓ, ତହସିଲ୍‌ଦାର ମହୋତ୍ସବରେ ଉପସ୍ଥିତ ରହୁ ନ ଥିବା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହୋତ୍ସବରେ ବ୍ୟାପକ ପରିମାଣର କେଳେଙ୍କାରୀ କରିବାକୁ କିଛି ଅଧିକାରୀ ଓ କର୍ମଚାରୀ କରିଥିବା ମସୁଧା ସଫଳ ହେଉଛି। ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନ କି ରାଜନେତାଙ୍କ ଆଦୌ ଆନ୍ତରିକତା ନ ଥିବା ଆଲୋଚନା ହେଉଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଏସ୍‌ପି ଏସ୍. ସୁଶ୍ରୀ ପ୍ରଥମ ଦିନ ମହୋତ୍ସବରେ ଉପସ୍ଥିତ ରହିଥିବାବେଳେ ଅନ୍ୟ ଦିନମାନଙ୍କରେ ସେମାନଙ୍କ ଅନୁପସ୍ଥିତିକୁ ଲୋକେ ଅନୁଭବ କରୁଛନ୍ତି। ଜିଲ୍ଲା ମହୋତ୍ସବ ପଡ଼ିଆରେ ଗାଡ଼ି ରଖିବାକୁ ନେଇ ନୟାଗଡ଼ ବିଧାୟକ କ୍ଷୋଭପ୍ରକାଶ କରିଥିଲେ ସୁଦ୍ଧା କିଛି ଅଧିକାରୀ ମଝିରେ ଗାଡ଼ି ପାର୍କ କରୁଛନ୍ତି। ଏ ମହୋତ୍ସବ କାହା ପାଇଁ ଏବଂ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ମହୋତ୍ସବ ପାଇଁ ଆନ୍ତରିକତା ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

● ଟିପିସିଓଡିଏଲ୍ ଅତିରିକ୍ତ ସିକ୍ୟୁରିଟି ଜମାରାଶି ବିଜ୍ଞପ୍ତି

## ପ୍ରତ୍ୟାହାର ଦାବିରେ କଂଗ୍ରେସର ବିକ୍ଷୋଭ



ନୟାଗଡ଼,୨୭।୧୨(ସମିସ): ନୟାଗଡ଼ ଜିଲ୍ଲାର ପ୍ରାୟ ୭୫ ହଜାର ବିଦ୍ୟୁତ୍ ଗ୍ରାହକଙ୍କ ଉପରେ ଟାଟା ପାୱାର କମ୍ପାନୀ ଅତିରିକ୍ତ ସିକ୍ୟୁରିଟି ଜମାରାଶି ଆଦାୟ ପାଇଁ ବିଜ୍ଞପ୍ତି ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ୍ ଦାଶଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ସଭା ଆୟୋଜିତ ହୋଇଛି। ଏଥିରେ ପିସିସି ସାଧାରଣ ସମ୍ପାଦକ ତଥା ନୟାଗଡ଼ ଡିସିସି ସଂଗଠନ ସହପ୍ରଭାରୀ ୟାଶୀର୍ ନୱାଜ୍ ଯୋଗଦେଇ ଟାଟା ପାୱାର ତମ ଗ୍ରାହକ ଶୋଷଣ ନୀତି ବନ୍ଦ କର ଏବଂ ଟାଟା ପାୱାରକୁ ବିଦା କର ନାରା ଦେଇ ଟାଟା ପାୱାରର ମନମୁଖି କାର୍ଯ୍ୟ ବିରୋଧରେ ନୟାଗଡ଼ ଜିଲ୍ଲାବ୍ୟାପୀ ବ୍ୟାପକ ଜନଜାଗରଣ ସୃଷ୍ଟି କରାଯିବ ବୋଲି କହିଥିଲେ। ସ୍ଥାନୀୟ ଟାଟା ପାୱାର ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସାମ୍ନାରେ ଡିସିସି ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ ସଭାରେ ସଭାପତି ଶ୍ରୀ ଦାଶ ଟାଟା ପାୱାର ମନମାନୀ ପାଇଁ ଜିଲ୍ଲାର ଅଗଣିତ ବିଦ୍ୟୁତ୍ ଗ୍ରାହକ ପ୍ରଭାବିତ ହେଉଥିବା କହିଛନ୍ତି। ଟାଟା ପାୱାର କମ୍ପାନୀ ବିଭିନ୍ନ ଦଳକୁ ଇଲେକ୍ଟୋରାଲ୍ ବଣ୍ଡରେ କୋଟିକୋଟି ଟଙ୍କା ଚାନ୍ଦା ଦେଇଥିବାରୁ ରାଜନେତାମାନେ ଟାଟା ବିରୋଧରେ କହିବା ପାଇଁ ଭୟ କରୁଛି ବୋଲି କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ଦାଶ ଅଭିଯୋଗ କରିଛନ୍ତି। ଏହି ବିକ୍ଷୋଭ ସଭାରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ତ୍ରିପାଠୀ, ବରିଷ୍ଠ ନେତା ବିଶ୍ୱନାଥ ବରାଡ଼, ନକୁଳ ନାୟକ, ଫକୀର ଚରଣ ମଲ୍ଲ, ପୂର୍ଣ୍ଣଚନ୍ଦ୍ର ନାୟକ, ଅଶୋକ ନାୟକ, ପୂର୍ଣ୍ଣଚନ୍ଦ୍ର ଶାନ୍ତ, କବିରାଜ ବରାଡ଼, ହାଡ଼ିବନ୍ଧୁ ମହାପାତ୍ର, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଦିଲ୍ଲୀପ ବିଶୋଇ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ଯୁବ ନେତା ପ୍ରହଲ୍ଲାଦ ବରାଡ଼, ଛାତ୍ର କଂଗ୍ରେସ ନେତା ଇମ୍ରାନ ଖାଁ, ଅମ୍ଲାନ ଅଂଶୁମାନ ସାହୁ, ଜୀବନଜ୍ୟୋତି ରାଉତ, ଅରବିନ୍ଦ ପାଢ଼ୀ, ସେବାଦଳ କର୍ମୀ ନବକିଶୋର ସାଥୁଆ ପ୍ରମୁଖଙ୍କ ସହିତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଟାଟା ପାୱାର କର୍ମଚାରୀଙ୍କୁ ଅତିରିକ୍ତ ସିକ୍ୟୁରିଟି ଜମାରାଶି ଆଦାୟକୁ ପ୍ରତ୍ୟେକ ଗାଁରେ ଦୃଢ଼ ବିରୋଧ କରାଯିବା ପାଇଁ କଂଗ୍ରେସ ସଂଗଠନ କାର୍ଯ୍ୟ କରିବ ବୋଲି କୁହାଯାଇଛି।

■ ଶରଣକୁଳ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ୨-୧ ଗୋଲ୍‌ରେ ସୁନ୍ଦରଗଡ଼ ବିଜୟୀ

ଶରଣକୁଳ,୨୭।୧୨(ସମିସ): ଶରଣକୁଳ ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ୩ୟ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ଖେଳ ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼ ଓ ଜେଏସ୍‌ଏସପି ରାଞ୍ଚି, ଝାଡ଼ଖଣ୍ଡ ମଧ୍ୟରେ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଦଳ ଝାଡ଼ଖଣ୍ଡ ଦଳକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି। ଖେଳର ପ୍ରଥମାର୍ଦ୍ଧ ଚିତାକର୍ଷକ ଓ ସଂଘର୍ଷପୂର୍ଣ୍ଣ ଥିବାବେଳେ ୨୩ତମ ମିନିଟ୍‌ରେ ସୁନ୍ଦରଗଡ଼ ଦଳର ସୁମିତ୍ରା ସିଂ ପ୍ରଥମ ଗୋଲ୍ ସ୍କୋର କରି ଦଳକୁ ଆଗୁଆ ରଖିଥିଲେ। ଝାଡ଼ଖଣ୍ଡ ଦଳର ଖେଳାଳିମାନେ ଘନଘନ ଆକ୍ରମଣ କରି ୩୯ତମ ମିନିଟ୍‌ରେ ନାଇନା କୁମାରୀ ଚତୁରତାର ସହିତ ୧ ଗୋଲ୍ ସ୍କୋର କରି ଦଳକୁ ବରାବର ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳ ପ୍ରଥମାର୍ଦ୍ଧ ଖେଳଠାରୁ ଅଧିକ ଚିତାକର୍ଷକ ଥିବାବେଳେ ସୁନ୍ଦରଗଡ଼ ଦଳର ସୁମିତ୍ରା ସିଂ ପୁନର୍ବାର ଆଉ ଏକ ଗୋଲ୍ ସ୍କୋର କରି ଦଳକୁ ୨-୧ରେ ବିଜୟ କରାଇଥିଲେ। ସୀତା ମାରାଣ୍ଡି ଖେଳ ପରିଚାଳନା କରିଥିବାବେଳେ ରୀନା ତିର୍କୀ, ଆରତୀ ମହାନ୍ତି ଓ ବାଲମତି ଓରାମ ଲାଇନ୍‌ରେ ସହାୟତା କରିଥିଲେ। ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ, କନ୍ଧମାଳ ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ୨ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ଲକ୍ଷ୍ମୀପ୍ରିୟା ତରାଇ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ସୁମିତ୍ରା ସିଂଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏସ୍.ଏ.ଖାଲିକ୍ ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଓଡ଼ିଶା ପୁଲିସ ଓ କୋଲକାତା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

## ତାରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରଣପୁର,୨୭।୧୨(ସମିସ): ରଣପୁର ବ୍ଲକ୍ ଅନ୍ତର୍ଗତ ତାରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବହୁ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷା, ସଂସ୍କୃତି ଓ ସୃଜନଶୀଳତାର ସମନ୍ୱୟରେ ଏହି ଉତ୍ସବ ଅଞ୍ଚଳବାସୀଙ୍କ ମନକୁ ଆକର୍ଷିତ କରିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରିଣୀ ଲକ୍ଷ୍ମୀ ଦେଇ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ନୀତିମୂଲ୍ୟ ଓ ସଂସ୍କାର ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଙ୍ଘର ମହାସଚିବ ଜ୍ୟୋତି ରଞ୍ଜନ ଦାଶ ଶିକ୍ଷାର ଗୁଣମାନ ଉନ୍ନତି ଓ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଙ୍ଘର ସଭାପତି ଜ୍ୟୋତି ରଞ୍ଜନ କର, ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ, ସିଆର୍‌ସିସି ସୁଶୀଲ କୁମାର ରଣା, ଅଶୋକ କୁମାର ବେହେରା, ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। କାହ୍ନୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଫଳ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ-ସଦସ୍ୟା ଓ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

## ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇ ହଟହଟା

ଭାପୁର,୨୭।୧୨(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନାଠାରୁ ଅଧକିଲୋମିଟର ଦୂରରେ ନୂତନ ଭାବେ ନିର୍ମାଣ ହେଉଥିବା ପେଟ୍ରୋଲ୍ ପମ୍ପ୍‌ରେ କାର୍ଯ୍ୟ କରୁଥିବା କିଛି ଯୁବକ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇ ହଟହଟା ହୋଇଛନ୍ତି। ଶନିବାର ସନ୍ଧ୍ୟାରେ ଘଟିଛି ଏହି ଘଟଣା। ନବନିର୍ମିତ ପେଟ୍ରୋଲ ପମ୍ପ୍‌ରେ ଉତ୍ତରପ୍ରଦେଶର ୩ଜଣ ମୁସଲମାନ ଯୁବକ କାମ କରୁଛନ୍ତି। ଶନିବାର ସନ୍ଧ୍ୟା ସମୟରେ ସେମାନେ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଉଥିବା କିଛି ସ୍ଥାନୀୟ ବ୍ୟକ୍ତି ଶୁଣି ଏହାର ବିରୋଧ କରିଥିଲେ। ଜନଗହଳି ବଢ଼ିବା ପରେ ୩ ଯୁବକଙ୍କୁ ମାଡ଼ ମରାଯାଉଥିବା ସମୟରେ ଫତେଗଡ଼ ପୁଲିସ ଖବରପାଇ ସେମାନଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛନ୍ତି। ସ୍ଥାନୀୟ ଜନସାଧାରଣ କହୁଛନ୍ତି ଏମାନେ ପାକିସ୍ତାନ ସପକ୍ଷରେ ଓ ଭାରତ ବିରୋଧରେ ସ୍ଲୋଗାନ ଦେଉଛନ୍ତି। ଏପରି ଦେଶବିରୋଧୀ କାର୍ଯ୍ୟକୁ ବିରୋଧ କରି ଥାନା ସମ୍ମୁଖରେ ପ୍ରବଳ ଜନସମାଗମ ହୋଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏ ନେଇ ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା କୁହନ୍ତି, ଉକ୍ତ ଯୁବକଙ୍କ ପରିଚୟ ଯାଞ୍ଚ ହେଉଛି ଓ କ'ଣ ଘଟଣା ଘଟିଛି ତଦନ୍ତ ଆରମ୍ଭ ହୋଇଛି।

## ଟିଗିରିଆକୁ ହରାଇ ମେଣ୍ଢାଶାଳ ସେମିରେ

ଗଣିଆ,୨୭।୧୨(ସମିସ): ଗଣିଆ ବ୍ଲକ୍ ବେଲପଡ଼ାପାଟଣାରେ ଥିବା ରଘୁନାଥଜୀଉ କ୍ଲବ୍ ଆନୁକୂଲ୍ୟରେ ୪୮ତମ ଦୟାନିଧି ସାହୁ ଏବଂ ସୁଦର୍ଶନ ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନରେ ପରସ୍ପରକୁ ଭେଟିଥିଲେ ପାଞ୍ଚଙ୍ଗା (ଟିଗିରିଆ) ଏବଂ ମେଣ୍ଢାଶାଳ (ଖୋର୍ଦ୍ଧା)। ଏଥିରେ ମେଣ୍ଢାଶାଳ ଟିଗିରିଆକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ମେଣ୍ଢାଶାଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ବିଶାଳ ୩୫୬ ରନ୍ ସଂଗ୍ରହ କରିଥିଲା। ସୁନିଲ ସାହୁ ୩୯ ବଲ୍‌ରୁ ଧୂଆଁଧାର ବ୍ୟାଟିଂ କରି ୧୦୬ ରନ୍ ଏବଂ ମିଥୁନ ମଜୁମ୍‌ଦାର ୩୩ ବଲ୍‌ରୁ ୯୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ଟିଗିରିଆ ୨୦ ଓଭରରେ ୭ ୱିକେଟ୍ ହରାଇ ୨୭୯ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇପାରିଥିଲା। ତୃତୀୟ ଦଳ ଭାବେ ମେଣ୍ଢାଶାଳ ସେମି ଫାଇନାଲରେ ପ୍ରବେଶ କରିଛି। ମେଣ୍ଢାଶାଳର ସୁନିଲ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ପରିଚାଳନା କରିଥିଲେ ସମୀର ମହାପାତ୍ର ଓ ତ୍ରିଲୋଚନ ବସ୍ତି। ମୁଖ୍ୟ ଅତିଥି ଭାବେ ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ମହାରଣା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ଚତୁର୍ଥ ଦିନର ଖେଳ ସୁକିନ୍ଦା (ଯାଜପୁର) ବନାମ ଖୋର୍ଦ୍ଧା-୧୧ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ୍ ତରଫରୁ ସୂଚନା ଦିଆଯାଇଛି।

## ବଧୂ ହତ୍ୟା ଅଭିଯୋଗରେ ସ୍ୱାମୀ, ଶାଶୂ, ଶଶୁର ଅଟକ

ଓଡ଼ଗାଁ,୨୭।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ଗୁମି ଗ୍ରାମର ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦେବା ସହ ବିଷ ଦେଇ ହତ୍ୟା କରାଯାଇଥିବା ମହିଳାଙ୍କ ଭାଇ କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ିର ତରଣୀ ସାହୁ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ୨୦୧୯ରେ ବାହାଡ଼ାଝୋଲା ଫାଣ୍ଡି ଗୁମି ଗ୍ରାମର ଭେଙ୍କଟ ରମଣ ସାହୁ (୩୬)ଙ୍କୁ ସିମନବାଡ଼ି ଗ୍ରାମ, ଦାରିଙ୍ଗବାଡ଼ି ଥାନା, କନ୍ଧମାଳ ଜିଲ୍ଲାର ରତ୍ନାକର ସାହୁଙ୍କ ଝିଅ ଚାନ୍ଦିନୀ ସାହୁ (୨୪) ବିବାହ କରିଥିଲେ। ବିବାହର ଦୁଇବର୍ଷ ପରଠାରୁ ବିଭିନ୍ନ ସମୟରେ ଶଶୁର ଘର ଲୋକେ ଯୌତୁକ ଦାବିକରି ଭଉଣୀ ଚାନ୍ଦିନୀକୁ ସ୍ୱାମୀ, ଶଶୁର ଓ ଶାଶୂ ମିଶି ମାରପିଟ୍ କରୁଥିଲେ। ଗତ ଶୁକ୍ରବାର ବିଷକ୍ରିୟାରେ ଭଉଣୀ ଗୁରୁତର ହୋଇ ପଡ଼ିବା ପରେ ତାଙ୍କୁ ପ୍ରଥମେ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ଚିକିତ୍ସା କରିବା ପାଇଁ କହୁଥିବାବେଳେ ଶଶୁର ଘର ଲୋକେ ନୟାଗଡ଼ ନେଇଯିବାକୁ ଜିଦ୍ ଧରିଥିଲେ। ତେବେ ନୟାଗଡ଼ ଜିଲ୍ଲା ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ୫ ବର୍ଷର ପୁଅଟିଏ ଅଛି। ଏନେଇ ତରଣୀ ସାହୁ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତିକରି ୩୮୪/୨୫ରେ ଏକ ମାମଲା ରୁଜୁ କରି ଚାନ୍ଦିନୀଙ୍କ ସ୍ୱାମୀ ଭେଙ୍କଟ ରମଣ ସାହୁ(୩୬), ଶଶୁର କୃଷ୍ଣଚନ୍ଦ୍ର ସାହୁ (୫୬) ଏବଂ ଶାଶୂ ସୁରଭି ସାହୁ(୫୦)ଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି।



● ରାଜ୍ୟପାଳଙ୍କୁ ଭେଟିଲେ ଚେମେଡ଼ି ଗ୍ରାମ ମାଳତୀ ନାହାକଙ୍କ ପରିବାର

## ୩ ଝିଅଙ୍କୁ ଦେଢ଼ ଲକ୍ଷ ଟଙ୍କା ସହାୟତା ପ୍ରଦାନ

ଓଡ଼ଗାଁ,୨୭।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ବାଣ୍ଡପୁର ପଞ୍ଚାୟତ ଚେମେଡ଼ି ଗ୍ରାମର ୧୭ ଦିନ ମଧ୍ୟରେ ବାପ ସହିତ ୨ ପୁତ୍ରଙ୍କ ମୃତ୍ୟୁ ଘଟଣାରେ ପୁରୁଷଶୂନ୍ୟ ପରିବାରର ୩ ପାଠ ପଢୁଆ ଝିଅଙ୍କ ଶିକ୍ଷା ଗ୍ରହଣକୁ ଆଗେଇ ନେବା ନିମନ୍ତେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ରାଜଭବନରେ ଭେଟିଛନ୍ତି। ପ୍ରତି ଝିଅଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେଢ଼ ଲକ୍ଷ ଟଙ୍କାର ସହାୟତା ରାଶିକୁ ରାଜ୍ୟପାଳ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କ ଜମା ଖାତାକୁ ପଠାଇ ଦିଆଯାଇଛି। ରାଜ୍ୟପାଳଙ୍କର ଏହି ତ୍ୱରିତ ସହାୟତା ପ୍ରଦାନକୁ ସମସ୍ତ ମହଲରୁ ଭୂୟସୀ ପ୍ରଶଂସା କରାଯାଇଛି। ବଡ଼ପୁଅର ମୃତ୍ୟୁ ପରେ ବାପାଙ୍କ ମୃତ୍ୟୁ ଏବଂ ୮ ଦିନରେ ସାନପୁଅର ମୃତ୍ୟୁରେ ମୋଟ ୧୭ ଦିନ ମଧ୍ୟରେ ପୁରୁଷଶୂନ୍ୟ ହୋଇଥିବା ଉକ୍ତ ପରିବାର ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଘଟଣାଟି ଲୋକଲୋଚନକୁ ଆସିଥିଲା। ଓଡ଼ଗାଁ ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇ ଉକ୍ତ ପରିବାରକୁ ୩ ମାସ ଭରଣପୋଷଣ ପାଇଁ ରୋଷେଇ ସାମଗ୍ରୀ ଯୋଗାଇ ଦେଇଥିଲେ। ଘଟଣା ସମ୍ପର୍କରେ ରାଜ୍ୟପାଳ ଅବଗତ ହୋଇ ସେମାନଙ୍କ ପାଠପଢ଼ା ନିମନ୍ତେ ଉକ୍ତ ସହାୟତା ପ୍ରଦାନ କରିଥିଲେ। ଏ ସମୟରେ ପୁରୀ ଲୋକସଭା ସାଂସଦ ସମ୍ବିତ୍ ପାତ୍ର ଓ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଉପସ୍ଥିତ ଥିଲେ।




## ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

# 'ମହୋତ୍ସବ ସାମନ୍ତ ମାଟିର ସ୍ମୃତି ଓ ଐତିହ୍ୟକୁ ମନେ ପକାଏ'




ଖଣ୍ଡପଡ଼ା,୨୭।୧୨(ସମିସ)

ଖଣ୍ଡପଡ଼ା "କଳା ବିକାଶ ପରିଷଦ' ଆନୁକୂଲ୍ୟରେ ଆୟୋଜିତ ୧୦ମ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଉପସ୍ଥିତ ରହି ପଣ୍ଡିତ ମନୋଜ ଦାଶଙ୍କ ବେଦଧ୍ୱନୀରେ ମଞ୍ଚ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟା ୬ଟାରେ ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଛାତ୍ରୀ ରୂପାଲୀ ସାହୁ ଅତିଥି ପରିଚୟ ପ୍ରଦାନ ସହ ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ ସାମନ୍ତ ମାଟିର ସ୍ମୃତି ଓ ଐତିହ୍ୟକୁ ମନେ ପକାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସମାଜସେବୀ ଭାରତୀ ଭୂଷଣ ମିଶ୍ର, ପଣ୍ଡିତ ମନୋଜ କୁମାର ଦାଶ, ଶିଶୁକବି ହେମନ୍ତ ଜେନା, ଉଦ୍ୟୋଗପତି ଭୋଳାନାଥ ମହାନ୍ତି, ଆବାହକ ଦୀନବନ୍ଧୁ ଦାସ ପ୍ରମୁଖ ମଞ୍ଚାସୀନ ରହି ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରିଶେଷରେ କଳାବିକାଶ ପରିଷଦ ବରିଷ୍ଠ ସଦସ୍ୟ ରମେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ମେଲୋଡ଼ି କୁଇନ ଇରା ମହାନ୍ତି ଏବଂ ସାଥୀ କଳାକାରଙ୍କ ଗୀତରେ ଦର୍ଶକମାନେ ଝୁମିଥିଲେ। ଅପରାହ୍ନ ୪ଟାରୁ ରାମ ନାଟକ, ନୃତ୍ୟ ପ୍ରଣାମର ଓଡ଼ିଶୀ ନୃତ୍ୟଶିଳ୍ପୀ ବଂଶୀକା ସାଇକୃପାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଏତଦ୍ ବ୍ୟତୀତ ଓଁ ସାଇ ଇଣ୍ଟରନ୍ୟାସ୍‌ନାଲ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମହୋତ୍ସବର ମୁଖ୍ୟ ଆକର୍ଷଣ ଖଣ୍ଡପଡ଼ା ମହୋତ୍ସବ ବନ୍ଦନାରେ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ କଳାକାରଙ୍କୁ ମଞ୍ଚରେ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରମେଶ୍ୱର ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରବିବାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଦର୍ଶକଙ୍କୁ ମନୋରଞ୍ଜନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

**ଦର୍ଶକଙ୍କୁ ଝୁମେଇଲେ ଇରା ମହାନ୍ତି**

### ମୁଖ୍ୟ ଆକର୍ଷଣ ମହାପ୍ରଭୁଙ୍କ 'ସୁନାବେଶ'



ଖଣ୍ଡପଡ଼ା "କଳା ବିକାଶ ପରିଷଦ' ଆନୁକୂଲ୍ୟରେ ଆୟୋଜିତ ୧୦ମ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏ ଅବସରରେ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ସୁଉଚ୍ଚ ଲାଇଟ୍ ତୋରଣ, ସୁନ୍ଦର ସାଜସଜ୍ଜା ଓ ରଙ୍ଗୀନ ଆଲୋକ ମାଳାରେ ସଜାଯାଇଥିବା ଦେଖିବାକୁ ମିଳିଛି। ବିଶେଷ ଭାବରେ ଓଡ଼ିଆ ଜାତିର ଆରାଧ୍ୟ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ 'ସୁନାବେଶ' ହଜାର ହଜାର ଦର୍ଶକଙ୍କ ହୃଦୟକୁ ବିମୋହିତ କରିଥିବା ଦେଖିବାକୁ ମିଳିଛି। ଯାହାକି ପ୍ରଥମ ଦିନରେ ଦର୍ଶକମାନେ ମହୋତ୍ସବ ପଡ଼ିଆରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ନିଜ ନିଜ ମୋବାଇଲ୍‌ରେ ଫଟୋ ଉଠାଇବା ପାଇଁ ଭିଡ଼ ଜମାଇଥିଲେ। ତେବେ ଆୟୋଜକଙ୍କ ଏଭଳି ଆଧ୍ୟାତ୍ମିକ ଭାବନା ପାଇଁ ଦର୍ଶକମାନେ ବେଶ୍ ପ୍ରଶଂସା କରିଥିବା ଜଣାପଡ଼ିଛି।

# ଅବକାରୀ ବିଭାଗ ପଞ୍ଝାରେ ୨ ନିଶାବେପାରୀ

ଜଗତସିଂହପୁର,୨୭।୧୨(ସମିସ)



**୨୫ ଗ୍ରାମ ବ୍ରାଉନସୁଗର, ୧. ୨୫୦ କେଜି ଗଞ୍ଜେଇ ଜବତ**

ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ପେଶାଲ ଡ୍ରାଇଭ ଚାଲିଥିବା ବେଳେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ। ଜଗତସିଂହପୁର ଥାନା ଅନ୍ତର୍ଗତ ଗଉଡୁଣି ପଡିଆଠାରେ ଦୀର୍ଘ ଦିନ ହେବ ବ୍ରାଉନସୁଗର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍ସପେକ୍ଟର ଶ୍ରୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ଚଢ଼ଉ କରିଥିଲେ। ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାକୁ କାବୁ କରି ନେଇଥିଲେ ଅବକାରୀ କର୍ମଚାରୀ। ଯାଞ୍ଚ ପରେ ତାଙ୍କ ନିକଟରୁ ୨୫ ଗ୍ରାମର ବ୍ରାଉନସୁଗର ଏବଂ ଏହି ବ୍ୟବସାୟରେ ବ୍ୟବହୃତ ଏକ ଟିଭିଏସ୍ ଜୁପିଟର ସ୍କୁଟି ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ। ଗିରଫ ଅଭିଯୁକ୍ତ ଜଣକ ହେଲେ ଅଲଣା ଗ୍ରାମର ସ୍ୱର୍ଗତ ଅନନ୍ତ ଚରଣ ସାହୁଙ୍କ ପୁଅ ମୁନା ସାହୁ(୩୬)। ସେହିପରି ଅନ୍ୟ ଏକ ଘଟଣାକ୍ରମ ପାରାଦୀପ ଅବକାରୀ ରେଞ୍ଜର ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରର ଏକ ଟିମ୍ ପାରାଦୀପ ଥାନା ଅନ୍ତର୍ଗତ ମଧୁବନ ଜଗନ୍ନାଥ କଲୋନିରେ ଚଢ଼ଉ କରି ୧କେଜି ୨୫୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବେପାରରେ ଜଡ଼ିତ ଥିବା ଜଗନ୍ନାଥ କଲୋନିର ସ୍ୱର୍ଗତ ଗୌରହରି କରଣଙ୍କ ପୁଅ ଝାଡ଼େଶ୍ୱର କରଣ(୩୬)ଙ୍କୁ ଗିରଫ କରିଛି।

ଏହି ଚଢ଼ଉରେ ଜଗତସିଂହପୁର ଅବକାରୀ ରେଞ୍ଜର କନଷ୍ଟେବଲ ଜୟଦେବ ପାତ୍ର, ବର୍ଷାରାଣୀ ଖୁଣ୍ଟିଆ, ଦୀନବନ୍ଧୁ ସେଠୀ, ଅନୁରାଗ ସୂର୍ଯ୍ୟବଂଶୀ, ପାରାଦୀପ ଅବକାରୀ ରେଞ୍ଜର ଏଏସ୍ଆଇ ଗୟାଧର ସେଠୀ, କନଷ୍ଟେବଲ ନବଘନ ମାରାଣ୍ଡି, ସନ୍ତୋଷୀ ସାହୁ, ମନୋରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

# ପାରାଦୀପରେ କେନ୍ଦ୍ରାପଡ଼ା ବାଲି ମାଫିଆଙ୍କ ଚାଲିଛି ରାଜ୍

**ପାରାଦୀପ, ୨୭।୧୨ (ସମିସ):** କେନ୍ଦ୍ରାପଡାରୁ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି। ଏହି ଚୋରା ବାଲି ଚାଲାଣ ପଛରେ କାମ କରୁଛି ସ୍ୱତନ୍ତ୍ର ବିଧିବଦ୍ଧ ରାକେଟ। ଏହି ଚୋରା ବାଲିଚାଲାଣ ପାରାଦୀପକୁ ହେଉଥିଲେ ମଧ୍ୟ ଧରପଗଡ଼ ବନ୍ଦ କରିଦେଇଛି ଖଣି ବିଭାଗ, ପୁଲିସ ଓ ପ୍ରଶାସନ। ରାତି ତମାମ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଖାଦନରୁ ବେଆଇନ ଭାବେ ବାଲି

**ଆବାସ ଯୋଜନା ଘର ପାଇଁ ମିଳୁନି ବାଲି**

ଉଠାଇ ପାରାଦୀପର ବିଭିନ୍ନ କମ୍ପାନୀମାନଙ୍କରେ ଚଢ଼ା ଦରରେ ବିକ୍ରି କରୁଛନ୍ତି କେନ୍ଦ୍ରାପଡା ଜିଲ୍ଲାର ବାଲି ମାଫିଆ। ରାତି ତମାମ ଏହି ବେଆଇନ ଭାବେ ଉଠୁଥିବା ଚୋରା ବାଲି କାରବାର ଚାଲିଛି। କେନ୍ଦ୍ରାପଡା ଓ ପାରାଦୀପର କେତେକ ଥାନା ଦେଇ ଏହି ଚୋରା ବାଲି ଗାଡ଼ି ପାରାଦୀପକୁ ଆସୁଥିଲେ ମଧ୍ୟ ପୁଲିସ ସେଗୁଡିକୁ କାହିଁକି ଆନ୍ତରିକତା ଦେଖାଉଛି ତାକୁ ନେଇ ପ୍ରଶ୍ନ ଉଠିଛି। ଥାନା ସମ୍ମୁଖରେ ଦୈନିକ ଚୋରା ବାଲିଚାଲାଣ ହେଉଥିଲେ ମଧ୍ୟ କେହି ହାତ ମାରୁନାହାନ୍ତି। ଜଗତସିଂହପୁର ଜିଲ୍ଲା ପ୍ରଶାସନ ଜିଲ୍ଲାର କେତେକ ବାଲି ଖାଦନ ଉପରେ ଚଢ଼ଉ କରି ବେଆଇନ ବାଲି ଚାଲାଣକୁ ବନ୍ଦ କରିଦେଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ମାଫିଆ ମାନେ ଏବେ ପାରାଦୀପ ମୁହାଁ ହୋଇ, କେନ୍ଦ୍ରାପଡା ଜିଲ୍ଲାରୁ ବାଲି ପାରାଦୀପକୁ ଚୋରା ଚାଲାଣ କରୁଛନ୍ତି। ଖାଦନରୁ ବେଆଇନି ବାଲି ଚାଲାଣ ବନ୍ଦ ହେବା ପରେ ଜଗତସିଂହପୁର ଜିଲ୍ଲା ସମେତ ପାରାଦୀପ ଅଞ୍ଚଳରେ ବାଲିର ଅଭାବୀ ଦେଖାଦେଇଛି। ତା' ସାଙ୍ଗକୁ ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ବାଲି ମିଳୁ ନଥିବା ବେଳେ ସାଧାରଣ ଗରିବ ଲୋକଟିଏ ଘରଟିଏ କରିପାରୁ ନାହିଁ। କିନ୍ତୁ ମାଫିଆ ମାନେ ଚୋରା ବାଲି ପଡ଼ୋଶୀ କେନ୍ଦ୍ରାପଡା ଜିଲ୍ଲାରୁ ପାରାଦୀପକୁ ଆଣି ଚଢା ଦରରେ କମ୍ପାନୀମାନଙ୍କୁ ବିକ୍ରି କରି ଲାଲେଲାଲ ହେଉଛନ୍ତି। ଏହା ସହିତ ମଞ୍ଜୁର ପାଇଥିବା ଘାଟରୁ ବାଲି ଚାଲାଣ ପାଇଁ ଉଦିଷ୍ଟ ଇ-ଟ୍ରାଞ୍ଜିଟ ପାସ ଶେଷ ହେବା ପରେ ମଧ୍ୟ ଚୋରରେ ପରିବହନ କରାଯାଉଛି। ତେବେ ଏଭଳି ବେଆଇନ ବାଲି ଚାଲାଣ କରାଯାଉଥିଲେ ବି କାର୍ଯ୍ୟାନୁଷ୍ଠାନ ନେବାକୁ ଖଣି ବିଭାଗ, ପୁଲିସ ଓ ପ୍ରଶାସନ ହାତ ଯାଉନି। ସମସ୍ତଙ୍କ ସହଯୋଗରେ ଯେମିତି ଚୋରା ବାଲି କାରବାରକୁ ପ୍ରଶ୍ରୟ ଦିଆଯାଉଛି ବୋଲି ଚର୍ଚ୍ଚା ହେଉଛି।

# ଏନ୍‌ଏସ୍‌ଏସ୍ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ରଘୁନାଥପୁର,୨୭।୧୨(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଅରୂପାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଲତିଫ ମହମ୍ମଦଙ୍କ ନେତୃତ୍ୱରେ ଏନ୍‌ଏସ୍‌ଏସ ପ୍ରଶିକ୍ଷାର୍ଥମାନେ ବିଦ୍ୟାଳୟ ପରିସରରୁ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ରାଲିରେ ତାରପୁର ବାଇପାସ ଯାଇଥିଲେ। ସେଠାରେ ସ୍ୱଚ୍ଛତାକୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ପ୍ରୋଗ୍ରାମ ଅଫିସର ପରିଚାଳନା କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ ମଧ୍ୟ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କଲେଜର ଅଧ୍ୟକ୍ଷ ମୋହନ ଚରଣ ରାଉତରାୟ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଅଭୟ କୁମାର ମହାରଣା, କୁମୁଦିନୀ ଦ୍ୱିବେଦୀ, ତ୍ରିଲୋଚନ ମହାପାତ୍ର, ବିଭୂତି ମହାପାତ୍ର, ମିଟୁ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳକୁ ସଫେଇ କରାଯିବା ସହ ଏକ ବର୍ଜ୍ୟବସ୍ତୁ କୁଣ୍ଡ ବସାଜାଇଥିଲା। ଏଥିରେ କର୍ମଚାରୀ ଗୌରାଙ୍ଗ ସେଠୀ, ପ୍ରଭାତ ଓ କଲେଜର ବହୁ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

# ଇଫ୍‌କୋ ଡିଏଭି ସ୍କୁଲର କ୍ରୀଡ଼ା ଉତ୍ସବ



**ପାରାଦୀପ,୨୭।୧୨(ସମିସ):** ପାରାଦୀପ ଇଫକୋ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲ ପରିସରରେ ଆୟୋଜିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଇଫକୋ ପାରାଦୀପ ୟୁନିଟର ମୁଖ୍ୟ ପିକେ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ କ୍ରୀଡ଼ା ଶିକ୍ଷକ ସୌର ମୋହନ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କ୍ରୀଡା ଉତ୍ସବ ସୁଚାର ରୂପେ ପରିଚାଳିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପାରାଦୀପ ପୋର୍ଟ ଡିଏଭି ସ୍କୁଲର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ଉପସ୍ଥିତ ଥିଲେ। ସମ୍ବିତ କୁମାର ଚିନାରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ଇଫକୋ ପାରାଦୀପ ମହାପ୍ରବନ୍ଧକ ବିଜୟ ପରିଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସହାୟକ ଜୟନ୍ତ ଜେନା, ମନୋରଞ୍ଜନ ମହାପାତ୍ର ଏବଂ ଡିଏଭି ପିପିଏଲର ଅଧ୍ୟକ୍ଷ ସଞ୍ଜୀବ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଯଶୋବନ୍ତ ବିଦ୍ୟାପୀଠରେ ଗୁରୁପୂଜନ ଉତ୍ସବ



**ଜଗତସିଂହପୁର,୨୭।୧୨(ସମିସ):** ଜଗତସିଂହପୁର ଜିଲ୍ଲ ବିରିଡ଼ି ବ୍ଲକ୍ ଅନ୍ତର୍ଗତ ଅଡ଼ଙ୍ଗଗଡ଼ ନାଇଲୋ ସ୍ଥିତ ଯଶୋବନ୍ତ ବିଦ୍ୟାପୀଠ ୧୯୭୬ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ ଏବଂ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ସୁନିଲ କୁମାର ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ପ୍ରାକ୍ତନ ଶିକ୍ଷକ ଚନ୍ଦ୍ରଶେଖର ଶତପଥୀ, ଗୌରାଙ୍ଗ ଚରଣ ମହାନ୍ତି, ରାମଚନ୍ଦ୍ର ସାହୁ, ଶଙ୍କର୍ଷଣ ସାହୁ, କର୍ମଚାରୀ ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଗୁରୁଙ୍କୁ ପୂଜାର୍ଚ୍ଚନା କରି ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆରତୀ ରାୟ, କବିତା ଜେନା, ସୁଷମା ରାୟ, ରେଣୁକା ମହାରଣା, ପ୍ରତିମା ଦାସ, ନିରଞ୍ଜନ ଦାସ, ପ୍ରସନ୍ନ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ପାତ୍ର, ସ୍ୱାତୀଲତା ରାୟ, ଅଶୋକ କୁମାର ପାତ୍ରଙ୍କ ସଂଯୋଜନାରେ ନଳିନୀକାନ୍ତ ରାୟ, ହିମାଂଶୁ ଶେଖର ସାହୁ, ଗିରିଜା ଶଙ୍କର ରାୟ, ଉପେନ୍ଦ୍ର କୁମାର ବିଶ୍ୱାଳ, ନାରାୟଣ ବେହେରା, ସୁକାନ୍ତ କୁମାର ସାହୁ, ହରେକୃଷ୍ଣ ସାହୁଙ୍କ ସହ ୩୨ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ପ୍ରସନ୍ନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୌଭାଗ୍ୟ ମଞ୍ଜରୀ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭୟ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଦିବଂଗତ ୧୨ଜଣ ପୁରାତନ ଛାତ୍ରଛାତ୍ରୀ ଓ ୪ଜଣ ଶିକ୍ଷକଙ୍କ ଅମର ଆତ୍ମାର ସଦଗତି କାମନା ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ବେହେଲା ଗୁରୁ ଭୀମସେନ ଖଟୁଆଙ୍କ ସ୍ମୃତିସଭା



**ପାରାଦୀପ/ଜଗତସିଂହପୁର, ୨୭।୧୨ (ସମିସ):** ସୁପ୍ରତିଷ୍ଠିତ ବେହେଲା ବାଦକ ତଥା ଗୁରୁ ଭୀମସେନ ଖଟୁଆଙ୍କ କେନ୍ଦ୍ରାପଡା ଜିଲ୍ଲାର ନୀଳକଣ୍ଠପୁର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଗୁରୁଶ୍ରୀ ଖଟୁଆ ୧୯୭୮ ମସିହାରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀରୁ ବେହେଲା ବାଦନରେ ସଙ୍ଗୀତ ଭାସ୍କର ଡିଗ୍ରୀ ହାସଲ କରିବା ପରେ ଜଗତସିଂହପୁରର ଅଳକା କଳା ମଣ୍ଡପ, ପାରାଦୀପର ସାଗରିଜା କଳା ନିକେତନ ସମେତ ଭୁବନେଶ୍ୱର ଏବଂ ମାହାଙ୍ଗାରେ ବିଭିନ୍ନ ଅନୁଷ୍ଠାନରେ ବେହେଲା ଗୁରୁ ଭାବରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ଆସୁଥିଲେ। ତାଙ୍କର ବିୟୋଗରେ ସାଗରିକା କଳା ନିକେତନର ସଭାପତି ଡ.ଦୁର୍ଗାଚରଣ ସେଠୀ, ସମ୍ପାଦକ ପ୍ରବୀର କୁମାର ସାହୁ, ଓଡିଶୀ ସଂଗୀତ ଗୁରୁ ସୁଧୀର ପାଳ ଏବଂ ସଙ୍ଗୀତ ଭାସ୍କର ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେହିପରି ସ୍ୱର୍ଗତ ଖଟୁଆଙ୍କ ବିୟୋଗରେ ପାରାଦୀପ ସାଗରିକା କଳା ନିକେତନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁଶ୍ରୀ ପ୍ରଫୁଲ୍ଲ ବଳଙ୍କ ସଭାପତିତ୍ୱ ଆୟୋଜିତ ଏହି ସଭାରେ ଗୁରୁଶ୍ରୀ ବ୍ରଜ କିଶୋର ମଲ୍ଲିକ, ପ୍ରଭାତ ଚନ୍ଦ୍ର ଶିଳ୍ପୀ, ଡମ୍ବରୁଧର ଓଝା, ନିମାଇଁ ଚରଣ ହୋତା, କେଦାର ପରିଡା ଏବଂ ଜିତେନ୍ଦ୍ର ପରିଡ଼ାଙ୍କ ସମେତ ଛାତ୍ରଛାତ୍ରୀ ମାନେ ଯୋଗଦେଇ ସ୍ୱର୍ଗତ ଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ସଭା ପୂର୍ବରୁ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଏରସମାରେ ବାଜପେୟୀଙ୍କ ଜୟନ୍ତୀ

**ଏରସମା,୨୭।୧୨(ସମିସ):** ଏରସମା ବ୍ଲକ ଜପା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜେପି ନେତା ନୃସିଂହ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇଥିଲେ। ଅଜୟ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବାଲିକୁଦା ଏରସମା ବିଜେପି ନେତା ସତ୍ୟସାରଥୀ ମହାନ୍ତି, ସାଂସଦ ପ୍ରତିନିଧି ଜଟାଧାରୀ ସ୍ୱାଇଁ, ଏରସମା ମଣ୍ଡଳ ସଭାପତି ଅମରେନ୍ଦ୍ର ଦଳାଇ, ନାଟ୍ୟକାର ରଘୁନାଥ ସାହୁ, ଆଇନଜୀବୀ ଅକ୍ଷୟ ସ୍ୱାଇଁ, ଜିଲ୍ଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତପନ କୁମାର ବେହେରା ଯୋଗ ଦେଇଥିଲେ। 'ଅଟଳ ଜ୍ୟୋତି' ମୁଖପାତ୍ର ଉନ୍ମୋଚନ ହୋଇଥିଲା। ଏହି ଅବସରରେ ଏରସମା ଥାନାଧିକାରୀ ପ୍ରେମଜିତ ଦାସଙ୍କୁ ଅଟଳ ସେବା ସମ୍ମାନ, ନାଟ୍ୟକାର ରଘୁନାଥ ସାହୁ ଅଟଳ ସାରସ୍ୱତ ସମ୍ମାନ, ପରମହଂସ ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍ୱୟଂପ୍ରଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବତନ ସରପଞ୍ଚ ତପନ ଗୋଚ୍ଛାୟତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁବାସ ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ। ନିର୍ଲିପ୍ତ ଜେନା ଧନ୍ୟବାଦ ଦେଇଥିଲେ।

# ଆଖଣ୍ଡଳମଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ତିର୍ତ୍ତୋଲ,୨୭।୧୨(ସମିସ):** ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ନାଉସିରା ଗ୍ରାମ ପଡିଆରେ ବାବା ଆଖଣ୍ଡଳମଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପୁରୁଣା ବସନ୍ତ ଟିମ୍ ପିପଲମାଧବ ଟିମ୍‌କୁ ୪ ୱିକେଟ ହରାଇ ଚାମ୍ପିଅନ ହୋଇଛି। ପ୍ରଥମେ ପିପଲ ମାଧବ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୭୧ ରନ ସଂଗ୍ରହ କରିଥିଲା। ଜବାବରେ ପୁରୁଣା ବସନ୍ତ କ୍ରିକେଟ ଟିମ୍ ୯.୧ ଓଭରରେ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପୁରୁଣାବସନ୍ତ ଟିମ୍‌ର ସୁବ୍ରତ ନାୟକ ୫ ଛକା ସହ ଆକର୍ଷଣୀୟ ଅପରାଜିତ ୩୬ ରନ ସଂଗ୍ରହ କରି ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ପିପଲମାଧବ ଟିମ୍‌ର କିଶନ ଜେନା ଟୁର୍ଣ୍ଣକ୍ଷମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଧ୍ୟାପକ ଅଜିତ କୁମାର୍ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ତିର୍ତ୍ତୋଲ କଲେଜର ଅବସରପ୍ରାପ୍ତ ଗ୍ରନ୍ଥାଗାରିକ କବି ପରମାନନ୍ଦ ମିଶ୍ର, ସମ୍ମାନିତ ଅତିଥି ବିକ୍ରମ ସାହୁ, ସାମ୍ବାଦିକ ଶ୍ରୀକାନ୍ତ ଦାଶ ଯୋଗଦେଇଥିଲେ। ଆମ୍ପାୟାର ଭାବେ ଆଲୋକ ପରିଜା ଓ ପାର୍ଥ ସାରଥୀ ହୋତା ଖେଳ ପରିଚାଳନା କରିଥିଲେ। କ୍ଲବ୍‌ର ଅଭିଷେକ, ଆଦର୍ଶ, ଆଶୁତୋଷ, ରାଜୀବ ଲୋଚନ, ତ୍ରିଲୋଚନ, ଅନିଲ, ମନୋଜ, ସାଇ, କାହ୍ନୁ, ଅମିତ୍, ସୁନିଲ ପ୍ରମୁଖ ସହଯୋଗ କରିଥିଲେ।

# ଡିଏଭି ପିପିଏଲ ସ୍କୁଲର ବାର୍ଷିକ ଉତ୍ସବ



**ପାରାଦୀପ,୨୭।୧୨(ସମିସ):** ଡିଏଭି ପିପିଏଲ ବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ 'ସଂସ୍କାରୋତ୍କର୍ଷ' ପାଳିତ ହୋଇଯାଇଛି। ପିପିଏଲ୍‌ର ସିଇଓ ପାଲାମିସାମି ଭେଲୁସାମି ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ପାରାଦୀପ ସ୍ଥିତ ଇଫକୋ କାରଖାନାର ମୁଖ୍ୟ ପ୍ରବନ୍ଧକ ପିକେ ମହାପାତ୍ର ଓ ଡିଏଭିର ଉପ ଆଞ୍ଚଳିକ ଅଧିକାରୀ ତଥା ଡିଏଭି ପୋଖରୀପୁଟର ଅଧ୍ୟକ୍ଷ ବିପିନ କୁମାର ସାହୁ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଶିକ୍ଷାର୍ଥୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ପାଲା, ନାଟକ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ସଂଯୋଜକ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଫ୍ରେଣ୍ଡସ କ୍ଲବ୍ ନଦାମହଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ତିର୍ତ୍ତୋଲ,୨୭।୧୨(ସମିସ):** ଟୁ ନାଇଟସ ଧମାକା ଫ୍ରେଣ୍ଡସ କ୍ଲବ୍ ନଦାମହଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କୃଷ୍ଣାନନ୍ଦପୁର ବିସନପୁର ନଦାମହଲା ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ମୀର ବ୍ରଦର୍ସ ବାରେ ଘର କୃଷ୍ଣାନନ୍ଦପୁର ୱେଲକମ୍ ଏକାଦଶ ନିମାପଡ଼ାକୁ ୧୦ ରନରେ ହରାଇ ଚାମ୍ପିଅନ ହୋଇଥିଲା। ପ୍ରଥମେ ମିର୍ ବ୍ରଦର୍ସ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ୱିକେଟ ହରାଇ ୬୦ ରନ ସଂଗ୍ରହ କରିଥିଲା। ଜବାବରେ ୱେଲକମ ଏକାଦଶ ୭.୧ ଓଭରରେ ୫୦ ରନ କରି ପରାଜିତ ହୋଇଥିଲା। ମୀର୍ ବ୍ରଦର୍ସ ଟିମ୍‌ର ସୁଶାନ୍ତ ଫାଇନାଲ ମ୍ୟାଚ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ସମାରୋହ ପ୍ରସ୍ତୁତି



**ଜଗତସିଂହପୁର,୨୭।୧୨(ସମିସ):** ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ ତମ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଚର୍ଚ୍ଚିକା ବଜାର ସ୍ଥିତ ଚର୍ଚ୍ଚିକା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପରିଷଦର ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ଗତ ବର୍ଷ ଜୟନ୍ତୀ ଉତ୍ସବର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ଉପଦେଷ୍ଟା ସୁରେନ ରାଉତ, ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ଅରୁଣ କୁମାର ରାଉତରାୟ, ସୁଭାଷ ଚନ୍ଦ୍ର ରାଉତ, ଗୋବିନ୍ଦ ଓଝା, ପରୀକ୍ଷିତ ମହାନ୍ତି, ଅଞ୍ଜନ କୁମାର ସାହୁ, ସହ ସମ୍ପାଦକ ବନମାଳୀ ମହାରଣା, ଯୁଗ୍ମ ସମ୍ପାଦକ ଶାନ୍ତନୁ ମିଶ୍ର, ବିଜନ ମହାପାତ୍ର, ସଂଗଠନ ସମ୍ପାଦକ ସୁକାନ୍ତ କୁମାର ଦ୍ୱିବେଦୀ, ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ରବି ମହାନ୍ତି ଓ ମନୋଜ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଜୟନ୍ତୀ ସମାରୋହକୁ ଅଧିକ ସରସ ସୁନ୍ଦର କରିବା, ବାର୍ଷିକ ସ୍ମରଣିକା 'ସୁଧାସୌରଭ' ପ୍ରକାଶ ପାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ନାଟ୍ୟକାରଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ନାଲିବର ଠାରୁ ରେଢୁଆ ପର୍ଯ୍ୟନ୍ତ ରାସ୍ତାକୁ ସୁଧାକର ସରଣୀ ନାମରେ ନାମିତ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ବରିଷ୍ଠ ସଭ୍ୟ ଗୋବିନ୍ଦ ଓଝା ଓ ତପନ ରାଉତରାୟଙ୍କୁ ଏହାକୁ କାର୍ଯ୍ୟକାରୀ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିସହିତ ସର୍ବସମ୍ମତି କ୍ରମେ ନୂତନ ଉପ ସଭାପତି ଭାବେ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତଙ୍କୁ ଚୟନ କରାଯିବା ସହ ନୂତନ ସଭ୍ୟ ଭାବେ ଶିକ୍ଷାବିତ ବିଜୟକୁମାର ପତି ଓ ଆଇନଜୀବୀ ଶିବପ୍ରସାଦ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକ ଆରମ୍ଭରେ ବିଶିଷ୍ଟ ଅଭିନେତା ନରେନ୍ଦ୍ର ଦାସଙ୍କ ବିୟୋଗରେ ଶୋକପ୍ରକାଶ କରାଯାଇ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକାରୀ ସଭ୍ୟ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳିଗଲା ଦୋକାନ

**ବାଲିକୁଦା,୨୭।୧୨(ସମିସ):** ବାଲିକୁଦା ତହସିଲ ଅନ୍ତର୍ଗତ କଣିଆ ବଜାରରେ ଥିବା ପ୍ରଦୀପ୍ତ ଲେଙ୍କାଙ୍କ ଏକ ଟେସ୍‌ନାରୀ ଦୋକାନରେ ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟି ଦୋକାନ ଗୃହ ଜଳିଯିବା ସହ ଲକ୍ଷାଧିକ ଟଙ୍କାର ଜିନିଷ ଜଳି ପାଉଁଶ ହୋଇଯାଇଛି। ଖବର ପାଇ ବାଲିକୁଦା ଅଗ୍ନିଶମ ବିଭାଗ ଅଧିକାରୀ ଅଲେଖ ଚରଣ ସେଠି ଓ ଟିମ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡର କାରଣ ଜଣା ପଡି ନଥିବା ବେଳେ ଅଗ୍ନିକାଣ୍ଡରେ ଦୁଇ ଲକ୍ଷ ଟଙ୍କା ର ଜିନିଷ ନଷ୍ଟ ହୋଇଥିବା ବେଳେ ଦୁଇଲକ୍ଷ୍ୟ ଟଙ୍କାର ଜିନିଷକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

**ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍**

# ଜଗତସିଂହପୁରକୁ ହରାଇ କିଟ୍ କଲେଜ ବିଜୟୀ



**ଜଗତସିଂହପୁର,୨୭।୧୨(ସମିସ):** ଜଗତସିଂହପୁର ସଦର ବ୍ଲକ ନବାପାଟଣା ଠାରେ ଚାଲିଥିବା ୩୫ତମ ଯୁଗଜ୍ୟୋତି କ୍ରିକେଟ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିନରେ ନନ୍ଦାବ୍ରତ ଷ୍ଟାଡିୟମରେ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିଲା। ଏଥିରେ କିଟ୍ କଲେଜ, ଭୁବନେଶ୍ୱର ଓ ଜଗତସିଂହପୁର ଜିଲ୍ଲା ମହିଳା କ୍ରିକେଟ୍ ଦଳ ଭାଗ ନେଇଥିଲେ। ପ୍ରଥମେ କିଟ୍ କଲେଜ ଦଳ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ହରାଇ ୨୫୬ ରନର ବିଶାଳ ସ୍କୋର କରିଥିଲେ। ଦଳ ତରଫରୁ ବ୍ୟକ୍ତିଗତ ୨୬ ବଲରୁ ୬ଟି ଚୌକା ଓ ୪ଟି ଛକା ସାହାଯ୍ୟରେ ବର୍ଷାରାଣୀ ସିଂହ ୫୩ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ସେହିପରି ଅଙ୍କିତା ଗିରି ସର୍ବାଧିକ ୫୬ ରନ ସଂଗ୍ରହ କରିଥିଲେ। ଜଗତସିଂହପୁର ତରଫରୁ ସର୍ବାଧିକ ସୁହାନୀ ପ୍ରିୟଦର୍ଶିନୀ ଦାସ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଜଗତସିଂହପୁର ଜିଲ୍ଲା ମହିଳା କ୍ରିକେଟ ଦଳ ମାତ୍ର ୨୬ ରନ କରି ସମସ୍ତ ୱିକେଟ ହରାଇ ପରାଜୟ ବରଣ କରିଥିଲା। ୭ ଜଣ ବ୍ୟାଟର ଖାତା ଖୋଲି ପାରିନଥିଲେ। ଏହି ମହିଳା ପ୍ରଦର୍ଶନୀ ମ୍ୟାଚ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ସମ୍ମାନିତ ଅତିଥି ଭାବେ ସିଂହାରପୁର କୋପରେଟିଭ ବ୍ୟାଙ୍କର ସମ୍ପାଦକ ପ୍ରଦିପ୍ତ କୁମାର ମହାନ୍ତି, ଜୁଗଜ୍ୟୋତି ମହିଳା କ୍ରିକେଟ ଟିମ୍‌ର ସଭାପତି ସୋନାଲି ଦାସ ଓ ଗନେଇଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରସନ୍ନ ପଣ୍ଡା ଏହାକୁ ପରିଚାଳିତ କରିଥିଲେ। କରନ ଖାନ୍ ଧାରାବିବରଣୀ ପ୍ରଦାନ କରିଥିଲେ। ପ୍ରିତମ ପ୍ରିୟଦର୍ଶନଙ୍କ ଦ୍ୱାରା ସ୍କୋରିଂ କାର୍ଯ୍ୟକର୍ମ ସମ୍ପର୍ଣ୍ଣ ହୋଇଥିଲା। ଆସନ୍ତାକାଲିର ଗ୍ରାଣ୍ଡ ଫାଇନାଲ ମ୍ୟାଚ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଜଗତସିଂହପୁର ଏବଂ ପାରାମାଉଣ୍ଟ କ୍ରିକେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳା ଯିବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି।

## ୨ ମୃତ ପକ୍ଷୀ ସହ ବନ୍ଧୁକ ଜବତ, ଶିକାରୀ ଗିରଫ

ବାଲୁଗାଁ,୨୭।୧୨(ସମିସ) : ପକ୍ଷୀ ତୀର୍ଥ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଆଗମନ ବୃଦ୍ଧି ପାଉଥିବା ବେଳେ ଶିକାରୀ ତତ୍ପର ହୋଇ ପଡ଼ିଛନ୍ତି। ଚଳିତ ବର୍ଷ ଗତ ନଭେମ୍ବର ୧୮ ରେ ୪୪ଟି ବିଦେଶାଗତ ଅତିଥି ମୃତ ପକ୍ଷୀ ଜବତ ହେବା ସହ ଜଣେ ଶିକାର ଗିରଫ ହୋଇଥିବା ବେଳେ ଡିସେମ୍ବର ୨ରେ ୨ଟି ମୃତ ଅତିଥି ପକ୍ଷୀ ଜବତ କରିବା ସହ ଏଥିରେ ସଂପୃକ୍ତ ଶିକାରୀକୁ ଗିରଫ କରିଥିଲା ବିଭାଗ। ଏପରିସ୍ଥଳେ ଶୁକ୍ରବାର ବନ୍ୟପ୍ରାଣୀ ବିଭାଗ ପାଟ୍ରୋଲିଂ କରୁଥିବା ଟିମ ଟାଙ୍ଗୀ ରେଂଜ ଅଧିନ କୋଟିଲା ଗୋଠପାଟଣା ନିକଟରୁ ଜଣେ ଶିକାରୀକୁ ଗିରଫ କରିଥିବା ବେଳେ ଅଭିଯୁକ୍ତ ନିକଟରୁ ୩ଟି ମୃତ ନର୍ଦନ ପିଣ୍ଟେଲ ବିଦେଶୀ ପକ୍ଷୀ ଜବତ କରିବାରେ ସଫଳ ହୋଇଛି ବିଭାଗ। ଗିରଫ ଶିକାରୀ ଜଣକ ହେଲେ ସ୍ଥାନୀୟ ଭୂଷଣ୍ଡପୁର ଅଞ୍ଚଳର ପ୍ରଫୁଲ ପ୍ରଧାନ ଓରଫ ଗନ୍ଧିଆ। ତେବେ ପକ୍ଷୀ ଗୁଡ଼ିକ ବିଶକ୍ରିୟାରେ ମୃତ ହୋଇଥିବା ବେଳେ ଏସଂକ୍ରାନ୍ତରେ ବିଭାଗ ପକ୍ଷରୁ ବନ୍ୟଜନ୍ତୁ ହତ୍ୟା ମାମଲାରେ ୱାଇଲଡ୍ ଲାଇଫ୍ ପ୍ରୋଟେକସନ ଆକ୍ଟ ୧୯୭୨ ଧାରାରେ ପକ୍ଷୀ ଶିକାରୀ ବିରୁଦ୍ଧରେ ୬/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ବିଭାଗର ପ୍ରାଥମିକ ତଦନ୍ତ ତଥା ବ୍ୟବଛେଦରୁ ପକ୍ଷୀକୁ ବିଷ ଦେଇ ହତ୍ୟା ହୋଇଥିବା ଜଣାପଡିଛି। ଅଧିକ ଯାଞ୍ଚ ନିମନ୍ତେ ପକ୍ଷୀଙ୍କ ଟିସୁ ନମୁନା ଫରେନସିକ ଲାବୋରେଟୋରୀକୁ ପଠାଯାଇ ବିଭାଗ ତଦନ୍ତ ଜାରି ରଖିଛି।

## ସୋସିଆଲ ମିଡିଆରେ ଅଶ୍ଳୀଳ କମେଣ୍ଟ; ଯୁବକ ଗିରଫ

ଖୋର୍ଦ୍ଧା,୨୭।୧୨(ସମିସ): ସୋସିଆଲ ମିଡିଆରେ ପ୍ରଚାରିତ ଏକ ଖବର ଉପରେ ଅଶ୍ଳୀଳ ଭାଷାରେ କମେଣ୍ଟ କରିବା ଅଭିଯୋଗରେ ଶିଶୁପାଳ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ମୁକୁନ୍ଦପ୍ରସାଦ ତଳସାହିରେ ରହୁଥିବା ସଫିଉଲ୍ଲା ଖାନ୍ (୪୧)। କେନ୍ଦୁଝର ସଦରଥାନା ଅନ୍ତର୍ଗତ ପୁରୁଣା ସହରର ସଫିଉଲ୍ଲା ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ତଳସାହିରେ ରୁହନ୍ତି। ଫେସବୁକରେ କେଉଁଝର ଟାଇମସ୍ ପକ୍ଷରୁ କେଉଁଝରରେ ବିପ୍ଳବୀ ଧରଣୀଧର ନାଏକଙ୍କ ସୁନ୍ଦର ଅଶ୍ୱାରୋହଣ ପ୍ରତିମୂର୍ତ୍ତି ଉନ୍ମୋଚନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା କରାଯିବା ନେଇ ପୋଷ୍ଟ କରାଯାଇଥିଲା। ଉକ୍ତ ପୋଷ୍ଟରେ ରାଜ୍ୟ ମୁଖ୍ୟଙ୍କୁ ଅସଭ୍ୟ ଭାଷାରେ ଗାଳି କରି ଆଜି ପର୍ଯ୍ୟନ୍ତ କେଉଁଠି ଥିଲ, ଏବେ ମନେପଡିଲା ବୋଲି କମେଣ୍ଟ କରିଥିଲେ ସଫିଉଲ୍ଲା। ଏନେଇ ସ୍ଥାନୀୟ ନୂଆଗାଁର ସବ୍ୟସାଚୀ ଦାସ ଶିଶୁପାଳ ଥାନାରେ ଅଭିଯୋଗ କରିବାରେ ପୁଲିସ ଏକ ମାମଲା ରୁଜୁକରି ସଫିଉଲ୍ଲାକୁ ମୁକୁନ୍ଦପ୍ରସାଦରୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବାଲି ଗାଡ଼ି ଜବତ, ଚାଳକ କୋର୍ଟ ଚାଲାଣ

ବେଗୁନିଆ,୨୭।୧୨(ସମିସ): ମାଣିବନ୍ଧ ଗ୍ରାମ ନିକଟରେ ଶନିବାର ଏକ ବାଲି ବୋଝେଇ ଟ୍ରକ ଜବତ ସହ ଚାଳକକୁ ପୁଲିସ କୋର୍ଟ ଚାଲାଣ କରିଛି। ବେଗୁନିଆ ଥାନା ଅଧିକାରୀଙ୍କ ସୂଚନା ଅନୁଯାୟୀ ବ୍ରହ୍ମଗିରି ଜଗନ୍ନାଥପୁର ଗ୍ରାମର ସୂର୍ଯ୍ୟକାନ୍ତ ସାମନ୍ତରାୟ ବେଆଇନ ଭାବେ ଟ୍ରକ ଯୋଗେ ବାଲି ବୋଝେଇ କରି ଚାଲାଣ କରୁଥିବା ବେଳେ ପୁଲିସ ଚଢାଉ କରିଥିଲା। ତେବେ ଚାଳକ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନ ପାରିବାରୁ ପୁଲିସ ଏକ କେସ ରୁଜୁ କରି କୋର୍ଟ ଚାଲାଣ କରିଛି।

## ଗୋଟିଏ ରାତିରେ ସିରିଜ୍ ଚୋରି

ନିରାକାରପୁର,୨୭।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ମୋଟା ଗ୍ରାମରେ ଗତ ବୁଧବାର ରାତିରେ ସିରିଜି ଚୋରି ହୋଇଛି। ମୋଟା ବଡ ମଠ ମନ୍ଦିରରୁ ୪ଟି ରୂପା ମୁକୁଟ, ୧ ପିତ୍ତଳ ମୁକୁଟ, ୧ଟି ରୂପା ବଂଶୀ, ୨ ଟି ଛୋଟ ରୂପା ମୂର୍ତ୍ତି ଓ ଗୋଟିଏ ଦାନ ବାକ୍ସ କେହି ଦୁର୍ବୃତ୍ତ ନେଇଯାଇଛି। ସେହିପରି ଗ୍ରାମର ମା ଭଗବତୀ ମନ୍ଦିରରୁ ଗୋଟିଏ ରୂପା କିରିଟି, ଏକ ହଳ ରୂପା କାନ ଝରା, ଏକ ବେକ୍ ରୂପା ଚାପ, ୧ଟି ସୁନା ମଥା ଚିତା, ୧ଟି ରୂପା ଚେନ, ୧ଟି ସୁନା ମଙ୍ଗଳ ସୂତ୍ର, ସୁନାର ଏକ ହଳ ବାହୁଟି ଓ ମହାବୀର ମନ୍ଦିରରୁ ଦୁଇଟି ରୂପା କିରିଟି, ୧ ଟି ରାମାନନ୍ଦି ତିଳକ ରୂପା, ୩ ଟି ସୁନା ପଦକ, ୧ ଟି ରୂପା ବାହୁଟି ସହିତ ଗ୍ରାମର ଦିନବନ୍ଧୁ ସାହୁଙ୍କ ରାସନ୍ ଦୋକାନରୁ ରାସନ୍ ସାମଗ୍ରୀ ଚୋରି ହୋଇଯାଇଛି। ଗ୍ରାମର ମା ଭଗବତୀ ପରିଚାଳନା କମିଟି ପକ୍ଷରୁ ଜଙ୍କିଆ ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଚଳାଇଛି।

## ବାଇକ୍ ମୁହାଁମୁହିଁ; ଦୁଇ ଆହତ

ବେଗୁନିଆ,୨୭।୧୨ (ସମିସ): ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ସମ୍ମୁଖରେ ଦୁଇ ବାଇକ ଆରୋହୀ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତ ଦ୍ୱୟଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଆହତ ଦୁଇ ଜଣ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ସୁଆଁଳ ଗ୍ରାମର ବିଶ୍ୱଜିତ୍ ସୁନ୍ଦରାୟ ଓ ନୟାଗଡ ଜିଲ୍ଲା ରଣପୁରର ସୁଶାନ୍ତ ସାହୁ ବୋଲି ଅଗ୍ନିଶମ କର୍ମଚାରୀ କହିଛନ୍ତି।

## ବାଦୀପାଲା ଉଦ୍‌ଯାପିତ

ବେଗୁନିଆ,୨୭।୧୨(ସମିସ): ସିମୋର୍ ପଞ୍ଚାୟତ ଗଁପୁର ଗ୍ରାମ ସ୍ଥିତ ତ୍ରିନାଥ ଦେବ ମନ୍ଦିର ପରିସରରେ ଗଁପୁର-କଣ୍ଟାମଳିମ ଗ୍ରାମବାସୀଙ୍କ ସହଯୋଗରେ ଚାଲିଥିବା ବାଦିପାଲା ଉଦଯାପିତ ହୋଇଛି। ବିଧାୟକ ପ୍ରଦୀପ ସାହୁ ମୁଖ୍ୟଅତିଥି ଓ ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ଅତିଥି ଭାବେ ଉପସ୍ଥିତ ରହି ଲୋକକଳା ପାଲା ଏକ ସୁସ୍ଥ ସମାଜ ଗଠନ କରିବାକୁ ଶିକ୍ଷା ଦେଇଥାଏ ବୋଲି କହିଥିଲେ। କଟକ ଜିଲ୍ଲା ବାଙ୍କୀ ବ୍ଲକ ଅରପୁର ଗ୍ରାମର ଜ୍ଞାନସୁଧା ଗାୟକ ସାରଦା ପ୍ରସନ୍ନ ନାୟକ ଓ କଟକ ଜିଲ୍ଲା ବଡ଼ମ୍ବା ବ୍ଲକ ନରସିଂହପୁର ଜ୍ଞାନଜ୍ୟୋତି ଗାୟକ ଶରତ କୁମାର ଦଳେଇ ବାଦପାଲା ପରିବେଷଣ କରିଥିଲେ।

# ଡିଲ୍ ହେଉଥିଲା ଗଞ୍ଜେଇ; ମିଳିଲା ବ୍ରାଉନସୁଗର

ଖୋର୍ଦ୍ଧା,୨୭।୧୨(ସମିସ)



## ୨ ଗିରଫ

ଆଦର୍ଶ ଥାନା ପୁଲିସ ପିତାପଲ୍ଲୀଠାରୁ ୫୭ନଂଜାତୀୟ ରାଜପଥକୁ ସଂଯୋଗ କରୁଥିବା ନିର୍ମାଣଧିନ ନୂଆ ଜାତୀୟ ରାଜପଥର ଗୁରୁଜଙ୍ଗ ଠାରେ ଚଢ଼ଉ କରି ଦୁଇ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ଆଦର୍ଶ ଥାନା ଅଞ୍ଚଳର ଗୁରୁଜଙ୍ଗ ଗ୍ରାମ କୋଟିଲାକଣ ସାହିର ସୁଶାନ୍ତ କୁମାର ପ୍ରଧାନ ଓରଫ ସିପୁ(୩୨) ଓ ମୁକୁନ୍ଦପ୍ରସାଦ ଝରଟାଙ୍ଗି ଅଞ୍ଚଳର ନିହାର ରଞ୍ଜନ ହାତୀ ଓରଫ୍ ପାପୁ (୩୨)। ସେମାନଙ୍କ ଠାରୁ ପୁଲିସ ମାତ୍ର ୨୮ଗ୍ରାମ ଓଜନର ବ୍ରାଉନସୁଗର ସମେତ ଗୋଟିଏ ମଟର ସାଇକେଲ ଏବଂ ଦୁଇଟି ମୋବାଇଲ ଫୋନ ଜବତ ହୋଇଥିବା ଆଦର୍ଶ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ଏସ୍‌ଡିପିଓଙ୍କ ସୂଚନା ଅନୁସାରେ, ନିର୍ମାଣଧିନ ନୂଆ ଜାତୀୟ ରାଜପଥର ଗୁରୁଜଙ୍ଗ ଠାରେ ଗଞ୍ଜେଇ ବେପାର ହେଉଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ଆଇ ବସନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରି ଦୁଇ ବେପାରୀଙ୍କୁ ଗିରଫ କରିଥିଲେ। ସେଠାରେ ସେମାନେ ଗଞ୍ଜେଇ ଦେବା ନେବା କରୁଥିବାବେଳେ କିନ୍ତୁ ପୁଲିସ ବ୍ରାଉନସୁଗର ଜବତ୍ କରିଥିଲା। ସେମାନଙ୍କଠାରୁ ଗଞ୍ଜେଇ ମିଳିନଥିବାବେଳେ ୨୮ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିଲା। ଏହାର ମୂଲ୍ୟ ୨ଲକ୍ଷ ୮୦ହଜାର ହେବ ବୋଲି ପୁଲିସ ଆକଳନ କରିଛି। ଏ ନେଇ ୫୪୫/୨୫ରେ ଏକ ମାମଲା ପୁଲିସ ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଅପରପାଶ୍ୱର୍ରେ ଏସଡିପିଓଙ୍କ ଖବର ମୁତାବକ ଗଞ୍ଜେଇ ଯଦି କାରବାର ହେଉଥିଲା ତେବେ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ଉକ୍ତ ଗଞ୍ଜେଇ କୁଆଡେ ଗଲା ବୋଲି ପ୍ରଶ୍ନ ଉଠିଛି। ସେହିପରି ଯଦି ଗଞ୍ଜେଇ ଡିଲ ହେଉଥିଲା, ତେବେ ଜବତ ବ୍ରାଉନସୁଗର କେଉଁଠୁ ଆସିଲା।

ବାସ୍ତବରେ ସେମାନଙ୍କ ଠାରୁ ଧରା ହୋଇଛି, ନାଁ ପୁଲିସ ଥୋଇ ଗଞ୍ଜେଇ ବେପାରୀଙ୍କୁ ବ୍ରାଉନସୁଗର ବେପାରୀ ବୋଲି ଦେଖାଇଛି ତାହା ଏବେ ଚର୍ଚ୍ଚା ଜୋର ଧରିଛି। ସେହିପରି ଟାର୍ଗେଟ କ୍ଲିଅର ଲାଗି ପୁଲିସ ଡିସେମ୍ବର ମାସରେ ଯେଉଁଭଳି ଝଂଟା ଭିଡୁଛି, ସେହିପରି କାର୍ଯ୍ୟ ପ୍ରତିମାସରେ ଦେଖାଇଲେ ଆଇନଶୃଙ୍ଖଳା ପରିସ୍ଥିତି ରେ ସୁଧାର ଆସନ୍ତା ବୋଲି ବୁଦ୍ଧିଜିବୀ ମାନେ ପ୍ରକାଶ କରିଛନ୍ତି।

## ଶ୍ରୀରଙ୍ଗନାଥ ଦେବଙ୍କ ମଧ୍ୟାହ୍ନ ବେଶ ନୀତିକାନ୍ତି



ବାଲୁଗାଁ,୨୭।୧୨(ସମିସ): ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବ ଶ୍ରୀ ରଙ୍ଗନାଥ ଦେବ ଓଢ଼ଣୀ ଷଷ୍ଠୀଠାରୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ପରିଧାନ କରି ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ରହିଥିବାବେଳେ ଧନୁ ସଂକ୍ରାନ୍ତିଠାରୁ ପହିଲି ଭୋଗ ଆରମ୍ଭ ହୋଇ ଯାଇଛି। ଦୈନନ୍ଦିନ ଶ୍ରୀ ରଙ୍ଗନାଥ ଦେବଙ୍କ ନିକଟରେ ପହିଲି ଭୋଗ ଲାଗି ହେଉଛି। ଶୁକ୍ଳ ପକ୍ଷ ଓଢ଼ଣୀ ଷଷ୍ଠୀରେ ଶ୍ରୀ ରଙ୍ଗନାଥ ଦେବ ଓଢ଼ଣୀ ଲାଗି ବେଶରେ ଦର୍ଶନ ଦେଉଛନ୍ତି। ଦୈନନ୍ଦିନ ମହାପ୍ରଭୁ ରଙ୍ଗନାଥ ଦେବ ତିନି ଗୋଟି ବେଶ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ସକାଳୁ ମାଘସ୍ନାନ ପରେ ମହାପ୍ରଭୁ ପ୍ରଥମ ବେଶ ହେବା ପରେ ପହିଲି ଭୋଗ ଅର୍ପଣ କରାଯାଉଛି। ମଧ୍ୟାହ୍ନରେ ଦ୍ୱିତୀୟ ବେଶ କରାଯାଇ ମଧ୍ୟାହ୍ନ ଭୋଗ ଅର୍ପଣ କରାଯାଇ ପହଡ଼ ପଡୁଥିବା ବେଳେ ସଂଧ୍ୟା ଆଳତୀ ପରେ ଶ୍ରୀଜିଉଙ୍କୁ ଓଢ଼ଣୀ ଲାଗି ବେଶରେ ଦର୍ଶନ ଦେଇ ରାତ୍ରରେ ପହଡ଼ ପଡୁଛି। ପୂଜକ ଚନ୍ଦ୍ର ଶେଖର ହୋତା ମହାପ୍ରଭୁଙ୍କ ନୀତିକାନ୍ତି କରୁଥିବା ବେଳେ ପରିଚାଳନା କମିଟିର ସଭ୍ୟ ଦେବଦତ୍ତ ପାଣି, ପଦ୍ମନାଭ ମହାପାତ୍ର, ଦାଶରଥି ସାହୁ ଓ ସୋମନାଥ ହୋତା ସହଯୋଗ କରୁଛନ୍ତି।

# ବୋଲଗଡ଼ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ବୋଲଗଡ଼,୨୭।୧୨(ସମିସ): ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ୨୨ତମ ବାର୍ଷିକ ବୋଲଗଡ଼ ମହୋତ୍ସବ-୨୦୨୫ର ଶନିବାର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ମୁକ୍ତାକାଶ ମଣ୍ଡପରେ ପର୍ଯ୍ୟାୟକ୍ରମେ ଚଇତି ଘୋଡା ନୃତ୍ୟ ,ଗୋଟିପୁଅ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଡ୍ୟାନ୍ସ ଡ୍ୟାନ୍ସ, ମଡର୍ଣ୍ଣ ଡ୍ୟାନ୍ସ ଆଦି ପରିବେଷଣ ହୋଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳର କଳା ସଂସ୍କୃତି ଖଞ୍ଜଣୀ ଭଜନ, ସଂକୀର୍ତନ ଓ ପାଲା ଆଦି ମହୋତ୍ସବ ମଞ୍ଚ ରେ ପରିବେଷଣ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ସଭାପତି ତଥା ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ରୂପେ କଂଗ୍ରେସ ନେତା ପୂର୍ବତନ ପିସିସି ସମ୍ପାଦକ ପୃଥିବଲ୍ଲଭ ପଟ୍ଟନାୟକ, ମହୋତ୍ସବ କମିଟି ଉପସଭାପତି ରବୀନ୍ଦ୍ର ପରିଡା, ପିସିସି ସମ୍ପାଦକ ସଦାଶିବ ମହାପାତ୍ର, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଗଦାଧର ଚମ୍ପତି, ସମାଜସେବୀ ଧୀରେସ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ପଟ୍ଟନାୟକ ଓ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଉପଦେଷ୍ଟା ପ୍ୟାରୀ ମୋହନ ଦାସ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂଜ୍ୟପୂଜା ଅବସରରେ 'ବୋଲଗଡ଼ ସମ୍ମାନ'ରେ ସୁକାନ୍ତ କୁମାର ଜେନା, ନିରଞ୍ଜନ ସେଠୀ, ଶରତ ଚନ୍ଦ୍ର ଜୟସିଂହ, ଅରୁଣ ନାୟକ, ଜୟକୃଷ୍ଣ ଫତେସିଂହ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚରେ ସିନେ କଳାକାର ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ସ୍ମରଣିକା ସମ୍ପାଦକ କାବୁ ଚମ୍ପତିରାୟ ଓ ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ ମଞ୍ଚ ସଂଯୋଜନା କରିଥିଲେ। ଅଖିଳେଶ ଓ ତ୍ରିଲୋଚନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ସମ୍ପାଦକ ସନାତନ ପାଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଜାଡ଼ିଲା ଧାନ ଫସଲ, ଭାଙ୍ଗିଲା ସ୍କୁଲ ପାଚେରି

ବେଗୁନିଆ,୨୭।୧୨(ସମିସ): ବେଗୁନିଆ ବ୍ଲକ ଦେଉଳି ଓ ଗୋବିନ୍ଦପୁର ପଞ୍ଚାୟତର ଡଙ୍ଗରପଡ଼ା, ପରିଛଳ ଏବଂ ଲୋକିପୁର ଗ୍ରାମରେ ୧୪ ଟିକିଆ ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇ ଅମଳ ଧାନ ଫସଲ ଗଦାକୁ ଫିଙ୍ଗି ଫୋପାଡି ନଷ୍ଟ କରିଛନ୍ତି। ଏପରିକି ଗୋଟିକିଆ ଦନ୍ତା ହାତୀ ଡଙ୍ଗରପଡା ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ପାଚେରୀ ଭାଙ୍ଗି ଦେଇଛି। ଏହାସହ ପରିଛଳ ଗ୍ରାମର ସହଦେବ ବେହେରା, ରତ୍ନାକର ଜେନା, ସକାଳାନନ୍ଦ ପାତାଳସିଂହ, ନବୀନ ମହାନ୍ତି, ଭାବଗ୍ରାହୀ ଜେନା, ଜଳଧର ବଳିୟାରସିଂହ ଓ ଲୋକିପୁର ଗ୍ରାମର ବ୍ରଜବନ୍ଧୁ ମାଝୀ, ପତିତପାବନ ଭୋଳ, ସୂର୍ଯ୍ୟମଣି କହଲସିଂ, ବିଦ୍ୟାଧର ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର




ମାନସିଂହ, ଆଶୁତୋଷ ଶ୍ରୀଚନ୍ଦନ ଅମଳ ଗଦା ଧାନ ଫସଲ ନଷ୍ଟ ହୋଇଛି ବୋଲି ସ୍ଥାନୀୟ ଲୋକ ସୂଚନା ଦେଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ

ଖୋର୍ଦ୍ଧା,୨୭।୧୨(ସମିସ): ପୁରୁଣା ସଦର ଥାନା ପାଶ୍ୱର୍ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବ୍ରଜମୋହନ ମଙ୍ଗରାଜ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ସଭାପତି ଚନ୍ଦ୍ରଶେଖର ମହାନ୍ତି, ଉପସଭାପତି ନିବେଦିତା ପଟ୍ଟନାୟକ, ସମ୍ପାଦିକା ସାଇପ୍ରିୟା ରାୟ, ବିଦ୍ୟାଳୟର ପ୍ରତିଷ୍ଠାତା ଭାଗିରଥି ମହାନ୍ତି, ଜିତେନ୍ଦ୍ର ପଟ୍ଟନାୟକ, ବିଦ୍ୟାଳୟର ନିର୍ଦ୍ଦେଶକ ଭାଗୀରଥି ସାହୁ, ବରିଷ୍ଠ ଶିକ୍ଷାବିତ୍ ହେମନ୍ତ କୁମାର ରାୟ, ତିଳୋତମା ପଟ୍ଟନାୟକ, ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ସୁଶୀଳା ମହାନ୍ତି, ସ୍ୱାଗତିକା ମହାନ୍ତି ଓ ପ୍ରଧାନ ଶିକ୍ଷକ ବିଜୟ କୁମାର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଆଚାର୍ଯ୍ୟ ଗଦାଧର ମହାପାତ୍ର ଓ ଚିନ୍ମୟୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏକାଙ୍କିକା ମୋ ହୃଦୟର ମୋ ବିଦ୍ୟାଳୟ ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁଜୀ ଅଶୋକ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବ୍ୟ ମାନବ ନିର୍ମାଣ ଶିବିର ଉଦ୍‌ଘାଟିତ

ବେଗୁନିଆ,୨୭।୧୨(ସମିସ): ପରିଛଳ ଗ୍ରାମ ସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ପରିସରରେ ଷଷ୍ଠ ବାର୍ଷିକ ଦିବ୍ୟ ମାନବ ନିର୍ମାଣ ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ ପ୍ରବଚକ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ ସାହୁ ଉଦଘାଟକ, ସ୍ୱାମୀ ଶାନ୍ତାନନ୍ଦ ମୁଖ୍ୟଅତିଥି, ପରିବ୍ରାଜକ ମୁକ୍ତାନନ୍ଦ ମୁଖ୍ୟବକ୍ତା, ଭିକାରୀ ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗୁରୁକୁଳ ଉତ୍ତମ ମାନବ ନିର୍ମାଣ କରିବାରେ ସମର୍ଥ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ବୈଲୋଚନ ବେହୁରିଆଙ୍କ ଦିବଂଗତ ପୁତ୍ରଙ୍କ ସ୍ମୃତିରେ ଅତିଥି ମାନେ ନୂତନ ଯଜ୍ଞ ମଣ୍ଡପର ଶିଳାନ୍ୟାସ କରିଥିଲେ। ଭିକାରୀ ସାହୁ, ଦୁଷ୍ମନ୍ତ ସ୍ୱାଇଁ, ପ୍ରତାପ ପଟ୍ଟନାୟକ, ଆର.ଜଗଦୀଶ ରେଡ୍ଡୀ, ରତିକାନ୍ତ ସୁନ୍ଦରାୟ, ନିରଦ ଖୁଣ୍ଟିଆ, ପ୍ରବୀର ମଲ୍ଲିକ ଓ ଅଭୟ ରାଉତ ପରିଚାଳନା କରିଥିଲେ।

## ବାର୍ଷିକ ସାଂସ୍କୃତିକ ଓ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ନିରାକାରପୁର, ୨୭।୧୨ (ସମିସ) : ମଳିପଡ଼ାସ୍ଥ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ୩୫ତମ ବାର୍ଷିକ ସାଂସ୍କୃତିକ ଓ କ୍ରୀଡ଼ା ଉତ୍ସବ ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି। ପରେ ଚିତ୍ରାଙ୍କନ, ଓଡ଼ିଆ ପ୍ରବନ୍ଧ ରଚନା ଓ ତର୍କ, ଇଂରାଜୀ ପ୍ରବନ୍ଧ ଓ ତର୍କ, ସାଧାରଣ ଜ୍ଞାନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୩୦ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ।

## ସର୍ବଭାରତୀୟ ମହାବୀର ଫୁଟବଲ କପ୍: ଫାଇନାଲ ମ୍ୟାଚ ଆଜି

ଟାଙ୍ଗୀ,୨୭।୧୨(ସମିସ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧୀନସ୍ଥ କୁହୁଡି ଜନତା ଷ୍ଟାଡିୟମ୍ ରେ ମହାବୀର ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୬୬ ତମ ସର୍ବଭାରତୀୟ ମହାବୀର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ବିହାରକୁ ଗୋଟିଏ ଗୋଲରେ ପରାସ୍ତ କରି ଓଡିଶା ପୁଲିସ କଟକ ଫାଇନାଲରେ ପ୍ରବେଶ କରିଛି।

ଅନୁଷ୍ଠାନର ଉପସଭାପତି ରାଜ କିଶୋର ବୈରୀଗଞ୍ଜନ, ସମ୍ପାଦକ ମନୋଜ ମାନସିଂହ, ସହସମ୍ପାଦକ ରମେଶ ନାଇଡୁ ତତ୍ତ୍ୱାବଧାନରେ ସ୍ଥାନୀୟ ଜନତା ହାଇସ୍କୁଲ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ମ୍ୟାଚ ଅବସରରେ ଅତିଥି ଭାବେ ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ଆଇନଜୀବୀ ହୃଷିକେଶ ପ୍ରଧାନ, ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ମମତା ଦାସ ଓ ସାଂସଦ ପ୍ରତିନିଧି ଜୟରାମ ବେହେରା ପ୍ରମୁଖ ଯୋଗଦେଇ । ଆଜିର ଖେଳର ମା କାମାକ୍ଷା ସ୍ପୋର୍ଟସ କ୍ଲବ ବକ୍ସର ବିହାରର ଜୁନାଇଦ ଓ ଓଡିଶା ପୁଲିସ କଟକର ଭୋଳା ଶଙ୍କର ମାଝୀଙ୍କୁ "ବିଭୁତି ମେମୋରିଆଲ ଟ୍ରଫି'ର ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

ମୁଖ୍ୟ ରେଫରୀ ବିଜୟ ମଙ୍ଗରାଜ ଖେଳ ପରିଚାଳନା କରିଥିବାବେଳେ ଲାଇନ୍‌ରେ ସହଯୋଗ କରିଥିଲେ ଗୋପାଳ ସାମନ୍ତରାୟ ଓ ସରୋଜ ମହାରଣା । ଆସନ୍ତାକାଲି (ରବିବାର) ଫାଇନାଲରେ ଧାନବାଦ ଫୁଟବଲ କ୍ଲବ ଧାନବାଦ ସହିତ ଓଡିଶା ପୁଲିସ କଟକ କଡ଼ା ଟକ୍କର ହେବ ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ଖୋର୍ଦ୍ଧା,୨୭।୧୨(ସମିସ): ବରୁଣେଇ ପୀଠରେ ୧୯୯୮ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ, ଜିଲ୍ଲା ଓ ଜିଲ୍ଲା ବାହାରେ ରହୁଥିବା ୬୦ ରୁ ଉଦ୍ଧ୍ୱର୍ ବନ୍ଧୁମାନେ ଯୋଗଦେଇଥିଲେ। ସଭାପତି ସୃଜନ ମିଶ୍ର ଓ ସମ୍ପାଦକ ତଥା ଆଇନଜୀବୀ ଶିଳାଦିତ୍ୟ ପଟ୍ଟନାୟକ ସମସ୍ତ କାର୍ଯ୍ୟ ସମ୍ପାଦନା କରିଥିଲେ। ସମସ୍ତ ପୁରାତନ ବନ୍ଧୁମାନେ ମାସିକ ୧୦୦ ଟଙ୍କା ଲେଖାଏଁ ସଂଗ୍ରହ କରି ଉକ୍ତ ଅର୍ଥକୁ ସମାଜର ହିତ କାର୍ଯ୍ୟରେ ଲଗାଇବା ଲାଗି ନିଷ୍ପତ୍ତି ନେଇଥିଲେ। ଫାଲ୍ଗୁନି ସାହୁ, ପିରମୋହନ ଦାସ, ନିରଞ୍ଜନ ନାୟକ, ବିଜୟ କର, ରାଜା ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

● ସର୍ବଭାରତୀୟ ୩୨ତମ ସଖା ସଂଘ ଫୁଟବଲ

# ଫାଇନାଲରେ ଧାନ୍‌ବାଦ୍ ଫୁଟବଲ ଏକାଡେମୀ

ନିରାକାରପୁର,୨୭।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ଚାଲିଥିବା ୩୨ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ସେମିଫାଇନାଲରେ ଟାଇବ୍ରେକର ଜରିଆରେ ସିଭି ରମଣ ଆଫ୍ରିକିଆନ ଦଳକୁ ହରାଇ ଧାନବାଦ ଫୁଟବଲ ଏକାଡେମୀ ଝାଡ଼ଖଣ୍ଡ ଫାଇନାଲରେ ପ୍ରବେଶ କରିଛି। ଖେଳକୁ ସେକାୱାତ ଅଲ୍ଲୀ ଖାଁ, ପ୍ରିୟବ୍ରତ ବାହିନୀପତି, ସାଇରାମ କିସ୍କୋ, ଅଭିନାଶ ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ, ହୃଦାନନ୍ଦ ମହତରାୟ, ଓମ ପ୍ରକାଶ ମିଶ୍ର ପରିଚାଳନା କରିଥିଲେ। ସଂଘ ସଭାପତି ବିପିନ ଜୟସିଂହଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଶିଷ୍ଟ ଅତିଥି ଭାବେ ଡାକ୍ତର ଅଂଶୁମାନ ରାୟ, ବିଶିଷ୍ଟ ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା




ରିସ୍ମା ମାନ୍ଧାତା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ , ସରପଞ୍ଚ ସୌରଭ କୁମାର ଦାସମହାପାତ୍ର, ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ନରେନ୍ଦ୍ର, ସମିତି ସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ, ଟାଙ୍ଗୀ ବ୍ଲକ ଛାତ୍ର ବିଜେଡ଼ି ସଭାପତି ଅନିଲ କୁମାର ସେନାପତି, ବିଜେଡି ନେତା ପବିତ୍ର ପାଇକରାୟ, କ୍ରୀଡା ସଂସଦ ସମ୍ପାଦକ ଭାଗିରଥି ପ୍ରଧାନ, କାର୍ଯ୍ୟକାରୀ ସଭାପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, କାର୍ଯ୍ୟକାରୀ ସମ୍ପାଦକ ଦୀପକ ପ୍ରଧାନ ଓ ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ରାଉତରାୟ ଯୋଗଦେଇଥିଲେ। ବେଷ୍ଟ ପ୍ଲେୟାର ଭାବେ ଉଭୟ ଦଳର ଦୁଇଜଣ ଖେଳାଳିଙ୍କୁ କେଦାର ଜୟସିଂହ ସ୍ମୃତି ଓ ପ୍ରମିଳା ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଟ୍ରଫି ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ଓ ପ୍ରଶାନ୍ତ ପାଟଶାଣୀ ମଞ୍ଚ ପରିଚାଳନା କରିଥିଲେ। କୁମାରୀ ମେଘନା ବଳିଆରସିଂହ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଅର୍ବାନ ଢ଼ାବା ଓ ଚୁମୁକି ଅଳଙ୍କାର ଦ୍ୱାରା ଏକ ମାଗଣା ଲଟେରୀ ମଧ୍ୟରେ ଦୁଇଟି ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଥିଲା।

# ଜିତେନ୍ଦ୍ର ମହାରଣା ସ୍ମାରକୀ ନୂଆଗାଁ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଖୋର୍ଦ୍ଧା,୨୭।୧୨(ସମିସ)



ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅନ୍ତର୍ଗତ ଉଇଲ କିଶନ ନଗର ଠାରେ ଆଜି ଜିତେନ୍ଦ୍ର ମହାରଣା ସ୍ମାରକୀ ନୂଆଗାଁ ପ୍ରିମିୟର ଲିଗ୍ ସିଜିନ -୩ ଉଦଘାଟିତ ହୋଇଛି। ଗ୍ରାମର ଯୁବ କ୍ରୀଡ଼ାବିତ ସତ୍ୟନାରାୟଣ ସୁନ୍ଦରାୟଙ୍କ ସଂଯୋଜନାରେ ଉଦଘାଟନ ଉତ୍ସବରେ ଅତିଥି ରୂପେ ପୁରୋହିତ ଆଲୋକ ନନ୍ଦ, ଗ୍ରାମର ତୁଷାରକାନ୍ତ ବିଶ୍ୱାଳ, ଆକାଶ ବିଶ୍ୱାଳ, ଗୋପାଳକୃଷ୍ଣ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ସତ୍ୟଜିତ ସାହୁ, ସୁଦର୍ଶନ ବିଶ୍ୱାଳ, ତୁଷାର ସୁନ୍ଦରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ଗ୍ରାମର ଛୋଟ ବଡ଼ ୧୦୦ ଜଣ ଯୁବକ ମାନଙ୍କ ଦ୍ୱାରା ୪ ଟି ଟିମ ଗଠନ କରାଯାଇ ଏହି ଖେଳ ହୋଇଥିଲା। ପ୍ରଥମେ ଅଁଳାଇ ୱାରିୟରର କ୍ୟାପଟେନ ଧର୍ମେନ୍ଦ୍ର ବିଶ୍ୱାଳ ଓ ୟଙ୍ଗ ଫାଇଟର କ୍ୟାପଟେନ ଦେବାଶିଷ ବିଶ୍ୱାଳଙ୍କ ଟିମ ମଧ୍ୟରେ ୧୦ ଓଭର ବିଶିଷ୍ଟ ଖେଳ ରେ ୟୌଙ୍ଗ ଫାଇଟର ଦଳ ପ୍ରଥମେ ୫ ୱିକେଟ ବିନିମୟରେ ୯୭ ରନ କରିଥିଲା ବେଳେ ଜବାବ ରେ ଅଁଳାଇ ୱାରିୟର ୯ ଓଭର ଖେଳି ୪ ୱିକେଟ ବିନିମୟରେ ୯୮ ରନ ବିଜୟୀ ହୋଇଥିଲେ।

ଦ୍ୱିତୀୟ ଭାଗ ଖେଳ ରେ ଚନ୍ଦ୍ରଶେଖର ୱାରିୟର ର କ୍ୟାପଟେନ ମହେଶ୍ୱର ସ୍ୱାଇଁ ଓ ଷ୍ଟାର ଇଲେଭେନ କ୍ୟାପଟେନ ସାଗର ବଳିୟାରସିଂହଙ୍କ ନେତୃତ୍ୱରେ ସଂଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲା। ଚନ୍ଦ୍ରଶେଖର ୱାରିୟର ଟିମ ୧୦ ଓଭର ଖେଳି ୭ୱିକେଟ ବିନିମୟ ରେ ୧୦୯ ରନ କରିଥିଲା ବେଳେ ଜବାବ ରେ ଷ୍ଟାର ଇଲେଭେନ ଟିମ ୧୦ ଓଭର ଖେଳି ୪ ୱିକେଟ ବିନିମୟରେ ୧୧୦ ରନ କରି ବିଜୟୀ ହୋଇଥିଲେ।

ସେହିପରି ତୃତୀୟ ରାଉଣ୍ଡ ଖେଳ ରେ ଚନ୍ଦ୍ରଶେଖର ଦଳ ୧୦ ଓଭର ଖେଳି ୪ୱିକେଟ ବିନିମୟରେ ୮୭ ରନ କରିଥିଲା ବେଳେ ୟୌଙ୍ଗ ଫାଇଟର ବିନା ୱିକେଟ ରେ ୯ ଓଭର ଖେଳି ଆବଶ୍ୟକ ୮୮ ରନ କରି ବିଜୟୀ ହୋଇଥିଲେ। ଅମ୍ପାୟାର ଭାବେ ମିହିର ପ୍ରଧାନ, ଅଶୋକ ପ୍ରଧାନ, ସୌମ୍ୟରଞ୍ଜନ ସାହୁ, ମହେଶ ସ୍ୱାଇଁ,ଖେଳ ପରିଚାଳନା କରିଥିଲା ବେଳେ ଭାଷ୍ୟକାର ଭାବେ ଦିପେଶ ବେହେରା, ପ୍ରଶାନ୍ତ ନାଟୁଆ ସହଯୋଗ କରଥିଲେ।

# ଗ୍ୟାରେଜ୍‌ରେ ଜଳିଗଲା ଗାଡ଼ି



କାକଟପୁର,୨୭।୧୨(ସମିସ): କାକଟପୁର ବ୍ଲକ୍ ଅନ୍ତର୍ଗତ ବାଙ୍ଗୁରିଗାଁ ବଜାରସ୍ଥିତ ତିମିରକାନ୍ତ ସାହୁଙ୍କ ଘର ସମ୍ମୁଖରେ ଶୁକ୍ରବାର ରାତିରେ ତାଙ୍କ ଗ୍ୟାରେଜ୍‌ରେ ଥିବା ଏକ କାର୍‌ରେ ନିଆଁ ଲାଗି ଜଳିଯାଇଛି। ସୂଚନା ଅନୁସାରେ, ଗାଡ଼ିଟି ସବୁଦିନ ପରି ଗ୍ୟାରେଜ୍‌ରେ ଥିବାବେଳେ ହଠାତ୍ ବିଳମ୍ବିତ ରାତିରେ ଗାଡ଼ିଟି ହୁତୁହୁତୁ ହୋଇ ଜଳୁଥିବା ଦେଖି ପାଖାପାଖି ଲୋକଙ୍କୁ ଡାକିଥିଲେ। ଅଗ୍ନିଶମ ବାହିନୀ ଖବର ପାଇ ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଏ ସମ୍ପର୍କରେ କାକଟପୁର ଥାନାରେ ଏନେଇ ଅଭିଯୋଗ କରାଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାରୁ କାକଟପୁର ଥାନା ପୁଲିସ ତଦନ୍ତ ଚଳାଇଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ

କୁଣ୍ଢେଇ,୨୭।୧୨(ସମିସ): କାକଟପୁର ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରଜତ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବକୁ ଉଜ୍ଜୟିନୀର ସଙ୍କଟ ମୋଚନ ଆଶ୍ରମ ସନ୍ଥ ଯୋଗୀ ରୁଦ୍ରଭୈରବ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା କ୍ଷେତ୍ରୀୟ ସହସଂଗଠନ ମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ପ୍ରମୋଦ କିଶୋର ପୃଷ୍ଟି, ଉପସଭାପତି ବନବିହାରୀ ଗ୍ରହାଚାର୍ଯ୍ୟ



ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ୧୯୯୪ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ପାଠପଢ଼ି ୨୧ ଜଣ ଡାକ୍ତର ହୋଇଥିବା ବେଳେ ବହୁ ସୁନାମ ଅର୍ଜନ କରିବା ସହ ବହୁ ମଣିଷ ତିଆରି କରିଛି। ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଜିଲ୍ଲା ଓ ରାଜ୍ୟସ୍ତରରେ ବହୁ ସୁନାମ ଅର୍ଜନ କରିଛି। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ଆଜି ରାଜ୍ୟ ତଥା ରାଜ୍ୟ ବାହାରେ ଚାକିରି କ୍ଷେତ୍ରରେ ପ୍ରତିଷ୍ଠା ଲାଭକରି ବିଦ୍ୟାଳୟର ଗୌରବ ରଖିବା ସହିତ ପିଲାମାନଙ୍କୁ ଭଲ ପାଠପଢ଼ି ସୁନାଗରିକ ହେବା ସହିତ ବିଦ୍ୟାଳୟର ଟେକ ରଖିବାକୁ କହିଥିଲେ ବିଦ୍ୟାଳୟର ସଭାପତି ତାଙ୍କ ଭାଷଣରେ ପ୍ରକାଶ କରିଥିଲେ। ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ରଜତ ଜୟନ୍ତୀ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# କାକଟପୁରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

## ବେଆଇନ ପାର୍କିଂ ଓ ଜବରଦଖଲ ଯୋଗୁଁ ବଢୁଛି ସମସ୍ୟା; ନିଦ୍ରାରେ ପୁଲିସ

କାକଟପୁର,୨୭।୧୨(ସମିସ): ପୁରୀ ଜିଲ୍ଲାର କାକଟପୁର ଏକ ପୁରାତନ ସ୍ଥାନ। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ଏଠାକାର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିର ଏବଂ ଅସ୍ତରଙ୍ଗର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପୀର୍ ଜାହାନିଆ ବେଳାଭୂମି ବୁଲିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଦୈନିକ ହଜାର ହଜାର ପର୍ଯ୍ୟଟକ ଆସିଥା'ନ୍ତି। ହେଲେ ଏଠାକାର ଟ୍ରାଫିକ୍ ବ୍ୟବସ୍ଥାର ସୁଧାର, ଗମନାଗମନ ସୁବିଧା ଯେଉଁ ଭଳି ହେବା କଥା ତାହା ହୋଇପାରି ନାହିଁ। କାକଟପୁରକୁ ଏକ ମାଷ୍ଟର ପ୍ଲାନ୍ ଭାବେ ଗଢ଼ି ତୋଳିବା ଏବଂ ଏନ୍ଏସି ପାଇଁ ଯେଉଁ ଜନପ୍ରତିନିଧିଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ରହିବା କଥା ତାକୁ ନିର୍ବାଚିତ ଜନପ୍ରତିନିଧି ଏବଂ ସ୍ଥାନୀୟ ନେତାମାନେ ଭୁଲି ଯାଉଛନ୍ତି। ସ୍ଥାନୀୟ ପୁଲିସ ପ୍ରଶାସନର ଏଭଳି ବୈମାତୃକ ମନୋଭାବ ଯୋଗୁଁ ଏଠାରେ ଗୁରୁତର ଟ୍ରାଫିକ୍ ସମସ୍ୟା ରହିଥିବା ସାଧାରଣରେ ଅଭିଯୋଗ ହେଉଛି। ବଜାର ମଧ୍ୟରେ ବର୍ତ୍ତମାନ ଟ୍ରାଫିକ୍ ଏକ ପ୍ରମୁଖ ସମସ୍ୟା ଉଭା ହୋଇଛି। ଟ୍ରାଫିକ୍ ସମସ୍ୟାର ସମାଧାନ ଦିଗରେ ସ୍ଥାନୀୟ ପୁଲିସ ଯେଉଁଭଳି ପଦକ୍ଷେପ ନେବା କଥା ତାହା ହେଉ ନ ଥିବା ଦେଖିବାକୁ ମିଳିଛି।



ଭୁବନେଶ୍ୱର ଦେଇ ନିମାପଡ଼ାଠାରୁ କାକଟପୁରକୁ ସଂଯୋଗ ହୋଇଥିବା ଏହି ରାସ୍ତା ଅସ୍ତରଙ୍ଗ ଏବଂ କୋଣାର୍କ ଦେଇ ପୁରୀକୁ ଯାଇଥିବାବେଳେ ରାଜ୍ୟ ତଥା ରାଜ୍ୟ ବାହାରକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡ଼ିମୋଟର ଯିବାଆସିବା କରିଥାଏ। ହେଲେ ଟ୍ରାଫିକ୍ ନିୟନ୍ତ୍ରଣର ସୁବ୍ୟବସ୍ଥା ହୋଇ ନ ଥିବା ଯୋଗୁଁ କାକଟପୁର ବଜାର ମଧ୍ୟରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ଅନ୍ୟପକ୍ଷରେ କାକଟପୁରରେ ଗତ ବିଜେଡି ସରକାର ସମୟରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲେ ମଧ୍ୟ ବସ୍‌ଗୁଡ଼ିକ ବସ୍‌ଷ୍ଟାଣ୍ଡରେ ନ ରହି ବଜାର ମଧ୍ୟରେ ରହୁଥିବା ଯୋଗୁଁ ଟ୍ରାଫିକ୍ ସମସ୍ୟା ଜଟିଳ ହେଉଛି। ଏ ଦିଗରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ଅନେକଥର ସମନ୍ୱୟ ବୈଠକ ମଧ୍ୟ କରାଯାଇଥିଲେ ମଧ୍ୟ ତାହାର କୌଣସି ଫଳପ୍ରଦ ଆଜିଯାଏଁ ହୋଇପାରି ନାହିଁ। ବଜାର ମଧ୍ୟରେ ଅନେକ ବ୍ୟବସାୟୀ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ବ୍ୟବସାୟ କରୁଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ସେମାନଙ୍କ ଥଇଥାନ କରିବା ପାଇଁ ସୁବ୍ୟବସ୍ଥା ହୋଇପାରି ନ ଥିବା ବିଷୟ ବିଭିନ୍ନ ଉଠା ଦୋକାନୀଙ୍କଠାରୁ ଶୁଣିବାକୁ ମିଳୁଛି। ଯଦି ରାସ୍ତାକଡ଼ର ବେଆଇନ ପାର୍କିଂ ଏବଂ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରିବା ପାଇଁ ସ୍ଥାନୀୟ ପୁଲିସ ବିଭାଗ ଦ୍ୱାରା ଉଚିତ୍ ପଦକ୍ଷେପ ନେବାର ବ୍ୟବସ୍ଥା ରହିଛି ହେଲେ କାକଟପୁର ପୁଲିସର ପଦକ୍ଷେପ ଯେଉଁଭଳି ରହିବା କଥା ତାହା ହେଉ ନ ଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# ମା' ଲଙ୍କେଶ୍ୱରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ସେମିରେ ମଇନ୍ଦିପୁର

ବଳଙ୍ଗା,୨୭।୧୨(ସମିସ): ରାଜ୍ୟସ୍ତରୀୟ ୨୪ତମ ଲଙ୍କେଶ୍ୱରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବଳଙ୍ଗା ମିନି ଷ୍ଟାଡିୟମରେ ମଇନ୍ଦିପୁର (କଟକ) ଓ ଭଞ୍ଜନଗର ଫୁଟ୍‌ବଲ୍ କ୍ଲବ୍, ଘାଟିଖିଆ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଚତୁର୍ଥ ଦିନରେ ମଇନ୍ଦିପୁର ୧-୦ ଗୋଲ୍‌ରେ ଭଞ୍ଜନଗରକୁ ହରାଇ ସେମି ଫାଇନାଲରେ ପହଞ୍ଚିଛି। ଖେଳକୁ ପରିଚାଳନା କରିଥିଲେ ଜ୍ୟୋତିରଞ୍ଜନ ସ୍ୱାଇଁ, ସୁନିଲ ହେମ୍ବ୍ରମ୍, ସମର ବରାଳ, ସୁଶାନ୍ତ ରାଉତ ଓ ସୁଦିପ୍ତ ଦାସ। କ୍ଲବ୍‌ର ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାଇଁସ ଶାସନ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମାଜସେବୀ ଚିନ୍ତାମଣି ବରାଳ, ପ୍ରଭାକର ନାୟକ, ପୂର୍ବତନ ସରପଞ୍ଚ ଅଜିତ୍ କୁମାର ଦଳେଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରବିବାର ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍ ନାଇଜର-୧୧ ଓ ସିଭିରମଣ ଗ୍ଲୋବାଲ ୟୁନିଭର୍ସିଟି ମଧ୍ୟରେ ଅନୁଷ୍ଠିତ ହେବ।

# ମା' ରାମେଶ୍ୱରୀ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ


ଗୋପ,୨୭।୧୨(ସମିସ): ଗୋପ ବ୍ଲକ୍ ଅଧୀନ କୁସୁପୁରଠାରେ ୨୦ତମ ମା' ରାମେଶ୍ୱରୀ ଦିବାରାତ୍ର କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ପରସ୍ପରକୁ ଭେଟିଥିଲେ ୬ଟି ଟିମ୍। ସେଥିମଧ୍ୟରେ ସାଲେପୁର, ପୁରୀ, କୁସୁପୁର, ଜଗତସିଂହପୁର, ଭୁବନେଶ୍ୱର, ପିପିଲି ମଧ୍ୟରେ ଖେଳାଯାଇଥିଲା। ସେଥିମଧ୍ୟରୁ ସାଲେପୁର ଏବଂ ପୁରୀ ସେମି ଫାଇନାଲ୍ ଖେଳିବାକୁ ବିବେଚିତ ହୋଇଛନ୍ତି। ଏହି ଖେଳରେ ପୁରୀର ମିଳନ ବାରିକ ଓ ସାଲେପୁରର ବାପୁନୁ ପ୍ରଧାନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଅତିଥି ରୂପେ ମଧୁସୂଦନ ପାଇକରାୟ, ପ୍ରତାପ ପରିଡ଼ା, ସମୀପ ବେହେରା, ବିଭୂପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।






# ମାନସିଂହ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଦିବସ

କୃଷ୍ଣପ୍ରସାଦ,୨୭।୧୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ପାରିକୁଦ ନନ୍ଦଳା ଗ୍ରାମରେ ମାନସିଂହ ସାହିତ୍ୟ ସଂସଦ ପକ୍ଷରୁ ସ୍ୱନକ୍ଷତ୍ର ଉତ୍ସବ ସମ୍ପାଦକ ଲଳିତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କବି ବିଜୟ ଚନ୍ଦ୍ର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିବାବେଳେ ମାନସିଂହ ସାହିତ୍ୟ ସଂସଦର ସଭାପତି ବିଷ୍ଣୁ ପ୍ରସାଦ ଦଳେଇଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ରୂପେ ପ୍ରଫେସର ସରୋଜିନୀ ବରାଇ ଯୋଗଦେଇ ମାନସିଂହଙ୍କ ଉପରେ ସୁନ୍ଦର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ରୂପେ କୁଳମଣି ମେହେର, ଗାୟତ୍ରୀ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ରୂପେ ବରିଷ୍ଠ ଗାଳ୍ପିକ ଅଜୟ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଦିଲ୍ଲୀପ ସ୍ୱାଇଁ କବି ମାନସିଂହ ସାହିତ୍ୟ ସଂସଦକୁ ନେଇ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥି ସହିତ ମାନସିଂହ ସାହିତ୍ୟ ସଂସଦର ମୁଖପତ୍ର ଏଇ ସହକାର ପତ୍ରିକା ଉନ୍ମୋଚନ ହେବା ସଙ୍ଗେ



ସଙ୍ଗେ ଲଳିତ ସ୍ୱାଇଁଙ୍କ ପୁସ୍ତକ 'ବତୁରାକାନି', ସମୀର ନାୟକଙ୍କ ପୁସ୍ତକ 'ଯାହା ରହିଗଲା' ଏବଂ ଅନେକ କବିଙ୍କର ଅନେକ ଗୁଡ଼ାଏ ପୁସ୍ତକ ଉନ୍ମୋଚନ ହୋଇଥିଲା। ଏଥି ସହିତ ରାଜ୍ୟସ୍ତରୀୟ କବିତା ଆସରରେ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା କବିମାନେ ସୁନ୍ଦର ଭାବରେ କବିତାପାଠ କରିଥିଲେ। ସମ୍ମାନିତ ଅତିଥି ଓ କବିମାନଙ୍କ ମଧ୍ୟରେ ଗୋପୀନାଥ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ସମୀର ନାୟକ, ଭାରତୀ ହୋତା, ନିହାରିକା ପଣ୍ଡା, ବନବିହାରୀ ପଟ୍ଟନାୟକ, ବାବୁଲି ନାୟକ, ଦେବରାଜ ଜେନା, ସୁରେନ୍ଦ୍ର ପ୍ରଧାନ, ଗଗନ ବିହାରୀ ପ୍ରଧାନ, ମନୋଜ ବାରିକ, ରୂପାଲି ପଲେଇ, ବିଦ୍ୟାଧର ପ୍ରଧାନଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗଦେଇ କବିତାପାଠ କରିଥିଲେ। କବିତା ଆସରର ମଞ୍ଚ ସଞ୍ଚାଳନ କରିଥିଲେ ଶିକ୍ଷକ ବିଭୂତିଭୂଷଣ ହରିଚନ୍ଦନ। ଶେଷରେ ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ।

# ଜଙ୍କିଆ ଗଡ଼ଶାହି ବିଦ୍ୟାନିକେତନର ସୁବର୍ଣ୍ଣ ଜୟନ୍ତୀ

କଣାସ,୨୭।୧୨(ସମିସ): କଣାସ ବ୍ଲକ୍ ଗଡ଼ଶାହିଠାରେ ଥିବା ଜଙ୍କିଆ ଗଡ଼ଶାହି ବିଦ୍ୟାନିକେତନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ପର୍ଶୁରାମ ରାୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ସ୍ଥାନୀୟ ସରପଞ୍ଚ ବିଭୂତିଭୂଷଣ ବେବର୍ତା, ପ୍ରଧାନଶିକ୍ଷକ ବିଭୂତିଭୂଷଣ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ଗଢ଼ିବାର ଏକ କାରଖାନା ବୋଲି ମୁଖ୍ୟ ଅତିଥି ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆଦର୍ଶ ଶିଶୁ ଶିକ୍ଷାମନ୍ଦିରର ବାର୍ଷିକ ଉତ୍ସବ

ପିପିଲି,୨୭।୧୨(ସମିସ): ପିପିଲିବ୍ଲକ୍‌ମଙ୍ଗଳପୁରଠାରେ ଥିବା ଆଦର୍ଶ ଶିଶୁ ଶିକ୍ଷାମନ୍ଦିରର ୧୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ମୀନକେତନ ମହାପାତ୍ର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ



ପ୍ରଦାନ କରିଥିଲେ। ସମ୍ପାଦକ ସାରଦା ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପିପିଲି ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ରାଜକିଶୋର ସ୍ୱାଇଁ, ଦୂର୍ଗାଦାଶପୁର ସରପଞ୍ଚ ବିଭୂତିଭୂଷଣ ନାଥ, ମଙ୍ଗଳପୁର ପଞ୍ଚାୟତ ସମିତିସଭ୍ୟ ଗଦାଧର ପରିଡ଼ା, ସମାଜସେବୀ ଜଗତବଲ୍ଲଭ ଖଟେଇ, ବବୁଲ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଉପରେ ଅଭିଭାବକଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ବିଧାୟକ ଶ୍ରୀ ପଟ୍ଟନାୟକ କହିଥିଲେ। ଶିକ୍ଷକ ହେମନ୍ତ କୁମାର ସାହୁ, ଅନନ୍ତ କୁମାର ସାହୁ, ସାର୍ଥକ ମହାପାତ୍ର, ମମତା ମିଶ୍ର, ସଙ୍ଗୀତା ଦାଶ, ରାଜଲକ୍ଷ୍ମୀ ଦଳେଇ, ଅନିତା ପ୍ରଧାନ, ମିଲି ଘୋଷ, ସବିତା ସାହୁ, ମାମାଲି ସେଠୀ, ମାମୁନି ଗୁରୁ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

● ୩୬ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ନିମପୁରକୁ ହରାଇ ସେମିରେ ଆଦିତ୍ୟ ଇଲେଭେନ

କାକଟପୁର,୨୭।୧୨(ସମିସ): କାକଟପୁର ମିନି ଷ୍ଟାଡିୟମ୍‌ରେ ୩୬ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ନିମପୁର(କଟକ)କୁ ହରାଇ ଆଦିତ୍ୟ ଇଲେଭେନ୍(ଭୁବନେଶ୍ୱର) ସେମି ପାଇନାଲରେ ପ୍ରବେଶ କରିଛି। ପ୍ରଥମେ ନିମପୁର ଟସ୍ ଜିତି ବ୍ୟାଟିଂ କରି ୨୦.୪ ଓଭରରେ ମାତ୍ର ୮୯ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା। ଜବାବରେ ଆଦିତ୍ୟ ଇଲେଭେନ୍ ୧୧.୪ ଓଭରରେ ୬ ୱିକେଟ୍ ହରାଇ ୯୨ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଆଦିତ୍ୟ ଇଲେଭେନର ନୟନ ଗୁପ୍ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ମଙ୍ଗଳା ଆଥ୍‌ଲେଟିକ୍ ଆସୋସିଏସନର କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦୀକ୍ଷିତ ଏବଂ କ୍ରୀଡ଼ା ସମ୍ପାଦକ ଭାଗବତ ସ୍ୱାଇଁ ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏସନ୍‌ର ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ନିର୍ମଳ ଚନ୍ଦ୍ର ମିଶ୍ର ଏବଂ ସତ୍ୟସାଗର ଦାଶ ଖେଳ ପରିଚାଳନା କରିଥିଲେ। ଭବାନୀ ଶଙ୍କର ଧାରା ବିବରଣୀ ପ୍ରଦାନ କରିଥିବା ସହିତ ଆସୋସିଏସନର ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ, ତପନ ଦୀକ୍ଷିତ, ରଶ୍ମିରଞ୍ଜନ ମହାନ୍ତି, ଅକ୍ଷୟ ପ୍ରସାଦ ମହାନ୍ତି, ସଞ୍ଜୟ ସାମଲ, ସୁଶାନ୍ତ ଦାଶ, ଶ୍ୟାମଲାଲ ରଣା, ପିଚ୍ କ୍ୟୁରେଟର ଧୀରେନ୍ଦ୍ର କୁମାର ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ। ରବିବାର ଚତୁର୍ଥ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଆଲଫା ଇଲେଭେନ ବ୍ରହ୍ମପୁର ଏବଂ ମଙ୍ଗଳା କ୍ରିକେଟ କ୍ଲବ୍, କାକଟପୁର ମଧ୍ୟରେ ଖେଳାଯିବ ବୋଲି ମଙ୍ଗଳା ଅଥ୍‌ଲେଟିକ୍ ଆସୋସିଏସନ୍‌ର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ ସୂଚନା ଦେଇଛନ୍ତି।

# ଗ୍ରାମବାସୀଙ୍କ ଦ୍ୱାରା ପୋଖରୀରୁ ହରିଣ ଉଦ୍ଧାର



ଅସ୍ତରଙ୍ଗ,୨୭।୧୨(ସମିସ): ଜଙ୍ଗଲ ଜମି ହ୍ରାସ ଯୋଗୁଁ ଖାଦ୍ୟର ଘୋର୍ ଅଭାବ ପାଇଁ ଏବେ ଅନେକ ବନ୍ୟଜନ୍ତୁ ଜନବସତିମୁହାଁ ହେବାରେ ଲାଗିଛନ୍ତି। ଦିନକୁ ଦିନ ଅସ୍ତରଙ୍ଗ ଉପକୂଳ ଅଞ୍ଚଳରେ ଜଙ୍ଗଲ ଆଉ ଦେଖିବାକୁ ମିଳୁନି। କିଛି କାଠ ମାଫିଆ ବେଆଇନ ଭାବେ ଜଙ୍ଗଲରୁ କାଠ କାଟିବା କାରଣରୁ ଏବେ ହେକ୍ଟର ହେକ୍ଟର ଜଙ୍ଗଲ ସବୁ ଲୋପ୍ ପାଇଛି। ଯାହା ଫଳରେ ଶନିବାର ଅସ୍ତରଙ୍ଗ ବ୍ଲକ୍ ଅନତା ଗ୍ରାମର ଏକ ପୁଷ୍କରିଣୀରେ ଗୋଟେ ଗର୍ଭବତୀ ହରିଣ ପଶି ମୃତ୍ୟୁ ସହିତ ଲଢ଼େଇ କରୁଥିବାବେଳେ କିଛି ସ୍ଥାନୀୟ ଯୁବକ ଉକ୍ତ ହରିଣକୁ ଉଦ୍ଧାର କରିଥିଲେ। ଖବର ପାଇ ଅସ୍ତରଙ୍ଗ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ହରିଣକୁ ନିଜ ହେପାଜତକୁ ନେଇଛନ୍ତି। ଜଙ୍ଗଲ ଜମି ହ୍ରାସ ପାଇଁ ଏହିଭଳି ଘଟଣା ଘଟୁଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

# ନିମାପଡ଼ା ମହୋତ୍ସବ ଉଦ୍‌ଯାପିତ



ନିମାପଡ଼ା,୨୭।୧୨(ସମିସ): ୨୫ତମ ନିମାପଡ଼ା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ସମ୍ବିତ୍ ପାତ୍ର, ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ ଯୋଗଦେଇଥିଲେ। ସ୍ଥାନୀୟ ବାରବାଟି ପଡ଼ିଆରେ ଉପସ୍ଥିତ ଦର୍ଶକ କଣ୍ଠଶିଳ୍ପୀ ଅଭିଜିତ୍ ଭଟ୍ଟାଚାର୍ଯ୍ୟ ଓ ଟିମ୍‌ଙ୍କ ସଙ୍ଗୀତରେ ବିଭୋର ହୋଇପଡ଼ିଥିଲେ। ନିମାପଡ଼ା ହେଲ୍ପଲାଇନ୍ ସଭାପତି ଅକ୍ଷୟ କୁମାର ସାହୁ, ମହୋତ୍ସବ କମିଟି ସମ୍ପାଦକ ନିଗମାନନ୍ଦ ସାହୁଙ୍କ ସମେତ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

● ୨୦୦୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

# ଗଛ ଲଗାଇବା ପାଇଁ ଶପଥ ଗ୍ରହଣ



କଣାସ,୨୭।୧୨(ସମିସ): କଣାସ ବ୍ଲକ୍‌ର କଣାସଠାରେ ପ୍ରତିଷ୍ଠିତ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୫ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ବଡ଼ାସ ଗ୍ରାମର ଆରାଧ୍ୟ ଠାକୁରାଣୀ ମା' ପଞ୍ଚମୁଖୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଛାଡ଼ିବାଠାରୁ ଆଜି ପର୍ଯ୍ୟନ୍ତ କିଏ କେଉଁ କାର୍ଯ୍ୟ କରୁଛନ୍ତି ଗୋଟି ଗୋଟି କରି ନିଜର ଜୀବନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଧୁନିକ ସମାଜରେ ବାୟୁ କିପରି ପ୍ରଦୂଷିତ ହେଉଛି ତା' ଉପରେ ଛାତ୍ରଛାତ୍ରୀମାନେ ଆଲୋଚନା କରିବା ସହିତ ପ୍ରତ୍ୟେକ ବର୍ଷ ଗୋଟିଏ ଗୋଟିଏ ଗଛ ଲଗାଇ ତା'ର ଯତ୍ନ ନେବା ପାଇଁ ଶପଥ ନେଇଥିଲେ।






## ଡେଲାଙ୍ଗ-ପିପିଲି ବିଦ୍ୟାଳୟ ସମୂହ କ୍ରୀଡ଼ା ବିକାଶର ସମୀକ୍ଷା ବୈଠକ

# କ୍ରୀଡ଼ା ପ୍ରତିଭାଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ମୁଖ୍ୟ ଉଦ୍ଦେଶ୍ୟ

ପିପିଲି,୨୭।୧୨(ସମିସ): ପିପିଲି-ଡେଲାଙ୍ଗ ମାଟିରୁ କ୍ରୀଡ଼ା ପ୍ରତିଭାମାନଙ୍କୁ ଗଢ଼ି ତୋଳିବା ଏବଂ ରାଜ୍ୟ ଓ ରାଜ୍ୟ ବାହାରେ ଡେଲାଙ୍ଗ-ପିପିଲିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଉଦ୍ଦେଶ୍ୟରେ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଶନିବାର ପିପିଲି ନିକଟବର୍ତ୍ତୀ ମଙ୍ଗଳପୁରଠାରେ ଡେଲାଙ୍ଗ-ପିପିଲି ବିଦ୍ୟାଳୟ ସମୂହ କ୍ରୀଡ଼ା ବିକାଶର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ମୁଖ୍ୟ ଅତିଥିଭାବେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେନ୍ଦ୍ର ପ୍ରସାଦ ମିଶ୍ର, ପିପିଲି ସାଂସ୍କୃତିକ ପରିଷଦର ସମ୍ପାଦକ ରମେଶ ମହାପାତ୍ର, ସଭାପତି ଜିତେନ୍ଦ୍ର ପଟ୍ଟନାୟକ, ପିପିଲି ବ୍ଲକ୍ ଶିକ୍ଷାଧିକାରୀ ପୀତବାସ ସେଠୀ, ଡେଲାଙ୍ଗ ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ପ୍ରମୁଖ ଯୋଗଦେଇ କ୍ରୀଡ଼ା ଭିତ୍ତିଭୂମିର ଆବଶ୍ୟକତା ଉପରେ ଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ। ଡେଲାଙ୍ଗ-ପିପିଲି ବ୍ଲକ୍‌ର ବିଭିନ୍ନ ସ୍କୁଲରୁ



ଆସିଥିବା କ୍ରୀଡ଼ା ଶିକ୍ଷକ/ଶିକ୍ଷୟିତ୍ରୀମାନେ ଏବଂ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀମାନେ ସେମାନଙ୍କ ସ୍କୁଲର କ୍ରୀଡ଼ା ଭିତ୍ତିଭୂମିର ଥିବା ସମସ୍ୟାମାନ ଉପସ୍ଥାପନ କରିଥିଲେ। ଡେଲାଙ୍ଗ ବ୍ଲକ୍ ମହତାବ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଆର୍ଥିକ ଅନୁନ୍ନତ କ୍ରୀଡ଼ା ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ପୋର୍ଟ୍ସ ସ୍କଲାରସିପ୍ ଯୋଗାଇଦେବା ପାଇଁ ଦାବି ଉପସ୍ଥାପନ କରିଥିଲେ। ବିଧାୟକ ଆଶ୍ରିତ ପଟ୍ଟନାୟକ ବିଭିନ୍ନ ହାଇସ୍କୁଲର ସମସ୍ୟାମାନ ଶୁଣିବା ପରେ ଏହାର ସମସ୍ୟା ଏବଂ ପୁନଃଉଦ୍ଧାର କରିବା ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି କହିଥିଲେ। ଡେଲାଙ୍ଗ ବ୍ଲକ୍‌ର ହାଟଡେଲାଙ୍ଗ କୋଠବାଡ଼ ବାଳିକା ହାଇସ୍କୁଲ ଖେଳ ପଡ଼ିଆର ଉନ୍ନତି ପାଇଁ ୪ଲକ୍ଷ, ମହତାବ ହାଇସ୍କୁଲକୁ ୭ଲକ୍ଷ, ରାଧାକାନ୍ତ ବିଦ୍ୟାପୀଠକୁ ୪ଲକ୍ଷ, ଘରଡ଼ିଆ ହାଇସ୍କୁଲକୁ ୫ଲକ୍ଷ, ଇନ୍ଦୁପୁରୁ କଲେଜକୁ ୬ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିବାବେଳେ ପିପିଲି ବ୍ଲକ୍‌ର ଦାଣ୍ଡମୁକୁନ୍ଦପୁର ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲକୁ ୩ଲକ୍ଷ, ଯଶୁଆପୁର ଉତ୍ତରାୟଣୀ ବିଦ୍ୟାପୀଠକୁ ୪ଲକ୍ଷ, ଗୋବିନ୍ଦପୁର ହାଇସ୍କୁଲକୁ ୩ଲକ୍ଷ, ନହଲାପଡ଼ା ହାଇସ୍କୁଲକୁ ୩ଲକ୍ଷ, ଭାଲିଆବିଲକୁ ୮ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଥିବାର କହିଥିଲେ। ଏହାପରେ ପରିଷଦ ପକ୍ଷରୁ ୨୦୨୬ର କ୍ୟାଲେଣ୍ଡର ଏବଂ ବନ୍ଦେମାତରଂର ଏକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ପରିଷଦର ଉପସଭାପତି ଦୀନବନ୍ଧୁ ବେହୁରା ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପିପିଲି ମଠ ସାହିର ପଲ୍ଲବୀ ନୃତ୍ୟ ସଙ୍ଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଷ୍ଟ୍ରଗାନ ବନ୍ଦେମାତରଂ ଗାନ କରାଯାଇଥିଲା। ଶଙ୍କର ପ୍ରସାଦ ତ୍ରିପାଠୀ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସଦ କ୍ରୀଡ଼ା ମହୋତ୍ସବ ଓ ବନ୍ଦେମାତରଂ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବ୍ୟକ୍ତିବିଶେଷ ଅର୍ପିତା ପତି, ହେମନ୍ତ ସେଠୀ, ସମ୍ପଦ ମହାପାତ୍ର, ଅଭିଷେକ ଆନନ୍ଦ, ପ୍ରଭାତ ବେହେରା, ରମେଶ ଚନ୍ଦ୍ର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ଗୁଡ଼ିଆପୋଖରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮, ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟର ୨୨ ଏବଂ ମଠସାହିର ପଲ୍ଲବୀ ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟର ୨୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।







## ବିଦାୟ ନେବ ୨୦୨୫

# ଥାନା ଉପରେ ମାମଲା ବୋଝ: ତଦନ୍ତ ବାଟବଣା

**କଟକ, ୨୭।୧୨(ସମିସ)**

ବିଦାୟ ନେବ ୨୦୨୫। ଥାନାୱାରୀ ପଡ଼ି ରହିଥିବା ମାମଲା ଗୁଡ଼ିକର ତଦନ୍ତ ଶେଷ କରିବାକୁ ବିଭାଗୀୟ ନିର୍ଦ୍ଦେଶ ରହିଥିବା ବେଳେ ୨୦୧୯ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ଦୀର୍ଘ ୬ବର୍ଷ ଧରି ସମସ୍ୟା ଲାଗି ରହିଛି। ଟାର୍ଗେଟ ଦିଆଯାଇଥିବା ମାମଲାର ତଦନ୍ତ ଶେଷ କରି ପାରୁନି ପୁଲିସ। ୨୦୧୯ରେ କଟକର ବିଭିନ୍ନ ଥାନାରେ ୫, ୩୦୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୦ ବର୍ଷରେ ଏହା ୫, ୬୨୩କୁ ବୃଦ୍ଧି ପାଇଥିଲା। ୨୦୨୨ବର୍ଷରେ ଏହା ବଢ଼ି ୬, ୪୩୭ରେ ପହଞ୍ଚିଥିଲା। ସେହିପରି ୨୦୨୩ବର୍ଷରେ ୭ହଜାର ୨୨୫ଟି ମାମଲା ରୁଜୁ ହୋଇଥିଲା। ୨୦୨୪ ମସିହାରେ ମାମଲା ସଂଖ୍ୟା ୮ହଜାର ୫୪୫କୁ ବୃଦ୍ଧି ପାଇଥିବା ବେଳେ ୨୦୨୫ ଏହି ସଂଖ୍ୟା ୯ହଜାର ୪୪୩ରେ ପହଞ୍ଚିଛି। ତେବେ ଏସବୁର ସମାଧାନ କ୍ଷେତ୍ରରେ କମିଶନରେଟ୍ ପୁଲିସର ବିଫଳତା ସାମ୍ନାକୁ ଆସିଛି।

ଅନ୍ୟପଟେ କଟକ କମିଶନରେଟର ବିଭିନ୍ନ ଥାନାରେ ଦିନକୁ ଦିନକୁ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ତଦନ୍ତ ଠିକ୍ ସମୟରେ ହେଉ ନଥିବାରୁ ହାତଗଣତିରେ କେତେକ ଥାନାକୁ ଛାଡିଦେଲେ ମାମଲାର ସଫଳତା ସେଭଳି ମିଳିପାରିନଥିବା ଜଣାପଡ଼ିଛି। ଏ ନେଇ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ଜୁନ ୧ରୁ ୨୭ ତାରିଖ ପର୍ଯ୍ୟନ୍ତ କଟକ ୟୁପିଡିର ଥାନାୱାରୀ ତଦନ୍ତ ରିପୋର୍ଟ ସମୀକ୍ଷା କରିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି। କଟକ କମିଶନରେଟ ଅଧିନସ୍ଥ ୨୧ଟି ଥାନାକୁ ମୋଟ ୧୯୪୫ଟି ମାମଲାର ତଦନ୍ତ ଶେଷ କରିବା ଲାଗି ଟାର୍ଗେଟ ଦିଆଯାଇଥିଲା।




- ୨୧ଟି ଥାନା ପାଇଁ ଟାର୍ଗେଟ ଥିଲା ୧୯୪୫ଟି ମାମଲା
- ମାତ୍ର ୨୮ ପ୍ରତିଶତ ମାମଲାର ତଦନ୍ତ ହୋଇଛି ଶେଷ

ସେଥିରୁ ମୋଟ ୨୮ ପ୍ରତିଶତ ମାମଲାରେ ପୁଲିସ ସଫଳ ହୋଇଛି। ମୋଟ ୫୩୯ଟି ମାମଲାର ତଦନ୍ତ ସାରି କୋର୍ଟରେ ଚାର୍ଜସିଟ ଦାଖଲ କରିଛି। ଅପରାଧୀକ ମାମଲା ଭଳି ଅପମୃତ୍ୟୁ(ୟୁଡ଼ି) ମାମଲାଗୁଡିକର ତଦନ୍ତ ସାରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିଲା। ଏହିକ୍ରମରେ ମୋଟ ୟୁଡି ମାମଲାରୁ ୧୯୮ଟି ମାମଲାର ତଦନ୍ତ ଶେଷ ହୋଇଛି।

ପ୍ରାପ୍ତ ସୂଚନା ଅନୁସାରେ, ଚୌଦ୍ୱାର ଥାନାକୁ ୧୬୬ ମାମଲାର ଟାର୍ଗେଟ ଦିଆଯାଇଥିଲା। ଏହି ସଂଖ୍ୟାରୁ ପୁଲିସ ମୋଟ ୮୫ଟି ମାମଲାର ତଦନ୍ତ ଶେଷ କରିଛି। ସେହିପରି ଜଗତପୁର ଥାନା ୧୩୮ଟି ମାମଲାରୁ ୪୩, ଚାଉଳିଆଗଞ୍ଜ ଥାନା ୮୧ରୁ ୩୪, ମାଲଗୋଦାମ ଥାନା ୭୨ଟି ମାମଲାରୁ ୨୩ଟି, ମଙ୍ଗଳାବାଗ ଥାନା ୯୮ରୁ ୨୬ ମାମଲାର ତଦନ୍ତ ଶେଷ କରିଛି। ମହିଳା ଥାନା ୬୪ରୁ ୧୪, କ୍ୟାଣ୍ଟନମେଣ୍ଟ ଥାନା ୭୦ରୁ ୧୮, ଦରଘାବଜାର ଥାନା ୬୦ରୁ ୮, ବିଡାନାସୀ ଥାନା ୭୭ରୁ ୧୬, ମର୍କତନଗର ଥାନା ୭୧ରୁ ୨୦, ଲାଲବାଗ ଥାନା ୧୦୯ରୁ ୨୬, ଫେଜ-୨ ଥାନା ୩୪ରୁ ୧୩, ସଦର ଥାନା ୧୮୨ରୁ ୪୪, ବାରଙ୍ଗ ଥାନା ୧୬୫ରୁ ୧୭, କନ୍ଦରପୁର ଥାନା ୪୯ରୁ ୧୨, ମଧୁପାଟଣା ଥାନା ୯୨ରୁ ୧୯ଟି, ବାଦାମବାଡି ଥାନା ୧୨୫ରୁ ୫୨, ପୁରୀଘାଟ ଥାନା ୭୪ରୁ ୨୩, ସାଇବର ଥାନା ୮୯ରୁ ୨, ୪୨ମୌଜା ଥାନା ୮୭ରୁ ୨୩, ସିଆରଆରଆଇ ଥାନା ୪୨ରୁ ୨୩ଟି ଆଦି ମିଶାଇ ୫୩୯ଟି ମାମଲାର ତଦନ୍ତ ଶେଷ ହୋଇଛି। ସେହିପରି ଅପମୃତ୍ୟୁ(ୟୁଡି) ମାମଲା ମଧ୍ୟରୁ ଜଗତପୁର ଥାନା ୪, ମଙ୍ଗଳାବାଗ ଥାନା ୧୭୭ଟି, ଲାଲବାଗ ଥାନା ୨ଟି, ବିଡ଼ାନାସୀ ଥାନା ୫ଟି, ମର୍କତନଗର ଥାନା ୫ଟି, କଟକ ସଦର ଥାନା ୧ଟି, ଚାଉଳିଆଗଞ୍ଜ ଥାନା ୧ଟି, ମଧୁପାଟଣା ଥାନା ୧ଟି, ପୁରୀଘାଟ ଥାନା ୨ଟି ମିଶାଇ ମୋଟ୍ ୧୯୮ଟି ମାମଲା ରୁଜୁ ହୋଇଛି। କୌଣସି ଗୋଟିଏ ଥାନା ସେମାନଙ୍କର ଟାର୍ଗେଟ ପୂରଣ କରିପାରିନାହାନ୍ତି। ତେବେ ଏସବୁକୁ ଦୃଷ୍ଟି ଦେଇ ଥାନାୱାରୀ ପଡ଼ି ରହିଥିବା ମାମଲା ଗୁଡ଼ିକର ପୁନଃତଦନ୍ତ ୨ ମାସ ଭିତରେ ଶେଷ କରିବାକୁ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## କଟକ ଜିଲ୍ଲା ପର୍ଯ୍ୟଟନ ମାନଚିତ୍ର ନିରାଶଜନକ

# ୫ ବର୍ଷରେ ବିଦେଶୀ ପର୍ଯ୍ୟଟକ ସଂଖ୍ୟା ମାତ୍ର ୨ ହଜାର

**କଟକ, ୨୭।୧୨(ସମିସ):** ଶୀତ ବଢ଼ିବା ସହ ପିକନିକ ଋତୁରେ ବିଭିନ୍ନ ଦର୍ଶନୀୟ ସ୍ଥାନରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼। ପର୍ଯ୍ୟଟନ ମାନଚିତ୍ରରେ କଟକ ଏକ ପ୍ରମୁଖ ଜିଲ୍ଲା ହୋଇଥିଲା ବେଳେ ଜିଲ୍ଲାର ଦର୍ଶନୀୟ ତଥା ପର୍ଯ୍ୟଟନ କ୍ଷେତ୍ରକୁ ଆଖିଦୃଶିଆ ବିଦେଶୀ ପର୍ଯ୍ୟଟକ ଆସୁନାହାନ୍ତି। ଗତ ୫ବର୍ଷ ମଧ୍ୟରେ କଟକ ଜିଲ୍ଲାକୁ ପ୍ରାୟ ୨ହଜାରରୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସିପାରିଛନ୍ତି। ଆଶାନୁରୂପ ଏମାନଙ୍କ ସଂଖ୍ୟା ବଢ଼ିନାହିଁ। ଜିଲ୍ଲାରେ ୩୦ଟି ପର୍ଯ୍ୟଟନ କ୍ଷେତ୍ର ରହିଥିବା ବେଳେ ବିଗତ ବର୍ଷ ଅପେକ୍ଷା ଏଥର କଟକ ଜିଲ୍ଲାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ ଆଶା ରହିଛି। ବିଗତ ବର୍ଷ ହାରାହାରି ୩୯ ଲକ୍ଷ ପର୍ଯ୍ୟଟକ ଆସିଥିବା ବେଳେ ବାର୍ଷିକ ହାରାହାରି ୫ରୁ୭ ପ୍ରତିଶତ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ହାତଗଣତି କେତେକ ପର୍ଯ୍ୟଟନ କ୍ଷେତ୍ରକୁ ଛାଡିଦେଲେ ଅନ୍ୟ ଗୁଡିକୁ ବୁଲିବାକୁ ଯାଉନାହାନ୍ତି ପର୍ଯ୍ୟଟକ। ଅଂଶୁପା, ଲଳିତଗିରି, ଦେଓ଼ଝର ଓ କଟକ ସହରରେ ଥିବା ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଓ ମାରିଟାଇମ ମ୍ୟୁଜିୟମକୁ ବାଦ ଦେଲେ ଅନ୍ୟ କେଉଁଠିକୁ ବିଦେଶୀ ପର୍ଯ୍ୟଟକ ଯାଉ ନଥିବା ଜଣାପଡ଼ିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ମହାନଦୀ ନୌ-ପର୍ଯ୍ୟଟନର ବିକାଶ କରାଯାଇଛି। ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ପୁରା କଟକ ସହରର କିଛି ଦର୍ଶନୀୟ ସ୍ଥାନ ସହ ଲଳିତଗିରି, ଅଂଶୁପା ହ୍ରଦ, ବଡମ୍ବାର ଭଟ୍ଟାରିକା, ବାଙ୍କୀର ଚର୍ଚ୍ଚିକା, ନରସିଂହପୁରର ସିଂହନାଥ, ସାତକୋଶିଆ, ଦେଓ଼ଝର, ଚୌଦ୍ୱାର ଡମଡମୁଣି ପୀଠ, ତିଗିରିଆ ମଣିନାଗ ଗୁମ୍ଫା ଆଦି ଅଞ୍ଚଳକୁ ସର୍ବାଧିକ ପର୍ଯ୍ୟଟକ ଆସିଥାନ୍ତି। ଏହାବାଦ୍ ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ସହ ନେମାଳ ଅଚ୍ୟୁତାନନ୍ଦ ପୀଠ ବି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ନରାଜ, ନିଆଳି ମାଧବ, ଛାପଡିକଣା, ଅମଗେଇକୁଦ, କାକୁଡିଆପଡ଼ା, ପରମହଂସ, ନେମାଳ, ଜୟପୁର (ପ୍ରଗାଳପୀଠ), ସ୍ୱପ୍ନେଶ୍ୱର ଦେବ(ଶଙ୍ଖମାରି), ବଳଦେବଜୀଉ ଓ ହନୁମାନ(ଉମର), ମା' ଧାକୁଲେଇପୀଠ (ପ୍ରତାପନଗରୀ), ସତ୍ୟଭାମାପୁର ଆଦି ପରିଗଣିତ ହେଉଥିଲେ ବି ଏହା ବିଶେଷ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିନାହିଁ। ହେଲେ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରକୁ ବାର୍ଷିକ ପ୍ରାୟ ୮ ଲକ୍ଷ ପର୍ଯ୍ୟଟକ ଏଠାକୁ ବୁଲିଆସୁଛନ୍ତି।



# କାର୍‌ରେ ନିଆଁ ଲଗାଇ ଦୁର୍ବୃତ୍ତ ଫେରାର୍

**କଟକ, ୨୭।୧୨(ସମିସ):** ନେତାଜୀ ସଂଗ୍ରହାଳୟ ସମ୍ମୁଖ ରାସ୍ତାରେ ପାର୍କିଂ କରାଯାଇଥିବା ଏକ କାର୍ ହଠାତ ଜଳିଯାଇଛି। କେହି ଦୁର୍ବୃତ୍ତ ଜାଣିଶୁଣି ଗାଡ଼ିରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ଓଡ଼ିଆ ବଜାର ଗୋପାଳସାହିରେ ସୁଶାନ୍ତ ସିହ୍ନାଙ୍କ ଘର। ସେ କିଛି ମାସ ହେବ ବିଡାନାସୀ ଥାନାଞ୍ଚଳରେ ଘରକରି ସପରିବାର ରହୁଛନ୍ତି। ଓଡ଼ିଆ ବଜାରସ୍ଥିତ ଘରକୁ ସେ ଭଡ଼ାସୂତ୍ରରେ ଦେଇଛନ୍ତି। ଆଜି ଅପରାହ୍ନ ୩ଟାରେ ଶ୍ରୀ ସିହ୍ନା ସପରିବାର ନିଜ କାରରେ ପୁରୁଣା ଘରକୁ ବୁଲିବାକୁ ଆସିଥିଲେ। ସେ ନେତାଜୀ ସଂଗ୍ରହାଳୟ ସମ୍ମୁଖ ରାସ୍ତାରେ ଗାଡି ରଖି ପୁରୁଣା ଘରକୁ ଯାଇଥିଲେ। ତେବେ ୪ଟା ବେଳକୁ ସେ ଖବର ପାଇଲେ ଯେ ତାଙ୍କ କାରରେ ନିଆଁ ଲାଗିଯାଇଛି। ଏହି ସମୟରେ ନେତାଜୀ ସଂଗ୍ରହାଳୟର କର୍ମଚାରୀ ଓ ସ୍ଥାନୀୟ କିଛି ଲୋକ ପାଇପ ଯୋଗେ ଜଳୁଥିବା କାର ଉପରେ ପାଣି ପକାଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। କିଛି ସମୟ ପରେ ବକ୍ସିବଜାର କେନ୍ଦ୍ରରୁ ଦମକଳ ଗାଡ଼ି ଆସି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲା। ସେତେବେଳକୁ ଗାଡିଟି ସମ୍ପୂର୍ଣ୍ଣ ଜଳିସାରିଥିଲା। ଶ୍ରୀ ସିହ୍ନାଙ୍କ ପୁଅ ସୌରଜିତ ସିହ୍ନାଙ୍କ ଦରଘାବଜାର ଥାନାରେ ଏତଲାକୁ ଭିତ୍ତିକରି ପୁଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରୁଛି।

# ରବିନାରାୟଣ ସେନାପତିଙ୍କ 'ଶରଶଯ୍ୟା' ଉନ୍ମୋଚିତ



**କଟକ, ୨୭।୧୨(ସମିସ):** ହିନ୍ଦୀ ପ୍ରଶିକ୍ଷଣ କଲେଜ ସମ୍ମିଳନୀ କକ୍ଷରେ ବିଶିଷ୍ଟ ସାହିତ୍ୟିକ ତଥା ପ୍ରଶାସନ ଡଃ ରବିନାରାୟଣ ସେନାପତିଙ୍କ ରଚିତ କବିତା ସଙ୍କଳନ 'ଶରଶଯ୍ୟା'ର ହିନ୍ଦୀ ଅନୂଦିତ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। କଲେଜର ଅଧକ୍ଷ ତଥା ପୁସ୍ତକର ଅନୁବାଦକ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶ୍ୱ ଭାରତୀ ହିନ୍ଦୀ ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ଡଃ ରବୀନ୍ଦ୍ରନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକଙ୍କ ପ୍ରଭାକର ସ୍ୱାଇଁ ଯୋଗଦେଇ ପୁସ୍ତକର ମୂଳ ରଚନା ଓ ଅନୁବାଦ ଅତ୍ୟନ୍ତ ଉଚ୍ଚକୋଟୀର ବୋଲି କହିଥିଲେ। ସୂଚନାଯୋଗ୍ୟ, ଦିଲ୍ଲୀର ପ୍ରକାଶନୀ ସଂସ୍ଥା ରାଘବ ପବ୍ଲିକେସନ୍ ଏହି ପୁସ୍ତକକୁ ପ୍ରକାଶ କରିଛି। ଏହି ଉତ୍ସବରେ ଛାତ୍ରଛାତ୍ରୀଙ୍କ ସମେତ ପ୍ରକାଶକ ତାରିଣୀ ମହାନ୍ତି ଯୋଗ ଦେଇଥିଲେ।

# ଡିସିପିଙ୍କ ଚୌଦ୍ୱାର ଜେଲ୍ ପରିଦର୍ଶନ

**ଚୌଦ୍ୱାର, ୨୭।୧୨(ସମିସ):** କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଚୌଦ୍ୱାର ସର୍କଲ ଜେଲ ପରଦର୍ଶନ କରି ଜେଲର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଡିସିପିଙ୍କ ସହ ଅତିରିକ୍ତ ଏସ୍‌ପି ମୀନାକ୍ଷୀ ଠାକୁର ଏବଂ ଜିଲ୍ଲାଜଜ୍ ମାନସ ରଞ୍ଜନ ବାରିକ ଜେଲ୍‌ର ସୁପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। କିଛି ଦିନ ହେବ ଜେଲରେ ବହୁ ଅଘଟଣ ଘଟି ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଗତ ଅକ୍ଟୋବରରେ ଜେଲ୍‌ର ସୁଉଚ୍ଚ ପାଚେରି ଡେଇଁ ୨ଜଣ କୁଖ୍ୟାତ ଅପରାଧୀ ଫେରାର ହୋଇଯିବା ଓ ତାର କିଛିଦିନ ପରେ ଜଣେ ଆଜୀବନ କଏଦୀ ଆତ୍ମହତ୍ୟା କରିବା ଘଟଣା ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଥିଲା।

# 'ସମୃଦ୍ଧ ସମାଜ ଗଠନରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା'




## ଯୁବ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

**କଟକ, ୨୭।୧୨(ସମିସ):** ଏକ ସୁସ୍ଥ, ସମୃଦ୍ଧ ସମାଜ ନିର୍ମାଣରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମହିଳାଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆସିଛି। ସେମାନଙ୍କ ଏହି ସଫଳତାକୁ ସାମ୍ନାକୁ ଆଣିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟ ସୂଚନା କମିସନ ସଦସ୍ୟ ଆଇନଜୀବୀ କଳ୍ପନା ପଟ୍ଟନାୟକ କହିଛନ୍ତି। ଓଡ଼ିଶା ଯୁବ ସାମ୍ବାଦିକ ସଂଘର ଷୋଡଶ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଆଲୋଚ୍ୟ ବିଷୟ 'ନାରୀ ସଶକ୍ତୀକରଣରେ ଗଣମାଧ୍ୟମର ଭୂମିକା' ଶୀର୍ଷକରେ ଆଲୋକପାତ କରି ସେ ଏହା କହିଛନ୍ତି। ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ସମ୍ମାନିତ ଅତିଥି ଭାବରେ ଡାକ୍ତର ଅରୁଣା ଆଚାର୍ଯ୍ୟ, ଶିକ୍ଷାବିତ ସସ୍ମିତା ପଟ୍ଟନାୟକ, ମାନସିକରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କର, ବରିଷ୍ଠ ସାମ୍ବାଦିକ କୃଷ୍ଣପ୍ରସାଦ ଦାସ, ଯୁବ ସମାଜସେବୀ ସୌମିତ୍ର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସମ୍ପାଦିକା ସ୍ମୃତି ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ ସର୍ଜନ ପ୍ରଫେସର ଡାକ୍ତର ଏଲ.ଭି ଗୌରୀ, ପ୍ରଫେସର ଡାକ୍ତର ଅରୁଣା ଆଚାର୍ଯ୍ୟ, ଡାକ୍ତର ରଣଜିତ କର, ସମାଜସେବୀ ବୃନ୍ଦାବନ ଦାସ ଆଜାଦ, ଶିକ୍ଷାବିତ ସୁପ୍ରଭା ସାହୁ, କଲ୍ୟାଣ ଫାଉଣ୍ଡେସନ ପ୍ରତିଷ୍ଠାତା ସୌମିତ୍ର ଲେଙ୍କା, ମହିଳା ଉଦ୍ୟୋଗୀ କୀର୍ତ୍ତି ଜୈନ, ମମତା ଘଡ଼ାଇ, ନିରୁପମା ଆଚାର୍ଯ୍ୟ, ସଂଘମିତ୍ରା ସାମଲ, ଆଶିଷ ଜ୍ୟୋତି ଦାସଙ୍କୁ ସମ୍ମାନିତ କରାଯାଇଥିଲା। ସଂଘ ସାମାଜିକ ସଂଗଠକ ଉଲ୍ଲାସ ସେନ ଧନ୍ୟବାଦ ଦେଇଥିଲେ।

# ଜାନୁଆରୀ ପହିଲାରେ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ



**କଟକ, ୨୭।୧୨(ସମିସ):** ଆସନ୍ତା ୨୦୨୬ ଜାନୁଆରୀ ପହିଲାରେ ରାଜ୍ୟର ବିଭିନ୍ନ ସହର ସମେତ କଟକରେ 'ସର୍ବଧର୍ମ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ' ପାଳନ କରାଯିବ। ପ୍ରାର୍ଥନା ଦିବସ ପରିଚାଳନା ସମିତି ପକ୍ଷରୁ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷା ତଥା ପ୍ରଖ୍ୟାତ ଆଧ୍ୟାତ୍ମିକ ମାର୍ଗଦର୍ଶକ ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ (ଶ୍ରୀମା) ଏହି ଘୋଷଣା କରିଛନ୍ତି। ସମଗ୍ର ବିଶ୍ୱରେ ବଢ଼ି ଚାଲିଥିବା ଅଶାନ୍ତି ଓ ଅବିଶ୍ୱାସରୁ ରକ୍ଷା ପାଇବା ପାଇଁ ସମୂହ ପ୍ରାର୍ଥନା ହିଁ ଶ୍ରେଷ୍ଠ ଶକ୍ତି ବୋଲି ଶ୍ରୀମା ମତବ୍ୟକ୍ତ କରିଛନ୍ତି। ହରିଣ ପାର୍କ ନିକଟସ୍ଥ ଦିବ୍ୟ ଜୀବନ ସଂଘ ସଭାଗୃହରେ ଅନୁଷ୍ଠିତ ବୈଠକରେ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ଏବଂ ସ୍ୱାମୀ ନାରାୟଣ ପ୍ରିୟନନ୍ଦଜୀ ଆଶୀର୍ବଚନ ପ୍ରଦାନ କରିଥିଲେ। ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ ଓ ସାଧାରଣ ସମ୍ପାଦକ ଭିକାରୀ ଦାସଙ୍କ ସମେତ ପୂର୍ବାଞ୍ଚଳ ଶାନ୍ତି କମିଟିର ପ୍ରଫୁଲ୍ଲ ସାହୁ, ଶରତ ସାହୁ, ଡାକ୍ତର ଦୀନବନ୍ଧୁ ମହାରଣା, ରମଜାନ୍ ଖାଁ ଏବଂ ଯୋଗଗୁରୁ ସାଗରିକା ଜେନା ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ପାଇଁ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ପ୍ରାର୍ଥନା ଦିବସ ପରିଚାଳନା ସମିତିର ସମ୍ପାଦକ ସଚ୍ଚିକାନ୍ତ ନାଥ କାର୍ଯ୍ୟକ୍ରମର ରୂପରେଖ ଉପସ୍ଥାପନ କରିଥିଲେ।

କାର୍ଯ୍ୟକ୍ରମର ପରିଚାଳନାରେ ବ୍ରହ୍ମଚାରୀ ନୃସିଂହନାଥ, ଅଶୋକ ଜେନା ଏବଂ ଅର୍ଚ୍ଚନା ଗୋଏଙ୍କା ସହଯୋଗ କରିଥିବା ବେଳେ ସମାଜସେବୀ ହେମନ୍ତ ପରିଡ଼ା ନିଜର ବକ୍ତବ୍ୟ ରଖିଥିଲେ। ଡ. ଚିତ୍ତରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।


# କିକ୍‌ଷ୍ଟାର୍ଟ ଏଫ୍‌ସିକୁ ୫-୦ରେ ହରାଇଲା ନୀତା ଫୁଟବଲ ଏକାଡେମୀ



**କଟକ, ୨୭।୧୨(ସମିସ):** ନ୍ୟାସନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପରିସରରେ ଖେଳାଯାଇଥିବା ଏକ ରୋମାଞ୍ଚକର ଫୁଟବଲ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ (ଏନଏଫଏ) ଏକ ବୃହତ ବିଜୟ ହାସଲ କରିଛି। କର୍ଣ୍ଣାଟକର ଶକ୍ତିଶାଳୀ ଦଳ କିକଷ୍ଟାର୍ଟ ଏଫସିକୁ ୫-୦ ଗୋଲରେ ପରାସ୍ତ କରି ଏନଏଫଏ ନିଜର ଦବଦବା ଜାରି ରଖିଛି। ଦଳ ପକ୍ଷରୁ ଷ୍ଟାର ଷ୍ଟ୍ରାଇକର ପ୍ୟାରୀ ଏକ୍ସା ଚମତ୍କାର ଖେଳ ପ୍ରଦର୍ଶନ କରି ୩ଟି ଗୋଲ ସହ ଚଳିତ ସିଜନର ଆଉ ଏକ ସ୍ମରଣୀୟ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ପ୍ୟାରୀଙ୍କ ବ୍ୟତୀତ ନେହା ଏବଂ ଅମିରାଡୁ ଏନଡ଼ଜାମ୍ବ୍ରା ଗୋଟିଏ ଲେଖାଏଁ ଗୋଲ ଦେଇ ଦଳର ବିଜୟ ବ୍ୟବଧାନକୁ ବଢ଼ାଇଥିଲେ। ଏହି ସଫଳତା ପଛରେ ଦଳର ପ୍ରଶିକ୍ଷିକା ପାରୋମିତା ସିତ୍ ଏବଂ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ରଣନୀତି ଓ କଠିନ ପରିଶ୍ରମ ରହିଛି। ଏନ୍‌ଏଫଏର ଏହି ଜବରଦସ୍ତ ପ୍ରଦର୍ଶନ ପାଇଁ ଇଂ ସୁବ୍ରତ ଦାସ, ଇଂ ଅରୁଣ ପ୍ରସାଦ ପରିଜା ଏବଂ ଇଂ ସମରେନ୍ଦ୍ର ପ୍ରତାପ ସ୍ୱାଇଁ ଦଳକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ୩୦ ଡିସେମ୍ବରରେ ନୀତା ଫୁଟବଲ ଏକାଡେମୀ ତା'ର ପରବର୍ତ୍ତୀ ମ୍ୟାଚରେ ଗୁଆହାଟୀ ଫୁଟବଲ କ୍ଲବର ସମ୍ମୁଖୀନ ହେବ। ଏହି ବିଜୟ ପରେ ଦଳର ଆତ୍ମବିଶ୍ୱାସ ଦ୍ୱିଗୁଣିତ ହୋଇଥିବା ବେଳେ ପରବର୍ତ୍ତୀ ମ୍ୟାଚରେ ମଧ ଏହି ପ୍ରଦର୍ଶନ ଜାରି ରହିବ ବୋଲି ଆଶା କରାଯାଉଛି।

## ପ୍ୟାରୀ ଏକ୍କାଙ୍କ ଚମତ୍କାର ହ୍ୟାଟ୍ରିକ୍

# ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏସନ୍‌ର ଖେଳ ପ୍ରତିଯୋଗିତା



**କଟକ, ୨୭।୧୨(ସମିସ):** ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏସନ୍ ପକ୍ଷରୁ ଶନିବାରଠାରୁ ରିଜର୍ଭ ପୁଲିସ ସିନ୍ଥେଟିକ୍ ପଡ଼ିଆରେ ୪ ଦିନ ବ୍ୟାପୀ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ସଚିନ ରାମ ଚନ୍ଦ୍ରନ୍ ମୁଖ୍ୟଅତିଥି ଭାବେ ୭୧ତମ ରାଜ୍ୟ ଖେଳକୁଦ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସରକାରଙ୍କ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଡକ୍ଟର ୱାଇ ବିଜୟ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ସିଏମସି କମିସନର କିରଣ ଦୀପ କୌର ଯୋଗ ଦେଇଥିଲେ। ଓଡ଼ିଶା ଆଥଲେଟିକ୍ ଆସୋସିଏସନ୍‌ର ସମ୍ପାଦକ ଅଭିଜିତ ପାଲ୍ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଥମ ଦିବସରେ ୫୦୦୦ ମିଟର ମହିଳା ଦୌଡ଼ ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ସସ୍ମିତା ଟିକା ପ୍ରଥମ ଓ ବାସନ୍ତୀ ମଣ୍ଡିଆ ଦ୍ୱିତୀୟ ଏବଂ ମୟୂରଭଞ୍ଜର ସନ୍ଧ୍ୟା ମୁର୍ମୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ପୁରୁଷ ବିଭାଗର ୫୦୦୦ ମିଟର ଦୌଡ଼ରେ ଓଡ଼ିଶା ପୁଲିସର ଅଶୋକ ଦଣ୍ଡସେନା ପ୍ରଥମ, ବାଲେଶ୍ୱରର ସିଦ୍ଧାର୍ଥ ଜେନା ଦ୍ୱିତୀୟ ଓ ଗଞ୍ଜାମର ଶୁଭାଶିଷ ଚୌଧୁରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅପରାହ୍ଣରେ ଖେଳାଳିଙ୍କ ଆକର୍ଷଣୀୟ ମାର୍ଚ୍ଚପାଷ୍ଟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି ଆଥଲେଟିକ୍ ମିଟରେ ୧୪୯୨ ଜଣ ପ୍ରତିଯୋଗୀ ୩୦ଟି ଜିଲ୍ଲା ଏବଂ ୭ଟି ବିଭାଗରୁ ଅଂଶଗ୍ରହଣ କରିଛନ୍ତି। ୧୭୨ଟି ବିଭାଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।


ଏକାଦଶାହ ଉପଲକ୍ଷେ



୰ସନ୍ତୋଷ କୁମାର ମହାନ୍ତି
୧୦୮/ଏ, ଲୋଟସ୍ ହାଉସ୍, ଷ୍ଟେସନ ସ୍କୋୟାର, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ - ୨୬.୦୬.୧୯୫୫
ତିରୋଧାନ - ୧୮.୧୨.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ନିବେଦନ କରୁଅଛୁ।
-: ଶୋକାସନ୍ତପ୍ତ :-
ଝିଅ-ଜ୍ୱାଇଁ : ପ୍ରଜ୍ଞାସ୍ମିତା-ଡା. ଦିପ୍ତିକାନ୍ତ, ଶୁଚିସ୍ମିତା-ଜ୍ୟୋତି ରଞ୍ଜନ
ନାତି ଓ ନାତୁଣୀ- ଲକ୍ଷଜିତ୍, ଜାନ୍‌ଭି, ଲଳିତେଶ
ଏବଂ ବନ୍ଧୁ ଓ ପରିବାର ବର୍ଗ


# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ହୋରିଜନ୍-୨୫' ଉଦ୍‌ଘାଟିତ



**କଟକ, ୨୭।୧୨(ସମିସ):** ଜାତୀୟ ଶିକ୍ଷାନୀତି-୨୦୨୦ ଅନ୍ତର୍ଗତ ନିରନ୍ତର ବିକାଶ ଲକ୍ଷ୍ୟ ମଧ୍ୟରେ ସ୍ଥାନିତ ସାମଗ୍ରିକ ସ୍ୱାସ୍ଥ୍ୟକୁ ନେଇ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ସମ୍ମିଳନୀ ହୋରିଜନ୍-୨୫ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଶ୍ରୀ ଶ୍ରୀ ନର୍ସିଂ ମହାବିଦ୍ୟାଳୟ ସହ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି ତିନିଦିନିଆ ସମ୍ମିଳନୀରେ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରାପ୍ତି ଦିଗରେ ନିଆଯିବାକୁ ଥିବା ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଏଥିରେ ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମଆର) ଅନ୍ତର୍ଗତ ଜାତୀୟ ଇମ୍ୟୁନୋହିମାଟୋଲୋଜି ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡଃ କଞ୍ଜାକ୍ଷ ଘୋଷ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମିଳନୀରେ ଦେଶବିଦେଶରୁ ୪୫୦ରୁ ଅଧିକ ପଞ୍ଜିକୃତ ଅତିଥି ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଇଂଲଣ୍ଡ, ସ୍ୱିଡେନ୍, ବାଂଲାଦେଶ ଓ ନେପାଳ ସମେତ ଭାରତର ୧୦ରୁ ଅଧିକ ରାଜ୍ୟରୁ ଡେଲିଗେଟ୍ ସାମିଲ ହୋଇଥିଲେ। ଏଥିରେ ୟୁକେର ୟୁନିଭର୍ସିଟି ଅଫ୍ ସାଉଥମ୍ପଟନ୍, ନେପାଳର ଫାର୍ ୱେଷ୍ଟର୍ନ ୟୁନିଭର୍ସିଟି, ସ୍ୱିଡେନର ମିଡ୍ ସ୍ୱିଡେନ୍ ୟୁନିଭର୍ସିଟି, ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନର ଓଡ଼ିଶା ଶାଖା, ଇଣ୍ଟରନ୍ୟାସନାଲ କମିସନ ଅନ୍ ଅକ୍ୟୁପେସନ୍ ହେଲଥ୍ (ଆଇସିଓଏଚ୍) ଏବଂ ଆଇସିଏସ୍‌ଏସ୍‌ଆର୍ ଭଳି ୧୫ରୁ ଅଧିକ ଜାତୀୟ, ଅନ୍ତର୍ଜାତୀୟ ତଥା ବୈଷୟିକ ଶିକ୍ଷାନୁଷ୍ଠାନ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀକୁ ଭାରତୀୟ ନର୍ସିଂ ପରିଷଦ ତଥା ଓଡ଼ିଶା ନର୍ସ ଏବଂ ମିଡୱାଇଫ୍ ପଞ୍ଜୀକରଣ ପରିଷଦ ପକ୍ଷରୁ ସମ୍ମାନଜନକ ୩ କ୍ରେଡିଟ୍ (୧୫ ସିଏନଇ) ମାନ୍ୟତା ମିଳିଛି।

ଏହି ଅବସରରେ ମହାରାଷ୍ଟ୍ର ପୁଣେସ୍ଥିତ ମହର୍ଷି କର୍ଭେ ସ୍ତ୍ରୀ ଶିକ୍ଷଣ ସଂସ୍ଥାର ବାଇ ଠାକୁର ନର୍ସିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଡୁକେସନ୍ ଏବଂ ଶ୍ରୀ ଶ୍ରୀ ନର୍ସିଂ ମହାବିଦ୍ୟାଳୟ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିରେ ୨୩ଟି ବୈଜ୍ଞାନିକ ଅଧିବେଶନ, ୬୯ଟି ମୌଖିକ ସନ୍ଦର୍ଭ ସାଙ୍ଗକୁ ୨୪ଟି ପୋଷ୍ଟର ଉପସ୍ଥାପନ କରାଯାଇଥିଲା। ଉଦଯାପନୀ ଦିବସରେ କଟକ-ବାରବାଟି ବିଧାୟିକା ସୋଫିଆ ଫିର୍‌ଦୋସ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ତେଜପ୍ରତାପ ତଥା କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ ଶର୍ମା ଅଧକ୍ଷତା କରିଥିଲେ। ଡାକ୍ତର ଜୟନ୍ତ ପଣ୍ଡା, ଡଃ ଶ୍ୟାମ ପିଙ୍ଗଲେ, ପ୍ରଫେସର ସାବୁ ଏସ୍. ପଦ୍ମଦାସ, ଡଃ କେ. ମଦନଗୋପାଳ ଏବଂ ଡଃ ଅନିମେଷ ବିଶ୍ୱାସ ବିଶେଷ ବକ୍ତା ରୂପେ ଯୋଗ ଦେଇଥିଲେ। ବିଭିନ୍ନ ସାଧାରଣ ଅଧିବେଶନରେ ଡ. ଦିବ୍ୟାଙ୍ଗ ଶାହ, ଡ. ସୁବ୍ରତ ଘୋଷ, ଡ. ଗୁରୁପ୍ରସାଦ, ଡ. କୃଷ୍ଣେନ୍ଦୁ ମୁଖୋପାଧ୍ୟାୟ, ଡ. ରାଜଶ୍ରୀ ଆର୍ ଏବଂ ଡ. ଏନ୍. ଶିବା ପ୍ରମୁଖ ବକ୍ତବ୍ୟ ରଖିଥିଲେ।




## ଟ୍ରାକ୍ଟର ସହ ତହସିଲଦାରଙ୍କ ଗାଡ଼ି ଧକ୍କା, ଡ୍ରାଇଭର ଗୁରୁତର (୨୧୧)



**ଠାକୁରମୁଣ୍ଡା, ୨୭।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ତହସିଲଦାରଙ୍କ ସରକାରୀ ଗାଡ଼ି ସହିତ ଏକ ବୋଇତାଲୁ ବୋଝେଇ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହେବାରୁ ତହସିଲଦାରଙ୍କ ଗାଡ଼ି ଡ୍ରାଇଭର ଗୁରୁତର ହୋଇଛନ୍ତି। ତହସିଲଦାରଙ୍କ କାର୍ଯ୍ୟାଳୟରେ ଟେଣ୍ଡରରେ ଗାଡ଼ି ଲଗାଇଥିବା ବୋଲେରୋ ଗାଡ଼ି ଡ୍ରାଇଭର ଅନ୍ତର୍ଯ୍ୟାମୀ ପଲେଇ ଗାଡ଼ି ନେଇ ନିଜ ଗ୍ରାମ ତାଳପଦା ଘରକୁ ଠାକୁରମୁଣ୍ଡାରୁ ଫେରୁଥିଲେ। ଜୁଆଳିକଟା-ଭୀମକୁଣ୍ଡ ରାସ୍ତାର ଜୁଆଳିକଟା ନିକଟରେ ବିପରୀତ ଦିଗରୁ ଆସୁଥିବା ବୋଇତାଲୁ ବୋଝେଇ ଟ୍ରାକ୍ଟର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ତହସିଲଦାରଙ୍କ ଗାଡ଼ି ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅନ୍ତର୍ଯ୍ୟାମୀଙ୍କ ଡାହାଣ ଗୋଡ଼ ଭାଙ୍ଗିଯିବା ସହ ଦେହରେ ଆଘାତ ଲାଗିଛି। ଅପରପକ୍ଷେ ଟ୍ରାକ୍ଟର ଡ୍ରାଇଭରଙ୍କ କୌଣସି କ୍ଷତି ହୋଇନାହିଁ। ଠାକୁରମୁଣ୍ଡା ଥାନା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଥାନାକୁ ଆଣିଛି।

### ୯ ଦିନରେ ଗୋଟିଏ ସ୍ଥାନରେ ତିନୋଟି ଦୁର୍ଘଟଣା

## ପୁଣି ୪୦ ଫୁଟ ତଳକୁ ଖସିଲା ବୋଲେରୋ

**ରାସଗୋବିନ୍ଦପୁର, ୨୭।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ପୋଲ ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଆଜି ଶନିବାର ଭୋରରୁ ଏକ ବୋଲେରୋ ନଳଗଜାରୁ ଜଳେଶ୍ୱରକୁ ଯାଉଥିବା ସମୟରେ ଭାରସ୍ୟାମ ହରାଇ ଉକ୍ତ ପୋଲରୁ ଚାଳିଶ ଫୁଟ ତଳକୁ ଖସିପଡ଼ିଥିଲା। ତେବେ ଅଳ୍ପକେ ଗାଡ଼ିରେ ଥିବା ଡ୍ରାଇଭର ବର୍ତ୍ତିଯାଇଛନ୍ତି। ଚଳିତ ମାସ ୧୮ ତାରିଖରେ ଉକ୍ତ ପୋଲରୁ ଏକ ବୋଲେରୋ ଚାଳିଶ ଫୁଟ ତଳକୁ ଖସିପଡ଼ିବା ଫଳରେ ୩ ଜଣ ଗୁରୁତର ଆହତ ହେବା ସହିତ ୫ ଜଣ ଆହତ ହୋଇଥିଲେ। ୨୫ ତାରିଖ ଦିନ ଏକ ବାଇକ ମଧ୍ୟ ତଳକୁ ଖସିପଡ଼ିଥିଲା। ତେବେ ଉକ୍ତ ପୋଲରେ ବହୁ ପୂର୍ବରୁ ବ୍ୟାରିକେଡ୍ ଥିଲା। ବ୍ୟାରିକେଡ୍ ଭାଙ୍ଗିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତାହା ଲାଗିନାହିଁ। ଫଳରେ ପୋଲକୁ ଲାଗି ବାଙ୍କ ରାସ୍ତା ଥିବାବେଳେ ଭାରସ୍ୟାମ ହରାଇବା ଫଳରେ ବ୍ୟାରିକେଡ ନଥିବା ଯୋଗୁଁ ପୋଲ ତଳକୁ ଗାଡ଼ି ଖସିପଡୁଛି। ଏଠାରେ ପୋଲରେ ବ୍ୟାରିକେଡ୍ ଲଗାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। କିନ୍ତୁ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।



## ହାଟରୁ ବାଇକ୍ ଚୋରି

**କୁଆଁମରା, ୨୭ ।୧୨(ସମିସ):** ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ସାପ୍ତାହିକ ହାଟରୁ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଉଦଳା ଥାନା ଅନ୍ତର୍ଗତ ସିମିଳାବନ୍ଧ ଗ୍ରାମର ଗଜେନ୍ଦ୍ର ବାରିକ ଶୁକ୍ରବାର ଅପରାହ୍ନରେ ତାଙ୍କ ବାଇକ୍‌କୁ ହାଟ ସମ୍ମୁଖରେ ରଖି ସଉଦା ଆଣିବାକୁ ଯାଇଥିଲେ। କିଛି ସମୟ ପରେ ଫେରିବା ବେଳକୁ ସେଠାରେ ବାଇକ୍ ନଥିବା ଦେଖି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମଦ ଜବତ, ୨ ଗିରଫ

କୁଆଁମରା ୨୭ ।୧୨(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଆଜି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ପୃଥକ ମାମଲା ରୁଜୁ କରିଛି। ଏଥିସହ ଅଭିଯୁକ୍ତଙ୍କଠାରୁ ୩୨ ଲିଟର ଦେଶୀମଦ ଜବତ ହୋଇଛି। ଏହି ଥାନା ଅନ୍ତର୍ଗତ ଜଡ଼ାବଣୀ ଗ୍ରାମର ଦଶରଥ ବାସ୍କେ (୪୦)ଙ୍କଠାରୁ ୧୫ ଲିଟର ଓ ଡବକ ଗ୍ରାମର ବୈଦ୍ୟନାଥ ହାଁସଦା (୨୩)ଙ୍କଠାରୁ ୧୭ ଲିଟର ଜବତ ହୋଇଛି। ଏହି ଚଢ଼ଉରେ କୃଷ୍ଣଚନ୍ଦ୍ର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ୍ ପ୍ରମୁଖ ସାମିଲ ଥିଲେ।

## ଭଞ୍ଜପୁରରୁ ପୁରୀ ଓ ସାଲିମାରକୁ ଟ୍ରେନ୍ ଚଳାଚଳ ଅବଧି ବଢ଼ିଲା

**ବାରିପଦା, ୨୭ ।୧୨(ସମିସ):** ଭଞ୍ଜପୁର-ପୁରୀ ଓ ଭଞ୍ଜପୁର-ସାଲିମାର ସ୍ୱତନ୍ତ୍ର ରେଳ ଚଳାଚଳ ଅବଧି ପୁଣି ବଢ଼ିଛି। ସ୍ଥାୟୀ ଟ୍ରେନ ବଦଳରେ ପୂର୍ବଭଳି ପୁଣି ଚଳାଚଳ ଅବଧି ବୃଦ୍ଧି କରାଯାଇଛି। ଏ ନେଇ ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଭଞ୍ଜପୁର-ପୁରୀକୁ ସ୍ୱତନ୍ତ୍ର ରେଳ ଚଳାଚଳ କରୁଥିଲା। ଏହା ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବାର ଥିଲା। ଏହାକୁ ବୃଦ୍ଧି କରାଯାଇ ୨୦୨୬ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବା ନେଇ ଅବଧି ବୃଦ୍ଧି କରାଯାଇଛି। ସେହିପରି ଭଞ୍ଜପୁର-ସାଲିମାର ସ୍ୱତନ୍ତ୍ର ରେଳ ଚଳାଚଳ ଅବଧି ଜାନୁଆରୀ ୧ ତାରିଖରେ ଶେଷ ହେବାକୁ ଥିବାବେଳେ ତାହାକୁ ୨୦୨୬ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବର୍ତ୍ତମାନ ପର୍ଯ୍ୟଟନ ସମୟ ଥିବାରୁ ଯାତ୍ରୀଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ଏହାକୁ ବୃଦ୍ଧି କରାଯାଇଛି ବୋଲି ସୂଚନା ପ୍ରଦାନ କରାଯାଇଛି।

### ବଢୁଛି ଶୀତ, ଜମୁଛି ଶୀତବସ୍ତ୍ରର ଆସର

# ହାଡ଼ଭଙ୍ଗା ଶୀତ ପାଇଁ ଶୀତବସ୍ତ୍ର ବଜାରରେ ଗ୍ରାହକଙ୍କ ଭିଡ଼

**ବାରିପଦା, ୨୭ ।୧୨(ସମିସ)**



ମୟୂରଭଞ୍ଜ ଜିଲ୍ଲାରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଥିବାବେଳେ କୋଣ ଅନୁକୋଣରେ ଜନସାଧାରଣଙ୍କୁ ଆନମନା କରିଛି। ଅସହ୍ୟ ଶୀତ ସହିତ ସବୁଠି କୁହୁଡ଼ି ଓ କାକରର ଜଳବିନ୍ଦୁ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ଏହି ହାଡ଼ଭଙ୍ଗା ଶୀତ ଯେମିତି ବଢୁଛି, ଶୀତକୁ ପ୍ରତିହତ କରିବା ପାଇଁ ଶୀତବସ୍ତ୍ରର ଚାହିଦା ମଧ୍ୟ ସେହିପରି ବଢ଼ିବାରେ ଲାଗିଛି। ଗତ କିଛିଦିନ ହେବ ବାରିପଦା ସହରରେ ପ୍ରବଳ ଶୀତ ଅନୁଭୂତ ହେଲାଣି। ଆଉ ଖୋଜା ପଡ଼ିଲାଣି ଗରମ ପୋଷାକ। ଏହି ଅସହ୍ୟ ଶୀତରେ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଶୀତବସ୍ତ୍ରର ଆସର ବାରିପଦା ସହରରେ ଜମିଛି।

ବାରିପଦାର ତିବ୍ବତ ବଜାର (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟ)ରେ ଅସ୍ଥାୟୀ ଶୀତବସ୍ତ୍ରର ମେଳା ପଡ଼ିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉକ୍ତ ସ୍ଥାନରେ ତିବ୍ବତ ଶୀତବସ୍ତ୍ର ବଜାର ପଡ଼ିଛି। ଭଳିକି ଭଳି ଶୀତବସ୍ତ୍ରର ପସରା ମେଲି ଗ୍ରାହକଙ୍କୁ ଅପେକ୍ଷା କରିରହିଛନ୍ତି। ଶୀତବସ୍ତ୍ର ବଜାରରେ ଲୋକଙ୍କ ଦିନକୁ ଦିନ ଭିଡ଼ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ତିବ୍ବତ ଅଞ୍ଚଳର ଲୋକେ ଓଡ଼ିଶାର ଗଜପତି, କଳାହାଣ୍ଡି, କୋରାପୁଟ ଅଞ୍ଚଳରେ ବସବାସ କରୁଥିବାବେଳେ ନିଜ ହାତ ତିଆରି ଶୀତବସ୍ତ୍ରକୁ ଆଣି ବର୍ଷକୁ ଥରେ ଶୀତବସ୍ତ୍ର ବଜାର ଖୋଲିଥା'ନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିକ୍ରି ହେଉଛି ଅନେକ ରଙ୍ଗବେରଙ୍ଗ ଶୀତବସ୍ତ୍ର। ଦରଦାମ ମଧ୍ୟ ଠିକଠାକ୍ ଥିବାରୁ ବାରିପଦା ସହରର ଏହି ଶୀତବସ୍ତ୍ର ବଜାର ଚଳଚଞ୍ଚଳ ରହିଛି। ଶୀତରୁ ବଞ୍ଚିବା ସହ ଏକ ଷ୍ଟାଇଲିଷ୍ଟ ଲୁକ ପାଇଁ ପୁରୁଷ ହୁଅନ୍ତୁ କି ମହିଳା ସମସ୍ତଙ୍କ ମଧ୍ୟରେ ଉତ୍ସାହ ରହିଥାଏ। ଯାହାକୁ ନେଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ଶୀତବସ୍ତ୍ର ବଜାରରେ ଅନେକ ଭିଡ଼ ଜମୁଛି। ଶାଲ, ସ୍ୱେଟର, ଜ୍ୟାକେଟ୍, କମ୍ବଳ, ଶୀତ ଟୋପି ଓ ଅନ୍ୟାନ୍ୟ ଶୀତବସ୍ତ୍ର ବିକ୍ରି ହେଉଛି।

ଶୀତ ବଢ଼ିବା ସହିତ ତାଳ ଦେଇ ବାରିପଦା ସହରରେ ଶୀତବସ୍ତ୍ରର ଆସର ବଢୁଛି। ଭଳିକି ଭଳି ଶୀତବସ୍ତ୍ର ସହିତ ଗ୍ରାହକଙ୍କ ଅପେକ୍ଷାରେ ଦୋକାନୀ ରହିଛନ୍ତି। ଗ୍ରାହକଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳୁଥିବାବେଳେ ଦୋକାନୀଙ୍କ ରୋଜଗାର ମଧ୍ୟ ବୃଦ୍ଧି ହେଉଛି। ତିବ୍ବତ ଶୀତବସ୍ତ୍ର ବଜାର ବହୁ ପୂର୍ବରୁ ଆରମ୍ଭ ହୋଇଥିବାବେଳେ କିଛିଦିନ ହେବ ଥଣ୍ଡା ବଢୁଥିବାରୁ ହାତ ବାନ୍ଧି ବସିଥିବା ଶୀତବସ୍ତ୍ର ବେପାରୀଙ୍କ ବେପାର ବଢ଼ିଛି। ଲୋକଙ୍କ ପସନ୍ଦକୁ ଦେଖି ବଜାରକୁ ଅନେକ ଶୀତବସ୍ତ୍ରର ସମ୍ଭାର ରହିଛି। ଦିନତମାମ ଦୋକାନ ଖୋଲି ବସି ରହିଥିବାବେଳେ ସନ୍ଧ୍ୟା ହେଲେ ଅଧିକ ଭିଡ଼ ହେଉଛି। ତାପମାତ୍ରା ହ୍ରାସ ପାଉଥିବାରୁ ଶୀତର ପ୍ରକୋପ ବାରିପଦା ସମେତ ଜିଲ୍ଲା ବ୍ୟାପି ବୃଦ୍ଧି ପାଇବାରେ ଲାଗିଛି। ଶୀତ ଆସିଲେ ଶୀତଦିନିଆ ବସ୍ତ୍ର କିଣିବା ପାଇଁ ବାରିପଦାବାସୀ ଅପେକ୍ଷା କରି ରହିଥା'ନ୍ତି। ଯାହାକୁ ନେଇ ଗ୍ରାହକ ନିଜ ପରିବାର ନିମନ୍ତେ ଶୀତବସ୍ତ୍ର ତିବ୍ବତ ବଜାରରୁ କିଣୁଥିବା ଦେଖିବାକୁ ମିଳୁଛି। ଚଳିତଥର ଝିଅଙ୍କର ଠେକୁଆ ମାଫଲର ବା ଟୋପି ବିଶେଷ ଆକର୍ଷଣ ସାଜିଛି। ବଜାରକୁ ଆସିଥିବା ଶୁଳିଆପଦା ଅଞ୍ଚଳର ମହିଳା ଗୀତାଞ୍ଜଳି ପୁହାଣ କହନ୍ତି, ଏଥର ବିଳମ୍ବିତ ଶୀତ ସେମାନଙ୍କ ପାଇଁ ସୁଯୋଗ ଆଣିଛି। ଖରିଫ ଧାନ ଫସଲ ଅମଳ ପରେ ସେ ଆସିଥିଲେ କିଣିବା ପାଇଁ। ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ସେ ଉଚିତ ମୂଲ୍ୟରେ ଶୀତବସ୍ତ୍ର ଓ ୨ଟି କମ୍ବଳ କିଣିଛନ୍ତି। ସେହିପରି ତିବ୍ବତ ବ୍ୟବସାୟୀ ରାମ ବାହାଦୂରଙ୍କ କହିବାନୁସାରେ ବାରିପଦାର ଗ୍ରାହକ ବହୁତ ଭଲ। କରୋନା ସମୟକୁ ବାଦ ଦେଲେ ୧୪ ବର୍ଷ ଧରି ସେ ଓ ତାଙ୍କ ସାଥୀ ପରିବାର ସହିତ ବାରିପଦାକୁ ବ୍ୟବସାୟ ପାଇଁ ଆସୁଛନ୍ତି। ଏଠାରେ ରହିବା ଓ ବ୍ୟବସାୟ ପାଇଁ ସମସ୍ତ ସୁବିଧା ମିଳୁଛି। ଚଳିତ ବର୍ଷ ବିଳମ୍ବିତ ଶୀତ ପାଇଁ ପ୍ରଥମେ କାରବାର ମାନ୍ଦା ଥିବାବେଳେ ୭ଦିନ ହେବ ବିକ୍ରିରେ ବୃଦ୍ଧି ଘଟିଛି। ତେବେ ବଜାରର ଉଭୟ ପାର୍ଶ୍ୱ ରାସ୍ତାରେ ଭିଡ ଜମୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି।

## ଦୀନବନ୍ଧୁ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



**କପ୍ତିପଦା, ୨୭।୧୨(ସମିସ):** ଅତୀତର ଗୌରବମୟ ଅଧ୍ୟାୟ ଉପରେ ଛିଡ଼ାହୋଇ ଆଗାମୀ କାଲିର ଏକ ସ୍ୱର୍ଣ୍ଣିମ ଇତିହାସ ରଚନା କରିବାର ପଥ ପ୍ରଦର୍ଶକ ସାଜେ ସୁବର୍ଣ୍ଣ ଜୟନ୍ତୀ ବୋଲି କପ୍ତିପଦା ବଡ଼ବିଶୋଇସ୍ଥ ଦୀନବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି ବିଧାୟକ ଭାସ୍କର ମଢେଇ କହିଛନ୍ତି। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଥମ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା, ଶିକ୍ଷକ ଯୋଗେନ୍ଦ୍ର ନାଥ ପାତ୍ର, ପୁରୁଷୋତ୍ତମ ମହାକୁଡ଼, ପୂର୍ଣ୍ଣଚନ୍ଦ୍ର ଖଣ୍ଡା ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସକାଳେ ବିଧାୟକଙ୍କ ଦ୍ୱାରା ସ୍ମୃତିଫଳକ ଉନ୍ମୋଚନ, ଦୀନବନ୍ଧୁ ବେହେରାଙ୍କ ତୈଳଚିତ୍ର ଉନ୍ମୋଚନ, ଗଣେଶ, ସରସ୍ୱତୀଙ୍କ ମୂର୍ତ୍ତି ଉନ୍ମୋଚନ ହୋଇଥିଲା। ପରେ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଅପରାହ୍ନରେ ସନ୍ତୋଷ ସାହୁଙ୍କ ସଂଯୋଜନାରେ ଆୟୋଜିତ ସାଧାରଣ ସଭା ପ୍ରଧାନଶିକ୍ଷୟିତ୍ରୀ ବୈଜୟନ୍ତୀ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କପ୍ତିପଦା ତହସିଲଦାର ଆଶିଷ ମହାପାତ୍ର, ମୁଖ୍ୟବକ୍ତା ସହକାରୀ ଜିଲ୍ଲାପାଳ ପ୍ରବୀଣ କୁମାର ମାଝି, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିଲୋଚନ ସାହୁ, ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ବୀରେନ୍ଦ୍ର ବିନ୍ଧାଣୀ, ସମ୍ପାଦକ ଭଗୀରଥ ଦେହୁରୀ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ନବଚରଣ ମାଝି ଓ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଏ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇ ୧୦୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅନ୍ୟପକ୍ଷରେ ୫୦ ବର୍ଷର ଅନୁଭୂତିକୁ ନେଇ 'ଗଜଡିଗୌରବ' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଧନୁସାହି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଉଦଳା, ୨୭।୧୨(ସମିସ):** ଉଦଳା ବ୍ଲକ କୋଚିଲାଡିହା ପଞ୍ଚାୟତର ଧନୁସାହି ସାଗେନ ସକ୍ଷକାମ ଯୁବକ ସଙ୍ଘ ପକ୍ଷରୁ ଦୁଇଦିନିଆ ଫୁଲବଲ ଟୁର୍ଣ୍ଣାମେଣ୍ଟ କୋଚିଲାଡିହା ଖେଳ ପଡ଼ିଆରେ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଉଦଳା ଶିକ୍ଷକ ମହାସଙ୍ଘ ସଭାପତି ବୀରେନ୍ଦ୍ର ନାଥ ମଢେଇ, ସତନ୍ତ୍ର ଅତିଥି ଭାବେ ପୂର୍ବତନ ସରପଞ୍ଚ ରତିକାନ୍ତ ହାଁସଦା, ସମିତିସଭ୍ୟା ସୁକାନ୍ତୀ ହାଁସଦା, ସୁନେଇ ଜଳସେଚନ ପ୍ରକଳ୍ପ କମିଟି ସଭାପତି ହେମନ୍ତ ବେହେରା ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ଉକ୍ତ ଦୁଇଦିନିଆ ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ଓ ଜିଲ୍ଲା ବାହାରର ୧୬ଟି ଦଳ ଅଂଶଗ୍ରହଣ କରିଥିବା ଆୟୋଜକ କମିଟି ସମ୍ପାଦକ ପରମେଶ୍ୱର ମାର୍ଣ୍ଡି ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳରେ ଫୁଟବଲର ପ୍ରଚାର ପ୍ରସାର ଓ ଖେଳାଳି କେମିତି ଭଲ ଖେଳ ପ୍ରଦର୍ଶନ କରି ରାଜ୍ୟ ସ୍ତରରେ ଖେଳିପାରିବେ, ସେନେଇ ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ଉଦଘାଟନ ମ୍ୟାଚ୍ ମର୍ଣ୍ଣିଂ ଷ୍ଟାର ଚକ୍ରାପାଳ ଓ ରାପଜ ଫୁଟବଲ ଟିମ୍ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଆୟୋଜକ କମିଟି ସଭାପତି ବଚ ସୋରେନ, ଉପସଭାପତି ରାମଚନ୍ଦ୍ର ସୋରେନ, ସହସମ୍ପାଦକ ରବୀନ୍ଦ୍ର ସୋରେନ, ଦୀପକ ସୋରେନ, ଜଗନାଥ ହେମ୍ବ୍ରମ, ବୁଦ୍ଧିରାମ ସୋରେନ ସହଯୋଗ କରିଥିବାବେଳେ ମଦନ ହାଁସଦା, ଗଣେଶ ଟୁଡୁ ଓ ସୁମନ୍ତ ସିଂ ଖେଳ ପରିଚାଳନା କରିଥିଲେ।



## ମାଗେ ପରବ ପାଇଁ ସଚେତନତା ରଥ

**ମହୁଲଡିହା, ୨୭ ।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ହୋ (କୋହ୍ଲ) ସମାଜର ମୁଖ୍ୟ ପର୍ବ 'ମାଗେ ପରବ'। ଏହି ପରବ ମାଧ୍ୟମରେ ହୋ ସମାଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ଆଦିବାସୀ ହୋ ସମାଜ କମିଟି ଆନୁକୂଲ୍ୟରେ ସଚେତନତା ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଜାତି ମୁଖ୍ୟତଃ ପରିଶ୍ରମି ଓ କୃଷି ଉପରେ ନିର୍ଭର କରିଥା'ନ୍ତି। ମାଘ ମାସରେ ଫସଲ ଅମଳ କରି ସାଇତି ରଖିବା ପରେ ପ୍ରତ୍ୟେକ ଗ୍ରାମରେ ନିଜସ୍ୱ ସୁବିଧା ଅନୁସାରେ ମାଗେ ପରବ ପାଳନ ହୋଇଆସୁଥିଲା। ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ହୋ ଜାତିକୁ ଏକତ୍ରିତ କରି 'ମାଗେ ପୁନେଇଁ' (ମାଘ ମାସ ପୂର୍ଣ୍ଣିମା)ରେ ପର୍ବ ପାଳନ ନିମନ୍ତେ ସଚେତନତା ରଥକୁ ୨୬ ତାରିଖରେ ଯଶିପୁରଠାରେ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉଦଘାଟନ କରିଥିଲେ। ଏହି ରଥ ସଚେତନତାର ବାର୍ତ୍ତା ବହନ କରି ଜିଲ୍ଲା ସାରା ପରିକ୍ରମା କରି ୨୮ ତାରିଖରେ କୁସୁମିରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରମରେ ୨୬ ତାରିଖ ସନ୍ଧ୍ୟାରେ ଠାକୁରମୁଣ୍ଡା ବ୍ଲକର ଜୁଆଳିକଟା ଛକରେ ହୋ ସମାଜ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇ ମହୁଲଡିହା ଥାନା ଅନ୍ତର୍ଗତ ବାପାଲ ସାହିରେ ପାରମ୍ପରିକ ଡିଂ ଡୁପୁଲ ନୃତ୍ୟରେ ସ୍ୱାଗତ କରାଯାଇଛି। ଗ୍ରାମର ମୁଖିଆ ଭଞ୍ଜ କିଶୋର ପୁର୍ତ୍ତି, ଶିବରାମ ଦେଓଗାମ, ରାମ ସିଂ ହାଇବୁରୁ, ରମେଶ ସାମାଡ, ସଞ୍ଜୀବ ଦେଓଗାମ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନାରେ ସହଯୋଗ କରି ଏଠାରେ ରାତି ରହଣିର ବ୍ୟବସ୍ଥା କରାଯାଇଥିଲା। ଏଠାରୁ ୨୭ ତାରିଖ ସକାଳେ ଜରକ ଓ ଚମ୍ପାଝରେ ଦେଇ କପ୍ତିପଦା ବ୍ଲକରେ ପ୍ରବେଶ କରିଥିବା ଜଣାପଡ଼ିଛି।



## ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ

**ବହଳଦା, ୨୭।୧୨ (ସମିସ):** ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକସ୍ଥ ପୂର୍ତ୍ତ ଡାକବଙ୍ଗଳା ନିକଟ ବିଜୁ ପଟ୍ଟନାୟକ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇ ବିଜୁ ଜନତା ଦଳ (ବିଜେଡି)ର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଜୁ ଜନତା ଦଳର ବହଳଦା ବ୍ଲକ ସଭାପତି ହରେକୃଷ୍ଣ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ରାଇସେନ ମୁର୍ମୁ, ପୂର୍ବତନ ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମ, ପୂର୍ବତନ ରାଇରଙ୍ଗପୁର ବିଧାୟକ ସାଇବା ସୁଶୀଲ କୁମାର ହାଁସଦା, ରାଇରଙ୍ଗପୁର ପୌରାଧକ୍ଷ ଅଭିଶେକ ପଟ୍ଟନାୟକ, ବହଳଦା ବ୍ଲକ ୨୫ନଂ ଜୋନ୍ ଜିଲ୍ଲା ପରିଷଦ ଭଗବତୀ ମିଶ୍ର, ୨୬ନଂ ଜୋନ ଜିଲ୍ଲା ପରିଷଦ ସୂର୍ଯ୍ୟମଣୀ ହାଁସଦା, ରାହୁଲ ଯାଦବ, ରାଜେନ୍ଦ୍ର ମଲ୍ଲିକ, ବାବୁଲା ପାତ୍ର, ରଜନୀ ବେହେରା, ହରମୋହନ ବେହେରା ଓ ଲାଲମୋହନ ବାରିକ, ବହଳଦା ସରପଞ୍ଚ ଲକ୍ଷ୍ମଣ ହାଁସଦା, ଗିଦିଘାଟୀ ସରପଞ୍ଚ ସାଲାଇ ବେଶ୍ରା ଓ ଯଶିପୁର ସରପଞ୍ଚ କାଶୁ ମାଝୀ ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଦଳୀୟ କର୍ମକର୍ତ୍ତା ଓ ନେତାଙ୍କ ଦ୍ୱାରା ବିଜୁବାବୁ ଅମର ରହେ, ନବୀନ ପଟ୍ଟନାୟକ ଜିନ୍ଦାବାଦ, ଜୟ ବିଜେଡି ଇତ୍ୟାଦି ସ୍ଲୋଗାନ ଦିଆଯିବା ସହିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ କମ୍ବଳ ଓ ଫଳ ବଣ୍ଟନ କରିବାକୁ ଯାଇଥିବାବେଳେ ଡାକ୍ତରଖାନାରେ ଜଣେ ହଲେ ରୋଗୀ ନ ଥିବାରୁ ଫେରି ଆସିଥିଲେ।

**ମୋରଡ଼ା:** ମୋରଡ଼ା ବ୍ଲକ ସଦର ମହକୁମାସ୍ଥ ଚିଟ୍ରଡ଼ା ମାଉସୀମା ମନ୍ଦିର ନିକଟରେ ଥିବା କଲ୍ୟାଣୀ ମଣ୍ଡପରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ରାଜକିଶୋର ଦାସ, ବିଧାୟିକା ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋ, ବ୍ଲକ ଅଧ୍ୟକ୍ଷ ପିଥନାଥ ସରେନ, ଜିଲ୍ଲା ପରିଷଦ ସଭ୍ୟ ମିନାକ୍ଷୀ ସରେନ ଓ ଅଭିରାମ ଭୋଇ, ବରିଷ୍ଠ ବିଜେଡି ନେତା କ୍ଷିତୀଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ଆଗକୁ ଥିବା ପଞ୍ଚାୟତ ନିର୍ବାଚନରେ ପୁଣି ବିଜୁ ଜନତା ଦଳକୁ ଫେରାଇ ଆଣିବାକୁ ଦୃଢ଼ ଶପଥ ନେଇଥିଲେ। ପ୍ରୀତିନନ୍ଦା କହିଥିଲେ, ଆଜିର ଦିବସ ହେଉଛି ସଂକଳ୍ପର ଦିବସ, ବିଜେଡିର ଜନକଲ୍ୟାଣ ଯୋଜନାକୁ ମନେ ପକାଇବା ସହିତ ବର୍ତ୍ତମାନ ସରକାରଙ୍କ ଜନବିରୋଧି କାର୍ଯ୍ୟକ୍ରମକୁ ଲୋକଲୋଚନକୁ ଆଣିବା ପାଇଁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଲୋକଙ୍କ ସ୍ୱାଭିମାନ ଓ ଲୋକଙ୍କର ହକ୍ ପାଇଁ ଲଢେଇ କରିବାକୁ ସାହସ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୋରଡ଼ା ବ୍ଲକର ସମସ୍ତ ବିଜେଡି କର୍ମକର୍ତ୍ତା ଯୋଗ ଦେଇଥିଲେ।

ଏକାଦଶାହ ଉପଲକ୍ଷେ



ସ୍ୱ ସନ୍ତୋଷ କୁମାର ମହାନ୍ତି
୧୦୮/ଏ, ଲୋଟସ୍ ହାଉସ୍, ଷ୍ଟେସନ ସ୍କୋୟାର, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ - ୨୬.୦୬.୧୯୫୫
ତିରୋଧାନ - ୧୮.୧୨.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ନିବେଦନ କରୁଅଛୁ।
-: ଶୋକାସନ୍ତପ୍ତ :-
ଝିଅ-ଜ୍ୱାଇଁ : ପ୍ରଜ୍ଞାସ୍ମିତା-ଡା. ଦିପ୍ତିକାନ୍ତ, ଶୁଚିସ୍ମିତା-ଜ୍ୟୋତି ରଞ୍ଜନ
ନାତି ଓ ନାତୁଣୀ- ଲକ୍ଷଜିତ୍, ଜାନ୍‌ଭି, ଲଳିତେଶ
ଏବଂ ବନ୍ଧୁ ଓ ପରିବାର ବର୍ଗ

### ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍ ସ୍ପଟ୍ ଚ୍ୟାଲେଞ୍ଜ ଅଭିଯାନ

## ମୟୂରଭଞ୍ଜର ୧୮ ଟି ପିକ୍‌ନିକ୍ ସ୍ପଟ୍ ସାମିଲ

**ବାରିପଦା, ୨୭।୧୨(ସମିସ)**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହଯୋଗରେ 'ପ୍ଲାଷ୍ଟିକ ମୁକ୍ତ ପିକନିକ ସ୍ପଟ୍ ଚ୍ୟାଲେଞ୍ଜ-୨୦୨୫' ଅଭିଯାନରେ ମୟୂରଭଞ୍ଜ ଜିଲ୍ଲାର ୧୮ଟି ପିକନିକ୍ ସ୍ପଟ ସାମିଲ ହୋଇଛି। ପ୍ରାକୃତିକ ପରିବେଶକୁ ସୌନ୍ଦର୍ଯ୍ୟ ଓ ସ୍ୱଚ୍ଛ ଭାବେ ସଂରକ୍ଷଣ କରି ଆଗାମୀ ପିଢି ପାଇଁ ଏକ ସୁସ୍ଥ ପରିବେଶ ନିର୍ମାଣ କରିବାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଥିବାବେଳେ ରାଜ୍ୟର ପ୍ରସିଦ୍ଧ ପିକନିକ ସ୍ଥଳୀରେ ଏକକ ପ୍ଲାଷ୍ଟିକ ବ୍ୟବହାର ଓ ଅଳିଆ ଆବର୍ଜନା ସାମଗ୍ରୀ ମୁକ୍ତ କରାଯିବ। ରାଜ୍ୟର ୫ଶହ ପିକନିକ ସ୍ପଟ ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀରେ ଏହାକୁ କାର୍ଯ୍ୟକାରୀ କରି ପରିବେଶକୁ ସୁରକ୍ଷା ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଭିଯାନ ଜନସଚେତନତା ସୃଷ୍ଟି ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକଳାପ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ବୋଲି ଉଲ୍ଲେଖ ରହିଛି।

ମୟୂରଭଞ୍ଜର ସାମିଲ ୧୮ଟି ପ୍ରସିଦ୍ଧ ସ୍ଥାନ ମଧ୍ୟରେ ସୁଲେଇପାଟର ଖଡ଼ଖାଇ ଡ୍ୟାମ, ନେସା ଡ୍ୟାମ, ବାଙ୍କବଳ ଡ୍ୟାମ, ବିଞ୍ଝାରଣା ଜଳପ୍ରପାତ, ଅସୁରଘାଟୀ ଜଳପ୍ରପାତ, କାଣ୍ଡିଆ ଜଳପ୍ରପାତ, ଭୀମକୁଣ୍ଡ ଇକୋ ଟୁରିଜିମ, ଭୈରବକୁଣ୍ଡ ଇକୋ ଟୁରିଜିମ, ଭୈରବକୁଣ୍ଡ, ବରେହିପାଣି ଜଳପ୍ରପାତ, ସୀତାକୁଣ୍ଡ, ଯୋରନ୍ଦା ଜଳପ୍ରପାତ, ଲୁଲୁଙ୍ଗ ପିକନିକ୍ ସ୍ପଟ, ଦେବକୁଣ୍ଡ ଜଳପ୍ରପାତ, ରାମତୀର୍ଥ ପାର୍କ, ଖିଚିଂ ହିଲ୍, କାଳ ଡ୍ୟାମ, ହରିପୁରଗଡ଼ ଓ କରଞ୍ଜିଆର ନଦୀ ପାର୍ଶ୍ୱ ରହିଛି। ଏହି ସ୍ଥାନରେ ଏକକ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଡ଼ା ନିଷେଧାଦେଶ ଲାଗୁ ହେବ ଓ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଜନସାଧାରଣଙ୍କୁ ଆଖପାଖ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଓ ଆନନ୍ଦଦାୟକ ପରିବେଶ ବଜାୟ ରଖିବା ପାଇଁ କଟକଣା, ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ସହଯୋଗ ଏହି ଅଭିଯାନର ଉଦ୍ଦେଶ୍ୟ ହାସଲ କରିବାରେ ସାହାଯ୍ୟ କରିବ। ଆନନ୍ଦ ବଣ୍ଟନ୍ତୁ, ଅଳିଆ ଆବର୍ଜନା କରନ୍ତୁ ନାହିଁ, ପ୍ରକୃତିପ୍ରେମୀ ହୁଅନ୍ତୁ ବୋଲି ବାର୍ତ୍ତା ଦିଆଯାଇଛି।




ପ୍ଲାଷ୍ଟିକ୍ ଅଳିଆ ମୁକ୍ତ ପାଇଁ ଯୋଜନା

## କିସ୍ ଶିକ୍ଷାନୁଷ୍ଠାନରେ ବିଜ୍ଞାନମେଳା

**ବାରିପଦା, ୨୭ ।୧୨(ସମିସ):** ମୟୂରଭଞ୍ଜର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ କିସ୍ ଆବାସିକ ବିଦ୍ୟାଳୟରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇଶହରୁ ଅଧିକ ପ୍ରକଳ୍ପ ସ୍ଥାନ ପାଇଥିଲା। ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଆତ୍ମବିଶ୍ୱାସ ବୃଦ୍ଧି କରିବାର ଉଦ୍ଦେଶ୍ୟ ନେଇ ଏହା ଆୟୋଜନ କରାଯାଇଥିଲା ବୋଲି ପ୍ରଧାନଶିକ୍ଷକ ଗଣେଶ ମିଶ୍ର କହିଛନ୍ତି। ଏଥିପାଇଁ ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଆଦିବାସୀ ଛାତ୍ରୀ ଉତ୍ସାହର ସହିତ ଉକ୍ତ ବିଜ୍ଞାନ ମେଳାରେ ଭାଗ ନେଇଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



# ଟ୍ରକ୍ ଓ ହାଇୱା ଧକ୍କା; ଦୁଇ ଚାଳକ ମୃତ



**କୋଇଡ଼ା, ୨୭।୧୨(ସମିସ):** ଜାତୀୟ ରାଜପଥ ୫୨୦ ର ବ୍ଲାକ୍‌ସ୍ପଟ୍ ପାଲଟିଥିବା କେବଲାଙ୍ଗ ଥାନା ଅଧୀନ ଚୁନାଘାଟି ପୁଣି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଟ୍ରକ୍ ଚାଳକ ପ୍ରାଣ ହରାଇଛନ୍ତି। ଶୁକ୍ରବାର ରାତିରେ କୁନ୍ଦୁରୁପାଣି ଛକ ନିକଟରେ ଲୁହାପଥର ବୋଝେଇ ହାଇୱା ଓ କୋଇଲା ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେଜୋର୍ ଥିଲା ଯେ ଟ୍ରକରେ ନିଆଁ ଲାଗି ଯାଇଥିଲା, କେବଲାଙ୍ଗ ପୁଲିସ୍ ଖବର ପାଇ କୋଇଡା ଅଗ୍ନିଶମ ବାହିନୀର ସହାୟତା ଲୋଡ଼ିଥିଲେ, ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ନିଆଁକୁ ଆୟତ୍ତ କରିବା ସହ ଦୁଇ ଚାଳକକୁ କଟର୍‌ରେ କାଟି ଉଦ୍ଧାର କରିଥିଲେ।

# ଇନ୍‌ଡୋର୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ୧୦୦୦ ଆସନ ବିଶିଷ୍ଟ ଥିଏଟର ଉଦ୍‌ଘାଟିତ

# ଗବେଷଣା ଓ ନବସୃଜନ କ୍ଷେତ୍ରରେ ଏନ୍‌ଆଇଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା, ୨୭।୧୨(ସମିସ)

ଗବେଷଣା ଓ ନବସୃଜନ କ୍ଷେତ୍ରରେ ଏନ୍‌ଆଇଟି ରାଉରକେଲାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଡିସେମ୍ବର ୨୭ରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନଆଇଟି) ରାଉରକେଲାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏକ ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ୧୦୦୦ ଆସନ ବିଶିଷ୍ଟ ଏକ ଖୋଲା ଥିଏଟରର ଉଦ୍‌ଘାଟନ କରିବା ସହ ତିନୋଟି ପ୍ରମୁଖ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ କହିଲେ ଏହି କ୍ରୀଡ଼ା କମ୍ପ୍ଲେକ୍ସ ଛାତ୍ରଛାତ୍ରୀମାନଙ୍କୁ କେବଳ କ୍ରୀଡାରେ ନୁହେଁ ବରଂ ସୃଜନଶୀଳ ଏବଂ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ନୂତନ ଉଚ୍ଚତାରେ ପହଞ୍ଚିବାରେ ସାହାଯ୍ୟ କରିବ। ଏନଆଇଟିର ଅନୁସନ୍ଧାନମୂଳକ ଗବେଷଣା ସ୍ଥାୟୀ ବିକାଶ ଏବଂ ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତି ସଂରକ୍ଷଣ ଭଳି ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜକୁ ମୁକାବିଲା କରୁଛି। ରାଉରକେଲା କେବଳ ଏକ ସହର ନୁହେଁ ବରଂ ଭାରତର ଶିଳ୍ପ ଏବଂ ଶିକ୍ଷାଗତ ଶକ୍ତିର ପ୍ରତୀକ ବୋଲି ସେ କହିଥିଲେ। ଏହି ଅବସରରେ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଏବଂ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଉରକେଲା ଏନ୍‌ଆଇଟିର ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର (ଏସଏସି) ଅଧୀନରେ ଥିବା ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଥିଲେ। ୩୫ କୋଟି ଟଙ୍କା ବ୍ୟୟରେ ବିକଶିତ ଏହି ଅତ୍ୟାଧୁନିକ କମ୍ପ୍ଲେକ୍ସ କ୍ରୀଡ଼ା, ଫିଟନେସ୍ ଏବଂ ସାମଗ୍ରୀକ ଛାତ୍ର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଜଣାପଡ଼ିଛି। ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବ୍ୟାଡମିଣ୍ଟନ, ଲନ୍ ଟେନିସ୍ ଏବଂ ଭଲିବଲ୍ କୋର୍ଟ ସହିତ ବହୁମୁଖୀ ହଲ୍, ଯୋଗ, ନୃତ୍ୟ, ସଙ୍ଗୀତ ଏବଂ ଡ୍ରାମା ହଲ୍, ଦୁଇଟି ଡବଲ-ହାଇଟ୍ ସ୍କ୍ୱାସ୍ କୋର୍ଟ, ବାସ୍କେଟବଲ୍ ଏବଂ ବ୍ୟାଡମିଣ୍ଟନ କୋର୍ଟ, ଫିଲ୍ମ ଏବଂ ଫଟୋଗ୍ରାଫି ରୁମ୍, ମନୋରଞ୍ଜନ ହଲ୍, ସ୍ନୁକର/ବିଲିଆର୍ଡ, ଟେବୁଲ୍ ଟେନିସ୍, କ୍ୟାରମ୍ ଏବଂ ଚେସ୍ ରୁମ୍, ଜିମ୍ନାଜିୟମ୍ ଏବଂ ଅନ୍ୟାନ୍ୟ ବହୁମୁଖୀ କୋଠରୀ ଏବଂ ଲକର ଉପଲବ୍ଧ ରହିଛି। ସେହିପରି ଉଦ୍‌ଘାଟିତ ହୋଇଥିବା ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ୧୦୦୦ ଆସନ ବିଶିଷ୍ଟ ଖୋଲାବାୟୁ ଥିଏଟର ହେଉଛି ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଏକ ପ୍ରମୁଖ ଅଂଶ, ଯାହା କ୍ୟାମ୍ପସରେ କ୍ରୀଡ଼ା, ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକଳାପ ଉପଯୋଗୀ ହେବ। ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି, ଏନ୍‌ଆଇଟି ହେଉଛି ଏକମାତ୍ର ଏନଆଇଟି ଯାହା ସ୍ଥାୟୀ ବିକାଶ ଲକ୍ଷ୍ୟ ପାଇଁ ଶ୍ରେଷ୍ଠ ଦଶରେ ସ୍ଥାନିତ ହୋଇଛି, ଜାତୀୟସ୍ତରରେ ନବମ ସ୍ଥାନ ହାସଲ କରିଛି। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ କହିଛନ୍ତି ଏନଆଇଟି ରାଉରକେଲା ହେଉଛି ନବସୃଜନ, ଇଞ୍ଜିନିୟରିଂ ଏବଂ ଉଦ୍ୟୋଗରେ ଉତ୍କର୍ଷତାର କେନ୍ଦ୍ର, ଯାହା ବୈଜ୍ଞାନିକ, ଟେକ୍ନୋକ୍ରାଟ୍ ଏବଂ ଭଲ ପ୍ରଶାସକ ସୃଷ୍ଟି କରି ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ଅବସରରେ ୯୧.୧୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସିଭିଲ୍ ଇଞ୍ଜିନିୟରିଂ ବିଭାଗର ଏକ କୋଠା ଲୋକାର୍ପିତ ହୋଇଥିଲା। ଏହାସହ ୩୩.୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ଅତିଥି ଭବନ, ୫୫.୩୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଏମସିଏଲ ହଲ୍ ଅଫ୍ ରେସିଡେନ୍ସକୁ କେନ୍ଦ୍ରମନ୍ତ୍ରୀ ଲୋକାର୍ପିତ କରିଥିଲେ।






# ‘ସୁନ୍ଦରଗଡ଼ ଦିବସ’ ଆୟୋଜନ ନେଇ ବୈଠକ

**ରାଉରକେଲା, ୨୭।୧୨(ସମିସ):** ଆସନ୍ତା ଜାନୁଆରୀ ୧ ତାରିଖ ଦିନ ହେଉଛି ସୁନ୍ଦରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ବା ‘ସୁନ୍ଦରଗଡ଼ ଦିବସ’। ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆଠାରେ ଜାନୁୟାରୀ ୧ ଓ ୨ ତାରିଖରେ ସୁନ୍ଦରଗଡ଼ ଦିବସ ଆୟୋଜିତ ହେବ। ଏହି ଅବସରରେ ଜାନୁୟାରୀ ୧ ତାରିଖ ରେ ସହର ମଧ୍ୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ନେଇ ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁସାରେ ଜାନୁୟାରୀ ଏକ ତାରିଖ ଦିନ ସକାଳ ୮ ଟା ସମୟରେ ସମଲେଇ ମନ୍ଦିର ଠାରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରା ଆରମ୍ଭ ହେବ। ଏହି ଶୋଭାଯାତ୍ରାଟି ସମଲେଇ ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର ଛକ, ରିଜେଣ୍ଟ ମାର୍କେଟ, ସୁନାରିପଡ଼ା, ରଙ୍ଗାଡିପା ଛକ, ମେଡିକାଲ ଛକ, ଡିଆରଡିଏ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ପଞ୍ଚମୁଖୀ ହନୁମାନ ମନ୍ଦିର ଛକ ଦେଇ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆଠାରେ ପହଞ୍ଚିବ। ଏହି ସମସ୍ତ ଛକରେ ସାଂସ୍କୃତିକ ଶୋଭାଯାତ୍ରାକୁ ବିଭିନ୍ନ ଅନୁଷ୍ଠାନ, ପୂଜା କାମଟି, ସଂଗଠନ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହି ଅବସରରେ ଜିଲ୍ଲା ପ୍ରଶାସନ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ତଥା ଶାନ୍ତିପୂର୍ଣ୍ଣ ଭାବେ ଆୟୋଜନ ନିମନ୍ତେ ସମସ୍ତ କମିଟି, ସଂଗଠନ ତଥା ସମସ୍ତ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସୁନ୍ଦରଗଡ଼ ପୌର ପରିଷଦର ଉପ-ଅଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ବିଜେପି ଜିଲ୍ଲା ସଭାପତି ଗିରିଶ ସାହୁ, ବିଭିନ୍ନ ପୂଜା କମିଟି, ବିଭିନ୍ନ ସମାଜ, ବିଭିନ୍ନ ସଂଘ, ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।



# କେଜେଏସ୍‌ଟି କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କୋଇଡ଼ା, ୨୭ ।୧୨(ସମିସ):** କୋଇଡ଼ା ବ୍ଲକ କେଜେଏସଟି ଗ୍ରାମ କମିଟି ଆନୁକୂଲ୍ୟରେ ଜଲଡିହି ପଡ଼ିଆଠାରେ ପ୍ରଥମ ବାର୍ଷିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଇଡ଼ା ବିଡିଓ ସମରେନ୍ଦ୍ର କୁମାର ସର ଓ ଅନ୍ୟ ଅତିଥି ଗହଣରେ ସାଂସଦ ପ୍ରତିନିଧି ଚେତନାଦିପ୍ତ ନାୟକ, ହଳଧର ଦେହୁରୀ, ଚକ୍ର ଦେହୁରୀ ପ୍ରମୁଖ ଯୋଗଦେଇ ପ୍ରଥମେ ଗ୍ରାମ କମିଟିର ଲୋଗୋ ଉନ୍ମୋଚିତ କରିଥିଲେ। କୋଇଡା ବ୍ଲକରୁ ୧୬ଟି ଗ୍ରାମ୍ୟ ଫୁଟବଲ୍ ଟିମ୍ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗ୍ରାମ କମିଟି ପକ୍ଷରୁ ସଭାପତି ମୁଖବନ ନାଏକ, ଉପସଭାପତି ଚାନ୍ଦିନି ଦେହୁରୀ, ସମ୍ପାଦକ ଭାସ୍କର ଦେହୁରୀ, ଯୁଗ୍ମ ସମ୍ପାଦକ ଲବ ନାଏକ, କୋଷାଧ୍ୟକ୍ଷ ଆକାଶ ନାଏକ, ଡମ୍ବରୁ ଦେହୁରୀ, ଏତୁଆ ମୁଣ୍ଡା, ଗାଲୁ ଦେହୁରୀ, ସୁକରାମ ମହାକୁଡ଼, ଜଟ ମହାକୁଡ଼, ବାଟାଇ ମୁଣ୍ଡା, ଅମୃତା ଦେହୁରୀ, ବେଣୁଧର ଦେହୁରୀ, ଝୁଣା ଦେହୁରୀ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସୁନ୍ଦରଗଡ଼ ଜିଲ୍ଲା ବିଜେଡିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

**ରାଉରକେଲା, ୨୭।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବିଜୁ ଜନତା ଦଳର ନୂତନ କର୍ମକର୍ତ୍ତାଙ୍କ ନାମ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରୁ ଘୋଷଣା କରାଯାଇଛି। ଏହି କ୍ରମରେ ୧୨ ଜଣ ବିଜେଡି ଉପସଭାପତି, ୧୧ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ୨୨ ଜଣ ସମ୍ପାଦକଙ୍କ ନାମ ଘୋଷଣା କରାଯାଇଛି। ନୂତନ ଭାବେ ମନୋନୀତ ହୋଇଥିବା ବିଜେଡି ଉପସଭାପତିମାନେ ହେଲେ ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ କୁତ୍ରା ବ୍ଲକ ଉପସଭାପତି ଅନିଲ ବରୱା, ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ସୁନ୍ଦରଗଡ଼ ପୌରପାଳିକା ଉପସଭାପତି ସୁମନ୍ତ କୁମାର ପଣ୍ଡା, ହେମଗିର ବ୍ଲକ ଉପସଭାପତି କିରଣ କୁମାର ରାଉତ, ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ ବଡ଼ଗାଁ ବ୍ଲକ ଉପସଭାପତି ତୁଳାରାମ ହୋତା, ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ କାଂଶବାହାଲ ବ୍ଲକ ଉପସଭାପତି ଜିତେନ୍ଦ୍ର ଦାସ, ବଡ଼ଗାଁ ବ୍ଲକ ଉପସଭାପତି ଅମିୟ କୁମାର ଦାସ, ରାଜଗାଙ୍ଗପୁର ବ୍ଲକ ଉପସଭାପତି ବିକ୍ରମ ଟପ୍ପୋ, ଟାଙ୍ଗରପାଲ୍ଲୀ ବ୍ଲକ ଉପସଭାପତି ବିରେନ୍ଦ୍ର ପଟେଲ, ବାଲିଶଙ୍କରା ବ୍ଲକ ଉପସଭାପତି ମହମ୍ମଦ ହାରୁନ ରସିଦ୍, ଟାଙ୍ଗରପାଲ୍ଲୀ ବ୍ଲକ ଉପସଭାପତି ଗେହ୍ଲାବତୀ ପଟେଲ, ଉପସଭାପତି ଜଟିଆ ମୁଣ୍ଡା ଏବଂ ସୁନ୍ଦରଗଡ଼ ପୌରପାଳିକା ଉପସଭାପତି ଉମେଶ ସାହୁ(ରାଜା)। ସେହିପରି ହେମଗିର ବ୍ଲକ ସାଧାରଣ ସମ୍ପାଦକ ଭାବେ ସୁନୀଲ ପାଟଯୋଶୀ ମନୋନୀତ ହୋଇଥିବାବେଳେ ସୁନ୍ଦରଗଡ଼ ସଦର ବ୍ଲକ ସାଧାରଣ ସମ୍ପାଦକ ଅନିରୁଦ୍ଧ ଥେମରିଆ, ବାଲିଶଙ୍କରା ବ୍ଲକ ସାଧାରଣ ସମ୍ପାଦକ ଶିଶିର କୁମାର ସାହୁ, ସୁନ୍ଦରଗଡ଼ ପୌରପାଳିକା ସାଧାରଣ ସମ୍ପାଦକ ଗୀତା ପଟେଲ, ରାଜଗାଙ୍ଗପୁର ବ୍ଲକ ସାଧାରଣ ସମ୍ପାଦକ ରାମଚନ୍ଦ୍ର କୁଜୁର, କୁତ୍ରା ବ୍ଲକ ସାଧାରଣ ସମ୍ପାଦକ ରୋଶନ ବରାଳ, ସୁନ୍ଦରଗଡ଼ ପୌରପାଳିକା ସାଧାରଣ ସମ୍ପାଦକ ମହମ୍ମଦ କଲିମ, ସୁନ୍ଦରଗଡ଼ ପୌରପାଳିକା ସାଧାରଣ ସମ୍ପାଦକ ଅଶିତ କୁମାର ରାୟ, ବାଲିଶଙ୍କରା ବ୍ଲକ ସାଧାରଣ ସମ୍ପାଦକ ଅନିଲ କୁମାର ବେହେରା, ବାଲିଶଙ୍କରା ବ୍ଲକ ସାଧାରଣ ସମ୍ପାଦକ କଞ୍ଚଲତା ଭିତିରିଆ, କୁତ୍ରା ବ୍ଲକ ସାଧାରଣ ସମ୍ପାଦକ ଭାବେ ପ୍ରଶନ୍ନ ବାଗ୍ ମନୋନୀତ ହୋଇଛନ୍ତି। ବଡଗାଁ ବ୍ଲକ କୋଷାଧ୍ୟକ୍ଷ ଭାବେ ଅରୁଣ କୁମାର ଦୀକ୍ଷିତ ମନୋନୀତ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ପୌରପାଳିକା ସମ୍ପାଦକ ଭାବେ ବେଣୁଧର ତାଣ୍ଡିଆ ମନୋନୀତ ହୋଇଥିବା ବେଳେ ବାଲିଶଙ୍କରା ବ୍ଲକ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ମାଝୀ, ରାଜଗାଙ୍ଗପୁର ବ୍ଲକ ସମ୍ପାଦକ ରାଜେନ୍ଦ୍ର ମହାନ୍ତି, ବୀରକିଶୋର ରାଉତ ଓ ରାଜେଶ ଟପ୍ପୋ, ରାଜଗାଙ୍ଗପୁର ପୌରପାଳିକା ସମ୍ପାଦକ ରାଜେନ୍ଦ୍ର ବେହେରା ଓ ଦୀପକ ବିଶ୍ୱାସ, ବାଲିଶଙ୍କରା ବ୍ଲକ ସମ୍ପାଦକ ହୃଦାନନ୍ଦ ବାରିକ ଓ ସମ୍ପାଦିକା ପ୍ରିୟଦର୍ଶିନୀ ରଣା, ଲେଫ୍ରିପଡ଼ା ବ୍ଲକ ସମ୍ପାଦକ ସୁନିଲ କାଲୋ ଓ ମହେନ୍ଦ୍ର ଚୌଧୁରୀ, ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ଲାଠିକଟା ବ୍ଲକ ସମ୍ପାଦକ ରବି ତିର୍କୀ, ଦାଶରଥୀ ମାଝୀ, ଅର୍ଜୁନ ଗୁପ୍ତା ଓ ଅମିୟ କିଶୋର ମୁଦୁଲି, ବଡ଼ଗାଁ ବ୍ଲକ ସମ୍ପାଦକ ଦେବାଶିଷ ମିଶ୍ର ଓ ଗଣେଷ ସାହୁ, ଟାଙ୍ଗରପାଲ୍ଲୀ ବ୍ଲକ ସମ୍ପାଦକ ସୀତାକାନ୍ତ ପଟେଲ, ସୁନ୍ଦରଗଡ଼ ସଦର ବ୍ଲକ ସମ୍ପାଦକ ଜଗଦିଶ ସାହୁ, ଅମୃତ ଶେଖର ଦେଓ ଓ ବସନ୍ତ ଶେଖର ଦେଓ, ସବଡେଗା ବ୍ଲକ ସମ୍ପାଦକ ରାଜକୁମାର ବରାଳ ମନୋନୀତ ହୋଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ରାଉରକେଲା, ୨୭।୧୨(ସମିସ):** ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅଗ୍ରେସନ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ର. ଶଙ୍କର ପ୍ରସାଦ ତ୍ରିପାଠୀ, ଗୋଦାବରିଶ ଶତପଥୀ, ସମ୍ମାନିତ ଅତିଥି ଭାବେ ୟୁନିଟେକ୍‌ର ଅଧ୍ୟକ୍ଷ ନରେଶ ଆର୍ଯ୍ୟ, ଅନାମିକ ମିତଲ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ଭବାନୀ ଶଙ୍କର ଚାନ୍ଦେଲ, ଉପସଭାପତି ଚନ୍ଦନ ଲାଲ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ସତ୍ୟସ୍ୱରୂପ ମହାନ୍ତି, ବସନ୍ତ କୁମାର ତନ୍ତୀ ଓ ଦିଲୀପ କୁମାର ଅଗ୍ରୱାଲ, ଅମରନାଥ ସାହୁ, ଗୌରବ ଗର୍ଗ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ଶିଶୁ ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୫୦ ଜଣ ଛାତ୍ରଛାତ୍ରୀ ନୃତ୍ୟଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ପ୍ରମୁଖା ଡଲି ସାହୁ ଓ ସହ ସାଂସ୍କୃତିକ ପ୍ରମୁଖ ସୁଲୋଚନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମାନ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ସମସ୍ତ ଗୁରୁମା ସ୍ନେହପ୍ରଭା ପଟ୍ଟନାୟକ, ମିଲି ବିଶ୍ୱାଳ, ରେଣୁଲତା ମହାନ୍ତି, ରଶ୍ମୀରେଖା ମହାପାତ୍ର, ସଂଯୁକ୍ତା କବି, ଶକୁନ୍ତଳା ନାୟକ, ସସ୍ମିତା ସାହୁ, ମଧୁସିକ୍ତା ମହାକୁଳ, ବିରଜା ମୋହିନୀ କୁଅଁର, ରଶ୍ମୀ ରେଖା ଦାସ, ଦୁର୍ଗାବତୀ ଧଳ, ଭାବନା ଚନ୍ଦେଲ, ମନମୋହନ ସାହୁ, ଦୀପକ ପଣ୍ଡା, ସେବାକା ସଂଯୁ ମାଝୀ ଓ ବେବୀ ଟିଗା ସହଯୋଗ କରିଥିଲେ। ରବୀନ୍ଦ୍ର କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ଖୋଲିଲା ପାଠାଗାର

# ଗେଟ୍ ଆଗରେ ଗାଡ଼ି; ସନ୍ଧ୍ୟାରେ ଅସାମାଜିକଙ୍କ ଆଡ୍ଡା



**ବଣାଇଁ, ୨୬ ।୧୨(ସମିସ):** ଦୀର୍ଘଦିନ ଧରି ବନ୍ଦ୍ ପଡ଼ିବା ପରେ ଉପ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଯୋଗୁଁ ପୁରୁଣା ଟାଉନ୍ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ବଣାଇଁ ପାଠାଗାର ପୁଣିଥରେ ଖୋଲିଛି। ଏହାର ସୁପରିଚାଳନା ନିମନ୍ତେ ବଣାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଦାୟିତ୍ୱ ଦିଆଯାଇଥିବା ସୂଚନା ରହିଛି। ରାସ୍ତା କଡ଼ରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ପାଠାଗାର ରହିଥିଲେ ମଧ୍ୟ ଦିନବେଳେ ପାଠାଗାର ସମ୍ମୁଖରେ ବିଭିନ୍ନ ପ୍ରକାରର ଯାନ ଠିଆହୋଇ ରହୁଛି। ସନ୍ଧ୍ୟା ହେବାମାତ୍ରେ ପାଠାଗାର ସାମ୍ନାରେ ଅସାମାଜିକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଯୁଆଡେ ଦେଖିବ ଖାଲି ମଦ ବୋତଲ ଆଉ ପ୍ଲାଷ୍ଟିକ ଗ୍ଲାସ ଗଡ଼ୁଛି। ଏଭଳି ପରିବେଶରେ ବରିଷ୍ଠ ଯୁବକ ପାଠାଗାରକୁ ଯାଇ ବହି ପଢ଼ିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ନିକଟରେ ଇଏସ ଆଇର ଡିସ୍ପେନସାରୀ ରହିଥିଲେ ମଧ୍ୟ ଫାଟକ ସମ୍ମୁଖରେ ସେଇ ସମାନ ଅବସ୍ଥା ଦେଖିବାକୁ ମିଳିଛି। ତେଣୁ ଚିକିତ୍ସା ନିମନ୍ତେ ସେଠାକୁ ଆସୁଥିବା ରୋଗୀମାନେ ମଧ୍ୟ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମ୍ନା ରାସ୍ତା ଉପରେ ଅଳିଆ ଆବର୍ଜନା ଫୋପାଡି ଗଦା କରୁଥିବା ବେଳେ ଯିବା ସମୟରେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ତେଣୁ ସ୍ଥାନୀୟ ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ଏସବୁ ସମସ୍ୟାକୁ ଦୂରକଲେ ବରିଷ୍ଠ ନାଗରିକ, ଛାତ୍ର ଛାତ୍ରୀ ସମସ୍ତେ ପାଠାଗାର ଯାଇ ବହି ପଢ଼ିବାକୁ ଆଗ୍ରହ ପ୍ରକାଶ କରନ୍ତେ ବୋଲି ମତପୋଷଣ କରିଛନ୍ତି।

# ଆର୍‌ଏସ୍‌ପି କର୍ମଚାରୀ ଜୀବନସାଥୀଙ୍କ କାରଖାନା ପରିଦର୍ଶନ

ରାଉରକେଲା, ୨୭ ।୧୨(ସମିସ): ମାନବସମ୍ବଳ ପ୍ରୟାସର ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା କର୍ମଚାରୀମାନଙ୍କ ଜୀବନସାଥୀଙ୍କ ପାଇଁ ‘ପ୍ରଗତିର ସାଥୀ’ କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପ୍ରୟାସ ଅଧୀନରେ ନୂତନ ପ୍ଲେଟ୍ ମିଲ, ହଟଷ୍ଟ୍ରିପ ମିଲ-୨, ଏସପିପି ଓ ସିଇଏମ ବିଭାଗର ୨୦ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ଡିସେମ୍ବର ୨୦ ତାରିଖ, ବ୍ଲାଷ୍ଟ ଫର୍ଣ୍ଣେସ-୫, ନୂତନ ପ୍ଲେଟ ମିଲ୍, ହଟସ୍ଟ୍ରିପ ମିଲ ୨ ବିଭାଗ ପରିଦର୍ଶନରେ ନିଆଯାଇଥିଲା। ଏହାର ସ୍ୱାଗତ, ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ନୂତନ ପ୍ଲେଟ ମିଲ, ଏସ୍‌ପିପି ଓ ଡିଜିଟାଲାଇଜେସନ ବିଭାଗର ସିଜିଏମ ଆର.କେ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନୂତନ ପ୍ଲେଟମିଲ ବିଭାଗର ଜିଏମ ନୀଳମଣି ମହାପାତ୍ର ଓ ଏସ ସୁବ୍ରମଣ୍ୟମ, ଏଚଆର ବିଭାଗର ସିନିୟର ମ୍ୟାନେଜର ପିକେ ଜେନା, ଏନପିଏମ ବିଭାଗର ଏଏସଓ ପ୍ରଜ୍ଞା ନାଥ ଓ ବିଭାଗର ଅନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା। ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ।

ଏକାଦଶାହ ଉପଲକ୍ଷେ



√ସନ୍ତୋଷ କୁମାର ମହାନ୍ତି
୧୦୮/ଏ, ଲୋଟସ୍ ହାଉସ୍, ଷ୍ଟେସନ ସ୍କୋୟାର, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ - ୨୬.୦୬.୧୯୫୫
ତିରୋଧାନ - ୧୮.୧୨.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ନିବେଦନ କରୁଅଛୁ ।
-: ଶୋକାସନ୍ତପ୍ତ :-
ଝିଅ-ଜ୍ୱାଇଁ : ପ୍ରଜ୍ଞାସ୍ମିତା-ଡା. ଦିପ୍ତିକାନ୍ତ, ସୁଚିସ୍ମିତା-ଜ୍ୟୋତି ରଞ୍ଜନ
ନାତି ଓ ନାତୁଣୀ- ଲକ୍ଷଜିତ, ଜାନ୍‌ଭି, ଲଳିତେଶ
ଏବଂ ବନ୍ଧୁ ଓ ପରିବାର ବର୍ଗ

## ରାଉରକେଲାରେ ବିଜେଡିର ପ୍ରତିଷ୍ଠା ଦିବସ

# ଡବଲ ଇଞ୍ଜିନ ସରକାର କେବଳ ଭାଷଣ ଦେଉଛନ୍ତି

ରାଉରକେଲା, ୨୭।୧୨(ସମିସ)



ରାଉରକେଲା ନିର୍ବାଚନମଣ୍ଡଳୀ ବିଜେଡିର ଯୁବ, ମହିଳା, ଛାତ୍ର ଓ ବରିଷ୍ଠ ନେତାମାନଙ୍କ ସହଯୋଗରେ ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହିକ୍ରମରେ ଛେଣ୍ଡ କଲୋନୀ ସ୍ଥିତ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା। ବିଧାୟକ କହିଥିଲେ ଯେ, ଓଡ଼ିଶା ୨୦୦୦ ମସିହାରେ ଏକ ଅଭାବି ରାଜ୍ୟ ଥିବା ବେଳେ ପ୍ରିୟନେତା ନବୀନ ବାବୁ ଦାୟିତ୍ୱ ନେଇ ୨୦୨୪ ମସିହାରେ ଓଡ଼ିଶାକୁ ବଳକା ରାଜ୍ୟ କରି ବିଜେପି ସରକାରଙ୍କୁ ଦେଇଥିଲେ। ଡବଲ ଇଞ୍ଜିନ ସରକାର ୧୮ ମାସ ଶାସନରେ ସ୍ୱାଭିମାନୀ ଓଡିଆଙ୍କୁ କେବଳ ଭାଷଣ ଶୁଣିବାକୁ ମିଳୁଛି। କୃଷକଙ୍କ ଧାନକିଣା ଅବ୍ୟବସ୍ଥା ଠାରୁ ନାରୀ ନିର୍ଯାତନା, ଶିକ୍ଷିତ, ବେକାରି, ଉନ୍ନୟନ ନୂତନ କାର୍ଯ୍ୟ କିଛି ନାହିଁ କହିଲେ ଚଳେ। ରାଉରକେଲର ସର୍ବାଙ୍ଗୀନ ଉନ୍ନତି ସହିତ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ୍ ନିର୍ମାଣ କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଯୋଗୁଁ ହିଁ ସମ୍ଭବ ହୋଇପାରିଥିଲା। ଦୀର୍ଘ ୨୪ ବର୍ଷ ସୁଶାସନ ଯୋଗୁଁ ଓଡ଼ିଶା ସମଗ୍ର ଦେଶରେ ନୂତନ ପରିଚୟ ପାଇଛି ବୋଲି ଶ୍ରୀ ନାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ବିଜେଡ଼ି ମୁଖପାତ୍ର ମିହିର ରାୟ ନବୀନ ବାବୁଙ୍କ ସୁଶାସନର ବିସ୍ତୃତ ବିବରଣୀ ଦେବା ସହିତ ପୂର୍ବରୁ ଦେଶରେ ସବୁଠାରୁ ବେଶି ଋଣ କରିଥିବା ଓଡ଼ିଶା ସରକାର ନୂତନ ବିଜେପି ରାଜ୍ୟ ସରକାରଙ୍କୁ ବଳକା ବଜେଟ ୪୩ ହଜାର କୋଟି ଦେଇଥିଲେ ବୋଲି ଶ୍ରୀ ନାୟକ କହିଥିଲେ। ବରିଷ୍ଠ ନେତା ବିରେନ ସେନାପତି, ସୁରେନ୍ଦ୍ର ରାଉତ, ଆଇନଜୀବୀ ସୁଦାମ ଦାଶ, ସନ୍ତୋଷ ନାୟକ, ଗଗନ ପଣ୍ଡା, ଜୟନ୍ତ ମିଶ୍ର, ପ୍ରଶାନ୍ତ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାରେ ବିଜୁ ପରିବାର ସଦସ୍ୟଙ୍କ ଦ୍ୱାରା ରକ୍ତଦାନ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରୋଗୀମାନଙ୍କୁ ନାରିନେତ୍ରୀ ଜ୍ୟୋସ୍ନା ନାୟକ, ଛବି ମହାନ୍ତିଙ୍କ ନେତୃତ୍ୱରେ ଫଳ ବଣ୍ଟନ କରାଯାଇ ଥିଲା। ରଶ୍ମୀବାଳା ମିଶ୍ର, ଅଭୟ ଦାସ, ଅନୁପମ ରାୟ, ଶ୍ରୀଚରଣ ମହାନ୍ତି, ଗୋବିନ୍ଦ ରାମ ଅଗ୍ରୱାଲ, ତ୍ରୈଲୋଚନ ସାମଲ, ଅକ୍ଷୟ ନାୟକ, ହାଡିବନ୍ଧୁ ପରିଡ଼ା, ପ୍ରକାଶ ରାୟ, ନାରଣ ପ୍ରଧାନ, ଅଞ୍ଜନ ବାରିକ, ବାବୁ ଖାନ, ରଞ୍ଜନ ନାୟକ, ସୁଶାନ୍ତ ଦାସ, ତରେଣୀ ସେଠୀ, ପିଙ୍କୁ ଜୟସ୍ୱାଲ, ସୁଧାଂଶୁ ସାମଲ, ପିତାବାସ କାଣ୍ଡି, ଅନନ୍ତ ପାତ୍ର, ସ୍ମିତା ମହାନ୍ତି, ସୁନନ୍ଦା ସେନାପତି, ଶ୍ରୀବତ୍ସ କୁଅଁର, ସଞ୍ଜିତ ଛୋଟରାୟ, ରଞ୍ଜନ ସାମଲ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



# ନୂତନ ସରକାରୀ ଓକିଲଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ



କୋରାପୁଟ,୨୭।୧୨(ସମିସ): ଭାରତୀୟ ଜନତା ପାର୍ଟି ସରକାର ଗଠନ ହେବାର ଦୀର୍ଘ ଦିନ ପରେ କୋରାପୁଟ ଜିଲ୍ଲାର ବିଭିନ୍ନ ଅଦାଲତରେ ସରକାରୀ ଓକିଲ ନିଯୁକ୍ତି ହୋଇଛନ୍ତି। ଶନିବାର ପୂର୍ବାହ୍ନରେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ବାସଭବନରେ ନବ ନିଯୁକ୍ତ ସରକାରୀ ଓକିଲମାନେ ପହଞ୍ଚି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ନବ ନିଯୁକ୍ତ ସରକାରୀ ଓକିଲମାନଙ୍କୁ ବିଧାୟକ ଶ୍ରୀ ମାଛ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନବ ନିଯୁକ୍ତ ସରକାରୀ ଓକିଲମାନେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ବିଧାୟକ ଶ୍ରୀ ମାଛଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ନିଯୁକ୍ତି ପାଇଥିବା ସରକାରୀ ଓକିଲ ମାନେ ତଳସ୍ତରର ଲୋକମାନଙ୍କୁ ସହଯୋଗ କରିବାକୁ ବିଧାୟକ ଶ୍ରୀ ମାଛ ପରାମର୍ଶ ଦେଇଛନ୍ତି। ସରକାରୀ ପ୍ରୋସିକ୍ୟୁଟର ଭାବେ ଭୁବନ ମୋହନ ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ସୁଦର୍ଶନ ଗୌଡ଼ଙ୍କୁ କୋରାପୁଟ ଏଡିଜେ କୋର୍ଟ ଏଜିପି ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ସୁଦର୍ଶନ ମାଝୀ ଏଜିପି କୋରାପୁଟ ସିଭିଲ ଜଜ( ସିନିୟର ଡିଭିଜନ), ଚିତ୍ତରଞ୍ଜନ ଶତପଥି ଏବଂ ପ୍ରଶାନ୍ତ କୁମାର ପାତ୍ର ଏଜିପି କୋରାପୁଟ ସିଭିଲ ଜଜ (ଜୁନିୟର ଡିଭିଜନ), କେପି ସାହୁ ଏପିପି ଏଡିଜେ ପୋକ୍ସୋ, ସସ୍ମିତାରାଣୀ ସାହୁ ଏଡିଜେ ଆସୋସିଏଟ ଓକିଲ, ଶରତ କୁମାର ଆଚାର୍ଯ୍ୟ ସ୍ୱତନ୍ତ୍ର ପିପି ଏନଡିପିଏସ, ନୃପେନ୍ଦ୍ର ନାରାୟଣ ବାଘ ସ୍ୱତନ୍ତ୍ର ପିପି ଏସର୍ଟି ଏବଂ ଏସ୍‌ସି ଆକ୍ଟ, ଅଶ୍ୱିନୀ ପଟ୍ଟନାୟକ, କେଦାର ସେନାପତି ଏବଂ ପ୍ରଭାତ କୁମାର ମହାପାତ୍ର ଏପିପି କୋରାପୁଟ ଏସଡିଜେଏମ କୋର୍ଟ, ରମେଶ କହଁର, ସଂଜୟ ଝା ଏବଂ ପ୍ରମୋଦ ମହାପାତ୍ର ପ୍ରମୁଖ କୋରାପୁଟ ଜେଏମଏଫସି ଏପିପି ଭାବେ ନିଯୁକ୍ତ ପାଇଛନ୍ତି। ସେହିଭଳି ଲମତାପୁଟ ଜେଏମଏଫସି ଏପିପି ଭାବେ କାମାକ୍ଷା ପ୍ରସାଦ ମାଝୀ, ସେମିଲିଗୁଡା ଜେଏମଏଫସି ଏପିପି ଭାବେ ପିତାମ୍ବର ସାହୁ, ସେମିଲିଗୁଡା ଗ୍ରାମ୍ୟ ନ୍ୟାୟାଳୟ ଏପିପି ଭାବେ ଟଙ୍କଧର ନାଗ, ଦଶମନ୍ତପୁର ଜେଏମଏଫସି ଏପିପି ଭାବେ ଡମ୍ବରୁ ପଟ୍ଟନାୟକ, ଲକ୍ଷ୍ମୀପୁର ଜେଏମଏଫସି ଏପିପି ଭାବେ କପିଳେଶ୍ୱର ବିଶୋଇ ଓ ଦିଲ୍ଲିପ ବିଡ଼ିକାଙ୍କୁ ନିଯୁକ୍ତ କରାଯାଇଥିବା ଜଣାପଡିଛି।

# ରାଣୀ ଡୁଡୁମା ରାସ୍ତା ମରାମତିକୁ ନେଇ ବିବାଦ

## ପାର୍କିଂ ଅର୍ଥ ଖର୍ଚ୍ଚ ଉପରେ ପ୍ରଶ୍ନ କଲେ ଜଗନ୍ନାଥ ପାଙ୍ଗି



ନନ୍ଦପୁର,୨୭।୧୨(ସମିସ): ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦର ନୂତନ କମିଟି ପକ୍ଷରୁ ପାର୍କିଂ ଶୁଳ୍କ ଆଦାୟ ଅର୍ଥରେ ରାଣୀ ଡୁଡୁମା ରାସ୍ତା ମରାମତି କରାଯାଇଥିବା ଘଟଣାକୁ ନେଇ ଏବେ ପରିଷଦ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ପରିଷଦର ପ୍ରତିଷ୍ଠାତା ଜଗନ୍ନାଥ ପାଙ୍ଗି ଏହି ଖର୍ଚ୍ଚକୁ ନେଇ ସାର୍ବଜନିକ ଭାବେ ପ୍ରଶ୍ନ ଉଠାଇଛନ୍ତି। ଶ୍ରୀ ପାଙ୍ଗିଙ୍କ କହିବା ଅନୁଯାୟୀ, ପର୍ଯ୍ୟଟନ ସ୍ଥଳୀ ରାଣୀ ଡୁଡୁମାକୁ ଯାଉଥିବା ରାସ୍ତା ଦୀର୍ଘଦିନ ଧରି ଖାଲ ଖମା ଅବସ୍ଥାରେ ରହିଥିଲା। ଏନେଇ ପ୍ରଶାସନଙ୍କୁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ କୌଣସି ସଫଳତା ମିଳିନଥିଲା। ଏହି ପରିପ୍ରେକ୍ଷୀରେ ପରିଷଦର ନୂତନ କର୍ମକର୍ତ୍ତାମାନେ ନିଜ ପକ୍ଷରୁ ପାର୍କିଂ ଶୁଳ୍କ ମାଧ୍ୟମରେ ସଂଗୃହୀତ ଅର୍ଥ ବ୍ୟବହାର କରି ରାସ୍ତା ମରାମତି କରିଥିବା ନେଇ ସୂଚନା ମିଳିଛି। ତେବେ ଏହି ଖର୍ଚ୍ଚ କାହା ଆଦେଶରେ ଓ କେଉଁ ରେଜ୍ୟୁଲେସନ ଅନୁସାରେ କରାଗଲା, ସେନେଇ ପ୍ରତିଷ୍ଠାତା ପ୍ରଶ୍ନ କରିଛନ୍ତି। ପାର୍କିଂ ଆଦାୟ ଅର୍ଥ ପରିଷଦର ନିୟମ ଅନୁଯାୟୀ କିଭଳି ଖର୍ଚ୍ଚ ହେବା ଉଚିତ ସେଥିରେ ଉଲଂଘନ ହୋଇଥିବା ଅଭିଯୋଗ ମଧ୍ୟ ସେ ଆଣିଛନ୍ତି। ଶ୍ରୀ ପାଙ୍ଗି କହିଛନ୍ତି, ପରିଷଦର ନିୟମକୁ ଉଲଂଘନ କରି କିଏ ଓ କାହା ନିର୍ଦ୍ଦେଶରେ ଏହି ଅର୍ଥ ବିନିଯୋଗ କରାଗଲା ସେଥିପାଇଁ ସ୍ୱଷ୍ଟତା ଆବଶ୍ୟକ। ଏହା ସହ ତାଙ୍କୁ ଯେଉଁ କାର୍ଯ୍ୟ ଲାଗି ପରିଷଦ ମଧ୍ୟରେ କୋଣଠେସା କରାଯାଇଥିଲା ସେହି କାର୍ଯ୍ୟର ପୁନରାବୃତ୍ତି କେଉଁ ବଳରେ ହେଉଛି ବୋଲି ସେ ବଡ଼ ପ୍ରଶ୍ନ ଉଠାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ କିଛି ଦିନ ପୂର୍ବେ ରାଣୀ ଡୁଡୁମା ରାସ୍ତା ମରାମତି, ବସ କଟିଂ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମୋଟ ୫୪,୯୦୦ ଟଙ୍କା ଖର୍ଚ୍ଚ ହୋଇଥିବା ଖର୍ଚ୍ଚବିବରଣୀ ସାମ୍ନାକୁ ଆସିଛି। ଏହି ଖର୍ଚ୍ଚକୁ ନେଇ ଏବେ ପରିଷଦ ଓ ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି।

# ଖାଦ୍ୟ ଅନ୍ୱେଷଣରେ ସହର ମୁହାଁ ଭାଲୁ



ଉମରକୋଟ,୨୭।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦର ୧ ନଂ ୱାର୍ଡ ଦୁର୍ଗାଗୁଡ଼ା ମଧ୍ୟରେ କିଛି ଦିନ ହେଲା ଜଙ୍ଗଲି ଭାଲୁର ଆତଙ୍କ ଦେଖାଦେଇଛି। ଜଙ୍ଗଲ ମଧ୍ୟରେ ଖାଦ୍ୟ ନ ମିଳିବାରୁ ସହର ମଧ୍ୟରେ ଖାଦ୍ୟ ଅନ୍ୱେଷଣରେ ପଶି ଆସୁଛନ୍ତି। ଫାର୍ମ ହାଉସରେ ପସି ଭାଲୁ ଫସଲ ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ୧୫ ଦିନ ହେବ ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା ଜଙ୍ଗଲ ମଧ୍ୟରୁ ୪ ରୁ ୫ ଟି ଭାଲୁ ବୁଲୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଅଧା ରାତିରେ ଭାଲୁ ଆସି ସକାଳ ୫ ସମୟରେ ଜଙ୍ଗଲକୁ ମଧ୍ୟକୁ ଚାଲିଯାଉଛନ୍ତି। କାହାର ଫୁଲକୋବି ବାଡ଼କୁ ଯାଇ ନଷ୍ଟ କରୁଛନ୍ତି ତ କାହା ଘର ଭିତରକୁ ପଶି ଯାଉଥିବା ଅଭିଯୋଗ କରିଛନ୍ତି ୱାର୍ଡବାସୀ।

# ଡାକ୍ତରଙ୍କ ଘଣ୍ଟିକିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ



ବୈପାରୀଗୁଡା,୨୭।୧୨(ସମିସ): ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାରି ରହିଛି ଡାକ୍ତର ଆନ୍ଦୋଳନ। ଦ୍ୱତୀୟ ଦିନରେ ପହଞ୍ଚିଛି ଡାକ୍ତରଙ୍କ ଘଣ୍ଟିକିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ। ସକାଳ ଦଶଟା ଠାରୁ ଏଗାରଟା ପର୍ଯ୍ୟନ୍ତ ଓପିଡି ବନ୍ଦ ରହୁଛି। ଗତକାଲି ମଧ୍ୟ ସମାନ ପରିସ୍ଥିତି ଥିଲା। ଡାକ୍ତରଙ୍କ ଅଭିଯୋଗ ଅନୁଯାୟୀ, ପଦୋନ୍ନତି, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା, ମୂଳ ଦରମା ବୃଦ୍ଧି, ପଦବୀ ପୂରଣ ଭଳି ୧୦ଦଫା ଦାବି ନେଇ ଆନ୍ଦୋଳନ ଡାକରା ଦେଇଛି ଓମ୍‌ସା। ଏହି ପେରିପେକ୍ଷୀରେ ଆଜି ମେଡ଼ିକାଲରେ ଡାକ୍ତରମାନେ ଘଣ୍ଟିକିଆ କାର୍ଯ୍ୟ ବନ୍ଦ କରିଛନ୍ତି। ଜରୁରୀ ସ୍ୱାସ୍ଥ୍ୟ ସେବା ଜାରିରହିଛି। ଦାବି ପୂରଣ ନ ହେଲେ ଜାନୁଆରୀରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ସଙ୍ଘ। ଏହି ଆନ୍ଦୋଳନରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଦଶ ଜଣ ଡାକ୍ତର ସାମିଲ ହୋଇଥିବା ବେଳେ ରୋଷ୍ଟର ଡ୍ୟୁଟିରେ ଥିବା ଡାକ୍ତର ମଧ୍ୟରୁ ଆଶୁତୋଷ ଅଧିକାରୀ, ଆଶିଷ କମାର ସାହୁ, ସୁକନ୍ୟା ମଜୁନ୍ଦର ପ୍ରମୁଖ ଉପସ୍ଥିତ ଥିଲେ।

**ଉମରକୋଟ:** ନବରଙ୍ଗପୁର ଜିଲ୍ଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଆଜି ଡାକ୍ତର ମାନେ ୧୩ ଦଫା ଦାବି ନେଇ ଏକ ଘଣ୍ଟା ପାଇଁ କାର୍ଯ୍ୟ ବନ୍ଦ କରିଥିଲେ। ଏହି ଆନ୍ଦୋଳନରେ ଡା. ପିକେ ନାୟକ, ଡା. ଅଭୟ କୁମାର ଦେ, ଡା. ଉତ୍ସବ ମିଶ୍ର, ଡା. ତିଳୋତ୍ତମା ମହାନ୍ତି, ଡା. ଅଭିନବ ରଥ, ଡା. ସୁପ୍ରଭା ଦେବୀ, ଡା. ଆୟୁଷୀ ମଣ୍ଡଳ ପ୍ରମୁଖ ସାମିଲ ହୋଇଥିଲେ।

# ଶ୍ରୀଅରବିନ୍ଦ ପାଠାଗାରରେ ବାଜପେୟୀଙ୍କ ଜୟନ୍ତୀ



ସେମିଲିଗୁଡା,୨୭।୧୨(ସମିସ): ସେମିଲିଗୁଡା ଶ୍ରୀ ଅରବିନ୍ଦ ପାଠାଗାରରେ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାରର ସଂଚାଳିକା ଡ. ଝାନ୍‌ସି ସିଂହ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାରେ ବଦ୍ରିନାରାୟଣ ପାତ୍ର, ଉମାଶଙ୍କର, ସୋନାଲିକା ପାଢ଼ୀ, ସଂଚିତା ପାଢ଼ୀ,ପ୍ରଶାନ୍ତି ବୁରୁଡ଼ି, ସୁନୀତା କାଡମ୍, ଅଜିତ ଲେଙ୍କା, ଏସ୍. ତୁଷାର, ଇ. ଶୁଭଙ୍କର ସ୍ୱର୍ଣ୍ଣପତି ପ୍ରମୁଖ ଯୋଗଦେଇଥିଲେ।

# ସୁନାବେଡାରେ ଉଦ୍ୟୋଗୀ ପ୍ରେରଣା ସଚେତନତା



ସୁନାବେଡା,୨୭।୧୨(ସମିସ): ଶନିବାର ସୁନାବେଡା -୩ ସ୍ଥିତ ଶାଶ୍ୱତୀ ଏବଂ ଜାଗୃତି ମହିଳା ମହାସଂଘର ସହଯୋଗରେ ଏମ୍‌ଏସ୍‌ଏମଏମଇ, ରାୟଗଡା, କୋରାପୁଟ, ଭୁବନେଶ୍ୱର, ଦିଲ୍ଲୀର ଯୁଗ୍ମ ପ୍ରୟାସରେ ଉଦ୍ୟୋଗୀ ପ୍ରେରଣା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ସୁନାବେଡାର ପ୍ରାୟ ୯୦୦ରୁ ଉର୍ଦ୍ଧ୍ୱ ଅନୁସୂଚୀତ ଜାତି ଓ ଜନଜାତି ମହିଳାମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇଥିଲେ। ଅନୁସୂଚୀତ ଜାତି, ଜନଜାତି ଓ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସରକାରୀ ବିଭିନ୍ନ ଯୋଜନା ଏବଂ ବିଭିନ୍ନ ବ୍ୟବସାୟ ପ୍ରକଳ୍ପ ସମ୍ପର୍କିତ ମହତ୍ତ୍ୱପୂର୍ଣ୍ଣ ଉପରେ ଏଥିରେ ଆଲୋଚନା କରାଯାଇଥିଲା। ଜାତୀୟ ସଭାପତି ଆଇ ସିସିଏସଟିଡବ୍ଲୁଇର ସୁବିର ପାଉଲ୍ , ଜାତୀୟ ସାଧାରଣ ସଂପାଦକ ଆଇ ସିସିଏସଟିଡବ୍ଲ୍ୟୁଇ ହେମା ଏକକା, ଆଇଏସ ଆଇସିଏଆର୍ ସୁନାବେଡ଼ା କେନ୍ଦ୍ରର ମୁଖ୍ୟ ଡଃ. ରାମ ଜୟମ ଦେବରଞ୍ଜନ, ପିଏମଇଜିପି ଓ ପିଏମଇଏମ୍‌ଇ ବିଭାଗର ସହାୟକ ଶିକ୍ଷ ଅଧିକାରୀ ବନ୍ଦନା ପରିଡ଼ା, ଏମଏସଏମଇ ବିଭାଗର ସହାୟକ ଶିକ୍ଷ ଅଧିକାରୀ ଜୟନ୍ତ କୁମାର ନାୟକ, ଶିକ୍ଷ ଅଧିକାରୀ ଆଶିଷ କୁମାର ସାହୁ, ରାଜ୍ୟ ସଂଯୋଜକ ଆଇ ସିସିଏସଟିଡବ୍ଲ୍ୟୁଇ ଓଡ଼ିଶା ମିଥୁନ ସେଠୀ, ପୌରପରିଷଦ ଅଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର କୁମାର ପାତ୍ର, ଉପାଧ୍ୟକ୍ଷ ରତ୍ନ କଣ୍ଟା, ସମାଜସେବୀ ମନୋଜ କୁମାର ରଥ, ଏମ୍‌ଏସଏମଇ ରାୟଗଡ଼ା କାର୍ଯ୍ୟାଳୟର ସହାୟକ ନିର୍ଦ୍ଦେଶକ ଏନକେ ରତ୍ନମ, ଉଦ୍ୟାନ କୃଷି ଭିଭଗର ଅଧିକାରୀ ଶ୍ରୀ ପାଣିଗ୍ରାହୀ , ଜାଗୃତିର ପରାମର୍ଶଦାତ୍ରୀ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ଏବଂ ଶାଶ୍ୱତୀ ମହିଳା ମହାସଂଘର ପରାମର୍ଶଦାତା ଅଶ୍ୱିନୀ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଅତିଥି ମାନେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା, ଆର୍ଥିକ ପରିଚାଳନା, ଏବଂ ବିଭିନ୍ନ ପ୍ରକଳ୍ପରେ କିପରି ଆବେଦନ କରାଯାଏ, ସେସବୁ ବିଷୟରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ। ସଭାରେ ଉଦ୍ୟୋଗୀ ମାନଙ୍କ ସମସ୍ୟା, ସରକାରୀ ଫାଇଦା, ବ୍ୟବସାୟିକ ଦକ୍ଷତା ଏବଂ ସ୍ୱଙ୍ଗ ସହାୟିକା ଗୋଷ୍ଠୀ ମାନଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକଙ୍କୁ ରାଜ୍ୟ ସ୍ତରୀୟ 'ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ' ଭାବେ ଏମଏସଏମଇ ପକ୍ଷରୁ ପଦବୀ ଦେବାପାଇଁ ଜାତୀୟ ସଭାପତି ଆଇ ସିସିଏସଟିଡବ୍ଲୁ ସୁବିର ପାଉଲ୍ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଶିବାନୀ ଲେଙ୍କା ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶାସ୍ୱତୀ ମହିଳା ସଂଘର ସଭା ଗୃହ ପାଇଁ ଆବେଦନ କରିଥିବାରୁ କୋରାପୁଟ ବିଧାୟକ ଆସନ୍ତା ଦିନରେ ନୂତନ ସଭା ଗୃହ ନିର୍ମାଣ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ଶାଶ୍ୱତୀ ମହାସଂଘ ସଭାପତି ଗୀତା ସେଠୀ, ସମ୍ପାଦିକା ପ୍ରଭାସିନୀ ଜେନା ଏବଂ ଜାଗୃତି ମହିଳା ମହାସଂଘର ସଭାପତି ନିଳେନ୍ଦ୍ରୀ ତୁରୁକ୍, ସମ୍ପାଦିକା ରୂପାଲି ହିୟାଲ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପୁଷ୍‌ପୁନି ଭେଟ୍‌ଘାଟ ପ୍ରସ୍ତୁତି ବୈଠକ

କୁନ୍ଦୁରା,୨୭।୧୨(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୁନ୍ଦୁରାଠାରେ ଅନୁଷ୍ଠିତ ହେବ ପୁଷପୁନି ଭେଟଘାଟ। ଏଥିଲାଗି କୁନ୍ଦୁରା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ପରବ ପଡ଼ିଆଠାରେ ପୁଷ୍‌ପୁନି ଭେଟଘାଟ ପରବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ତ୍ରିନାଥ ସମରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ପରିଚାଳନା କମିଟି ସଦସ୍ୟ ଓ କର୍ମକର୍ତ୍ତା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, କଗ୍ରେସ ବ୍ଲକ୍ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଦୈତାରୀ ମଲ୍ଲିକ, ବିଜେଡି ବ୍ଲକ୍ ସଭାପତି ବୃନ୍ଦାବନ ମଲ୍ଲିକ, ସଂସାଦ ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରୀ ନାରାୟଣ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ଆମ୍ରା ଅଧ୍ୟକ୍ଷ ବଳଭଦ୍ର ଆଚାର୍ଯ୍ୟ, ସଂଘ ଉପଦେଷ୍ଟା ତ୍ରିନାଥ ହରିଜନ, ସଂଘର ବରିଷ୍ଠ ସଭାପତି ଚନ୍ଦ୍ର ସଗରିଆ,କୋଷାଧ୍ୟକ୍ଷ ମାଳି ନାୟକ,ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ପଟ୍ଟନାୟକ, ସାମ୍ବାଦିକ ସଂଘ ବ୍ଲକ ସଭାପତି ସନ୍ତୋଷ କୁମାର ପ୍ରହରାଜ,ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା,ସମସ୍ତ ଜାତି ମୁଖିଆ,ବିଭିନ୍ନ ଲୋକ ସଂଗଠନର ମୁଖ୍ୟ, କୁନ୍ଦୁରା ଯୁବକ ସଂଘ ସଭାପତି ସବୁଜ ଦାସ, କୁଡୁମ୍ ପଦର ଯୁବକ ସଂଘ ସଭାପତି ରାଜେଶ ଗୁରୁ, ସମସ୍ତ ସରପଞ୍ଚ,ସମିତି ସଭ୍ୟସଭ୍ୟା ଓ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇଥିଲେ ଓ ଚଳିତ ବର୍ଷ ମଧ୍ୟ ବହୁ ଆଡ଼ମ୍ବରରେ ପୁଷ୍ ପୁନି ଭେଟଘାଟ ପାଳନ କରାଯିବ। ଆସନ୍ତା ୬ ଏବଂ ୭ ତାରିଖ ଦୁଇଦିନ ଧରି ପାଳନ କରାଯିବା ପାଇଁ କମିଟି ନିଷ୍ପତି ନେଇଛି। ଶେଷରେ କାର୍ଯ୍ୟକାରୀ ସଭାପତି ଭଜମନ ସାନ୍ତା ଉପସ୍ଥିତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ରାଜପଥର ଗର୍ତ୍ତକୁ ସମତଳ କଲେ ସରପଞ୍ଚ, ସ୍ଥାନୀୟ ଯୁବକ



ମାଲକାନଗିରି,୨୭ ।୧୨(ସମିସ): ଜିଲ୍ଲା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ଅନେକ ସ୍ଥାନରେ ବଡବଡ ଗର୍ତ୍ତ ଓ ରାସ୍ତା ଉପରୁ ପିଚୁ ଉଠି ଯାଇଥିବା ବେଳେ ଏହା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟିଛି। ତେବେ ବିଶେଷକରି ଜିଲ୍ଲା ସଦରରୁ ମୋଟୁକୁ ସଂଯୋଗ କରିଥିବା ରାସ୍ତା ମଧ୍ୟରେ ଏହିପରି ଅନେକ ଗର୍ତ୍ତ ରହିଛି। ଆଉ ଏହି କାରଣରୁ ଅନେକ ଦୁର୍ଘଟଣା ଘଟି ବହୁ ପଥଚାରୀ ମୃତାହତ ମଧ୍ୟ ହୋଇଛନ୍ତି। ତେବେ ଏହାର ମରାମତି ପାଇଁ ଅନେକ ଥର ଜନ ସାଧାରଣ ଦାବିକରି ଆସୁଥିଲେ ମଧ୍ୟ ଏହାର ବିଶେଷ ସୁଫଳ ମିଳିନାହିଁ। ଫଳରେ ଦୁର୍ଘଟଣା ସଂଖ୍ୟା ବଢୁଥିବାରୁ ମାଲକାନଗିରି ଜିଲ୍ଲାର ଏମଭି-୧୭ ଗ୍ରାମ ଦେଇ ଯାଇଥିବା ରାସ୍ତାରେ ହୋଇଥିବା ବିଶାଳ ଗର୍ତ୍ତକୁ ମରାମତି କରିଛନ୍ତି ସ୍ଥାନୀୟ ସରପଞ୍ଚ ବିଜୟ କବାସୀ ଓ ଅଞ୍ଚଳର ଯୁବପିଢୀ। ଶ୍ରୀ କବାସୀ ନିଜସ୍ୱ ଖର୍ଚ୍ଚରେ ଓ ଉଦ୍ୟମରେ ଏମ୍‌ଭି ୧୭ ଗ୍ରାମ ନିକଟ ରାସ୍ତାରେ ଥିବା ଉକ୍ତ ଗର୍ତ୍ତ ସ୍ଥାନରେ ସିମେଣ୍ଟ ଓ ବାଲି ଭରି ତାହାକୁ ସମତଳ କରିଥିଲେ। ରାସ୍ତାଟି ସମତଳ କରିଥିବାରୁ ସ୍ଥାନୀୟ ସରପଞ୍ଚ ଓ ଯୁବ ପିଢୀଙ୍କୁ ସ୍ଥାନୀୟବାସୀନ୍ଦା ପ୍ରଶଂସା କରିଛନ୍ତି।

# ଆଟିଗାଁରେ ଧାନ ମଣ୍ଡି ଉଦ୍‌ଘାଟିତ



କୋଷାଗୁମୁଡା,୨୭।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ୍‌ର ଆଟିଗାଁ ଠାରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କୋଷାଗୁମୁଡା ସଦର ମହକୁମା ଠାରୁ ପ୍ରାୟ ୩୦କିଲୋମିଟର ଦୂରରେ ଏହି ଆଟିଗାଁ ପଞ୍ଚାୟତ ଥିବାବେଳେ ପାଖକୁ ଲାଗି ଡାବୁଗାଁ ବ୍ଲକ ସୀମା ସହ ଲାଗିରହିଛି। ପୂର୍ବରୁ ସମସ୍ତ ଚାଷୀ ତାରାଗାଁର ଧାନ ମଣ୍ଡିଠାରେ ଆଣି ଧାନ ବିକ୍ରି କରୁଥିଲେ। ଏହି ଧାନ ମଣ୍ଡିର ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଭଗବତୀ ମାଝୀ, ସମିତିସଭ୍ୟ ବେଲ ପୂଜାରୀ, ଡାବୁଗାଁ ବିଧାୟକ ପ୍ରତିନିଧି ଈଶ୍ୱର ପୂଜାରୀ, ଈଶ୍ୱର ମାଝୀ, ଗୁରୁବାରୁ ମାଝୀ, ଚିତ୍ତରଞ୍ଜନ ଗୌଡ଼, ସାଂସଦ ପ୍ରତିନିଧି ମହେଶ୍ୱର ଭତ୍ରା, କୋଡ଼ିଙ୍ଗା ଲେମ୍ପସ ଏମ୍‌ଡି ସୁଶାନ୍ତ ଖରା, ଯୁଗଧର ଭତ୍ରା, କନର ମାଝୀ, ଗୁରୁବାରୁ ମାଝୀ, ଡମ୍ବରୁ ଭତ୍ରା, ବୈଦୁ ଭତ୍ରା, ଡମ୍ବରୁଧର ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଧାନ ମଣ୍ଡିଠାରେ ପ୍ରାୟ ୩ଟି ପଞ୍ଚାୟତର ଚାଷୀ ଉପକୃତ ହେବେ।

## ୧୫ତମ ଅଲ ଇଣ୍ଡିଆ ଓପନ୍ କରାଟେ ଚାମ୍ପିଅନସିପ୍

# ସେମିଲିଗୁଡ଼ାର ୩୮ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ



ସେମିଲିଗୁଡ଼ା,୨୭।୧୨(ସମିସ): ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲ୍‌ରେ ଆୟୋଜିତ ହେଉଥିବା ୧୫ତମ ଅଲ ଇଣ୍ଡିଆ ଓପନ୍ କରାଟେ ଚାମ୍ପିଅନ୍‌ସିପ୍ ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଚାମ୍ପିଅନସିପ୍‌ରେ ଉତ୍କଳ କରାଟେ ସ୍କୁଲ୍, ସେମିଲିଗୁଡ଼ା ଶାଖାର ୩୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍ (କେ ଆଇ ଓ) ଦ୍ୱାରା ଅନୁମୋଦିତ ଏବଂ ଶୁକୋକାଇ କରାଟେ ଡୋ ୟୁନିଅନ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ଭାରତରୁ ବିଭିନ୍ନ ବୟସ ବର୍ଗର ପ୍ରାୟ ୧୦୦୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ସେମିଲିଗୁଡ଼ାରୁ ଅଂଶଗ୍ରହଣ ପ୍ରତିଯୋଗୀମାନେ ମଧ୍ୟରୁ ଶରତ ଖୋସଲା (ଟିମ୍ ମ୍ୟାନେଜର), ଏଜ୍ରାଲ ବେନିଆ, ଜନସନ ବେନିଆ, ଓମ୍ ସାଇ ସାମନ୍ତରା, ପପୁନା ଗରାଡା, ଆରାଧ୍ୟା ପତି, ଏ .ମଣ୍ଡଳ, ନିୟାଜ ତୁରିଆ, ସ୍ୱପ୍ନା ମାଝୀ, ଆଶିଷ ମାଝୀ, ମନସ୍ୱୀ ବେହେରା, ଅନସୁମାନ ରାଉତ, ଅମୃତ ତୁରିଆ, ପ୍ରିନ୍ସ ଅଡ଼କଟିଆ, ଅରମାନ ଟାକ୍ରି, ସମ୍ପୂର୍ଣ୍ଣା ଦାସ, ଜଗଜିତ୍ ଦାସ, ଆକାଂକ୍ଷା ମହାନ୍ତି, ଶ୍ରୀୟଂସୀ ପଣ୍ଡା,ଐଶିକ ମଣ୍ଡଳ, ତୃପ୍ତି ରାଣୀ ମହାନ୍ତି, କେ. ଭେଙ୍କଟ ସାତ୍ତ୍ୱିକ, ସିବାର୍ପିତ ଚନ୍ଦନ ସ୍ୱାଇଁ, ପି.ପି ଶୌମିକ ଚୌଧୁରୀ, ପ୍ରିୟାଂଶୁ ମହାରଣା, ବିଦିଶା ବେହେରା, ଅନ୍ୱେଷା ପାତ୍ର, ପ୍ରତ୍ୟୁଷା ପ୍ରିୟଦର୍ଶିନୀ ପ୍ରଧାନ, ଜ୍ୟୋତି ରଞ୍ଜନ ଖରା, ଅଙ୍କିତ ଖରା,ସୂର୍ଯ୍ୟାଂଶ ପଣ୍ଡା, ଆଞ୍ଜେଲ ଅଭିଷିକ୍ତା ମିନିଆକା, ଅଂଶୁମାନ ସିଆଲ୍, ଲତାଶା ମଣ୍ଡଳ,ଅନୁସ୍କା ରାଉତ,ଦିବେଶ ବାରାଡ଼ (ସହକାରୀ ପ୍ରଶିକ୍ଷକ),ରୁଦ୍ରାଂଶ କୁମାର ସାମଲ,ଦେବାଂଶୀ ମହାନ୍ତି, ଦିବେଶ ବାରାଡ଼ ଏବଂ ଶୁଭମ୍ ନାୟକ ସହକାରୀ ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଟିମ୍ ମ୍ୟାନେଜର ଭାବେ ଶରତ ଖୋସଲା ରହିଛନ୍ତି। ଉତ୍କଳ କରାଟେ ସ୍କୁଲ୍, ସେମିଲିଗୁଡ଼ା ଶାଖାର କୋଚ୍ ରାଜେନ୍ଦ୍ର ସାମଲ ଏବଂ ସଭାପତି ମନୋଜ ପଟ୍ଟନାୟକ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଟଙ୍କା ମିଳିଲାନି, ବନ୍ଧୁକ ମୁନରେ କ୍ୟାମେରା ଲୁଟ୍



**ତ୍ରିଶୂଳିଆ,୨୭ ।୧୨(ସମିସ):** ବାରଙ୍ଗ ଥାନା ଅନ୍ତର୍ଗତ ନରାଜ-ବିଦ୍ୟାଧରପୁର ପାହାଡ଼ ଉପରେ ଦିନ ଦ୍ୱିପହରରେ ବନ୍ଧୁକ ମୁନରେ ଟଙ୍କା ନ ମିଳିବାରୁ କ୍ୟାମେରା ଲୁଟ କରି ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ । ଘଟଣାସ୍ଥଳରେ ବାରଙ୍ଗ ପୁଲିସର ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, କଟକ ଚାନ୍ଦିନୀଚୌକ ଅଞ୍ଚଳର ଗୌତମ ସାମଲ(୧୮) ଓ ସଦାଶିବ ରଥ(୧୯) ଦୁଇ ଜଣ ସାଙ୍ଗ (ଓଆର ୦୨ୟୁ ୬୫୫୭) ବାଇକରେ ଶନିବାର ସାଢ଼େ ୧୨ଟା ସମୟରେ ନରାଜ ବିଦ୍ୟାଧରପୁର ପାହାଡ଼ ଉପକରକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ମଜା ନେବା ପାଇଁ ଯାଇଥିଲେ । ସେମାନେ ସାଥୀରେ ଆଣିଥିବା ନିକୋନ ୫୬୦୦ଡି କ୍ୟାମେରାରେ ଫଟୋ ଉଠାଉଥିଲେ । ଏହି ଦୁଇ ଯୁବକ କିଛି ସମୟଧରି ଫଟୋ ଉଠାଇବା ବେଳେ ଏକ ସ୍ପିଡ ବାଇକରେ ଦୁଇ ଜଣ ଯୁବକ ଆସି ହଠାତ୍ ଯୁବକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପ୍ରଥମେ ଟଙ୍କା ମାଗିଥିଲେ । ଯୁବକ ଜଣକ ଟଙ୍କା ନାହିଁ ବୋଲି ମନା କରିବାରୁ ସେମାନଙ୍କଠାରୁ କ୍ୟାମେରା ନେଇ ଚମ୍ପଟ ମାରିଥିଲେ । ଏ ସଂକ୍ରାନ୍ତରେ ଦୁଇ ଯୁବକ ଗୋଡ଼ିସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେହି ରାସ୍ତାରେ ଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଜାରି ରଖିଛି । ବାରଙ୍ଗ ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ବେଳେ ଦିନ ଦ୍ୱିପହରରେ ବନ୍ଧୁକ ମୁନରେ ଲୁଟ୍ ହେଉଥିବାରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଉଦ୍‌ଘାଟନ ଫଳକ ଭାଙ୍ଗିଲେ ବିଜେପି କର୍ମୀ

**ଆଠଗଡ଼,୨୭ ।୧୨(ସମିସ):** ଶନିବାର ପୂର୍ବାହ୍ନରେ କେତେକ ବିଜେପି କର୍ମୀ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ନୂତନ ଭାବେ ଲୋକାର୍ପିତ ୫୦ଶଯ୍ୟା ବିଶିଷ୍ଟ ୱାର୍ଡର ଉଦଘାଟନ ଫଳକ ଭାଙ୍ଗିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଡାକ୍ତରଖାନା ମଧ୍ୟରେ ପଶି ନାରାବାଜି କରିବା ସହିତ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନାମ ଥିବା ଫଳକକୁ ମାର୍ତ୍ତୁଲରେ ପିଟି ଭାଙ୍ଗି ଦେଇଥିଲେ । ଏଥିସହ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ବିଜେପି କର୍ମୀଙ୍କ ଆଚରଣ ଦେଖି ଆଠଗଡ ଉପଖଣ୍ଡ ଚିକିତ୍ସାଳୟର କର୍ମଚାରୀମାନେ ଛତ୍ରଭଙ୍ଗ ଦେଇଥିଲେ । ଏହି ପ୍ରକାର କାର୍ଯ୍ୟକଳାପକୁ ସାମାଜିକ ଗଣମାଧ୍ୟମରେ ବିଜେପି କର୍ମୀମାନେ ପ୍ରସାରଣ କରିବା ପରେ ଛୁଟିରେ ଥିବା ଆଠଗଡ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡଃ ମାନସ ରଞ୍ଜନ ପାଣି ଫୋନ କରି ଆଠଗଡ ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତିଙ୍କୁ ଏ ବିଷୟରେ ଜଣାଇଥିଲେ ବୋଲି ସ୍ଥାନୀୟ ଥାନାଧିକାରୀ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ଚଳିତ ମାସ ୧୯ ତାରିଖ ଆଠଗଡ ରୋଗୀ କଲ୍ୟାଣ ସମିତିର ନିମନ୍ତ୍ରଣକ୍ରମେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆଠଗଡ ଉପଜିଲ୍ଲାପାଳ ପହଲ୍ଲାଦ ନାରାୟଣ ଶର୍ମା, କଟକ ସିଡିଏମଓ ଡ ପ୍ରଶାନ୍ତ କୁମାର ହୋତା, ଆଠଗଡ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡ ମାନସ ରଞ୍ଜନ ପାଣି, ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତଙ୍କ ଉପସ୍ଥିତିରେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ନୂତନ ଭାବେ ୫୦ଶଯ୍ୟା ବିଶିଷ୍ଟ ୱାର୍ଡ ଉଦଘାଟିତ ହୋଇଥିଲା । ୮ ଦିନ ପରେ ହଠାତ ବିଜେପି କର୍ମୀମାନେ ଫଳକରେ ମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କ ନାମଫଳକରେ ନାମ ନଥିବା ଦର୍ଶାଇ ଲଙ୍କାକାଣ୍ଡ କରିଥିଲେ । ଆଠଗଡ ବ୍ଲକ କୁଲାଇଲୋ ଗ୍ରାମପଞ୍ଚାୟତର ସମିତିସଭ୍ୟ ଅନୁସୟା ସ୍ୱାଇଁ ପ୍ରତିନିଧି ଗୋଲକଚନ୍ଦ୍ର ସ୍ୱାଇଁ, ରାଇପୁର ସରପଞ୍ଚ ସଞ୍ଜୟ ସାହୁ, ବିଚିତ୍ରାନନ୍ଦ ସେଠୀ, ମିଥୁନ ମଲ୍ଲିକ, ଦିପୁ ରାଉତଙ୍କ ସମେତ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ ।

## ଡ. ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି

**ନିଶ୍ଚିନ୍ତକୋଇଲି,୨୭ ।୧୨(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ସ୍ୱର୍ଗତ ଡଃ ମନମୋହନ ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଏକ ସ୍ମୃତିସଭା ନିଶ୍ଚିନ୍ତକୋଇଲି ମଣିକ୍ରିଷ୍ଣା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଡ. ମନମୋହନ ସିଂ ସ୍ମୃତି ସଂସଦର ସଭାପତି ରମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ମାହାଙ୍ଗା ବିଧାନସଭା କ୍ଷେତ୍ରର ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ସାହୁ ସ୍ୱର୍ଗତ ସିଂହ ପ୍ରଧାନମନ୍ତ୍ରୀତ୍ୱ କାଳରେ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଥିଲା ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରଦୀପ୍ତ ଭୂୟାଁ, ଯୁବ ଆଇନଜୀବୀ ଭାସ୍କରଚନ୍ଦ୍ର ବେହେରା, ବରିଷ୍ଠ ଆଇନଜୀବୀ ପ୍ରବୀଣ କାନୁନଗୋ, କୃଷକ ନେତା ଶରତଚନ୍ଦ୍ର ଦାସ, ଅଲେଖ ପ୍ରସାଦ ସ୍ୱାଇଁ, ତପନ ଜତି, ବିଭୂପ୍ରସାଦ ଦ୍ୱିବେଦୀ, କବି ପ୍ରଫୁଲ୍ଲ କୁମାର ସିଂ, ଦେବେନ୍ଦ୍ର ପରିଡା, ରାମଚନ୍ଦ୍ର ମଲିକ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ମୃତି କମିଟିର ସାଧାରଣ ସଂପାଦକ ସମୀର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ସାମ୍ବାଦିକ କ୍ଷମାନିଧି ପୂଝାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିବଶଙ୍କର ସ୍ମାରକୀ କ୍ରିକେଟ: ସେମିରେ ଷ୍ଟାର୍ କ୍ଲବ୍

**ଆଠଗଡ଼,୨୭।୧୨(ସମିସ):** ଆଠଗଡ ଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ୟ ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ଣାମେଣ୍ଟର ୪ର୍ଥ ଦିବସରେ ଗୋପପୁର ବଡମ୍ବାକୁ ୬୮ ରନ୍‌ରେ ପରାସ୍ତ କରି ଆୟୋଜକ ଷ୍ଟାର କ୍ରିକେଟ କ୍ଲବ ସେମି ଫାଇନାଲରେ ପ୍ରବେଶ କରିଛି । ଷ୍ଟାର କ୍ଲବର ଅରୁଣ ପ୍ରଧାନଙ୍କୁ ଜ୍ୟୋତି ମୋଟର୍ସ ତରଫରୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି । ମିହିର କୁମାର ତ୍ରିପାଠୀ, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞା ସାଗ୍ନିକା ଦାଶ, କାଉନସିଲର ସିପ୍ରା ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଆମ୍ପାୟାର ଭାବେ ଅରୂପ ତ୍ରିପାଠୀ ଓ ସନ୍ତୋଷ କୁମାର ମହାପାତ୍ର ପରିଚାଳନା କରିଥିଲେ । ଆସନ୍ତାକାଲି ପ୍ରଥମ ସେମିଫାଇନାଲ ତିଗିରିଆର ନୂଆପାଟଣା କ୍ରିକେଟ କ୍ଲବ ଓ ବଡମ୍ବା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ।

## ଫ୍ରିଡମ୍ ଇଣ୍ଟରନ୍ୟାସନାଲ ସ୍କୁଲର ତ୍ରୟୋଦଶ ବାର୍ଷିକ ଉତ୍ସବ




**ସାଲେପୁର,୨୭ ।୧୨(ସମିସ):** ସାଲେପୁରର ନାଦୋଳଗଡ଼ାଠାରେ ଥିବା ଫ୍ରିଡମ୍ ଇଣ୍ଟରନ୍ୟାସନାଲ ସ୍କୁଲର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଶେଖ୍ ଅଜଗର ଅଲ୍ଲୀ ଯୋଗ ଦେଇଥିଲେ ।

ସେକ୍ ଜାହାଙ୍ଗୀର ଅଲ୍ଲୀ, ଅମିନା ବିବି, ସଂପାଦକ ଡ ସେକ୍ ରିୟାଜୁର ରହେମାନ୍ ଉପସ୍ଥିତ ଥିଲେ । ପ୍ରତିବର୍ଷପରି ଚଳିତ ବର୍ଷ ବିଦ୍ୟାଳୟ ପକ୍ଷରୁ ୩ଜଣ ମହାନ୍ ବ୍ୟକ୍ତିତ୍ୱଙ୍କୁ ସୟଦ ଖୁର୍ସିଦ୍ ଅନୱାର, ଇସ୍ରୋର ବୈଜ୍ଞାନିକ ରଞ୍ଜିତ କୁମାର ଷଡ଼ଙ୍ଗୀ, ସନ୍ଧ୍ୟାଆରତୀ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ସୁଦାମ ଚରଣ ଶତପଥୀ, କ୍ୟାମ୍ପସ୍-୨ ଅଧ୍ୟକ୍ଷ ପ୍ରଭାସିନୀ ଷଡ଼ଙ୍ଗୀ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ଝୁନାଲୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରିଲିଆନ୍ସ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



**ଫୁଲନଖରା,୨୭ ।୧୨(ସମିସ):** ତେଲେଙ୍ଗାପେଣ୍ଠସ୍ଥିତ ବ୍ରିଲିଆନ୍ସ ପବ୍ଲିକ୍ ସ୍କୁଲର ପ୍ରଥମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମିନୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ ପରିବେଶବିତ୍ କାର୍ତ୍ତିକଚନ୍ଦ୍ର ପୃଷ୍ଟି, ମୁଖ୍ୟବକ୍ତା ଭାବରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଞ୍ଜୁବାଳା ମିଶ୍ର, ସମ୍ମାନିତ ଅତିଥି ଭାବରେ ସିଆରସିସି ଅନାଥ ବେହେରା ଓ ଶିକ୍ଷାବିତ୍ ସଚ୍ଚିଦାନନ୍ଦ ସାହୁ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । କୁନି କୁନି ଛାତ୍ରଛାତ୍ରୀ ନୃତ୍ୟଗୀତ ପରିବେଷଣ କରିବା ସହ ଶିକ୍ଷାଭିତ୍ତିକ ନାଟକ ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଓ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସଂପାଦକ ପ୍ରସନ୍ନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାତ୍ମା ଗାନ୍ଧୀ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ ଉତ୍ସବ

**ଆଠଗଡ଼,୨୭।୧୨(ସମିସ):** ଆଠଗଡ଼ସ୍ଥିତ ମହାତ୍ମା ଗାନ୍ଧୀ ଇଂରାଜୀ ମାଧ୍ୟମ ସ୍କୁଲର ୩୮ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ସଭାପତି ବିଭୁତି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ସାହିତ୍ୟିକ ତଥା ଅଧିବକ୍ତା ପ୍ରାଣକୃଷ୍ଣ ଦାଶ ଯୋଗ ଦେଇଥିଲେ । ଉପସଭାପତି ରମାକାନ୍ତ ପଟ୍ଟନାୟକ, ସଂପାଦକ ଶ୍ରୀଧର ରଥ ମଞ୍ଚାସୀନ ଥିଲେ । ସ୍କୁଲ ଅଧ୍ୟକ୍ଷା ପୁଲିନ ମିଶ୍ର ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



## ସବଜଜ୍ କୋର୍ଟର ବାର୍ଷିକ ଉତ୍ସବ




**ନରସିଂହପୁର, ୨୭।୧୨(ସମିସ):** ସବଜଜ୍ କୋର୍ଟ ପ୍ରତିଷ୍ଠାର ୨ ବର୍ଷ ପୂର୍ତ୍ତି ଅବସରରେ ଶନିବାର ସ୍ଥାନୀୟ ନରସିଂହପୁର ଓକିଲ ସଂଘ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଛି । ବରିଷ୍ଠ ଆଇନଜୀବୀ ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଜୁଡିସିଆଲ ମାଜିଷ୍ଟ୍ରେଟ ସତ୍ୟନାରାୟଣ ଦାଶ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ପଣ୍ଡା, ଲଳିତ କେଶରୀ ବିଶ୍ୱାଳ, ରବିନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଆଇନଜୀବୀ ଅଶୋକ ଶତପଥୀ, ଜ୍ଞାନରଞ୍ଜନ ନାୟକ, ବିଭୁଦତ୍ତ ମିଶ୍ର, ଅମୀୟ ରଞ୍ଜନ ପଣ୍ଡା, ପୀତବାସ ମହାପାତ୍ର, ଭୂପେନ ଦାସ, ଭରତଚନ୍ଦ୍ର ଦାସ, ରଞ୍ଜନ କୁମାର ପ୍ରଧାନ, ନରନାରାୟଣ ବାରିକ, ପ୍ରଦୀପ ନାୟକ, ଆଦିତ୍ୟ ଗୋଛାୟତ ଉପସ୍ଥିତ ଥିଲେ ।

## ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ତିଗିରିଆ,୨୭ ।୧୨(ସମିସ):** ତିଗିରିଆ ବ୍ଲକ ନିଜିଗଡସ୍ଥିତ କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ତିଗିରିଆ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା ଯୋଗ ଦେଇଥିଲେ । ଅଧ୍ୟକ୍ଷା କୁଙ୍କୁମିତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ଆଇନଜୀବୀ ଶଙ୍କର୍ଷଣ ମହାନ୍ତି ଓ ସ୍ୱତନ୍ତ୍ର ଅତିଥି ରୂପେ ପୂର୍ବତନ ଅର୍ଥନୀତି ବିଭାଗ ଅଧ୍ୟାପକ ଗଣେଶ୍ୱର ମହାନ୍ତି ଯୋଗ ଦେଇଥିଲେ । ପୂର୍ବାହ୍ନରେ କ୍ରୀଡ଼ା ଶିକ୍ଷକ କେଏନ ସବ୍ୟସାଚୀ ଯୁଗଧର୍ମା ଦାସ, ଗନ୍ଥାଗାରିକ ପ୍ରସନ୍ନ କୁମାର ପଣ୍ଡା ଓ ସହ ଗନ୍ଥାଗାରିକ ଆଲୋକ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ କ୍ରୀଡ଼ା ମଶାଲ ଧରି ନିଜିଗଡ଼ ଗ୍ରାମ ପରିକ୍ରମା କରିବା ପରେ ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଥିଲା । ଏହି ଉତ୍ସବ ୩ ପର୍ଯ୍ୟନ୍ତ ଚାଲି ଆସନ୍ତା ୩୦ ତାରିଖରେ ଉଦଯାପନ ହେବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

## ଶିଶୁ ବିଦ୍ୟାମନ୍ଦିରରେ ଆଚାର୍ଯ୍ୟ ବନ୍ଧୁମିଳନ




**ସାଲେପୁର,୨୭ ।୧୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାଲେପୁରର ପୂର୍ବ ଆଚାର୍ଯ୍ୟଆଚାର୍ଯ୍ୟା ପରିଷଦର ବାର୍ଷିକ ବନ୍ଧୁ ମିଳନ ଉତ୍ସବ ରୋଧପୁର ଶାରଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗୀତାଞ୍ଜଳି ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଦୀପ୍ତ କୁମାର କାଣ୍ଡି, ରମେଶଚନ୍ଦ୍ର ପ୍ରତାପ, ଚନ୍ଦ୍ରଶେଖର ଦାଶ, ରାମଚନ୍ଦ୍ର ସାହୁ, ନିରଞ୍ଜନ ନାୟକ, ଭଜକୃଷ୍ଣ ମହାପାତ୍ର, ଦୀପକ ରାଉତରାୟ, ସୁବାସଚନ୍ଦ୍ର ସାହୁ, ଜନନୀ ଶଙ୍କର ସାହୁ, ଅନନ୍ତ ଚରଣ ଦାଶ, ସୁଶୀଳ ବିଶୋଇ, କିଶୋରୀ ମୋହନ ମହାନ୍ତି, ଦୂରଦର୍ଶିନୀ ମହାନ୍ତି, ଶୁଭଲକ୍ଷ୍ମୀ ଓଝା, ଅଙ୍ଗୁରବାଳା ସ୍ୱାଇଁଙ୍କ ସମେତ ବହୁ ଗୁରୁଜୀ ଗୁରୁମା' ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଦିବଂଗତ ଗୁରୁଜୀମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

## ଦେଶୀମଦ ଜବତ; ଜଣେ ଗିରଫ



**ତ୍ରିଶୁଳିଆ,୨୭।୧୨(ସମିସ):** ନରାଜ ଗ୍ରାମରେ ଦେଶୀ ମଦ ବ୍ୟବସାୟ କରୁଥିବା ଜଣେ ଯୁବକକୁ ଗିରଫ କରିଛି ବାରଙ୍ଗ ଥାନା ପୁଲିସ । ଶନିବାର ଗୋଡିସାହି ଫାଣ୍ଡି ଅନ୍ତର୍ଗତ ନରାଜ ଗ୍ରାମରେ ଦେଶୀ ମଦ ବ୍ୟବସାୟ ହେଉଥିବାର ଖବର ପାଇ ପୁଲିସ ଅତର୍କିତ ଭାବେ ଚଢ଼ଉ କରିଥିଲା । ଏହି ସମୟରେ ଦେଶୀ ମଦ ବ୍ୟବସାୟ କରୁଥିବା ନରାଜ ଗ୍ରାମର ସଞ୍ଜୟ ଧଳଙ୍କୁ ଗିରଫ କରିଥିଲା ପୁଲିସ । ସଞ୍ଜୟ ନିକଟରୁ ବେଆଇନ ୧୦୦ଲିଟର ଦେଶୀ ମଦ ଜବତ କରାଯାଇଛି ।

## ବ୍ୟବସାୟୀଙ୍କ ପରଲୋକ

**ଚୌଦ୍ୱାର,୨୭।୧୨(ସମିସ):** ଚୌଦ୍ୱାର କଳିଙ୍ଗ ବଜାରର ବ୍ୟବସାୟୀ ତଥା ୧୭ ନଂ ୱାର୍ଡ ବାସିନ୍ଦା ନିରଞ୍ଜନ ସେଠୀ (୫୮)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଯାଇଛି । ନିରଞ୍ଜନ ଜଣେ ମିଷ୍ଟଭାଷୀ, ମେଳାପୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କର ମରଶରୀରକୁ କଳିଙ୍ଗବଜାର ଅଣାଯାଇ ବଜାର କମିଟି ତରଫରୁ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା ବେଳେ ପୁଅ ରାକେଶ ମୁଖାଗ୍ନି ଦେଇଥିଲେ । ତାଙ୍କ ସ୍ମୃତିରେ ଆସନ୍ତା ମଙ୍ଗଳବାର କଳିଙ୍ଗବଜାର ସଂପୂର୍ଣ୍ଣ ବନ୍ଦ କରାଯିବା ପାଇଁ ନିଷ୍ପତ୍ତି କରାଯାଇଥିବା ବଜାର କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

### ବାଣ ନିଆଁରେ ପୋଡ଼ି ମହିଳା ଗୁରୁତର ଘଟଣା

# ବରପିତା ଓ ବାଣୁଆ ଗିରଫ

**ସାଲେପୁର,୨୭ ।୧୨(ସମିସ):** ବରଯାତ୍ରୀ ଶୋଭାଯାତ୍ରା ବେଳେ ବାଣ ନିଆଁରେ ପୋଡ଼ି ହୋଇ ଜଣେ ମହିଳା ଗୁରୁତର ଆହତ ହେବା ଘଟଣାରେ ବରର ପିତା ଓ ବାଣୁଆକୁ ସାଲେପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗତ ୫ ତାରିଖ ତେନ୍ତୋଳ ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ପୁଅ କେଶବଙ୍କ ସହ ଜିଗ୍ନୀପୁର ଛୁଆଳିଆ ଗ୍ରାମର ଉପେନ୍ଦ୍ର ଘଡ଼େଇଙ୍କ ଝିଅ ଦୀପାଞ୍ଜଳି ସହ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିଲା । ଏହି ବିବାହ ଉତ୍ସବରେ ବରଘର ପକ୍ଷରୁ ଡିଜେ ବଜାଇବା ସହ ବାଣ ଫୁଟାଇ ବିବାହ ନିମନ୍ତେ କନ୍ୟାଘରକୁ ଯାଉଥିବା ସମୟରେ ବାଣ ଫୁଟି ବାଣର ନିଆଁ ଛୁଆଳିଆ ଗ୍ରାମର ପୂର୍ଣ୍ଣିମା ସ୍ୱାଇଁ(୪୭) ପିନ୍ଧିଥିବା ଶାଢ଼ିରେ ଲାଗିଯାଇଥିଲା । ପୂର୍ଣ୍ଣିମା ବହୁ ଚିତ୍କାର କରିଥିଲେ ମଧ୍ୟ ଡି.ଜେ ଶବ୍ଦ ଯୋଗୁ ତାଙ୍କର ଚିତ୍କାର କେହି ଶୁଣିପାରି ନଥିଲେ । ଫଳରେ ଲୋକେ ତାଙ୍କୁ ଉଦ୍ଧାର କଲାବେଳକୁ ତାଙ୍କ ଶରୀରର ପ୍ରାୟ ୫୦ଭାଗ ପୋଡ଼ିଯାଇଥିଲା । ପୂର୍ଣ୍ଣିମାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପରିବାର ଲୋକେ ଡାକ୍ତରଖାନାକୁ ପଠାଇବା ସହ ଏହାନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ସାଲେପୁର ପୁଲିସ ଏକ ମାମଲା ରୁଜୁ କରି ଏହି ଘଟଣାରେ ବରର ପିତା ରାମଚନ୍ଦ୍ର ବେହେରା ଓ ବାଣୁଆ ଭଜନ ଦାସକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ସାଲେପୁର ଥାନାଧିକାରୀ ପ୍ରକାଶ କରିଛନ୍ତି । ଅପରପକ୍ଷରେ ବାଣନିଆଁରେ ପୋଡ଼ିହୋଇଥିବା ପୂର୍ଣ୍ଣିମା ଏବେ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି ।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ତିଗିରିଆ, ୨୭ ।୧୨(ସମିସ):** କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା ମାଇଁ ଭାରତ, କଟକ ଆନୁକୂଲ୍ୟରେ ତଥା ତିଗିରିଆ ବ୍ଲକ ରଘୁନାଥ ଯୁଥ କ୍ଲବ୍ ସହଯୋଗରେ ଗଦାଧରପୁର ଉଚ୍ଚବିଦ୍ୟାଳୟ ସମ୍ମୁଖ ଖେଳ ପଡିଆରେ ଦୁଇଦିନ ଧରି ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ତିଗିରିଆ ବ୍ଲକ ରଘୁନାଥ ଯୁଥ କ୍ଲବର ସଭାପତି ତଥା ମାଇଁ ଭାରତ, କଟକର ସ୍ୱେଚ୍ଛାସେବୀ ଜିତେନ୍ଦ୍ର କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ତିଗିରିଆ, ବଡମ୍ବା ଓ ନରସିଂହପୁର ମୋଟ ୧୨୦ ଜଣ ପ୍ରତିଯୋଗୀ ମୋଟ ୬ଟି ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ୧୦୦ ମିଟର ଦୌଡ଼ ବାଳକ ବର୍ଗରେ ତିଗିରିଆ ବ୍ଲକ ଗଦାଧରପୁରର ଦେବୀପ୍ରସାଦ ଦାସ ପ୍ରଥମ, ମନୋଜ କୁମାର ପଣ୍ଡା ଦ୍ୱିତୀୟ ଓ ନରସିଂହପୁର ବ୍ଲକର ସଂଗ୍ରାମ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବାଳିକା ବର୍ଗରେ ତିଗିରିଆର ସୂର୍ଯ୍ୟମୟୀ ଶତପଥୀ ପ୍ରଥମ, ନରସିଂହପୁରର ସୌମ୍ୟା ସୁରଭି ବିଶ୍ୱାଳ ଦ୍ୱିତୀୟ ଓ ବଡମ୍ବାର ସ୍ନେହଲତା ଖଟୁଆ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବ୍ୟାଡମିଣ୍ଟନରେ ତିଗିରିଆର ଶ୍ରୀମାନ ସାଇରାଜ ରାଉତ ଚାମ୍ପିଅନ ହୋଇଥିବା ବେଳେ ଖୋଖୋରେ ତିଗିରିଆର ଅଟଳକୋଟ କ୍ଲବ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ । ସେହିପରି ଭଲିବଲରେ ବଡମ୍ବା ଖୁଣ୍ଟକଟାର ସୁପର ସିକ୍ସ କ୍ଲବ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା ।

ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡମ୍ବା ନିର୍ବାଚନମଣ୍ଡଳୀର ବିଧାୟକ ବିଜୟ କୁମାର ଦଳବେହେରା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଗ୍ରାମୀଣ ବିଜେପି ସଭାପତି ରାମନାରାୟଣ ମହାନ୍ତି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିକ୍ରମ କେଶରୀ ଦାଶ, ଜିଲ୍ଲା ବିଜେପି ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ଜିଲ୍ଲା କିଷାନ ମୋର୍ଚ୍ଚା ସାଧାରଣ ସମ୍ପାଦକ ହରେକୃଷ୍ଣ ମହାନ୍ତି, ତିଗିରିଆ ମଣ୍ଡଳ ସଭାପତି ମାନସ କୁମାର ନାୟକ, ନୂଆପାଟଣା ମଣ୍ଡଳ ସଭାପତି ଦିପୁନା ସେନାପତି, ପୂର୍ବତନ ତିଗିରିଆ ମଣ୍ଡଳ ସଭାପତି ସନ୍ତୋଷ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ କର୍ମକର୍ତ୍ତା ସୁରେନ୍ଦ୍ର କୁମାର ସ୍ୱାଇଁ ସଂଯୋଜନା କରିଥିବା ବେଳେ ଗଣେଶ୍ୱର ରାଉତ, ମାନସ ରଞ୍ଜନ ସାହୁ, ରୁଦ୍ରପ୍ରସାଦ ପରିଡା, ଅଜିତ ଦାଶ, କାବୁଲି ରାଉତ, ବସନ୍ତ ବେହେରା, ପ୍ରମୋଦ ସେଠୀ, ସୁବାସଚନ୍ଦ୍ର ସାହୁ, ସର୍ବେଶ୍ୱର ନାୟକ, ଅଶୋକ ନାୟକ, ପ୍ରକାଶ ବଳ, ମିଲୁ ସ୍ୱାଇଁ, ସୁନୀଲ ପଟ୍ଟନାୟକ, ଲକ୍ଷ୍ମୀଧର ମହାରଣା, ପିନ୍ମୟ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାରଣା ସହଯୋଗ କରିଥିଲେ ।

## ଜାତୀୟ ରାଜପଥ ପାର୍ଶ୍ୱରେ ବଢୁଛି ଭାରିଯାନ ବେଆଇନ୍ ପାର୍କିଂ

# ଜଟିଳ ହେଉଛି ସେମିଳିଗୁଡ଼ା ଟ୍ରାଫିକ ସମସ୍ୟା



ସେମିଳିଗୁଡା,୨୭।୧୨(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ସହର ଦେଇ ଛତିଶଗଡ ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ୨୬ ନମ୍ବର ଜାତୀୟ ରାଜପଥର ପ୍ରାୟ ୩ ରୁ ୪ କିମି ରାସ୍ତା ସେମିଳିଗୁଡା ସହର ମଧ ଭାଗ ଦେଇ ଯାଇଛି। ଏହି ରାସ୍ତାର ଉଭୟ ପାଶ୍ୱର୍ରେ ଟ୍ରକ୍,ବାଇକ୍ ଅଟୋ, ଭାରିଯାନ ଗୁଡ଼ିକ ବେଆଇନ୍ ପାର୍କିଂ କରି ଜାତୀୟ ରାଜପଥ ଅବରୋଧ କରୁଥିବା ଅଭିଯୋଗ ହେଉଛି। ଯାହାଦ୍ୱାରା ଅନେକ ସମୟରେ ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଛଟବଡ଼ ଦୁର୍ଘଟଣାମାନ ଘଟୁଛି। ସେମିଳିଗୁଡା ସହର ଜିଲ୍ଲାର ଏକ ମୁଖ୍ୟ ବ୍ୟବସୟିକ ସହର। ଆଖପାଖ ଗାଁ ଲୋକେ ଏହି ସହର ଉପରେ ନିର୍ଭର କରିଥାନ୍ତି। ଅଞ୍ଚଳରେ କେତେ ଜଣ ବେପାରୁଆ ଗାଡ଼ି ମାଲିକ, ଗାଡ଼ି ମୋଟର ନିଜ ଘର ସମ୍ମୁଖରେ ରଖୁଛନ୍ତି। ସହରର ଫାଷ୍ଟ ପେଟ୍ରୋଲ ପମ୍ପ ନିକଟରେ, ଟ୍ରାଫିକ ଛକ ଠାରୁ କାକି ଗାଁ ଯିବା ରାସ୍ତାରେ, ରେଲିଆନ୍ସ ଷ୍ଟୋର ନିକଟରେ, ରାମ ମନ୍ଦିର ଯିବା ରାସ୍ତା ସହ ଆଇସିଆଇ ବ୍ୟାଙ୍କ ନିକଟରେ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ଗାଡ଼ି ମାଲିକମାନେ ସେମାନଙ୍କ ଗାଡ଼ିକୁ ବେଆଇନ୍ ଭାବେ ପାର୍କିଂ କରି ସାଧାରଣ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି। ରବିବାର ଦିନ ବହୁତ ସମୟ ଟ୍ରାଫିକ ସମସ୍ୟା ଦେଖାଦେଇଥିବା ବେଳେ ଗତ ସପ୍ତାହ ରୁ ଅଧିକାଂଶ ସମୟରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ପୌର ପରିଷଦର, ପୋଲିସ ବିଭାଗର ଅଧିକାରୀମାନେ ଦୃଷ୍ଟି ଦେଉନଥିବା ଅବହେଳା କରିଥିବା ଅଭିଯୋଗ ହୋଇଛି। ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

# ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ବିରୋଧରେ ପ୍ରତିବାଦ ସଭା

ଉମରକୋଟ,୨୭।୧୨(ସମିସ):




ବଙ୍ଗଳା ଦେଶରେ ହିନ୍ଦୁଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାରକୁ ବିରୋଧ କରି ହିନ୍ଦୁ ସଂଘଠନ ପକ୍ଷରୁ ଉମରକୋଟ ଡିଏନକେ ସ୍ଥିତ ଗୋପବନ୍ଧୁ ଛକଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗାବାହିନୀ ଓ ମାତୃଶକ୍ତି, ହିନ୍ଦୁ ସୁରକ୍ଷା ବାହିନୀ, ନୂତନ ଭାରତ, ଜଗୋ ଔର ଜଗାଓ, ଓ କିନ୍ନର ହିନ୍ଦୁ ସମାଜର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ସଭାରେ ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି କୃପାରାମ ସାହୁ, ଜିଲା ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା, ଉମରକୋଟ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦର ବଜରଙ୍ଗ ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ହିନ୍ଦୁ ସୁରକ୍ଷାବାହିନୀର ଅନେକ ସଦସ୍ୟ ସହ ଅବସର ପ୍ରାପ୍ତ ଶିକ୍ଷକ ସଙ୍ଘ ଓ ଉତ୍କଳୀୟ ବଙ୍ଗ ସମାଜର ତପନ ପାଲ ସହ ଅନେକ ସଦସ୍ୟ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସଭାରେ ସମ୍ପ୍ରତି ଭାରତ ବର୍ଷରେ ବାଂଲାଦେଶୀଙ୍କ ପ୍ରାଦୁର୍ଭାବ ବଢୁଥିବା, ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହିବା ଘଟଣାକୁ ଘୋର ନିନ୍ଦା କରାଯିବା ସହ ଏହାକୁ ତୁରନ୍ତ ରୋକିବା ପାଇଁ ଦାବି କରାଯାଇଥିଲା। ଏହି ଅବସରରେ ବାଂଲାଦେଶଠାରେ ହିନ୍ଦୁ ଯୁବକ ଦିପୁ ଦାସଙ୍କ ସମସ୍ତ ହତ୍ୟାକାରୀଙ୍କୁ ଗିରଫ କରି ତୁରନ୍ତ ଫାଶୀ ଦଣ୍ଡ ଦିଆଯାଉ ବୋଲି ଦାବି କରାଯାଇଥିଲା।

# ଓଡ଼ିଶା ଖଣି ନିର୍ଦ୍ଦେଶକଙ୍କ ଲକ୍ଷ୍ମୀପୁର ଗସ୍ତ



ଲକ୍ଷ୍ମୀପୁର,୨୭।୧୨(ସମିସ):

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଗସ୍ତରେ ଆସି ଫେରିଛନ୍ତି ଓଡିଶା ଖଣି ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ । ଶୁକ୍ରବାର ସକାଳୁ ୧୧ ଟା ସମୟରେ ଲକ୍ଷ୍ମୀପୁର ସ୍ଥିତ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସମସ୍ତ ବିଷୟ ଉପରେ ଅବଗତ ହୋଇ ଥିଲେ । ସାଙ୍ଗାନା ଉଚ୍ଚ ବିଦ୍ୟାଳୟ ଯେଉଁ ଆକାରରେ ହୋଇଛି ସେହି ଅନୁସାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ରହୁଛି ଏବଂ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଛନ୍ତି, ଆଉ ଅନେକ କକ୍ଷ ଖାଲି ମଧ ରହୁଛି। ତେଣୁ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଲେ ଠିକ ହୁଅନ୍ତା ବୋଲି ଅଭିଯୋଗ ହୋଇଥିଲା। ଏହା ସହ ମେଡିକାଲ ଓ ଆଇଟିଆଇ ବୁଲି ଦେଖି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ମେଡିକାଲରେ ଲିଫ୍ଟ ଅଚଳ ଓ ଓଏମସି ଦ୍ୱାରା ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ୍ ବିଲ ଅଧିକା ଆସୁଥିବା ହେତୁ ପଞ୍ଚାୟତ ପାଖରେ ବିଲ୍ ପୈଠ ପାଇଁ ସେତିକି ଟଙ୍କା ନ ଥିବାରୁ ଲାଇଟ୍ ଜଳୁ ନାହିଁ, ବର୍ତ୍ତମାନ ସବୁ ଆଡେ ଅନ୍ଧାର ରହୁଛି ଏବଂ ଲକ୍ଷ୍ମୀପୁରରେ ଆବଶ୍ୟକତା ଅନୁସାରେ ଉନ୍ନତି ହୋଇ ନ ଥିବା ପ୍ରଭୃତି ଅଭିଯୋଗ ହୋଇଥିଲା। ସରକାରଙ୍କ ଯୋଜନା ଗୁଡିକ କିପରି କାର୍ଯ୍ୟକାରୀ ହେଉଛି ସେସବୁ ଅନୁଧାନରେ ଆସିଥିବା ଖଣି ନିର୍ଦ୍ଦେଶକ ସମସ୍ତ ବିଷୟ ଉପରେ ଅନୁଧ୍ୟାନ କରି ସରକାରଙ୍କ ନିକଟରେ ପହଞ୍ଚାଇ କିପରି ସମାଧାନ ହୋଇ ପାରିବ ତାର ଖସଡ଼ା ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି। ଏହାସହ ଆଇଟିଆଇରୁ ଉତ୍ତୀର୍ଣ୍ଣ ହେବା ପରେ ପିଲା କିପରି ନିଯୁକ୍ତି ପାଇ ପାରିବେ ଓ କେବିକେ ଅଞ୍ଚଳର ପିଲାଙ୍କୁ କେମିତି ଏଠି ଅଗ୍ରାଧିକାର ଦିଆଯାଇ ପାରିବ ସେନେଇ ଏକ ଆଲୋଚନା ହୋଇଥିବା ଜଣାପଡ଼ିଛି। କୋଡ଼ିଙ୍ଗା ମାଳି ପାହାଡକୁ ମଧ ଯାଇ ଅନୁଧାନ କରିବା ପରେ ଡୁମୁରୀପଦର ଗାଁକୁ ଯାଇ ସେଠାରୁ ଖଣି ନିର୍ଦ୍ଦେଶକ ଶ୍ରୀ ସାମଲ କୋରାପୁଟ ଅଭିମୁଖେ ବାହାରଥିଲେ। ଏହି ସମୟରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲ୍ଲା ଉନ୍ନୟନ ଅଧିକାରୀ, ଆଞ୍ଚଳିକ ଖଣି ପରିଚାଳକ ଚିନ୍ମୟ ପରିଡ଼ା, ଶାଖା ପରିଚାଳକ ବିଭୀଷଣ ମାଝୀ, ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୋଇ, ବିଡିଓ ସବ୍ୟସାଚୀ ବେହେରା, କନିଷ୍ଠ ଯନ୍ତ୍ରୀ ଏମ୍. ପାୱାନ କୁମାର ଓ ଅନ୍ୟ କର୍ମଚାରୀ ସାଥିରେ ରହି ବ୍ଲକ୍ ସମସ୍ତ ବିଷୟରେ ଅବଗତ କରାଇଥିଲେ।

# ପାରାଦୀପ ଫସଫେଟ ଲିମିଟେଡ୍ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ




ଉମରକୋଟ,୨୭।୧୨(ସମିସ): ପାରାଦୀପ ଫସଫେଟ ଲିମିଟେଡ଼ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ଯୁଭି-୧୧ ନାୟକଗୁଡାଠାରେ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଜିଲା ଏକ କୃଷି ପ୍ରଧାନ ଜିଲା ଭାବେ ପରିଗଣିତ ଏଠାରେ ଶିଳ୍ପର କୌଣସି ଅସ୍ତିତ୍ୱ ନାହିଁ। ଅନ୍ୟପଟେ ଶତକଡା ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ଏଠାକାର ମାଟି ଚାଷ ପାଇଁ ବେଶ ଉପଯୋଗୀ ହୋଇଥିବା ବେଳେ ରାସାୟନିକ ସାର ବ୍ୟବହାର କରିବା ଯୋଗୁଁ ମାଟିର ଉର୍ବରତା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଲାଣି। ତେଣୁ ଏହାକୁ ଦୃଷ୍ଟିରେ ରଖି ପାରାଦୀପ ଫସଫେଟ ଲିମିଟେଡ଼ କମ୍ପାନୀ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ ପାଇଁ ଏକ କାର୍ଯ୍ୟକ୍ରମ ରଖା ଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୋକଙ୍କ ମନରେ ସଚେତନ ସୃଷ୍ଟି କରିବା ଓ ମାଟି ପରୀକ୍ଷା, ସନ୍ତୁଳିତ ସାର ଉପଯୋଗ, କମ୍ପାନୀ ପକ୍ଷରୁ ନାନୋଶକ୍ତି ନାନୋଡିଏପି, ନାଇଟ୍ରୋନିକ-୩୨ ଏବଂ ଟିଏସପି-୪୬କୁ ବ୍ୟବହାର ବିଷୟରେ ଆଲୋଚୋନା ହୋଇଥିଲା। ଅଣୁ ସାର ନାନୋ ଡିଏପି, ନାନୋ ୟୁରିଆର ଉପକାରିତା ଏବଂ ତାର ବ୍ୟବହାର ଦ୍ୱାରା ଆଗାମୀ ଦିନରେ ମାଟିର ଉର୍ବରତକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇପାରିବ ବୋଲି କହିଛନ୍ତି। ପାରାଦୀପ ଫସଫେଟ ପକ୍ଷରୁ କମ ଦାମରେ ବିଭିନ୍ନ ପ୍ରକାର ସାର ଯୋଗାଇ ଦିଆଯାଉଛି, ଯାହା ବ୍ୟବହାର ଦ୍ୱାରା ଧାନ, ମକା ଓ ପନିପରିବା ଅଧିକ ଅମଳ ହୋଇପାରିବ ଓ ଚାଷୀ ମଧ ଅଧିକ ଲାଭବାନ ହୋଇପାରିବେ ବୋଲି କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ଯୋଗ ଦେଇଥିବା ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ପିପିଏଲ ପକ୍ଷରୁ ଆସୁଥିବା ସାର ବ୍ୟବହାର କରିଥିବା ନିଖିଳ ମିସ୍ତ୍ରୀ, ତ୍ରିଭୁବନ ସାହୁ, ମନିମନ ରାୟ,ଯଗ ସାନ୍ତା, ଅନ୍ତ ସାନ୍ତା, ହେମନ୍ତ ରାଏଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିପିଏଲ ପକ୍ଷରୁ ରିଜିଓନାଲ ମ୍ୟାନେଜର ଅତୁଲ ପାଣ୍ଡେ, ମାର୍କେଟିଂ ଅଧିକାରୀ ଜ୍ୟୋତି ରଞ୍ଜନ ସିଂ, ଜୁନିଅର ଏଗ୍ରନୋମିଷ୍ଟ ସୁଧୀର କୁମାର ନାୟକ, ନୀଳମାଧାବ ସେଠି, ସାଜନ ସରକାର, ଲିଟୁ ପଣ୍ଡା, ସଂଜିତ ମଣ୍ଡଳଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଧର୍ମ ପରାୟଣ ମହିଳାଙ୍କ ପରଲୋକ



ଉମରକୋଟ,୨୭।୧୨(ସମିସ): ଉମରକୋଟ ସହରର ଗୁଲିପାଟଣା ନିବାସୀ ତଥା ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ଦୁଷ୍ମନ୍ତ କୁମାର ପଟ୍ଟନାୟକଙ୍କ ମା' ମନୋରମା ପଟ୍ଟନାୟକଙ୍କ ୭୭ ବର୍ଷ ବୟସରେ ଗୁରୁବାର ସକାଳେ ପରଲୋକ ହୋଇଛି। ସେ ବହୁଦିନ ଧରି ଶଯ୍ୟାଶାୟୀ ଥିଲେ। ଆଜି ଭୋର ସକାଳ ୪ଟା ବେଳେ ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ କରାଯାଇଥିଲା ବଡ଼ ପୁଅ ଦୁଷ୍ମନ୍ତ ମୁଖାଗ୍ନି ଦେଇଥିଲେ। ଅନ୍ତ୍ୟେଷ୍ଟି କାର୍ଯ୍ୟ ସମୟରେ ମଝିଆ ପୁଅ ଦିଲ୍ଲୀପ, ସାନପୁଅ ଲଣ୍ଡା, ଦୁଇ ଝିଅ କଳ୍ପନା, ରଚି, ଦୁଇ ଜ୍ୱାଇଁ, ସାନ ବହୁ ଓ ମଝିଆ ବହୁ ସୁନିତା ଅନ୍ୟ ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ଅନ୍ତିମ ସଂସ୍କାର ସମାପନ ହୋଇଥିଲା। ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯାଇ ଶେଷ ଦର୍ଶନ କରିଥିଲେ।

# ଲମତାପୁଟରେ ଏସ୍‌ବିଆଇ ଶାଖା ଉଦ୍‌ଘାଟିତ




ଲମତାପୁଟ,୨୭।୧୨(ସମିସ): ଦୀର୍ଘ ଦିନର ଅପେକ୍ଷା ପରେ କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍ କାର୍ଯ୍ୟାଳୟ ପାଶ୍ୱର୍ରେ ଗତ ବୁଧବାର ଦିନ ଏସ୍‌ବିଆଇ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ବିଆଇ ସିଜିଏମ ଭୁବନେଶ୍ୱର ଏଡି ରତ୍ନା ତେଜା ପ୍ରସ୍ତର ନିର୍ମିତ ଶିଳାର ନାମ ଫଳକକୁ ରିବନ କାଟି ଉଦ୍‌ଘାଟନ କରିଥିଲେ। ଶାଖାର ଶୁଭାରମ୍ଭରେ କିଛି ବଣ୍ଡା ସମ୍ପ୍ରଦାୟର ମହିଳାମାନଙ୍କୁ ନୂତନ ଜମା ଖାତା ପ୍ରଦାନ କରାଯାଇଥିଲା । ଲମତାପୁଟ ବଜାରର କିଛି ବ୍ୟବସାୟୀଙ୍କୁ ମୁଦ୍ରାଋଣ ପ୍ରଦାନ କରାଯାଇଥିଲା। ପୂର୍ବରୁ ଏହି ଶାଖା ପାଇଁ ଜନ ପ୍ରତିନିଧି, ଅଞ୍ଚଳବାସୀ ଏବଂ ବ୍ଲକର ଗଣମାଧ୍ୟମ ପ୍ରତିନିଧିମାନେ ରାଜ ରାସ୍ତାକୁ ଓହ୍ଲାଇଥିଲେ। ଏହି ଶାଖାଟି ଖୋଲିବା ଯୋଗୁଁ ବର୍ତ୍ତମାନ ଅଞ୍ଚଳବାସିଙ୍କ ଖୁସି ବହୁଗୁଣିତ ହୋଇଯାଇଛି। ଲମତାପୁଟ ବ୍ଲକରୁ ୧୮ କିଲୋମିଟର ଦୂର ମାଛକୁଣ୍ଡ ଗ୍ରାମରେ ଏସ୍‌ବିଆଇ ଶାଖାଟି ଥିବା ଯୋଗୁଁ ଅଞ୍ଚଳବାସୀ ବ୍ୟାଙ୍କ୍ ସେବା ପାଇବାରେ ବଞ୍ଚିତ ହେଉଥିଲେ। ନେଟୱର୍କ ସମସ୍ୟା ଲିଙ୍କ୍ ଫେଲ୍ୟୁର ଏବଂ ଯାତାୟାତ ସମସ୍ୟା ସକାସେ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନ୍ୟପକ୍ଷରେ ଲମତାପୁଟ ବ୍ଲକକୁ ଲାଗିରହିଥିବା କୋଲାବ ଜଳଭଣ୍ଡାର ଆରପାରିରେ ଥିବା ଚାରୋଟି ପଞ୍ଚାୟତବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଶାଖାର ଉଦ୍‌ଘାଟନ ସମୟରେ ଡିଜିଏମ ବ୍ରହ୍ମପୁର ଆଲୋକ କୁମାର ସିହ୍ନା, ଆରଏମ୍ ଜୟପୁର ସୁବାଶ ଚନ୍ଦ୍ର ବେହେରା, ଲମତାପୁଟ ଶାଖା ପରିଚାଳକ ରାଜାରାମ ପାଢୀ, ଲମତାପୁଟ ଶାଖା କୋଷାଧ୍ୟକ୍ଷ ବିଶାଲ ସାହା ଏବଂ ଲମତାପୁଟ ଅଞ୍ଚଳର ଜନ ସାଧାରଣ ଉପସ୍ଥିତ ଥିଲେ। ସମସ୍ତଙ୍କ ଉପସ୍ଥିତିରେ ଶାଖାର ଚର୍ତୁଃପାଶ୍ୱର୍ରେ ବୃକ୍ଷରୋପଣ କରାଯାଇଥିଲା।

# ଡ଼ଙ୍ଗରପାଉଁଶିରେ ଖରିଫ ମଣ୍ଡି ଶୁଭାରମ୍ଭ



କୁନ୍ଦୁରା,୨୭।୧୨(ସମିସ): କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଡ଼ଙ୍ଗରପାଉଁଶିଠାରେ ଧାନ କିଣା ଆରମ୍ଭ ହୋଇଛି। ବହୁ ବାଦ ବିବାଦ ପରେ ଆରମ୍ଭ ହୋଇଛି ଖରିଫ ଧାନ ମଣ୍ଡି। ଡଙ୍ଗର ପାଉଁଶି ଏବଂ ଫୁପୁଗାଁ ଧାନ ମଣ୍ଡି ଗୋଟିଏ ସ୍ଥାନରେ ହେଉଥିବାବେଳେ ଆରଏମ୍‌ସି ବଜାର ଗୃହଠାରେ କ୍ରୟକାରୀ ସଂସ୍ଥା, ଯୋଗାଣ ବିଭାଗ, ମିଲର୍ସ ଏବଂ ଚାଷୀମାନଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଛି। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ ଦ୍ୱାରା ନଡ଼ିଆ ଭାଙ୍ଗିଥିବାବେଳେ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ପର୍ଶୁରାମ ମହାରଣା, ଯୋଗାଣ ନିରୀକ୍ଷକ ପ୍ରଦୀପ ସେଠୀ, ନିୟନ୍ତ୍ରିତ ବଜାର କମିଟି ମାନ ପରୀକ୍ଷକ ଡମ୍ବରୁ ସାଆନ୍ତା, ବରିଷ୍ଠ ଚାଷୀ ରାଧାନାଥ ଭଞ୍ଜ ପ୍ରମୁଖ ଉପସ୍ଥିତ ରହିଥିଲେ। କୁନ୍ଦୁରା ବ୍ଲକରେ ସମୁଦାୟ ୧୭ଟି ମଣ୍ଡି ରହିଥିବା ବେଳେ ପ୍ରଥମେ ଏହି ମଣ୍ଡିର ଶୁଭାରମ୍ଭ କୌଣସି ବିଭ୍ରାଟ ନ ହେଉଣୁ ଶୁଭାରମ୍ଭ ହେବା ଯୋଗୁଁ ଅନ୍ୟ ଗୁଡ଼ିକ ମଧ ସୁଚାରୁରୂପେ ହୋଇଯିବ ବୋଲି ଚାଷୀକୁଳ ପକ୍ଷରୁ ମଧ ଆଶା କରାଯାଉଛି। ସରକାର ବିଭିନ୍ନ ସ୍ଥାନରେ କଟନୀ ଛଟନୀ ବନ୍ଦ କରିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ପ୍ରଶାସନ ଏବଂ ମିଲର୍ସ ସଲାସୁତୁରା ହୋଇ ଶୁକ୍ରବାର ଦୁଇ କିଲୋ ପାଞ୍ଚ ଶହ ଗ୍ରାମ କଟନୀ ଛଟନୀ ପରେ ଧାନ ଉଠିବାନେଇ ସ୍ଥିର ହୋଇଥିବା ଚାଷୀଙ୍କ ସୂତ୍ରରୁ ଖବର ମିଳିଛି। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଚାଷୀଙ୍କ ଧାନ ନିରୂପଣ କରିବା ନିମନ୍ତେ ଯେଉଁ ମେସିନ ଆସିଥିଲା କଟନୀ ଛଟନୀ ନିଷ୍ପତି ହେବା ପରେ ତାହାର ଦରକାର ମଧ ଆସିଲାଣି। ଏହି ଦୁଇଟି ଧାନ ମଣ୍ଡିରୁ ଟୋକନ ଅନୁସାରେ ୪୦୦୦ କ୍ୟୁଣ୍ଟାଲ ଧାନ ପ୍ରଥମ ତାଲିକାରେ କ୍ରୟ କରିବା ନେଇ ରହିଥିବା ବେଳେ ୯ ଟି ମିଲର୍ସ ସୀତାରାମ ଇଣ୍ଡଷ୍ଟ୍ରିଜ, ଭୁବନେଶ୍ୱରୀ ରାଇସ ମିଲ, ଗୀତାଞ୍ଜଳି ରାଇସ ମିଲ,ଶ୍ରୀ ଲକ୍ଷ୍ମୀ ଶ୍ରାଭଣି ଏଣ୍ଟର ପ୍ରାଇଜେସ, ଶ୍ରୀ ଭିଗ୍ନେଶ୍ୱର ମଡ଼େର୍ଣ୍ଣ ରାଇସ ମିଲ, ଶ୍ରୀ ଦୁର୍ଗା ରାଇସ ମିଲ, ଦନ୍ତେଶ୍ୱରୀ ମିଲ ଏବଂ ଗୋପୀନାଥ ରାଇସ ମିଲ ଦାୟିତ୍ୱରେ ରହିଛନ୍ତି।

# ବାଂଲାଦେଶ ବିରୁଦ୍ଧରେ ହିନ୍ଦୁ ଆକ୍ରୋଶ ବିକ୍ଷୋଭ



ବୈପାରୀଗୁଡା,୨୭।୧୨(ସମିସ): ବୈପାରୀଗୁଡାଠାରେ ବାଂଲାଦେଶ ବିରୁଦ୍ଧରେ ହିନ୍ଦୁ ଆକ୍ରୋଶ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ଏହି ବିକ୍ଷୋଭ କରାଯାଇଛି। ସ୍ଥାନୀୟ ହନୁମାନ ବାଟିକାଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ ସଂଗଠନର କର୍ମକର୍ତ୍ତା। ବାଂଲାଦେଶରେ ଇସଲାମିକ୍ କଟର ପନ୍ଥୀମାନଙ୍କ ଦ୍ୱାରା ହିନ୍ଦୁମାନଙ୍କ ପ୍ରତି କରାଯାଉଥିବା ନିର୍ମମ ହତ୍ୟା ପ୍ରତିବାଦରେ ବିଭିନ୍ନ ସ୍ଥାନରେ ପ୍ରତିବାଦ ପ୍ରଦର୍ଶନ ହେଉଥିବାବେଳେ ଶୁକ୍ରବାର ବୈପାରୀଗୁଡା ବିଶ୍ୱହିନ୍ଦୁ ପରିଷଦ ତରଫରୁ ଏକ ବିକ୍ଷୋଭ ପ୍ରଦର୍ଶନ ସହ ରାଲି ଅନୁଷ୍ଠିତ ହୋଇଯାଇଛି। ଶହୀଦ ଲକ୍ଷ୍ମଣ ନାୟକ ମୁଖ୍ୟ ଚାରି ଛକରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ମହମଦ ୟୁନୁସଙ୍କ ହିନ୍ଦୁ ବିରୋଧୀ ଚିନ୍ତାଧାରା ଓ କାର୍ଯ୍ୟ ପାଇଁ ତାଙ୍କ ପ୍ରତିଚିତ୍ର ଜଳାଯିବା ସହିତ ଜୋତା ମାଡ଼ କରାଯାଇଥିଲା। ଭାରତରୁ ବାଂଲାଦେଶୀମାନଙ୍କୁ ଦେଶରୁ ବିତାଡିତ କରିବା ପାଇଁ ଏକ ସ୍ୱରରେ ନାରାବାଜି କରାଯାଇଥିଲା।

# ଜୟପୁର ଯୁବ ରାଜକୁମାରଙ୍କ ଜନ୍ମଦିନ ପାଳିତ



ନନ୍ଦପୁର,୨୭।୧୨(ସମିସ): ଦୀର୍ଘ ବର୍ଷ ପରେ ନନ୍ଦପୁର ରାଜବଂଶୀୟ ଯୁବରାଜ କୁମାର ବିଶେଶ୍ୱର ଚନ୍ଦ୍ରଚୁଡ଼ ଦେଓ ନିଜ ଜନ୍ମଦିନ ନନ୍ଦପୁର ପ୍ରଜାଙ୍କ ମେଳିରେ ପାଳନ କରିଛନ୍ତି। ସେପଟେ ନିଜ ଅଞ୍ଚଳର ରାଜା ବଂଶୀୟ ଯୁବ ମହାରାଜ କୁମାରଙ୍କ ଜନ୍ମ ଦିନ ସାମିଲ ହୋଇ ଖୁସି ହେବା ସହ ଯୁବରାଜ କୁମାର ବିଶେଶ୍ୱର ଚନ୍ଦ୍ରଚୁଡ଼ ଦେଓଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଶୁଭକାନ ସହ ତୁମ ଜୀଓ ହଜାର ଶାଲ, ଏ ଦୂଆ ହେ ହମାରୀ ବୋଲି କହିଛନ୍ତି। ସେପଟେ ଯୁବ ରାଜ କୁମାର ମଧ ନନ୍ଦପୁର ପ୍ରଜାମେଳିରେ ପ୍ରଥମ ଥର ଜନ୍ମ ଦିନ ପାଳନ କରି ଆନନ୍ଦ ଉପଭୋଗ କରିଛନ୍ତି। ନନ୍ଦପୁରବାସୀଙ୍କ ପକ୍ଷରୁ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ସାମାଜିକ କର୍ମୀ ମୁନା ଦଳପତି, ସୂର୍ଯ୍ୟ ନାରାୟଣ ଖେମୁଣ୍ଡୁ, ସଞ୍ଜୟ ଦିଆରି, ବୁଦ୍ଧୁ ପୂଜାରୀ, ମଧୁସୂଦନ ଦୋରା, ଗୋବର୍ଦ୍ଧନ ପାଲି, ରବି ଖରା, ମନ ଉଦୁଲିଆ, ଭୁବନେଶ୍ୱର ଦଳପତି, ଗଙ୍ଗାଧର ନାୟକ, ବସା ନାୟକ, ସଦାଶିବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟଙ୍କୁ ଶୀତବସ୍ତ୍ର ବାଣ୍ଟିଲେ ଖୀଷ୍ଟ ଦାସ



ନାରାୟଣପାଟଣା,୨୭।୧୨(ସମିସ): ନାରାୟଣପାଟଣା ପୂର୍ବତନ ସାଂସଦ ପ୍ରତିନିଧି ଖ୍ରିଷ୍ଟ ଦାସ ଗରଡା ବଡ଼ଦିନ ଅବସରରେ ଶୁକ୍ରବାର ଖଣ୍ଡିଆ ସାହି ଗାରିଆ ଘାଟ ସହ ପାଖଆଖ ଗାଁର ଗରିବ ଶ୍ରେଣୀର ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଏପରି ବଣ୍ଟନ କରିଥିବା ସେ ପ୍ରକାଶ କରିଛନ୍ତି। ତେବେ ଆଜିକୁ ବହୁ ବର୍ଷ ହେବ ଗରଡା ପରିବାର ପ୍ରତ୍ୟେକ ଡିସେମ୍ବର ୨୫ ବଡଦିନ ଅବସରରେ କିଛି ନା କିଛି ଦାନ କରିଥାନ୍ତି। ଏଥିସହ ଚର୍ଚ୍ଚରେ କ୍ୟାଣ୍ଡେଲ ଲଗାଇ ଅଞ୍ଚଳ ପାଇଁ ସୁଖ ସବୃଦ୍ଧି ପ୍ରାଥନାମଧ କରିଛନ୍ତି। ଚଳିତ ବର୍ଷ ୩୦ ଜଣ ଅସହାୟଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ଏପରି ମହତ କାମକୁ ବିଭିନ୍ନ ଦିଗରୁ ପ୍ରଶଂସା କରାଯାଇଛି।

# ରାଜ୍ୟ ଜାମ୍ବୋରେଟରେ କୋରାପୁଟର ସଫଳତା




ସେମିଳିଗୁଡା/ସେମିଳିଗୁଡା,୨୭।୧୨(ସମିସ) : ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଓଡ଼ିଶା ରାଜ୍ୟ ଶାଖାର ବିଂଶତମ ଜାମ୍ବୋରେଟ୍ ଓ ସ୍ୱତନ୍ତ୍ର ଜନଜାତି ଜାମ୍ବୋରେଟ୍‌ରେ କୋରାପୁଟ ଜିଲ୍ଲାକୁ ସଫଳତା ମିଳିଛି। ଖୋର୍ଦ୍ଧାର ବରୁଣେଇ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଓଡ଼ିଶା, ଜାତୀୟ ପ୍ରଶିକ୍ଷଣ କେନ୍ଦ୍ରଠାରେ ଚଳିତ ମାସ ୨୨ ତାରିଖରୁ ଶନିବାର ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ରାଜ୍ୟ ଜାମ୍ବୋରେଟ ଓ ସ୍ୱତନ୍ତ୍ର ଜନଜାତି ଜାମ୍ବୋରେଟ୍ ରେ କୋରାପୁଟ ଜିଲ୍ଲା ତରଫରୁ ସୁନାବେଡାର ପିଏମ ଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ( ଜନଜାତି ଓ ଜାତି ଉନ୍ନୟନ ବିଭାଗ )ରୁ ୨୦ ଜଣ ସ୍କାଉଟ୍ସ ଏବଂ ଗାଇଡ୍ସ ଙ୍କ ସହିତ ସେହି ବିଦ୍ୟାଳୟର ଗାଇଡ କ୍ୟାପଟେନ୍ ରୂପମ୍ବିକା ରାଉତରାୟ ଓ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ରେଙ୍ଗାର ସ୍କାଉଟ ମାଷ୍ଟର ତ୍ରିନାଥ ବେହେରା ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ସ୍କାଉଟ୍ସ ଏଣ୍ଡ ଗାଇଡ୍ସମାନେ ବ୍ୟାଣ୍ଡ ଡିସ୍ ପ୍ଲେ ଓ ମାର୍ଚ୍ଚ ପାଷ୍ଟରେ ପ୍ରଥମ, ଫୁଡ଼ଭିଲ୍ଲା, ଡିସଟ୍ରିକ୍ଟ ଗେଟ, ପିଜାଂଟସୋ, କଲର ପାର୍ଟିରେ ଦ୍ୱିତୀୟ, ଏବଂ କ୍ୟାମ୍ପ ଫାୟାର୍ ଓ ଫୋକ୍ ଡେନ୍ସ ରେ ତୃତୀୟ, ଟ୍ରେଡିସିନାଲ୍ ୱାର୍କରେ ଗୋଲ୍ଡ, କୁଇଜରେ ସିଲଭର୍ ମେଡାଲ ହାସଲ କରି ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣି ପାରିଛନ୍ତି। ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅର୍ଜୁନ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ମମତା ପାତ୍ର ଟିମକୁ ଅଭିନନ୍ଦନ ଜଣାଇଛନ୍ତି। ଆଗକୁ ଯେମିତି ରାଜ୍ୟର ଜନଜାତି ଓ ଜାତି ଉନ୍ନୟନ ବିଭାଗର ସମସ୍ତ ଜିଲ୍ଲା ଏହି ଜାମ୍ବରେଟରେ ଯୋଗଦେଇପାରିବେ ସେଥିପାଇଁ ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ସଂଗଠନ କମିଶନର ଅନାମିକା ଦାସ ମତ ପ୍ରକାଶ କରିଛନ୍ତି।

# ଦିଆଳି ପର୍ବ ପାଇଁ ସାପ୍ତାହିକ ହାଟରେ ଭିଡ଼



**କୋଷାଗୁମୁଡ଼ା,୨୭।୧୨(ସମିସ):** ଶୁକ୍ରବାର କୋଷାଗୁମୁଡ଼ା ସଦର ସାପ୍ତାହିକ ହାଟରେ ସ୍ଥାନୀୟ “ଦିଆଳି ପର୍ବ’ ପାଳନ ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। କୋଷାଗୁମୁଡ଼ା ବ୍ଲକ୍‌ର ୨୬ ଗୋଟି ପଞ୍ଚାୟତରେ ଏହି ଡିସେମ୍ବର ମାସର ତୃତୀୟ ସପ୍ତାହ ଓ ଜାନୁଆରୀ ମାସର ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଦିନ, ବାର, ତିଥିକୁ ଦେଖି ପାଳନ କରନ୍ତି। ବର୍ଷକୁ ଥରେ ନୂଆଁ ଫସଲକୁ ନିଜ ଅଧିଷ୍ଠାତ୍ରୀ ଦେବୀ ଓ ଦେବତାଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଗୋମାତା ଙ୍କୁ ପୂଜାର୍ଚ୍ଚନା, ବନ୍ଦାପନା କରି ପ୍ରାୟ ତିନିଦିନ ପର୍ଯ୍ୟନ୍ତ ବହୁ ଆଡମ୍ବରରେ ନିଜ ନିଜ ସମ୍ପର୍କୀୟଙ୍କ ସହ ମିଶି ଅଧିବାସୀମାନେ ପାଳନ କରନ୍ତି। ତିନିଦିନ ପର୍ଯ୍ୟନ୍ତ କୌଣସି କାମ ନ କରିବା ସହ ବିଭିନ୍ନ ସ୍ଥାନରେ ରହି କାମ କରୁଥିବା ତଥା ଆନ୍ଧ୍ର, ତେଲେଙ୍ଗାନା, କେରଳ, ତ୍ରିପୁରାରୁ ଦାଦନ ଲୋକମାନେ ମଧ ଘରକୁ ଆସି ପରିବାର ଲୋକଙ୍କ ସହ ଦିଆଳି ପର୍ବ ମନାନ୍ତି। ଏହି ଦିଆଳି ପର୍ବ ଆଦି ଅନ୍ତ କାଳରୁ ଅଧିବାସୀଙ୍କ ମୁଖ୍ୟ ପର୍ବ ରୂପେ ପାଳିତ ହୋଇଆସୁଛି। ଏହି ପର୍ବର ଦ୍ୱିତୀୟ ଦିନରେ ବିଭିନ୍ନ ରଙ୍ଗ ବେରଙ୍ଗ ସାଜସଜ୍ଜା ହୋଇ ପ୍ରତ୍ୟେକ ଘର ଘର ବୁଲି ପାରମ୍ପରିକ ଗୀତ, ନାଚ କରି ଚାଉଳ, ଧାନ, ଟଙ୍କା, ପରିବା ଚେର୍ଚେରା ମାଗି ଥାନ୍ତି। ଏହି ଦିଆଳି ପର୍ବଟି ପାଳନ ଅବସରରେ ସ୍ଥାନୀୟ କାର୍ଯ୍ୟକ୍ରମ ସବୁ ବନ୍ଦ ରହିଥାଏ। ଦିନକୁ ଦିନ ଆଧୁନିକତାର ବଶବର୍ତ୍ତୀ ସହ ଶିକ୍ଷିତ ହେବା ଯୋଗୁଁ ପୂର୍ବଭଳି ଆଉ ଏତେ ନାଚ, ଗୀତ, ପଟୁଆର କମିବାରେ ଲାଗିଛି। ତେଣୁ ଏହାକୁ ବଞ୍ଚେଇ ରଖିବା ପାଇଁ କିଛି ଅଧିବାସୀ ସମାଜସେବୀ, ନେତାମାନେ ବିଭିନ୍ନ ସଂଗଠନ ଗଠନ କରି ବର୍ତ୍ତମାନ ଚେଷ୍ଟା ଚଳାଇବା ସହ ଏଭଳି ପାରମ୍ପରିକ ପର୍ବକୁ ଅନୁଷ୍ଠିତ କରୁଥିବା ଜଣାପଡିଛି।

## କୃଷକ ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ଜଟିଳ ହେଉଛି ଚାଷୀ ସମସ୍ୟା

ବରଗଡ଼, ୨୭।୧୨(ସମିସ)



ବରଗଡ଼ ଜିଲ୍ଲାରେ ସଂଯୁକ୍ତ କୃଷକ ସଙ୍ଗଠନ ତରଫରୁ ଅଗ୍ରଗାମୀ ଯୁବକ ସଂଘ ଠାରେ ସାମ୍ବାଦିକ ସମ୍ମିଳନୀ ହୋଇଛି। ଏଥିରେ ଧାନ କିଣାବିକା ସମସ୍ୟା, ସ୍ମାର୍ଟ ମିଟର, ସିକ୍ୟୁରିଟି ଡିପୋଜିଟ, ବିହନ ବିଲ ଏବଂ ରାସାୟନିକ ସାର ପ୍ରସଙ୍ଗରେ ସଂଗଠନ ମତ ସ୍ପଷ୍ଟ କରିଛି। ଚାଷୀ ସମସ୍ୟା ଜଟିଳ ହେବା ନେଇ ମତ ପ୍ରକାଶ ପାଇଛି। ସାମ୍ବାଦିକ ସମ୍ମିଳନୀକୁ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର ପରିଚାଳନା କରିଥିବା ବେଳେ ଉତ୍ପନ୍ନ ଭୋଇ ଧାନ ସମସ୍ୟା ଏବଂ ତାହାର ସମାଧାନ ପାଇଁ ସୂଚନା ଦେଇଥିଲେ। ସେହିପରି ଅଜିତ ଶତପଥୀ ବିଦ୍ୟୁତ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟା ଉପସ୍ଥାପନ କରିଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚା ସଦସ୍ୟ ଅଫ୍ଲାତୁନ ଦେଶାଇ ନୂତନ ବିହନ ବିଲ ଏବଂ ରାସାୟନିକ ସାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅରବିନ୍ଦ ପଣ୍ଡା, କାରଣ ସାହୁ, ସୁବାସ ପଧାନ, ସାମନ୍ତ ସାହୁ, ସୁବାସ ସାମନ୍ତରାୟ, ବବ୍ରୁବାହାନ ସାହୁ, ଈଶାନ୍ତ ଭୋଇ, ଜୟ ପ୍ରକାଶ ବେହେରା, ରବିଶଙ୍କର ପଧାନ, ବୀରବଳ ମହାକୁଡ ପ୍ରମୁଖ ମଞ୍ଚାସୀନ ଥିଲେ। ସରକାରଙ୍କ ଧାନ ସଂଗ୍ରହ ପାଇଁ ଆଗ୍ରହ ନାହିଁ ବୋଲି ସେ କହିଥିଲେ। ଚଳିତ ୨୦୨୫/୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ମୋଟ ୯୩ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ଲକ୍ଷ ଧାର୍ଯ୍ୟ କରିଛନ୍ତି। ରବି ଋତୁ ପାଇଁ ୨୦ ଲକ୍ଷ ମେଟ୍ରିକ ଟନ ଏବଂ ଖରିଫ ଋତୁ ପାଇଁ ୭୩ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ପାଇଁ ୧୯ ଲକ୍ଷ ୬୮ ହଜାର ଚାଷୀଙ୍କ ଠାରୁ ୩୦୩୪ ପାକ୍ସ, ଲ୍ୟାମ୍ପସ ଜରିଆରେ ୪୦୮୮ ମଣ୍ଡିରୁ ୧୪୧୯ ରାଇସ ମିଲରଙ୍କ ସହଯୋଗରେ ଧାନ ସଂଗ୍ରହ କରାଯିବା ବ୍ୟବସ୍ଥା କରାଯାଇଛି। ସେହିପରି ଓଡ଼ିଶାର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲ୍ଲାରୁ ୨୩୦ଟି ମଣ୍ଡିରୁ ୫୮ଟି ସୋସାଇଟି ମଧ୍ୟରେ ୧ ଲକ୍ଷ ୬୯ ହଜାର ଚାଷୀଙ୍କ ଠାରୁ ହାରାହାରି ୮୫ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇ ୧୧୯ଟି ରାଇସ ମିଲରକୁ ଚାଉଳ କ୍ରୟ ବିକ୍ରୟ ଦାୟିତ୍ୱ ଦିଆଯାଇଛି। ସେଥିପାଇଁ ରାଜ୍ୟ ସରକାର ୧ ଲକ୍ଷ ୭୫ ହଜାର ଟୋକନ ଦେଇ ପ୍ରଥମ ପର୍ଯ୍ୟାୟରେ ୪୮ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରିବାର ଜିଲ୍ଲା ପ୍ରଶାସନକୁ ଅନୁମତି ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୪୩, ୮୧୦ ଜଣ ଚାଷୀଙ୍କ ଠାରୁ ୧୯, ୪୮, ୧୦୯ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇପାରିଛି। ଯାହା ବର୍ତ୍ତମାନ ସୁଦ୍ଧା ୪୩, ୮୧୦ ଜଣ ଚାଷୀଙ୍କ ଠାରୁ ୧୯, ୪୧, ୧୦୯ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇପାରିଛି। ବିକେନ୍ଦ୍ରିତ ଧାନ ସଂଗ୍ରହ ନୀତି ଅନୁସାରେ ନଭେମ୍ବର ୧ରୁ ଧାନ ସଂଗ୍ରହ ଆରମ୍ଭ କରି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଶେଷ ହେବ। କିନ୍ତୁ ଧାନ ଉତ୍ପାଦନ ଏବଂ କ୍ରୟ ବିକ୍ରୟ ଆବଶ୍ୟକତା ଗୁରୁତ୍ୱ ଦେଇ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ତରଫରୁ କେବେ ଧାନ କିଣା ଆରମ୍ଭ କରିବେ ଏବଂ କେବେ ଶେଷ କରିବେ ସ୍ଥିର କରିଥାନ୍ତି। ବରଗଡ଼ ଜିଲ୍ଲା ପାଇଁ ନଭେମ୍ବର ୨୮ ତାରିଖରୁ ଧାନ କିଣା ଆରମ୍ଭ ହୋଇଛି। ଗତ ବର୍ଷ ଏହି ନଭେମ୍ବର ସୁଦ୍ଧା ସମସ୍ତ ଚାଷୀଙ୍କ ଟୋକନ ଆସିଥିଲା ଏବଂ ଧାନ କିଣା ୩୫ ଲକ୍ଷ କ୍ୱିଣ୍ଟାଲ ସରିଥିଲା। ହେଲେ ଚଳିତ ବର୍ଷ ଯାହା ବର୍ତ୍ତମାନ ସୁଦ୍ଧା ସମସ୍ତ ଚାଷୀଙ୍କ ଟୋକନ ଆସିନାହିଁ ଏବଂ ୪୩, ୮୧୦ ଜଣ ଚାଷୀଙ୍କ ଠାରୁ ୧୯, ୪୮, ୧୦୯ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇପାରିଛି। ଆମ ସଂଗଠନ ତରଫରୁ ଟୋକନ ସମସ୍ୟା ଏବଂ ମନ୍ଥର ଗତିରେ ଧାନ କିଣା ପ୍ରସଙ୍ଗ ବିରୁଦ୍ଧରେ ବାରମ୍ବାର ଦାବିପତ୍ର, ଧାରଣା, ପ୍ରତିବାଦ ସାଙ୍ଗକୁ ବିଭିନ୍ନ ପ୍ରକାର ଆନ୍ଦୋଳନ କରି ଆସୁଛୁ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସରକାର ଗୋଟିଏ ଯୋଗ୍ୟ ଚାଷୀ ବାଦ ପଡ଼ିବେ ନାହିଁ, ସମସ୍ତେ ଟୋକନ ପାଇବେ ଏବଂ ସୁରୁଖୁରୁରେ ସରକାରୀ ମୂଲ୍ୟରେ ଧାନ ବିକ୍ରି କରି ପାରିବେ ବୋଲି କହୁଛନ୍ତି। କିନ୍ତୁ ବାସ୍ତବିକ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଧାନ ବିକ୍ରି ବିଳମ୍ବ ଓ ସରକାରୀ ଅବହେଳା ପାଇଁ ଚାଷୀ ତାର ଆବଶ୍ୟକତା କାରଣରୁ ମଧ୍ୟସ୍ଥି ମାନଙ୍କୁ କ୍ୱିଣ୍ଟାଲ ପ୍ରତି ୧୫/୧୮ ଶହ ମୂଲ୍ୟରେ ଧାନ ବିକ୍ରି କରି ଦେଉଛି। ଧାନ ବିକ୍ରି ଯେତିକି ଅଧିକ ବିଳମ୍ବ ଏବଂ ଜଟିଳ ହେବ ସେତିକି ଚାଷୀ ନିରୁତ୍ସାହିତ ହୋଇ ଦଲାଲ ମାନଙ୍କୁ ବିକ୍ରି କରିଦେବେ। ଏଣୁ ଧାନ କିଣା ପ୍ରସଙ୍ଗରେ ସରକାର ଏବଂ ଜିଲ୍ଲା ପ୍ରଶାସନକୁ ସଂଗଠନ ସମାଧାନ ପ୍ରସ୍ତାବ ସମ୍ମିଳନୀରେ ଜାରି କରିଛି।

ଟୋକନ ସମସ୍ୟା- ଟୋକନ ବ୍ୟବସ୍ଥା ଜିଲ୍ଲା ସ୍ତରରେ ପରିଚାଳନା କରାଯାଉ। ପଞ୍ଜିକୃତ ସମସ୍ତ ଚଷୀଙ୍କୁ ଡିସେମ୍ବର ସୁଦ୍ଧା ଟୋକନ ଦିଆଯାଉ। ଜମି ତୁଳନାରେ ଟୋକନ କମିଥିବା ଚାଷୀଙ୍କ ଟୋକନ ସଂଶୋଧନ କରାଯାଉ ଏବଂ ଜାନୁଆରୀ ଶେଷ ସୁଦ୍ଧା ସମସ୍ତ ଚାଷୀଙ୍କ ଧାନ କିଣାଯାଉ।

ଧାନ କିଣା- ଧାନ ସଂଗ୍ରହ ପାଇଁ ଭିତ୍ତିଭୂମି ଠିକ କରାଯାଉ, ମିଲର ମାନଙ୍କ ଭରସାରେ ନ ଛାଡି ସରକାର ନିଜେ ଧାନ କିଣନ୍ତୁ ଏବଂ ଜିଲ୍ଲାପାଳଙ୍କୁ କ୍ଷମତା ଦେଇ ବଳକା ଧାନ ମଧ୍ୟ ସରକାରୀ ମୂଲ୍ୟରେ କିଣାଯାଉ।

ଧାନ ମୂଲ୍ୟ- ଏମଏସପି ଗ୍ୟାରେଣ୍ଟି ଆଇନ ଆଣି ଚାଷୀଙ୍କୁ କୃଷିଜାତ ଦ୍ରବ୍ୟର ମୂଲ୍ୟ ଦେବା ସୁନିଶ୍ଚିତ କରାଯାଉ ଏବଂ କେନ୍ଦ୍ର ସରକାରଙ୍କ ଏମଏସପି ୨୩୬୯ ଟଙ୍କା ଏବଂ ରାଜ୍ୟ ସରକାରଙ୍କ ନିର୍ବାଚନୀ ପ୍ରତିଶ୍ରୁତି ୮୦୦ ଟଙ୍କା ବୋନସ ମିଶାଇ ୩୧୬୯ ରେ ଧାନ କିଣାଯାଉ।

ଦଲାଲ ମୁକ୍ତ / କଟନୀ ଛଟଣୀ- ସରକାର ନିର୍ବାଚନ ସମୟରେ ଦଲାଲ ମୁକ୍ତ ମଣ୍ଡି ଓ କଟନୀ ଛଟଣୀ ବିହୀନ ବ୍ୟବସ୍ଥା ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରକୃତରେ ପ୍ରତ୍ୟେକ ମଣ୍ଡିରେ କର୍ମଚାରୀମାନଙ୍କ ଉପସ୍ଥିତିରେ ମିଲର ମାନଙ୍କ ଏଜେଣ୍ଟ ମାନେ ଧାନର ଗୁଣାତ୍ମକ ମାନ ନିର୍ଣ୍ଣୟ କରୁଛନ୍ତି। କେଉଁ ମିଲକୁ ଧାନ ଯିବ କେବେ ଯିବ କେତେ କଟନୀ ଛଟଣୀ କରାଯିବ ସେହି ସବୁ ସେମାନେ ନିଷ୍ପତ୍ତି ନେଉଛନ୍ତି। ଫଳରେ ଚାଷୀ ଶୋଷଣର ଶିକାର ହେଉଛି। ଏଣୁ ଦଲାଲ ମୁକ୍ତ ଓ କଟନୀ ଛଟଣୀ ବିହୀନ ଧାନ କିଣା ଯାଉ। ପରିଶେଷରେ ଆସନ୍ତା ଜାନୁଆରୀ ସୁଦ୍ଧା ଡବଲ ଇଞ୍ଜିନ ଲୋକଙ୍କ ସରକାର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବେ ବୋଲି ଆଶା ଓ ବିଶ୍ୱାସ ଅଛି ବୋଲି ସାମ୍ବାଦିକ ସମ୍ମିଳନୀରେ କୃଷକ ସଂଗଠନ ମତ ପ୍ରକାଶ କରିଛି।

## ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ



**ଦେଢ଼ ବର୍ଷରେ ଅରାଜକତା ବଢ଼ିଥିବା ମତ ପ୍ରକାଶ**

**ଅତାବିରା, ୨୭।୧୨(ସମିସ):** ଅତାବିରା ବ୍ଲକ ଚକୁଳି ପଞ୍ଚାୟତ ତାଲପଦର ଟିକ୍ରା କଲ୍ୟାଣ ମଣ୍ଡପରେ ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଯୋଗ ଦେଇ ଅତାବିରା ନିର୍ବାଚନ ମଣ୍ଡଳୀ ଧାନବିକ୍ରିରେ ସମସ୍ୟା ଗୁରୁତର ହେଉଛି ବୋଲି କହିଥିଲେ। ସମସ୍ତ ଚାଷୀ ପାଖରେ ଟୋକନ ପହଞ୍ଚି ନାହିଁ, ୨ରୁ ୭ କେଜି କଟନୀ ଛଟନୀ ହେଉଛି, ଧାନବିକ୍ରି ପ୍ରାପ୍ୟ ଜମାରେ ବହୁ ବିଳମ୍ବ ହେଉଛି, ସମଗ୍ର ଅଞ୍ଚଳରେ ବେଆଇନ ନିଶା କାରବାର ବହୁ ମାତ୍ରାରେ ବଢ଼ି ଯାଇଛି। ଏହାଦ୍ୱାରା ଚୋରି ଡକାୟତି ଭଳି ଘଟଣା ନିତିଦିନ ଦେଖିବାକୁ ମିଳୁଛି। ଚାଷୀଙ୍କ ସରକାର କହି ଶାସନକୁ ଆସିଥିବା ବିଜେପି ସରକାର ବିରୋଧରେ ଆଗାମୀ ଦିନରେ ବିଜେଡି ଆନ୍ଦୋଳନ ତୀବ୍ରତର କରିବ ବୋଲି ଘୋଷଣା କରିଥିଲେ। ଏଥିରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ସଙ୍କଳ୍ପ ନେଇଥିଲେ। ସଭାରେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣୀ କ୍ଷେତି, ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ସୁଦାମ ଜାଲ, ପଦ୍ମିନୀ ଗଡ଼ତିଆ, ରଞ୍ଜିତ ସାହୁ, ଶମ୍ଭୁ ସେଠ, ଆର୍ସିଏମ୍ଏସ୍ ବରଗଡ଼ ସଭାପତି ସୁଜିତ ପଣ୍ଡା, ଏସ୍ସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ପଧାନ, ଅତାବିରା ପାକ୍ସ ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା, ଉର୍କୁଲୁ ସାହୁ, ଭେଡେନ ଯୁବ ସଭାପତି ସୁରେନ୍ଦ୍ର କର୍ମୀ, ନରସିଂହ ରଥ, କୁଳମଣି ପ୍ରଧାନ, ହରିହର ସାହୁ, ମାନସିଂ ବଘାର, ଏନ୍ଏସି ସଭାପତି ଯତୀନ ଦାଶ, ଅତାବିରା ଏନ୍ଏସି ଅଧ୍ୟକ୍ଷ ବନମାଳୀ ବରିହା, ଅତାବିରା ବ୍ଲକ ଅଧ୍ୟକ୍ଷକ୍ଷ ଗୀତାଞ୍ଜଳି ନାୟକ, ଉପାଧ୍ୟକ୍ଷ ଅନନ୍ତ ମେହେର, ଟାମ୍ପରସରା ପାକ୍ସ ସଭାପତି ଗୋଲୀରାଜୁ, ଲରମ୍ବା ପାକ୍ସ ସଭାପତି ରାମବାବୁ, ସୁଶାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଓଡ଼ିଶାରେ ସମତା ସୈନିକ ଦଳର ରାଷ୍ଟ୍ରୀୟ ସମ୍ମିଳନୀ




**ବରଗଡ଼, ୨୬।୧୨(ସମିସ):** ଓଡ଼ିଶା ସମତା ସୈନିକ ଦଳ ପକ୍ଷରୁ ଦୁଇଦିନ ଧରି ରାଜଧାନୀ ଭୁବନେଶ୍ୱରର କଳିଙ୍ଗ ବୁଦ୍ଧ ବିହାର ଠାରେ ରାଷ୍ଟ୍ରୀୟ ବାର୍ଷିକ କାର୍ଯ୍ୟକ୍ରମ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ମହାରାଷ୍ଟ୍ର, ତେଲେଙ୍ଗାନା, ମଧ୍ୟପ୍ରଦେଶ, ଛତିଶଗଡ଼, କେରଳ ସମେତ ବିଭିନ୍ନ ରାଜ୍ୟରୁ ସମତା ସୈନିକ ଦଳର ପଦାଧିକାରୀ ମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀ ଓଡ଼ିଶା ସଂଗଠକ ମାର୍ଶଲ ସଞ୍ଜୀବ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଂଗଠକ ମାର୍ଶଲ ସୁନୀଲ ସାରିପୁତ୍ତ, କେନ୍ଦ୍ରୀୟ ବୌଦ୍ଧିକ ପ୍ରମୁଖ ମାର୍ଶଲ ପ୍ରକାଶ ଦାର୍ଶନିକ ସମେତ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ସମସ୍ତ ମାର୍ଶଲଙ୍କର ଉପସ୍ଥିତିରେ ସଭାର ମୁଖ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମତା ସୈନିକ ଦଳର ଶତାବ୍ଦୀ ବର୍ଷ (୨୦୨୬)କୁ କିପରି ପାଳନ କରାଯିବ, ଘର ଘର ବାବାସାହେବଙ୍କର ବିଚାର ଆଦର୍ଶ ପହଞ୍ଚିବ ଓ ତାଙ୍କର ଲିଖିତ ଭାରତୀୟ ସମ୍ବିଧାନ ତଥା ସମତା ସୈନିକ ଦଳକୁ ସମସ୍ତଙ୍କ ପାଖକୁ ପହଞ୍ଚାଇବା ଆଦି ଉଦ୍ଦେଶ୍ୟ ବିଶେଷ ଭାବେ ଅଲୋଚନା କରାଯାଇଥିଲା। ବିଭିନ୍ନ ପ୍ରସ୍ତାବ ସାଙ୍ଗକୁ ବିଭିନ୍ନ ଦାୟିତ୍ୱ ରାଜ୍ୟର ମାର୍ଶାଲ ମାନଙ୍କୁ ଦିଆଯାଇଥିଲା। ଏହି ସବୁ ବିଷୟ ଗୁଡିକୁ କିପରି ଭାବେ ସବୁ ରାଜ୍ୟ ମାନଙ୍କ ପଦାଧିକାରୀ ମାନେ ତୁଲାଇବେ ସେ ବିଷୟରେ କେନ୍ଦ୍ରୀୟ କମିଟି ରାଜ୍ୟ କମିଟି ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସଭାରେ ଓଡ଼ିଶାର ମାର୍ଶଲ ଜୟକୃଷ୍ଣ ଛୁରିଆ, ମାର୍ଶଲ ଅଶୋକ ଛତର, ମାର୍ଶଲ ଦିଶା ସୁରଜାଲଙ୍କ ସହ ସମସ୍ତ ମାର୍ଶଲଙ୍କ ଉପସ୍ଥିତିରେ ସମ୍ମିଳନୀ ହୋଇଥିଲା। ଶେଷରେ ରାଜ୍ୟ ସହସଂଗଠକ ମାର୍ଶଲ ଅବିନାଶ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଅତିରିକ୍ତ ତହସିଲଦାରଙ୍କ ପରଲୋକ



**ପଦ୍ମପୁର, ୨୭।୧୨(ସମିସ):** ପଦ୍ମପୁର ଉପଖଣ୍ଡ ଅଧୀନ ସତୀଭଟା ଗାଁର ବର୍ଷୀୟାନ ଅବସରପ୍ରାପ୍ତ ଅତିରିକ୍ତ ତହସିଲଦାର ଗୋବିନ୍ଦ ଚନ୍ଦ୍ର ଧରୁଆଙ୍କ ୭୮ ବର୍ଷ ବୟସରେ ଆଜି ନିଜ ପୈତୃକ ବାସଭବନରେ ସକାଳ ୯.୪୦ରେ ପରଲୋକ ହୋଇଯାଇଛି। ସ୍ୱର୍ଗତଃ ଧରୁଆ ସତୀଭଟା ଗାଁରେ ଜନ୍ମ ହୋଇଥିଲେ। ଅମିନ ଭାବେ କର୍ମମୟ ଜୀବନ ଆରମ୍ଭ କରି ୨୦୦୫ରେ ଅତିରିକ୍ତ ତହସିଲଦାର ପଦବୀରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ତିରୋଧାନ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପାର୍ଥିବ ଶରୀରର ଶେଷ ଦର୍ଶନ କରିଥିଲେ। ତାଙ୍କ ପଛରେ ଝିଅ ଦେବକୀ ଜଗତ, ଜ୍ୱାଇଁ ରମେଶ ଜଗତ ନାତି ସୁଭାଶିଷ, ନାତୁଣୀ ଶୁଭଙ୍କରୀ ଓ ପରିବାର ବର୍ଗଙ୍କୁ ଛାଡି ଚାଲିଯାଇଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଭାଇ ପୁଅ ସୌଦାଗର ଧରୁଆ ମୁଖାଗ୍ନି ଦେଇଥିଲେ।

## ପିଛା ଛାଡୁନି ଓଭରବ୍ରିଜ୍ ରାସ୍ତା ନିର୍ମାଣ ସମସ୍ୟା

**ବରପାଲି, ୨୭।୧୨(ସମିସ):** ବରପାଲି ଜଗନ୍ନାଥ ନଗର ରେଳୱେ ଓଭରବ୍ରିଜ ବାଏପାସ ରାସ୍ତା ନିର୍ମାଣରେ କିଛି ନାଁ କିଛି ସମସ୍ୟା ନୂତନ ରୂପରେ ଉଭା ହୋଇ ଅଞ୍ଚଳବାସୀଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିବା ଦେଖା ଦେଉଛି। ଆଜକୁ ୮ ବର୍ଷ ହେଲା ନିର୍ମାଣ କାର୍ଯ୍ୟ ଜାରି ରହିଛି। କିନ୍ତୁ ଏହି ସମୟରେ ବାରମ୍ବାର ସମସ୍ୟା ଦେଖା ଦେଉଛି। ଗୋଟିଏ ସମସ୍ୟା ସମାଧାନ ହେଉ ହେଉ ନୂତନ ସମସ୍ୟା ମୁଣ୍ଡ ଟେକି ବାଧା ସୃଷ୍ଟି କରୁଛି। କିଛି ଦିନ ପୂର୍ବରୁ ବହୁ ଦିନର ଜମି ଅଧିଗ୍ରହଣ ସମସ୍ୟା ତୁଟି ନିର୍ମାଣ କାମ ଆଗେଇଥିଲା। ହେଲେ ବ୍ରିଜର ଶେଷମୁଣ୍ଡ ଅଞ୍ଚଳରେ ଆଉ ଏକ ସମସ୍ୟା ସୃଷ୍ଟି ହୋଇ ଲୋକଙ୍କ ଯାତାୟତ ସହ ଘରୁ ବାହାରିବା କଷ୍ଟକର ହୋଇଯାଇଛି। ଗତ ୧୫ଦିନ ପୂର୍ବରୁ ଅଧିଗ୍ରହଣ ପାଇଁ ଭିନ୍ନଭିନ୍ନ ଘର ସମ୍ମୁଖ ଭାଗ ଚିହ୍ନଟ ହୋଇ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଥିଲା। ହେଲେ ୧୫ ଦିନ ବିତି ଥିଲେ ମଧ୍ୟ ଭଙ୍ଗା ଯାଇଥିବା ଇଟାପଥର, ସିମେଣ୍ଟ ଖଣ୍ଡମାନ ଘର ସମ୍ମୁଖରେ ପଡ଼ି ରହିଛି। ସେହିପରି ଭଙ୍ଗା ଘର ସମ୍ମୁଖରେ ଥିବା ଭଗ୍ନସ୍ତୁପ ମଧ୍ୟସ୍ଥଳରେ ପୂର୍ବର ବିଦ୍ୟୁତପୋଲ ମାନ ବର୍ତ୍ତମାନ ମଧ୍ୟ ଛିଡା ରହିଛି। ଯାହାକି ବିଦ୍ୟୁତ ପୋଲର ସ୍ଥାନାନ୍ତର ହୋଇ ପାରୁନଥିବାରୁ ଭଗ୍ନସ୍ତୁପ ସଫେଇରେ ବାଧା ଦେଖା ଦେଉଛି ଏବଂ ନିର୍ମାଣକାର୍ଯ୍ୟ ବନ୍ଦ ରହିଛି। ଅଞ୍ଚଳବାସୀ ସମସ୍ୟାର ସମାଧାନ ଉପରେ କାର୍ଯ୍ୟକର୍ତ୍ତା ମାନଙ୍କୁ ପଚାରିଲେ ସେଇ ଗୋଟିଏ କଥା ବିଦ୍ୟୁତଖୁଣ୍ଟ ସ୍ଥାନାନ୍ତର ହେଲେ ନିର୍ମାଣ କାମ ଆଗେଇବ। ହେଲେ ଖୁଣ୍ଟ କେବେ ଉଠିବ, କେବେ କାମ ଆରମ୍ଭ ହେଲେ ଲୋକଙ୍କ ଯାତାୟାତ ସାଧାରଣ ହେବ ସେ ନେଇ କୌଣସି ସୂଚନା ନାହିଁ। ତେଣୁ ଭଙ୍ଗାଘର ସାମ୍ନାରୁ ଲୋକେ ବାହାରିବାକୁ ବହୁ ହନ୍ତସନ୍ତ ହେଉଛନ୍ତି। ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।



## ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ପାଇଁ ଦାବିପତ୍ର ଦେଲେ ପୂର୍ବତନ ସରପଞ୍ଚ



**ପାଇକମାଳ, ୨୭।୧୨(ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଜାମସେଠ ଡାକ୍ତରଖାନାରେ ଜଣେ ଏମବିବିଏସ ଡାକ୍ତର ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ନିଯୁକ୍ତି ଦେବା ପାଇଁ ମେଡିକାଲ ଇନଚାର୍ଜ ଅଫିସର ଶୁଭ ପ୍ରକାଶ ସେନାପତିଙ୍କୁ ଦାବିପତ୍ର ଦେଇଛନ୍ତି ଜାମସେଠ ଗାଁର ପୂର୍ବତନ ସରପଞ୍ଚ ପ୍ରମୋଦ ରାଏ। ଜାମସେଠ ତଥା ମାଣ୍ଡୋସିଲ ଅଞ୍ଚଳ ପାଇଁ ଜାମସେଠ ଡାକ୍ତରଖାନା ହେଉଛି ଏକ ବଡ ଡାକ୍ତରଖାନା। ଏହି ଡାକ୍ତରଖାନା ବହୁ ଗାଁ ଲୋକ ନିର୍ଭର କରିଥାନ୍ତି। ହେଲେ ଜଣେ ନିୟମିତ ଏମବିବିଏସ ଡାକ୍ତର ନିଯୁକ୍ତି ନହେବାରୁ ବହୁ ଅସୁବିଧା ଅଞ୍ଚଳବାସୀ ଭୋଗ କରୁଛନ୍ତି।

## ଧାନମଣ୍ଡି ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ଦାବି

**ଦହିତା, ୨୭।୧୨(ସମିସ):** ପଦ୍ମପୁର ଉପଖଣ୍ଡ ବୁଡେନ ଗାଁର ପାନାଲାଲ ବେହେରାଙ୍କ (୬୫) ଅଭିଯୋଗ ଅନୁସାରେ ତାଙ୍କ ଗାଁରେ ଥିବା ଖାତା ନମ୍ବର ୮୬/୧୧୨ରେ ଏ ୧.୪୦ଡିରୟତି ଜମିରେ ପ୍ରତିବର୍ଷ ଚାଷକରି ଆସୁଛନ୍ତି। ଏହିଜମି ସଂଲଗ୍ନରେ ଥିବା ୬୦ଡି ଜମିକୁ ପ୍ରାଥମିକ ସମବାୟ ସମିତି ଠାରେ ବିକ୍ରୟ କରି ଦେଇ ଅଛନ୍ତି। ସେଠାରେ ସମିତି ଅଧିକାରୀ ଧାନ ମଣ୍ଡି ଖୋଲିଛନ୍ତି। ହେଲେ ଧାନ ମଣ୍ଡିର ଚାରିପାଖରେ ପାଚେରି ନ ଥିବାରୁ ଧାନ ମଣ୍ଡିରେ କାମ କରୁଥିବା ଶ୍ରମିକ ମାନେ ବିଭିନ୍ନ ପ୍ରକାର କାଚ ବୋତଲ, ପଲିଥିନ, ଜରି, ଟିଣ ଇତ୍ୟାଦି ତାଙ୍କ ଜମିରେ ପକାଉଛନ୍ତି। ଏହାଦ୍ୱାରା ଗଦା ଗଦା ଅଳିଆ ଆବର୍ଜନା ସୃଷ୍ଟି ହେଉଛି। ଯଦ୍ୱାରା ପ୍ରତ୍ୟେକ ବର୍ଷ ଯେସିବି ଲଗାଇ ତାଙ୍କୁ ସଫା କରିବାକୁ ପଡୁଛି। ସେ ଅନେକ ଖର୍ଚ୍ଚାନ୍ତ ଓ ହଇରାଣ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଅନେକ ଦିନରୁ ଏ ସମ୍ବନ୍ଧରେ ସମବାୟ ସମିତି ଅଧିକାରୀ, ସରପଞ୍ଚ ତଥା ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଜଣାଇ ଥିଲେ ମଧ୍ୟ କିଛି ଫଳପ୍ରଦ ହୋଇନି। ତେଣୁ ମଣ୍ଡି ଖୋଲାଥିବା ଚାରିପାଖରେ ପାଚେରି ନିର୍ମାଣ କଲେ ତାଙ୍କ ଜମି ସୁରକ୍ଷିତ ହେବ ବୋଲି ସମିତି ଅଧିକାରୀ ତଥା ପ୍ରଶାସନିକ ଅଧିକାରୀଙ୍କ ନିକଟରେ ନିବେଦନ କରିଛନ୍ତି।

## ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ



**ଗାଇସିଲେଟ, ୨୬।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଗନିଆପାଲି ଗାଁର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପ୍ରଧାନଙ୍କ ୮୭ ବର୍ଷ ବୟସରେ ତାଙ୍କ ବାସ ଭବନରେ ପରଲୋକ ହୋଇଯାଇଛି। ପ୍ରାୟ ୨ ମାସ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ସୁବାସ, କନିଷ୍ଠ ପୁତ୍ର ସନ୍ତୋଷ ପଧାନ, ବୋହୁ, ଝିଅ ତଥା ନାତି ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗାଁ ମଶାଣିରେ ଶେଷକୃତ୍ୟ ସମାପନ କରାଯାଇଛି। ଜ୍ୟେଷ୍ଠ ପୁତ୍ର ସୁବାସ ମୁଖାଗ୍ନି ଦେଇଥିବା ବେଳେ ବନ୍ଧୁ ବାନ୍ଧବ ଏବଂ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଡୁଙ୍ଗୁରିପାଲି ରାଇଜିଂ ଷ୍ଟାର୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଝାରବନ୍ଧ/ପଦ୍ମପୁର, ୨୭।୧୨(ସମିସ):** ଝାରବନ୍ଧ ବ୍ଲକ ଲୌଡିଦର୍ହା ପଞ୍ଚାୟତର ଡୁଙ୍ଗୁରିପାଲି ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ରାଇଜିଂ ଷ୍ଟାର ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଡୁଙ୍ଗୁରିପାଲି ଉଦ୍‌ଯାପିତ ହୋଇଯାଇଛି। ଚଳିତ ଡିସେମ୍ବର ୨୫ ତାରିଖର ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଅତିଥି ଭାବେ ଖେଳ ଶିକ୍ଷକ ମହେନ୍ଦ୍ର ଭୋଇ, ପୂର୍ବତନ ସରପଞ୍ଚ ବଳରାମ ଖମାରୀ, ପଦ୍ମପୁର ଆରବି ହାଇସ୍କୁଲର ପ୍ରଧାନଶିକ୍ଷକ ନିଳାରମ୍ବ ପ୍ରସାଦ ପଟେଲ, ଡଭା ହାଇସ୍କୁଲ ପ୍ରଧାନଶିକ୍ଷକ ଟିକେଶ୍ୱର ପ୍ରସାଦ ପଟେଲ, ରାଇଜିଂ ଷ୍ଟାରର ସଭାପତି ମନୋଜ ପ୍ରଧାନ ପ୍ରମୁଖ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ୨୬ ତାରିଖ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟାଉନ କ୍ଲବ୍ ସଭାପତି ପ୍ରିତେଶ ବହିଦାର ଯୋଗ ଦେଇଥବା ବେଳେ ସମ୍ମାନିତ ଅତିଥି ଭାବେ ସତ୍ୟମ ପ୍ରଧାନ ଛୋଟଅନକି ସମିତି ସଭ୍ୟ, ହରିହର ସାହୁ ପୂର୍ବତନ ଜିଲ୍ଲା ପରିଷଦ ପ୍ରମୁଖ ଯୋଗ ଦେଇଥିଲେ। ସର୍ବମୋଟ ୧୬ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ସେମିଫାଇନାଲରେ ଡଭା ଏବଂ ବାହ୍ମଣ ଡିହି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନଗୁଳ ଏବଂ ବରଭଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡଭା ଏବଂ ଅନଗୁଳ ଫାଇନାଲରେ ପହଞ୍ଚି କଡା ଟକ୍କରର ଖେଳ ପ୍ରଦର୍ଶନ କରି ପେନାଲିଟି ଗେମରେ ଡଭା ଦଳ ବିଜୟୀ ହୋଇଥିବା ବେଳେ ଅନଗୁଳ ଦଳ ରନର୍ସ ଅପ୍ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଶଙ୍କର ସାହୁଙ୍କ ସହିତ ପାପ୍ପୁ ଦାଶ, ଲୁକୁ ଶତନାମୀ, ନେପାଳ ପଟେଲ ପ୍ରମୁଖଙ୍କ ସହିତ ସମସ୍ତ ସଦସ୍ୟ ସାମିଲ ଥିଲେ।

## ଛିନ୍ଦେଇକେଲା କ୍ରିକେଟ୍ କପ୍

# ରାଉରକେଲାକୁ ହରାଇ ସେମିରେ ରାଞ୍ଚି

ପାଇକମାଳ, ୨୭।୧୨(ସମିସ)




ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ୨୯ ତମ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍ ଚତୁର୍ଥ ଦିନରେ ରାଉରକେଲାକୁ ହରାଇ ରାଞ୍ଚି ମେକନ (ଝାଡଖଣ୍ଡ) ସେମିଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ସୌଦାଗର ସାହୁ ଓ ଡ.ରୁଦ୍ରମଣୀ ବେହେରା ଖେଳ ଶୁଭାରମ୍ଭ କରିଥିଲେ। ରାଞ୍ଚି ମେକନ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୨ରନ ସଂଗ୍ରହ କରିଥିଲେ। ଆକାଶ ସିଂ ୫୧, ଶନ୍ତାନୁ ୩୭ ଓ ଅନିବନ ଚାଟାର୍ଜୀ ୨୬ରନ ସଂଗ୍ରହ କରିଥିଲେ। ରାଉରକେଲା ଦଳରୁ ଜନତ ମହାନ୍ତି, ପରମଜିତ ସିଂ ୩ ୱିକେଟ ଲେଖାଏଁ ନେଇଥିବା ବେଳେ ଆକାଶ ଠାକୁର ୨ ୱିକେଟ ନେଇଥିଲେ। ୧୮୩ରନ ବିଜୟ ଲକ୍ଷ୍ୟ ନେଇ ରାଉରକେଲା ଦଳ ନିର୍ଦ୍ଧାରିତ ୨୦ ଓଭର ୭ ୱିକେଟ ହରାଇ ୧୫୫ରନ ସଂଗ୍ରହ କରି ୨୭ ରନରେ ପରାଜିତ ହୋଇଥିଲେ। ଦଳ ପକ୍ଷରୁ ବ୍ୟାସଦେବ ବେହେରା ୫୦, ସୌରଭ କୁନ୍ଦୁ ୩୦, ସତିଶ ମିଞ୍ଜ୍ ଓ ସତିଶ କଂସାରୀ ୧୮ ରନ ଲେଖାଏଁ କରିଥିଲେ। ରାଞ୍ଚି ଦଳରୁ ଅନୁଜ ସିଂ ୩, ନବଜୋତ ସିଂ ବାଜ୍ୱା ୨, ସୁମିତ ସୌରଭ ଓ ଅନିବନ ଚାଟାର୍ଜୀ ୧ ୱିକେଟ ଲେଖାଏଁ ନେଇଥିଲେ। ଓସିଏ ଅମ୍ପାୟାର ସଞ୍ଜୟ ନାୟକ ଓ ଓସିଏ ଅମ୍ପାୟାର ସୁଶାନ୍ତ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ବୁନିଲ ସାହୁ, ପ୍ରମୋଦ ଦାସ, ଧିରେଶ ସାହୁ ସ୍କୋରର ଥିବା ବେଳେ ରମେଶ ଚନ୍ଦ୍ର ସାହୁ, ତେଜରାଜ ଠାକୁର ଓ ଅବୀର ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ହେମସାଗର ସାହୁ, ପ୍ରଶାନ୍ତ ସାହୁ, ରୋହିତ ସାହୁ, ଆନନ୍ଦ ସାହୁ, ସ୍ୱତନ୍ତ୍ର ସାହୁ ଯୋଗ ଦେଇ ରାଞ୍ଚି ଦଳର ଆକାଶ ସିଂ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଦେଇ ପୁରସ୍କୃତ କରିଥିଲେ। ଏହି ଅବସରରେ ଉପଦେଷ୍ଟା ପ୍ରମୋଦ ସାହୁ, ଜୁନିୟର ପ୍ରଶାନ୍ତ ସାହୁ, ସୁଶାନ୍ତ ସାହୁ, ମଣ୍ଟୁ ସାହୁ, ନରେଶ ସାହୁ, ବିନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ବେଳେ ଆଦର୍ଶ ସାହୁ, ଆକାଶ ସାହୁ, ଦୀପକ ସାହୁ, ଜୟକିଶୋର ସୁନା, ରୂପକ ସେଠ, ସୁପିନ ସାହୁ, ସତ୍ୟ ସାହୁ, ପୁସ୍ତମ ବର୍ଗତ୍ତି, ଋଷଭ ସାହୁ, ବିକାଶ ବେହେରା, ବିଲାଶ ବେହେରା, ପିଙ୍କୁ ସେଠ, ପ୍ରକାଶ ସେଠ, ସୁରଜ୍ ସାହୁ, ଅନୁପମ ସାହୁ ପରିଚାଳନା ସହଯୋଗ କରିଥିଲେ। ଆସନ୍ତାକାଲି ଝାରସୁଗୁଡ଼ା ପ୍ରୋଗେସିଭ ଓ ହୁଗୁଳି (କୋଲକାତା) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଉପଦେଷ୍ଟା ପ୍ରମୋଦ ସାହୁ ସୂଚନା ଦେଇଛନ୍ତି।

'ଚଇତି' ଦ୍ୱିତୀୟ ସନ୍ଧ୍ୟା

# ନାଚିଲେ, ନଚାଇଲେ ରକଷ୍ଟାର ରୁକୁ ସୁନା







ରାୟଗଡ଼ା,୨୭।୧୨(ସମିସ): ଶନିବାର 'ଚଇତି' ମହୋତ୍ସବର ଦ୍ୱିତୀୟ ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆର୍କଷଣ ଥିଲେ କଣ୍ଠଶିଳ୍ପୀ ରକଷ୍ଟାର ରୁକୁ ସୁନା। ତାଙ୍କର ସମ୍ବଲପୁରୀ ଓ ଆଧୁନିକ ଗୀତ ପରିବେଷଣରେ ନାଚି ଝୁମିଲେ ଦର୍ଶକ। ପ୍ରଥମ ଥର ଚଇତି ମହାମଞ୍ଚରେ ରୁକୁ ସୁନା ଗୀତ ପରିବେଷଣ କରି ସମସ୍ତ ବର୍ଗର ସଂଗୀତ ପ୍ରେମୀଙ୍କୁ ଭରପୁର ନଚାଇଥିଲେ। ଶନିବାର ଚଇତି ମଞ୍ଚରେ ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନାଙ୍କ ସମେତ ଜିଲ୍ଲାର ୧୧ଗୋଟି ବ୍ଲକ୍‌ର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷାମାନେ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗ ଦେଇଥିଲେ। ସଂଧ୍ୟାରେ ଅଧିଷ୍ଠାତ୍ରୀ ଦେବୀ ମା'

## ଢେମସା ଓ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର

ମଝିଘରିଆଣୀ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ଠାରେ ଦୀପ ପ୍ରଜ୍ୱଳନ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ମ୍ୟୁଜିକ୍ ଗ୍ୟାଲେକ୍ସି ଅନୁଷ୍ଠାନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। ଜିଲ୍ଲା ପରିଷଦ ସିଡିଓ ଶ୍ରୀ ଖେମୁଣ୍ଡୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲାର କଳା, ସଂସ୍କୃତି,ପରମ୍ପରା ଓ ସ୍ଥାପତ୍ୟକୁ ନେଇ ରାଜ୍ୟ ତଥା ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାର ଲୋକ ମହୋତ୍ସବ "ଚଇତି ଓ ପଲ୍ଲିଶ୍ରୀ ମେଳା' ସବୁକ୍ଷେତ୍ରରେ ଜିଲ୍ଲାର ବିକାଶର କଥା କହୁଛି ବୋଲି ମୁଖ୍ୟଅତିଥି ରାଜ୍ୟସଭା ସାଂସଦ ସୁଜିତ କୁମାର ନିଜ ଅଭିଭାଷଣରେ କହିଥିଲେ। ପରେ ଜିଲ୍ଲାର ୭ଜଣ ପ୍ରତିଭାମାନ ବ୍ୟକ୍ତିବିଶେଷଙ୍କୁ ଚଇତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦ୍ୱିତୀୟ ସଂଧ୍ୟାର ସମସ୍ତ ଅତିଥିଙ୍କୁ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଇତି ମଞ୍ଚରେ ଗୁଣପୁର ପୌର ପାଳିକାର ସସ୍ମିତା ପଣ୍ଡା ଏବଂ ଟିମଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ସୋନପୁର ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ପାନେରୀ, କୋଟପାଡର ସାଗର ନୃତ୍ୟ ଅନୁଷ୍ଠାନର ଢେମସା ନୃତ୍ୟ, ନବରଙ୍ଗପୁର ଡିସିସ ଦ୍ୱାରା ମାଦିଆ ଢେମସା, ରାୟଗଡ଼ା ଜିଲ୍ଲା ଗୁଡାରୀ ବ୍ଲକ କଳା ସାଂସ୍କୃତିକ ସଂଘ ଦ୍ୱାରା ଢେମସା, କାଶିପୁର ବିକେଏସଏସ ଦ୍ୱାରା ଆଦିବାସୀ ଢେମସା ନୃତ୍ୟ, ରାୟଗଡ଼ା ପୌରପାଳିକାର ପିଡିସି ନୃତ୍ୟ ଗ୍ରୁପ ଦ୍ୱାରା ସାଇଲୋଡି ନୃତ୍ୟ ଓ ରାଜୁ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଢେମସା ନୃତ୍ୟ ପରିବେଷଣ କରାଯାଇଥିଲା। ଜେକେପୁର ନୃତ୍ୟ ସଦନ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ରକଷ୍ଟାର ରୁକୁ ସୁନା ନିଜ ଗୀତରେ ନିଜେ ନାଚିବା ସହ ଉପସ୍ଥିତ ଦର୍ଶକ ତଥା ଯୁବ



ଶ୍ରୋତାଗଣଙ୍କୁ ନଚାଇଥିଲେ। ଚଇତି ମହୋତ୍ସବରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ।

# ସଡ଼କ ଦୁର୍ଘଟଣାରେ ନାବାଳକ ମୃତ

ରାୟଗଡ଼ା,୨୭।୧୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ୩୨୬ ନଂ ଜାତୀୟ ରାଜପଥର ଗୁମ୍ମା ଘାଟିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ନାବାଳକର ମୃତ୍ୟୁ ହୋଇଛି। ଗତକାଲି ରାୟଗଡା ଗୌତମ ନଗର ଅଞ୍ଚଳର ସୀମାଞ୍ଚଳ ନାପାଡୁଙ୍କ ପରିବାର ରାୟଗଡାରୁ କାଶିପୁର ଯାଉଥିଲେ। ଗୁମ୍ମା ଘାଟିରେ ପରିବାର ସହ ଫୋଟ ଉଠାଇବା୍ ବେଳେ ଏକ ଅଜଣା ଗାଡି ଧକାରେ ନାବାଳକ ପୁଅ ନାପାଡୁ ଅରୁଣ ୭ ବର୍ଷ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ପରିବାର ଲୋକ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା୍ ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବିଶାଖାପାଟଣା ପହଁଚିବା ପୂର୍ବରୁ ଅରୁଣର ମୃତ୍ୟ ହୋଇଯାଇଥିଲା। ଏନେଇ ରାୟଗଡା ଥାନାରେ ପରିବାର ତରଫରୁ ଏତାଲା ଦିଆହୋଇଛି।ଖବରପାଇଆଜି କୁମ୍ବିକୋଟା ଫାଣ୍ଡି ପୁଲିସ ମୃତ୍ୟଦେହକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ସିସିଟିଭି ସହାୟତାରେ ଯାଞ୍ଚ କରୁଥିବା ଜଣାପଡିଛି। ପରିବାରବର୍ଗ ଦୁର୍ଘଟଣା ଘଟାଇବାଥିବା କାରଟି ଧଳାରଙ୍ଗର ଓ ଦୁର୍ଘଟଣା ସ୍ଥଳରୁ କାରଟି ଦୃତ ବେଗରେ ଚାଲିଯାଇଥିବା ପ୍ରକାଶ କରିଛନ୍ତି ।

● ବୃଦ୍ଧାଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍

# ଘରୁ ଲୁଟିନେଲେ ସୁନା, ରୂପା, ଟଙ୍କା

ରାୟଗଡ଼ା,୨୭।୧୨(ସମିସ): ଗତ କିଛି ଦିନର ବ୍ୟବଧାନ ପରେ ପୁଣି ରାୟଗଡା ସହରରେ ଚୋରି, ଡକାୟତି ମାମଲା ସାମ୍ନାକୁ ଆସୁଛି। ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧା ଘରେ ଏକା ଥିବା ବେଳେ ତାଙ୍କୁ କଟୁରୀ ଭଳି ମରଣାସ୍ତ୍ର ଦେଖାଇ ଜୀବନରେ ମାରିଦେବାର ଭୟ ଦେଖାଇ ଚୋରି କରିଥିବା ଜଣାପଡ଼ିଛି। ରାୟଗଡ଼ା ସହରର ସାଇଲକ୍ଷ୍ମୀ ନଗରର ପି. ବାସୁଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଡକାୟତି ଭଳି କାଣ୍ଡ ଭିଆଇଛନ୍ତି କିଛି ଦୁର୍ବୃତ୍ତ। ଏନେଇ ବାସୁଙ୍କ ସୂଚନା ଅନୁଯାୟୀ, ସେ ଏକ ଟ୍ରକ ମରାମତି ପାଇଁ ଜେକେପୁର ଯାଇଥିଲେ।ହେଲେ ରାତି ଅଧିକ ହେବାରୁ ସେଠାରେ ରହିଯାଇଥିବା ବେଳେ ତାଙ୍କ ଅନ୍ୟ ଏକ ଭାଇ ଟ୍ରକ ରଖି ବିଶାଖାପାଟଣା ଚାଲିଯାଇଛନ୍ତି। ଘରେ ତାଙ୍କ ମାଆ ଏକା ଶୋଇଥିଲେ। ରାତି ପ୍ରାୟ ୨ଟା ସମୟରେ କିଛି ଦୁର୍ବୃତ ଘର କବାଟ ଭାଙ୍ଗି ଭିତରେ ପଶି ବାସୁଙ୍କ ମାଆଙ୍କୁ ଭୟଭୀତ କରି ଘରୁ ସମସ୍ତ ସୁନାଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ବାସୁଙ୍କ ସୂଚନା ଅନୁସାରେ ପ୍ରାୟ ୩ ଭରି ସୁନା ଓ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ବାସୁ ଶନିବାର ସକାଳେ ଘରେ ପହଞ୍ଚିବା ପରେ ଚାନ୍ଦିଲି ଥାନାକୁ ସୂଚନା ଦେଇଥିଲେ। ସୂଚନା ପାଇ ଚାନ୍ଦିଲି ଆଇଆଇସି ଉତମ କୁମାର ସାହୁ, ଏସଡିପିଓ ଗୌରହରି ସାହୁ ଓ ପୁଲିସ ଡଗ୍ ସ୍କାଡ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ବେଳେ ଦୁର୍ବୃତ୍ତ ଚୋରି ପରେ ରେଳ ଲାଇନ୍ କଡ଼ରେ ଥିବା କାନ୍ଥ ଡେଇଁ ପଳାଇଥିବା ଜଣାପଡ଼ିଛି। ଏନେଇ ପୁଲିସ ଅଧିକା ତଦନ୍ତ ଜାରି ରଖିଥିବା ଚାନ୍ଦିଲି ଆଇଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

● ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଜେଲ୍ ଗଲେ କୋଟିପତି କନିଷ୍ଠ ଯନ୍ତ୍ରୀ

ଜୟପୁର,୨୭ ।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗତକାଲି ଭିଜିଲାନ୍ସ ବିଭାଗର ୪ଟି ଦଳ ଆୟବର୍ହିଭୁଃତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ମାଲାକାନିଗିରି ଜିଲ୍ଲା ସଦର ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ସରକାରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି। ତାଙ୍କ ଓକିଲ ପକ୍ଷରୁ କରାଯାଇଥିବା ଜାମିନ ଆବେଦନର ଶୁଣାଣିକୁ କୋର୍ଟ ଆସନ୍ତା ୯ ତାରିଖକୁ ଧାର୍ଯ୍ୟ କରିବା ପରେ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଯାଇଛି। ଜୟପୁର ଭିଜିଲାନ୍ସ ଏସ୍‌ପି ରବିନ୍ଦ୍ର କୁମାର ପଣ୍ଡା ନିର୍ଦ୍ଦେଶକ୍ରମେ ବିଭାଗର ଡିଏସ୍‌ପି ସଦାନନ୍ଦ ପାଣି, ଜୟଶ୍ରୀ ପ୍ରଧାନ, ସୂର୍ଯ୍ୟକାନ୍ତି ଟାକ୍ରୀ ଏବଂ ଇନ୍ସପେକ୍ଟର ସାବିତ୍ରୀ ପ୍ରଧାନଙ୍କୁ ନେଇ ଗଠିତ ୪ଟି ଦଳ ଅଭିଯୁକ୍ତଙ୍କ ନିଜ ଘର ମାଲାକାନଗିରି ସହର , ଏମଭି-୧୦, ନବରଙ୍ଗପୁର ଜିଲ୍ଲା ରାଇଘର ଶଶୁର ଘର, ଅଫିସ କାର୍ଯ୍ୟାଳୟ ଉପରେ ଏକ କାଳୀନ ଚଢ଼ଉ କରାଯାଇଥିଲା। ଏଥିରେ ମାଲାକାନଗିରି ଜିଲ୍ଲାରେ ୨ କୋଟି ଟଙ୍କାର ୨ ମହଲା କୋଠା, ୬ଟି ନାମିଦାମୀ ଫ୍ଲଟ, ୨୫ ଲକ୍ଷ ଟଙ୍କାର ବିଭିନ୍ନ ବ୍ୟାଙ୍କ ଜମାଖାତା। ଏହିପରି ଭିଜିଲାନ୍ସର ମୂଲ୍ୟାୟନ ବେଳେ ତାଙ୍କ ଚାକିରି କ୍ଷେତ୍ରରେ ଯେତେ ଟଙ୍କା ଆୟ କରିବା ଠାରୁ ୪୪୪ ପ୍ରତିଶତ ଅଧିକ ଅଧିକ ବେଆଇନ ସମ୍ପତ୍ତି ଠୁଳ କରିଥିଲେ ବୋଲି ଭିଜିଲାନ୍ସ ଏସ୍‌ପି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ବେଆଇନ ଆୟବର୍ହିଭୁତ ସମ୍ପତି ଠୁଳ ନେଇ ଏକ ମାମଲା (୪୦/୨୫) ରୁଜୁ ହୋଇଛି।

● ରାଜ୍ୟ ଯୁବ ମହୋତ୍ସବ

# ଲୋକନୃତ୍ୟରେ ରାୟଗଡ଼ା ଚାମ୍ପିଅନ

ରାୟଗଡା,୨୭।୧୨(ସମିସ): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଓଡ଼ିଶାର ଯୁବପିଢ଼ିଙ୍କ ପ୍ରତିଭା ଓ ଉତ୍ସାହର ପ୍ରତୀକ ସାଜିଥିବା 'ରାଜ୍ୟ ଯୁବ ମହୋତ୍ସବ-୨୦୨୫'ରେ ଅନୁଷ୍ଠିତ ହୋଇଥିବା ଲୋକନୃତ୍ୟରେ ରାୟଗଡ଼ାର ଯୁବ ଟିମ୍ ଚାମ୍ପିଅନ୍ ହେବା ସହ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଗତ ୨୪ ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି ତିନି ଦିନିଆ ମହୋତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଯୁବ ପ୍ରତିଭାମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଯୁବ ମହୋତ୍ସବର ବିଜୟୀ ପ୍ରତିଭାମାନେ ଆଗାମୀ ଦିନରେ



ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା "ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ' ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଉଦ୍‌ଯାପନୀ ସମାରୋହରେ ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲୱନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆଜିର ଯୁବପିଢ଼ି ହିଁ ଆଗାମୀ କାଲିର ଭବିଷ୍ୟତ। ଯୁବପିଢ଼ି ହେଉଛନ୍ତି ବିକଶିତ ଓଡ଼ିଶାର ମୂଳଦୁଆ। ରାଜ୍ୟ ଯୁବ ମହୋତ୍ସବର କୃତୀ ପ୍ରତିଭାମାନେ ନିଶ୍ଚିତ ରୂପେ ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ବୋଲି ମୁଁ ଆଶା କରୁଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବକମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ରାଜ୍ୟ ଯୁବ ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ମତପ୍ରକାଶ କରିଥିଲେ। ଆଜିର ଉଦଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡ଼ା ନିର୍ଦ୍ଦେଶକ ଡ଼ା. ଯେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଅଶୋକ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ରାଜ୍ୟ ଯୁବ ମହୋତ୍ସବରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

# ଚଇତି ଫୁଡ ଷ୍ଟଲରେ ପୌର ପ୍ରଶାସନର ଚଢ଼ଉ

ରାୟଗଡ଼ା,୨୭।୧୨(ସମିସ): ରାୟଗଡା ଜିଲ୍ଲା ସଦର ମହାକୁମାର ସ୍ଥାନୀୟ ଜିସିଡ଼ି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ 'ଚଇତି-୨୦୨୫' ଅବସରରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ରାୟଗଡ଼ା ପୌରପାଳିକା ପକ୍ଷରୁ ଏକ ବିଶେଷ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ ବା ଯାଞ୍ଚ ଅଭିଯାନ ଅନୁଷ୍ଠିତ





ହୋଇଯାଇଛି। ମହୋତ୍ସବ ପଡ଼ିଆରେ ଥିବା ବିଭିନ୍ନ ଖାଦ୍ୟ ଷ୍ଟଲଗୁଡ଼ିକରେ ଖାଦ୍ୟର ଗୁଣବତ୍ତା ଏବଂ ସ୍ୱଚ୍ଛତା ପରଖିବା ପାଇଁ ପୌରପାଳିକାର ଏକ ସ୍ୱତନ୍ତ୍ର ଟିମ୍ ଆଜି ଚଢ଼ାଉ କରିଥିଲେ। ରାୟଗଡ଼ା ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ଏବଂ ଖାଦ୍ୟ ନିରୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯାଞ୍ଚ କରାଯାଇଥିଲା। ଏହି ଅଭିଯାନ ସମୟରେ ବିଭିନ୍ନ ଷ୍ଟଲରେ ବିକ୍ରି ହେଉଥିବା ଖାଦ୍ୟର ମାନ, ବ୍ୟବହୃତ ହେଉଥିବା ତେଲ, ପାନୀୟ ଜଳ ଏବଂ ପରିବେଶର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜନସାଧାରଣ ସ୍ୱଚ୍ଛ ସ୍ଥାନରୁ ଖାଦ୍ୟ ଗ୍ରହଣ କରିବାକୁ ପୌରପାଳିକା ପକ୍ଷରୁ ନିବେଦନ କରାଯାଇଥିଲା।

# ଜିଲ୍ଲାରେ ୩୧ ସରକାରୀ ଆଇନଜୀବୀ ନିଯୁକ୍ତ

ରାୟଗଡ଼ା,୨୭।୧୨(ସମିସ): ରାୟଗଡ଼ା ଜିଲ୍ଲାର ବିଭିନ୍ନ କୋର୍ଟରେ ବଦଳିଲେ ସରକାରୀ ଆଇନଜୀବୀ। ୩୧ଜଣ ଆଇନଜୀବୀ ବିଭିନ୍ନ କୋର୍ଟରେ ନୂତନ ଭାବେ ସରକାରୀ ଆଇନଜୀବୀ ଭାବେ ଦାୟିତ୍ୱ ପାଇଛନ୍ତି। ବରିଷ୍ଠ ଆଇନଜୀବୀ ପଦ୍ମନାଭ ଦାସ ସରକାରୀ ପ୍ଲିଡର(ଜିପି) ଭାବେ ନିଯୁକ୍ତି ପାଇଥିବାବେଳେ ଦୁଇ ଜଣ ଏଜିପି ଭାବେ ନିଯୁକ୍ତି ପାଇଛନ୍ତି। ସେହିଭଳି ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ସ୍ୱତନ୍ତ୍ର ପିପି ଭାବେ କିଶୋର କୁମାର ସାହୁ ଏବଂ ହରେନ୍ଦ୍ର ନାଥ ଚନ୍ଦନ ଦାୟିତ୍ୱ ପାଇଛନ୍ତି । ସେହିଭଳି ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ କୋର୍ଟରେ ରଜତ ରଞ୍ଜନ ଖଟୁଆ, ସତ୍ୟନାରାୟଣ ପ୍ରଧାନ, ରାମପ୍ରସାଦ ପାତ୍ର, ବିରଜା ପ୍ରସାଦ ପାତ୍ର, ସୁରେନ୍ଦ୍ର କୁମାର ଶର୍ମା, ସିଜେଏମ୍ କୋର୍ଟରେ ସୀତାରାମ ପଣ୍ଡା, ସିଏଚ୍ ଗିରିଭାସା ରାଓ, ସିଭିଲ କୋର୍ଟ, ରେଜିଷ୍ଟ୍ରାରରେ ଅତିରିକ୍ତ ପିପି ଭାବେ ରବି ପ୍ରସାଦ ମହାପାତ୍ରଙ୍କ ସମେତ ମହିଳା କୋର୍ଟରେ ଦେବରାଜ ନାୟକ ଓ ଜି. ଅରୁଣାଙ୍କୁ ନିଯୁକ୍ତି ମିଳିଛି। ସେହିପରି ବିଷମକଟକ ଏଡିଜେ କୋର୍ଟରେ ଜଣେ ଏଜିପି ଭାବେ କୃଷ୍ଣ ଚନ୍ଦ୍ର ସାହୁ ନିଯୁକ୍ତି ପାଇଥିବାବେଳେ ଅନ୍ୟ ତିନିଜଣ ସରକାରୀ ଆଇନଜୀବୀ ଭାବେ ନିଯୁକ୍ତି ପାଇଛନ୍ତି।

# ବାଇକ୍ ଧକ୍କାରେ ଜଣେ ଗୁରୁତର

ଡାବୁଗାଁ,୨୭।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଅଧୀନ ମଝିଗୁଡା ଛକ ନିକଟରେ ଶନିବାର ବାଇକ୍ ଧକ୍କାରେ ଜଣେ ଗୁରୁତର ହୋଇଛି। ମାଝିଗୁଡା ଗ୍ରାମର ମାନସାଏ ଭତ୍ରା (୩୫) ଘରକୁ ଚାଲି ଚାଲି ଯାଉଥିବାବେଳେ ପଛପଟୁ ଏକ ମୋଟର ସାଇକେଲ ତାଙ୍କୁ ଧକ୍କା ଦେଇଥିଲା। ଡାବୁଗାଁ ଥାନା ଏଏସଆଇ ଚନ୍ଦ୍ର ଶେଖର ହଜାରୀ ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛନ୍ତି।

# ୧୫ ପିକ୍‌ନିକ୍ ସ୍ପଟ୍‌ରେ ପ୍ଲାଷ୍ଟିକ ବାରଣ

ରାୟଗଡା,୨୭।୧୨(ସମିସ): ଦିନକୁ ଦିନ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ମାନଙ୍କରେ ପ୍ଲାଷ୍ଟିକର ବ୍ୟାପକ ବ୍ୟବହାର ଯୋଗୁଁ ପରିବେଶ ଉପରେ ପ୍ରଭାବ ପଡୁଥିବାରୁ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ବନ୍ୟ, ପର୍ଯ୍ୟାବରଣ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ରାୟଗଡ଼ା ଜିଲ୍ଲାର ୧୫ଟି ପିକନିକ ସ୍ପଟ୍‌କୁ ପ୍ଲାଷ୍ଟିକ ମୁକ୍ତ ପିକନିକ ସ୍ଥଳ କରିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣି ମନ୍ଦିର, ହାଲୁଆ, ବୈରାଗି ହାଲୁଆ ଜଳ ପ୍ରପାତ, ତଳ ଗୁମ୍ମା, ସାଙ୍କେଶ ମନ୍ଦିର, ଦୁର୍ଗାପାଢୁ ଜଳପ୍ରପାତ, ପ୍ରସିଦ୍ଧ ମିନାଝୋଲା ଶିବ ମନ୍ଦିର, ଚାଟିକଣା ଶିବ ମନ୍ଦିର, ପ୍ରସିଦ୍ଧ ଶୈବ ପିଠ ଦେବଗିରୀ, ଗଦଗଦା, କୂଳବନ୍ଧ ମନ୍ଦିର,ଟ୍ୟାଙ୍ଗିରି ଜଳପ୍ରପାତ,କେନ୍ଦୁଗୁଡା ଡ୍ୟାମ, ଚେରକୋଟା ଜଳପ୍ରପାତ ଓ ଆଲିଗୁଣା ଜଳପ୍ରପାତ ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗ ତରଫରୁ ରାଜ୍ୟରେ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ ମୁକ୍ତ ପିକନିକ୍ ସ୍ପଟ ଚ୍ୟାଲେଞ୍ଜ-୨୦୨୫ ନାମକ ଅଭିଯାନ ମାଧ୍ୟମରେ ସ୍ଥାନୀୟ ସ୍ୱୟଂସେବକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ଇକୋ କ୍ଲବ, ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଓ ଗ୍ରାମ ପଞ୍ଚାୟତ ଦ୍ୱାରା ସେହି ଅଞ୍ଚଳମାନଙ୍କରେ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସଚେତନତା ସୃଷ୍ଟି କରାଯିବ ବୋଲି ବିଭାଗ ତରଫରୁ କୁହାଯାଇଛି।

# ଗୁଡାରୀ ସାମ୍ବାଦିକ ସଂଘର ବନ୍ଧୁମିଳନ

ଗୁଡାରୀ,୨୭।୧୨(ସମିସ): ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ଗୁଡାରୀ ସମ୍ବାଦିକ ସଂଘ ତରଫରୁ ଗତ ଶୁକ୍ରବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଡାରୀର ସମସ୍ତ ସାମ୍ବାଦିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟି କେନ୍ଦୁଗୁଡ଼ା ଡେମ୍ ପାଖରେ ଆୟୋଜନ କରାଯାଇଥିଲା। ସଭାପତି ପ୍ରମୋଦ ପତି ଆଗାମି ନୂତନ ବର୍ଷ ସମସ୍ତଙ୍କ ସହଯୋଗରେ ଆଗକୁ ବଢିବା ପାଇଁ ଉପସ୍ଥିତି ଥିବା ସାମ୍ବାଦିକଙ୍କୁ ଜଣାଇଥିଲେ। ଏଥିରେ ଦୀର୍ଘ ସମୟ ଧରି ସମସ୍ତ ବିଷୟକୁ ନେଇ ଆଲୋଚନା କରାଯିବା ସହ ନିଜର ନିଜର ବିତିଯାଇଥିବା ଅଭୁଲା ସ୍ମୃତିକୁ ସାମ୍ବାଦିକମାନେ ଉପସ୍ଥାପନ କରିଥିଲେ। ଶେଷରେ ଭୋଜନ ବ୍ୟବସ୍ଥା ସହ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା। ପରିତାପରେ ବିଷୟ ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍‌ର



କେନ୍ଦୁଗୁଡ଼ା ଡେମ୍ ବଣ ଭୋଜି ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏହାର ପରିବେଶ ଉପରେ ପ୍ରଶାସନର ଦୃଷ୍ଟି ନଥିବା, ବଣଭୋଜି ପାଇଁ ଆସୁଥିବା ପର୍ଯ୍ୟଟକ ପାଇଁ ପାଣିର ବ୍ୟବସ୍ଥା ନଥିବା, ଭୋଜିଭାତ ପରେ ଆବର୍ଜନାକୁ ବାହାର କରାଯାଉ ନଥିବା, ଅଘଟଣକୁ ଏଡାଇବା ପାଇଁ ପର୍ଯ୍ୟଟକ ପାଇଁ ଏଠାରେ କୌଣସି ବ୍ୟବସ୍ଥା ନଥିବାକୁ ନେଇ ସାମ୍ବାଦିକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ସମସ୍ତ ଉପରେ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା।

୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା

# କବାଡି ରାଜ୍ୟ ଟିମ୍‌ରେ କୋରାପୁଟର ସୁରଜ୍ ପଣ୍ଡେଇ

ନନ୍ଦପୁର,୨୭।୧୨(ସମିସ): ୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଅନ୍ତର୍ଗତ ୧୭ ବର୍ଷରୁ କମ ବର୍ଗର କବାଡି (ପୁରୁଷ) ପ୍ରତିଯୋଗିତା ଆସନ୍ତା ଜାନୁଆରୀ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ତେଲେଙ୍ଗାନା ରାଜ୍ୟର ଏଡୁଲ୍ଲା ବୟ୍ୟାରାମଠାରେ ଆୟୋଜିତ ହେବାକୁ ଯାଉଛି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଅଧୀନ ଶାରୀରିକ ଶିକ୍ଷା ସହାୟକ ନିର୍ଦ୍ଦେଶକଙ୍କ ତରଫରୁ ୧୪ ଜଣିଆ ରାଜ୍ୟ କବାଡି ଦଳ ଓ ପ୍ରତିନିଧି ମଣ୍ଡଳକୁ ଚୁଡ଼ାନ୍ତ କରାଯାଇଛି। ଏହି ତାଲିକାରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟର



ପ୍ରତିଭାଶାଳୀ କ୍ରୀଡାବିତ୍‌ମାନଙ୍କ ସହ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସୁରଜ୍ ପଣ୍ଡେଇ ନିଜ ସ୍ଥାନ ସୁନିଶ୍ଚିତ କରିଛନ୍ତି। ୧୭ ବର୍ଷରୁ କମ ପୁରୁଷ ବର୍ଗ କବାଡି ଦଳରେ ଚୟନ ହେବା ସହ ସୁରଜ୍ ପଣ୍ଡେଇ ନନ୍ଦପୁର ବ୍ଲକ ଓ କୋରାପୁଟ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ବୋଲି କହିଛନ୍ତି ପଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡ଼ାମ। ଏହି ସଫଳତା ପରେ ସେ ନିଜ କୋଚ୍ ତଥା ପାଡୁଆ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ତଥା ନନ୍ଦପୁର ବ୍ଲକ ସ୍କୁଲ ଖେଳ ସମ୍ପାଦକ ଧନେଶ୍ୱର ବାଘ ଓ ପ୍ରଧାନ ଶିକ୍ଷୟିତ୍ରୀ ଗୌରୀ ମଣି ଦାସଙ୍କୁ ମଧ୍ୟ ଏହାର ଶ୍ରେୟ ଦେଇଛନ୍ତି। ତାଙ୍କ ନିରନ୍ତର ସହଯୋଗ ଓ ପ୍ରେରଣା ପାଇଁ ବିଧାୟକ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ସୁରଜ୍‌ଙ୍କ ଏହି ଉପଲବ୍‌ôଧିକୁ ନେଇ ନନ୍ଦପୁର ଅଞ୍ଚଳରେ ଖୁସିର ମାହୋଲ ରହିଛି ଓ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଯାଉଛି।

# ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ

ପାଲଲହଡ଼ା,୨୭ ।୧୨(ସମିସ):




ପାଲଲହଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଲଲହଡ଼ା ସଦରମହକୁମା ବସଷ୍ଟାଣ୍ଡସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ମୁକେଶ ପାଲ, ସମ୍ମାନିତ ଅତିଥିଭାବେ ପାଲଲହଡ଼ା ବ୍ଲକ ଅଧକ୍ଷା ରୀନାରାଣୀ ନାଏକ, ପରିଷଦ ସଭ୍ୟା ଇନ୍ଦ୍ରାଣୀ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ ଇନ୍ଦ୍ରମଣି ଗଡ଼ନାୟକ, ବରିଷ୍ଠ ବିଜେଡି ନେତା ହେମନ୍ତ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଖମାରଠାରେ ମଧ୍ୟ ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି।

ପୂର୍ବ ସରକାର ସମୟରେ ଯାହା ମଞ୍ଜୁର ହୋଇ କାର୍ଯ୍ୟ ହୋଇଥିଲା ତାହା ଏବେର ବିଜେପି ସରକାର ଫଳକ ଲଗାଇ ଉଦଘାଟନ କରିବାରେ ବ୍ୟସ୍ତ। ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନ ପାରି ମିଛ ବୟାନବାଜି କରିବା, ସୁଭଦ୍ରା ଯୋଜନାରେ ଲୋକଙ୍କୁ ଭକୁଆ ବନାଇବା ଆଦି ବିଭିନ୍ନ ଯୋଜନା ଉପରେ କଡ଼ା ସମାଲୋଚନା କରିଥିଲେ ପୂର୍ବତନ ବିଧାୟକ ପାଲ। ବିଜେଡି ସାମାଜିକ ଗଣମାଧ୍ୟମ କର୍ମକର୍ତ୍ତା ପ୍ରୀତମ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଜେଡି ବ୍ଲକ ସଭାପତି ରଞ୍ଜିତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ନରେନ୍ଦ୍ର ଭୁକ୍ତା, ଲକ୍ଷ୍ମୀଧର ବିଶ୍ୱାଳ, ଦିଲୀପ ଉଦାବଳ ପ୍ରମୁଖ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଚଷା ମହାସମ୍ମିଳନୀ ପାଇଁ ମଶାଲ ଶୋଭାଯାତ୍ରା



କିଶୋରନଗର/ଛେଣ୍ଡିପଦା, ୨୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ବାମୁରରେରେ ରବିବାର ହେବାକୁ ଥିବା ରାଜ୍ୟସ୍ତରୀୟ ଚଷା ମହାସମ୍ମିଳନୀ ପାଇଁ ଶୁକ୍ରବାର କୋଶଳାର ମା' ରାମଚଣ୍ଡୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଆୟୋଜକ ତଥା କର୍ମକର୍ତ୍ତାମାନେ ସମାଜର ଆରାଧ୍ୟ ଦେବୀ ମା'ରାମଚଣ୍ଡୀଙ୍କ ପୀଠରେ ପହଞ୍ଚିବା ପରେ କୋଶଳା ଗ୍ରାମବାସୀଙ୍କ ପକ୍ଷରୁ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମହାସମ୍ମିଳନୀରୁ ଆସିଥିବା ପୂଜା ସାମଗ୍ରୀରେ ମା'ରାମଚଣ୍ଡୀଙ୍କ ଦେହୁରୀ ଠାକୁରାଣୀ ଏବଂ ଖୁମ୍ବେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରିବା ପରେ ମା'ଙ୍କ ଅଜ୍ଞାମାଳ ସହ ବିଭିନ୍ନ ପୂଜାଉପକରଣ ପ୍ରଦାନ କରି ଠାକୁରାଣୀଙ୍କ ପୀଠ ସ୍ଥଳରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। କୋଶଳା ଗ୍ରାମ ସଭାପତି କତାର୍ଥ ଦେହୁରୀଙ୍କ ତତ୍ତ୍ୱାବଧାନରେ ମଶାଲ ଏକ ବିରାଟ ପାଟପଟୁଆରରେ ବଜାର ପରିକ୍ରମା କରିବା ପରେ ବାମୁର ଅଭିମୁଖେ ଯିବା ପାଇଁ ବିଦାୟ ଦିଆଯାଇଥିଲା। ବିଭିନ୍ନ ଗ୍ରାମରେ ମଶାଲକୁ ଗ୍ରାମବାସୀ ଦର୍ଶନ କରି ପୂଜା କରିଥିଲେ। କୋଶଳା ମା'ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡ ସଭାପତି ତଥା କୋଶଳା ସରପଞ୍ଚ ଉଦିତ କୁମାର ପ୍ରଧାନ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ



ପାଲଲହଡ଼ା,୨୭ ।୧୨(ସମିସ): ଶୁକ୍ରବାର ପୂର୍ବାହ୍ଣରେ ସ୍ଥାନୀୟ ଜାତୀୟ ରାଜପଥ ଡାକ ବଙ୍ଗଳାରେ ବିଜେପି ମଣ୍ଡଳ ସଭାପତି ଆଶିଷ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଛି। ବିଧାୟକଙ୍କ ପ୍ରତିନିଧି ତଥା ବିଜେପି ନେତା ଆଇନଜୀବୀ ତନ୍ମୟ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ଯୁବମୋର୍ଚ୍ଚା ସଭାପତି ହିମାଂଶୁ ନହରା, ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳି ନାୟକ, ମାମିନା ଦେବଙ୍କ ସମେତ ଯୁବମୋର୍ଚ୍ଚାର ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଖେମଲା ମଣ୍ଡଳ ପକ୍ଷରୁ ତିରିବି ଶିବମନ୍ଦିରରେ ମଣ୍ଡଳ ସଭାପତି ଛନ୍ଦାଚରଣ ସାହୁଙ୍କ ଅଧ୍ୟକ୍ଷତାରେ ବାଜପାୟୀଙ୍କ ଜୟନ୍ତୀ ପାଳିତ ହୋଇଛି। ବରିଷ୍ଠ ସଦସ୍ୟ ନୀଳାମ୍ବର ପ୍ରଧାନ, ବଡିସୁଆ ସମିତି ସଭ୍ୟ ମଧୁସୂଦନ ସାହୁ, ଉମାକାନ୍ତ ମହାନ୍ତ, ବସନ୍ତ ମହାପାତ୍ର, ଯୁବନେତା ଧର୍ମେନ୍ଦ୍ର ମହାନ୍ତ, ଲିପୁନ ବେହେରା ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେଇଥିଲେ।

# ରାସ୍ତା ଖୋଳି ୩୦ ହଜାର ଦଣ୍ଡ ଗଣିଲେ

ଅନୁଗୋଳ,୨୭ ।୧୨(ସମିସ): ଅନୁଗୋଳ ପୌରପାଳିକା ସହରକୁ ସ୍ୱଚ୍ଛ ସୁନ୍ଦର କରିବା ପାଇଁ ବିବିଧ ପଦକ୍ଷେପ ନେଉଥିଲେ ମଧ୍ୟ କିଛି ଅମାନିଆ ବାସିନ୍ଦା ଆଇନ ମାନୁ ନ ଥିବାରୁ ପୌର ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ନେଉଛି। ଅନୁଗୋଳ ମସଜିଦ ପଛପଟ କଂକ୍ରିଟ୍ ରାସ୍ତାକୁ ଲକ୍ଷ୍ମୀକାନ୍ତ ନାୟକ ନାମକ ଜଣେ ବ୍ୟକ୍ତି ମନଇଚ୍ଛା ଖୋଳି ଦେଇଥିଲେ। ପୌରପାଳିକାର ଧାରା ୨୫୪ ଉଲ୍ଲଂଘନ ଅଭିଯୋଗରେ ତାଙ୍କୁ ୩୦ ହଜାର ଟଙ୍କା ଜରିମାନା କରାଯାଇଛି।



# ବିଜେଡିର ଅନୁଗୋଳ ଜିଲ୍ଲା କମିଟି ଗଠିତ

ଅନୁଗୋଳ,୨୭ ।୧୨(ସମିସ): ବିଜୁ ଜନତା ଦଳର ଅନୁଗୋଳ ସାଂଗଠନିକ ଜିଲ୍ଲା କମିଟି ଘୋଷଣା କରାଯାଇଛି। ୧୦ ଉପସଭାପତି, ୧୨ ସାଧାରଣ ସମ୍ପାଦକ, ୧୬ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ସମେତ ୩୯ ପଦବୀରେ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ନିଯୁକ୍ତ କରାଯାଇଛି। ଏଥିରେ ଜିଲ୍ଲାର ସମସ୍ତ ବ୍ଲକ ତଥା ସମୁଦାୟ ୫ ନିର୍ବାଚନ ମଣ୍ଡଳୀର ନେତା ସାମିଲ ହୋଇଛନ୍ତି। ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରରେ ଶଙ୍ଖ ଭବନରୁ ଏହି ତାଲିକା ପ୍ରକାଶ ପାଇଛି।

ଜିଲ୍ଲା ଉପସଭାପତି ଭାବେ ବାଉରୀବନ୍ଧୁ ସାହୁ, ସନ୍ତୋଷ କୁମାର ଦାସ, ଇନ୍ଦ୍ରମଣି ଗଡ଼ନାୟକ, ଗଙ୍ଗାଧର ଜିତ, ସୁନୀଲ କୁମାର ପ୍ରଧାନ, ଧରଣୀଧର ସାହୁ, ସଦାନନ୍ଦ ପଣ୍ଡା, ସନ୍ତୋଷ ପ୍ରଧାନ, ଦିଲୀପ କୁମାର ସାହୁ, ଅମରେଶ ନାଥଙ୍କୁ ନିଯୁକ୍ତ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ସୁବାସ ଚନ୍ଦ୍ର ପଟ୍ଟନାୟକ, ତପନ ସାହୁ, ବୀରେନ୍ଦ୍ର ବଡ଼ମାଳୀ, ଗଦାଧର ସ୍ୱାଇଁ, ବାବୁଲା ପ୍ରଧାନ, ଦୁଷ୍ମନ୍ତ ସେନାପତି, ଲକ୍ଷ୍ମୀଧର ବିଶ୍ୱାଳ, ଦିଲୀପ କୁମାର ପ୍ରଧାନ, ବିରଜା ଶଙ୍କର ମିଶ୍ର, ରାମଚନ୍ଦ୍ର ବେହେରା, ରଞ୍ଜିତ ମାଣ୍ଡୋଠିଆ, ଭାଗୀରଥି ମାଝୀ ମନୋନୀତ ହୋଇଛନ୍ତି। ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ବାବୁଲି ପ୍ରଧାନ, ରାକେଶ ପ୍ରଧାନ, ପର୍ଶୁରାମ ବିଶ୍ୱାଳ, ଅଜିତ ପ୍ରସାଦ ଦ୍ୱିବେଦୀ, ବିଷ୍ଣୁ କୁମାର ଦାଶ, ଚିତ୍ତରଞ୍ଜନ ମିଶ୍ର, ଈଶ୍ୱର ସାହୁ, ସଂଗ୍ରାମ ମିଶ୍ର, ନକୁଳ ସାହୁ, ମୋହନ ସାହୁ, ଉତ୍ସବ ଦେହୁରୀ, ଅର୍ଜୁନ ମହାନ୍ତି, ବିଭୂତି ଭୂଷଣ ସାହୁ, ଜଗନ୍ନାଥ ଗଡ଼ନାୟକ ନେଲସନ ଭାର୍ଗୀସ୍, ମୁରଲୀଧର ସାହୁଙ୍କୁ ନିଯୁକ୍ତି ମିଳିଛି।

# ଡାକ୍ତରଙ୍କ ଘଣ୍ଟିକିଆ କାର୍ଯ୍ୟବନ୍ଦ



ପାଲଲହଡ଼ା,୨୭ ।୧୨(ସମିସ): ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ପଦବୀ ଖାଲି। ଏହି ପଦବୀ ପୂରଣ କରିବା ସହ ଅନ୍ୟ କିଛି ପଦବୀ ପାଇଁ ସରକାରଙ୍କୁ ଯେତେ ଅନୁରୋଧ କଲେ ମଧ୍ୟ ବାରମ୍ବାର ଅଣଦେଖା ଓ ପ୍ରତାରଣା କରାଯାଉଛି। ଏହାର ପ୍ରତିବାଦରେ ଓମସା ଡାକରାରେ ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟର ସମସ୍ତ ଡାକ୍ତର ଏକ ଘଣ୍ଟା ପାଇଁ ବହିର୍ବିଭାଗ ବନ୍ଦ କରି ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମ ବର୍ଜନ କରି ଧାରଣାରେ ବସିଥିଲେ। ଯେ ପର୍ଯ୍ୟନ୍ତ ସରକାର ସମସ୍ତ ଦାବି ମାନିନାହାନ୍ତି ସେପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଏକ ଘଣ୍ଟା ପାଇଁ ବହିର୍ବିଭାଗ ବନ୍ଦ ରଖାଯିବ ବୋଲି ଡାକ୍ତରଖାନା ଅଧିକାରୀ ବିଶ୍ୱନାଥ ମୁର୍ମୁ ପ୍ରକାଶ କରିଛନ୍ତି। ଡା. ବିଶ୍ୱନାଥ ମୁର୍ମୁଙ୍କ ନେତୃତ୍ୱରେ ଡା. ଦିଲୀପ କୁମାର ଭୋଇ, ଡା. ବିମଳେଶ ଓଝା, ଡା. ତରୁଣ କୁମାର ଭୁତିଆ, ଡା. ଶାନ୍ତନୁ ନାୟକ, ଡା. ନନିତା ଚୌଧୁରୀ, ଡା. ସ୍ୱାତି ସାହୁ ପ୍ରମୁଖ ଧାରଣାରେ ବସିଥିଲେ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କିଶୋରନଗର ଗସ୍ତ ଆଜି

କିଶୋରନଗର,୨୭ ।୧୨(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କିଶୋରନଗର ଗସ୍ତରେ ଆସି ପୂର୍ବାହ୍ଣରେ ବାମୁର ଚଷା ସମାଜ ମହା ସମ୍ମିଳନୀରେ ଯୋଗଦେବେ। ପରେ ମଧ୍ୟାହ୍ନ ଭୋଜନ କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହର ଭୂମିପୂଜା କରିବେ। ପରେ କିଶୋରନଗର ଡିଗ୍ରୀ କଲେଜରେ ନିର୍ମାଣ ହୋଇଥିବା ନୂତନ ଛାତ୍ରୀନିବାସର ଉଦଘାଟନ କରିବେ। ବରପଡ଼ିଆରେ ଅନୁଷ୍ଠିତ ମଣ୍ଟୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ଯୋଗଦେବେ। ଏଥିସହ ସେଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ଯୋଗଦେବା ସହ ବିଭିନ୍ନ ପ୍ରକଳ୍ପର ଭୂମିପୂଜା ଓ ଉଦଘାଟନ କରିବେ ବୋଲି ଜଣାପଡ଼ିଛି।

# ଦମ୍ପତିଙ୍କୁ ହତ୍ୟା ଧମକ ଅଭିଯୋଗ

ବଇଣ୍ଡା,୨୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଅରଖକୁଦ ଗ୍ରାମର ସୌଦାମିନୀ ବାରିକ ଓ ତାଙ୍କ ସ୍ୱାମୀ ବିଶ୍ୱନାଥ ବାରିକଙ୍କୁ ଟିକୁ ନାୟକ, ତୋଫାନ ନାୟକ ହତ୍ୟା ଧମକ ଦେଇଥିବା ସୌଦାମିନୀ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୌଦାମିନୀ ଓ ବିଶ୍ୱନାଥ ଘରେ ଥିବା ବେଳେ ଟିକୁ ଓ ତୋଫାନ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ବଇଣ୍ଡା,୨୭ ।୧୨(ସମିସ): ବଇଣ୍ଡା ଅଞ୍ଚଳ ଧର୍ମପ୍ରାଣ ମହିଳା ଉଦିଆ ସାହୁ (୭୮) ଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଛି। ସେ ଖାଇବା ପରେ ତାଙ୍କ ବାସଭବନରେ ଶୋଇବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ବଦଳୁଛି ରାଜାଙ୍କ ରଙ୍ଗ (ଫଟୋ ଟିକୁ, ଅନୁଗୋଳ)

● ମଣ୍ଟୁ ମେମୋରିଆଲ କ୍ରିକେଟ

# ଆଜି କଟକ ଓ ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ୍

କିଶୋରନଗର,୨୭ ।୧୨(ସମିସ): କିଶୋରନଗର ବରପଡ଼ିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ମଣ୍ଟୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ପୂର୍ବରୁ କଟକ ବିଶ୍ୱଭାରତୀ ଦଳ ଫାଇନାଲରେ ପ୍ରବେଶ କରିଥିଲା। ରବିବାର ରାମେଶ୍ୱର ସ୍ପୋର୍ଟିଂ ଓ ବିଶ୍ୱଭାରତୀ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଆଜିର ମ୍ୟାଚରେ ଅମ୍ପାୟର ଭାବେ ଟୁକୁ ବାହାଦୁର ଓ ଅମରେଶ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ସରୋଜ ରଞ୍ଜନ ସେନାପତି ଧାରାବିବରଣୀ ପ୍ରଦାନ କରିଥିଲେ। ଅମ୍ଳାନ ବିଶ୍ୱାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରବିବାର ଉଦଯାପନୀ ମ୍ୟାଚରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ସିମେଣ୍ଟ କାରଖାନାକୁ ଗଲା ୧୬ ଟନ୍ ପ୍ଲାଷ୍ଟିକ ଆବର୍ଜନା




ଅନୁଗୋଳ,୨୭ ।୧୨(ସମିସ): ଆଜି ଅନୁଗୋଳ ପୌରପାଳିକାର ୧୬ ଟନ୍ ପ୍ଲାଷ୍ଟିକ ଆବର୍ଜନା ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ କମ୍ପାନୀକୁ ପଠାଯାଇଛି। ଅନୁଗୋଳ ପୌରପାଳିକାର ବିଭିନ୍ନ ଏମସିସି ସେଣ୍ଟରରେ ପ୍ଲାଷ୍ଟିକ ଆବର୍ଜନାକୁ ଅଲଗା କରିବା ପରେ ଏହି ଆବର୍ଜନାକୁ ସିମେଣ୍ଟ କାରଖାନାରେ ପୁନଃ ବ୍ୟବହାର ନିମନ୍ତେ ପଠାଯାଇଛି। ଏହାଦ୍ୱାରା ଆବର୍ଜନାକୁ କେତେକାଂଶରେ ନିୟନ୍ତ୍ରଣ କରାଯାଇପାରିବ। ଏ ପ୍ରସଙ୍ଗରେ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଅନୁଗୋଳ ଜନସାଧାରଣଙ୍କୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ଦୁଇ ପରିବାରର ଘର ପୋଡ଼ିଗଲା

ଅନୁଗୋଳ/ବଆଁରପାଳ, ୨୭ ।୧୨(ସମିସ): ବଆଁରପାଳ ବ୍ଲକ ଗଡ଼ ବୁଢ଼ାପଙ୍କ ପଞ୍ଚାୟତ ବୈଦନାଥପୁର ସାହିରେ ଅଗ୍ନିକାଣ୍ଡ ଘଟି ଚମ୍ପା ପ୍ରଧାନ ଓ ନରେଶ ଭୋଇଙ୍କ ଘର ଜଳିଯାଇଛି। ଶୁକ୍ରବାର ରାତିରେ ଚମ୍ପା ଓ ତାଙ୍କ ସ୍ୱାମୀ ଖାଇ ସାରି ଘରେ ଶୋଇଥିବା ବେଳେ ହଠାତ ଘରେ ନିଆଁ ଲାଗିଥିଲା। ନିଆଁ ତାଙ୍କ ପଡ଼ୋଶୀ ନରେଶ ଭୋଇଙ୍କ ଘରକୁ ମଧ୍ୟ ବ୍ୟାପିଯାଇଥିଲା। ଚମ୍ପାଙ୍କ ଘରେ ଥିବା ସୁନା ଅଳଙ୍କାର, ନଗଦ ୨୭ ହଜାର ଟଙ୍କା, ଧାନ ଓ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ିଯାଇଛି। ଖବର



ପାଇ ବଆଁରପାଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଚମ୍ପାଙ୍କ ସ୍ୱାମୀ ଏକ ଘରୋଇ କମ୍ପାନୀରେ ଦିନମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ନରେଶଙ୍କ ପରିବାର ମଧ୍ୟ ଅତ୍ୟନ୍ତ ଗରିବ ହୋଇଥିବାରୁ ଉଭୟଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି। ସକାଳେ ଗ୍ରାମର ପ୍ରେମାନନ୍ଦ ସେବାସଂଘ ତରଫରୁ ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।

# ଷଣ୍ଢକୁ ଟାଙ୍ଗିଆରେ ହାଣି ଯୁବକ ଗିରଫ

ଛେଣ୍ଡିପଦା,୨୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ବାଗଡିଆ ଥାନା କଣଲୋଇ ଗାଁରେ ଷଣ୍ଢକୁ ଟାଙ୍ଗିଆରେ ହାଣି ଯୁବକ ଗିରଫ ହୋଇଛନ୍ତି। ଗିରଫ ଯୁବକ ହେଲେ କଣଲୋଇ ଗ୍ରାମର ପଦ୍ମଲୋଚନ ପଲେଇ। ଦୀର୍ଘଦିନ ହେବ କଣଲୋଇ ଗାଁରେ ଏକ ଷଣ୍ଢ ବୁଲୁଥିବା ବେଳେ ବାଡ଼ିରେ ଫସଲ ଖାଉଥିବା ନେଇ ରାଗରେ ପଦ୍ମଲୋଚନ ଏକ ଟାଙ୍ଗିଆରେ ଷଣ୍ଢର ପିଠିକୁ ହାଣି ଦେଇଥିଲେ। ଷଣ୍ଢଟି ଗୁରୁତର ଆହତ ହୋଇ ଗାଁ ଛକରେ ପଡ଼ି ରହିଥିବା ବେଳେ ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଏ ସମ୍ପର୍କରେ ବାଗଡିଆ ଥାନାକୁ ଖବର ଦେଇଥିଲେ। ପୁଲିସ ପଦ୍ମଲୋଚନଙ୍କୁ ଗିରଫ କରିବା ସହ ଟାଙ୍ଗିଆ ଜବତ କରିଛି।




# ସ୍ୱୟଂ ସହାୟକ ଗୋଷ୍ଠୀକୁ ହାତ ଯନ୍ତ୍ର ଓ ବୈଦ୍ୟୁତିକ ଯନ୍ତ୍ରାଂଶ ବିତରଣ

ଅନୁଗୋଳ,୨୭ ।୧୨(ସମିସ):

ଜରପଡ଼ା ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରୋତ୍ସାହନ କରିବା ନିମନ୍ତେ ହାତ ଯନ୍ତ୍ର ଓ ବୈଦ୍ୟୁତିକ ଯନ୍ତ୍ରାଂଶ ବିତରଣ କରାଯାଇଛି। ଏଥିସହ ଧନ୍ଦାମୂଳକ ଶିକ୍ଷା ଓ ବୃତ୍ତିଗତ ତାଲିମ୍ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ଅନୁଗୋଳ ବନଖଣ୍ଡ ଅଧିକାରୀ ଆୟୋଜନ କରିଥିବା ବେଳେ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ସହଯୋଗ କରିଥିଲେ। ନୂତନ ଭାବରେ ଗଢ଼ା ହୋଇଥିବା ଜରପଡ଼ା ରେଞ୍ଜସ୍ଥିତ ଶିକାର ନିରୋଧ ଗୃହକୁ ଅତିଥି ମାନଙ୍କ କରକମଳରେ ଉଦ୍ଘାଟନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନୀତ ଅତିଥି ଭାବରେ ଅନୁଗୋଳ ବନଖଣ୍ଡ ଅଧିକାରୀ ନିତିଶ କୁମାର, ପରିକ୍ଷଣାମୂଳ ସରକାରୀ ବନ ସଂରକ୍ଷକ ସିଦ୍ଧାର୍ଥ ଜୈନ (ଅନୁଗୋଳ ବନଖଣ୍ଡ), କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୋମିନି ସୁଦିପ୍ତ ଗଡ଼ନାୟକ, ଜରପଡ଼ା ଜୋନର ବିଜେପି ମଣ୍ଡଳ ସଭାପତି ଜୀବନାନନ୍ଦ ସାହୁ, ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାଏକ, ଫରେଷ୍ଟର ବସନ୍ତ ଗଡ଼ନାୟକ, ଉପସ୍ଥିତ ଥିଲେ। ଏଥିରେ ଭିଏସ୍ ଏସ୍ ର ୨୬ଟି ଏସ୍ ଏଚ୍ ଜି ଗ୍ରୁପକୁ ଯନ୍ତ୍ରଚାଳିତ ଖଲି ଚଉପତି ମେସିନ, ଡାଲି ମେସିନ, ଧୂପକାଠି ମେସିନ, ବିରି ଗ୍ରାଇଣ୍ଡିଂ ମେସିନ, ପାମ୍ପଡ଼ ମେସିନ, ଟେଲର ମେସିନ ଇତ୍ୟାଦି ପ୍ରଦାନ କରିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏସ୍ ଏଚ୍ ଜି ତରଫରୁ ଶିକ୍ଷାଦାନ କରିଥିବା ବିୟୁଟି ପାର୍ଲର, ଟେଲରିଙ୍ଗ ଏବଂ ଏସ୍ ଏଚ୍ ଜି ମାନେ ନିଜସ୍ୱ ତିଆରି କରିଥିବା ଧୂପକାଠି, ଝୁଣା, ମହୁ,ଖଲି ଚଉପତି, ଖାଦ୍ୟଜିନିଷ ଇତ୍ୟାଦି ଷ୍ଟଲ ମାଧ୍ୟମରେ ବିକ୍ରୟ କରିଥିଲେ। ଏହାକୁ ଜରପଡ଼ା ବନାଞ୍ଚଳର ସମସ୍ତ କର୍ମଚାରୀଙ୍କ ସମେତ କହ୍ଲେଇ ସାହୁ, ଜିତେନ୍ଦ୍ର ପ୍ରଧାନ, ସୁଜିତ କୁମାର, ବାଙ୍କନିଧି ଦାସ ପ୍ରମୁଖ ସହଯୋଗ କରିଥିଲେ।

ଏକାଦଶାହ ଉପଲକ୍ଷେ



√ସନ୍ତୋଷ କୁମାର ମହାନ୍ତି
୧୦୮/ଏ, ଲୋଟସ୍ ହାଉସ୍, ଷ୍ଟେସନ ସ୍କୋୟାର, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ - ୨୬.୦୬.୧୯୫୫
ତିରୋଧାନ - ୧୮.୧୨.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ନିବେଦନ କରୁଅଛୁ ।
-: ଶୋକାସନ୍ତପ୍ତ :-
ଝିଅ-ଜ୍ୱାଇଁ : ପ୍ରଜ୍ଞାସ୍ମିତା-ଡା. ଦିପ୍ତିକାନ୍ତ, ସୁଚିସ୍ମିତା-ଜ୍ୟୋତି ରଞ୍ଜନ
ନାତି ଓ ନାତୁଣୀ- ଲକ୍ଷଜିତ୍, ଜାହ୍ନବି, ଲଳିତେଶ
ଏବଂ ବନ୍ଧୁ ଓ ପରିବାର ବର୍ଗ

### ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ଆଇନ ଅମାନ୍ୟକାରୀଙ୍କ ହେବ ଲାଇସେନ୍ସ ରଦ୍ଦ

ଯାଜପୁର,୨୭।୧୨(ସମିସ):



ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଅମ୍ବର କୁମାର କର ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଦ୍ରୁତ ଗତିରେ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚଳାଇବା, ହେଲମେଟ୍ ନ ପିନ୍ଧିବା, ମୋବାଇଲରେ କଥା ହୋଇ ଗାଡ଼ି ଚଲାଇବା ଇତ୍ୟାଦି ଦୁର୍ଘଟଣାର ମୁଖ୍ୟ କାରଣଗୁଡ଼ିକୁ ରୋକିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନାବାଳକ ତଥା ବିନା ଲାଇସେନ୍ସରେ ସ୍କୁଲ ପିଲାଙ୍କ ଗାଡ଼ି ଚାଳନାକୁ ରୋକିବା ସହ ଏଦିଗରେ ବିଦ୍ୟାଳୟ ସ୍ତରରେ ସଚେତନତା ସୃଷ୍ଟି କରିବା ପାଇଁ ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ପୁଲିସ୍ ଓ ପରିବହନ ବିଭାଗର ମିଳିତ କାର୍ଯ୍ୟାନୁଷ୍ଠାନ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ କର କହିଥିଲେ। ଆବଶ୍ୟକ ସ୍ଥଳେ ଆଇନ ଅମାନ୍ୟକାରୀଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାକୁ କଠୋର ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ରାଜପଥରେ ମିଳିତ କାର୍ଯ୍ୟାନୁଷ୍ଠାନ ଓ ପାଟ୍ରୋଲିଂକୁ ଜିଲ୍ଲାପାଳ ଅଧିକ ଗୁରୁତ୍ୱ ଦେଇଥିଲେ। ଏହାସହ ସଡ଼କ ଦୁର୍ଘଟଣା ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହି କ୍ରମରେ ଜାତୀୟ ରାଜପଥରେ ଅନଧିକୃତ ମେଡିଆନ କ୍ରସିଂ ବନ୍ଦ କରାଯାଇଛି ଏବଂ ସତର୍କ ସୂଚନା ଫଳକ ମଧ୍ୟ ସ୍ଥାପନ କରାଯାଇଛି। ଆର୍‌ଟିଓଙ୍କ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇ ଆଇନ ଅମାନ୍ୟକାରୀଙ୍କୁ ଦଣ୍ଡିତ କରାଯାଇଛି।

ଚଳିତ ବର୍ଷ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଯାଜପୁରରେ ୧୮୬ ଏବଂ ଚଣ୍ଡିଖୋଲରେ ୧୦୭ ଜଣ ସଡ଼କ ନିୟମ ଉଲ୍ଲଙ୍ଘନ କରିଥିବା ବ୍ୟକ୍ତିଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚଲାଇବା ଯାଞ୍ଚ ପାଇଁ ଅଧିକ ବ୍ରିଥ୍ ଆନାଲାଇଜର ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏହାସହ ଆଗକୁ ନୂଆ ବର୍ଷ ଏବଂ ଜିରୋ ନାଇଟ ଉତ୍ସବ ଥିବାରୁ, ଡ୍ରିଙ୍କ ଆଣ୍ଡ ଡ୍ରାଇଭ୍ ଟେଷ୍ଟକୁ କଡାକଡି କରିବା ପାଇଁ ଜିଲ୍ଲାପାଳ ଶ୍ରୀ କର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଯାଜପୁର ଏବଂ ଚଣ୍ଡିଖୋଲର ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଏନ୍‌ଏଚ୍‌ଏଆଇ ଅଧିକାରୀ, ଅବକାରୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ଜାନୁଆରୀ ମାସକୁ ସଡ଼କ ସୁରକ୍ଷା ମାସ-୨୦୨୬ ପାଇଁ ସଚେତନତା ରଥ, ବ୍ୟାନର, ହୋର୍ଡିଂ ଲାଗିବା ସହ ସଡ଼କ ସୁରକ୍ଷା ଆଧାରିତ କୁଇଜ୍, ବକ୍ତୃତା, କର୍ମଶାଳା, ପୋଷ୍ଟର ଡିଜାଇନ୍ ଇତ୍ୟାଦି ଆୟୋଜିତ ହେବ। ଏହାସହ ଜନସାଧାରଣଙ୍କ ସଚେତନତା ପାଇଁ ୱାକାଥନ୍ ମଧ୍ୟ ଆୟୋଜିତ ହେବ। ଗାଡ଼ି ଚାଳକମାନଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେବ। ଏହାସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଗୁଡ଼ ସାମାରିଟନମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ଯୋଜନା ରହିଛି ବୋଲି ସୂଚନା ଦିଆଯାଇଥିଲା।

## ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




**ଯାଜପୁର ଟାଉନ,୨୭।୧୨(ସମିସ):** ଯାଜପୁର ବିଦ୍ୟୁତ୍ ବିଭାଗ ନିର୍ବାହୀ ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଟାଟା କମ୍ପାନୀ ଅଗ୍ରୀମ ସିକ୍ୟୁରିଟି ଆଦାୟକୁ ବିରୋଧ କରି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଟାଟା କମ୍ପାନୀ ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୨୦୨୫ ଡିସେମ୍ବର ୩୦ ସୁଦ୍ଧା ପୂର୍ବରୁ ଅଗ୍ରୀମ ସୁରକ୍ଷା ଧନ ଜମା କରିବାକୁ ନିର୍ଦ୍ଦେଶ ଦେଇଛି। ବର୍ତ୍ତମାନ ମହଙ୍ଗା ପରିସ୍ଥିତିରେ ଏହା ଗରିବ ଏବଂ ମଧ୍ୟବିତ୍ତ ଲୋକଙ୍କ ପାଇଁ ଆର୍ଥିକ ଭାର ସୃଷ୍ଟି କରିବ। ଏହି ନିଷ୍ପତ୍ତିକୁ ଏକ ପାଖିଆ ଏବଂ ଇଚ୍ଛାଧୀନ କାର୍ଯ୍ୟକଳାପ ବୋଲି କଂଗ୍ରେସ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ମହିଳା ନେତ୍ରୀ କନକଲତା ମଲ୍ଲିକ, ଅଧିର କୁମାର ଜେନା, ହରେକୃଷ୍ଣ ସାହୁ, ଦେବେନ୍ଦ୍ର ପ୍ରଧାନ, ଦୁର୍ଯ୍ୟୋଧନ ବେହେରା, ମଧୁସ୍ମିତା ଆଚାର୍ଯ୍ୟ, ନାରାୟଣ ସାମନ୍ତ, ପ୍ରଫୁଲ୍ଲ ରାୟ, ମିହିର ମିଶ୍ର, ଗଦାଧର ଦାସ, ସୁଶାନ୍ତ ମିଶ୍ର, ଉମାକାନ୍ତ ବେହେରା, ଅନୁପମ ମଲ୍ଲିକ, କୁମାର ଆଶୁତୋଷ, ରମେଶ ଚନ୍ଦ୍ର ମଲ୍ଲିକ ସମେତ ଶତାଧିକ କଂଗ୍ରେସ କର୍ମୀ ବିଦ୍ୟୁତ୍ ବିଭାଗ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଜମି ପାଇବା ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଯାଜପୁର,୨୭।୧୨(ସମିସ): ଜମି ପାଇବା ନିମନ୍ତେ ଅନୁସୂଚିତ ଜନଜାତିର ଲୋକେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାନଗଦୀ ବ୍ଲକ ପଙ୍କପାଳ ପଞ୍ଚାୟତର ମନହରପୁର ନୂଆସାହି ଓ ଅସନବାହାଳି ମାନତୀରା ଗ୍ରାମର ୭୦ ପରିବାର ସହ ତଞ୍ଚକତା କରି ସିଲିଂ ଲିଜ୍ ଜମି ଉପରେ ବ୍ୟାଙ୍କରୁ ଋଣ କରାଇ ଦେବା ଆଳରେ ଜମି ପଟ୍ଟା ଓ ଜମି ମାଲିକଙ୍କୁ ନେଇ ସବରେଜିଷ୍ଟର ଅଫିସ ସୁକିନ୍ଦାରେ ଅଫିସରଙ୍କୁ ହାତ କରି ଜନୈକ ବ୍ୟକ୍ତି ଓ ତାଙ୍କ ସହଯୋଗୀଙ୍କ ନାମରେ ରେଜିଷ୍ଟ୍ରି ଦଲିଲ କରାଇ ନେଇ ପରବର୍ତ୍ତୀ ସମୟରେ କିଛି ଦଲିଲ ତାଙ୍କ ନିଜ ନାମରେ ଏବଂ ଆଉ ଅଧିକାଂଶ ଜମି ଓଏଏସ୍ ଷ୍ଟିଲ୍ ନାମକ ଏକ ଘରୋଇ ସଂସ୍ଥାକୁ ବିକ୍ରି କରି ଦେଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଘଟଣା ସମାଧାନ ନ ହେଲେ ସମୂହ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ମଧ୍ୟ ଶୁଣାଇଛନ୍ତି।

## ୪ ବାଇକ୍ ସହ ୯ ମୋବାଇଲ ଜବତ; ୪ ଗିରଫ

ଦାନଗଦି/ସୁକିନ୍ଦା/ଯଖପୁରା,୨୭।୧୨(ସମିସ): ଏକ ବାଇକ୍ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି କଳିଙ୍ଗନଗର ପୁଲିସ। ସେମାନଙ୍କ ନିକଟରୁ ୪ଟି ବାଇକ୍, ୯ଟି ମୋବାଇଲ ଫୋନକୁ ଜବତ କରିଛି।



ଘଟଣାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କଳିଙ୍ଗନଗର ଥାନା କେସ୍ ନଂ.୪୬୧/୨୦୨୫ରେ ଆଜି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦାନଗଦି ଫାଣ୍ଡି ଅନ୍ତର୍ଗତ ସିଙ୍ଗାଡ଼ିଆ ଗ୍ରାମର ସିଦ୍ଧାନ୍ତ ରାୟ(୨୨), ଯାଜପୁର ରୋଡ଼ ଥାନା ରାଛିପୁର ଗ୍ରାମର ମୁନା ଓରଫ୍ ଲକ୍ଷ୍ମଣ ଓଝାଙ୍କ(୨୩), ଦାନଗଦି ଫାଣ୍ଡି ଅନ୍ତର୍ଗତ ତ୍ରିଜଙ୍ଗା ଦାନଗଦିର ଦୀପକ ସେଠୀ(୨୨) ଓ ସିଙ୍ଗାଡ଼ିଆ ଗାଁର କୃଷ୍ଣ ମଣ୍ଡଳ (୨୨)। ଅଭିଯୋଗ ମୁତାବକ ଗତ ୨୩ ତାରିଖ ସନ୍ଧ୍ୟା ୭ଟା ସମୟରେ ବାରଗାଡ଼ିଆ ଗ୍ରାମର ସଞ୍ଜୟ କୁମାର ମଲ୍ଲିକ ବିଆର୍‌ପିଏଲ୍ ଛକ ନିକଟରେ ବାଇକରେ ଯାଜପୁର ରୋଡ଼ରୁ ଘରକୁ ଯାଉଥିବାବେଳେ ଦୁଇଜଣ ଯୁବକ ଏକ ବାଇକରେ ପହଞ୍ଚି ତାଙ୍କ ମୋବାଇଲଟିକୁ ଛଡେଇ ନେଇ ଯାଇଥିଲେ। ସେ କଳିଙ୍ଗନଗର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୁଲିସ କହିଛି।

## ବଡ଼ଚଣାରେ ଡାକ୍ତରଙ୍କ ଆନ୍ଦୋଳନ



**ବଡଚଣା,୨୭।୧୨(ସମିସ):** ବିଭିନ୍ନ ଦାବି ନେଇ ଗତ ବର୍ଷ ଜାନୁଆରୀ ମାସ ଠାରୁ ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଡାକ୍ତରମାନେ ଧାରଣା ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର ଏମାନଙ୍କର ଦାବି ପୂରଣ କରିନାହାନ୍ତି। ଏହି ସବୁ ଦାବି ମଧ୍ୟରେ ରହିଛି ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ପଡ଼ିଛି। ଏସବୁକୁ ପୂରଣ କରିବା, ଦରମା ବୃଦ୍ଧି, ସ୍ୱାସ୍ଥ୍ୟ ବୀମା ଓ ବାହାର ଡାକ୍ତରଙ୍କୁ ସମାନ ସୁବିଧା ପ୍ରଦାନ କରିବା। ତେବେ ଗୋଟିଏ ବର୍ଷ ପରେ ବି ସରକାର ଏହିସବୁ ଦାବି ପ୍ରତି ଗୁରୁତ୍ୱ ଦେଇନଥିବା ପ୍ରତିବାଦରେ ଆଜି ଠାରୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ଦିନ ୧୦ ଟାରୁ ୧୧ଟା ପର୍ଯ୍ୟନ୍ତ ଏକ ଘଣ୍ଟିଆ ଆନ୍ଦୋଳନ ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଆଶିଷ କାର୍ଜି, ଡାକ୍ତର ସୁରଞ୍ଜନ ମହାପାତ୍ର, ଡାକ୍ତର ସୁରଜ ଦଣ୍ଡପାଟ, ଡାକ୍ତର ପ୍ରବୀଣ ଟୋପ୍ପ ଓ ଡାକ୍ତର ନରୋତ୍ତମ ରଥ ପ୍ରମୁଖ ଆଜିର ଏହି ଏକ ଘଣ୍ଟିଆ ଆନ୍ଦୋଳନରେ ସାମିଲ ହୋଇଥିଲେ। ଯଦି ଚଳିତ ମାସ ୩୧ ତାରିଖ ସୁଦ୍ଧା ଯଦି ସରକାର ଡାକ୍ତରମାନଙ୍କର ଦାବି ପୂରଣ ନକରନ୍ତି ତେବେ ଆସନ୍ତା ଜାନୁଆରୀ ମାସ ପହିଲା ଠାରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆନ୍ଦୋଳନକାରୀ ଡାକ୍ତର ମାନେ ସୂଚନା ଦେଇଛନ୍ତି।

## ଧର୍ମପ୍ରାଣାଙ୍କ ପରଲୋକ

**ଧର୍ମଶାଳା,୨୭।୧୨(ସମିସ):** ଧର୍ମଶାଳା ବ୍ଲକ ଉତ୍ତର ପ୍ରତାପ ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ସ୍ୱର୍ଗତ ବଟକୃଷ୍ଣ ମହାନ୍ତିଙ୍କ ଧର୍ମପତ୍ନୀ ସୁଷମା ମହାନ୍ତିଙ୍କ ଗତକାଲି ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଚିତ୍ତରଞ୍ଜନ ମହାନ୍ତି, ନାତି ସିଦ୍ଧାର୍ଥ, ନାତୁଣୀ ବୋହୂ ଅର୍ପିତା ଝିଅ ସୌଦାମିନୀ, ପ୍ରମୋଦିନୀ ଓ ପଦ୍ମିନୀ ପ୍ରମୁଖ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ, ପରୋପକାରୀ ଓ ଅନୁଷ୍ଠାନ ପ୍ରେମୀ ମହିଳା ଥିଲେ। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁତ୍ର ଡ. ଚିତ୍ତରଞ୍ଜନ ମହାନ୍ତି ମୁଖାଗ୍ନି ଦେଇଥିଲେ।



### ■ ଚାଷୀଙ୍କୁ ବିଲରେ ଆକ୍ରମଣ ଘଟଣା

## ଜେଲ୍ ଗଲା ଅଭିଯୁକ୍ତ ଦିଲୁ

**କର୍ଣ୍ଣଗୋଲା,୨୭।୧୨(ସମିସ):** ମଙ୍ଗଳପୁର ଥାନା ଧନୀପୁର ଅଞ୍ଚଳର ଯୁବ ଚାଷୀ ବଳରାମ ବେହେରା (୩୪) ନିଜ ଚାଷ ଜମିରେ ଡାଲୁଅ ଧାନ ଚାଷ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ବିଲରେ ପାଣିମଡ଼ାକୁ ନେଇ ସେହି ଥାନା ଅନ୍ତର୍ଗତ ଖାନନଗର ଅଞ୍ଚଳର ଦିଲ୍ଲୀପ ଯେନା ଏବଂ ତାର ଆଉ ଜଣେ ସହଯୋଗୀ ହଠାତ ସେଠାରେ ପହଞ୍ଚି ବଳରାମକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବଳରାମ ପ୍ରତିବାଦ କରିବାରୁ ସମ୍ପୃକ୍ତ ୨ ଅଭିଯୁକ୍ତ ମିଳିମିଶି ବଳରାମଙ୍କୁ କାଦୁଅ ପାଣି ଭର୍ତ୍ତି ଚାଷ ଜମିରେ ପକାଇ ପ୍ରବଳ ମାଡ଼ ମାରିଥିଲେ। ବଳରାମ ଦରମରା ହୋଇପଡିବା ପରେ ୩ ଦୁର୍ବୃତ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ବଳରାମଙ୍କ ପତ୍ନୀ ସୁନିତା ପରିଡ଼ା ପଡ଼ୋଶୀଙ୍କୁ ଡକାହକା କରି ଗୁରୁତର ଅବସ୍ଥାରେ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ବଳରାମକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଘଟଣାକୁ ନେଇ ବଳରାମଙ୍କ ପତ୍ନୀ ସୁନିତା ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରି ଅଭିଯୁକ୍ତ ଦୁର୍ବୃର୍ତ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିବା ପରେ ଅଭିଯୋଗକୁ ଭିତ୍ତିକରି ମଙ୍ଗଳପୁର ଥାନା ଏଏସଆଇ ଜଟାଧାରୀ ଦାସ କେଶ ନଂ ୩୯୨/୨୫ରେ ଏକ ମାମଲା ରୁଜୁ କରି ଅଭିଯୋଗର ଆଧାରରେ ଘଟଣାରେ ଅଭିଯୁକ୍ତ ଦିଲ୍ଲୀପ ଯେନାଙ୍କୁ ଗତକାଲି ଠାରୁ ଥାନାରେ ଅଟକ ରଖିଥିଲା। ଆଜି ମଙ୍ଗଳପୁର ମେଡିକାଲରେ ଦିଲ୍ଲୀପର ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାକୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦିଲ୍ଲୀପ ଜେଲ ଯାଇଥିବା ଜଣାଯାଇଛି।

## ଯାଜପୁର ରୋଡ୍ ଧାମରା ରେଳପଥ ପ୍ରକଳ୍ପ ପାଇଁ ଦାବି




**ଯାଜପୁର,୨୭।୧୨(ସମିସ):** ଯାଜପୁର ରୋଡ୍ ଧାମରା ରେଳପଥ ସଂଗ୍ରାମ ପରିଷଦର ଅଧ୍ୟକ୍ଷ ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଯାଜପୁର ଟାଉନ ସ୍ଥିତ ଶାନ୍ତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଗତ ଡିସେମ୍ବର ୧୫ ତାରିଖ ଦିଲ୍ଲୀ ସଂସଦ ମାର୍ଗରେ ପରିଷଦ ପକ୍ଷରୁ ଶତାଧିକ ଜନସାଧାରଣଙ୍କ ଧାରଣା ସମୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶ୍ରୀ ଖୁଣ୍ଟିଆଙ୍କ ସହ ଆଲୋଚନା କରି ଆଗାମୀ ସଂସଦ ଅଧିବେଶନରେ ଯାଜପୁର ରୋଡ୍-ଧାମରା ରେଳପଥ ଭାୟା ଯାଜପୁର ଟାଉନ, ଆରଡ଼ି ଓ ଭିତରକନିକା ବାବଦରେ ନିଶ୍ଚିତ ଅର୍ଥ ମଞ୍ଜୁର ହେବ ଓ ଯାଜପୁର ରୋଡ୍‌କୁ ଡିଭିଜନ୍ ଘୋଷଣା କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିବାରୁ ଧାରଣାକୁ ପ୍ରତ୍ୟାହାର କରାଯାଇଥିଲା ବୋଲି ଖୁଣ୍ଟିଆ କହିଥିଲେ। ଆଗାମୀ ୨୦୨୬ ମାର୍ଚ୍ଚ ମାସ ଭିତରେ ମନ୍ତ୍ରୀ ଯଦି ତାଙ୍କ ପ୍ରତିଶ୍ରୁତି ପୂରଣ ନ କରନ୍ତି ତେବେ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ହଜାର ହଜାର ଲୋକ ଆନ୍ଦୋଳନ, ବିକ୍ଷୋଭ, ଜନ ଜାଗରଣ ମାଧ୍ୟମରେ ରାସ୍ତାରୋକ ବିଭିନ୍ନ ବ୍ଲକସ୍ତରରେ କରାଯିବ ବୋଲି ପରିଷଦର ସଂଯୋଜକ ପଦ୍ମାକର ଗୁରୁ କହିଛନ୍ତି। ପରିଷଦର ଆବାହକ ସନ୍ତୋଷ କୁମାର ନନ୍ଦ, ଉପସଭାପତି ଡାକ୍ତର ରାଜକିଶୋର ପଣ୍ଡା, ତପନ ମହାରଣ୍ୟ ଶର୍ମା, ଡ. ସୁବ୍ରତ କୁମାର ପୃଷ୍ଟି, ଦିଲ୍ଲୀପ କୁମାର ଦାଶ, ଭାସ୍କର ମହାନ୍ତି, ମାନସ ରଞ୍ଜନ କର, ପଦ୍ମନାଭ ଜେନା ପ୍ରମୁଖ ପରିଷଦର ବରିଷ୍ଠ କର୍ମକର୍ତ୍ତା ଗଣ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମକୁ ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ସଂଯୋଜନ କରିଥିଲେ।

## ଗୋପାଳ ବୈଷ୍ଣବ ସମାଜର ସମାରୋହ

**ଧର୍ମଶାଳା,୨୭।୧୨(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଆଜି ଉତ୍କଳୀୟ ଗୋପାଳ ବୈଷ୍ଣବ ସମାଜର ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ଧ୍ରୁବଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଗୋପାଳ ବୈଷ୍ଣବ ସମାଜର କର୍ମକର୍ତ୍ତାମାନେ ଅତିଥି ଭାବେ ଯୋଗଦେଇ ଗୋପାଳ ବୈଷ୍ଣବ ଧର୍ମର ମହାତ୍ମ୍ୟ ଓ ସଂସ୍କୃତି ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ହାଡିବନ୍ଧୁ ଦାସ, ନରହରି ଦାସ, କାମଦେବ ଦାସ, ଅଶୋକ କୁମାର ଦାସ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବିନୋଦ ବିହାରୀ ଦାସ, ସରୋଜକାନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ବିଦ୍ୟାଧର ଦାସ ଓ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଗୋପାଳ ବୈଷ୍ଣବ ଜାତିର ବରିଷ୍ଠ କର୍ମକର୍ତ୍ତା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନର କର୍ମକର୍ତ୍ତା କଳ୍ପତରୁ ଦାସ, ଅଶୋକ କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ସୁରେନ୍ଦ୍ର ଦାସ ଓ ରବୀନ୍ଦ୍ରନାଥ ଦାସ ପ୍ରମୁଖ ସଂଗଠନର ବିକାଶ ଉପରେ ଆଲୋଚନା କରିଥିଲେ। ସଦସ୍ୟ ମନୋଜ କୁମାର ଦାସ ଧନ୍ୟବାଦ ଦେଇଥିଲେ।




# ଇମ୍ଫା ତରଫରୁ ସ୍ୱାସ୍ଥ୍ୟ ଶିବିର

ଦାନଗଦି/ଯଖପୁରା,୨୭।୧୨(ସମିସ): ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ତରଫରୁ ଏକ ସ୍ୱାସ୍ଥ୍ୟସେବା ଶିବିର ସ୍ଥାନୀୟ କୁମାରଗାଡିଆ ନୋଡାଲ ୟୁପି ସ୍କୁଲ, କୁମ୍ଭୀରଗାଡ଼ିଆ ପଞ୍ଚାୟତ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟଶିବିରକୁ ପଞ୍ଚାୟତର ସରପଞ୍ଚ ବିନୋଦ ବିହାରୀ ଦଳେଇ ଏବଂ ଇମ୍ଫା ଶିଳ୍ପ ଗୋଷ୍ଠୀର ସାଧାରଣ ପ୍ରବନ୍ଧକ ସଞ୍ଜୟ ଗୁଲାଟି ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଞ୍ଚଳର ବିଶିଷ୍ଟ ସମାଜସେବୀ ସଞ୍ଜୟ କୁମାର ମହାନ୍ତି, କୃପାସିନ୍ଧୁ ସାମନ୍ତରାୟ, ଜୟପ୍ରକାଶ ସାହୁ, ପଞ୍ଚାୟତର ସଭାପତି ବଳରାମ ଆଇଚ, ପ୍ରଶାନ୍ତ ଜେନା, ପଞ୍ଚାୟତର ସମିତିସଭ୍ୟ ଓ ଲକ୍ଷ୍ମୀବଲ୍ଲଭ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଇମ୍ଫା ତରଫରୁ ଡିଜିଏମ୍ ବାସୁଦେବ ମୁଣ୍ଡା, ପ୍ରିୟବ୍ରତ କେଶି, ଇମ୍ଫା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଯୋଗଦେଇଥିଲେ। କୁମାରଗାଡିଆ ନୋଡାଲ ୟୁପି ସ୍କୁଲର ପ୍ରଧାନଶିକ୍ଷକ ଅନିରୁଦ୍ଧ ତରାଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ଦାନଗଦି ବ୍ଲକ ସିଏଚ୍‌ସିର ବରିଷ୍ଠ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଜ୍ୟୋତି ମହାପାତ୍ର, ଶିଶୁରୋଗ ବିଭାଗର ଡା. ପ୍ରୟାଗଜିତ ରାଉତରାୟ, ଭେଷଜ ବିଭାଗର ଡା. ସାଇ ସିକନ ଯୋଗ ଦେଇଥିଲା ବେଳେ ଅନ୍ୟତମ ଭେଷଜ ଡାକ୍ତର ଭାବେ ଡା. ପ୍ରଶାନ୍ତ କୁମାର ଦାସ ଯୋଗ ଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଚିକିତ୍ସା କରିଥିଲେ। ଶିବିରକୁ ସୁଜିତ କୁମାର ରାଉତ, ଇମ୍ଫା ଲୋକସମ୍ପର୍କ ଅଧିକାରୀ ଓ ଫାଉଣ୍ଡେସନର ମ୍ୟାନେଜର ଆଶିଷ ଦାସ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟସେବା ଶିବିରରେ ସ୍ଥାନୀୟ କୁମ୍ଭୀରଗାଡିଆ, ଟିକର, ମାରୁତିକର, ଜଗଡିହ, ଛତ୍ରକଣ ଓ ଦାମୋଦରପୁର ଇତ୍ୟାଦି ଗ୍ରାମର ପ୍ରାୟ ୩୯୫ ଜଣ ରୋଗୀଙ୍କ ଚିକିତ୍ସା କରାଯିବା ସହିତ ଔଷଧ ବଣ୍ଟାଯାଇଥିଲା। ଏହି ସ୍ୱାସ୍ଥ୍ୟଶିବିରରେ ଗ୍ରାମର ଧନେଶ୍ୱର ବିଶ୍ୱାଳ, ହୃଷୀକେଶ ଦାସ, ସ୍କୁଲ ସଭାପତି ଅକ୍ଷୟ କୁମାର ଦାସ, ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ମୁଣ୍ଡା, କୁମ୍ଭୀରଗାଡ଼ିଆ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର କମ୍ୟୁନିଟି ହେଲ୍‌ଥ ଅଫିସର ସୁଚିସ୍ମିତା ନାୟକ ଏବଂ ଫାଉଣ୍ଡେସନର ପ୍ରୋଗ୍ରାମ ଅଫିସର ସୁପ୍ରଭା ପ୍ରଧାନ, ମହାମାୟା ମହାଦେବ ପାଳ ପ୍ରମୁଖ ସହଯୋଗ କରିଥିଲେ।




## କଳିଙ୍ଗ ଭାରତୀ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା

**ଯାଜପୁର,୨୭।୧୨(ସମିସ):** ଗୌତମ ବୁଦ୍ଧ ସଂସ୍କୃତି ଭବନରେ କଳିଙ୍ଗ ଭାରତୀ ଫୋକ୍ ଡ୍ୟାନ୍ସ ଏଣ୍ଡ ମ୍ୟୁଜିକ ସେଣ୍ଟର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ପ୍ରାକ୍ତନ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଡ. ଧରଣୀଧର ନାଥ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମାଜସେବୀ ଡ. ସୁବାସ ପାଣି ପ୍ରମୁଖ ଯୋଗ ଦେଇଥିବା ବେଳେ ବଳରାମ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ କୈଳାଶ ଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଯାଜପୁର କଳା, ଐତିହ୍ୟ ଓ ସଂସ୍କୃତିର ପ୍ରାଚୀନ ପୀଠ ସ୍ଥଳି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭୂଲେଖ ବନ୍ଦୋବସ୍ତର ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ, ପୁରୁଣା ସଙ୍ଗୀତର ଅଭୁଲା ସ୍ମୃତି ସବୁଦିନ ପାଇଁ ହୃଦୟରେ ଆଙ୍କି ହୋଇ ରହିଯାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଦାମୋଦର ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ଅବସରପ୍ରାପ୍ତ ସେନାଧିକାରୀ ପ୍ରଦୀପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ରସଂସଦ ବାର୍ଷିକ ଉତ୍ସବ

ଧର୍ମଶାଳା,୨୭।୧୨(ସମିସ):



ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦର ୧୫ତମ ବାର୍ଷିକ ଓ ସ୍କୁଲର ୭୮ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ଉଦଘାଟକ ଭାବେ ଯୋଗଦେଇଥିଲେ।ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ. ରବୀନ୍ଦ୍ର ବିହାରୀ ମୁଖ୍ୟଅତିଥି ଭାବେ, ଅଧ୍ୟାପିକା ଡ. ରୋଜାଲିନ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦର ସ୍ମରଣିକା 'ବାଣୀ ବିତାନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ପୁରାତନ ଛାତ୍ର ଅଧ୍ୟାପକ ବିଜୟ କୁମାର ନାୟକଙ୍କ ପ୍ରଥମ କବିତା ପୁସ୍ତକ 'ପ୍ରୀତିପୁଷ୍ପ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁଙ୍କୁ ବଟକୃଷ୍ଣ ବରାଳ ସ୍ମୃତି ମେଧାବୃତ୍ତି, ଛାତ୍ର ରାଜେଶ ପରିଡ଼ାଙ୍କୁ ପଣ୍ଡିତ ମଧୁସୂଦନ ମହାପାତ୍ର ସ୍ମୃତି ମେଧାବୃତ୍ତି, ଛାତ୍ର ସତ୍ୟଜିତ ସାହୁ ଓ ରୋହିତ ପ୍ରଧାନଙ୍କୁ ଇଂ.ବୈକୁଣ୍ଠ ନାଥନାଥ ନାୟକ ଦରିଦ୍ର ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ସେହିପରି ବାଣୀପୀଠର ୧୯୭୪ ମସିହା ବ୍ୟାଚର ପୁରାତନ ଛାତ୍ର ବଟକୃଷ୍ଣ ମହାନ୍ତି, ପଦ୍ମଚରଣ ପ୍ରଧାନ, ବସନ୍ତ କିଶୋର ସାହୁ, ନଟବର ସାହୁ, କ୍ଷେତ୍ରବାସୀ ସେଠୀ, କାମଦେବ ଶତପଥୀ ଓ ମହମ୍ମଦ ଫରାହିମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ରାଉଳ ସୂଚନା ପ୍ରଦାନ କରିଥିଲେ। ସଂପାଦକ ଆଦିକନ୍ଦ ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ପୂର୍ବତନ ଅଧକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କୃତପ୍ରାପ୍ତ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ଡ. ରାଜକିଶୋର ପାଢ଼ୀ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସିଂହ, ଶିକ୍ଷାବିତ ଜୀତେନ୍ଦ୍ର କର, ସମାଜସେବୀ ମିନତୀ ସାହୁ, ମାଧୁରୀ ଶତପଥୀ, ଲୋପାମୁଦ୍ରା ସଣ୍ଢ, ସରୋଜିନୀ ପଣ୍ଡା, ପ୍ରଧାନ ଶିକ୍ଷକ ଜଗବନ୍ଧୁ ସ୍ୱାଇଁ, ପୁରାତନ ଛାତ୍ର ରମଣିକ ଲାଲ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବିବେକାନନ୍ଦ ନାୟକ, କେଲୁଚରଣ ନାୟକ, ହରିହର ସାହୁ, ଧରଣୀଧର ଦାଶ, ଆଇନଜୀବୀ ସୋମନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୁରାତନ ଛାତ୍ର ପ୍ରବୋଧ ପାତ୍ର ଧନ୍ୟବାଦ ଦେଇଥିଲେ।

**ଏକାଦଶାହ ଉପଲକ୍ଷେ**



**୰ସନ୍ତୋଷ କୁମାର ମହାନ୍ତି**
୧୦୮/ଏ, ଲୋଟସ୍ ହାଉସ୍, ଷ୍ଟେସନ ସ୍କୋୟାର, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର

ଆବିର୍ଭାବ - ୨୬.୦୬.୧୯୫୫
ତିରୋଧାନ - ୧୮.୧୨.୨୦୨୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ନିବେଦନ କରୁଅଛୁ।

-: ଶୋକାସନ୍ତପ୍ତ :-
ଝିଅ-ଜ୍ୱାଇଁ : ପ୍ରଜ୍ଞାସ୍ମିତା-ଡା. ଦିପ୍ତିକାନ୍ତ, ସୁଚିସ୍ମିତା-ଜ୍ୟୋତି ରଞ୍ଜନ
ନାତି ଓ ନାତୁଣୀ- ଲକ୍ଷଜିତ, ଜାହ୍ନବି, ଲଳିତେଶ
ଏବଂ ବନ୍ଧୁ ଓ ପରିବାର ବର୍ଗ

## ସୀମାରେ ଯାତାୟାତ ଯନ୍ତ୍ରଣା

# କେବେ ନିର୍ମାଣ ହେବ ମରେଇଗାଁ-ବଳୀପୁର ରାସ୍ତା



**ବାରିକପୁର, ୨୭।୧୨(ସମିସ)**

ସରକାର ଗମନାଗମନ ସୁବିଧା ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିବା ପ୍ରଚାର ପ୍ରସାର କରୁଛନ୍ତି। ପାଣି ଭଳି ଅର୍ଥ ଖର୍ଚ୍ଚ ହୋଇ ବିଭିନ୍ନ ସ୍ଥାନରେ କଂକ୍ରିଟ ଓ ପିଚୁ ରାସ୍ତା ନିର୍ମାଣ ହେଉଛି। ଏପରି ସ୍ଥଳେ ଆଜି ସୁଦ୍ଧା ଅନେକ ଅଞ୍ଚଳର ଲୋକେ ଦୀର୍ଘ ବର୍ଷ ଧରି ଗମନାଗମନ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନିକ ଅବହେଳା ହେଉ କିମ୍ବା ଅନ୍ୟକୌଣସି କାରଣରୁ ଜନସାଧାରଣ ଯାତାୟାତ ପାଇଁ ଦୈନିକ କଷ୍ଟ ଭୋଗୁଛନ୍ତି।

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ ମଞ୍ଜୁରୀରୋଡ ନିକଟସ୍ଥ ବଳୀପୁରଠାରୁ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ମରେଇଗାଁକୁ ସଂଯୋଗ କରୁଥିବା ବୈତରଣୀ ବାମ ପାର୍ଶ୍ୱ ନଦୀବନ୍ଧ ରାସ୍ତା ଦୀର୍ଘ ଦିନ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଲୋକମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଦୁଇ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ପ୍ରଥମେ ବନ୍ଧ ରାସ୍ତାଟି ଶାଳପଡ଼ା ଜଳସମ୍ପଦ ବିଭାଗ ହାତରେ ରହିଥିଲା। ତେଣୁ ବିଭାଗ ଏହା ଉପରେ ୨୦୧୬ରେ ପିଚୁ ନିର୍ମାଣ କରିଥିଲା। ପ୍ରାୟ ୧୦/୧୨ କିମି ବନ୍ଧ ରାସ୍ତାକୁ ନବୀକରଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ପରିତାପର ବିଷୟ ନିର୍ମାଣର ଅଳ୍ପ କେତେ ମାସ ପରେ ସମ୍ପୂର୍ଣ୍ଣ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିଲା। ଧିରେ ଧିରେ ରାସ୍ତାରୁ ପିଚ୍ ଓ ମେଟାଲ ଉଠି ଯାଇଥିବାବେଳେ ଏବେ ପଥଟି ନାଲି ବାଲି ମାଟିରେ ପରିପୂର୍ଣ୍ଣ ହୋଇଛି। ଦୈନିକ ଏହା ଉପରେ ବାଲି ଓ ଇଟା ଗାଡି ସହିତ ଅନ୍ୟାନ୍ୟ ମାଲବାହୀ ଯାନ ଚଳପ୍ରଚଳ କରୁଥିବା ଯୋଗୁଁ ରାସ୍ତା ଦିନକୁ ଦିନ ଅତ୍ୟନ୍ତ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ବିଶେଷକରି ବାଇକ ଓ ସାଇକଲ ଆରୋହୀ ବନ୍ଧ ରାସ୍ତା ରେ ଯିବା ପାଇଁ ସୁରକ୍ଷିତ ମଣୁନାହାନ୍ତି। ଏହି ବାଟ ଦେଇ ଦୁଇ ଗୋଟି ଜିଲ୍ଲା ସମେତ ଯାଜପୁର ଜିଲ୍ଲାର କୋରେଇ ଅଞ୍ଚଳ ଜନସାଧାରଣ ଦୈନିକ ଯାତାୟାତ କରିଥା'ନ୍ତି। ଏବେ ଏହି ରାସ୍ତା ପୂର୍ତ୍ତ ବିଭାଗ ହାତକୁ ଯାଇଥିବା ଯୋଗୁଁ ଜଳସମ୍ପଦ ବିଭାଗ ଏହା ଉପରେ କୌଣସି ମରାମତି କାର୍ଯ୍ୟ କରୁନାହିଁ। ଫଳରେ ସୀମାନ୍ତ ଅଞ୍ଚଳରେ ହଜାର ହଜାର ଜନସାଧାରଣ ପ୍ରତ୍ୟେକ ଦିନ ଯାତାୟାତ ଯନ୍ତ୍ରଣା ଭୋଗୁଛନ୍ତି। ତେଣୁ ଏହା ଉପରେ ଦୁଇଟି ଜିଲ୍ଲାର ବିଧାୟକ ଓ ସାଂସଦ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ସେମାନେ ଯାହା କୁହନ୍ତି...



ରାସ୍ତାରେ ଦୈନିକ ଯାତାୟାତ କରିବା କଷ୍ଟକର ହେଉଛି। ଏଥିପାଇଁ ଆମେ ଅନେକ ବାର ପ୍ରଶାସନକୁ ଜଣାଇଛୁ। ରାସ୍ତାଟି କେନ୍ଦୁଝର ଜିଲ୍ଲା ପ୍ରଶାସନ ହାତରେ ଥିବା ହେତୁ ସେମାନେ ଏହା ଉପରେ ସଠିକ ଦୃଷ୍ଟି ଦେଉନଥିବା ମନେ ହେଉଛି। **-ଶରତ ଚନ୍ଦ୍ର ଜେନା, ସ୍ୱେଚ୍ଛାସେବୀ**



ଆମ ଗାଁର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଦୈନିକ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ବନ୍ଧରେ ପ୍ରବଳ ଧୂଳି ଉଡ଼ିବା ଯୋଗୁଁ ଏହା ଆମକୁ ଅଧିକ ଯନ୍ତ୍ରଣା ଦେଉଛି। ଏହାଛଡା ସାଇକଲରେ ଯାତାୟାତ କରିବା ମଧ୍ୟ କଷ୍ଟକର ହେଉଛି। **-ବିଜୟ କୁମାର ସାହୁ, ଛାତ୍ର**



ପିଲାବେଳୁ ମାଟି ବାଲି ବନ୍ଧରେ ଯାତାୟାତ କରୁଥିଲୁ। କିଛି ବର୍ଷ ପୂର୍ବରୁ ରାସ୍ତାଟି ପିଚ ନିର୍ମାଣ ହୋଇଥିବା ବେଳେ ତାହା ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ତେଣୁ ପୂର୍ବ ଭଳି ଯେମିତି ଯାତାୟାତ କରୁଥିଲୁ ଏବେବି ସେମିତି ରାସ୍ତାରେ ଯାଉଛୁ। **-ରମାକାନ୍ତ ଜେନା, ବରିଷ୍ଠ ନାଗରିକ**

## ବିଦେଇପୁର ସେବା ସମବାୟ ସମିତି ବୈଠକ

# ଧାନମଣ୍ଡି ଖୋଲିବାକୁ ଚାଷୀଙ୍କ ଦାବି



**ବାସୁଦେବପୁର, ୨୭।୧୨(ସମିସ):** ବାସୁଦେବପୁର ବ୍ଲକର ବିଦେଇପୁର ସୋସାଇଟିରେ ବାଲିମେଦ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଏସଏଆରସିଏସ ବାବାଜୀ ମଲିକ, ମହେନ୍ଦ୍ର ପ୍ରସାଦ ନାୟକ, ବାଲେଶ୍ୱର-ଭଦ୍ରକ କୋଅପରେଟିଭ୍ ବ୍ୟାଙ୍କର ନିର୍ଦ୍ଦେଶକ ନିରଞ୍ଜନ ଦାସ, ବିଦେଇପୁର ସୋସାଇଟିର ସମ୍ପାଦକ ରତିକାନ୍ତ ରାଉତ, ବାଲିମେଦ ସୋସାଇଟିର ସମ୍ପାଦକ ଶ୍ରୀଧର ପ୍ରସାଦ ନାୟକ, ବୋର୍ଡ ମେମ୍ବର ଅମୂଲ୍ୟ କୁମାର ମାଇତି ଓ ଆଖପାଖ ଅଞ୍ଚଳର ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆୟୋଜିତ ବୈଠକରେ ବାର୍ଷିକ ବିବରଣୀ, ଆଉ ବ୍ୟୟର ହିସାବ, ବଜେଟ ଉପସ୍ଥାପନ, ରାଜ୍ୟ ସରକାର ଦ୍ୱାରା ପ୍ରସ୍ତୁତ ହୋଇଥିବା ଧାନ କ୍ରୟ ନୀତି ନିୟମ ସମ୍ପର୍କରେ ଆଲୋଚନା, ସମିତିର ସମସ୍ୟା, ଜାଗା ସମସ୍ୟା, ଗୋଦାମ ଘର ସମସ୍ୟା ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ମିଲର ଓ ଜିଲ୍ଲା ପ୍ରଶାସନ ସହିତ ସଂଯୋଗ ସ୍ଥାପନ କରି ନିର୍ଦ୍ଧାରିତ ସମୟରେ ଧାନ କିଣିବାକୁ ଚାଷୀ ପ୍ରସ୍ତାବ ଦେଇଥିଲେ। ଏଫସିଆଇ ମିଲରଙ୍କଠାରୁ ଚାଉଳ ଉଠାଇ ନ ଥିବାରୁ ମିଲ୍‌ରେ ଧାନ ରଖିବାକୁ ପର୍ଯ୍ୟାପ୍ତ ଜାଗା ନ ଥିବାରୁ ଧାନ କିଣାରେ ମୁଖ୍ୟ ସମସ୍ୟା ଦେଖାଦେବ। ଚାଷୀଙ୍କ ପ୍ରଶ୍ନର ଉତ୍ତର ଦେଇ ଏସଏଆରସିଏସ କହିଥିଲେ ୩୦ କ୍ୱିଣ୍ଟାଲ ଧାନ ଦେଲେ ରାସନ କାର୍ଡ କଟାଯିବ ପ୍ରସ୍ତାବ କିଛି ସରକାର ନାହିଁ। ଏହା ଏକ ଗାଉଁଲି ଗୁଜବ ଅଟେ। ଏଥର ଧାନ ଭଲ ହୋଇଥିବାରୁ କଟ୍‌ନୀ ଛଟନୀର କିଛି ପ୍ରସ୍ତାବ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ନାହିଁ ବୋଲି ଏସଏଆରସିଏସ ବାବାଜୀ ମଲିକ ସୂଚନା ପ୍ରଦାନ କରିଛନ୍ତି।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍‌ରେ ପ୍ରଶାସନ ଏକାଦଶ ବିଜୟୀ



**ଭଦ୍ରକ, ୨୭।୧୨(ସମିସ):** ଭଦ୍ରକ ଚରମ୍ପା ଆରସିବିଏଲ ହାଇସ୍କୁଲ ପଡ଼ିଆରେ ଚରମ୍ପା ଯୁବକ ସଂଘ ପକ୍ଷରୁ ଆଜି ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ପ୍ରଶାସନ ଏକାଦଶ ଓ ବିଧାୟକ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ଏକାଦଶ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୭୮ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ବିଧାୟକ ଏକାଦଶ ୨୦ ଓଭର ଖେଳି ୯ ୱିକେଟ ବିନିମୟରେ ୨୨୧ ରନ୍ ସଂଗ୍ରହ କରି ପରାଜୟବରଣ କରିଥିଲା। ଏହି ମ୍ୟାଚ୍‌ରେ ପ୍ରଶାସନ ଏକାଦଶର ବୁଡନ ମାଝୀ ୫୨ ବଲ୍‌ରେ ୧୨୪ ରନ୍ କରି ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ତାଙ୍କୁ ଯୁବକ ସଂଘ ସମ୍ପାଦକ ମଦନମୋହନ ମହାନ୍ତି ପୁରସ୍କୃତ କରିଥିଲେ। ଖେଳକୁ ଲଲାଟକେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି ପଦ୍ମଲାଭ ପଣ୍ଡା ବିଜେତା ଦଳକୁ ପୁରସ୍କୃତ କରିଥିଲେ। ରନର୍ସଅପ୍ ଦଳକୁ ରୋଟାରିଆନ୍ ଶିଶିର ମିଶ୍ର ପୁରସ୍କୃତ କରିଥିଲେ। ବିଧାୟକ ଏକାଦଶ କ୍ୟାପଟେନ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସମସ୍ତ ଖେଳାଳୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣି କଳରୁ ବାହାରୁନି ପାଣି

**ଦୋଳସାହି, ୨୭।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ସମସ୍ତ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ପାଣିକଳରୁ ବିଭିନ୍ନ ସ୍ଥାନରେ ଅଚଳ ହୋଇ ପଡ଼ିରହିଥିବାବେଳେ ଅନେକ ସ୍ଥାନରେ ପିଇବା ପାଇଁ ଅନୁପଯୋଗୀ ହୋଇଥିବା କାରଣରୁ ଅଚଳ ହୋଇ ପଡ଼ିରହିଥିବା ସୂଚନା ମିଳିଛି। ସରକାର ପିଇବା ପାଇଁ ପାଣିକଳ ନିର୍ମାଣ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏହି ପାଣିକଳ ବ୍ୟବହାର ହୋଇପାରୁନଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସାଧାରଣରେ ଅଲୋଚନା ହେଉଛି ସରକାର କା ମାଲ ଦରିୟାମେ ଡାଲ୍। ଦୋଳସାହି ପଞ୍ଚାୟତରେ ଅବସ୍ଥିତ ରାଜସ୍ୱ ବିଭାଗ କାର୍ଯ୍ୟାଳୟ ପରିସରରେ ନିର୍ମାଣ ହୋଇଥିବା ୩ଟି ପାଣି କଳ ଅଚଳ ହୋଇ ପଡ଼ିରହିଥିବାବେଳେ ବାହାରୁ ପିଇବା ପାଣି ଆଣି ପିଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତିହିଡ଼ି ବ୍ଲକ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଦୁଷ୍କର୍ମ ପୀଡ଼ିତା ପରିବାରକୁ ଭେଟିଲେ ରାଜ୍ୟ କଂଗ୍ରେସ ଟିମ୍

# ରାଜ୍ୟରେ ନାରୀଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି



**ଭଦ୍ରକ, ୨୭।୧୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲିର କୁନି ଝିଅକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କଲା କଂଗ୍ରେସ। ଆଜି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ବରିଷ୍ଠ ନେତା ଶ୍ରୀକାନ୍ତ ଜେନାଙ୍କ ସମେତ କଂଗ୍ରେସର ବହୁ ବରିଷ୍ଠ ନେତା ଚାନ୍ଦବାଲି ଗସ୍ତରେ ଆସି ପୀଡ଼ିତା ପରିବାରକୁ ସାକ୍ଷାତ କରିଥିଲେ। ସେମାନଙ୍କ ଭଲମନ୍ଦ ବୁଝିବା ସହ ଆଶ୍ୱାସନା ଦେଇଥିଲେ। ଏଥିସହିତ ସାରା ରାଜ୍ୟ ପରି ଚାନ୍ଦବାଲିରେ ବିଗୁଡୁଥିବା ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଉଦବେଗ ପ୍ରକାଶ କରିଥିଲେ। ବିଜେପି ଦଳ ସରକାରକୁ ଆସିବା ଦିନଠାରୁ ନାରୀମାନଙ୍କ ପ୍ରତି ଅତ୍ୟାଚାର ବଢ଼ିବାରେ ଲାଗିଛି ବୋଲି ପିସିସି ସଭାପତି ଶ୍ରୀ ଦାସ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। କଂଗ୍ରେସର ଏହି ପ୍ରତିନିଧି ଦଳରେ ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ପ୍ରମୁଖ ବହୁ ରାଜ୍ୟ ଓ ଜିଲ୍ଲା କଂଗ୍ରେସ ନେତା ଉପସ୍ଥିତ ଥିଲେ।

# କବିତା ସଂକଳନ 'ଲଣ୍ଠନ ଭିତରେ ଜହ୍ନ' ଉନ୍ମୋଚିତ

**କୋରେଇ, ୨୭।୧୨(ସମିସ):** କୋରେଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ କୋରେଇ ମହୋତ୍ସବ ମଞ୍ଚରେ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତିଙ୍କ କବିତା ସଂକଳନ ଲଣ୍ଠନ ଭିତରେ ଜହ୍ନ ଉନ୍ମୋଚିତ ହୋଇଯାଇଛି। ଗୀତିକବି ନନ୍ଦକିଶୋର ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାରସ୍ୱତ ମଞ୍ଚରେ ମୁଖ୍ୟଅତିଥି ଭାବେ ଡ. ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟବକ୍ତା, ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚାନ୍ଦ, ସମ୍ମାନିତ ଅତିଥି ତଥା ଶ୍ରମିକ ନେତା ମାୟାଧର ନାୟକ, ପ୍ରାଣକୃଷ୍ଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ ମହାନ୍ତି, ସଂସଦର ସମ୍ପାଦକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ଓ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ମାଝୀ ପ୍ରମୁଖ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଭୁବନେଶ୍ୱରର ପୂର୍ବୀ ପ୍ରକାଶନୀ ଦ୍ୱାରା ପ୍ରସ୍ତୁତ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତିଙ୍କ ଏହି କବିତା ସଂକଳନରେ ଜୀବନର ପ୍ରତିଟି ପଦକ୍ଷେପରେ ସାମ୍ନା କରୁଥିବା ଘଟଣା ଦୁର୍ଘଟଣାକୁ ସୁନ୍ଦର ଶବ୍ଦ ଆଉ ଭାବର ସମାହାରରେ ସଜାଇ ରଚନା କରିଥିବାର କଥା ମଞ୍ଚାସୀନ ଅତିଥି କହିଥିଲେ। ପ୍ରାରମ୍ଭରେ ସଂସଦର ସମ୍ପାଦକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ଦୟାନିଧି ନାୟକ, ଡ. ମୋହନ ଖୁଣ୍ଟିଆ ଏବଂ କବି ବିନୋଦ ବିହାରୀ ଦାସ ଉପସ୍ଥିତ ଥିଲେ।

# ନରସିଂହପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**ଅସୁରାଳି, ୨୭।୧୨(ସମିସ):** ଧୂଷୁରୀସ୍ଥ ଜଗନ୍ନାଥ ପଡ଼ିଆ ମାଇଦାନରେ ନରସିଂହପୁର ପ୍ରିମିୟର ଲିଗ (ଏନପିଏଲ) ସିଜନ-୬ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟନୀ ହୋଇଯାଇଛି। ଅତିଥି ଭାବେ ଧୂଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ଧୂଷୁରୀ ଥାନା ସବଇନ୍ସପେକ୍ଟର ଧୀରେନ୍ଦ୍ର ନାୟକ, ଧୂଷୁରୀ ପ୍ରେସ ୟୁନିୟନ କୋଷାଧକ୍ଷ ସାମ୍ବାଦିକ ରତିକାନ୍ତ ନାୟକ, ଆଇଁଠି ସାହୁ ସୁଇଟ୍ସର ପ୍ରୋପାଇଟର ଅନନ୍ତ ସାହୁ, ସମାଜସେବୀ ସରୋଜ ରାଉତ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଅଞ୍ଚଳର ଯୁବ ଖେଳାଳିଙ୍କ ପାଇଁ ଏକ ମଞ୍ଚ ତିଆରି କରିଥିବା ସହ ସାମାଜିକ ଏକତା ଓ ଉତ୍ସାହର ପ୍ରତୀକ ଭାବେ ଦେଖାଯାଉଛି। ଉଦଘାଟନୀ ମ୍ୟାଚ ଦେଖିବାକୁ ଦୂରଦୂରାନ୍ତରୁ ଦର୍ଶକମାନେ ଆସିଥିଲେ। ଏହି ଉଦଘାଟନୀ ଅବସରରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦୁଇ ମ୍ୟାଚ୍ ୫ ଓଭର୍ ବିଶିଷ୍ଟ ହୋଇଥିବାବେଳେ ହସନପୁର ଓ ତାଳପଦା, କୂଳସାହି ଓ ଚୁନିଦା ମଧ୍ୟରେ ହୋଇଥିଲା। ଏଥିରେ ତାଳପଦା ଓ କୂଳସାହି ବିଜୟୀ ହୋଇଥିଲେ। ସେହିପରି ଶେଷ ଦୁଇ ମ୍ୟାଚ ୮ ଓଭର୍ ବିଶିଷ୍ଟ ହୋଇଥିଲା। ଏଥିରେ ସତ୍ୟ ଇଲେଭେନ ଭଦ୍ରକ ଓ ଦାଦା ଇଲେଭେନ ଅସ୍ତକ, ଏମ୍‌ବିସିଟି ମଲ୍ଲିକପୁର ଓ ଜ୍ୟୋତି ଇଲେଭେନ ଯାଜପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ସତ୍ୟ ଇଲେଭେନ ଭଦ୍ରକ ଓ ଏମ୍‌ବିସିଟି ମଲ୍ଲିକପୁର ଦଳ ବିଜୟୀ ହୋଇଥିଲା। ଆସନ୍ତା ସୋମବାର ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ।

# ଆବାସ ଯୋଜନାରେ ଅସହାୟ ମହିଳା ସାମିଲ

**ଦୋଳସାହି, ୨୭।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତର ଜଣେ ବିଧବା ଅସହାୟ ମହିଳାଙ୍କ ବାସଗୃହ ନ ଥିବା ନେଇ ଏଠି ସେଠି ଜୀବନଯାପନ କରୁଥିବାବେଳେ ସେ ଆବାସ ଯୋଜନାରୁ ବାଦ୍ ପଡ଼ିଥିଲେ। ବହୁ ଉଦ୍ୟମ କରି ମଧ୍ୟ ତାଙ୍କୁ ଖଣ୍ଡେ ଆବାସ ମିଳିପାରୁ ନ ଥିଲା। ଏଭଳି ସମୟରେ ତାଙ୍କୁ ସହାୟତାର ହାତ ବଢ଼ାଇଥିଲେ ଯୁବ ସମାଜସେବୀ ସତ୍ୟାନନ୍ଦ ପାଣିଗ୍ରାହୀ। ସମ୍ପୃକ୍ତ ବିଧବା ମହିଳାଙ୍କୁ ଆବାସ ଯୋଜନାରେ ସାମିଲ କରାଇ ଆବାସ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି। ଗୁଆମାଳ ପଞ୍ଚାୟତର ୭ନଂ ୱାର୍ଡର ନିରାଶ୍ରୟ ତଥା ବିଧବା ମାଳତି ଜେନା ବାସହୀନ ହୋଇ ଦୀର୍ଘବର୍ଷ ଧରି ବାରପିଣ୍ଡାରେ ଜୀବନଯାପନ କରୁଥିବାବେଳେ ତାଙ୍କୁ ଆବାସ ଯୋଜନାରେ ସାମିଲ କରାଇବାରେ ସକ୍ଷମ ହୋଇଛନ୍ତି ଯୁବ ସମାଜସେବୀ ସତ୍ୟାନନ୍ଦ ପାଣିଗ୍ରାହୀ। ତାଙ୍କର ଏହି ମଣିଷପଣିଆ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଦଶମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଭୁଲ୍ ତଥ୍ୟ

# ଭାରତ ଛାଡ଼ ଆନ୍ଦୋଳନରେ ଇରମ ଓ ସହିଦନଗର ସହିଦଙ୍କ ପ୍ରତି ଅପମାନ

**ଭଦ୍ରକ, ୨୭।୧୨(ସମିସ)**

୨୦୧୩ରେ ଓଡ଼ିଶା ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ଦଶମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିର ପୃଷ୍ଠା ସଂଖ୍ୟା- ୩୧୨ର ପାରା- ୩ ଓ ପାରା- ୫ରେ ଭାରତ ଛାଡ଼ ଆନ୍ଦୋଳନ ପରିପ୍ରେକ୍ଷୀରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଓ ବର୍ତ୍ତମାନର ଭଦ୍ରକ ଜିଲ୍ଲାର ସହିଦନଗର ଓ ଇରମରେ ସହିଦ ହୋଇଥିବା ସହିଦଙ୍କ ସଂଖ୍ୟା, ଗୁଳିକାଣ୍ଡର ସ୍ଥାନ ଓ ତାରିଖ ସମ୍ପର୍କରେ ସମ୍ପୂର୍ଣ୍ଣ ଭୁଲ୍ ଲେଖାହୋଇଥିବାରୁ ଭାରତର ଛାତ୍ର ଫେଡେରେସନ( ଏସ୍‌ଏଫ୍‌ଆଇ)ର ପୂର୍ବତନ ରାଜ୍ୟ ସଭାପତି ତଥା ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ ତୀବ୍ର ନିନ୍ଦା କରିଛନ୍ତି। ଏହି ଭୁଲ ତଥ୍ୟକୁ ଖୁବ୍ ଶୀଘ୍ର ପରିବର୍ତ୍ତନ କରି ସଠିକ୍ ତଥ୍ୟ ପ୍ରକାଶିତ କରିବାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଓ ରାଜ୍ୟ ଗଣଶିକ୍ଷା ବିଭାଗକୁ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।

ପ୍ରକାଶ ଥାଉକି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସାରା ଦେଶରେ ଭାରତ ଛାଡ ଆନ୍ଦୋଳନ ସଂଗଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ୧୯୪୨ ସେପ୍ଟେମ୍ବର ୨୨ ତାରିଖରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ତଥା ବର୍ତ୍ତମାନ ଭଦ୍ରକ ଜିଲ୍ଲାର ଲୁଣିଆଁ ଗାଁକୁ ସଂଲଗ୍ନ ଚାନ୍ଦିଆପୋଖରିଠାରେ ବ୍ରିଟିଶ ଗୁଳିରେ ୯ ଜଣ ଆନ୍ଦୋଳନକାରୀ ସହିଦ ହୋଇଥିଲେ। କିନ୍ତୁ ୧୦ମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ '୧୯୪୨ ମସିହା ସେପ୍ଟେମ୍ବର ୨୧ ତାରିଖ ଶ୍ରୀଜଙ୍ଗ ଗାଁରେ ୧୦ ବା ୧୧ ଜଣ ବ୍ୟକ୍ତି ପୁଲିସ୍ ଗୁଳିରେ ପ୍ରାଣ ହରାଇଥିଲେ' ବୋଲି ଭୁଲ୍ ତଥ୍ୟ ପ୍ରକାଶିତ ହୋଇଛି। ଏହି ବହିରେ ବ୍ରିଟିଶ ଗୁଳିକାଣ୍ଡର ସ୍ଥାନ, ତାରିଖ ଓ ସଂଖ୍ୟା ସମ୍ପୂର୍ଣ୍ଣ ଭୁଲ୍ ଥିବାରୁ ଏହା ଭଦ୍ରକ ଜିଲ୍ଲାବାସୀ ଓ ଆମ ଭାରତବାସୀଙ୍କ ପ୍ରତି କୁଠାରଘାତ ଓ ସହିଦଙ୍କ ସ୍ମୃତି ପ୍ରତି ଉପହାସ ବୋଲି ସିପିଆଇ(ଏମ)ର ଯୁବ ଆଇନଜୀବୀ ବିକାଶ ନାଥ ଗଣମାଧ୍ୟମ ଜରିଆରେ ପରିପ୍ରକାଶ କରିଛନ୍ତି। ସେହିଭଳି ୧୯୪୨ ସେପ୍ଟେମ୍ବର ୨୮ ତାରିଖରେ ବିଦେଇପୁରରୁ ଇରମ ୧୯ ବର୍ଗ ମାଇଲ୍ ସ୍ୱାଧୀନ ବାଞ୍ଛାନିଧି ଚକଡାରେ ଧାନ ଫସଲ ଓ ସାମୁଦ୍ରିକ ଲୁଣର କର ନ ଦେବା ପାଇଁ ସାଧାରଣ ଜନତା ଏକତ୍ରିତ ହୋଇ ଇରମ ମେଳଣ ପଡ଼ିଆରେ ବୈଠକ କରୁଥିବାବେଳେ ବାସୁଦେବପୁରର ପାଡ଼ୀ ଜମିଦାରର ଖବର କ୍ରମେ ତତ୍କାଳୀନ ପୁଲିସ ଅଫିସର କୁଞ୍ଜବିହାରୀଙ୍କ ସମେତ ବ୍ରିଟିଶ ପୁଲିସ୍ ସେଠାରେ ପହଞ୍ଚି ଅତି ନିଷ୍ଠୁର ଭାବେ ଗୁଳିଚାଳନା କରିଥିଲେ। ଏହି ରକ୍ତତୀର୍ଥ ଇରମରେ ମହିଳା ସହିଦ ପରିବେୱାଙ୍କ ସମେତ ୨୯ ଜଣ ସହିଦ ହୋଇଥିଲେ। ଏବେ ମଧ୍ୟ କିଛି ପ୍ରତ୍ୟକ୍ଷଦର୍ଶୀ ଇରମବାସୀ ଓ ସହିଦନଗରବାସୀ ବଞ୍ଚିରହିଛନ୍ତି। ଯେଉଁମାନଙ୍କ ପାଖରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସଠିକ୍ ତଥ୍ୟ ସଂଗ୍ରହ କରିପାରିବେ। ଭାରତର ପୁରାତନ ରାଜଧାନୀ କୋଲକାତାଠାରେ ପ୍ରତିଷ୍ଠିତ ନ୍ୟାସନାଲ୍ ଲାଇବ୍ରେରୀରେ ଏହି ଉଭୟ ଗୁଳିକାଣ୍ଡ ସମ୍ପର୍କରେ ବ୍ରିଟିଶ ସରକାରଙ୍କ ତଥ୍ୟକୁ ଭାରତ ସରକାର ସାଇତି ରଖିଛନ୍ତି। କିନ୍ତୁ ଭୁଲ୍ ଭାବେ ଏହି ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଇରମରେ ୨୮ ଜଣ ସହିଦ ହୋଇଛନ୍ତି ବୋଲି ପ୍ରକାଶିତ ହୋଇଛି। ଯାହା ଇରମର ରକ୍ତଭିଜା ମାଟି ପ୍ରତି ଘୋର ଅପମାନ ବୋଲି ଯୁବନେତା ବିକାଶ ନାଥ ପ୍ରକାଶ କରିଛନ୍ତି। ୧୨ ବର୍ଷ ଧରି ଏହି ଭୁଲ ତଥ୍ୟକୁ ଆମ ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କୁ ପଢ଼ାଯାଇଛି। ଏହି ତ୍ରୁଟିକୁ ୨୦୨୬ ଫେବୃଆରୀ ମାସରେ ଅନୁଷ୍ଠିତ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପୂର୍ବରୁ ସଂଶୋଧନ କରାଯିବାକୁ ଶ୍ରୀ ନାଥ ଦାବି କରିଛନ୍ତି।











କେନ୍ଦୁଝର-ଗୋନାସିକା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ଝଲକ

# ମା' ରଙ୍ଗେଶ୍ୱରୀ ଠାକୁରାଣୀଙ୍କ ବାର୍ଷିକୋତ୍ସବ ଉଦ୍‌ଯାପିତ

ଚମ୍ପୁଆ/ଝୁମ୍ପୁରା, ୨୭।୧୨(ସମିସସ): ବ୍ଲକ ଅନ୍ତର୍ଗତ ଭୂଇଁପୁର ଗ୍ରାମରେ ଗ୍ରାମଦେବତୀ ମା' ରଙ୍ଗେଶ୍ୱରୀ ଠାକୁରାଣୀଙ୍କ ଓଷା ଧୂମଧାମରେ ପାଳିତ ହୋଇଯାଇଛି। ଶୁକ୍ରବାର ବିଶେଷ ନୀତି ପାଳନ ପୂର୍ବକ ପୂଜାପାଠ ପରେ ମେଲାଣି ଦିଆଯାଇଛି। ପୂଜକ ରଣଜିତ ବାରିକ, ଗାଉଣୀ ପ୍ରଭାକର ବାରିକ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଓଷା ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ସତ୍ୟବାଦୀ ଯୁବକ ସଂଘ ଆନୁକୂଲ୍ୟରେ ସାମାଜିକ ନାଟକ ପରିବେଷିତ ହୋଇଥିଲା। ମୁଖ୍ୟଅତିଥି ଚମ୍ପୁଆ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ, ମୁଖ୍ୟବକ୍ତା ଯୁଗ୍ମ ନିର୍ଦ୍ଦେଶକ ତଥା ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ, ସମ୍ମାନିତ ଅତିଥି ଭାବେ ଗତିକୃଷ୍ଣ ବାରିକ, ସିଦ୍ଧାର୍ଥ ସିଂ, ପବିତ୍ର ନାୟକ, ଅନିଲ ମହାନ୍ତ, ଜଗନ୍ନାଥ ସାନ୍ଦିଲ, ଅବନୀ ବାରିକ, ନିର୍ମଳ ବାରିକ, ଦିନମଣି ବାରିକ, ଦୀପକ କୁମାର ବାରିକ, ବିଜୟ ବାରିକ ଯୋଗ ଦେଇଥିଲେ। ଜଗଦୀଶ ପଣ୍ଡା ଓ ପ୍ରକାଶଚନ୍ଦ୍ର କୁଣ୍ଡୁଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। କୁନା, ନିର୍ମଳ, ସାନୁ, ମିଟୁ, ହେମାନନ୍ଦ, ଅବନୀ, ସରୋଜ, ସୁଜିତ୍, ମିଟି, ପରୀ, ମାମୁନୀ, ମାନସୀ, ପୂଜା ଅଭିନୟ କରିଥିଲେ। କଳା ନିର୍ଦ୍ଦେଶକ ସମ୍ମାନ, ଖେଳ ସମ୍ମାନ, ଅଭିନେତା ଓ ଅଭିନେତ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଚିକୁ, ଲକି,ଟିପୁ, ଟୁକୁ, ମାନସ,ଭାରତ, ତାରାପଦ, ରାଘବ, ଅମୂଲ୍ୟ, ରାହୁଲ, ଅମରେଶ ମଞ୍ଚ ପରିଚାଳନା କରିଥିଲେ। ସତ୍ୟବାଦୀ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ତେଲକୋଇ-ବିମଳା, ତେଲକୋଇ-କୁନ୍ତଳା ପୂର୍ତ୍ତ ରାସ୍ତା ଅଧପନ୍ତରିଆ

ତେଲକୋଇ, ୨୭।୧୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସୁଛନ୍ତି। ରବିବାର ସିରିଗିଡାସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେବେ, ତେଲକୋଇବାସୀ ଖଞ୍ଜି ହୋଇ ରହିଥିବା ବିଭିନ୍ନ ସମସ୍ୟା ଓ ଅସୁମାରୀ ଆଶା ପୂରଣ ହେବା ନେଇ ଲୋକେ ଆଶା ବାନ୍ଧିଛନ୍ତି। ତେଲକୋଇର ଜୀବନରେଖା ତେଲକୋଇ-ବିମଳା ଓ କାଞ୍ଚିପାଣି-କୁନ୍ତଳା ରାସ୍ତା ନିର୍ମାଣ ଦୀର୍ଘବର୍ଷ ହେବ ଅଧପନ୍ତରିଆ ହୋଇ ପଡ଼ିରହିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲାରୀ ଶ୍ରୀ ମାଝୀ ମୁଖ୍ୟମନ୍ତ୍ରୀ ହେଲା ପରେ ଏହି ରାସ୍ତା ଦୁଇଟି ନିର୍ମାଣ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଆଶା ରହିଥିଲା। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଥିଲେ ସୁଦ୍ଧା ଅଦ୍ୟାବଧି ପୂର୍ତ୍ତ ବିଭାଗର ଏହି ଦୁଇଟି ରାସ୍ତା ଯେଉଁ ତିମିରେକୁ ସେଇ ତିମିରେ ରହିଛି। ପୂର୍ତ୍ତ ବିଭାଗ କେବଳ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ରାସ୍ତା କଡ଼ରୁ କିଛି ମାଟି ମୋରମ ଆଣି ଖାଲ ଖମାରେ ଭର୍ତ୍ତି କରୁଥିବା ଦେଖାଯାଇଛି। ସ୍ଥାନୀୟ ବିଧାୟକ ମଧ୍ୟ ଉକ୍ତ ରାସ୍ତାର ଦୁରବସ୍ଥାକୁ ସୁଧାରିବାରେ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି। ଫଳରେ ଲୋକଙ୍କୁ ନିରାଶ ହେବାକୁ ପଡୁଛି।




# ଅଳତୀ ବିଦ୍ୟାଳୟରେ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ



ଆନନ୍ଦପୁର,୨୭।୧୨ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଗ୍ରାମର ଦରିଦ୍ର ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟର ୧୯୮୦ ବ୍ୟାଚର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିବଂଗତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ଅନନ୍ତ ନାୟକ ଓ ବଳଭଦ୍ର ବେହେରାଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକ ଯଦୁମଣି ମହାକୁଡ଼, ମହମ୍ମଦ ତାଜୁଦ୍ଦିନ୍ ଖାଁ, ଗଙ୍ଗାଧର ପରିଡ଼ା ସମ୍ବର୍ଦ୍ଧିତ ହୋଇଥିଲେ। ପୁରାତନ ଛାତ୍ରଛାତ୍ରୀ ନାରାୟଣ ଧୀର, ହୃଷୀକେଶ ସାହୁ, କାନନ ପଟ୍ଟନାୟକ, ରକ୍ଷାକର ପଣ୍ଡା, ନିରାକାର ଜେନା, ସୂର୍ଯ୍ୟନାରାୟଣ ପାତ୍ର, ଜବାହରଲାଲ ମଲ୍ଲିକ, ଚିନ୍ତାମଣି ପତି, ହରେକୃଷ୍ଣ ଦାଶ, ପ୍ରଭାକର ପଣ୍ଡା, କ୍ଷୀରୋଦ ନାୟକ, ରବିନ୍ଦ୍ର ପଣ୍ଡା, ଜୟନ୍ତ ସାହୁ, ମନ୍ଦାକିନୀ ବେହେରା, ସୁରବାଳା ଭଞ୍ଜ, ପ୍ରଭାତି ଜେନା, ଗୀତାଞ୍ଜଳୀ ସାହୁଙ୍କ ସହ ୫୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ସପରିବାର ଯୋଗ ଦେଇଥିଲେ।

# ବାଉଁଶଗଡ଼ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ



ଆନନ୍ଦପୁର, ୨୭।୧୨ (ସମିସ): ଆନନ୍ଦପୁର ବ୍ଲକ ବାଉଁଶଗଡ଼ ମଧ୍ୟଇଂରାଜୀ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ପୁରାତନ ଛାତ୍ରଙ୍କ ସହଯୋଗରେ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ସମାଜସେବୀ ଆଲୋକ ସେଠୀ, ଶମ୍ଭୁନାଥ ରାଉତ, ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ସାହୁ, ଶିକ୍ଷା ନିରୀକ୍ଷକ ରାମଚନ୍ଦ୍ର ସୁର, ବ୍ଲକ ଶିକ୍ଷାଧିକାରୀ ହରିହର ଦଳେଇ, ବାଉଁଶଗଡ଼ ସରପଞ୍ଚ ସରସ୍ୱତୀ ସେଠୀ, ବ୍ଲକ ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ଦଳେଇ, ଆଞ୍ଚଳିକ ସାଧନ କେନ୍ଦ୍ର ଅଧିକାରୀ ନିରଞ୍ଜନ ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଧନ୍ୟତାରୀ ନାୟକ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସୁବାସ ନାଇକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା କରିବା ସହ ଶିକ୍ଷକଙ୍କ ଗୁଣ ବଖାଣିଥିଲେ ପୁରାତନ ଛାତ୍ରଛାତ୍ରୀ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କେନ୍ଦୁଝର ଜିଲ୍ଲା ବିଜେଡି କର୍ମକର୍ତ୍ତାଙ୍କ ନୂତନ ଟିମ ଘୋଷଣା

କେନ୍ଦୁଝର, ୨୭।୧୨(ସମିସ): କେନ୍ଦୁଝର ଜିଲ୍ଲା ବଜେଡିର ବିଭିନ୍ନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଛି।

ଉପସଭାପତି ଭାବେ ପ୍ରମୋଦ ପଟ୍ଟନାୟକ, ବିଜୟ ମହାନ୍ତି, ନନ୍ଦକିଶୋର ବେହେରା, ବିକ୍ରମ କେଶରୀ ବିଶ୍ୱାଳ, ଗୋବିନ୍ଦ ଚରଣ ମହାନ୍ତ, ରମେଶଚନ୍ଦ୍ର ପଲେଇ, କିଶୋର କୁମାର ଜେନା, ରାଜକିଶୋର ବାରିକ, ସନ୍ତୋଷ କୁମାର ବାଲା, ରାହାସ ବିହାରୀ ପୃଷ୍ଟି, ନିରଞ୍ଜନ ଦାସ, ସୁରେନ୍ଦ୍ର କୁମାର ଜେନା, ରାମୁ ଚକ୍ର, ଚିନ୍ମୟ ଗିରି ମନୋନୀତ ହୋଇଛନ୍ତି। ସେହିପରି ସାଧାରଣ ସଂପାଦକ ଭାବେ ବରଦା ପ୍ରସନ୍ନ ଦାସ, ଗିରିଜା ଶଙ୍କର ସାହୁ, ସନ୍ତୋଷ କୁମାର ବିଶ୍ୱାଳ, ସୁଶୀଲ କୁମାର ହୋତା, ବୀରଭଦ୍ର ସେଠୀ, ଦୁର୍ଯ୍ୟୋଧନ ବାରିକ, ଗିରିଧାରୀ ମହାନ୍ତ, ଶତ୍ରୁଘ୍ନ ପାତ୍ର, ମହେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ ଭଞ୍ଜଦେଓ, ବସନ୍ତ ମିଶ୍ର, ହେମନ୍ତ ସହାୟ, ମୋୟା ମୁଣ୍ଡା, ଅମରେଶ ମହାପାତ୍ର, ବାବୁଲାଲ ସାହୁ, ସୁବାସ କୁମାର ରାମ, ବିଜୟ କୁମାର ଚକ୍ର, ବାସନ୍ତୀ ମାଝୀ, ଦେବାଶିଷ ପଟ୍ଟନାୟକ, ସୁଶାନ୍ତ କୁମାର ସାହୁ(ମୁନା), ତପନ କୁମାର ପାଣି, ପରେଶ କୁମାର ପ୍ରଧାନ, ଅକ୍ଷୟ କୁମାର ମହାନ୍ତ, ରଞ୍ଜନ କୁମାର ଦାସ, ଅରୁଣ କୁମାର ବାରିକ, ଶୁଭେନ୍ଦୁ କୁମାର ପଟ୍ଟନାୟକ, ସୁରେନ୍ଦ୍ର କୁମାର ଦାଶ, ପର୍ଶୁରାମ ମହାରଣା, ବଳରାମ ବେହେରା, ନିରଞ୍ଜନ ତ୍ରିପାଠୀଙ୍କ ନାମ ଘୋଷଣା କରାଯାଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ରକ୍ଷାକର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସଂପାଦକ ଭାବେ ଏମ୍ଡି ଅମୀର ହସନ, ଶତ୍ରୁଘ୍ନ ସିଂହ, ଅଭିମନ୍ୟୁ ନାଥ, ବିରେନ୍ଦ୍ର କୁମାର ବିଶ୍ୱାଳ, ଅକ୍ଷୟ କୁମାର ସାହୁ ରହିଛନ୍ତି।



ବିଂଶତମ ରାଜ୍ୟସ୍ତରୀୟ ସ୍କାଉଟ ଓ ଗାଇଡସ ଜାମ୍ବୋରେଟରେ କେନ୍ଦୁଝରର କୃତିତ୍ୱ

# ଓପିଏସ୍‌ସି ଜେଇଇରେ ଚମକିଲେ ଚମ୍ପୁଆ ଝିଅ

ଚମ୍ପୁଆ,୨୭।୧୨(ସମିସ): ଚମ୍ପୁଆ ଏନଏସି ୧୧ ନମ୍ବର ୱାର୍ଡରେ ରହୁଥିବା ସ୍ୱପ୍ନା ପ୍ରଧାନ ଚଳିତ ଓପିଏସସି ଜେଇଇରେ ସଫଳତା ହାସଲ କରିଛନ୍ତି। ସେ ପ୍ରଥମେ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ପାସ କଲା ପରେ ସୋଆ ୟୁନିଭର୍ସିଟି ଆଇଟିଇଆରରେ ଶିକ୍ଷା ସମାପ୍ତ ପରେ ପ୍ରଥମ ଥର ହିଁ ବିପିଏସସିରେ କୃତକାର୍ଯ୍ୟ ହୋଇଥିଲେ।




ସେ ପୂର୍ବରୁ ଗେଟ୍ ୩ ଥର କୃତକାର୍ଯ୍ୟ ହୋଇଥିଲେ। ଏହି ସଫଳତା ପରେ ତାଙ୍କୁ ଓଡ଼ିଶା ସହରାଞ୍ଚଳ ଗୃହ ଉନ୍ନୟନ ବିଭାଗରେ ଚାକିରି ମିଳିଛି। ପ୍ରଥମେ ତାଙ୍କୁ ବାରିପଦାଠାରେ ଅବସ୍ଥାପିତ କରାଯାଇଥିବା ସୂଚନା ମିଳିଛି। ଏହି ସଫଳତାରେ ସେ ନିଜ ପିତା ସତିଶ ପ୍ରଧାନ ଏବଂ ମାତା ରୁକମଣୀ ପ୍ରଧାନ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି।

# ଘର ଭିତରେ ପଡ଼ିଛି ମୃତଦେହ

ତୁରୁମୁଙ୍ଗା, ୨୭।୧୨(ସମିସ): ତୁରୁମୁଙ୍ଗା ଥାନା ତେନ୍ତଳା ଗ୍ରାମର ଘର ଭିତରେ ଏକ ମୃତଦେହ ୪ ଦିନ ହେବ ପଡିରହିଛି। ମୃତକ ପୀତାମ୍ବର କାରୁଆ ବୋଲି ଜଣାପଡିଥିବା ବେଳେ ସେ ଘରେ ଏକାକୀ ରହୁଥିଲେ। ଶନିବାର ଘର ଭିତରୁ ଦୁର୍ଗନ୍ଧ ବାହାରିବା ପରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ତୁରୁମୁଙ୍ଗା ପୁଲିସର ତଦନ୍ତ ଆରମ୍ଭ କରିଥିବା ବେଳେ ସନ୍ଧ୍ୟା ହେବାରୁ ରବିବାର ମୃତଦେହକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଯୁବକଙ୍କର ୪ ଦିନ ତଳରୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ।

# ନିଆଁରେ ପୋଡ଼ି ହୋଇ ମହିଳା ଗୁରୁତର

ଆନନ୍ଦପୁର, ୨୭।୧୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁର ଗ୍ରାମରେ ଚୁଲିରୁ ନିଆଁ ଲାଗି ଗୋଲାପ ମଞ୍ଜରୀ ସାହୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ଅଣାଯାଇଥିଲା ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।




# ବିପଦ ସାଜିଛି ଅଧପନ୍ତରିଆ ପିଚୁରାସ୍ତା



ହାଟଡ଼ିହୀ,୨୭।୧୨(ସମିସ): ହାଟଡ଼ିହୀ ବ୍ଲକର ବିଭିନ୍ନ ଗାଁ ଗଣ୍ଡା ରାସ୍ତାଘାଟ ଚିକ୍କଣ ହୋଇଥିଲା ବେଳେ ବିଦ୍ୟାଧରପୁରରୁ ବଉଳା ଯାଏଁ ଲମ୍ବିଥିବା ରାସ୍ତାଟି ଦରଖଣ୍ଡିଆ ହୋଇ ଅଧା ପିଚୁ, ଅଧା ମେଟାଲ ପଡିଥିବା ଯୋଗୁଁ ବିପଦ ବଢ଼ିବାରେ ଲାଗିଛି। ବଉଳାକୁ ଯିବାବେଳେ ବାମ ପାର୍ଶ୍ୱ ଓ ଫେରିବା ବେଳେ ଦକ୍ଷିଣ ପାର୍ଶ୍ୱ କେବଳ ପିଚୁ କାମ ହୋଇଥିବାରୁ ଉଭୟ ପାର୍ଶ୍ୱ ଦେଇ ଗମନାଗମନ କରୁଥିବା ଲୋକେ ମେଟାଲ ପାର୍ଶ୍ୱ ଖରାପ ରାସ୍ତାରେ ନଯାଇ କେବଳ ଭଲ ରାସ୍ତାରେ ଯା'ଆସ କରୁଥିବା ଦେଖାଯାଇଛି। ଯାହାଫଳରେ କ୍ରମଶଃ ବିପଦ ବଢ଼ିବାରେ ଲାଗିଛି। ସାଧାରଣତଃ ଏହା ମାଇନ୍ସ ଅଞ୍ଚଳ ହୋଇଥିବାରୁ ଏଠାକାର ପ୍ରାୟ ଯୁବ ବୟସ୍କ ଲୋକେ ନିଶାସେବନ କରି ଗାଡ଼ି ଚାଳନା କରୁଥିବା ଅଭିଯୋଗ ହେଉଛି। ଏପରି ପରିସ୍ଥିତିରେ ଦୁର୍ଘଟଣା ଆଶଙ୍କା ବୃଦ୍ଧି ପାଇବାରେ ଲାଗିଛି। ଦୁର୍ଘଟଣା ଏଡ଼ାଇବା ପାଇଁ ଏହି ଅଧପନ୍ତରିଆ ରାସ୍ତାକୁ ତୁରନ୍ତ ପୂର୍ଣ୍ଣାଙ୍ଗ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଦିନକ ପରେ ନନ୍ଦନକାନନର ୬୬ତମ ପ୍ରତିଷ୍ଠା ଦିବସ

# ଜେବ୍ରା ଖୁଆଡ଼ ଫାଙ୍କା; ଗଣ୍ଡା ଅଣ୍ଡାଳୁଛନ୍ତି ପର୍ଯ୍ୟଟକ

ନନ୍ଦନକାନନ, ୨୭।୧୨(ସମିସ): ଦିନକ ପରେ ନନ୍ଦନକାନନର ୬୬ତମ ପ୍ରତିଷ୍ଠା ଦିବସ। ହେଲେ ନନ୍ଦନକାନନ କର୍ତ୍ତୃପକ୍ଷ ଓ ମନ୍ତ୍ରୀମାନେ ଗଣ୍ଡା, ଜେବ୍ରା ଆଣିବାକୁ ଆଗରୁ ଘୋଷଣା କରିଥିଲେ ସୁଦ୍ଧା ନନ୍ଦନକାନନରେ ଏଯାଏଁ ଖୁଆଡ଼ ଫାଙ୍କା ପଡ଼ିଛି। ଅପରପକ୍ଷେ ଏବେ ବିଦେଶୀ ପର୍ଯ୍ୟଟକ ନନ୍ଦନକାନନ ଆସି ଟିକଟ କରି ଶଙ୍ଖଚିଲ ଖୁଆଡ଼ରେ କୁକୁଡ଼ା ଚିଆଁ ଦେଖି ଫେରୁଛନ୍ତି।

ଦିନଥିଲା ନନ୍ଦନକାନନରେ ୨ଟି ଗଣ୍ଡା ଥିଲେ। ଗୋଟିଏ ଅଣ୍ଡିରା ଗୋଟିଏ ମାଈ। ୧୯୭୪ ମସିହା ଜୁନ ମାସରେ ଆସାମ ଗୌହାଟି ପ୍ରାଣୀ ଉଦ୍ୟାନରୁ ଏକ ୨ବର୍ଷର ମାଈ ଗଣ୍ଡା ଆସିଥିଲା। ଏଇଟି ୨୦୦୭ ମସିହା ପର୍ଯ୍ୟନ୍ତ ୩୩ବର୍ଷ କାଳ ନନ୍ଦନକାନନ ରହି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା। କିନ୍ତୁ ସେହିବର୍ଷ ମେ ମାସରେ ୩୫ବର୍ଷ ବୟସରେ ଗଣ୍ଡାର ମୃତ୍ୟୁ ହୋଇଥିଲା। ସେହିଭଳି ସେଇ ଗୋୱାହଟିରୁ ୧୯୭୯ ମସିହା ନଭେମ୍ବର ମାସରେ ଏକ ୩ ବର୍ଷର ଅଣ୍ଡିରା ଗଣ୍ଡା ନନ୍ଦନକାନନକୁ ଆସିଥିଲା। ଯାହାର ନାଁ ନନ୍ଦନ ଥିଲା। ୩୭ବର୍ଷ ନନ୍ଦନକାନନରେ ରହିଥିଲା। ୨୦୧୬ ସେପ୍ଟେମ୍ବରରେ ୪୦ବର୍ଷରେ ତାର ମୃତ୍ୟୁ ହୋଇଥିଲା। ୨୦୧୬ଠାରୁ ନନ୍ଦନକାନନ ଗଣ୍ଡା ଶୂନ୍ୟ ହୋଇ ରହିଗଲା। କେତେବେଳେ ଧଳା ଗଣ୍ଡା ଆସିବ ତ ପୁଣି କେତେବେଳେ ଯୋଡ଼ି ଗଣ୍ଡା ଆସିବ ବୋଲି ବିଭିନ୍ନ ସମୟରେ କୁହାଯାଉଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଗଣ୍ଡା ଖୁଆଡ଼ ଖାଲି ପଡ଼ିଛି। ପର୍ଯ୍ୟଟକମାନେ ଆସି ଗଣ୍ଡା ରହୁଥିବା ଖୁଆଡ଼ରେ ଗଣ୍ଡା କୁଆଡେ ଗଲା, ଗଣ୍ଡା କାହିଁ ବୋଲି ଅଣ୍ଡାଳି ହେଉଛନ୍ତି।

- ନନ୍ଦନକାନନ: ୧୬ରୁ ଗଣ୍ଡାଶୂନ୍ୟ, ୧୭ରୁ ଜେବ୍ରା ନାହାନ୍ତି
- କକଚ୍ଛୁଆ, ବଗ, ବେଙ୍ଗ, ବିଲୁଆ ଦେଖିବାରେ ବୁଝୁନି ମନ
- ଶଙ୍ଖଚିଲ ଖୁଆଡ଼ରେ ବୁଲୁଛନ୍ତି କୁକୁଡ଼ା ଚିଆଁ







ସେହିଭଳି ନନ୍ଦନକାନନରେ ପର୍ଯ୍ୟଟକ ଜେବ୍ରା ନ ପାଇ ପର୍ଯ୍ୟଟକ ନିରାଶ ହୋଇ ଫେରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁନୁସାରେ ଏକଦା ନନ୍ଦନକାନନରେ ମାଳମାଳ ଜେବ୍ରା ଥିଲେ। ପର୍ଯ୍ୟଟକ ମନେବି ଏହାକୁ ଦେଖି ବହୁତ ଖୁସି ହେଉଥିଲେ। ନନ୍ଦନକାନନର ବରିଷ୍ଠ ପୁରୁଣା ଅଧିକାରୀମାନଙ୍କ ଠାରୁ ଜାଣିବାକୁ ମିଳିଛି ଯେ ନନ୍ଦନକାନନରେ ଜେବ୍ରା ପ୍ରଜନନ ବି ହୋଇଥିଲେ। ୨୦୦୧/୦୨ରେ ଶଙ୍କର ନାମରେ ଏକ ଅଣ୍ଡିରା ଓ ବନିତା ନାମରେ ଏକ ମାଈ ଜେବ୍ରା ଔରସରୁ ୨୦୦୨ ମେ ୧୮ ତାରିଖରେ ସବିତା ନାମକ ଏକ ମାଈ ଜେବ୍ରା ଜନ୍ମ ହୋଇଥିଲା। ସବିତା ପାଇଁ ଚଣ୍ଡିଗଡ଼ ଛଟବୀର ଚିଡ଼ିଆଖାନାରୁ ଏକ ଅଣ୍ଡିରା ଜେବ୍ରା ୨୦୧୨ ମାର୍ଚ୍ଚରେ ଆସିଥିଲା। ଉଭୟଙ୍କ ମିଳନରୁ ଛୁଆ ଜାତ ହେଲେ ସେହି ଜୁ କୁ ଦିଆଯିବାର ଥିଲା। ହେଲେ ମେ ୨୦୧୨ରେ ଉଭୟଙ୍କ ମିଳନ ବେଳେ କୁଆଡ଼େ ସବିତା ଗୋଡ ଛାଟି ଦେବାରୁ ଅଣ୍ଡିରା ଜେବ୍ରାଟି ଗୁରୁତର ଆଘାତ ପାଇ ପେଲ୍ଭିକ ବୋନ ଭାଙ୍ଗିବା ସହ ଅବଡୋମିନାଲ ମସଲ କ୍ଷତି ଗ୍ରସ୍ତ ହୋଇଥିଲା। ଏଥିରେ ତାର ମୃତ୍ୟୁ ହୋଇଥିଲା। ସବିତାର ମୃତ୍ୟୁ ୨୦୧୫ଜାନୁଆରୀରେ ହୋଇଥିଲା। ଏହାପରେ ଇସ୍ରାଏଲ ତେଲ ଅବିଭିରୁ ୨୦୧୫ରେ ୨ହଳ ମାଈ ଅଣ୍ଡିରା ଜେବ୍ରା ଆସିଥିଲେ। ସେମାନଙ୍କର ବି ବର୍ଷେ ଦି ବର୍ଷ ଭିତରେ ମୃତ୍ୟୁ ହୋଇଥିଲା। ବିଭିନ୍ନ ରୋଗରେ ପଡ଼ି ୩ ଟି ଜେବ୍ରାଙ୍କ ମୃତ୍ୟୁ ହୋଇଥିବା ବେଳେ ବିଜୁଳି ମାରି ୨୦୧୭ରେ ଶେଷ ଅଣ୍ଡିରା ଜେବ୍ରାର ମୃତ୍ୟୁ ହୋଇଥିଲା। ପୂର୍ବ ରାତିରେ ଠିକ ଠାକ ଥିବା ଶେଷ ଜେବ୍ରାଟି ପର ଦିନ ଖୁଆଡ଼ରେ ମୃତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ କିଛି ମାସ ବ୍ୟବଧାନରେ ଜେବ୍ରାଙ୍କ ମୃତ୍ୟୁ ହେବା ଘଟଣା ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଚର୍ଚ୍ଚା ଧରିଥିଲା। ଜେବ୍ରାମାନେ ଏଠାକାର ପରିବେଶ ସହ ଖାପ ଖୁଆଇ ନ ପାରିବାରୁ ଏବଂ ଖୁଆଡ଼ ସଂକ୍ରମଣ ହେବାରୁ ଜେବ୍ରାମାନଙ୍କ ମୃତ୍ୟୁ ହୋଇଥିବା ନେଇ କର୍ତ୍ତୃପକ୍ଷ ସଫେଇ ଦେଇଥିଲେ। ତେବେ ଶୁଣିବାକୁ ମିଳେ ଯେ ନନ୍ଦନକାନନରେ ଏକଦା ୮/୯ଟି ଜେବ୍ରା ଥିଲେ। ସେମାନଙ୍କ ଠାରୁ ଛୁଆ ଜନ୍ମ ବି ହୋଇଥିଲା। ଏହାପରେ ନନ୍ଦନକାନନ କର୍ତ୍ତୃପକ୍ଷ ଏବଂ ସରକାର ଜେବ୍ରା ଆଣିବାକୁ ପ୍ରତିଶ୍ରୁତି ଦେଇ ଆସୁଥିଲେ ସୁଦ୍ଧା ଏହା ସଫଳ ହୋଇନାହିଁ।

## ବସ୍ତିରେ ଖେଳନା, କମ୍ବଳ ବଣ୍ଟନ




ଭୁବନେଶ୍ୱର, ୨୭।୧୨(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସ ଏବଂ ସେବାପ୍ରତିନିଧି ଅନୁଷ୍ଠାନ ପକ୍ଷରୁ ଦାରା ସିଂ ବସ୍ତିରେ କମ୍ବଳ ବଣ୍ଟନ କରାଯାଇଥିଲା। ଏହାସହିତ ବାଲ୍ଟି ଓ ଖେଳଣା ପିଲାମାନଙ୍କୁ ବଣ୍ଟା ଯାଇଥିଲା। ସେହିପରି ସୁନ୍ଦରପଦା ଗୋଖିବାବା କ୍ଲବରେ ମଧ୍ୟ ପ୍ରୟାସ ତରଫରୁ କମ୍ବଳ ବଣ୍ଟନ କରାଯାଇଛି। ସଭାପତି ଚିରଞ୍ଜିବୀ ରେଡ୍ଡୀ, ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ଓ ସମାଜସେବୀ ଗଗନ ବିହାରୀ ପାଇଟାଳଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିବର୍ଷ ପ୍ରୟାସ ପକ୍ଷରୁ ଶତାଧିକ କମ୍ବଳ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ ତଥା ବସ୍ତିରେ ପ୍ରଦାନ କରାଯାଉଛି। ଏଥିରେ ପ୍ରୟାସର ମୁଖ୍ୟ ସଙ୍ଗଠକ ବିବେକାନନ୍ଦ ସ୍ୱାଇଁ, ରବିନାରାୟଣ ଧଳ, ପ୍ରମୋଦ କୁମାର ମହାରଣା ଓ ଅନ୍ୟାନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ। ଶେଷରେ ନିଳମଣି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ୧୦ ଜଣଙ୍କୁ ମିଳିଲା 'ବୀର କଳିଙ୍ଗ ରତ୍ନ ସମ୍ମାନ'




ଭୁବନେଶ୍ୱର, ୨୭।୧୨(ସମିସ): ସାପ୍ତାହିକ ଖବରକାଗଜ ବୀର କଳିଙ୍ଗର ୨୧ତମ ସ୍ୱନକ୍ଷତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଶଶୀଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ପ୍ରଫେସର ଅଶୋକ କୁମାର ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ୧୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ବୀର କଳିଙ୍ଗ ରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ୫ମ ଶ୍ରେଣୀରୁ ସ୍ନାତକତ୍ତୋର ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ବିଭିନ୍ନ ମୌଖୀକ ଓ ଲିଖିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଅନୁଷ୍ଠାନର ସ୍ୱତନ୍ତ୍ର ସ୍ୱନକ୍ଷତ୍ର ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଡ. ହିମାଦ୍ରୀ ତନୟା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ଅନୁଷ୍ଠାନର ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ। ଶେଷରେ ଅନୁଷ୍ଠାନର ଉପଦେଷ୍ଟା ଅନୁସୂତା ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେବେ ଓଡ଼ିଶା ଏନ୍‌ସିସି କ୍ୟାଡେଟ୍

ଭୁବନେଶ୍ୱର, ୨୭।୧୨ (ସମିସ): ନୂଆଦିଲ୍ଲୀରେ ହେବାକୁ ଥିବା ସାଧାରଣ ତନ୍ତ୍ର ଦିବସ ପ୍ୟାରେଡ୍ ଏବଂ ଏନ୍‌ସିସି ପିଏମ୍ ରାଲିରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଶାରୁ ୧୨୭ଜଣ କ୍ୟାଡେଟ୍ ଦିଲ୍ଲୀ ଗସ୍ତ କରିଛନ୍ତି। ତନ୍ମଧ୍ୟରେ କଲେଜ ଏନସିସି ଶାଖାରୁ ରହିଛନ୍ତି ୧୧୨ଜଣ (୭୧ବାଳକ ଓ ୪୧ବାଳିକା) ଏବଂ ସ୍କୁଲ ଏନସିସି ଶାଖାରୁ ୧୫ଜଣ (୯ ବାଳକ ଓ ୬ ବାଳିକା) କ୍ୟାଡେଟ୍ ରହିଛନ୍ତି। ତାଙ୍କ ସହ ୧୦ ଜଣ ସପୋର୍ଟ ଷ୍ଟାଫ୍ ଅଛନ୍ତି। ନବରଙ୍ଗପୁର ଠାରେ ଦୀର୍ଘ ୧ ମାସ ପର୍ଯ୍ୟନ୍ତ ପ୍ରଶିକ୍ଷଣ ନେଇଥିବା କ୍ୟାଡେଟ୍‌ମାନେ ସାଧାରଣତନ୍ତ୍ର ଦିବସ ଶିବିରରେ ଯୋଗଦେଇ ଅଧିକ ଅଭ୍ୟାସ କରିବେ। ସେଠାରେ ଉତ୍ତମ ପ୍ରଦର୍ଶନ କରୁଥିବା କ୍ୟାଡେଟ୍‌ମାନେ ଏନ୍‌ସିସି ପକ୍ଷରୁ ମୁଖ୍ୟ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିବେ।

ଏନ୍‌ସିସି କ୍ୟାଡେଟ୍‌ଙ୍କ ଗସ୍ତ ପୂର୍ବରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କ ସହ ସାକ୍ଷାତ କରି ଉତ୍ସାହିତ କରିଛନ୍ତି। ପରିଶ୍ରମ ଓ ସମର୍ପଣ ଭାବନା ସହ ଦେଶର ଏକତା ଏବଂ ସାର୍ବଭୌମତା ରକ୍ଷା ପାଇଁ ସର୍ବଦା ନିଷ୍ଠାପର ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ଏନ୍‌ସିସି କ୍ୟାଡେଟ୍, ଏନ୍‌ସିସିରେ ମହିଳା କ୍ୟାଡେଟ୍‌ଙ୍କ ସଂଖ୍ୟା ବୃଦ୍ଧି କରିବା ଏବଂ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଏନ୍‌ସିସି ବାଟାଲିୟନ ଖୋଲିବା ପାଇଁ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଥିବା ସେ ସୂଚନା ଦେଇଛନ୍ତି। ଏନ୍‌ସିସି ଡେପୁଟି ଡାଇରେକ୍ଟର ଜେନେରାଲ କମୋଡର ବିକ୍ରମ ସିଂହ ବିଭାଗୀୟ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ଗ୍ରୁପ କ୍ୟାପଟେନ ଦେବାଶିଷ ମଙ୍ଗରାଜଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ସୋଆ ଆଇଭିଏସ୍‌ଏଏଚ୍‌ରେ ଖୋଲିଲା ସ୍ପା ଏବଂ ଗ୍ରୁମିଂ ସେଣ୍ଟର

ଭୁବନେଶ୍ୱର, ୨୭।୧୨(ସମିସ):ଘରେ ରହୁଥିବା ଗେଲବସରିଆ ପୋଷା ପ୍ରାଣୀଙ୍କ ଉପଯୁକ୍ତ ଯତ୍ନ ଏବଂ ସ୍ୱାସ୍ଥ୍ୟ ପରିଚାଳନା ନିମନ୍ତେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍)ରେ ଉଦଘାଟିତ ହୋଇଛି ସ୍ପା ଏବଂ ଗ୍ରୁମିଂ ସେଣ୍ଟର। ଏହି ସେଣ୍ଟରର ସବୁ ୟୁନିଟ ଗୁଡ଼ିକ ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ଏଠାରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସେବା ଓ ଚିକିତ୍ସା ପ୍ରଦାନ କରାଯିବ ବୋଲି ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଛନ୍ତି। ପ୍ରାଣୀମାନଙ୍କ କ୍ଷେତ୍ରରେ କେଶ ଝଡ଼ିବା, କାନରୁ ତୈଳ ନିର୍ଗତ ହେବା, କେଶ ଏବଂ ନଖ ବଢ଼ିବା ହେଉଛି ପ୍ରାକୃତିକ ପ୍ରକ୍ରିୟା ଏବଂ ଏହାର ସଠିକ୍ ଉପଚାର ନ କରାଗଲେ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହୋଇଥାଏ। ତେଣୁ ନିୟମିତ ଚିକିତ୍ସା ଏବଂ ଯତ୍ନର ଆବଶ୍ୟକତା ରହିଥିବା ଆଇଭିଏସ୍‌ଏଏଚ୍‌ର ଚିଫ୍ ମେଡିକାଲ୍ ଅଫିସର ପ୍ରଫେସର ନିରଞ୍ଜନ ସାହୁ କହିଛନ୍ତି। ଏହି ସ୍ପା ଏବଂ ଗ୍ରୁମିଂ ସେଣ୍ଟରରେ ଗୃହପାଳିତ ପ୍ରାଣୀମାନଙ୍କ ଶରୀରକୁ ସଫା କରିବା, କେଶ କାଟିବା, ନଖ କାଟିବା, କାନ ସଫା କରିବା, ମୁଖର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ଏବଂ ହେୟାର ବ୍ରସିଂ ଭଳି ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଥିବା ବେଳେ ପ୍ରାଣୀ ବିଜ୍ଞାନୀ ବିଶେଷଜ୍ଞଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତ୍ୟାଧୁନିକ କୁଶଳୀ ଏବଂ ପ୍ରଶିକ୍ଷିତ ବୃତିଗତ ଗ୍ରୁମର ଏହି ସେଣ୍ଟରରେ କାର୍ଯ୍ୟ କରୁଥିବା ସୂଚନା ଦେଇଛନ୍ତି ଆଇଭିଏସ୍‌ଏଏଚ୍‌ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ। ଏହି ସେବା ସପ୍ତାହର ପ୍ରତ୍ୟେକ ଦିନ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏ ଉପଲବ୍ଧ। ଗୃହପାଳିତ ପ୍ରାଣୀମାନଙ୍କର



ତତ୍ତ୍ୱାବଧାରକମାନେ କୌଣସି ପ୍ରକାର ସେବା ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ, କ୍ୟାମ୍ପସ-୪ ସୋଆ ବିଶ୍ୱବିଦ୍ୟାଳୟକୁ ଆସିପାରିବେ ବୋଲି ପ୍ରଫେସର ସାହୁ ସୂଚନା ଦେଇଛନ୍ତି।

## 'ମାଗେ ମେଲାଣି'ରେ ସ୍ମୃତି ଏକ ରୁପାଜହ୍ନ




ଭୁବନେଶ୍ୱର, ୨୭।୧୨(ସମିସ): ସମ୍ଭାବନା ପକ୍ଷରୁ ସଙ୍ଗୀତ ସଂଧ୍ୟା 'ମାଗେ ମେଲାଣି' କାର୍ଯ୍ୟକ୍ରମ ଶନିବାର ଜୟଦେବ ଭବନର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଆରମ୍ଭ ହୋଇଥିବା ଏହି ଭିନ୍ନ ସ୍ୱାଦର ସଙ୍ଗୀତ ସଂଧ୍ୟାରେ ସ୍ମୃତି କେବେ ଶୀତ ସକାଳର, ସ୍ମୃତି ଏକ ରୂପା ଜହ୍ନ, ଜହ୍ନ ଗୋ ତୁମେ ଝୁରନା, ମନ ହଜି ଯାଏ ଆକାଶର ନୀଳେ ଅବା ମୋ ମନ ବୀଣାର ତାରେ, ଚନ୍ଦ୍ରମଲ୍ଲୀ ହସେ, ମୋ ପ୍ରିୟା ଠାରୁ କିଏ, ଆଗୋ ଚନ୍ଦ୍ରିକା, ଲାଲ୍ ଟୁକ୍ ଟୁକ୍ ଓଠେ, ସପନର ପଥେପଥେ, ଯମୁନା ଯାଆନା ଯାଆନା ଯମୁନା, କାହିଁ ଗଲେ ଶ୍ୟାମଘନ, ରଜନୀ ଗୋ, କାଚ କାଛର, ହୃଦୟକୁ କରିଦିଅ ପାନ୍ଥଶାଳା, ହୃଦୟର ଏଇ ଶୂନ୍ୟତାକୁ, ଏଇ ଝୁମାଝୁମା ଗୋଲାପୀ ବେଳାରେ, ମାଗେ ମେଲାଣି ଯେବେ ଲାଜରେ ଯାମିନୀ.....ଗୀତ ପରିବେଷଣ କରାଯାଇଥିଲା। ଏହି ଗୀତକୁ ସ୍ୱର ଦେଇଥିଲେ ସଙ୍ଗୀତ ଶିଳ୍ପୀ ହରପ୍ରିୟା ସ୍ୱାଇଁ, ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥୀ, ଇପ୍‌ସିତା ମହାନ୍ତି, ଅର୍ଣ୍ଣବ ପଣ୍ଡା, ସତ୍ୟ ସାର୍ଥକ ମହାପାତ୍ର ଓ ବିପୁଳ। ସେମାନଙ୍କ ସ୍ୱରରେ ସମୟ ପୁରୁଣା କରି ପାରୁ ନ ଥିବା ଉପରୋକ୍ତ ମନଛୁଆଁ। ସଭ୍ୟ ପ୍ରଫୁଲ୍ଲ ଦେ, ମୀନାକ୍ଷୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଅତିଥି ଭାବେ ସମାଜସେବୀ କସ୍ତୁରିକା ପଟ୍ଟନାୟକ, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ, ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଢ଼ୀ, ଯୁବ ଉଦ୍ୟୋଗୀ ପିଙ୍କିଶ୍ ପ୍ରଧାନ ଉପସ୍ଥିତ ରହିଥିଲେ। ସଙ୍ଗୀତ ଶିଳ୍ପୀ ନିମାକାନ୍ତ ରାଉତରାୟ ଓ ସୌରଭ ନାୟକଙ୍କୁ ସମ୍ଭାବନା ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ଲିଖନ ପ୍ରଶିକ୍ଷଣ କର୍ମଶାଳା



ବାଲିଅନ୍ତା, ୨୭।୧୨(ସମିସ): ବାଲିଅନ୍ତା ବ୍ଲକ ବାଣେଶ୍ୱର ଡିଗ୍ରୀ ମହା ବିଦ୍ୟାଳୟରେ ଆଜି କବିତା ଓ କ୍ଷୁଦ୍ରଗଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଚେୟାରମ୍ୟାନ ଶରତ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟାପକ ଅଜୟ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାବ୍ୟ କବିତା ଓ କ୍ଷୁଦ୍ର ଗଳ୍ପ ଲିଖନ କିପରି କରାଯିବ ତା ଉପରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଇଥିଲେ। ଡ. ରଜନୀରଞ୍ଜନ ଦାଶ ମୁଖ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଅଲିଭା ମହାନ୍ତି, ପ୍ରଭାସିନୀ ପରିଡ଼ା, ଡ. ରତ୍ନାକର ମହାପାତ୍ର ସଭା ପରିଚାଳନା କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ସୁଶୀଲ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶାରେ ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀ ମହାରାଜ



ଭୁବନେଶ୍ୱର, ୨୭।୧୨(ସମିସ): ବିଶ୍ୱସ୍ତରୀୟ ଆଧ୍ୟାତ୍ମିକ ଗୁରୁ ଗୋବିନ୍ଦ ଦେବ ଗିରିଜୀ ମହାରାଜ ଶନିବାର ଠାରୁ ପୁରୀ ବଳିଆ ପଣ୍ଡାସ୍ଥିତ ହୋଟେଲ ସେଭେନ ହିଲ୍ସ ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ ମହାପୁରାଣ କଥା ଆଲୋଚନା କରୁଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ବୁଧବାର ପର୍ଯ୍ୟନ୍ତ ପ୍ରତ୍ୟେହ ସକାଳ ୯ଟା ଠାରୁ ଅପରାହ୍ନ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିସହିତ ଓଡ଼ିଶାର ଗୀତା ପରିବାର ସ୍ୱେଚ୍ଛାସେବୀମାନଙ୍କୁ ଆଶ୍ରୀବଚନ ଦେବା ସହ 'ଗୁରୁଦୀକ୍ଷା'ର କାର୍ଯ୍ୟକ୍ରମ ରହିଅଛି। 'କଥା' ତଥା 'ଦିକ୍ଷା' କାର୍ଯ୍ୟକ୍ରମରେ ଭାଗନେବାକୁ ଅଧ୍ୟକ୍ଷ ପ୍ରମୋଦ କୁମାର ମହାନ୍ତି ଜଣାଇଛନ୍ତି। ପ୍ରକାଶ ଥାଉ କି ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠାରେ ତାଙ୍କ ଭୂମିକା ଅଦ୍ୱିତୀୟ।

ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ

# ଦ୍ୱିତୀୟ ଦିନରେ ଛନ୍ଦ ଓ ରସର ଭାବମୟ ପରିବେଷଣ

ଭୁବନେଶ୍ୱର, ୨୭।୧୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏବଂ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଉତ୍ସବ ଦ୍ୱିତୀୟ ଦିନର ପ୍ରଥମ ପରିବେଷଣରେ ଅଦ୍ଵୃତା ଡ୍ୟାନ୍ସ ଗ୍ରୁପର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ମଙ୍ଗଳାଚରଣ ଗୁରୁବ୍ରହ୍ମା, ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର ପରିବେଷିତ ହୋଇଥିଲା। ଏହାପରେ ଏକକ ନୃତ୍ୟ ପର୍ଯ୍ୟାୟରେ ସୁଦୀକ୍ଷା ପଣ୍ଡାଙ୍କ ଦ୍ୱାରା ଅଭିନୟ ଶ୍ରିତ କମଳା କୁଚ ମଣ୍ଡଳ, ସାଇ ସ୍ମୃତିଙ୍କ ଦ୍ୱାରା କିରବାଣୀ ପଲ୍ଲବୀ ଏବଂ ଦ୍ୱୈତ୍ୟ ନୃତ୍ୟ ପର୍ଯ୍ୟାୟରେ ରଶ୍ମିତା ମହାରଣା ଓ ସାବିତ୍ରୀ ମହାପାତ୍ରଙ୍କ ଦ୍ୱାରା ଶଙ୍କରାଭରଣ ପଲ୍ଲବୀ, ପ୍ରୀତିମୟୀ ବାସ ଓ ବର୍ଷା ଦାସଙ୍କ ଦ୍ୱାରା ଅଭିନୟ ଜୟ ଜୟ ଜଗନ୍ନାଥ ନୀଳଗିରିପତି, ଦୀପିକା ପ୍ରିୟଦର୍ଶିନୀଙ୍କ ଦ୍ୱାରା ଅଭିନୟ ଦୁର୍ଗା ତାଣ୍ଡବ ଏବଂ ଶେଷରେ ନୃତ୍ୟାୟନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ଦଶାବତାର ପରିବେଷିତ ହୋଇଥିଲା।



ଅପରାହ୍ନ ଅଧିବେଶନରେ ନେହରୁ କଲୋନୀ ଓଡିଶୀ ଆଶ୍ରମ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ଶିବସ୍ତୁତି ଓ ମଧୁର ବସନ୍ତ ପରିବେଷିତ ହୋଇଥିଲା। ସେହିପରି ସଂଧ୍ୟା ଅଧିବେଶନର କୋଲକାତାର ନୃତ୍ୟାଙ୍ଗନା ନନ୍ଦିନୀ ଘୋଷାଲ ଗୀତଗୋବିନ୍ଦରୁ ଉଦ୍ଧୃତ ଅଷ୍ଟପଦୀ ମଧୁରିପୁନା ଏକକ ନୃତ୍ୟ ପରିବେଷଣ କରିଥିବା ବେଳେ ବିଶିଷ୍ଟ ନୃତ୍ୟଶିଳ୍ପୀ ପ୍ରଭାତ କୁମାର ସ୍ୱାଇଁ ଗୀତଗୋବିନ୍ଦରୁ ଉଦ୍ଧୃତ ଅଷ୍ଟପଦୀ କୁରୁ ଯଦୁ ନନ୍ଦନ ପରିବେଷଣ କରିଥିଲେ। ଏହାପରେ ଯୋଗିତା ଭାସିନ ଓ ଉର୍ଦ୍ଦା ଭଇଶମ୍ପାୟାନଙ୍କ ଦ୍ୱାରା ଦ୍ୱୈତ୍ୟ ନୃତ୍ୟ, ଜଗତଜିତ ଦାସଙ୍କ ଦ୍ୱାରା ଏକକ ନୃତ୍ୟ, ବ୍ରୀନ୍ଦା ଚଢାଙ୍କ ଦ୍ୱାରା ଏକକ ନୃତ୍ୟ, ସୃଜନୀ ନାୟକ ଓ ଶୃତିଶ୍ରୀ ସ୍ୱାଇଁଙ୍କ ଦ୍ୱାରା ଦ୍ୱେତ୍ୟ ନୃତ୍ୟ, ଅରୁଣିମା ଆଚାର୍ଯ୍ୟ ଦ୍ୱାରା ଏକକ ନୃତ୍ୟ ଓ ବାଣୀ ରୟଙ୍କ ଦ୍ୱାରା ଏକକ ନୃତ୍ୟ ଏବଂ ଶେଷରେ ଆରାଧନା ଡ୍ୟାନ୍ସ ଫାଉଣ୍ଡେସନ୍ ପକ୍ଷରୁ ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା। ସଂଧ୍ୟାର ଅତିଥିଭାବେ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଗୋଆ ଅଭିଲେଖାଗାରର ଯୁଗ୍ମ ସଚିବ ଗାଜେଟିୟର ଏବଂ ସ୍ୱତନ୍ତ୍ର ଦାୟିତ୍ୱ ଅଧିକାରୀ ଡ. ବାଲାଜୀ ସେନୋୟ, ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ତଥା ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ।

ସକାଳ
THE SAKALA



# ପାହାଡ଼ ଶିଖରରେ ଶୈବ ପୀଠ
# ମୟୂରଭଞ୍ଜ ଜିଲ୍ଲାର କପିଳାସ ନସ୍କୋରିଆ

ରାଇରଙ୍ଗପୁର, ୨୭।୧୨(ବିଶ୍ୱଜିତ ଭୂୟାଁ)

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଅନେକ ପର୍ଯ୍ୟଟନସ୍ଥଳୀ ସହ ଦେବଦେବୀଙ୍କ ମନ୍ଦିର ରହିଛି। ସେଥିମଧ୍ୟରୁ କିଛି ଲୋକଲୋଚନକୁ ଆସିଥିବାବେଳେ ଅନେକ ଦୃଷ୍ଟିଆଢୁଆଳରେ ରହିଛି। ସେହିପରି ଏକ ଶୈବପୀଠ ହେଉଛି ପାହାଡ଼ ଶିଖରରେ ଅବସ୍ଥିତ ନସ୍କୋରିଆ ମହାଦେବଙ୍କ ପୀଠ। ହିନ୍ଦୁ ଧର୍ମରେ କୋଟି କୋଟି ଦେବଦେବୀ ରହିଛନ୍ତି। ଯାହାଙ୍କ ନିଜର ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ନସ୍କୋରିଆ ମହାଦେବଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଅଟନ୍ତି। ଉକ୍ତ ପୀଠରେ ବିଶେଷ ଦିନ ଭାବେ ମହା ଶିବରାତ୍ରି ଓ ପଣା ସଂକ୍ରାନ୍ତି ଅବସରରେ ଭକ୍ତମାନଙ୍କ ଭିଡ଼ ଜମିଥାଏ। ଶ୍ରଦ୍ଧାଳୁମାନେ ଦେବଦେବ ମହାଦେବଙ୍କ ଆରାଧନା କରି ତାଙ୍କର ସାନିଧ ଲାଭ କରିଥା'ନ୍ତି। ଉକ୍ତ ଶୈବପୀଠ ବାମନଘାଟି ଉପଖଣ୍ଡର ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଘଞ୍ଚ ବଣ ଜଙ୍ଗଲ ଘେରା ସୁଣ୍ଢିଳ ଗ୍ରାମ ନିକଟସ୍ଥ ପାହାଡ଼ ଉପରେ ଅବସ୍ଥିତ। ଏଠାରେ ମହାଦେବଙ୍କୁ ଦର୍ଶନ ନିମନ୍ତେ ଭକ୍ତମାନଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥାଏ। ଉକ୍ତ ଶୈବପୀଠର ଅନେକ ମହତ୍ୱ ଥିବାରୁ ଶ୍ରଦ୍ଧାଳୁମାନଙ୍କ ଆଗମନ ହୋଇଥାଏ। ଏହା ରାଇରଙ୍ଗପୁର ବ୍ଲକରେ ଥିଲେ ସୁଦ୍ଧା ଗୋରୁମହିଷାଣୀ ଲୌହଖଣି ନିକଟସ୍ଥ ପାହାଡ଼ ଉପରେ ଏହା ଅବସ୍ଥିତ। ନସ୍କୋରିଆ ପାହାଡ଼ ଉପରେ ଥିବାରୁ ମୟୂରଭଞ୍ଜ ଜିଲ୍ଲାର କପିଳାସ ଭାବେ ବେଶ୍ ସୁପରିଚିତ ଅଟେ। ଏହି ପାହାଡ଼ ଶିଖରରେ ଗୁମ୍ଫା ମଧ୍ୟରେ ଶିବ ଲିଙ୍ଗ ଆବିର୍ଭାବ ହୋଇଥିବାରୁ ଏହି ପୀଠକୁ ନସ୍କୋରିଆ ଶୈବପୀଠ କୁହାଯାଇଥାଏ। ପ୍ରସିଦ୍ଧ ନସ୍କୋରିଆ ଶୈବ ପୀଠଟି ରାଇରଙ୍ଗପୁରରୁ ୧୩ କିଲୋମିଟର ଦୂରରେ ଅବସ୍ଥିତ ଅଟେ।



- ରହିଛି ଅନେକ ଆଧ୍ୟାତ୍ମିକ ବିଶ୍ୱାସ
- ପରିଶ୍ରମ କଲେ ଦର୍ଶନ ଦିଅନ୍ତି ମହାଦେବ
- ମହାଶିବରାତ୍ରି ଓ ପଣା ସଂକ୍ରାନ୍ତିରେ ପୀଠରେ ଲାଗେ ଭକ୍ତଙ୍କ ଗହଳି
- ପୀଠର ହେଉନି ଉନ୍ନତୀକରଣ; ବିପଦପୂର୍ଣ୍ଣ ଭାବେ ଯାତ୍ରା କରନ୍ତି ଶ୍ରଦ୍ଧାଳୁ

ପାହାଡ଼ ଉପରେ ନସ୍କୋରିଆ ଶୈବପୀଠରେ ପହଞ୍ଚିବା ପାଇଁ ବିପଦପୂର୍ଣ୍ଣ ସଂକୀର୍ଣ୍ଣ ପ୍ରାକୃତିକ ଚଟାଣ ପଥ ଦେଇ ୧୮୦୦ ଫୁଟ୍ ପାହାଡ଼ ଉପରକୁ ଯାତ୍ରା କରିବାକୁ ପଡ଼ିଥାଏ। ଆଉ ପାହାଡ଼ ଶୀର୍ଷରେ ଥିବା ପଥର ଗୁମ୍ଫାରେ ବାବାଙ୍କ ପୀଠ ରହିଛି। ଅନ୍ଧାର ସଂକୀର୍ଣ୍ଣ ପଥର ଗୁମ୍ଫା ମଧ୍ୟରେ ଭକ୍ତମାନେ ପଶି ବାବାଙ୍କୁ ଦର୍ଶନ କରିଥା'ନ୍ତି। ବାବାଙ୍କ ମାହାତ୍ମ୍ୟ ଅନେକ ଥିବାରୁ ଏଠାରେ ଯିଏ ଯାହା ବି ପୂଜା କରି ମନସ୍କାମନା କରିଥାନ୍ତି, ତାହା ନିଶ୍ଚିତ ଭାବେ ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଏଣୁ ନିଜ ପରିବାର ତଥା ସମସ୍ତ ମନୋବାଞ୍ଛା ପୂରଣ କରିବା ପାଇଁ ଏଠାକୁ ଭକ୍ତମାନେ ଧାଇଁ ଆସିଥାନ୍ତି। ଏଠାକୁ ଆସୁଥିବା କୌଣସି ଭକ୍ତ କେବେ ବି ଖାଲି ହାତରେ ଫେରିନାହାଁନ୍ତି। ସମସ୍ତଙ୍କ ସବୁ ଇଚ୍ଛାକୁ ବାବା ଅବିଳମ୍ବେ ପୂରଣ କରିଥାନ୍ତି ବୋଲି ଆସ୍ଥା ରହିଛି। ଏହି ପୀଠର ମାହାତ୍ମ୍ୟକୁ ବୁଝି ବାବାଙ୍କ ସାନିଧ ଲାଭ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଲୋକମାନେ ଏଠାକୁ ଆସିଥା'ନ୍ତି। ଭକ୍ତମାନେ ନିଜ ଜୀବନକୁ ବାଜି ଲଗାଇ ପାହାଡ଼ର ଅଙ୍କାବଙ୍କା ରାସ୍ତା ଦେଇ ମହାଶିବରାତ୍ରି ଅବସରରେ ବାବାଙ୍କ ଦର୍ଶନ କରି ଆଶୀର୍ବାଦ ପ୍ରାପ୍ତି ନିମନ୍ତେ ପ୍ରତିବର୍ଷ ଧାଇଁ ଆସନ୍ତି। ବର୍ଷକୁ ଦୁଇ ଥର ମହାଶିବରାତ୍ରି ଓ ପଣା ସଂକ୍ରାନ୍ତି ବାବା ନସ୍କୋରିଆଙ୍କ ପୀଠରେ ପୂଜାର୍ଚ୍ଚନା ବେଶ୍ ଧୁମ୍‌ଧାମରେ ପାଳିତ ହୋଇଥାଏ। ଏହି ଅବସରରେ ବାବାଙ୍କ ଦର୍ଶନ ଲାଭ କରି ଭକ୍ତମାନଙ୍କ ଅପୂର୍ବ ଶାନ୍ତି ମିଳିଥାଏ। ଶ୍ରଦ୍ଧାଳୁମାନେ ଅତି କଷ୍ଟରେ ପାହାଡ଼ ଚଢ଼ି ବାବାଙ୍କୁ ଦର୍ଶନ କରିଥିଲେ। ତେବେ କେବଳ ରାଜ୍ୟ ଭିତର ନୁହେଁ, ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ଶ୍ରଦ୍ଧାଳୁମାନେ ମଧ୍ୟ ବାବାଙ୍କର ଟିକେ ଆଶିଷ ଲାଭ କରିବା ପାଇଁ ଧାଇଁ ଆସିଥାନ୍ତି।

ଉକ୍ତ ସ୍ଥାନରେ ବାବାଙ୍କ ଆବିର୍ଭାବକୁ ନେଇ ଲୋକ କଥା ରହିଛି। ନସ୍କୋରିଆ ପାହାଡ଼ରେ ବାବା ଆବିର୍ଭୂତ ହେବା ନେଇ ପ୍ରଥମେ ସୁଣ୍ଢିଳ ଗ୍ରାମର ସିଦ୍ଧେଶ୍ୱର ଧଳ ନାମକ ଜଣେ ଭୂମିଜ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ସେ ପାହାଡ଼ ଗୁମ୍ଫାରେ ବାବାଙ୍କ ପୂଜାର୍ଚ୍ଚନା ସହ ଦୀର୍ଘ ବର୍ଷ ଧରି ସାଧନାରତ ଥିଲେ। ସେତେବେଳେ ଉକ୍ତ ପାହାଡ଼ଟି ଘଞ୍ଚ ଜଙ୍ଗଲ ଏବଂ ବନ୍ୟଜନ୍ତୁରେ ପରିପୂର୍ଣ୍ଣ ହୋଇଥିଲା। କିନ୍ତୁ ଦିନେ ଅଚାନକ ସାଧନାରତ ସିଦ୍ଧେଶ୍ୱର ଧଳଙ୍କୁ ବାବାଙ୍କ ସ୍ୱପ୍ନାଦେଶ ହେବାରୁ ସେଠାରେ ସେ ପୂଜାର୍ଚ୍ଚନାର ବ୍ୟବସ୍ଥା କରିଥିଲେ। ସମୟକ୍ରମେ ସିଦ୍ଧେଶ୍ୱରଙ୍କ ଦାୟାଦମାନେ ଓ ସୁଣ୍ଢିଳ ଗ୍ରାମବାସୀ ନସ୍କୋରିଆ ପୀଠର ରକ୍ଷଣାବେକ୍ଷଣ କରି ଆସୁଛନ୍ତି। ଦୁଃଖର ବିଷୟ ଏହି କି ଯେ, ପ୍ରାକୃତିକ ନୈସର୍ଗିକ ଶୋଭାରାଜିରେ ପରିପୂର୍ଣ୍ଣ ନସ୍କୋରିଆ ଶୈବପୀଠଟି ପର୍ଯ୍ୟଟନ ବିଭାଗ ଦୃଷ୍ଟି ଆଢୁଆଳରେ ରହିଯାଇଛି। ସବୁଜିମା ପରିବେଶ ମଧ୍ୟରେ ଥିବା ସତ୍ତ୍ୱେ ଆଜି ନିଜର ମାନ୍ୟତା ଖୋଜୁଛି। ଯାହା ଫଳରେ ଆଜି ପର୍ଯ୍ୟନ୍ତ ପୀଠର କୌଣସି ବିକାଶ ହୋଇପାରିଲା ନାହିଁ। ମୁଖ୍ୟ ରାସ୍ତାରୁ ୧୮୦୦ ଫୁଟ୍ ଦୂରତ୍ୱ ଓ ୧୮୦୦ ଫୁଟ୍ ଉଚ୍ଚରେ ଥିବା ଏହି ଶୈବପୀଠକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଶ୍ରଦ୍ଧାଳୁମାନେ ବିପଦପୂର୍ଣ୍ଣ ଭାବେ ଅଣଓସାରିଆ ପଥର ଚଟାଣ ରାସ୍ତା ଦେଇ ପୀଠକୁ ଯିବାକୁ ପଡ଼ିଥାଏ। ଏହି ପୀଠର ଉନ୍ନତୀକରଣ, ପାହାଚ ନିର୍ମାଣ, ପାନୀୟଜଳ ଯୋଗାଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଗଲେ ରାଜ୍ୟ ତଥା ରାଜ୍ୟ ବାହାରୁ ଆହୁରି ଅନେକ ପର୍ଯ୍ୟଟକଙ୍କ ସମାଗମ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକମାନେ ମତପ୍ରକାଶ କରିଛନ୍ତି। ଏହା ସତ୍ତ୍ୱେ ମହାଦେବଙ୍କ ପ୍ରତି ଅତୁଟ ଶ୍ରଦ୍ଧା ଓ ବିଶ୍ୱାସ ଭକ୍ତମାନଙ୍କୁ ଏହି ବିପଦପୂର୍ଣ୍ଣ ପାହାଡ଼ ଶିଖରକୁ ଟାଣି ଆଣିଥାଏ। ମହାଦେବଙ୍କ ଆଶିଷରୁ ଆଜି ପର୍ଯ୍ୟନ୍ତ ପୀଠରେ କୌଣସି ପ୍ରକାର ଅଘଟଣ ଘଟିନାହିଁ। ଉକ୍ତ ଶୈବପୀଠର ବିକାଶ ହେଲେ ପ୍ରତ୍ୟେକ ଦିନ ଭକ୍ତମାନେ ମହାଦେବଙ୍କ ସାନିଧ ଲାଭ କରିପାରବା ସହ ଆହୁରି ଉନ୍ନତି ସାଧିତ ହେବ। ବହୁ ପୁରାତନ କାଳରୁ ଦେବତା ପୂଜାର୍ଚ୍ଚନା ହେଉଥିବାବେଳେ ପୀଠର ଉନ୍ନତୀକରଣ ନେଇ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ଅଟେ।



## ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ଜନ୍ମଦିନ ପାଳିତ



ବାରିପଦା, ୨୭ ।୧୨(ସମିସ): ବିଶିଷ୍ଟ ଆଧ୍ୟାତ୍ମିକ ଚିନ୍ତକ, ସାଇ ଭକ୍ତ, ଲେଖକ, ମାନବବାଦିତା ଉପାସକ ଓ ନବାକ୍ଷାରୀ ଛନ୍ଦରେ ରଚିତ 'ଶ୍ରୀଗୁରୁ ଭାଗବତ' କାବ୍ୟ ଓ 'ଗୋପ୍ୟରୁ ଅଗୋପ୍ୟର' ଗ୍ରନ୍ଥର ରଚୟିତା ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ତମ ଜନ୍ମଦିବସ ବାରିପଦାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ପୁରୁଣା ହାଟସାହିସ୍ଥ ମୟୂରଭଞ୍ଜ ଶ୍ରୀଗୁରୁ ଭାଗବତ ଟ୍ରଷ୍ଟ ଓ ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀର କର୍ମକର୍ତ୍ତା, ଶ୍ରଦ୍ଧାଳୁ ଟୁଙ୍ଗୀରେ ଯଥାରୀତି ପୂଜାବିଧି କରିବା ସହ ଶ୍ରୀସତ୍ୟନାରାୟଣ ପୂଜା କରିଥିଲେ। ଏହି ଅବସରରେ ଟୁଙ୍ଗୀରେ ଉପସ୍ଥିତ ଥିବା ୩୫ ଜଣ ଛୋଟ ପିଲା ଶ୍ରୀଗୁରୁ ଭାଗବତ ସାମୂହିକ ଗାୟନ କରିବା ସହ ଗୁରୁଜୀଙ୍କ ନିରାମୟ ଜୀବନ କାମନା କରିବା ସହିତ ୮୦ଟି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଟୁଙ୍ଗୀର କର୍ମକର୍ତ୍ତା ତରୁଣ ଦାସ, ବିଶ୍ୱମୋହନ ବାରିକ, ଅମିତାଭ ପଟ୍ଟନାୟକ, ଦୁଷ୍ମନ୍ତ ସେଠୀ ପିଲାଙ୍କୁ ପାଠ୍ୟ ଉପକରଣ ଓ ଚିତ୍ରାଙ୍କନ ପାଇଁ ଆବଶ୍ୟକ ସରଞ୍ଜାମ ପ୍ରଦାନ କରିଥିଲେ। ପ୍ରତି ରବିବାର ପିଲାଙ୍କୁ ଟୁଙ୍ଗୀରେ ଚିତ୍ରାଙ୍କନ ଓ ସଙ୍ଗୀତ ଶିକ୍ଷାର ବ୍ୟବସ୍ଥା କରାଯିବ ବୋଲି ଟୁଙ୍ଗୀର କର୍ମକର୍ତ୍ତା ଘୋଷଣା କରିଥିଲେ। ଭୁଗୁଡ଼ାକଟାସ୍ଥ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଓ ଶବର ସାହିସ୍ଥ ଶିରିଡି ସାଇ ପୀଠରେ ମଧ୍ୟ ଗୁରୁଜୀଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି।

## ବୈଶିଙ୍ଗା ବିଜେପି ମଣ୍ଡଳର ନୂତନ କାର୍ଯ୍ୟକର୍ତ୍ତା

ବୈଶିଙ୍ଗା, ୨୭।୧୨(ସମିସ): ବିଜେପି ସଂଗଠନକୁ ତୃଣମୂଳସ୍ତରରେ ମଜବୁତ୍ କରିବା ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ଓ ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦିଙ୍କ ଅନୁମୋଦନ କ୍ରମେ ବୈଶିଙ୍ଗା ମଣ୍ଡଳର ପଦାଧିକାରୀଙ୍କ ନାମ ମଣ୍ଡଳ ସଭାପତି ରାଜୀବ ନନ୍ଦୀ ଘୋଷଣା କରିଛନ୍ତି। ସାଧାରଣ ସମ୍ପାଦକ ଭାବେ ବିକାଶ ଦାସ ଓ ଶାନ୍ତନୁ ଦଳାଇଙ୍କୁ ଦାୟିତ୍ୱ ଦିଆଯାଇଛି। କୋଷାଧ୍ୟକ୍ଷ ଭାବେ ତପନ ମହାନ୍ତ, ଉପସଭାପତି ଭାବେ ଉତ୍ସର୍ଗ ବେହେରା, ପର୍ଶୁରାମ ଖଣ୍ଡା, ପ୍ରମୋଦ ଦାସ, ସ୍ନିଗ୍ଧାରାଣୀ ହାଁସଦା, ଲିପ୍ତିମୟୀ ସାହୁ, କାମିନୀକାନ୍ତ ଶତପଥୀ ଓ ସମ୍ପାଦକ ଭାବେ ଜୟନ୍ତୀ ପୁଥାଳ, ରୁକ୍ମିଣୀ ସାହୁ, ସୁପ୍ରିୟା ପାଣି, ପୀତାମ୍ବର ମହାପାତ୍ର, ପ୍ରକାଶ ମହାପାତ୍ର, ଗଜେନ୍ଦ୍ର ଗିରିଙ୍କୁ ଦାୟିତ୍ୱ ଦିଆଯାଇଛି।

## ବିଜେପି ମାଣତ୍ରୀ ମଣ୍ଡଳ କମିଟି ଗଠିତ

ବଡ଼ସାହି, ୨୭।୧୨(ସମିସ): ବିଜେପି ପକ୍ଷରୁ ବଡ଼ସାହି ବ୍ଲକ ମାଣତ୍ରୀ ମଣ୍ଡଳ କମିଟି ଗଠନ କରାଯାଇଛି। ଏହି କମିଟିରେ ମାଣତ୍ରୀ ମଣ୍ଡଳର ସଭାପତି ଭାବେ ସୁମନ୍ତ ମହାର୍ଣ୍ଣା, ଉପସଭାପତି ଭାବେ ଇନ୍ଦ୍ରଜିତ ମହାନ୍ତ, ଶକର୍ଷଣ ବିଶ୍ୱାଳ, ଅଭିରେନ୍ଦ୍ର ମହାନ୍ତି, ସୁଧାଂଶୁ ଦାସ, ସୁଧାଂଶୁ ପରିଡ଼ା, ମିନତୀ ରାଉତ ସ୍ଥାନ ପାଇଥିବା ଜଣାଯାଇଛି। ସେହିପରି ସାଧାରଣ ସମ୍ପାଦକ ନରୋତ୍ତମ ମହାପାତ୍ର ଓ ସଂଗ୍ରାମ କେଶରୀ ପାତ୍ର, ସମ୍ପାଦକ ଭାବେ ରବୀନ୍ଦ୍ର ପଣ୍ଡା, ମୁକେଶ ମହାନ୍ତି, ଭାରତୀ ନାଏକ, ତୁଳସୀ ସିଂ, ମମତା ପ୍ରଧାନ, ଗୀତାଞ୍ଜଳି ସାସମଲ ଓ ବୀରଭଦ୍ର ପ୍ରଧାନ ମନୋନୀତ ହୋଇଛନ୍ତି।

## ବିଲରେ ପଶିଲା ବୋଲେରୋ; ବର୍ତ୍ତିଲେ ଯାତ୍ରୀ

ରାଇରଙ୍ଗପୁର, ୨୭।୧୨(ସମିସ): ଯଶିପୁର ଥାନା ଅନ୍ତର୍ଗତ ମହରଦାପାଳସା (କେନ୍ଦୁମୁଣ୍ଡି) ରାସ୍ତାରେ ଏକ ବୋଲେରୋ ଭାରସାମ୍ୟ ହରାଇ ବିଲ ମଧ୍ୟକୁ ପଶିଯାଇଛି। ୨୨୦ନଂ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥରେ ଉକ୍ତ ଗାଡ଼ି ଯାଉଥିବାବେଳେ ଶନିବାର ସକାଳ ସମୟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ବିଲ ମଧ୍ୟକୁ ଚାଲିଯାଇଥିଲା। ସୌଭାଗ୍ୟବଶତଃ ଦୁର୍ଘଟଣାରୁ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

## ରୋଟାରୀ ହେରିଟେଜ ପକ୍ଷରୁ କମ୍ବଳ ବଣ୍ଟନ



ବାରିପଦା, ୨୭ ।୧୨(ସମିସ): ରୋଟାରୀ କ୍ଲବ ଅଫ୍ ବାରିପଦା ହେରିଟଜ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଲବାଣୀସ୍ଥ ସେଣ୍ଟ ଜାଭିୟର ହାଇସ୍କୁଲରେ କ୍ଲବ୍‌ର ସଭାପତି ରୋଟାରିଆନ ବ୍ରହ୍ମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାରିପଦା ଉପନଗରପାଳ ସୀମା ଦାସ, ମୁଖ୍ୟବକ୍ତା ୨୫ନଂ ୱାର୍ଡ କାଉନସିଲର ଦେବାଶିଷ ପାତ୍ର ଓ ରୋଟାରୀଆନ ନଳିନ ଚୌଧୁରୀ ଯୋଗଦେଇ ରୋଟାରୀର ଆଦର୍ଶ, ଉଦ୍ଦେଶ୍ୟ ଓ ସେବାମୂଳକ କାର୍ଯ୍ୟର ପ୍ରଶଂସା କରିଥିଲେ। ପରେ ୨୫ନଂ ୱାର୍ଡର ସମସ୍ତ ୧୫ ଜଣ ସଫେଇ କର୍ମଚାରୀଙ୍କୁ କମ୍ବଳ ବଣ୍ଟନ କରିଥିଲେ। ରୋଟାରୀଆନ ସନ୍ତୋଷ କାସ୍ତ ସଭା ପରିଚାଳନା ଓ ପ୍ରଦୀପ ନାୟକ ଧନ୍ୟବାଦ ଦେଇଥିଲେ। ରୋଟାରିଆନ ଅମିତାଭ ପଟ୍ଟନାୟକ, ଶୈବାଳ ନାୟକ, ୱାର୍ଡ ସୁପରଭାଇଜର ସୁଜାତା ବାରିକ, ସ୍ୱଚ୍ଛ ସାଥି ଓ ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ଜାନୁଆରୀ ମାସ ଯୁଗ୍ମ ଜନଶୁଣାଣି ଶିବିର କାର୍ଯ୍ୟସୂଚୀ

ବାରିପଦା, ୨୭ ।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଜାନୁଆରୀ ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନଶୁଣାଣି ଶିବିର କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଛି। ଜାନୁଆରୀ ମାସର ପ୍ରଥମ ସୋମବାର ୫ ତାରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରୁ ଶୁଣାଣି ହେବ। ଦ୍ୱିତୀୟ ସୋମବାର ୧୨ ତାରିଖରେ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ତୃତୀୟ ସୋମବାର ୧୯ ତାରିଖରେ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଓ ଚତୁର୍ଥ ମଙ୍ଗଳବାର ୨୭ ତାରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳାରେ ପୂର୍ବାହ୍ନ ୧୦ ଘଟିକାଠାରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏସବୁ ଜନଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲା/ଉପଖଣ୍ଡସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ଓ ସିଡିପିଓଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଅଭିଯୋଗ ପତ୍ରର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଏହି ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇପାରିବେ।

## ରାସଗୋବିନ୍ଦପୁର ଖବରଦାତା ସଂଘର ବଣଭୋଜି

ରାସଗୋବିନ୍ଦପୁର, ୨୭।୧୨(ସମିସ): ଶୁକ୍ରବାର ରାସଗୋବିନ୍ଦପୁର ବ୍ଲକ ଖବରଦାତା ସଂଘର ବଣଭୋଜି ବାଙ୍କବଣ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ଏହି ବଣଭୋଜିରେ ରାସଗୋବିନ୍ଦପୁର ବ୍ଲକ ଖବରଦାତା ସଂଘ ସଭାପତି ଅଶୋକ ମହାନ୍ତି, ଉପସଭାପତି ସନ୍ତୋଷ ମହାନ୍ତି, ସମ୍ପାଦକ ସତ୍ୟବ୍ରତ ଦାସ, ସହସମ୍ପାଦକ ଇନ୍ଦ୍ରଜିତ ଦାସ, ପ୍ରାକ୍ତନ ସଭାପତି ମନୋରଞ୍ଜନ ମହାନ୍ତି, ସଦସ୍ୟ ସତ୍ୟବାଦୀ ପରିଡ଼ା, ଶିରିଶ ମହାନ୍ତି, ତ୍ରିଲୋଚନ ସେଠୀ, ପ୍ରଫୁଲ୍ଲ ଦଳେଇ, ଉତ୍କଳ କେଶରୀ ପାଲ, ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଜାନୁଆରୀ ୨୭ ତାରିଖ ଦିନ ରାସଗୋବିନ୍ଦପୁର ବ୍ଲକ ଖବରଦାତା ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯିବା ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଜାନୁଆରୀ ୬ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ସଭାପତି ପ୍ରକାଶ କରିଥିଲେ।

## କୃଷି ଯନ୍ତ୍ରପାତି ମେଳା ପାଇଁ ସଚେତନତା ରଥ ପରିକ୍ରମା



ବିଜାତଳା, ୨୭।୧୨(ସମିସ): ଆସନ୍ତା ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର ମହୁଲଡ଼ିହାସ୍ଥ ଏସ୍‌ଏସ୍‌ଡି ବାଳିକା ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏହାର ଅବ୍ୟାହତି ପୂର୍ବରୁ ମେଳା ସମ୍ବନ୍ଧରେ ଚାଷୀଙ୍କୁ ସଚେତନତା କରିବାକୁ ଏକ ସଚେତନତା ରଥ ବିଜାତଳା ବ୍ଲକ କୃଷି ସୂଚନା ଓ ଉପଦେଷ୍ଟା କେନ୍ଦ୍ରରୁ ଶୁଭାରମ୍ଭ ହୋଇଛି। ବ୍ଲକ କୃଷି ଅଧିକାରୀ ପ୍ରଦୀପ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ଅଜୟ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ରଥ ପରିକ୍ରମାର ଉଦ୍‌ଘାଟନ କରିଥିଲେ। ଉନ୍ନତ ଚାଷ କାର୍ଯ୍ୟ ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ସରକାରୀ ଆର୍ଥିକ ସହାୟତା, କୃଷି ଓ ଆନୁସାଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗର ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା ରହିଛି ବୋଲି କୃଷି ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃଷି ସୂଚନା ଓ ଉପଦେଷ୍ଟା କେନ୍ଦ୍ରର ସୌମ୍ୟରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବୁଲା ପଶୁଙ୍କ କବଳରୁ ପ୍ରତିରକ୍ଷାତ୍ମକ କୌଶଳ ଓ କୁକୁର କାମୁଡ଼ା ପାଇଁ ପ୍ରାଥମିକ ଚିକିତ୍ସା ସଚେତନତା

ବାରିପଦା, ୨୭ ।୧୨(ସମିସ): ଶ୍ରୀରାମଚନ୍ଦ୍ର ଭଞ୍ଜ ସ୍ନାତକ ମହାବିଦ୍ୟାଳୟରେ ବୁଲା ପଶୁଙ୍କ କବଳରୁ ପ୍ରତିରକ୍ଷାତ୍ମକ କୌଶଳ ଓ କୁକୁର କାମୁଡ଼ା ପାଇଁ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଉନ୍ନୟନ ନିଗମ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ ମୁଖ୍ୟଅତିଥି ରୂପେ ଉପଚାର ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଡଃ ଅସୀମା ସାହୁ ସଭାପତିତ୍ୱ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଗୋପାଳ କୃଷ୍ଣ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଅଧ୍ୟାପକ ତ୍ରିଲୋଚନ ମିଶ୍ର, ସଂସ୍କୃତ ବିଭାଗର ଅନ୍ୟତମ ଅଧ୍ୟାପକ ଡକ୍ଟର



ଯୋଗଦେଇ ବୁଲାପଶୁଙ୍କ ଆଚରଣ ଓ ସେମାନଙ୍କ କବଳରୁ ନିଜକୁ କିପରି ସୁରକ୍ଷିତ ରଖିପାରିବା, ସେ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ୍ୱର ମାଝୀ ଯୋଗଦେଇ କୁକୁର କାମୁଡ଼ିଲେ ତାହାର ପ୍ରାଥମିକ ଚିକିତ୍ସା ଓ ସତ୍ୟବାନ ପଣ୍ଡା, ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ସୁଶାନ୍ତ ମହାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପିକା କବିତା ମଞ୍ଜରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା ବିଭାଗ ଅଧ୍ୟାପିକା ସୁଚିତ୍ରା ବେହେରା ସଭା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## 'ରସିକ ପାଠକ ପାଇଁ...' ଲୋକାର୍ପିତ



ସାରସକଣା, ୨୭ ।୧୨(ସମିସ): ନନ୍ଦିଘୋଷ ସାହିତ୍ୟ ସମାଜ ଆନୁକୂଲ୍ୟରେ ପବିତ୍ର 'ତୁଳସୀ ପୂଜନ ଦିବସ' ଶୁଭାବସରରେ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠ କଲ୍ୟାଣ ମଣ୍ଡପରେ ବର୍ଷୀୟାନ ସାରସ୍ୱତ ସାଧକ କବି ଗୋବିନ୍ଦ ଚନ୍ଦ୍ର ସାହୁଙ୍କ କବିତାଝରେ ପୁସ୍ତକ 'ରସିକ ପାଠକ ପାଇଁ...' କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ନିବେଦନ ପୂର୍ବକ ଲୋକାର୍ପଣ ହୋଇଛି। ଉକ୍ତ ଉତ୍ସବରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ବିଶିଷ୍ଟ ସାହିତ୍ୟିକ ତଥା ସାରସ୍ୱତ ସଂଗଠକ ଇଂ ମନୋଜ ଦଳବେହେରା ମୁଖ୍ୟଅତିଥି ଓ ତତ୍ତ୍ୱମସି ସାହିତ୍ୟ ସଂସଦ ସମ୍ପାଦକ ପୂର୍ବତନ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜେନ୍ଦ୍ର ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁସ୍ତକ ରଚୟିତା ଶ୍ରୀ ସାହୁଙ୍କ ଲେଖନୀ ପ୍ରସୂତ କବିତାର ପୃଷ୍ଠଭୂମି, ଆନ୍ତଃସ୍ୱର ଓ ବର୍ଣ୍ଣନାବିଭୂଷଣ ଉପରେ ଆଲୋକପାତ କରିଥିଲେ। ବିଶେଷ ଅତିଥି ସୁସାହିତ୍ୟିକା ସୁଶ୍ରୀ କାବେରୀ ମିଶ୍ର, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀ ମୟୂରଭଞ୍ଜ ଜିଲ୍ଲା ସଭାପତି ପୁସ୍ତକର ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଅଜୟ ପାଳ, ଚିତ୍ରେଶ୍ୱର ସାହିତ୍ୟ ସଂସଦ ସମ୍ପାଦକ ଓ ଶିକ୍ଷାବିତ ହିମାଂଶୁ ଶେଖର ଦାସ ବକ୍ତବ୍ୟ ରଖିଥିବାବେଳେ ବିଶେଷ ବକ୍ତା ଅଧ୍ୟାପକ ସମରେନ୍ଦ୍ର ବଶା କବିଙ୍କ ଉପରେ ଏକ ସୁନ୍ଦର କବିତା ଆବୃତ୍ତି କରିଥିଲେ। ସାହିତ୍ୟ ସମାଜ ସଭାପତି ଡଃ ଉପେନ୍ଦ୍ର ସାହୁ ପୌରୋହିତ୍ୟ କରିଥିବାବେଳେ ମକର ମଣ୍ଡା ସମ୍ପାଦକ ପଦ୍ମନାଭ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ତର୍ଯ୍ୟାମୀ ସାହୁ, ଅତୁଲ ଦାସ, ହିମାଂଶୁ ସାହୁ, ପ୍ରଦୀପ ପାଲିତ, ଦୁର୍ଗାପ୍ରସାଦ ନନ୍ଦୀ, ଶିଉଲାଲ ମହାନ୍ତ, ଅଜିତ ପାଣିଗ୍ରାହୀ, କୈବଲ୍ୟ ପ୍ରସାଦ ମହାପାତ୍ର ଓ ପ୍ରୀତି ପଲ୍ଲବୀ ପ୍ରତିହାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାହିତ୍ୟ ସମାଜ ସମ୍ପାଦକ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋଲିନି ମଣ୍ଡି; ବେପାରୀଙ୍କୁ ଧାନ ବିକୁଛନ୍ତି ଚାଷୀ

ବଡ଼ସାହି, ୨୭।୧୧(ସମିସ): ବର୍ତ୍ତମାନ ଚାଷୀ ମେସିନ ମାଧ୍ୟମରେ ଧାନ ଅମଳ କରୁଛନ୍ତି। ମଣ୍ଡି ଖୋଲି ନ ଥିବାରୁ ଚାଷୀ ବେପାରୀଙ୍କୁ କମ୍ ଦାମରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ଅମଳ ଧାନ ସାଇତି ରଖିବା ପାଇଁ ପୂର୍ବ ପ୍ରସ୍ତୁତି ଠିକ୍ ଭାବେ କରି ନ ଥିବାରୁ ବିକ୍ରି କରିବାକୁ ବାଧ ହେଉଛି ଚାଷୀ। ଯାହାକି ବେପାରୀ ଓ ମିଲରଙ୍କୁ ବେଶ୍ ସୁହାଇଛି। ଟଙ୍କା ଆବଶ୍ୟକ ଥିବାରୁ ଚାଷୀ ବାଧ ହୋଇ ୧୪୦୦ରୁ ୧୬୦୦ ଟଙ୍କାରେ ଧାନ ବିକ୍ରି କରୁଛନ୍ତି।



ଚଳିତବର୍ଷ ବଡ଼ସାହି ଲ୍ୟାମ୍ପସ ମାଧ୍ୟମରେ ବଡ଼ସାହି ଓ ଭୀମଦା, ସାନକେରକ ଲ୍ୟାମ୍ପସ ମାଧ୍ୟମରେ ସାନକେରକ, ଖାନୁଆ, ଯଦୁନାଥପୁର ଓ ପ୍ରତାପପୁର, ମାନଗୋବିନ୍ଦପୁର ଲ୍ୟାମ୍ପସ ମାଧ୍ୟମରେ ମାଣତ୍ରୀ, ଶାଳଗାଁ, ଦୁର୍ଗାପୁର ଓ କୋଚିଳାଖୁଣ୍ଟାରେ ୧୦ଟି ସ୍ଥାନରେ ଧାନକ୍ରୟ କରାଯିବା ନିମିତ୍ତ ସ୍ଥିର ହୋଇଛି। ଜିଲ୍ଲାରେ ଚଳିତ ମାସ ୨୬ ତାରିଖରୁ ଏହି ଧାନ କ୍ରୟ ହେବା ନେଇ ଡିଏଲପିସି ବୈଠକରେ ସ୍ଥିର ହୋଇଥିବାବେଳେ ବଡସାହିରେ ୨୯ ତାରିଖରୁ କିଣା ଆରମ୍ଭ ହେବ ବୋଲି ବଡସାହି ଭାରପ୍ରାପ୍ତ ଏମଡି ଭଗବାନ ସାମନ୍ତରାୟ ସୂଚନା ଦେଇଛନ୍ତି। ସେଥିପାଇଁ ଚାଷୀଙ୍କ ମୋବାଇଲକୁ ମଧ୍ୟ ମେସେଜ ଆସିଲାଣି। ମାତ୍ର ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍‌ଲାଇନରେ ଆବେଦନ କରିଥିବା ଚାଷୀଙ୍କ ଟୋକନ, ତାଲିକା, ଟାରଗେଟ ଆଦି ଜିଲ୍ଲା କାର୍ଯ୍ୟାଳୟରୁ ପାଇବା ପରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅଦ୍ୟାବଧି ଲ୍ୟାମ୍ପସ୍‌ରେ ଧାନକ୍ରୟ କେନ୍ଦ୍ର ଖୋଲାଯାଇ ନ ଥିବାରୁ ବଡସାହି ଚାଷୀ ଗିରିଧାରୀ ବେହେରା, ସୁଶାନ୍ତ ମହାପାତ୍ର, ମନୋରଞ୍ଜନ ଲେଙ୍କା ଅସନ୍ତୋଷ ପ୍ରକାଶ କରିବା ସହ ଯଥାଶିଘ୍ର ଧାନକ୍ରୟ ଆରମ୍ଭ କରିବାକୁ ଦାବି କରିଛନ୍ତି। ଆଦିବାସୀ ବହୁଳ ଏହି ବ୍ଲକର ୭୦ ଭାଗ ଲୋକ ଧାନଚାଷ ଉପରେ ନିର୍ଭର କରୁଥିବାବେଳେ ଅମଳ ପରେ ଏହାକୁ ବିକ୍ରି କରି ଜୀବିକା ନିର୍ବାହ କରିଥା'ନ୍ତି। ଚକଡା ପାଇଁ ଅମଳ ପ୍ରଭାବିତ ହୋଇଥିବାବେଳେ ଧାନର ଅଭାବୀ ବିକ୍ରି ଚାଷୀଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେବ ବୋଲି ଜଣାଯାଇଛି। ଏହି ଧାନ କ୍ରୟ ଓ ଆନୁଷଙ୍ଗିକ ଅଫିସ କାର୍ଯ୍ୟ ପାଇଁ ବର୍ତ୍ତମାନ ଲ୍ୟାମ୍ପସରେ ଆବଶ୍ୟକ ଅନୁସାରେ କର୍ମଚାରୀ ନ ଥିବାରୁ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଉଥିବା ଜଣାଯାଇଛି।

# ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ




ମହାକାଳପଡ଼ା,୨୭ ।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ କେଆରବାଙ୍କସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ଦଳର ମହାକାଳପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ବରିଷ୍ଠ ନେତା ଅଶୋକ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ମହାକାଳପଡ଼ା ବ୍ଲକ ବିଜେଡି ସଭାପତି ଶ୍ରୀଧର ସାମଲ, ମାର୍ଶାଘାଇ ବ୍ଲକ୍ ମହିଳା ବିଜେଡି ସଭାପତି ଶର୍ମିଷ୍ଠା ନାୟକ, ମହାକାଳପଡ଼ା ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ଜିଲ୍ଲା ପରିଷଦ ସଭ୍ୟା ଅନୁରାଧା ସ୍ୱାଇଁ, ସଭ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ମାଧବ ଚନ୍ଦ୍ର ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସରୋଜିନୀ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା କବିତା ମଲ୍ଲିକ, ନଳିନୀପ୍ରଭା ଚୌଧୁରୀ, ପ୍ରଶାନ୍ତ ସାମନ୍ତରାୟ, ସୁରଭି ଜେନା, ସରପଞ୍ଚ ଅରବିନ୍ଦ ଜେନା, ବିକ୍ରମ କେଶରୀ ଦାସ, ପ୍ରତାପ ରାଉତ, ବାବାଜୀ ସ୍ୱାଇଁ, ପ୍ରଭାତ ରଞ୍ଜନ ଦାସ, ଜ୍ୟୋତିରଞ୍ଜନ ଖଟୁଆ, ରାଜ ମିଶ୍ର, ଭାଗବତ ବେହେରା, ମହାକାଳପଡ଼ା ଆମ୍ବ ଅଧ୍ୟକ୍ଷ ବିଜୟ କୁମାର ଜେନା, ପ୍ରଶାନ୍ତ ପ୍ରଧାନ, ମନୋଜ ପାତ୍ର, ରବୀନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ କର୍ମୀ ସେବା, ସ୍ୱାଭିମାନ ଓ ସଂଗ୍ରାମର ମନ୍ତ୍ରରେ ସଂକଳ୍ପବଦ୍ଧ ହୋଇ ଆଗକୁ ବଢ଼ିବାକୁ ପୂର୍ବତନ ମନ୍ତ୍ରୀ ନାୟକ ଆହ୍ୱାନ ଦେଇଥିଲେ ।

### ଏକମାତ୍ର ରୋଜଗାରିଆ ପୁଅକୁ ଜାଳି ମାରିଦେଲେ !

# ଭାଙ୍ଗିଗଲା ବୃଦ୍ଧ ବାପାଙ୍କ ଆଶାବାଡ଼ି

କେନ୍ଦ୍ରାପଡ଼ା,୨୭ ।୧୨(ସମିସ):

ବାରେଣୀ ବଜାରର ନିର୍ମମ ଓ ବୀଭତ୍ସ ଘଟଣା କେବଳ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ନୁହେଁ, ଏହା ଏକ ପରିବାରର ସମସ୍ତ ସ୍ୱପ୍ନକୁ ଭସ୍ମୀଭୂତ କରିଦେଇଛି । ସୁବାସ

## ରାସ୍ତାରେ ମୁଣ୍ଡ ବାଡ଼େଇ କାନ୍ଦିଲେ ସମ୍ପର୍କୀୟ

ମଳିକ ଥିଲେ ପରିବାରର ଏକମାତ୍ର ରୋଜଗାରିଆ ପୁଅ । ବୃଦ୍ଧ ବାପା, ମା', ସ୍ତ୍ରୀ, ଦୁଇ ପିଲା ଓ ପରିବାରର ଭବିଷ୍ୟତ ସମ୍ପୂର୍ଣ୍ଣ ଭାବେ ସୁବାସଙ୍କ ଉପରେ ନିର୍ଭର କରୁଥିଲା । ନିଆଁରେ ସୁବାସଙ୍କ ସହିତ ତାଙ୍କ ଦୋକାନର ଲକ୍ଷାଧିକ ଟଙ୍କାର ସାମଗ୍ରୀ ମଧ୍ୟ ଜଳିଗଲା । ଗୋଟିଏ ରାତିରେ ପରିଶ୍ରମର ଫଳ ଓ ପରିବାରର ଆର୍ଥିକ ଆଧାର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଗଲା । ସୁବାସଙ୍କ ପୋଡ଼ା



ମୃତଦେହ ଦେଖି ବୃଦ୍ଧ ବାପା ଅରକ୍ଷିତ ମଲ୍ଲିକ ଓ ପତ୍ନୀ ଘଟଣାସ୍ଥଳରେ ବେହୋସ ହୋଇପଡ଼ିଥିଲେ । ସମ୍ପର୍କୀୟମାନେ ରାସ୍ତାରେ ମୁଣ୍ଡ ବାଡ଼େଇ କାନ୍ଦୁଥିବା ଦୃଶ୍ୟ ଦେଖି ସମଗ୍ର ଅଞ୍ଚଳ ଶୋକାକୁଳ ହୋଇଯାଇଥିଲା ।

ଅନ୍ୟପକ୍ଷରେ, ଦୋକାନ ବାହାର ପଟୁ ବନ୍ଦ ଥିବା ଓ ଭିତରେ ନିଆଁ ଲାଗିବା ଘଟଣାକୁ ସାଧାରଣ ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ସ୍ପଷ୍ଟ କରୁଛି । ସୁବାସ ବଞ୍ଚିବାକୁ ଯେତେ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିବା ଅନୁମାନ କରାଯାଉଛି ।

> ନିଆଁର ଶିଖାରେ କେବଳ ଗୋଟିଏ ଦୋକାନ ଜଳିନି, ଜଳିଯାଇଛି ଏକ ପରିବାରର ସମସ୍ତ ଆଶା, ସ୍ୱପ୍ନ ଓ ଭବିଷ୍ୟତ । ବାରେଣୀ ବଜାରରେ ଶୁକ୍ରବାର ବିଳମ୍ବିତ ରାତିର ସେହି ନିର୍ମମ ଘଟଣାରେ ସୁବାସ ମଳିକଙ୍କ ଜୀବନ ସହ ଭସ୍ମୀଭୂତ ହୋଇଯାଇଛି ତାଙ୍କ ବୃଦ୍ଧ ବାପାଙ୍କ ଆଶାବାଡ଼ି ଓ ପରିବାରର ଏକମାତ୍ର ରୋଜଗାରର ଆଧାର । ଏହା କେବଳ ଏକ ମୃତ୍ୟୁ ନୁହେଁ, ବରଂ ସମାଜକୁ ଛନ୍ଦି ଦେଇଥିବା ଏକ ଜଳନ୍ତା ପ୍ରଶ୍ନ ।

ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ବାରେଣୀ ବଜାରରେ ଗରଦପୁର-କୋରୁଆ ମୁଖ୍ୟ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ । ବ୍ୟବସାୟୀମାନେ ଥାନା ଘେରଉ କରି ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ । ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହି ହତ୍ୟା ପଛରେ ବେଆଇନ ବାଲିଚାଲାଣ ସହ ସମ୍ପୃକ୍ତ ଶକ୍ତିଶାଳୀ ରାଜନୈତିକ ଚକ୍ରର ହାତ ଥିବା ସନ୍ଦେହ ମଧ୍ୟ ଜୋର ଧରିଛି । ଯାହା ପୁଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଛି । କୁଜାନଗରୀ ଓ ପାଟକୁରା ଥାନା ସହ ସାଇଣ୍ଟିଫିକ୍ ଟିମ୍ ଘଟଣାର ତନାଘନା ଚାଲାଇଥିବା ବେଳେ ପୁଲିସ ୪ ଘଣ୍ଟା ବିଳମ୍ବରେ ପହଞ୍ଚିବାକୁ ନେଇ ଲୋକଙ୍କ ମଧ୍ୟରେ ଭୟଙ୍କର ଉତ୍ତେଜନା ପ୍ରକାଶ ପାଇଛି । ସୁବାସଙ୍କ ଏହି ନିର୍ମମ ହତ୍ୟା ଏବେ ପ୍ରଶ୍ନ ଉଠାଉଛି ଗରିବ ବ୍ୟବସାୟୀଙ୍କ ପାଇଁ ନ୍ୟାୟ କେବେ? ଦୋଷୀ କେବେ ଧରାପଡ଼ିବେ?

## ଗହୀରମଥାରୁ ଗିଲନେଟର ଜବତ; ୧୭ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୭ ।୧୨(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଗିଲନେଟର ଜବତ କରିବା ସହ ଏଥିରେ ଥିବା ୧୭ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ ଏକକୂଳା ନିକଟରୁ କିଛି ଦୂରରେ ମା' ଶିବାନୀ-୨ ନାମକ ଏହି ଗିଲନେଟର ଜବତ କରିଛନ୍ତି । ସେଥିରୁ ଗୋଟିଏ



ଜିପିଏସ, ଦୁଇଟି ଭିଏଚଏଫ, ଗୋଟିଏ ଫିସ ଫାଇଣ୍ଡର, ତିନିଟି ଗିଲନେଟ (ଜାଲ) ଓ ୧୩ କୁଇଣ୍ଟାଲ ୫୦ କେଜି ମାଛ ଜବତ କରାଯାଇଛି । ଗିରଫ ମତ୍ସ୍ୟଜୀବୀମାନେ ହେଲେ ଭୀମସେନ ମାଇତି, ପ୍ରତାପ ସିଂ, ଶିବୁ ମାନ୍ନା, ଚନ୍ଦନ ଦାସ, ଶମ୍ଭୁ ଭୂୟାଁ, ରାମ ଖିଲାର, ତପନ ବିଶ୍ୱାସ, ତୁଷାର ସରକାର, ବଳରାମ ମାଇତି, ବରୁଣ ସର୍ଦ୍ଦାର, ଅଶୋକ ମଣ୍ଡଳ, ସୁଶାନ୍ତ ମଳିକ, ଅମ୍ବାଇ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ, ଛୋଟରାଏ ସୋରେନ, ସୁଶାନ୍ତ ଦାସ ଓ ବାପି ଗିରି । ଏମାନେ ସମସ୍ତେ ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, କେନ୍ଦ୍ରାପଡ଼ା, ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଓ ଉତ୍ତର ଚବିଶପ୍ରଗଣା ଅଞ୍ଚଳର । ସମସ୍ତଙ୍କୁ କେନ୍ଦ୍ରାପଡ଼ା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଇ ଦିଆଯାଇଛି ।

● ଯୁବତୀମାନଙ୍କୁ ଅସଦାଚରଣ ମାମଲା

## ୪ ଗିରଫ, ସୁଧାରଗୃହକୁ ଗଲେ ୩ ନାବାଳକ

ରାଜନଗର,୨୭ ।୧୨(ସମିସ): ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତର ୬ ଯୁବତୀ ସମ୍ପର୍କୀୟ ଯୁବକଙ୍କ ସହ ଭିତରକନିକା ଜାତୀୟ ଉଦ୍ୟାନରୁ ବୁଲି ଫେରୁଥିବାବେଳେ ହାତିନା ପଞ୍ଚାୟତ ଜୁଣପଙ୍ଗରା ଛକ ନିକଟ ଭାଟସାହି ରାସ୍ତାରେ ୭ ଜଣ ସେମାନଙ୍କୁ ଅଟକାଇ ଅସଦାଚରଣ କରିବା ସହ ସମ୍ପର୍କୀୟ ଯୁବକଙ୍କୁ ମାଡ଼ ମାରିଥିବା ରାଜନଗର ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଏଥିରେ ସମ୍ପୃକ୍ତ ଥିବା ସାତଜଣଙ୍କୁ ପୁଲିସ ଥାନାକୁ ଉଠାଇ ଆଣି ପଚରାଉଚରା କରୁଥିଲା । ଶନିବାର ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ତିନି ନାବାଳକଙ୍କୁ ସୁଧାରଗୃହକୁ ପଠାଯାଇଥିବା ଆଇଆଇସି ନରେଶକୁମାର ସାହୁ ସୂଚନା ଦେଇଛନ୍ତି । ଗିରଫ ଯୁବକମାନେ ହେଲେ ବଡ଼ନାଉକୋଣା ଗ୍ରାମର ବୁଦ୍ଧିରାମ ମଳିକଙ୍କ ପୁଅ ସୁବ୍ରତ ମଳିକ (୧୯), ମଙ୍ଗୁଳି ପଢ଼ିହାରୀଙ୍କ ପୁଅ ଟୁନୁ ପଢ଼ିହାରୀ (୨୧), ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦ (ନୂଆଗାଁ)ର ପ୍ରଭାତ ମାହୁନ୍ତଙ୍କ ପୁଅ ପାର୍ଥସାରଥି ମାହୁନ୍ତ (୧୯) ଓ ମହିଁଷାସୁର ପଞ୍ଚାୟତ କହୁଆ ଗ୍ରାମର ହେମନ୍ତ ସ୍ୱାଇଁଙ୍କ ପୁଅ ହିମାଂଶୁ ସ୍ୱାଇଁ (୧୯) ।

## କବୟିତ୍ରୀ ତେଜସ୍ୱିନୀ ସାମଲ 'ଗାଁ ମଜଲିସ୍' ସମ୍ମାନରେ ସମ୍ମାନିତ



ପଟ୍ଟାମୁଣ୍ଡାଇ,୨୭ ।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ବିଶିଷ୍ଟ ସାରସ୍ୱତ ପ୍ରତିଭା ଯୁବ କବୟିତ୍ରୀ ଅଧ୍ୟାପିକା ତେଜସ୍ୱିନୀ ସାମଲଙ୍କୁ ଗାଁ ମଜଲିସ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି । ବାଲେଶ୍ୱର ଜିଲ୍ଲା ସୋର ସଂସ୍କୃତି ଭବନରେ ଆୟୋଜିତ ଗାଁ ମଜଲିସ୍ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଓଡ଼ିଆ ସାହିତ୍ୟର ପ୍ରବାଦ ପୁରୁଷ ବୈଷ୍ଣବ ଚରଣ ସାମଲ, ହେମନ୍ତ ରାଉତ, ରଜନୀକାନ୍ତ ମହାନ୍ତି, ଭରତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କବୟିତ୍ରୀ ସାମଲଙ୍କୁ ତାଙ୍କ ସାରସ୍ୱତ ସାଧନା ଓ ଅବୁଝା ଝିଅ କବିତା ପାଇଁ ଏହି ସମ୍ମାନରେ ସମ୍ମାନିତ କରିଥିଲେ ।

## ରାଜ୍ୟସ୍ତରୀୟ ଯୁବ ଉତ୍ସବରେ କେନ୍ଦ୍ରାପଡ଼ା ଛାତ୍ରୀଙ୍କ କୃତିତ୍ୱ




କେନ୍ଦ୍ରାପଡ଼ା,୨୭ ।୧୨(ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଡିସେମ୍ବର ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ପଦ୍ୟ ଲିଖନ ପ୍ରତିଯୋଗିତାରେ ଏସଏନ ରାଜକନିକା ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ବିଶ୍ୱାଳ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଛନ୍ତି । ପୁରସ୍କାର ବାବଦ ତାଙ୍କୁ ୧୦ ହଜାର ଟଙ୍କା, ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏଥିସହ ସୌମ୍ୟା ଦିଲ୍ଲୀରେ ହେବାକ ଥିବା ଜାତୀୟସ୍ତରୀୟ ଯୁବ ଉତ୍ସବରେ ଅଂଶଗ୍ରହଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆସନ୍ତା ଜାନୁଆରୀ ୧୨ ତାରିଖରେ ଜାତୀୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ଗଳ୍ପ ଲିଖନ ପ୍ରତିଯୋଗିତାରେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଛାତ୍ରୀ ସିମ୍ରନ ମହାନ୍ତି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସୌମ୍ୟା ଓ ସିମ୍ରନଙ୍କ ଏହି ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ୬ ମନ୍ଦିର ଲୁଟେରା, ୨ କ୍ରେତା ଗିରଫ

● ସୁନାରୁପା ଗହଣା, ଟଙ୍କା, ଗାଡ଼ି ଓ ହତିଆର ଜବତ



କେନ୍ଦ୍ରାପଡ଼ା,୨୭ ।୧୨(ସମିସ): ଡିସେମ୍ବର ୨୨ ତାରିଖ ରାତିରେ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ବିଭିନ୍ନ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଗହଣା ଲୁଟି ନେଇଥିବା ଏକ ଚୋର ଗ୍ୟାଙ୍ଗକୁ ପୁଲିସ କାବୁ କରିଛି । ଏହି ମାମଲାରେ ୬ ଜଣ ମନ୍ଦିର ଲୁଟେରା ସହ ଚୋରି ସାମଗ୍ରୀ କିଣିଥିବା ଯାଜପୁରର ୨ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି ।

ଢୋଲ, ଡିଅମୁଗବାଡ଼ି, ନଳାପାରି ଅଞ୍ଚଳର ମହାବୀର ମନ୍ଦିର, ତାରିଣୀ ମନ୍ଦିର ଓ ଗ୍ରାମଦେବତୀ ମନ୍ଦିରର ତାଲା ଭାଙ୍ଗି ସୁନାରୁପା ଗହଣା ସହ ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା । କେନ୍ଦ୍ରାପଡ଼ା ଟାଉନ୍, ନିକିରାଇ, ବରି ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ତଦନ୍ତ ଆରମ୍ଭ କରିଥିଲେ । ପୁଲିସ ଏହି ଚୋର ଗ୍ୟାଙ୍ଗର ୬ ଅଭିଯୁକ୍ତ ସେକ୍ ମୁସ୍ତାକିଲ, ସେକ୍ ସାହିଲ, ସେକ୍ ତନବିର, ସେକ୍ ନସମ, ସେକ୍ ଅବଦୁଲ ଓ ସୌରଭ ମିଶ୍ରଙ୍କୁ ଗିରଫ କରିଛି । ଏଥିସହ ଚୋରି ସାମଗ୍ରୀ କିଣିଥିବା ଯାଜପୁର ଜିଲ୍ଲାର ସେକ୍ ଅନୱର ଓ ଅକ୍ଷୟ ପୋଥାଳଙ୍କୁ ମଧ୍ୟ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ସୁନା ଓ ରୁପା ଗହଣା, ୧୪,୬୭୦ ଟଙ୍କା, ମୋବାଇଲ୍ ଫୋନ୍, ବାଇକ୍, ସ୍କୁଟି, ଲୁହା ରଡ୍, ଫାର୍ସା, ବ୍ଲେଡ୍, ଓଜନ ମେସିନ୍ ଆଦି ଜବତ କରାଯାଇଛି । ଏହି ଗ୍ୟାଙ୍ଗ କେବଳ କେନ୍ଦ୍ରାପଡ଼ା ନୁହେଁ, କଟକ, ଯାଜପୁର, ଭଦ୍ରକ ଭଳି ଅନ୍ୟାନ୍ୟ ଜିଲ୍ଲାର ବିଭିନ୍ନ ଧର୍ମୀୟ ସ୍ଥଳରେ ମଧ୍ୟ ଚୋରି କରୁଥିଲେ ବୋଲି ପୁଲିସ ପ୍ରମାଣ ପାଇଛି । ଏ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

## ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ମାତୃ ସମ୍ମିଳନୀ




ପଟ୍ଟାମୁଣ୍ଡାଇ,୨୭ ।୧୨(ସମିସ): ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରସ୍ଥ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଶିକ୍ଷା ମନ୍ଦିର ସମ୍ପାଦକ ଅମ୍ବୁଜ ଭୂଷଣ ନାୟକ ଏହାକୁ ଉଦଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କଥାକାର ପ୍ରଦୀପ ନାୟକ ମୁଖ୍ୟଅତିଥି, ଶିକ୍ଷାବିତ ଅଜିତ୍ ମଳିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ମା'ମାନେ ଶିଶୁମାନଙ୍କ ଆଦ୍ୟଗୁରୁ ହୋଇଥିବାରୁ ସେମାନଙ୍କୁ ସଂସ୍କାରିତ କରିବାରେ ମା'ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ସହକାରୀ ଆଚାର୍ଯ୍ୟ ପ୍ରଭାକର ସାହୁ ସ୍ୱାଗତଭାଷଣ ଓ ଆଚାର୍ଯ୍ୟା ସୁଲୋଚନା ମିଶ୍ର ଅତିଥିପରିଚୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ସୂତାର ଧନ୍ୟବାଦ ଦେଇଥିଲେ । ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ମା' ଯୋଗଦେଇଥିଲେ ।

## ଡାମରପୁର ପ୍ରିମିଅର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ପଟ୍ଟାମୁଣ୍ଡାଇ,୨୭ ।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଡାମରପୁରଠାରେ ଶୁକ୍ରବାର ଡାମରପୁର ପ୍ରିମିଅର ଲିଗ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ଡେଲ୍ଟା ଇଞ୍ଜିନିଅରିଂ ଆଣ୍ଡ ସର୍ଭିସେସ ତରଫରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ସମାଜସେବୀ ବସନ୍ତ କୁମାର ନାଥ ଉଦଘାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଦଳ ଭାଗ ନେଇଛନ୍ତି । ପ୍ରଥମ ଦିନ ଦୁଇଟି ମ୍ୟାଚ ଖେଳାଯାଇଥିଲା । ପ୍ରଥମ ମ୍ୟାଚ ବାବା ବାସୁଦେବ ଟିମ ଶାସନ ଓ ୟୁନାଇଟେଡ୍ କ୍ଲବ ଜେନପାଟଣା ମଧ୍ୟରେ ହୋଇଥିଲା । ବାବା ବାସୁଦେବ ଟିମ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚ ମା' ମଙ୍ଗଳା କ୍ରିକେଟ କ୍ଲବ ଡାମରପୁର ଓ ଲକ୍ଷ୍ମୀନାରାୟଣ କ୍ଲବ ରାଘବପୁର ମଧ୍ୟରେ ହୋଇଥିଲା । ମା' ମଙ୍ଗଳା କ୍ଲବ ବିଜୟୀ ହୋଇଛି । ଭାଗୀରଥି ଆଚାର୍ଯ୍ୟ, ବିରଞ୍ଚି ଆଚାର୍ଯ୍ୟ, କେଦାର ରାଉତ, ଜଗବନ୍ଧୁ ନାଥ, ଗୌରାଙ୍ଗ ସେଠୀ, ନରହରି ମାଲିକ, ଗୌରାଙ୍ଗ ମାଲିକ, ସାଗର ମଳିକ, ନିରଞ୍ଜନ ଦାଶ, ଟୁକୁନା ଶତପଥୀ, ଗଦାଧର ମଳିକ, ପିଙ୍କୁ ମଳିକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ସାଧାରଣ ସଭା

ଆଳି,୨୭ ।୧୨(ସମିସ): ବାବାସାହେବ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଚଣ୍ଡିଆଗଡ଼ି ବଇଦିମାଳ ଆଳି ଆମ୍ବେଦକର କ୍ଲବ୍ ପ୍ରାଙ୍ଗଣରେ ଦଶରଥ ମଳିକଙ୍କ ସଭାପତିତ୍ୱରେ ଆମ୍ବେଦକର ସ୍ମୃତି ପରିଷଦର ସାଧାରଣ ସଭା ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଆଇନଜୀବୀ ଶରତ ଚନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଭାବେ ଆଇନଜୀବୀ ରଞ୍ଜନ କୁମାର ମଳିକ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଅକ୍ଷୟ କୁମାର ମଳିକ, ସଂଗଠକ ଧନେଶ୍ୱର ରାଉତ, ସରପଞ୍ଚ ଅକ୍ଷୟ କୁମାର ଦାସ, ସନାତନ ସାହୁ, ଆବାହକ ମନୋଜ ମଳିକ, ରାମଚନ୍ଦ୍ର ଦାସ, ସର୍ବେଶ୍ୱର ଜେନା, ବାରେଣୀ ସେଠୀ, ଖଗେଶ୍ୱର ମଳିକ, ଦିଲୀପ ମଳିକ, ପ୍ରମିଳା ସେଠୀ, ବିଳାସିନୀ ମଳିକ, ସୀତା ସୁନ୍ଦରୀ ସେଠୀ, ସୁହାନା ବେଗମ, ବାବନ ଜେନା, ପୀତାମ୍ବର ମଳିକ, ନରୋତ୍ତମ ପାର୍ଥ ସାରଥୀ, ରୋହିତ ମଳିକ, ଗୌରହରି ସେଠୀ, ନୀଳମଣି ସେଠୀ, ରଞ୍ଜନ ସେଠୀ, ଅଲେଖ ମଳିକ, ପ୍ରକାଶ ପାତ୍ର ପ୍ରମୁଖ ଶତାଧିକ କର୍ମକର୍ତ୍ତା ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କୋଷାଧ୍ୟକ୍ଷ ବିଷ୍ଣୁଚରଣ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ ।




## ଜିଲାସ୍ତରୀୟ 'ବୀର ବାଲ ଦିବସ' ପାଳିତ



ମାର୍ଶାଘାଇ,୨୭ ।୧୨(ସମିସ): ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ନଛିପଡ଼ା ଗ୍ରାମରେ ଶୁକ୍ରବାର ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ 'ବୀର ବାଲ ଦିବସ' ପାଳିତ ହୋଇଛି । ଦଶମ ଶିଖଗୁରୁ ଗୋବିନ୍ଦ ସିଂଙ୍କ ୯ ବର୍ଷ ଏବଂ ୬ ବର୍ଷ ବୟସର ଦୁଇ ନାବାଳକ ପୁତ୍ର ଫତେହ ସିଂହ, ଜୁହାର ସିଂହଙ୍କ ବଳିଦାନ ଦିବସ ଅବସରରେ ସେହି ଦୁଇ କୁନି ଦେଶପ୍ରେମୀ ବାଲ ସଂଗ୍ରାମୀଙ୍କ ସାହସ ଏବଂ ବୀରତ୍ୱକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଉଛି । ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ ନାୟକ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ବିଚିତ୍ର ଭାଇ, ରାଜ୍ୟ ପରିଷଦ ସଭ୍ୟ କୁମରକାନ୍ତ ମହାନ୍ତି, କେନ୍ଦ୍ରାପଡ଼ା ବିଜେପି ଜିଲ୍ଲା କୋଷାଧ୍ୟକ୍ଷା ପ୍ରତିମା ନାୟକ, ଜୀବନାନନ୍ଦ ସାହୁ, ମାର୍ଶାଘାଇ ମଣ୍ଡଳ ସଭାପତି ରଶ୍ମିରଞ୍ଜନ ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଶାନ୍ତ ସେଠୀ ମଞ୍ଚ ପରିଚାଳନା କରିଥିଲେ ।

## ଧର୍ମପ୍ରାଣା ମହିଳାଙ୍କ ସ୍ମୃତିଚାରଣ ସଭା

ଗୋବିନ୍ଦପୁର,୨୭ ।୧୨(ସମିସ): ଆଳି ବ୍ଲକ ମଧୁବନ ଗ୍ରାମର ସ୍ୱର୍ଗତ ଶ୍ରୀଧର ପତିଙ୍କ ପତ୍ନୀ ଗୁରୁବାରୀ ପତିଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି । ସମାଜସେବୀ ସର୍ବେଶ୍ୱର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲ୍ଲିକ, ଦୁର୍ଯ୍ୟୋଧନ ସାମଲ, ରାଜେନ୍ଦ୍ର ରାଉତ, ଗୋପୀନାଥ ସାମଲ, ହିମାଦ୍ରୀ ପତି, ଆଦିକନ୍ଦ ପତି, ଦେବେନ୍ଦ୍ର ବେହେରା, ଅରୁଣ କୁମାର ସାମଲ, ରମାକାନ୍ତ ପତି, ରବୀନ୍ଦ୍ର ପତି, ଗାୟତ୍ରୀ ପଣ୍ଡା, ଜାନକୀ ପତି, ରବୀନ୍ଦ୍ର ଦାସ, ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ସ୍ୱର୍ଗତା ପତି ଜଣେ ଧର୍ମପରାୟଣ ତଥା ପରୋପକାରୀ ମହିଳା ଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ ।



## କୁମ୍ଭୀର ଭୟରେ ଆତଙ୍କିତ ଲୋକେ



ମହାକାଳପଡ଼ା,୨୭ ।୧୨(ସମିସ): ନଦୀକୂଳିଆ ଲୋକଙ୍କୁ ଡରାଉଛି କୁମ୍ଭୀର ଉପଦ୍ରବ । କୁମ୍ଭୀର ଭୟରେ ନଦୀରେ ପାଦ ରଖିବାକୁ ଲୋକେ ଭୟ କରୁଛନ୍ତି । ସୁରକ୍ଷା ପାଇଁ ଥିବା ତାରଜାଲି ନଷ୍ଟ ହୋଇଯିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି । ଅନେକ ଥର ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଲୋକେ ଦାବି କରି ଆସୁଥିଲେ ମଧ୍ୟ ବନବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି ।

ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଓଳିହା, ଦେଉଳପଡ଼ା, ବାଙ୍କିଛନ୍ଦା, ନଳପଦା, ଅମିରାବାଦ ଓ ଚଣ୍ଡିଆପଲ୍ଲୀ ଗ୍ରାମଗୁଡ଼ିକ ଗୋବରୀ ନଦୀ ପାର୍ଶ୍ୱରେ ଅବସ୍ଥିତ । ପୂର୍ବରୁ ଦୈନନ୍ଦିନ କାର୍ଯ୍ୟ ପାଇଁ ଲୋକେ ଏହି ନଦୀ ଉପରେ ନିର୍ଭର କରୁଥିଲେ । ହେଲେ କିଛିବର୍ଷ ହେବ କୁମ୍ଭୀରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ଫଳରେ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ସୁରକ୍ଷା ବାଡ଼ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଲୋକେ ଦାବି କରିଆସୁଥିଲେ ମଧ୍ୟ ଏଯାଏଁ ବନ ବିଭାଗ ତରଫରୁ ତତ୍ପରତା ଦେଖିବାକୁ ମିଳୁନାହିଁ । ଓଳିହା ଗ୍ରାମର ଦୁର୍ଗା ମଣ୍ଡପ ତୁଠ ଓ ଖଣ୍ଡିଆବନ୍ଧ ତୁଠରେ ସୁରକ୍ଷା ବାଡ଼ ନାହିଁ । ଦେଉଳପଡ଼ା ତାରିଣୀ ମନ୍ଦିର ପାଖରେ ଥିବା ତୁଠରେ ମଧ୍ୟ ତାରବାଡ଼ ବିପର୍ଯ୍ୟସ୍ତ ହୋଇପଡ଼ିଛି । ସେହିପରି ବାଙ୍କିଛନ୍ଦା ବେହେରା ସାହି, ଅମିରାବାଦ ଓ ଚଣ୍ଡିଆପଲ୍ଲୀ ଗ୍ରାମରେ ମଧ୍ୟ ତାରଜାଲ ନ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ପୂର୍ବରୁ ଲୋକମାନେ କୁମ୍ଭୀର ଆକ୍ରମଣର ଶିକାର ହୋଇ ସାରିଛନ୍ତି । ଏବେ ମଧ୍ୟ ନଦୀରେ କୁମ୍ଭୀର ଦେଖି ଲୋକେ ଭୟଭୀତ । କେତେବେଳେ କିଏ ଯେ କୁମ୍ଭୀର ଆକ୍ରମଣର ଶିକାର ହେବ ତାହା କହିବା ମୁସ୍କିଲ । ଧନଜୀବନ ସୁରକ୍ଷିତ ରଖିବା ପାଇଁ ବନବିଭାଗ ତରଫରୁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଓ ନଷ୍ଟ ହୋଇଥିବା ସୁରକ୍ଷା ବାଡ଼ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ୯ ଅଲିଭରିଡଲେ କଇଁଛଙ୍କ ପିଠିରେ ଖଞ୍ଜାଗଲା ସାଟେଲାଇଟ ଟ୍ରାନ୍ସମିଟର

ରାଜନଗର,୨୭ ।୧୨(ସମିସ):

ବିରଳ ଅଲିଭରିଡଲେ କଇଁଛଙ୍କ ଅନ୍ତୁଡ଼ିଶାଳ ଗହୀରମଥା ଏବେ ଚଳଚଞ୍ଚଳ । ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ଆସିଥିବା ଲକ୍ଷ ଲକ୍ଷ ମା' ଓ ପୁରୁଷ କଇଁଛ ଗହୀରମଥାର ନୀଳ ଜଳରାଶି ଭିତରେ ନଭେମ୍ବର ଆରମ୍ଭରୁ ମିଳନ ପର୍ବରେ ନିମଗ୍ନ ଅଛନ୍ତି । ଏହି ରହସ୍ୟମୟ ଜୀବ ଅଲିଭରିଡଲେ କଇଁଛଙ୍କ ଜୀବନଶୈଳୀ ଏବଂ ସେମାନଙ୍କ ପ୍ରକୃତ ଠିକଣା ଜାଣିବା ପାଇଁ ୯୦ ଦଶକରୁ କଇଁଛ ବିଶାରଦ ତଥା ଗବେଷକ ସ୍ୱର୍ଗତ ଡ. ଚନ୍ଦ୍ରଶେଖର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟରେ କାର୍ଯ୍ୟରତ ବୈଜ୍ଞାନିକମାନଙ୍କ ଦ୍ୱାରା ଗହୀରମଥାକୁ ଅଣ୍ଡାଦାନ କରିବାକୁ ଆସିଥିବା ମା' କଇଁଛ ଦେବୀ, ଚନ୍ଦ୍ର ଓ ସରସ୍ୱତୀଙ୍କ ନାମରେ ନାମିତ କରାଯାଇ ସାଟେଲାଇଟ୍ ଟ୍ରାନ୍ସମିଟର ଖଞ୍ଜାଯାଇଥିଲା । ମା' କଇଁଛ ଅଣ୍ଡା ଦେବା ପରେ ସେମାନଙ୍କ କର୍ମଭୂମିକୁ ଫେରି ଯାଉଥିଲେ । କିନ୍ତୁ ଖଞ୍ଜାଯାଇଥିବା ଏହି ୩ କଇଁଛ ଶ୍ରୀଲଙ୍କାର ଜାଫନା ଉପକୂଳ ପର୍ଯ୍ୟନ୍ତ ଯାଇଥିବା ଉପଗ୍ରହ ଜରିଆରେ ଜାଣିବାକୁ ପାଇଥିଲେ । ନିଷିଦ୍ଧ ଇଲାକାରୁ ଆସୁଥିବା ଏହି ରହସ୍ୟମୟ ଅଲିଭରିଡଲେଙ୍କ ପ୍ରକୃତ ଠିକଣା ଏଯାଏ ମିଳି ପାରିନାହିଁ । ଚଳିତବର୍ଷ ଡିସେମ୍ବର ୨୫ ତାରିଖ ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟରେ କାର୍ଯ୍ୟରତ ଜୀବବିଜ୍ଞାନୀ ସୁରେଶ କୁମାରଙ୍କ ନେତୃତ୍ୱରେ ଗହୀରମଥା ବାବୁବାଲି ଦୀପରେ ଛଅଟି କଇଁଛଙ୍କ ପିଠିରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସାଟେଲାଇଟ ଟ୍ରାନ୍ସମିଟର ଖଞ୍ଜାଯାଇଛି । ଗହୀରମଥା ସମେତ ଋଷିକୂଲ୍ୟା ଉପକୂଳରେ ୩ଟି କଇଁଛଙ୍କ ପିଠିରେ ମଧ୍ୟ ଟ୍ରାନ୍ସମିଟର ଖଞ୍ଜାଯାଇଛି । ସୂଚନାଯୋଗ୍ୟ, ତିନିବର୍ଷ ପୂର୍ବେ ଗହୀରମଥାକୁ ଅଣ୍ଡା ଦେବାକୁ ଆସିଥିବା ମା' କଇଁଛଙ୍କ ପିଠିରେ ଟ୍ରାନ୍ସମିଟର ଲଗାଯାଇଥିଲା । ଏଥିରୁ ଗୋଟିଏ କଇଁଛ ମହାରାଷ୍ଟ୍ରର ରତ୍ନଗିରି ଉପକୂଳରେ ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କୁ ପଚାରିବାରୁ କହିଲେ, ଅଲିଭରିଡଲେ କଇଁଛଙ୍କ ଆଗମନ ସାମୁଦ୍ରିକ ପରିବେଶ ସନ୍ତୁଳନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଉଛି । କଇଁଛଙ୍କ ଗତିବିଧି ଜାଣିବା ପାଇଁ ଏହି ପ୍ରକ୍ରିୟା ଜାରି ରହିଥିବା ସେ କହିଛନ୍ତି ।



# ଖୁବ୍‌ଶୀଘ୍ର ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ

ଭୁବନେଶ୍ୱର, ୨୭।୧୨(ସମିସ): ଦୀର୍ଘଦିନ ଧରି ଅଟକି ରହିଥିବା ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ ଖୁବ୍‌ଶିଘ୍ର କାର୍ଯ୍ୟକାରୀ ହେବ। ଏଥିପାଇଁ ସମସ୍ତ ପଦକ୍ଷେପ ଚୂଡ଼ାନ୍ତରେ ପହଞ୍ଚିଥିବା ବେଳେ ନିର୍ଦ୍ଦେଶାଳୟ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ଦୀର୍ଘଦିନ ଧରି ଅଟକି ରହିଥିବା ଏହି ନିର୍ଦ୍ଦେଶାଳୟ ଆରମ୍ଭ ହେବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ରହିଥିବା ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ ନିମନ୍ତେ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଅତିରିକ୍ତ ଓ ଯୁଗ୍ମ ନିର୍ଦ୍ଦେଶକ, ଅନୁସଚିବ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।ଗାଇଡଲାଇନ୍ ଅନୁସାରେ ବିଭିନ୍ନ ପଦକ୍ଷେପ ପାଇଁ ପ୍ରକ୍ରିୟା ଚାଲିଛି। ତେବେ ନିର୍ଦ୍ଦେଶାଳୟ ନିଯୁକ୍ତି ପାଇଁ ଆଇନ ବିଭାଗ, ଅର୍ଥ ବିଭାଗ, ଜିଏ ଡିପାର୍ଟମେଣ୍ଟର ଆପ୍ରୁଭାଲ ପରେ ଓପିଏସସିକୁ (ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ) ପଠାଯିବ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମତି କ୍ରମେ କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ। କ୍ୟାବିନେଟ୍ ଆପ୍ରୁଭ ପାଇବା ପରେ ନିଯୁକ୍ତ କରାଯିବ। ତେବେ ସମସ୍ତ ପ୍ରକ୍ରିୟା ଶେଷ ହୋଇ ଖୁବଶିଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଭାଗର ସ୍ୱତନ୍ତ୍ର ଶାସନସଚିବ ଦେବ ପ୍ରସାଦ ଦାସ କହିଛନ୍ତି। ତେବେ ରାଜ୍ୟ ସଂଗ୍ରହାଳୟରେ

## ଦୃଷ୍ଟିବାଧିତଙ୍କ ପାଇଁ ସ୍ୱତନ୍ତ୍ର ଟେକ୍ସଟାଇଲ୍ ଗ୍ୟାଲେରୀ

୩ଟି ଗ୍ୟାଲେରୀର ପୁନରୁଦ୍ଧାର କରାଯିବା ସହ ନୂଆକରି ଆରମ୍ଭ ହେବ ଟେକ୍‌ଟାଇଲ ଗ୍ୟାଲେରୀ। ଏହି ଗ୍ୟାଲେରୀଟି ସ୍ୱତନ୍ତ୍ର ଭାବେ ଦୃଷ୍ଟିବାଧିତ ମାନଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଏଥିରେ ଆର୍କିଓଲୋଜି ଗ୍ୟାଲେରୀରେ




ରହିଥିବା ବିଭିନ୍ନ ମୂର୍ତ୍ତି ଗୁଡ଼ିକ ସ୍ଥାନୀତ କରାଯିବ। ଯାହାକୁ ଟଚ୍ କରି ବା ସ୍ୱର୍ଶ କରି ଦୃଷ୍ଟିବାଧିତମାନେ ଏହି ମୂର୍ତ୍ତି ବିଷୟରେ ଜାଣିପାରିବେ। ସେହିପରି ଗ୍ୟାଲେରୀ ସମ୍ପର୍କରେ ବ୍ରେଲ ଲିପିରେ ସମସ୍ତ ତଥ୍ୟ ଉଲ୍ଲେଖ ରହିବ। ସେହିପରି ସଂଗ୍ରହାଳୟର ଉଦ୍ୟାନକୁ ନବୀକରଣ କରାଯାଇ ଆକର୍ଷଣୀୟ ରୂପ ଦିଆଯିବା ସାଙ୍ଗକୁ ଖୁବଶିଘ୍ର ଟେରାକୋଟା ଓ ହରେକୃଷ୍ଣ ମହତାବ ଗ୍ୟାଲେରୀ କାମ ଶେଷ କରାଯାଇ ପର୍ଯ୍ୟଟକଙ୍କ ପରିଦର୍ଶନ ପାଇଁ ଖୋଲାଯିବ ବୋଲି ସଳଚନା ରହିଛି।

ସୂଚନା ଅନୁସାରେ, ଆସନ୍ତା ଡିସେମ୍ବର ୨୯ ତାରିଖ ସୋମବାର ରାଜ୍ୟ ସଂଗ୍ରହଳୟର ୯୨ତମ ପୂର୍ତ୍ତି ପାଳନ କରାଯିବ। ଏହି ଉପଲକ୍ଷେ ସଂଗ୍ରହାଳୟରେ ରହିଥିବା ତିନୋଟି ରଥ ଚକରେ ପୁଷ୍ପ ଅର୍ପଣ କରାଯିବା ସହ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଭକ୍ତକବି ମଧୁସୂଦନ ରାଓଙ୍କ ବ୍ୟବହୃତ ସାମଗ୍ରୀ ପ୍ରଦର୍ଶିତ ହେବ। ଏହାସହ ଓଡ଼ିଆ ଅଭିଲେଖ ସଙ୍କଳନ ପୁସ୍ତକ ସହ ଓଏଚଆର୍ ଜେ ଉନ୍ମୋଚିତ ହେବ। ସେହିପରି ସଂଗ୍ରହାଳୟର ୪ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭକ୍ତକବି ମଧୁସୂଦନ ରାଓଙ୍କ ନାତୁଣୀ ସୁସ୍ମିତା ରଥ, ବିଶିଷ୍ଟ ବାନ୍ଧ ଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ସମ୍ମାନୀତ କରାଯିବ। ଏହି ଉପଲକ୍ଷେ ସଂଗ୍ରହାଳୟ ଆଭାସୀ ଭ୍ରମଣ ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ କହିଛନ୍ତି।

# ୨୯ରୁ 'ଅନ୍ତଃରାଷ୍ଟ୍ରୀୟ ଦେବଦାସୀ ନୃତ୍ୟ ସମାରୋହ'

**● ଅଂଶଗ୍ରହଣ କରିବେ ଦେଶ ବିଦେଶର ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ**

ଭୁବନେଶ୍ୱର, ୨୭।୧୨(ସମିସ): ରାଜ୍ୟ ସଂସ୍କୃତି ବିଭାଗ ସହଯୋଗରେ ଦେବଦାସୀ ନୃତ୍ୟମନ୍ଦିର ଆନୁକୂଲ୍ୟରେ ଆସନ୍ତା ୨୯ ଓ ୩୦ ତାରିଖ ଦୁଇଦିନ ଧରି ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହେବ '୧୯ତମ ଅନ୍ତରାଷ୍ଟ୍ରୀୟ ଦେବଦାସୀ ନୃତ୍ୟ ସମାରୋହ'। ଏଥିରେ ଓଡ଼ିଶୀ ସମେତ ଦେଶର ୬ଟି ଯାକ ଶାସ୍ତ୍ରୀୟ ନୃତ୍ୟ ପରିବେଷିତ ହେବ। ଦେଶ ବିଦେଶର ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ ଏଥିରେ ଅଂଶଗ୍ରହଣ କରି ନୃତ୍ୟ ପରିବେଷଣ କରିବେ। ବ୍ରାଜିଲର ବୃନୋ ଟାନେଲି, କରିନ ଭେଲେସୋ ଭାରତ ନାଟ୍ୟମ, ଆମେରିକାର ଦେବାଂଶ ଚୌଧୁରୀ ଭାରତନାଟ୍ୟମ, କାନାଡାର ସୁଶ୍ରୀ ମିଶ୍ର ଓଡିଶୀ, ଫିଲିଡେଫିଆରୁ ଡ. ବିଜି ରାଓ ଭାରତନାଟ୍ୟମ ପରିବେଷଣ କରିବେ। ସେହିପରି ଆସାମ, କେରଳ, ତେଲେଙ୍ଗାନା, ମଣିପୁର, ଆନ୍ଧ୍ର ପ୍ରଦେଶ ସମେତ ଦେଶ ଓ ରାଜ୍ୟରେ ପ୍ରତିଷ୍ଠିତ ନୃତ୍ୟ ଶିଳ୍ପୀ ନୃତ୍ୟ ପରିବେଷଣ କରିବେ। ଏହି ଅବସରରେ ଓଡିଶୀ ନୃତ୍ୟଶିଳ୍ପୀ କବିତା ଦ୍ୱିବେଦୀଙ୍କୁ ଦେବଦାସୀ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯିବ। ପୂର୍ବାହ୍ଣରେ ନବୀନ କଳାକାର, ଅପରାହ୍ନରେ ଜାତୀୟ ନୃତ୍ୟ ଶିଳ୍ପୀଙ୍କ ନବ ଉନ୍ମେଷ ଓ ସନ୍ଧ୍ୟାରେ ପ୍ରତିଷ୍ଠିତ କଳାକାରମାନେ ନୃତ୍ୟ ପରିବେଷଣ କରିବେ।

# ନୃତ୍ୟ ସଙ୍ଗୀତ ଓ ଚିତ୍ର ଉତ୍ସବ




ଭୁବନେଶ୍ୱର, ୨୭।୧୨(ସମିସ): ସାଂସ୍କୃତିକ ଅନୁଷ୍ଠାନ ତ୍ରିଭଙ୍ଗ କଳା ନିକେତନ ଦ୍ୱାରା ଦିନିକିଆ ନୃତ୍ୟ ସଙ୍ଗୀତ ଓ ଚିତ୍ର ଉତ୍ସବ ସ୍ଥାନୀୟ ଇରିଗେସନ କ୍ଲବ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁରୁ ନିରଞ୍ଜନ ରାଉତ, ଓଡ଼ିଶୀ ନୃତ୍ୟ ଗୁରୁ ଗଜେନ୍ଦ୍ର ପଣ୍ଡା, ଓଡିଶୀ ନୃତ୍ୟ ଗୁରୁ ତଥା ଗବେଷକ ମନୋଜ କୁମାର ବେହେରା, ଓଡ଼ିଶୀ ସଙ୍ଗୀତ ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଓଡିଶୀ ସଙ୍ଗୀତ ବିଭାଗର ଅଧ୍ୟାପକ ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ରାଜ୍ୟରୁ ଆସିଥିବା ନୃତ୍ୟଶିଳ୍ପୀ ମାନଙ୍କୁ 'କଳା ସମର୍ପଣ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାପରେ ଛନ୍ଦା ନିନାଡ଼ା ଅନୁଷ୍ଠାନର ଗୁରୁ ନୀଳାଦ୍ରି ମହାନ୍ତିଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ କଳା ମାଣିକରେ ଫୁଲ ଆଣିଛି, ସମ୍ବଲପୁରୀ ଦଳଗତ ନୃତ୍ୟ ଚୁଟିକୁ ଚୁଟିକୁ ଚୁଟା ପରିବେଷଣ କରିଥିଲେ। ଏହାପରେ ନୃତ୍ୟଭୂମି ଅନୁଷ୍ଠାନ ପକ୍ଷରୁ ଗୁରୁ ବର୍ଷା ଦାସଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ଦଳଗତ ନୃତ୍ୟ ମହୁଲ ଝାରେ ବରଷିଲା ପାଣି, କୋଲକାତା ଛନ୍ଦବିନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭାରତନାଟ୍ୟମ ଆଦି ନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିନୋଦ ଚନ୍ଦ୍ର ସାହୁ ସଂଯୋଜନା କରିଥିବା ବେଳେ ଗୁରୁ ବିକ୍ରମ ସାମଲ ଏବଂ ସୁନିତା ସାମଲ ପରିଚାଳନା କରିଥିଲେ। ଏଥିରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, କୋଲକାତା ଆଦି ବିଭିନ୍ନ ସ୍ଥାନରୁ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିଲେ।

# ସାଇଶ୍ରୀ ପ୍ରିୟଦର୍ଶିନୀ 'ପ୍ରୟାସ ହିଡେନ୍ ଟାଲେଣ୍ଟ' ଚାମ୍ପିଅନ




ଭୁବନେଶ୍ୱର, ୨୭।୧୨(ସମିସ): ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରୟାସ ଆନୁକୂଲ୍ୟରେ ତିନିଦିନ ବ୍ୟାପୀ ଚାଲିଥିବା 'ପ୍ରୟାସ ହିଡ଼େନ୍ ଟାଲେଣ୍ଟ ସିଜିନ୍-୬' ଉଦ୍‌ଯାପିତ ହୋଇଯାଇଛି। ୟୁନିଟ୍-୩ ସ୍ଥିତ ଏକାମ୍ର ହାଟ ପରିସରରେ ଆୟୋଜିତ ଏହି ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟାକୁ ଆଧାତ୍ମିକ ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବରିଷ୍ଠ ବିଜେପି ନେତା ଗୋଲକ ପ୍ରସାଦ ମହାପାତ୍ର, ସଜ୍ଜନ ଶର୍ମା ଓ ଜଗନ୍ନାଥ ପ୍ରଧାନ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସାଧାରଣ ଜ୍ଞାନ, ବକ୍ତୃତା, ରଚନା ଲିଖନ, ଡ୍ରଇଂ, ଫେଶନ ସୋ, ଡ୍ୟାନ୍ସ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉପସ୍ଥିତ ଅତିଥିଗଣ ପୁଷ୍ପଗୁଚ୍ଛ, ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ମଦର୍ସ ପବ୍ଲିକ୍ ସ୍କୁଲ୍ ୟୁନିଟ୍-୧୧ର ପଞ୍ଚମ ଶ୍ରେଣୀ ଛାତ୍ରୀ ସାଇଶ୍ରୀ ପ୍ରିୟଦର୍ଶିନୀ ଚାରୋଟି ବିଭାଗରେ କୃତିତ୍ୱ ଅର୍ଜନ କରିବା ସହ ପ୍ରୟାସ ହିଡ଼େନ୍ ଟାଲେଣ୍ଟ ଚାମ୍ପିଅନ୍ ଟ୍ରଫି ହାସଲ କରିଥିଲେ। ଚାରୋଟି ବର୍ଗରେ ବିଭକ୍ତ କରାଯାଇ ଏଲ୍‌କେଜିରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶେଷରେ ଗ୍ରୁପ୍ ଡ୍ୟାନ୍ସ ଓ ମମ୍ ସ୍ପେଶାଲ କାଟେଗୋରିରେ ମା' ମାନେ ଫେଶନ ସୋ ଓ ଡ୍ୟାନ ପ୍ରଦର୍ଶନ କରିଥିଲେ। ଚଳିତବର୍ଷର ଏହି ଏହି ହିଡ଼େନ୍ ଟାଲେଣ୍ଟକୁ 'ପ୍ରୟାସ'ର ଟ୍ରଷ୍ଟି ତଥା ସାମ୍ବାଦିକ କୌସ୍ତୁଭ ଦାସ, କମଳ ମହାନ୍ତି, ଜସ୍ମିନ ମହାନ୍ତି, କୌଶିକ ମହାନ୍ତି, ମମତା ମହାନ୍ତି, ବୃନ୍ଦାବନ ପଡ଼ିହାରି, ସୁରେଶ ପତ୍ରୀ ପ୍ରମୁଖ ପରିଚାଳନା କରିଥିବା ପ୍ରୟାସ ଅଧ୍ୟକ୍ଷ ତଥା ଆଇନଜୀବୀ ବନ ମହାନ୍ତି କହିଛନ୍ତି। ସୋନାଲି ପ୍ରିୟଦର୍ଶିନୀ ମଞ୍ଚ ପରିଚାଳନା କରିଥିଲେ।

# ଏକାମ୍ର କାନନ ଓ ଏଫ୍‌ଏଫ୍‌ସି ୱାର୍କର୍ସ କ୍ଲବର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍




ଭୁବନେଶ୍ୱର, ୨୭।୧୨(ସମିସ): ୱାର୍କର୍ସ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟ୍‌ନେସ୍ ୱାର୍କର୍ସ କ୍ଲବ ଓ ଏକାମ୍ର କାନନ ୱାର୍କର୍ସ କ୍ଲବ ମଧ୍ୟରେ ଗଣେଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ କଲେଜ କ୍ୟାମ୍ପସରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ପାଇଁ ଚାଲିବା ଏବଂ ଏହାଦ୍ୱାରା ଭାଇଚାରା ସୃଷ୍ଟି କରିବା ଦ୍ୱାରା ବିଭିନ୍ନ କ୍ଲବଗୁଡ଼ିକ ମଧ୍ୟରେ ସମନ୍ୱୟ, ଭ୍ରାତୃଭାବ, ବନ୍ଧୁତ୍ୱ ଏବଂ ଏକ ନୂତନ ଦିଗ୍‌ଦର୍ଶନର ସହାୟକ ହୋଇଥାଏ। ପରିଣତ ବୟସରୁ କ୍ରିକେଟ ଭଳି ଏକ କଷ୍ଟସାଧ୍ୟ ଖେଳ ଖେଳି ନିଜେ ସୁସ୍ଥ ରହିବା ସଙ୍ଗେ ସଙ୍ଗେ ଏହା ବହୁ ଭାବେ ସ୍ୱାସ୍ଥ୍ୟ ସଚେତନ ଉପରେ ଗୁରୁତ୍ୱ ଦେଲେ ଆଗାମୀ ଯୁବପିଢ଼ି ପ୍ରେରଣାଦାୟୀ ରହିବେ। ଉକ୍ତ ମ୍ୟାଚରେ ଫନ ଆଣ୍ଡ ଫିଟନେସ୍ ୱାର୍କର୍ସ କ୍ଲବର ବ୍ୟାଟ୍‌ସମ୍ୟାନ ଛକା ଚୌକା ମାରି ଏକ ବିଶାଳ ସ୍କୋର କରି କ୍ଲବକୁ ବିଜୟୀ କରିଥିବାରୁ ଭୀମସେନ ଦାସଙ୍କୁ ଶ୍ରେଷ୍ଠ ଖେଳାଳିର ମାନ୍ୟତା ପ୍ରଦାନ କରାଯାଇଥିଲା ଏବଂ ଏଫ୍‌ଏଫ୍‌ସିର ଅଧିନାୟକ ସୌଭାଗ୍ୟ ନାୟକଙ୍କୁ ବିଜୟ ଟ୍ରଫି ପ୍ରଦାନ କରାଯାଇଥିଲା। ଏକାମ୍ର କାନନ ୱାର୍କରର୍ସ କ୍ଲବର ସଭାପତି ବିଜୟ ପାତ୍ର, ଜିତେନ ସାହୁ, ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠୀ ଓ ଏଫ୍‌ଏଫ୍‌ସିର ସଭାପତି ଆଶିଷ ପଟ୍ଟନାୟକ, ଭବାନୀ ପ୍ରସାଦ ପଟ୍ଟନାୟକ, କେଦାର ପଟ୍ଟନାୟକ, ବିବେକାନନ୍ଦ ବାରିକ ପରିଚାଳନା କରିଥିଲେ।

# ଶତାୟୁ ଚାନ୍ଦମଣୀ ନାୟକଙ୍କ ପରଲୋକ



ବାଲକାଟି, ୨୭।୧୨(ସମିସ): ଶିକ୍ଷାବିତ ସ୍ୱର୍ଗତଃ ପଣ୍ଡିତ ଗୋପୀନାଥ ନାୟକଙ୍କ ଧର୍ମପତ୍ନୀ ଚାନ୍ଦମଣୀ ନାୟକଙ୍କ ୧୦୨ ବର୍ଷରେ ପରଲୋକ ହୋଇଛି। ଭୁବନେଶ୍ୱର ପଟିଆ ଶ୍ରୀବିହାରସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଖବରପାଇ ଉତ୍ତର-ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା, ପୂର୍ବତନ କର୍ପୋରେଟର ସଞ୍ଜୟ କୁମାର ସେଠି, ଶ୍ରୀ ବିହାର ସଭାପତି ସୁରେଶ ଚନ୍ଦ୍ର ମିଶ୍ର ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମଝିଆ ପୁଅ ଅଦ୍ୱୈତ ମୁଖାଗ୍ନି ଦେଇଥିଲେ।

# ବାର୍ଷିକ କଳା ଓ ନୃତ୍ୟ ସମାରୋହ 'ଅଭ୍ୟୁଦୟ'



ଭୁବନେଶ୍ୱର, ୨୭।୧୨(ସମିସ): ଆମ୍ନ ଫାଉଣ୍ଡେସନ ପକ୍ଷରୁ ବାର୍ଷିକ କଳା ଓ ନୃତ୍ୟ ସମାରୋହ 'ଅଭ୍ୟୁଦୟ' ଜୀବନବୀମା ନଗରଠାରେ ଆୟୋଜିତ ହୋଇଛି। ଏହି ସମାରୋହରେ ନୃତ୍ୟ ଓ କଳା କ୍ଷେତ୍ରରେ ଜାତୀୟତଥାଆନ୍ତର୍ଜାତୀୟସ୍ତରରେଖ୍ୟାତିଅର୍ଜନକରିଥିବାବ୍ୟକ୍ତିମାନେ ଯୋଗ ଦେଇଥିଲେ। ଫାଉଣ୍ଡେସନ ଆଜୀବନ ଟ୍ରଷ୍ଟି ମନୀଷା ମନସ୍ୱିନୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଭାସ୍କର ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଫାଉଣ୍ଡେସନ୍‌ର ମ୍ୟାନେଜିଙ୍ଗ ଟ୍ରଷ୍ଟି ସାରଦା ପ୍ରସାଦ ସାମନ୍ତରାୟ, କୋଷାଧ୍ୟକ୍ଷ ନିବେଦିତା ସାମନ୍ତରାୟ ଓ ଟ୍ରଷ୍ଟି ସୁଚିତ୍ରା ମହାନ୍ତି ଉପସ୍ଥିତ ଥିଲେ।

# ମାନସିଂହ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର, ୨୭।୧୨(ସମିସ): କବି ମାୟାଧର ମାନସିଂହଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା ନନ୍ଦଳାସ୍ଥିତ ମାନସିଂହ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଅଜୟ ସ୍ୱାଇଁ, ସାହିତ୍ୟିକ



ଦିଲ୍ଲୀପ କୁମାର ସ୍ୱାଇଁ ପ୍ରମୁଖ ମାନସିଂହଙ୍କ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ଅଧ୍ୟାପିକା ଡ. ସ୍ମୃତି ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ପଣ୍ଡା। ସଂସଦର ସଭାପତି ବିଷ୍ଣୁପ୍ରସାଦ ଦଳାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅନୁଷ୍ଠାନର ମୁଖପତ୍ର 'ଏଇ ସହକାର' ଉନ୍ମୋଚିତ ହୋଇଥିଲା।

ଏହି ଅବସରରେ ଗାଳ୍ପିକ ଅଜୟ ସ୍ୱାଇଁଙ୍କୁ ମାନସିଂହ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ମୋନାଲିସା ମିଶ୍ରଙ୍କୁ ମାନସିଂହ ଗଳ୍ପ ସମ୍ମାନ, ଡ. ରଜନୀ ରଣସିଂହଙ୍କୁ କବିତା ସମ୍ମାନ ଓ ଇଂ ସରୋଜ ମହାପାତ୍ରଙ୍କୁ ସହକାର ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଡ. ରମାକାନ୍ତ ନାୟକ ଓ ବାବୁଲା ନାୟକଙ୍କୁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ଡ. ତାପସ ଜେନା ଓ ଐଶ୍ୱର୍ଯ୍ୟା ପ୍ରଧାନଙ୍କୁ ଯୁବ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ଅନୁଷ୍ଠାନର ମୁଖପତ୍ର 'ଏଇ ସହକାର' ସହ ତୀରତରଙ୍ଗ ପ୍ରକାଶନ ପକ୍ଷରୁ ପ୍ରକାଶିତ ଲଳିତ କୁମାର ସ୍ୱାଇଁଙ୍କ କବିତା ସଂକଳନ 'ବତୁରା କାନି', ଗୋପୀନାଥ ଦାଶଙ୍କ 'ସାତପୁରୁଷର ଘର', ଇଂ ସମୀର ନାୟକଙ୍କ 'ଯାହା ରହିଗଲା', ବନବିହାରୀ ପଟ୍ଟନାୟକଙ୍କ 'ଜୀବନ ଯମୁନା', ପୂର୍ଣ୍ଣଚନ୍ଦ୍ର ଜେନାଙ୍କ 'ଜୟ ମୋ ମାଟି ମାଆ', ଡ. ତାପସ ଜେନାଙ୍କ ପ୍ରବନ୍ଧ ସଂକଳନ 'ଓଡ଼ିଆ ସାହିତ୍ୟରେ ଚିଲିକା' ଓ ଭାରତୀ ହୋତାଙ୍କ 'ନୀଳ ନିବିଡ଼ତା' ଆଦି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉପଲକ୍ଷେ ପୂର୍ବାହ୍ନରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ଗୋପୀନାଥ ଦାଶ, କୁଳମଣି ମେହେର ଓ ଗାୟତ୍ରୀ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭୂତି ହରିଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ଓ ଶିବାନୀ ଜେନା।

# ଜାତୀୟସ୍ତରୀୟ ବୟନ ଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ




ଭୁବନେଶ୍ୱର, ୨୭।୧୨(ସମିସ): 'ମାରୁତି ମିଡିଆ' ପକ୍ଷରୁ 'ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ' (ୟୁସିସିଆଇଏଲ୍) ସହଯୋଗରେ ୟୁନିଟ ୪ ସ୍ଥିତ ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ ପରିସରରେ ଦୁଇ ଦିନିଆ ଜାତୀୟସ୍ତରୀୟ ବୟନ ଶିଳ୍ପୋଦ୍ୟୋଗ ସମ୍ମିଳନୀ 'ଟେକ୍ସନୋଭା ଓଡ଼ିଶା' ଉଦ୍‌ଘାଟିତ ହୋଇଯାଇଛି। ୟୁସିସିଆଇଏଲର ପୂର୍ବତନ ସଭାପତି ଡକ୍ଟର ବ୍ରହ୍ମା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ତ୍ରିପୁରାର ପୂର୍ବତନ ମୁଖ୍ୟ ଶାସନ ସଚିବ ଡକ୍ଟର ସଞ୍ଜୟ ପଣ୍ଡା, ହରିଆନାର ଟେକନୋଲୋଜିକାଲ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ସଟାଇଲ୍ସର ନିର୍ଦ୍ଦେଶକ ଡକ୍ଟର ବିକେ ବେହେରା, ବୟନ ଶିଳ୍ପ ବିଶେଷଜ୍ଞ ପ୍ରିୟଙ୍କା ପ୍ରିୟଦର୍ଶିନୀ, ୟୁସିସିଆଇଏଲ କୋଷାଧ୍ୟକ୍ଷ ନାରାୟଣ କୁମାର ଯୋଗ ଦେଇଥିଲେ। ଆୟୋଜକ ମାରୁତି ମିଡିଆର ନିର୍ଦ୍ଦେଶକ ମନୋଜ ପୃଷ୍ଟି ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ସୁଶ୍ରୀ ଶ୍ରୀମୟୀ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଓଡ଼ିଶାର ପ୍ରଥମ ଟେକ୍ନୋଟେକ୍ସଟାଇଲ ଉଦ୍ୟୋଗ ସେଭ୍ରାଫିଲ୍ ର ଇ-କମର୍ସ ପ୍ଲାଟଫର୍ମ ଉନ୍ମୋଚିତ ହୋଇଥିଲା। ସେଭ୍ରାଫିଲର ପ୍ରତିଷ୍ଠାତା ମୁକେଶ ନାୟକ ଏହି ଅବସରରେ ନିଜର ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ୟୁସିସିଆଇଏଲ ଉପସଭାପତି ମୂରଲୀ ଜାମୁଲା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶାମୁହାଁ ୟୁପିର ଉଲ୍ ବେପାରୀ

# ଚାରିମାସର ବେପାର, ଛକ ଛକରେ ଆସର

■ ଦଳଦଳ ହୋଇ ଆସୁଛନ୍ତି, ଜିଲ୍ଲାକୁ ଜିଲ୍ଲା ବୁଲୁଛନ୍ତି

■ ଗୋଟିଏ ଟିମ୍‌ରେ ରହୁଛନ୍ତି ୧୨ ଜଣିଆ ସଦସ୍ୟ

ଭୁବନେଶ୍ୱର, ୨୭।୧୨(ସମିସ): ସହରରେ ଶୀତର ଲହରୀ ସାଙ୍ଗକୁ ଛକ ବଜାରରେ ଶୀତବସ୍ତ୍ରର ଆସର ଜମିଛି। କେବଳ ଓଡ଼ିଶା ନୁହଁ ବରଂ ରାଜ୍ୟ ବାହାରୁ ମଧ୍ୟ ବେପାରୀ ଆସି ଏଠାରେ ଶୀତବସ୍ତ୍ରର ବ୍ୟବସାୟ କରୁଛନ୍ତି। ସେହିଭଳି ପ୍ରତିବର୍ଷ ଶୀତ ସାଙ୍ଗକୁ ରାଜଧାନୀ ମୁହାଁ ହେଉଛନ୍ତି ଅନ୍ୟ ରାଜ୍ୟର ଉଲ ବେପାରୀ। ଭୁବନେଶ୍ୱରର ପ୍ରମୁଖ ଛକଗୁଡିକରେ ଏହି ବେପାରୀମାନେ ଆସର ଜମାଇଥିବା ଦେଖିବାକୁ ମିଳୁଛି। ସେ ପୁଣି ବିଭିନ୍ନ ବ୍ରାଣ୍ଡ ଓ ରଙ୍ଗବେରଙ୍ଗର ଉଲ ପରିଲକ୍ଷିତ ହେଉଛି।

ଶୀତର ଆଗମନ ସହ ରାଜଧାନୀରେ ଋତୁ ଅନୁଯାୟୀ ବ୍ୟବସାୟ କରୁଥିବା ବେପାରୀଙ୍କ ପରି ରାଜମହଲ ଛକ ନିକଟରେ ୟୁପିରୁ ଆସିଥିବା ଉଲ୍ ବ୍ୟବସାୟୀଙ୍କୁ ଦେଖିବାକୁ ମିଳୁଛି। ପ୍ରତିବର୍ଷ ଏହି ସମୟରେ ଉଲ୍ ବେପାରୀ ରାଜଧାନୀରେ ଆସି ମାସ ମାସଧରି ରହି ବେପାର କରିଥାନ୍ତି। ସ୍ୱେଟର, ସ୍କାର୍ଫ ଓ ଟୋପି ଆଦି ଏହି ଉଲରେ ପ୍ରସ୍ତୁତ ହୋଇଥାଏ। ତେଣୁ ଅନ୍ୟ ରାଜ୍ୟ ଅପେକ୍ଷା ଏଠାରେ ଉଲ ବେପାର ହେଉଥିବାରୁ ବାହାର ବ୍ୟବସାୟୀମାନେ ମିଳିତ ଭାବେ ଓଡ଼ିଶା ଆସନ୍ତି। ସେମାନେ ପ୍ରାୟତଃ ଦୀପାବଳି ସମୟରେ ଆସି ଫେବୃଆରୀ ଶେଷ ସପ୍ତାହ ପର୍ଯ୍ୟନ୍ତ ରହିଥାନ୍ତି।

ଏନେଇ ୟୁପିର ଜଣେ ଉଲ ବେପାରୀ ଅଶୋକ ସିଂ କୁହନ୍ତି, ତାଙ୍କ ସହ ୧୦ରୁ ୧୨ ଜଣ ବେପାରୀ ଓଡ଼ିଶା ଆସନ୍ତି। ସେଥିମଧ୍ୟରୁ କିଛି କୋରାପୁଟ, ଢେଙ୍କାନାଳ, କେଉଁଝର, ମୟୂରଭଞ୍ଜ ଆଦି ସ୍ଥାନକୁ ଚାଲି ଯାଇଥାନ୍ତି। ହେଲେ ଅନ୍ୟସ୍ଥାନ ଅପେକ୍ଷା ଢେଙ୍କାନାଳ ଏବଂ କୋରାପୁଟ୍‌ରେ ତାଙ୍କ ବିକ୍ରି ଭଲ ହୁଏ। ଯେଉଁମାନେ ଭୁବନେଶ୍ୱରରେ ରହି ବେପାର କରନ୍ତି ସେମାନେ ୪ ମାସ ପାଇଁ ଷ୍ଟେସନ ନିକଟରେ ଭଡାରେ ଗୋଟେ ଘର ନେଇ ରୁହନ୍ତି ଏବଂ ବେପାର ସରିଲେ ପୁଣି ଚାଲିଯାନ୍ତି। ସେହିଭଳି ଅନ୍ୟ ଜିଲ୍ଲାକୁ ଯାଇଥିବା ବେପାରୀମାନେ ମଧ୍ୟ ଆଖପାଖ ଅଞ୍ଚଳରେ ରୁମ ଭଡାନେଇ ରୁହନ୍ତି। ଏହା କେବଳ ଋତୁ ଅନୁଯାୟୀ ବେପାର ହୋଇଥିବାରୁ ଅନ୍ୟ ସମୟରେ ନିଜ ଗାଁକୁ ଯାଇ ବିଲ ବାଡିରେ କାମ କରନ୍ତି। ଯେଉଁ ଉଲ ସବୁ ସାଙ୍ଗରେ ଧରି ବ୍ୟବସାୟ କରନ୍ତି, ସେସବୁ ଲୁଧିଆନା, କାନପୁର ଦିଲ୍ଲୀ ଏବଂ ଜମ୍ମୁରୁ ଆଣନ୍ତି। ଯେଉଁଥିରେ ଲାଲଇମଲି, କାଶ୍ମିରୀ, ବରଦ୍ୱା, ଜେଡି, ହେଦ୍‌ର, ଇନିୟୁ ଆଦି ୧୦ରୁ ଅଧିକ ଭେରାଇଟି ଥାଏ। ଏହିସବୁର ମୂଲ୍ୟ ୫୦ରୁ ଆରମ୍ଭ ହୋଇ ବଣ୍ଡଲ ପିଛା ୨ ଶହ ପର୍ଯ୍ୟନ୍ତ ରହିଛି। ଚଳିତବର୍ଷ ଭଲ ଶୀତ ଥିବାରୁ ଗତ ବର୍ଷ ଅପେକ୍ଷା ଭଲ ବେପାର ଆଶାରେ ରହିଛିନ୍ତି। ତାଙ୍କ କହିବା ଅନୁଯାୟୀ ଯେତିକି ଆୟ ହୁଏ ଏଠାରେ ରହିବା ଖାଇବାର ଖର୍ଚ୍ଚ ଉଠିଯାଏ। କିଛି ବର୍ଷ ହେବ ବେପାର କମଥିବାରୁ ଆଗ ଅପେକ୍ଷା ବେପାରୀଙ୍କ ସଂଖ୍ୟା ଏଥର କମିଛି ବୋଲି କହିଥିଲେ।



# ବିଜୁ ଜନତା ଦଳର ଜିଲ୍ଲା ନୂତନ କମିଟି ଗଠିତ

**ଝାରସୁଗୁଡ଼ା, ୨୭।୧୨(ସମିସ):** ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ପାଇଁ ନୂତନ ଜିଲ୍ଲା କମିଟି ଘୋଷଣା କରାଯାଇଛି। ଦଳର ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କ ତରଫରୁ ଏହି କମିଟିରେ ୨୭ ଜଣ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତ କରାଯାଇଛି। ପୂର୍ବରୁ ଜିଲ୍ଲା ସଭାପତି ହରିଶ ଗଣତ୍ରା ରହିଥିବା ବେଳେ ଶବିବାର ଉପସଭାପତି ଭାବେ ଜଗନ୍ନାଥ ଜେନା, ଅଶୋକ ଦାଶ, ରଘୁମଣି ପଟେଲ, ବିଶ୍ୱନାଥ ନାୟକ, କୁଳମଣି ଦାସ, ଗୌତମ ପ୍ରଧାନ, ନନ୍ଦ କିଶୋର ଅଗ୍ରୱାଲଙ୍କୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦର ଗୁରୁଦାୟିତ୍ୱ ପାଇଁ ରଘୁନନ୍ଦନ ପାଢ଼ୀ (ପିଣ୍ଟୁ ପାଢ଼ୀ), ଲକ୍ଷ୍ମଣ ସାହୁ, ପୱନ ସିଂହ ଯାଦବ, ସନ୍ତୋଷ ମହାନ୍ତି ପ୍ରମୁଖଙ୍କୁ ମନୋନୀତ କରାଯାଇଛି। କୋଷାଧ୍ୟକ୍ଷ ଭାବେ ଭବାନୀ ସାଙ୍କୁ ମନୋନୀତ କରାଯାଇଛି। ଏହା ସହିତ ସମ୍ପାଦକ ଭାବେ ସରୋଜ ନାଏକ, କୃଷ୍ଣଚନ୍ଦ୍ର ପ୍ରଧାନ, ଅଶୋକ ମାଝୀ, ବାସୁଦେବ ଭଏଁଷା, ନିର୍ମଳ ସାହୁ, ବନମାଳୀ ଖର୍ସେଲ, ହିତେଶ ଠକ୍କର, ବୀର ମହାପାତ୍ର, ତୁଳେଶ୍ୱର ପଟେଲ, ଟିକେଶ୍ୱର ସେନାପତି, ଦେବୀପ୍ରସାଦ ମିଶ୍ର, ରବିରତ୍ନ ପଧାନ, ମଧୁସୂଦନ ସିଂହ, ରାଜେନ୍ଦ୍ର ପ୍ରସାଦ ସାହୁ, ପ୍ରମୋଦ ଗର୍ତିଆଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ତେବେ ସମସ୍ତ ମନୋନୀତ କର୍ମକର୍ତ୍ତା ମାନେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରୁ ଆହୁରି ମଜବୁତ କରିବା ନେଇ ନୂତନ କମିଟି ପକ୍ଷରୁ କାର୍ଯ୍ୟକରାଯିବା ନେଇ ଦଳ ପକ୍ଷରୁ କୁହାଯାଇଛି।

**ଦେବଗଡ଼:** ବିଜୁ ଜନତା ଦଳ ଦେବଗଡ଼ ଜିଲ୍ଲା ସଂଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶନିବାର ଜିଲ୍ଲା ସଂଗଠନର ନୂତନ କର୍ମକର୍ତ୍ତାଙ୍କ ନାମକୁ ଦଳ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିବା ଜଣାପଡ଼ିଛି। ଏଥିରେ ବିଜେଡି ଜିଲ୍ଲା ଉପସଭାପତି ଭାବେ ୪ ଜଣ, ସାଧାରଣ ସମ୍ପାଦକ ଭାବେ ୪ ଜଣ, କୋଷାଧ୍ୟକ୍ଷ ଭାବେ ଜଣେ ରହିଥିବା ବେଳେ ୮ ଜଣଙ୍କୁ ସମ୍ପାଦକ ପଦବୀରେ ଅବସ୍ଥାପିତ କରାଯାଇଛି। ସେମାନଙ୍କ ମଧ୍ୟରେ ଉପ ସଭାପତି ପଦବୀରେ ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଦେବଗଡ଼ ପୌରାଞ୍ଚଳର ମନୋଜ ପ୍ରଧାନ, ତିଳେଇବଣି ବ୍ଲକର ନଗେନ ପଣ୍ଡା ଓ ବାରକୋଟ ବ୍ଲକର ସଞ୍ଜୀବ ଶତପଥୀଙ୍କୁ ଅବସ୍ଥାପିତ କରାଯାଇଛି। ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ତିଳେଇବଣି ଜୋନ ଜିଲ୍ଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ଦେବଗଡ଼ ପୌରାଞ୍ଚଳର ସମୀର ପ୍ରଧାନ ଓ ବାରକୋଟ ବ୍ଲକର ରାଜକିଶୋର ସାହୁଙ୍କୁ ସାଧାରଣ ସମ୍ପାଦକ, ଦେବଗଡ଼ ପୌରାଞ୍ଚଳର ମାନସ ପ୍ରଧାନଙ୍କୁ କୋଷାଧ୍ୟକ୍ଷ ପଦବୀ ମିଳିଥିବା ବେଳେ ବାରକୋଟ ବ୍ଲକର ଦୀକ୍ଷିତ ନାୟକ, ପ୍ରକାଶ ପ୍ରଧାନ ଓ ଲଳିତ ପାଳ, ତିଳେଇବଣି ବ୍ଲକର ରଞ୍ଜନ ବିଶ୍ୱାଳ ଓ ଶ୍ରୀବସ୍ତ ପ୍ରଧାନ, ଦେବଗଡ଼ ପୌରାଞ୍ଚଳର ପ୍ରଶାନ୍ତ ଭଞ୍ଜ ଓ ଭୁବନେଶ୍ୱରୀ ଗଙ୍ଗଦେବ ଏବଂ ରିଆମାଳ ବ୍ଲକର ତରଣୀସେନ ପ୍ରଧାନଙ୍କୁ ଜିଲ୍ଲା ସମ୍ପାଦକ ଭାବେ ଦଳ ପକ୍ଷରୁ ନିଯୁକ୍ତି ମିଳିଥିବା ଜଣା ପଡ଼ିଛି।

# ସେବା ସମବାୟ ସମିତିର ପରିଚାଳନା ପରିଷଦକୁ ନିଲମ୍ବନ ଘଟଣାକୁ ନେଇ ସାମ୍ବାଦିକ ସମ୍ମିଳନୀ

**ଝାରସୁଗୁଡ଼ା, ୨୭।୧୨(ସମିସ)**

ଚାରପାଲି ସେବା ସମବାୟ ସମିତି ପରିଚାଳନା ପରିଷଦକୁ ନିଲମ୍ବନ ଘଟଣାକୁ ନେଇ ସଭାପତି ଓ ସଦସ୍ୟଙ୍କ ପକ୍ଷରୁ ଝାରସୁଗୁଡ଼ାର ଏକ ଘରୋଇ ହୋଟେଲ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ଚାରପାଲି ସେବା ସମବାୟ ସମିତି ଉପାନ୍ତ ୧୯ ଖଣ୍ଡ ଅଞ୍ଚଳର ଚାଷୀଙ୍କ ଉନ୍ନତି ପାଇଁ ସବୁବେଳେ ଚେଷ୍ଟା କରି ଆସୁଛି। ୨୦୨୨ ମସିହାରୁ ସମିତିର ନିର୍ବାଚିତ ପରିଚାଳନା ପରିଷଦ ଅହରହ ଚାଷୀଙ୍କୁ ଠିକ ସମୟରେ ଋଣ ଓ ସାର ଯୋଗାଇଦେବା ସହ ଚାଷୀଙ୍କ ଧାନ ସୁରୁଖୁରୁରେ ବିକ୍ରି କରିବାରେ ସାହାଯ୍ୟ କରିବାରେ କେବେ କୌଣସି ଅବହେଳା କରିନାହିଁ। ଗତ ରବି ଧାନ ବିକ୍ରି ସମୟରେ ଚାଷୀଙ୍କ ପାଖରେ ଟୋକନ ଥାଇ ମଧ୍ୟ ଠିକ ସମୟରେ ଧାନର ଟାର୍ଗେଟ ନ ଆସିବା ଯୋଗୁଁ ଧାନ ବିକ୍ରି ପାଇଁ ଅନେକ ସମସ୍ୟା ସୃଷ୍ଟି ହେଉଥିଲା। ସେଥିପାଇଁ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବା ସଭାପତି ପ୍ରଦୀପ ବିଶ୍ୱାଳ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଥିଲେ। ମାତ୍ର କାହାରି ନିକଟରୁ ସହାୟତାର ନିର୍ଭର ପ୍ରତିଶ୍ରୁତି ନ ପାଇବାରୁ ସମବାୟ ସମିତି ସମୂହ ମାଧ୍ୟମରେ ପ୍ରେସବାର୍ତ୍ତା ଜାରିକରି ସରକାରଙ୍କୁ ଧାନ ବିକ୍ରି ପାଇଁ ଗୁହାରି କରିଥିଲେ। ରାଜ୍ୟରେ ମନମୁଖୀ ତୋଗଲକି ସରକାର ଚାଲିଥିବା ଓ ରାଜ୍ୟସ୍ୱ ମନ୍ତ୍ରୀଙ୍କ ନିଜସ୍ୱ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଚାଷୀଙ୍କ ସମସ୍ୟା ବେଳେ ଛିଡା ନହୋଇ ଧୃତରାଷ୍ଟ୍ର ସାଜିଥିବା ଅଭିଯୋଗ କରିଥିଲେ। ବୋଧହୁଏ ଏହାକୁ ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅପମାନ ମନେକରିଥିଲେ।



ପରେ ନିଜର କିଛି ସମର୍ଥକଙ୍କ ମାଧ୍ୟମରେ ସଭାପତିଙ୍କ ନାମରେ ଏକ ମିଥ୍ୟା ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରାଇଥିଲେ। ଗତ ୭ ଜୁଲାଇରେ ଏକ କମିଟି ଗଠନକରି ସଭାପତିଙ୍କ ବିରୁଦ୍ଧରେ ତଦନ୍ତ କରାଇଥିବା ସମିତିର ସଭାପତି ଓ ସଦସ୍ୟ ସଦସ୍ୟା ବୃନ୍ଦ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ମାତ୍ର ସମବାୟ ସମିତି ସଭାପତି ଓ ପରିଚାଳନା ପରିଷଦକୁ କିଛି ନ ଜଣାଇ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ଦାଖଲ ମଧ୍ୟ କରିଥିଲେ। ପୁଣିଥରେ ଗତ ୨ ତାରିଖରେ ଆଉ ଏକ ଦୁଇ ଜଣିଆ କମିଟି ମାଧ୍ୟମରେ ତଦନ୍ତ କରିବା ବାହାନାରେ କୌଣସି ତଥ୍ୟ ସଂଗ୍ରହ ନ କରି ଡିସେମ୍ବର ୨୪ ତାରିଖରେ ପରିଚାଳନା ପରିଷଦକୁ ନିଲମ୍ବନ କରିବା ଦୁର୍ଭାଗ୍ୟଜନକ ଅଟେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ବର୍ତ୍ତମାନ ଧାନ ବିକ୍ରି ସମୟରେ ଚାଷୀଙ୍କ ପାଖରେ ଠିକ ସମୟରେ ଟୋକନ ପହଞ୍ଚି ନ ପାରିବା, ଜମି ତୁଳନାରେ ବହୁତ କମ ଟୋକନ ଆସିବା ଏବଂ ଧାନ ବିକ୍ରିରେ ଅବ୍ୟବସ୍ଥା, ୫/୬ କିଗ୍ରା କଟଣି ଛଟଣିକୁ ନେଇ ଚାଷୀ ଦ୍ୱନ୍ଦ୍ୱରେ ରହିଛନ୍ତି। ଏତିକି ବେଳେ ପରିଚାଳନା ପରିଷଦକୁ ନିଲମ୍ବନ କରିବା ଆଦେଶରେ ଚାଷୀଙ୍କ ଅନ୍ୟ ଏକ ଚିନ୍ତାର କାରଣ ହୋଇଛି। ଜିଲ୍ଲା ପ୍ରଶାସନର ଏ ଅଞ୍ଚଳର ଚାଷୀଙ୍କ ପ୍ରତି ଏକ ଉପହାସ ଛଡା ଅନ୍ୟ କିଛି ନୁହେଁ। ଧାନ ବିକ୍ରି ସମସ୍ୟାକୁ ସଠିକ ଭାବେ ପରିଚାଳନା କରିପାରୁ ନଥିବା ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ବିଭିନ୍ନ ଉପାୟରେ ଚାଷୀଙ୍କୁ ହଇରାଣ କରୁଥିବା ନେଇ ଅଭିଯୋଗ ହେଉଛି। ଆଗାମୀ ଦିନରେ ଚାଷୀ ଏହାର କଡା ଜବାବ ଦେବେ ବୋଲି ନିଲମ୍ବିତ ଚାରପାଲି ସେବା ସମବାୟ ସମିତିର ପରିଚାଳନା ପରିଷଦର ସଦସ୍ୟଙ୍କ ତରଫରୁ କୁହାଯାଇଛି।

**କାରଣ ନ ଦର୍ଶାଇ ନିଲମ୍ବନ**

**ଚାଷୀ ସମସ୍ୟା ନେଇ ସରକାରଙ୍କୁ ସମାଲୋଚନା କରିଥିଲା ପରିଚାଳନା ପରିଷଦ**

# ଡୁନ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଝାରସୁଗୁଡ଼ା, ୨୭।୧୨ (ସମିସ):** ଝାରସୁଗୁଡ଼ା ବଡମାଲ ଠାରେ ଥିବା ଡୁନ ପବ୍ଲିକ ସ୍କୁଲରେ ୧୩ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ୨ୟ ଓଏସ୍ଏପିର ଦୁର୍ଗପତି ଶ୍ରୀତମାଙ୍ଗ ପ୍ରସାଦ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ପତାକାକୁ ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ସମ୍ମାନୀୟ ଅତିଥି ଭାବେ ହକି ଆସୋସିଏସନ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ସଫଳ କ୍ରୀଡ଼ା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଡୁନ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ନିର୍ମଳ ସିଂ ବାର୍ଷିକ କ୍ରୀଡା ବିବରଣୀର ସୂଚନା ଦେଇଥିଲେ। ସ୍କୁଲର ନିର୍ଦ୍ଦେଶକ ଅନିଲ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗରେ ୩୪ଟି ବିଭାଗରେ ୩୦୦ରୁ ଉର୍ଦ୍ଧ୍ୱ ବାଳକ, ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖେଳ ପରିଚାଳନାରେ ଘନଶ୍ୟାମ ମେହେର, ଅଲିଭା କୁଅଁର ପ୍ରମୁଖ ପରିଚାଳନାରେ ସାହାଯ୍ୟ କରିଥିଲେ।




# ଓଡ଼ିଶା ମେଟାଲିକ୍ସ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା

**ଝାରସୁଗୁଡ଼ା, ୨୭।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ମରାକୁଟା ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ମରାକୁଟା ସ୍ଥିତ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଉରକେଲା ସ୍ଥିତ ଜେପି ହସ୍ପିଟାଲରେ ବିଶେଷଜ୍ଞ ଡାକ୍ତର ଓ କର୍ମଚାରୀ ପରୀକ୍ଷା ଉପକରଣ ସହିତ ଜନସାଧାରଣଙ୍କ ନିଶୁଳ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଆୟୋଜିତ ପରୀକ୍ଷା ଶିବିରରେ ଓଡ଼ିଶା ମେଟାଲିକ୍ସ କମ୍ପାନୀର ଅପରେସନ ସଭାପତି ସୁମିତ ପାଳ, ସ୍ଥାନୀୟ ମରାକୁଟା ସରପଞ୍ଚ ଲିଲି ତନ୍ତି, ସାମାଜିକକର୍ମୀ ମହେନ୍ଦ୍ର ଗୁରୁଙ୍କ ସମେତ କାରଖାନାର ଅନେକ କର୍ମଚାରୀ ତଥା ଅନେକ ସ୍ଥାନୀୟ ଜନସାଧାରଣ ନିଜର ପରୀକ୍ଷା କରାଇଥିଲେ।

# ଗ୍ରାହକଙ୍କ ଅଭିଯୋଗ ସମାଧାନ ନକଲେ ଟେଲିକମ୍ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ: ଟ୍ରାଇ

**ଝାରସୁଗୁଡ଼ା, ୨୭।୧୨(ସମିସ):** ଭାରତ ସରକାରଙ୍କ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ସହଯୋଗରେ ଉପଭୋକ୍ତା ଓକିଲାତି ସଂଘ 'ବାର୍ଡ' (ବିଆଇଆରଡି) ପକ୍ଷରୁ ବିଞ୍ଝାପଲ୍ଲୀ ସ୍ଥିତ ମହିମା ସ୍ନାତକ ମହାବିଦ୍ୟାଳୟଠାରେ ଏକ 'ଟେଲିକମ୍ ଅଭିଯୋଗ ସମାଧାନ ଓ ସାଇବର ନିରାପତ୍ତା ସଚେତନତା କର୍ମଶାଳା' ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ବ୍ରଜରାଜନଗର ଉପଖଣ୍ଡ ଏସ୍‌ପି ଚିନ୍ତାମଣି ପ୍ରଧାନ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରମଣୀ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସିଏଜି 'ବାର୍ଡ'ର ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ଲଖନପୁର ଅତିରିକ୍ତ ତହସିଲଦାର କୁଳମଣି ଦଳାଇ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଭାରତରେ ସାଇବର ଅପରାଧ ଯୋଗୁଁ ବାର୍ଷିକ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା କ୍ଷତି ହେଉଛି, ଏହା ଦେଶର ଜିଡିପିର ପ୍ରାୟ ୦.୭ ପ୍ରତିଶତ। ତେଣୁ ଦେଶର ଅର୍ଥନୈତିକ ପ୍ରଗତିରେ ଏହା ଏକ ବଡ ବାଧକ। ବିଦେଶୀ ଆପ୍ ମାଧ୍ୟମରେ ପ୍ରତି ମିନିଟରେ ଗ୍ରାହକମାନେ ଠକାମିର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସାଇବର ଥାନା ଅଧିକାରୀ ଅଜଣା ଲିଙ୍କ୍, ଫେକ୍ ୱେବସାଇଟ୍ ଏବଂ ସନ୍ଦେହଜନକ ମେସେଜ୍ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଓଟିପି କାହାରିକୁ ସେୟାର ନକରିବାକୁ ଦୃଢ଼ ଭାବେ ଚେତାଇ ଦେଇଥିଲେ। ଶିକ୍ଷାବିତ୍ ସୁଦାମ ଡାକୁଆ ଟ୍ରାଇ ପ୍ରଦତ୍ତ ବିଭିନ୍ନ ଆପ୍ ଯଥା: (ଡିଏନ୍‌ଡି), ମାଇ ସ୍ପିଡ୍, ସଞ୍ଚାର ସାଥୀ, ଚକ୍ଷୁ ଆପ୍ ଏବଂ ସାଇବର ହେଲ୍ପଲାଇନ ନମ୍ବର ୧୯୩୦ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳ, ବିଶେଷ କରି ଲଖନପୁର ବ୍ଲକର ପ୍ରାୟ ୩୭୨ଟି ଗାଁରେ ଟେଲିକମ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଯେପରିକି ୩୦ ଦିନ ବଦଳରେ ୨୮ ଦିନର ବୈଧତା ଏବଂ ବର୍ଦ୍ଧିତ ରିଚାର୍ଜ ପ୍ଲାନକୁ ସଂଶୋଧନ କରାଯାଉ। ଅଭିଯୋଗ ପ୍ରକ୍ରିୟାକୁ ଓଡ଼ିଆ ଭାଷାରେ ସହଜ ଓ ସୁଗମ କରାଯାଉ। ଗ୍ରାମାଞ୍ଚଳରେ ନେଟୱର୍କ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ। ସିଏଜି ପ୍ରକାଶ ଚନ୍ଦ୍ର ସାହୁ ସୂଚନା ଦେଇଥିଲେ ଯେ, ଯଦି କୌଣସି ଟେଲିକମ୍ କମ୍ପାନୀ ଟ୍ରାଇର ନିୟମ ଉଲ୍ଲଂଘନ କରନ୍ତି କିମ୍ବା ଗ୍ରାହକ ସେବାରେ ଅବହେଳା କରନ୍ତି, ତେବେ ସେମାନଙ୍କ ଉପରେ ମୋଟା ଅଙ୍କର ଅର୍ଥଦଣ୍ଡ ସହ ସେବା ନିଷେଧାଦେଶ ମଧ୍ୟ ଜାରି କରାଯାଇପାରେ। କର୍ମଶାଳାରେ ବିଏସଏନଏଲ, ଏୟାରଟେଲ ଏବଂ ଜିଓର କ୍ଷେତ୍ର ଅଧିକାରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷା ବିଭାଗ ପ୍ରମୁଖ ସୁବ୍ରତ ବଡ଼ାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡିଆ ବିଭାଗ ମୁଖ୍ୟ ବିରଞ୍ଚି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ତେନ୍ତୁଲାବାହାଲ ବ୍ରାହ୍ମଣ ସମାଜର ବୈଠକ

**ରିଆମାଳ, ୨୭।୧୨(ସମିସ):** ରିଆମାଳ ବ୍ଲକ ତେନ୍ତୁଲାବାହାଲ ବ୍ରାହ୍ମଣ ସମାଜର ତ୍ରୈମାସିକ ବୈଠକ ରେଙ୍ଗାଲବେଡା ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ବିରଞ୍ଚି ନାରାୟଣ ମହାପାତ୍ର, ସମ୍ପାଦକ ସୁଶାନ୍ତ ଦ୍ୱିବେଦୀ ପରିଚାଳନା କରିଥିଲେ। ବାମଣ୍ଡା ବ୍ରାହ୍ମଣ ସମାଜ ସଭାପତି ଅଶୋକ ମିଶ୍ର, ସମ୍ପାଦକ ଗୌରହରି ଷଡଙ୍ଗୀ, ଅଖିଳ ବ୍ରାହ୍ମଣ ସମାଜର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସମାଜସେବୀ ରାମଚନ୍ଦ୍ର ମହାପାତ୍ର ଯୋଗ ଦେଇ ସମାଜକୁ ଏକତ୍ରୀତ, କର୍ତ୍ତବ୍ୟ, ସଙ୍ଗଠନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପର୍ଶୁରାମ ବାହିନୀ ସଭାପତି ପ୍ରକାଶ ଆଚାର୍ଯ୍ୟ, ଅକ୍ଷୟ ନନ୍ଦକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ବୈଠକରେ ପୂର୍ବତନ ସଭାପତି ପଦ୍ମଲୋଚନ ଶତପଥୀ, ପୁରୁଷୋତ୍ତମ ପଣ୍ଡା, ଘନଶ୍ୟାମ ଆଚାର୍ଯ୍ୟ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ା ଡିଏଭିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଝାରସୁଗୁଡ଼ା, ୨୭।୧୨ (ସମିସ):** ଝାରସୁଗୁଡ଼ା ଡିଏଭି ସ୍କୁଲ ପକ୍ଷରୁ ୨୬ ଓ ୨୭ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାର ଉଦ୍‌ଘାଟନୀ ତଥା ପ୍ରଥମ ଦିବସରେ ଝାରସୁଗୁଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ସାଧାରଣ) ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୁସ୍ତକ ସହ ଖେଳ କସରତ ଆବଶ୍ୟକ ବୋଲି ସେ କହିଥିଲେ। ଓଡ଼ିଶା ଅଲମ୍ପିକ ଆସୋସିଏସନର ଉପସଭାପତି ତଥା ସମିତି ସଭ୍ୟ ତାପସରାୟ ଚୌଧୁରୀ, ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ସାହୁ ଓ ବିଶ୍ୱନାଥ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶନିବାର ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଷ୍ଟେଟ ହକି ଫେଡେରେସନର ଉପସଭାପତି ଜୀବନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସମିତି ସଭ୍ୟ ନରେନ୍ଦ୍ର ପଣ୍ଡା, ଶୁଭେଚ୍ଛୁ ସମାଜସେବୀ ତଥା ସରବାହାଲ ସରସ୍ୱତୀ ଶିଶୁ ମନ୍ଦିରର ସଂସ୍ଥାପକ ସୁବ୍ରତ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ସୁବାସ ମିଶ୍ର, ପ୍ରାକ୍ତନ ଶିକ୍ଷକ ଏମଭିଏଲଏନ ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ବିଜୟ ଦାଶ ଓ ପୁନମ ଦ୍ୱିଦିବସୀୟ ଖେଳର ସଂଯୋଜନା କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ବିଭିନ୍ନ ଇଭେଣ୍ଟରେ ଉତ୍ସାହର ସହିତ ଭାଗ ନେଇଥିଲେ। ଏସବୁ ମଧ୍ୟରେ ଏକ 'ହେଲଦି ଫୁଡ ଫେଷ୍ଟିଭାଲ' ସାଙ୍ଗକୁ ମନୋରଞ୍ଜନଧର୍ମୀ ଖେଳଗୁଡିକର ଆୟୋଜନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପଦକ ସହ ପୁରସ୍କୃତ କରାଯାଇଥିଲା। ଡ.ମଞ୍ଜୁଶ୍ରୀ ବେଦୁଲା, ଅଞ୍ଜଳି ବାଲସୁବ୍ରମନ୍ୟନ, ଅଲେଖ ବିହାରୀ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।




# ବନ୍ଧବାହାଲ ଧନୁଯାତ୍ରା ପାଇଁ ଶାନ୍ତି କମିଟି ବୈଠକ

**ଇବଥର୍ମାଲ, ୨୭।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ଠାରେ ଆସନ୍ତା ୨୮ ତାରିଖରୁ ସପ୍ତାହେ ବ୍ୟାପି ପ୍ରସିଦ୍ଧ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବାକୁ ଯାଉଛି। ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ପାଳିତ କରାଯିବା ନେଇ ସ୍ଥାନୀୟ ପୁଲିସ ପକ୍ଷରୁ ଧନୁଯାତ୍ରା କମିଟି, ଏମସିଏଲ ଲଖନପୁର, ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ଅଞ୍ଚଳବାସୀଙ୍କୁ ନେଇ ସନ୍ଧ୍ୟାରେ ବନ୍ଧବାହାଲ ଫାଣ୍ଡି ଠାରେ ଶାନ୍ତି ବୈଠକ ଆଜି ସନ୍ଧ୍ୟା ୭ ଟାରେ ଅନୁଷ୍ଠିତ ହୋଇଯାଇଛି। ବନହରପାଲି ଥାନା ଅଧିକାରୀ ରଞ୍ଜିତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏମସିଏଲ ପକ୍ଷରୁ ମହୋତ୍ସବର ୭ ଦିନ ଆମ୍ବୁଲାନ୍ସ ସେବା ସହିତ ଡାକ୍ତରୀ ଷ୍ଟାଫ, ପ୍ରାଥମିକ ଚିକିତ୍ସା ସାମଗ୍ରୀ, ଅସ୍ଥାୟୀ ଶୌଚାଳୟ, ବ୍ଲିଚିଂ ପାଉଡର, ପାନୀୟ ଜଳ ଯୋଗାଣ, ଧନୁଯାତ୍ରା ପଡ଼ିଆକୁ ଦୈନିକ ସଫାସୁତୁରା ସହ ପାଣି ସିଞ୍ଚନ, କାଳୀନ୍ଦ୍ରି ହ୍ରଦ ତଥା ଯମୁନା ବନ୍ଧର ସଫେଇ, ଷ୍ଟ୍ରିଟ ଲାଇଟ ଓ ସୁରକ୍ଷା କର୍ମୀ ମୁତୟନ ନିମନ୍ତେ ଏମସିଏଲରୁ ପ୍ରତିନିଧିତ୍ୱ କରିଥିବା ଅଧିକାରୀଙ୍କୁ କୁହାଯାଇଛି। ପୁଲିସ ପକ୍ଷରୁ ବନ୍ଧବାହାଲରୁ ଇବଥର୍ମାଲ ପର୍ଯ୍ୟନ୍ତ ସଂଧ୍ୟା ସମୟରେ ପାଟ୍ରୋଲିଂର କଡା ବ୍ୟବସ୍ଥା, ଗାଡି ମଟରର ପାର୍କିଂ, ସଂଧ୍ୟା ୪ରୁ ରାତ୍ର ୧୧ ପର୍ଯ୍ୟନ୍ତ ବନ୍ଧବାହାଲ ମୁଖ୍ୟ ରାସ୍ତାରେ ଭାରୀଯାନକୁ ନୋଏଣ୍ଟ୍ରି ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବନ୍ଧବାହାଲ ଫାଣ୍ଡି ଅଧିକାରୀ ଗଣେଶ କଲେତ, ଇବଥର୍ମାଲ ବନହରପାଲିର ଅଗ୍ନିଶମ ଅଧିକାରୀ ପ୍ରଭାକର ପଧାନ, ଏମସିଏଲ ଲଖନପୁର ପକ୍ଷରୁ, ଡ.ଅଙ୍କିତ ଶର୍ମା, ଭୋଜରାଜ ପ୍ରଧାନ, ଧନୁଯାତ୍ରା କମିଟିର ସଭାପତି ବେଣୁଧର ସିଂହ, ସଞ୍ଜୟ ସିଂହ, କୃଷ୍ଣଚନ୍ଦ୍ର ସିଂହ, ଶୌକି ପଧାନ, ବିରଞ୍ଚି ପଧାନ, ସାଲେଗ୍ରାମ ନାଏକ ପ୍ରମୁଖ ଅନେକ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଗରିବ ପାଇଁ ଆୟୁଷ୍ମାନ କାର୍ଡ ମରୀଚିକା

**ଦେବଗଡ଼, ୨୭।୧୨(ସମିସ)**

ଦେବଗଡ଼ ଜିଲ୍ଲାରେ ଆୟୁଷ୍ମାନ କାର୍ଡରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଗରିବଙ୍କ ପାଇଁ ମରୀଚିକା ସାଜିଛି। କାର୍ଡରେ ଚିକିତ୍ସା ସେବା ଯୋଗାଇବାକୁ ଚୁକ୍ତି ବଦ୍ଧ ହୋଇଥିଲେ ମଧ୍ୟ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଘରୋଇ ଡାକ୍ତରଖାନା ପଛଘୁଞ୍ଚା ଦେଉଥିବା ଦେଖା ଦେଉଛି। ଫଳରେ ଜଣେ ଗରିବ ନିଃସହାୟ ବୃଦ୍ଧ ଅର୍ଥଭାବ କାରଣରୁ ଚିକିତ୍ସାରୁ ବଞ୍ଚିତ ହୋଇ ଦୀର୍ଘ ୩ ମାସରୁ ଭଙ୍ଗା ଗୋଡରେ ଘରେ ପଡ଼ି ରହିଥିବା ଜଣାପଡ଼ିଛି।

ବାରକୋଟ ବ୍ଲକ ବମ୍ପରଡା ଗାଁର ୬୦ ବର୍ଷୀୟ ବୃଦ୍ଧ ଅଇଁଠୁ ସାହୁ ଗତ ଅକ୍ଟୋବର ୨ରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ପ୍ରଥମେ ନିକଟସ୍ଥ ପାଲଲହଡା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସେଠାରୁ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଦୁଇ ଗୋଡ ଭାଙ୍ଗିଥିବା ଜଣା ପଡ଼ିଥିଲା। ଅଇଁଠୁ ସେଠାରେ କିଛି ଦିନ ରହି ଚିକିତ୍ସିତ ହେବାପରେ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ପଠାଇଥିଲେ। ମାତ୍ର ତାଙ୍କ ପାଖରେ ଅର୍ଥ ନ ଥିବାରୁ ଅର୍ଦ୍ଧ ଚିକିତ୍ସିତ ହୋଇ ନିଜ ଘରେ ଭଙ୍ଗା ଗୋଡରେ ପଡ଼ିରହିଲେ। ପରେ କିଛି ଦିନ ପୂର୍ବେ ସ୍ଥାନୀୟ ଯୁବକଙ୍କ ସହାୟତାରେ ବାରକୋଟ ବ୍ଲକ ଅଧୀନ କଣ୍ଢେଇ ସ୍ଥିତ ଘରୋଇ ନର୍ସିଂହୋମ ଆନନ୍ଦସେବା ସଦନକୁ ନେଇଥିଲେ। ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ଆୟୁଷ୍ମାନ କାର୍ଡରେ ତାଙ୍କ ନର୍ସିଂହୋମରେ ଚିକିତ୍ସା ସୁବିଧା ନଥିବା କହି ଫେରାଇ ଦେଇଥିଲେ। ଶେଷରେ ଭାଗ୍ୟକୁ ଆଦରି ଗରିବ ଅଇଁଠୁ ଏ ବୟସରେ ପ୍ରତିଦିନ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଛି। ଅଇଁଠୁ ଗାଁରେ ମିଠା ବେପାର କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ସ୍ତ୍ରୀ ମଧ୍ୟ ପକ୍ଷାଘାତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ଏକମାତ୍ର ପୁଅ ଅନୁଗୁଳ ଜିଲ୍ଲାରେ କୌଣସି ଫାଷ୍ଟଫୁଡ ଦୋକାନରେ କାର୍ଯ୍ୟ କରୁଛି। ନିଜ ୩୫ ବର୍ଷୀୟ ଅବିବାହିତ ଝିଅର ସେବା ଶୁଶ୍ରୂଷାରେ ବୃଦ୍ଧ ଦମ୍ପତି ପଡ଼ି ରହିଛନ୍ତି। ଦୁର୍ଘଟଣା ଦିନ ମଧ୍ୟ ସେ ମିଠା ବେପାର କରିବା ପାଇଁ ନିକଟସ୍ଥ ସରୁଆଳି ହାଟକୁ ଏକ ଅଟୋରିକ୍ସା ଯୋଗେ ଯାଉଥିଲେ। ଏକ ମାଲ ବୋଝେଇ ଟ୍ରକ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିଲା। ଏହାପରେ ଅଇଁଠୁଙ୍କ ପରିବାରରେ ଦୁର୍ଦ୍ଦଶା ମାଡ଼ି ବସିଥିଲା। ଏପରି ଦୁସ୍ଥିତିରେ ମାଗଣା ସ୍ୱାସ୍ଥ୍ୟ ସେବା ପାଇଁ ମିଳିଥିବା ଆୟୁଷ୍ମାନ କାର୍ଡ ତାଙ୍କ ପାଇଁ ଏକ ଉପହାସ ହୋଇଛି। ଅନ୍ୟ ପକ୍ଷରେ ଉକ୍ତ ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ମୋବାଇଲ ଫୋନ ଯୋଗେ ମତାମତ ନେବାରୁ ସେ ତାଙ୍କ ଚିକିତ୍ସାଳୟରେ ସର୍ଜରୀ ଡାକ୍ତର ନ ଥିବା ଏବଂ ୧୯ ଶଯ୍ୟା ବିଶିଷ୍ଟ ଉକ୍ତ ସେବା ସଦନରେ ପ୍ରତିଦିନ ପ୍ରସୂତି ମହିଳାଙ୍କ ଯୋଗୁଁ ଶଯ୍ୟା ଭର୍ତ୍ତି ରହୁଥିବା କହିଥିଲେ। ସର୍ଜରୀ ଚିକିତ୍ସାରେ ଗୋଟିଏ ରୋଗୀଙ୍କ ପାଇଁ ଦୀର୍ଘ ଦିନ ଶଯ୍ୟା ଆବଶ୍ୟକ ହେଉଥିବାରୁ ଆୟୁଷ୍ମାନ କାର୍ଡରେ ସର୍ଜରୀ ବିଭାଗ ରୋଗୀଙ୍କୁ ଭର୍ତ୍ତି କରୁ ନଥିବା ସେ କହିଥିଲେ। ତେବେ ପ୍ରବଳ ଶୀତରେ ଭଙ୍ଗା ଗୋଡ ଯନ୍ତ୍ରଣାରେ ଛଟପଟ ହେଉଥିବା ଗରିବ ଅଇଁଠୁ ଓ ତାଙ୍କ ଶଯ୍ୟାଶାୟୀ ସ୍ତ୍ରୀଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ଚିକିତ୍ସା ସୁବିଧା ଯୋଗାଇବାକୁ ସାହି ପଡ଼ିଶା ଜିଲ୍ଲା ପ୍ରଶାସନକୁ ଗୁହାରି କରିଛନ୍ତି।






**ଚିକିତ୍ସା ପାଇଁ ଅର୍ଥ ବାଧକ**

**ଭଙ୍ଗା ଗୋଡ଼ରେ ଘରେ ପଡ଼ି ରହିଛନ୍ତି ଗରିବ ବୃଦ୍ଧ**

**ଘରୋଇ ଡାକ୍ତରଖାନା ଆୟୁଷ୍ମାନ କାର୍ଡରେ ଚିକିତ୍ସା କରିବାକୁ ଅରାଜି**

### ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରାଞ୍ଚି ଫାଇଟର୍‌କୁ ପରାସ୍ତ କରି ଫାଇନାଲରେ କଟକ ୟୁନିଅନ୍ ସ୍ପୋର୍ଟିଂ

**ଦେବଗଡ଼, ୨୭।୧୨(ସମିସ):** ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍ ଠାରେ ବାମଣ୍ଡା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୩୫ ତମ ସର୍ବ ଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରାଞ୍ଚି ଫାଇଟର୍ ବନାମ ୟୁନିଅନ୍ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ରାଞ୍ଚି ଦଳକୁ ୧୫୯ ରନ୍‌ରେ ପରାସ୍ତ କରି କଟକ ଫାଇନାଲରେ ପ୍ରବେଶ କରିଛି। ରାଞ୍ଚି ଦଳ ଟସ୍ ଜିତି କଟକ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। କଟକ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ ୨୪୫ ରନ୍ କରିଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ପ୍ରଧାନ ଅପରାଜିତ ୧୦୦ ଓ ରାଜୀବ ଲୋଚନ ସାହୁ ୯୦ ରନ କରିଥିବା ବେଳେ ରାଞ୍ଚି ଦଳର ବୋଲର ଅରୁଣ ଯାଦବ ୨ଟି ୱିକେଟ ନେଇଥିଲେ। ଏହାର ଜବାବରେ ରାଞ୍ଚି ଦଳ ବ୍ୟାଟିଂ କରି ୧୩.୫ ଓଭରରେ ସମସ୍ତ ୱିକେଟ ହରାଇ ୮୬ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରାହୁଲ ମାହାତୋ ୨୯ ଓ ପ୍ରଦ୍ୟୁମ୍ନ ୨୨ ରନ୍ ସଂଗ୍ରହ କରିଥିଲେ। କଟକ ଦଳର ବୋଲର ଗଣେଶ ତମାର ୪ଟି ଓ ଅଧିନାୟକ ସୌରଭ କାନୋଜିଆ ୩ଟି ୱିକେଟ ନେଇଥିଲେ। ମ୍ୟାଚ୍‌କୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋମି ନାୟକ ଓ ରିତିକ୍ ଦେହୁରୀ ଦାୟିତ୍ୱ ତୁଲାଇଥିଲେ। ସେହିପରି ବେଣୁଧର ଗଡ଼ନାଏକ ଓ ଦିଲୁ ଦାସଭାୟା ଧାରାବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌ରେ କଟକ ଦଳର ବିଶ୍ୱଜିତ୍ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ରମ, ଜିଲ୍ଲା ସରପଞ୍ଚ ସଙ୍ଘ ସଭାପତି ସତ୍ୟ ନାରାୟଣ ପାଣି ଓ ଯୁବ ନେତା ଭୋଳେଶ୍ୱର ପ୍ରଧାନ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।



# ମଥୁରାରେ କଂସ ମହାରାଜଙ୍କ ପରାକ୍ରମ, ଦିବ୍ୟବାଣୀ ଶୁଣି ବିବ୍ରତ





**ମଥୁରାନଗରୀ, ୨୭।୧୨(ସମିସ)**

ଧନୁଯାତ୍ରାର ଚତୁର୍ଥ ଦିବସରେ ଗୋପପୁର ସମ୍ପୂର୍ଣ୍ଣ ଭାବେ ଉତ୍ସବ ମୁଖର ହୋଇ ଉଠିଛି। ସାରା ଗୋପପୁରର ସ୍ଥାନେ ସ୍ଥାନେ ଘର ସମ୍ମୁଖରେ ଝୋଟି ଚିତାରେ ସୁସଜ୍ଜିତ ହୋଇଛି। କୃଷ୍ଣ ବଳରାମଙ୍କୁ ଅପେକ୍ଷାରେ ଗୋପୀ ମାନଙ୍କ ନିଦ ହଜିଛି। ସେମାନଙ୍କ ଅପରୂପର କ୍ଷଣିକ ଦର୍ଶନ ପାଇଁ ସେମାନଙ୍କ ହୃଦୟ ଲାଳାୟିତ। କୃଷ୍ଣ ବଳରାମଙ୍କ ଦର୍ଶନ ଅପେକ୍ଷାରେ ଗ୍ରାମବାସୀ ଘର ବାହାରେ ଅପେକ୍ଷାରତ। ଶ୍ରୀକୃଷ୍ଣଙ୍କ ଲୀଳା ଖେଳାରେ ସମସ୍ତେ ମନ୍ତ୍ରମୁଗ୍ଧ ଓ ବିଭୋର। କୃଷ୍ଣ ବଳରାମଙ୍କୁ ଖାଇବା ପାଇଁ ଦେବା ପାଇଁ ଘରେ ଘରେ ସୁସ୍ୱାଦ ପିଠା ମଣ୍ଡା ତିଆରି କରିଛନ୍ତି। ଘରକୁ ଫଳ ଦୀପରେ ସୁସଜ୍ଜିତ କରିଛନ୍ତି। ବିଜୁଳି କନ୍ୟାଙ୍କ ଠାରୁ ମୃତ୍ୟୁର ଭବିଷ୍ୟବାଣୀ ଶୁଣି ମହାରାଜ କିନ୍ତୁ କଂସ ବିଚଳିତ, ବିବ୍ରତ, ଅଶାନ୍ତ। ଏନେଇ ମନ୍ତ୍ରୀ ଶକ୍ରାଜିତଙ୍କ ସହ ମନ୍ତ୍ରଣା କରିଛନ୍ତି। ମହାରାଜାଙ୍କ ନିର୍ଦ୍ଦେଶରେ ରାକ୍ଷସ ରାକ୍ଷସୀ ଗୋପପୁର ଯାତ୍ରା କରି କୃଷ୍ଣ ବଳରାମଙ୍କ ଦ୍ୱାରୀ ନିହତ ହୋଇଛନ୍ତି। ପୂତନା ଅଘା, ବକା, ସକଟା, ତୃଣା, ଷଣ୍ଢା, ଧେନୁ ସମସ୍ତେ ନିହତ ହେଲେ। ଗୋପପୁର କାର୍ଯ୍ୟକ୍ରମରେ ଅନ୍ୟ ଦୃଶ୍ୟ ମାନଙ୍କ ମଧ୍ୟରେ କୃଷ୍ଣ ଓ ଗୋପାଳ ବାଳକ ମାନଙ୍କ ଦହି ଚୋରି, ଗାଈ ଚରାଇବା ଆଦି ମନୋରମ ଦୃଶ୍ୟ ମଧ୍ୟ ଅଭିନୀତ ହୋଇଛି। ମଥୁରାରେ କଂସର ଅତ୍ୟାଚାର ବହୁଗୁଣିତ ହୋଇଛି। ଜୀବନ ପ୍ରତି ଲୋଭ ଓ ମୃତ୍ୟୁର ଆଶଙ୍କା ତାକୁ କ୍ରୁର କରି ଦେଇଛି। କଂସ ରକ୍ତ ମୁଖା ହୋଇ ଉଠିଛି।

## ଗୋପପୁର ଉତ୍ସବମୁଖର











ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ମହାରାଜ କଂସଙ୍କ ରାଜଦରବାରରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଓଡ଼ିଶା ଗ୍ରାମ୍ୟ ନିର୍ମାଣ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ପ୍ରସନ୍ନ ସାହୁ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ମହାରାଜ କଂସଙ୍କ ଦରବାରରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ବିଜେପୁର ବିଧାୟକ ସନତ ଗଡ଼ତିଆ, ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର ମଞ୍ଚ ଆବାହକ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।






ଦ୍ୱାପର ପରେ ବରଗଡ଼ ଧନୁଯାତ୍ରାରେ ଗୋପପୁର ପାଲଟିଥିବା ଅମ୍ବାପାଲି ଗାଁରେ ଗୀତ ଗାଇ ଗାଇ ଗୋପୀମାନେ ଦହି ବିକ୍ରି କରୁଥିବାର ଦୃଶ୍ୟ ବେଶ୍ ମନୋରମ ହୋଇଛି। ସେମାନଙ୍କ ପାଖରୁ ଲୋକେ ଆଗ୍ରହର ସହ ଦହି କିଣି ନେଉଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ବାସିନ୍ଦା ଏବଂ ଧନୁଯାତ୍ରାକୁ ଆସିଥିବା ଦର୍ଶକ ଏହି ଦୃଶ୍ୟକୁ ମନଭରି ଉପଭୋଗ କରିଥିଲେ।

# ଧନୁଯାତ୍ରାର ଦିବଂଗତ ଉଦ୍ୟୋକ୍ତା ଓ କଳାକାରଙ୍କୁ ଶ୍ରଦ୍ଧାଞ୍ଜଳି

**ଗୋପପୁର, ୨୭।୧୨(ସମିସ):** ଗୋପପୁର ଅମ୍ବାପାଲିରେ ଶନିବାର ନନ୍ଦ ଦରବାରର ଉଦ୍‌ଘାଟନ ହୋଇଛି। ଏହି ଅବସରରେ ବରଗଡ଼ରୁ ପ୍ରକାଶିତ ପାକ୍ଷିକପତ୍ରିକା କୋଶଳଟାଇମ୍‌ସ୍‌ର ସମ୍ପାଦକ ସଞ୍ଜୀବ ମହାପାତ୍ରଙ୍କ ଆବାହକତ୍ୱରେ ବରଗଡ଼ ଧନୁଯାତ୍ରାର ସମସ୍ତ ଦିବଂଗତ ଉଦ୍ୟୋକ୍ତା ଓ କଳାକାରମାନଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳି ଅର୍ପଣର ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମିନା, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ବରଗଡ଼ ଧନୁଯାତ୍ରା ଆବାହକ କମିଟିର ସମ୍ପାଦକ ସୁରେଶ୍ୱର ଶତପଥୀ, ବରଗଡ଼ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ପାୱାର ଅଫ୍ ଦିବ୍ୟାଙ୍ଗସ୍‌ର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ଗୋପପୁର କମିଟିର କାର୍ଯ୍ୟକର୍ତ୍ତା ଈଶ୍ୱର ବାଗ, ଦୀପାଞ୍ଜଳୀ ବାଗ, ଦୟାନିଧି ପ୍ରଧାନ ପ୍ରମୁଖ ଯୋଗ ଦେଇ ଦିବଂଗତ କଳାକାର ଓ ଉଦ୍ୟୋକ୍ତାଙ୍କ ଉଦ୍ଦେଶ୍ୟରେ ଦୀପଦାନ ତଥା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଧନୁଯାତ୍ରାର ଉଦ୍ୟୋକ୍ତାମାନଙ୍କ ମଧ୍ୟରୁ ଋଷଭ କର, ବଙ୍ଗାଳୀ ନାଏକ, ରଘୁନାଥ ଦାଶ, ଅପର୍ତ୍ତି ପାଣିଗ୍ରାହୀ, ନୀଳମଣି ପୂଜାରୀ, ବୃନ୍ଦାବନ ବିଶି, ତିଳ ପ୍ରଧାନ, ସଦାଶିବ ଷଡଙ୍ଗୀ, ବିପିନ୍ ସରାଫ୍, ଲଳିତ ମୋହନ ସାହୁ, ଉଦନ ପୋଢ଼, କୁନୁ ରଥ, ନରସିଂହ ବିଶି, ଗଜପତି ବିର୍ତ୍ତିଆ, ଧନପତି ବିର୍ତ୍ତିଆ ଏବଂ ଦିବଂଗତ କଳାକାରମାନଙ୍କ ମଧ୍ୟରୁ ବୁନ୍ଦେରଥ, ଭୀମସେନ ତ୍ରିପାଠୀ, ଯୁଧିଷ୍ଠିର ଶତପଥୀ, ରାଧେଶ୍ୟାମ ଦାଶ, ଦେବେନ୍ଦ୍ର ବିଶ୍ୱାଳ,




ନୀଳାଞ୍ଜଳ ଦାଶ, ଗୋପାଳ ସାହୁ, ଚାନ୍ଦୁ ଗଡ଼ତିଆ, ନନ୍ଦକିଶୋର ଗଡ଼ତିଆ, ବନ୍ଧୁଲାଲ ମହାପାତ୍ର, ନରେନ୍ଦ୍ର ସରାଫ୍, ଦୟାନିଧି ଠେଲା, ଦୂତୀ କେଉଁଟେନ୍, ପ୍ରାଣବନ୍ଧୁ କର, ଡ.ମୁରାରୀ ମିଶ୍ର, ହରେକୃଷ୍ଣ ପୂଜାରୀ, ରାହାସ ସରାଫ୍, ଏବଂ ବରଗଡ଼ ଧନୁଯାତ୍ରାର ପ୍ରଚାରପ୍ରସାର ଭାର ବହନ କରି ବିଶ୍ୱ ଦରବାରରେ ପରିଚିତ କରାଇଥିବା ସାମ୍ବାଦିକ ଶାନ୍ତନୁ ବିଶ୍ୱାଳଙ୍କୁ ସଭାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଧନୁଯାତ୍ରା ଆବାହକ କମିଟିର ସମ୍ପାଦକ ସୁରେଶ୍ୱର ଶତପଥୀ ଆଗାମୀ ବର୍ଷମାନଙ୍କରେ ଧନୁଯାତ୍ରା କମିଟି ପକ୍ଷରୁ ସମସ୍ତ ଉଦ୍ୟୋକ୍ତାଙ୍କ ଫଟୋଚିତ୍ର ସଂଗ୍ରହ ପୂର୍ବକ ଏକ ମ୍ୟୁଜିୟମ କରିବାର ପରିକଳ୍ପନା ରହିଥିବା ବିଷୟ ଉଲ୍ଲେଖ କରିଥିଲେ। ଅନେକ ଉଦ୍ୟମ ସତ୍ତ୍ୱେ ଯେଉଁମାନଙ୍କ ସମ୍ବନ୍ଧରେ ସୂଚନା ମିଳିପାରି ନାହିଁ, ଧନୁଯାତ୍ରା ସହ ସଂଶ୍ଳିଷ୍ଟ ସେହି ସମସ୍ତ ଦିବଂଗତ କଳାକାର ଓ ଉଦ୍ୟୋକ୍ତାମାନଙ୍କ ପ୍ରତି କୋଶଳ ଟାଇମର ସମ୍ପାଦକ କ୍ଷମା ଯାଚନା ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରି ସେମାନଙ୍କ ଆତ୍ମାର ସଦଗତି କାମନା କରିଥିଲେ।

# ମଥୁରାରେ ଧନୁଯାତ୍ରା ଆୟୋଜିତ ଓ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ

**ବରଗଡ଼, ୨୭।୧୨ (ସମିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ବାଲ ଧନୁଯାତ୍ରା ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁଗ୍ରିବର ବିଶି, ଶଙ୍କର ପଟ୍ଟନାୟକ ଓ ନକୁଳ ବାଦୀଙ୍କ ନିର୍ଦ୍ଦେଶନାରେ ବାଲ ଧନୁଯାତ୍ରା ଆୟୋଜିତ ହୋଇଥିଲା। ଅନ୍ତିମ ଦିବସରେ ମହର୍ଷି ନାରଦଙ୍କ ପରାମର୍ଶ କ୍ରମେ ମହାରାଜ କଂସ ଧନୁଯାତ୍ରାର ଆୟୋଜନ କରିଥିଲେ। ଭଣଜାଙ୍କୁ ଆମନ୍ତ୍ରଣ ଜଣାଇ ଅକ୍ରୁରକୁ ଗୋପପୁରକୁ ପ୍ରେରଣ ଏଥି ସହିତ ଛାୟା କଂସର ଆବିର୍ଭାବ ଦୃଶ୍ୟ ଅଭିନୀତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧକ୍ଷତା ଓ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ ଅତିଥି ଭାବେ ଏଡିଇଓ ସରୋଜ ଭୁଏ, ଜିଲ୍ଲା ସଂସ୍କୃତି ଅଧିକାରୀ ତାହିର ହୁସେନ, ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ, ବିଇଓ ମୁକୁନ୍ଦ ମାହାରା, ବିଇଓ ଅମୃତା ସାହୁ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକଙ୍କ ସମେତ ସଙ୍ଗୀତ ନିର୍ଦ୍ଦେଶକ ସୁରେନ୍ଦ୍ର ଦୀପ, ଦେବେନ୍ଦ୍ର ମଟାରି, ଶିବା ମେହେର, ପରିତୋଷ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲ ଧନୁଯାତ୍ରାରେ ଅଭିନୟ କରିଥିବା କଂସ ବର୍ଷା ପଟେଲଙ୍କ ସମେତ ସମସ୍ତ ୪୩ ଜଣ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।



## ବାଲ୍ ଧନୁଯାତ୍ରା ଉଦ୍‌ଯାପିତ

# ନିଷ୍ଠା ପରିବାରର ରକ୍ତଦାନ ଶିବିର

## ତୃତୀୟ ଦିନରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ

**ମଥୁରା ନଗରୀ, ୨୭।୧୨(ସମିସ):** ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ବୀରାଧିବୀର, ପ୍ରବଳ ପ୍ରତାପୀ ମଥୁରା ନରେଶ କଂସ ମହାରାଜଙ୍କ ଆଦେଶରେ, ଜର୍ଜ ହାଇସ୍କୁଲ, ମୀନାବଜାର ପଡ଼ିଆରେ ନିଷ୍ଠା ପରିବାର ତରଫରୁ ତୃତୀୟ ଦିନ ମଧ୍ୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ମଥୁରା ନରେଶ କଂସ ମହାରାଜ ଉପସ୍ଥିତ ଥିଲେ। ମାଁ ସମଲେଇଙ୍କ ପୂଜାର୍ଚ୍ଚନା ପରେ ଶିବିରର ଶୁଭାରମ୍ଭ କରି ରକ୍ତଦାତା ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ରକ୍ତଭଣ୍ଡାର ଅଧିକାରୀ ଡ.ଚିତ୍ତ ପଣ୍ଡା ଓ କଟାପାଲି ସିଏଚସିର ଡାକ୍ତର ଲୋଟସ ମିଶ୍ର ଯୋଗ ଦେଇଥିଲେ। ଧନୁଯାତ୍ରା ଦେଖିବାକୁ ଆସିଥିବା ସମୟରେ ରକ୍ତଦାନ ପାଇଁ ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ତୃତୀୟ ଦିନରେ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ମୋଟ ୬୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରଟିକୁ ନିଷ୍ଠା ପରିବାରର ସମସ୍ତ ସଦସ୍ୟ ମାନେ ପରିଚାଳନା କରିଥିଲେ।



# ବିକାଶରେ ବାର୍ଷିକ ମହୋତ୍ସବ 'ରେଡିଏନ୍ସ ୨୦୨୫'

**ବରଗଡ଼, ୨୭।୧୨(ସମିସ)**

ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସରେ ୨୩ତମ ବାର୍ଷିକ ମହୋତ୍ସବ 'ରେଡିଏନ୍ସ ୨୦୨୫' ସଫଳତାର ସହିତ ସମ୍ପନ୍ନ ହୋଇଯାଇଛି। ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସର ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ବିଶିଷ୍ଟ ଅତିଥିଙ୍କ ସମେତ ୪୦୦୦ରୁ ଊର୍ଦ୍ଧ୍ୱ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ୬ଘଣ୍ଟାରୁ ଊର୍ଦ୍ଧ୍ୱ ଅବଧି ପର୍ଯ୍ୟନ୍ତ ଚାଲିଥିବା ଏହି ବିଶାଳ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତିଆ ମଞ୍ଚାସୀନ ଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓଙ୍କ ପୃଷ୍ଠପୋଷକତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟା ବିକାଶ ଗ୍ରୁପର ଚେୟାରମ୍ୟାନ କମ୍ ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କର ରାଓ ଓ ବିକାଶ ଗ୍ରୁପ୍ ଭୁବନେଶ୍ୱର ଚେୟାରମ୍ୟାନ କମ୍ ମ୍ୟାନେଜିଂ ଡାଇରେକ୍ଟର ଭି. ଶ୍ରୀନିବାସ୍, ବିଦ୍ୟା ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ଜି.ରାମ କ୍ରୀଷ୍ଣା, ଡାଇରେକ୍ଟର ଡି. ଶ୍ୟାମ, ଡି.ରାମ, ଗୀତିକା ଚୌଧୁରୀ, ଡିନ୍ ପିତାମ୍ବର ଦାସ, ସମେତ ବିକାଶ କର୍ତ୍ତୃପକ୍ଷଙ୍କ ପରିବାର ସଦସ୍ୟ ଏବଂ ବରଗଡ଼ର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସ ଅଧୀନ ସମସ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ଅଧ୍ୟକ୍ଷ ଡ.କ୍ଷୀରୋଦ ପ୍ରଧାନ (ବିକାଶ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ), ପ୍ର.ସତ୍ୟବ୍ରତ ମିଶ୍ର(ବିକାଶ ଡିଗ୍ରୀ କଲେଜ), ଡ.ବିକ୍ରମ ଦାସ (ବିକାଶ ଲ ସ୍କୁଲ), ଅଧ୍ୟକ୍ଷ ଡ.ପୂର୍ଣ୍ଣେନ୍ଦୁ ମିଶ୍ର (ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି), ଦୀପାଞ୍ଜଳି ପଟେଲ (ବିକାଶ ନର୍ସିଂ କଲେଜ), ଡ.ଦିଲ୍ଲିପ ଖମାରୀ (ବିକାଶ ପଲିଟେକ୍ନିକ), ଡ.ଶୁଭେନ୍ଦୁ ଶେଖର ମିଶ୍ର(ବିକାଶ ଫାର୍ମାସୀ କଲେଜ)ଙ୍କ ଦ୍ୱାରା ୭ଟି ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଶ୍ରୀ ରାଓଙ୍କ ଅଭିଭାଷଣରେ ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସର ଉପଲବ୍ଧି ତଥା ଭବିଷ୍ୟତ କାର୍ଯ୍ୟକଳାପର ବିବରଣୀ ଦେବା ସହିତ ଇଂଷ୍ଟିଚ୍ୟୁସନ୍ସକୁ ପଶ୍ଚିମ ଓଡ଼ିଶାର ପ୍ରଥମ ପ୍ରାଇଭେଟ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିତୋଳିବା ଦିଗରେ କ୍ରିୟାଶିଳ ଥିବା ସୂଚନା ଦେଇଛନ୍ତି। ଏହା ସହିତ ଫୁଲବାଣୀରେ ନୂତନ କ୍ୟାମ୍ପସ ପ୍ରାରମ୍ଭ କରିବାକୁ ଶୁଭ ସନ୍ଦେଶ ଦେଇଥିଲେ। ରେଡିଏନ୍ସ ମଞ୍ଚରେ ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ୨୫ରୁ ଊର୍ଦ୍ଧ୍ୱ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦୁଲଦୁଲି ସହିତ ସମ୍ବଲପୁରୀ ନୃତ୍ୟର ପରିବେଷଣ ଏବଂ 'ମାଁ ସମଲେଇ ଭଜନ' କୈନ୍ଦ୍ରିକ ଏବଂ ଅନ୍ୟ ୩୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଦର୍ଶନ ହୋଇଥିଲା। ସ୍ୱର୍ଗୀୟ ଦାସରୀ ଚିନ୍ଟି ବାବୁଙ୍କ ସ୍ମୃତିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଭାବବିହ୍ୱଳ କରିଦେଇଥିଲା। ରାମାୟଣ, ବିହୁ ଏବଂ ଭାରତର ୧୧ଟି ରାଜ୍ୟର ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରତିଫଳନ ତଥା ଓଡ଼ିଶୀ ନୃତ୍ୟ ଏବଂ ମେହେଫିଲ ରକ ବ୍ୟାଣ୍ଡ ଦର୍ଶକଙ୍କୁ ବିଶେଷ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସର ଚିଫ୍ ଏଡମିନିସଟ୍ରେଟିଭ୍ ଅଫିସର ଇଂ ଅଜୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡିନ୍ ଷ୍ଟୁଡେଣ୍ଟ ୱେଲ୍‌ଫେୟାର ଆର୍.ଏସ୍.ଭି କ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।

